# ସେପାରି

## ମଇ ୨୦୨୨



**ISSN NO – 2582-208X**

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଆଜିର ଗ୍ରୀଷ୍ମ ଋତୁ ଅସହ୍ୟ ହେଲାଣି ବେଳକୁ ବେଳ । ବର୍ତ୍ତମାନ ଓଡିଶାରେ ଗରମ ତାର ଚରମ ସୀମାରେ ପହଞ୍ଚିଗଲାଣି । ଘରୁ ବାହାରିବାକୁ ମନ କହୁନି । କାରଣ ପ୍ରବଳ ଗ୍ରୀଷ୍ମ ପ୍ରବାହ ଫଳରେ ଚାରିଆଡେ ହାହାକାର ପଡିଯାଇଛି । ସ୍କୁଲ କଲେଜ ବନ୍ଦ ହୋଇଗଲାଣି । ଏଣେ ଲୋକଙ୍କର ସନ୍ ଷ୍ଟ୍ରୋକ ପାଇଁ ଡର । କିନ୍ତୁ ଅନେକ ଲୋକେ ବାଧ୍ୟ ହୋଇ ଘରୁ ଗୋଡ କାଢୁଛନ୍ତି । ଦିନ ମଜୁରିଆ କାମ କଲେ ତ ଖାଇବେ । ଯେଉଁ ସମୟରେ ଆମେ ଘରେ ଶୀତତାପ ନିୟନ୍ତ୍ରୀତ ଯନ୍ତ୍ର ଚଳାଇ ମଜା ନେଉଛୁ, ସେତେବେଳେ ଅନେକ ଲୋକେ ଯେପରିକି ମଜୁରିଆ, ରିକ୍ସାବାଲା ଏବଂ ଅନେକେ ଏହି ଗରମ ଭିତରେ ପେଟପୋଷିବା ପାଇଁ କାମ କରିଚାଲିଛନ୍ତି ।

କିନ୍ତୁ ଏହି ଗରମ କାହିଁକି ବଢିଚାଲିଛି? ଏହାପାଇଁ ଦାୟୀ କିଏ? କିପରି ଏହାକୁ ରୋକାଯାଇପାରିବ? ଏ ବିଷୟରେ କେହି ଚିନ୍ତିତ ନୁହଁନ୍ତି । ଏବେ ଗାଁ ରେ ଲୋକେ ରହିବାକୁ ପସନ୍ଦ କରୁନାହାନ୍ତି । ସମସ୍ତେ ସହରଆଡକୁ ଦୃଷ୍ଟି ଦେଲେଣି । କ୍ୟାପିଟାଲରେ ଘରଖଣ୍ଡେ ହୋଇଗଲେ ଗଲା । ଗାଁରେ କିଏ ରହିବ । ଆଉ ସହରରେ ମଧ୍ୟ ରୋଜଗାରର ପନ୍ଥା ମିଳିଯାଉଛି । ଗାଁରେ ଚାଷ କରିବାକୁ କାହାର ଆଉ ମନ ନାହିଁ । ଗାଁରେ ଘର ସବୁ ଫାଙ୍କା ପଡିଛି । ମଝିରେ ମଝିରେ କିଛି ଲୋକେ ଆସି ନିଜ ଘରକୁ ଦେଖିଚାହିଁ ଚାଲିଯାଉଛନ୍ତି । ଆଉ ଏପଟେ ସହର ସଂପୂର୍ଣ୍ଣ କଂକ୍ରିଟ୍ ଜଙ୍ଗଲ ହୋଇଗଲାଣି । ଯିଏ ଯେଉଁଠି ପାଇଲା, ଘର କରିପକାଇଲା । ଗଛଲତାକୁ ପଚାରୁଛି କିଏ । ସହରର ନବିନୀକରଣ ପାଇଁ ହେଉ କିମ୍ବା ରାସ୍ତା ଚଉଡା କରିବାକୁ ହେଉ, ଗଛକଟା ଚାଲିଛି । ଘରେ

ISSN NO.
2582-208X

ଘରେ ଏ.ସି. । ଗାଡିଘୋଡା ମଧ୍ୟ ବଢିଚାଲିଛି ଆଉ ଆମର ବାତାବରଣକୁ କରିଚାଲିଛି ଦୂଷିତ । ପ୍ରଦୂଷଣର ମାତ୍ରା ଅନେକ ବଢିଯାଇଛି । ଅନେକ ସହର ଏବେ ମନୁଷ୍ୟ ରହିବା ପାଇଁ ବା ସହରର ପବନରେ ଶ୍ୱାସ ନେବାପାଇଁ ବିପଦ ସୃଷ୍ଟି ହୋଇଛି । ଆମେ କିନ୍ତୁ ଆଗକୁ ମାଡିଚାଲିଛି ।

ଯଦି ଆମେ ଏଥିପ୍ରତି ଦୃଷ୍ଟି ଏବେଠାରୁ ଦେବାନି, ତେବେ ଅନେକ ଡେରି ହୋଇଯିବ । ନୂଆ ଜଙ୍ଗଲ ସୃଷ୍ଟି କରିବା ପ୍ରତି ସରକାରଙ୍କର ଦୃଷ୍ଟି ଦେବା ନିତ୍ୟାନ୍ତ ଜରୁରୀ ଏବଂ ଆମମାନଙ୍କର ଗଛ ଲଗାଇବା ମଧ୍ୟ ଜରୁରୀ । ସ୍କୁଲ, କଲେଜରେ ଗଛ ଲଗାଇବା ପାଇଁ ମାସକୁ ଏକ ଦିନ ଧାର୍ଯ୍ୟ କରାଯିବା ଦରକାର ଏବଂ ସମସ୍ତ ଛାତ୍ରଙ୍କୁ କିଛି ମାତ୍ରାରେ ଗଛ ଲଗାଇ ତାର ପ୍ରମାଣପତ୍ର ଦେଲେ ଯାଇ କ୍ଲାସରେ ଉତ୍ତୀର୍ଣ୍ଣ ହେବା ଉଚିତ୍ । କେବଳ ଛାତ୍ର ନୁହେଁ, ସମସ୍ତ କାର୍ଯ୍ୟାଳୟ, ତାହା ସରକାରୀ ହେଉ ବା ବେସରକାରୀ, କର୍ମଚାରୀ ମାନଙ୍କୁ କିଛି ମାତ୍ରାରେ ଗଛଲଗାଇବା ପାଇଁ ପ୍ରୋତ୍ସାହନ ଦେବା ଦରକାର । ସରକାରଙ୍କୁ ମଧ୍ୟ ବୃକ୍ଷରୋପଣ କେବଳ ରିପୋର୍ଟରେ ନଦେଖାଇ ପ୍ରକୃତରେ ଏହାକୁ କାର୍ଯ୍ୟକାରୀ କରିବାକୁ ପଡିବ । ବର୍ଷାଦିନରେ ଖୋଲା ପାହାଡ ଏବଂ ଖାଲିପଡିଥିବା ଅଦରକାରୀ ଜମି ମାନଙ୍କରେ ବୀଜରୋପଣ କରିବା ଦ୍ୱାରା ମଧ୍ୟ ଜଙ୍ଗଲ ସୃଷ୍ଟି ହୋଇପାରିବ । କିନ୍ତୁ ଏହାପାଇଁ ନିଜର ଇଚ୍ଛା ଥିବା ଦରକାର । ଆମର ପରିବେଶକୁ ସୁସ୍ଥ ରଖିବା କେବଳ ସରକାରଙ୍କର କାର୍ଯ୍ୟ ନୁହେଁ, ଏହା ଆମ ସମସ୍ତଙ୍କର କାର୍ଯ୍ୟ, ଆଉ ଏହାକୁ ଆମେ ଆଜିଠାରୁ ଆରମ୍ଭ କରିବା ଦରକାର ।

ବନ୍ଦେ ଉତ୍କଳ ଜନନୀ ।

ଅରବିନ୍ଦ ମିଶ୍ର



ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ହନ୍ତସନ୍ତ ଯୋଗ | ଡକ୍ଟର ବିଜ୍ଞାନୀ ଦାସ | ୧୧ |
| ସେଇ ପିଲାଦିନ ଲୁଚୁକାଳି ଖେଳ ! | ପ୍ରଫେସର ସୁଶାନ୍ତ କିଶୋର ବଳ | ୨୫ |
| କବିତା | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୨୯ |
| ବସନ୍ତର ପକ୍ଷୀ | ଡ. ଶକୁନ୍ତଳା ନାଏକ ଗୁପ୍ତା | ୩୨ |
| ଅପ୍ରତ୍ୟାଶିତ | ଡକ୍ଟର ମଧୁସ୍ମିତା ମିଶ୍ର | ୩୪ |
| ରାତି | ରଂଜୀତ ପଣ୍ଡା | ୪୦ |
| ତୁମେ ଥିବାରୁ | ପୁଷ୍ପାଞ୍ଜଳି ପଣ୍ଡା | ୪୨ |
| କବି ଯଦୁମଣି ମହାପାତ୍ର | ବରଦା ପ୍ରସନ୍ନ ଦାସ | ୪୪ |
| ଚନ୍ଦନ ଯାତ | ତନୁଶ୍ରୀ ଅନିନ୍ଦିତା ପଟ୍ଟନାୟକ | ୪୬ |
| ଭାବ | କୀର୍ତ୍ତି ଦେବୀ | ୪୭ |
| ଓଡିଶା | ତପନ ଦୀକ୍ଷିତ (ବେଳାଭୂମି) | ୪୮ |
| ଛେନା ପୋଡ | ଶାନ୍ତିଲତା ମିଶ୍ର | ୫୦ |
| ଶିବ ମହିମା | ବାସନ୍ତୀ ଲତା ଜେନା | ୫୫ |
| ହେ କ୍ରାନ୍ତିପଥର ଯାତ୍ରୀ | କୁଞ୍ଜବିହାରୀ ରାଉତ | ୫୭ |
| କହରେ କାଳିଆ | ଡ. ଅର୍ଜୁନ ଚରଣ ବାରିକ୍ | ୫୯ |
| ନବଜନ୍ମ | ଅଳକା ମହାନ୍ତି | ୬୧ |
| ମହା ପ୍ରୟାଣ | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୬୪ |
| ତା ନାଆଁ ଶ୍ରମିକ | ଡ. ଜ୍ଞାନେଶ୍ୱର ମିଶ୍ର | ୬୬ |
| ସ୍ୱର୍ଗାତ ଅପି ଗରୀୟସି | ଡ. ପ୍ରସନ୍ନ କୁମାର ବଳ | ୬୮ |
| ଅସାଧାରଣ ସୁନ୍ଦରବନ | ଅଶୋକ ବିଶ୍ୱାଳ | ୭୦ |

ISSN NO.
2582-208X


| | | |
|---|---|---|
| ବଢ଼ାଇ ଦେବକି ହାତ ? | ଶଶଧର ମହାପାତ୍ର | ୭୯ |
| ଜୟ ଜୟ ରାମ | ଜୟନ୍ତୀ ଦେବୀ | ୮୨ |
| ପ୍ରେମ | ସଂଯୁକ୍ତା ସାହୁ | ୮୩ |
| ନୀରବ ଲୋତକ | ଅମ୍ବିକା ସ୍ୱାଇଁ | ୮୫ |
| ଏଇଟା ଶେଷ ନୁହେଁ.. | ବିନ୍ଧ୍ୟାରାଣୀ ଦାଶ | ୯୧ |
| ଆଲେଖ୍ୟ | ସତ୍ୟନାରାୟଣ ପ୍ରସାଦ ନାୟକ | ୯୩ |
| କରଣୀ | ଅଧ୍ୟାପକ ଅବିନାଶ ବାରିକ୍ | ୯୪ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୯୬ |
| ତୁମେ ପରା ଏକ | ରଘୁନାଥ ତ୍ରିପାଠୀ | ୧୦୧ |
| ଶ୍ରୀ ଭୁଜ ବୋଲାଇ ଭୁଜନାହିଁ ତାର | ଡଃ ଅଭିମନ୍ୟୁ କାନୁନଗୋ | ୧୦୩ |
| ଯୁଦ୍ଧ:ୟୁକେନ୍ ବନାମ ରୁଷିଆ | ଦଣ୍ଡାସି ପ୍ରଧାନ | ୧୦୪ |
| ଆନନ୍ଦର ପର୍ବ ହୋଲି | ଜୟଶ୍ରୀ ପଟ୍ଟନାୟକ | ୧୦୮ |
| ଉତ୍କଳ ଦିବସ | ଛବି ରାଣୀ ପତି | ୧୧୨ |
| କହୁଛି ମୁଁ କଥା ଖାଣ୍ଟି | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୧୧୪ |
| ବିବିଧ ବ୍ୟକ୍ତିତ୍ୱ | ରାଧାମୋହନ ପୂଜାହାରୀ | ୧୧୬ |
| କରୋନାରେ ଚଉଠିରାତି | କୁଞ୍ଜବିହାରୀ ସାହୁ | ୧୧୮ |
| ତ୍ରିଜଟାର ସ୍ୱଗତୋକ୍ତି | ଶେଷଦେବ ପଣ୍ଡା | ୧୨୧ |
| ପୂର୍ବ ପ୍ରସ୍ତୁତି | ଗୁପ୍ତେଶ୍ୱର ଚାନ୍ଦ୍ | ୧୨୪ |
| ଚଇତି ଆସୁଛି ବୋଲି | ହିମାଂଶୁ ଶେଖର ମିଶ୍ର | ୧୨୫ |
| ବସ୍ତିର ସେ କଳାକାହ୍ନୁ | ଆଶୁତୋଷ ମେହେର | ୧୨୭ |
| ବିଷାକ୍ତ ଦୁଃସ୍ୱପ୍ନ | ଅଜୟ କୁମାର ପଣ୍ଡା | ୧୩୧ |
| ଅହଂଭାବ | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୧୩୨ |

ISSN NO.
2582-208X


| | | |
|---|---|---|
| ପୁରୁଣା ଗୋଆ, ଅତୀତ ତଥାପି ବଞ୍ଚିଛି | ପ୍ରିୟବ୍ରତ ପାତ୍ର | ୧୩୪ |
| ଫଗୁଣ | ଭାସ୍କର ଚନ୍ଦ୍ର ଖଣ୍ଡା | ୧୩୯ |
| ଭଲପାଏ ମାଟିକୁ | ଜ୍ୟୋସ୍ନା ରାୟ | ୧୪୧ |
| ହୋଲି | ତ୍ରିପତି ପ୍ରଧାନ | ୧୪୩ |
| ଆମ ଖଣ୍ଡିତ ଓଡିଶା | ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ | ୧୪୫ |
| କାରଣ | ଗଜାନନ ମିଶ୍ର | ୧୪୮ |
| ଭାଗବତ ଅମୃତ ଧାରା | ବିଜୟ କୁମାର ସାହୁ | ୧୪୯ |
| ନିତେଇ | ଅଧର ବିଶ୍ୱାଳ | ୧୫୨ |
| ସ୍ମୃତି ତୁମେ | ଆୟୁଷ୍ମାନ ତ୍ରିପାଠୀ | ୧୫୪ |
| ଜଳ | ଅନାଦି ସେଠ | ୧୫୬ |
| ନାଟକ-ରାମ ରାବଣ ରାମାୟଣ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୫୮ |
| ମୋ ଓଡିଶା | ଲିନା ମହାନ୍ତି | ୧୬୩ |
| ନିଶ୍ଚୟ  ଫେରି ଆସିବି ବୋଲି | ଅର୍ଜୁନ ମେହେର (ଆଶ୍ରିତ) | ୧୬୪ |
| ଗ୍ରୀଷ୍ମ ଆଗମନ | ଅମୃତନାରାୟଣ ଶତପଥୀ | ୧୬୭ |
| ଲଳିତ ନିବନ୍ଧ-କ୍ରୋଧ | ବଦ୍ରୀ ମହାନ୍ତି | ୧୬୮ |
| ମଲାଜହ୍ନ | ନିରଞ୍ଜନ ସାହୁ | ୧୭୨ |
| ବିସ୍କୁଟ | ରଶ୍ମୀବାଳା ଶତପଥୀ | ୧୭୩ |
| ସ୍ୱପ୍ନ | ରଶ୍ମିତା ସାହୁ | ୧୭୫ |
| ଅଚିହ୍ନା ବନ୍ଧନ (ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୧୭୬ |
| ସ୍ୱପ୍ନ | ଭାଗିରଥୀ ଯାନୀ | ୧୮୩ |
| ସୁଖ ଆଉ ଦୁଃଖ | ଝରଣା ବାରିକ | ୧୮୫ |
| ଫେରାଇ ଦିଅ ମୋ'ରତ୍ନ | ଅଲେଖ ମେହେର | ୧୮୭ |
| ମା | ଅସିତ ମହାନ୍ତି | ୧୮୯ |

ISSN NO.
2582-208X


| | | |
|---|---|---|
| କୋଉ ଅଧିକାରରେ | ବୈଷ୍ଣବ ମେହେର | ୧୯୩ |
| ମୋ ପ୍ରିୟ | ବିନୟ ମିଶ୍ର | ୧୯୫ |
| ରେବତୀର ଦୁଃଖ | ପ୍ରିୟରଞ୍ଜନ ଭାରତୀ | ୧୯୬ |
| ଅମୀମାଂସିତ ପ୍ରଶ୍ନ | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୨୦୦ |
| ହୋଲି କବିତା | ଦୀନବନ୍ଧୁ ବେଜ | ୨୦୨ |
| ନିର୍ବାଚନ ଓ ଅଜ୍ଞାତ ଭୟ | ଖଗେଶ୍ୱର ବାଗ | ୨୦୩ |
| ମା ବସୁଧା | ପ୍ରକାଶ ଚନ୍ଦ୍ର ପଣ୍ଡା | ୨୦୬ |
| ଏଇ ମୋ ପ୍ରିୟ | ରାଜକିଶୋର ସାଇଁ | ୨୦୮ |
| ଦୋଳ ପୂର୍ଣ୍ଣିମା | କୃଷ୍ଣ ଚନ୍ଦ୍ର ବାରିକ | ୨୧୦ |
| ଛୋଟ ମୋର ନାଆଟି (ଧାରାବାହିକ) | ପ୍ରଫେସର ଅନିତା ପଣ୍ଡା | ୨୧୩ |
| କବିତା ଲେଖିବା ବେଳ | ସିଦ୍ଧେଶ୍ୱର ତ୍ରିପାଠୀ | ୨୨୪ |
| ମାଆ | ନନ୍ଦିନୀ ରାଉତ | ୨୨୬ |
| ଅଦୃଶ୍ୟରେ ମହାଶକ୍ତି | ଅମରନାଥ ବାରିକ | ୨୨୮ |
| ଭୋକ | ବିନୟ କୁମାର ଦାସ | ୨୨୯ |
| ମେ ମନେ ପଡୁଛ | ଅଜିତ ପାଢ଼ି | ୨୩୨ |
| ଆହେ ମହାବାହୁ | ଲଲାଟେନ୍ଦୁ ବାରିକ | ୨୩୪ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୨୩୫ |
| ନିଜର ପ୍ରତିଜ୍ଞା ଭାଙ୍ଗି କେତେଥର ଆଖିରୁ ପଟି ଖୋଲିଥିଲେ ଗାନ୍ଧାରୀ | ନରେନ୍ଦ୍ର ପ୍ରସାଦ ବେହେରା | ୨୩୬ |
| ଅବୁଝା ମଣିଷ | ପ୍ରଶାନ୍ତ ବ୍ରହ୍ମା | ୨୩୯ |
| ମାତୃଭୂମି ବୀର | ପୂର୍ଣ୍ଣଚନ୍ଦ୍ର ରଣା | ୨୪୦ |
| ରଙ୍ଗଖେଳରେ ଭାଙ୍ଗ | ରୋଜାଲିନ ଗଡନାୟକ | ୨୪୨ |
| କରୁଣା ବାରି | ପ୍ରଶାନ୍ତ କୁମାର ନାଥ | ୨୪୬ |

ISSN NO.
2582-208X


| | | |
|---|---|---|
| ଝିଅ ଯାଏ ଶାଶୁଘର | ଜନ୍ମଜୟ ନାୟକ | ୨୪୮ |
| ଧରାରେ ଖରା | ରାମ ଚନ୍ଦ୍ର ପ୍ରଧାନ | ୨୫୦ |
| ଅନ୍ତର୍ଦାହ | ସନ୍ତୋଷ କୁମାର ରାଉତ | ୨୫୨ |
| ପ୍ରଭାତ ଆଗମନେ | ଲୀଳାବତୀ ପରିଡ଼ା | ୨୫୫ |
| ସଜ ଫୁଲ | ନିଲେଶ କୁମାର ଭୋଇ | ୨୫୭ |
| ବହୁ ପ୍ରତିଭାର ଅଧିକାରିଣୀ "ପ୍ରତିଭା ରାୟ" | ପ୍ରତାପ ଚନ୍ଦ୍ର ସାହୁ | ୨୫୮ |
| ଜୟ ମା ବୀଣାପାଣି | ଦୁଷ୍ମନ୍ତ ବେହେରା | ୨୬୧ |
| ଅଭିମାନୀ ପ୍ରିୟା | ଚୈତନ୍ୟ ବାଗ | ୨୬୩ |
| ବର୍ଷା | ଚନ୍ଦ୍ରହାସ୍ୟ ସତନାମି | ୨୬୪ |
| ସେବା | ପ୍ରକାଶ ମେହେର | ୨୬୫ |
| ଗୋଲାପର କାହାଣୀ | ଅନନ୍ତ କୁମାର ସାହୁ | ୨୬୮ |
| ସମୀକରଣ | ଶ୍ରୀକ୍ଷେତ୍ର ସୁନ୍ଦର | ୨୭୦ |
| ମୁଁ ତୁମର ତୁମେ ମୋର | ସଙ୍ଗୀତା ମହାନ୍ତି | ୨୭୧ |
| ଆଶା | ଆୟୁଷ ମେହେର | ୨୭୩ |
| ଧରମ ପୁଅ | କୌସ୍ତୁଭ ଜାଲ୍ | ୨୭୪ |
| ଲୋ ପ୍ରିୟା | ଚିତରଞ୍ଜନ ବେହେରା | ୨୭୭ |
| ନୁଆଁ ପିଡିର, ନୁଆଁ ଯାତରା | ଜୟ କୁମାର ମିଶ୍ର | ୨୭୯ |
| ନିଶା ମୁଁ ଦେଇଛି ଛାଡ଼ି | ଜୟନ୍ତ କୁମାର ମଲ୍ଲିକ୍ | ୨୮୨ |
| କ୍ଷୁଦ୍ର ଆଲୋକର ଶିଖା | ବାଲ୍ମୀକି ନାୟକ | ୨୮୪ |
| ପ୍ରେମର ଜାଲ | ଜ୍ୟୋତି ପଧାନ | ୨୮୮ |
| ପ୍ରେମର ପର୍ବ "ହୋଲି" | ଲକ୍ଷ୍ମଣ ମହାନ୍ତି | ୨୮୯ |
| ଅନ୍ତର ଯାଉ ମୋ ଫାଟି | ମୁକେଶ କୁମାର ସାହୁ | ୨୯୧ |

ମଇ – ୨୦୨୨
www.vedantimagazine.com
ISSN NO.
2582-208X


| | | |
|---|---|---|
| ଶୀତ ରାତି | ସୀତାରାମ ଦାଶ | ୨୯୩ |
| ରେ ମନ | ପବିତ୍ର ବେହେରା | ୨୯୭ |
| ଦଲକାଏ ପ୍ରେମ | ଶିବରାମ ଦଳେଇ | ୨୯୮ |
| ବସନ୍ତ ଯାଇଛି ଫେରି | ବେଣୁଧର ସୂତାର | ୨୯୯ |
| ମଣିଷ ପଣିଆ | ସୂର୍ଯ୍ୟ ନାରାୟଣ ସାହୁ | ୩୦୧ |
| ଜଗନ୍ନାଥ ତୁମେ ପରମ ବ୍ରହ୍ମ | ତାରାପ୍ରସାଦ ଜେନା | ୩୦୩ |
| ହଁ କୁହ | ଉଦ୍ଧବ ପାତ୍ର | ୩୦୫ |

## ସ୍ୱାସ୍ଥ୍ୟ ବିଭାଗ

| | | |
|---|---|---|
| ସୂର୍ଯ୍ୟ ରଶ୍ମିର ଉପକାରିତା ଓ ଅଂଶୁଘାତ ସମସ୍ୟା | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୦୮ |

## ଆମ ହାଣ୍ଡିଶାଳ

| | | |
|---|---|---|
| ସୋୟାବିନ୍ ଚିଲି | ଜୟନ୍ତୀ ଦେବୀ | ୩୧୩ |
| ଭେଜିଟେବୁଲ୍ ଓଟସ୍ ଉପମା | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୩୧୫ |

## ଆଞ୍ଚଳିକ

| | | |
|---|---|---|
| ବଉଲ୍ | ବାଙ୍କାବିହାରି ମହାକୁର | ୩୧୭ |
| ଖରାମାସ୍ ଆଏଲାନ | ଡ. ସୁଧାଂଶୁ ମେହେର | ୩୧୯ |
| ଦୁଇ ଦିନିଆଁ ଜୀବନ | ଶୁଭେନ୍ଦୁ ମେହେର | ୩୨୧ |
| କୋଶଳ ରାଇଜର ଆମେ ଛୁଆ | କୁମର ଲାଲ ରଣା | ୩୨୨ |
| ଯିବାର୍ ବେଲେ | ଶଶିକାନ୍ତ ମେହେର | ୩୨୪ |
| ପିଠାଖିଆର୍ ଫଲ୍ | ଶ୍ୟାମସୁନ୍ଦର କୁମ୍ଭାର | ୩୨୬ |
| ବାସି ପଖାଲ୍ | ଦେବାର୍ଚ୍ଚନ ମେହେର | ୩୨୯ |

ISSN NO.
2582-208X


| | | |
|---|---|---|
| ମୋ ଆଦି ବି ତୁ ଗୋ | ଦିନେଶ ମେହେର | ୩୩୧ |
| **ଶିଶୁ ବିଭାଗ** | | |
| ତୁମର ଖଟା ମୋର ମିଠା | ଡ଼ଃ ରଞ୍ଜିତ କୁମାର ସାହୁ | ୩୩୪ |
| କାଠ ଖୁମ୍ପା ଚଢେଇ | ନୀଳମାଧବ ସାହୁ | ୩୩୬ |
| ବର୍ଣ୍ଣବୋଧରେ ନୀତି ଶିକ୍ଷା | ଅମରନାଥ ବାରିକ | ୩୪୦ |
| ସଂଚୟ | ପ୍ରକାଶ ମେହେର | ୩୪୨ |
| ବଢ଼ିଆ ଆମଘର | ନୀଳମଣି ଚାନ୍ଦ | ୩୪୪ |
| ଶିଶୁ ଗୀତ | ଟଙ୍କଧର ଶତପଥି | ୩୪୬ |
| ଚିତ୍ର | ଅଭିକା ପଟ୍ଟନାୟକ | ୩୪୭ |
| ମଇ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୪୮ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୩୪୯ |


[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ

ସଂପୂର୍ଣ୍ଣ ମୁକ୍ତ ମାସିକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ନିରନ୍ତର ପ୍ରତିମାସ ୧ ତାରିଖରେ ପ୍ରକାଶିତ )

ଯୋଗାଯୋଗ

Whatsapp:+ 91 9594993733

ISSN NO.
2582-208X

# ହନ୍ତସନ୍ତ ଯୋଗ



ଡକ୍ଟର ବିଜ୍ଞାନୀ ଦାସ

ଯୋଜନା ଅନୁଯାୟୀ ସମସ୍ତ ଠିକ୍ ରେ ଚାଲିଥିଲା । ଏପ୍ରିଲ୍ ୩ ତାରିଖ ଦିନ ଘରୁ ସେମାନେ ଅପରାହ୍ନ ଚାରିଟା ବେଳେ ବାହାରିଲେ । ଏୟାର୍‌ପୋର୍ଟ ପାର୍କିଙ୍ଗ୍ ରେ ଗାଡି ପାର୍କ କରି ଏୟାରପୋର୍ଟ ସଟ୍‌ଲ୍ ବସ୍ ନେଇ ସିଧା ସାଉଥ୍ ୱେଷ୍ଟ ଏୟାର୍‌ଲାଇନ୍‌ସ୍‌ର କାଉଣ୍ଟରରେ ଦୁଇଟି ବାକ୍‌ସ ଚେକ୍‌ଇନ୍ ରେ ଦେଇଦେଲେ । ଯେହେତୁ ଗତବର୍ଷ ସାନଝିଅ ସେମାନଙ୍କୁ ଟି.ଏସ୍.ଏ. ମଞ୍ଜୁରୀପତ୍ର ଉପହାର ରୂପେ ଦେଇଥିଲା, ସେଥିପାଇଁ ସେମାନେ ଆରାମରେ ସିକ୍ୟୁରିଟି ଚେକ୍ ମଧ୍ୟ କରିଦେଲେ । ତାପରେ କାଉଣ୍ଟର୍ ଏ-୧୨ରେ ପହଞ୍ଚିବା ବେଳକୁ ପାଞ୍ଚଟା ପନ୍ଦର ହୋଇଛି । ହାତରେ ଆହୁରି ଘଣ୍ଟାଏ । ଗୋଟିଏ ପାଖରେ ଦୁଇଟି ଚଉକି ଦେଖି ଅନ୍ୟ ମାନଙ୍କ ସହିତ ଦୂରତା ରଖି ବସିଗଲେ । ତାପରେ ଦେଖିଲେ, କାହାର କେଉଁ ବିଭାଗରେ ଚେକ୍‌ଇନ୍ କରିବାର ଅଛି । ରାଧାର ଥିଲା ସି-୭ । ହେଲେ ଆକାଶଙ୍କ ବୋର୍ଡିଙ୍ଗ୍ ପାସ୍ ରେ ସେମିତି କିଛି ନଥିଲା । ଖାଲି ଲେଖାଥିଲା ଏସ୍.ବି. । ସେ ଏସ୍.ବି. କଣ ବୋଲି ବୁଝିବା ପାଇଁ ଆକାଶ ଯାଇ ଗେଟ୍ ଏ-୧୨ରେ ରହିଥିବା କର୍ମଚାରୀଙ୍କୁ ପଚାରିଲେ । ସେ କର୍ମଚାରୀ ଜଣକ କହିଲେ ଯେ ଏସ୍.ବି. ମାନେ ଷ୍ଟାଣ୍ଡ ବାଏ । ତାହାର ଅର୍ଥ ହେଲା ପ୍ଲେନ୍ ରେ ତାଙ୍କ ପାଇଁ ସ୍ଥାନ ନାହିଁ । ଯଦି କେହି ଯାତ୍ରୀ ନ ଯାଆନ୍ତି, ତେବେ, ସେ ସ୍ଥାନ ତାଙ୍କୁ ମିଳପାରେ । ହେଲେ ସେ ବିଷୟରେ ଏବେ କିଛି ସିଦ୍ଧାନ୍ତ କରି କହିହେବନ ।

ଇଏ କେମିତିକା କଥା ? ରାଧାର ଟିକେଟ୍ ୩୫୦ ଡଲାର୍ ପଡିଥିବା ସ୍ଥଳେ ଆକାଶଙ୍କର ଟିକେଟ୍ ୮୦୦ ଡଲାର୍ ପଡିଥିଲା । ଯେହେତୁ ସିଏ କନ୍‌ଫରେନ୍‌ସ୍ ପାଇଁ ଯାଉଥଲେ ଓ ତାଙ୍କୁ ଗୋଟିଏ ଟ୍ରାଭ୍‌ଲ୍ ଏଜେନ୍‌ସି ମାଧ୍ୟମରେ ଟିକେଟ୍ କରିବାର ଥିଲା, ସେଥିପାଇଁ ଏତେ ଅଧିକ ଦାମରେ ତାଙ୍କ ଟିକେଟ୍ କଣା ହୋଇଥିଲା । ତାପରେ ବି ଏମିତି କେମିତି

ISSN NO.
2582-208X

ହୋଇପାରିବ ? ଟିକେଟ୍ କଣିଛ ମାନେ ସିଟ୍ ତ ସଂରକ୍ଷିତ ହୋଇ ରହିବା କଥା ନା । ହେଲେ ଆକାଶଙ୍କର ଏ କଥା ଓ ଯୁକ୍ତକୁ ମାନିବାକୁ ପ୍ରସ୍ତୁତ ନଥିଲେ ସେ କର୍ମଚାରୀ । ରାଧା ସେତେବେଳକୁ ସିଟ୍ ରେ ବସି ଅପେକ୍ଷା କରୁଥିଲା । ଆକାଶ ତାକୁ ଇସାରାରେ କାଉଣ୍ଟରକୁ ଡାକିଲେ । ଜଣେଇଲେ, "ମୋର ବର୍ତ୍ତମାନ ଷ୍ଟାଣ୍ଡ ବାଏରେ ଅଛି । କଣ କରିବା ? ତୁ କଣ ଏକା ଯିବୁ ?'

ହଠାତ୍ କଣ କରାଯିବ, କିଛି ବୁଝିହେଲାନି । ସେ କର୍ମଚାରୀ ଜଣକ କହିଲେ, "ତମେ ଆସନ୍ତା କାଲି ଏହି ସମୟରେ ଅର୍ଲାଣ୍ଡୋ ଯାଇପାରିବ । 'ଆକାଶ କହିଲେ, "ମୋର ତ କନ୍ଫରେନ୍ସ୍ କାଲି ସକାଳୁ ଆରମ୍ଭ ହେବ । ମୁଁ କାଲି ସନ୍ଧ୍ୟାବେଳେ ଯାଇ କଣ କରିବି ? ତାପରେ ହୋଟେଲ୍ ବୁକ୍ ହୋଇଛି । ଗାଡି ବୁକ୍ ହୋଇଛି । ସେସବୁ କେମିତି ମ୍ୟାନେଜ୍ କରାଯିବ ?'

ରାଧା କହିଲା, "ମୁଁ ଏକା ଯାଇ କଣ କରିବି । ସବୁ ବୁକିଙ୍ଗ୍ ତ ତମ ନାମରେ ।'

ତାପରେ ସ୍ଥିର ହେଲା ଯେ, ରାଧାର ସ୍ଥିରୀକୃତ ବୋର୍ଡିଙ୍ଗ୍ ପାସ୍ ନାକଚ କରାଯିବ ଓ ଯଦି ଦୁଇଜଣ ସାଙ୍ଗରେ ଯିବାପାଇଁ ଆସନ୍ତା ଫ୍ଲାଇଟ୍ ରେ ସ୍ଥାନ ମିଳିବ, ସେ ଦୁଇଜଣ ଯିବେ ।

"ହେଲେ ଆମ ବାକ୍ସ ତ ୬ଟା ୪୫ରେ ଯାଉଥିବା ଫ୍ଲାଇଟରେ ଚାଲିଯିବ । ତାକୁ ଆମେ କେମିତି ଫେରିପାଇବୁ ?'

"ସେସବୁ ସେଠି ସାଉଥ୍‌ୱେଷ୍ଟ ଫ୍ଲାଇଟ୍ ରଖିଥିବ । ସେଥିପାଇଁ ଚିନ୍ତା କରନି ।'

ଆକାଶ କିନ୍ତୁ ବଡ ବିରକ୍ତ ହୋଇଗଲେ । ସିଏ ବୁଝେଇବାକୁ ଚେଷ୍ଟାକଲେ, "ଦେଖନ୍ତୁ, ମୋର ଏ ଟିକେଟ୍ ଟ୍ରାଭେଲ୍ ଏଜେନ୍ସୀ ଦ୍ୱାରା ଅତି ଅଧିକ ଦରରେ କଣାଯାଇଛି । ତା ମାନେ ସିଟ୍ ସଂରକ୍ଷିତ ରହିବା ଉଚିତ୍ । ଆପଣ ମୋ ଟ୍ରାଭେଲ୍ ଏଜେନ୍ସୀକୁ ପଚାରି ବୁଝିପାରନ୍ତୁ ।'

ସେ କର୍ମଚାରୀ କହିଲେ, "ଆପଣ ସେ ଟ୍ରାଭ୍‌ଲ୍ ଏଜେନ୍‌ସୀକୁ ନିଜେ ପଚାରନ୍ତୁ । ଆମ ପାଖରେ ଯାହା ସବୁ ବିବରଣୀ ଅଛି, ମୁଁ ସେହି ବିଷୟରେ ହିଁ ଜଣେଇଲି ।'

ଆକାଶ ତାଙ୍କ ଟ୍ରାଭ୍‌ଲ୍ ଏଜେନ୍‌ସୀକୁ ଫୋନ୍ ଲଗେଇଲେ । ସେଦିନ ରବିବାର । ଅନେକ ଏଜେନ୍‌ସୀ ବନ୍ଦ ରହେ । ଦୁଇ, ତିନି ଥର ଚେଷ୍ଟା କରିବା ପରେ ଜଣେ କିଏ ଫୋନ୍ ଧରିଲେ । ସିଏ ବି ସେହି କଥା କହିଲେ । "ଏଭଳି ପରିସ୍ଥିତିରେ ଆମେ କେବଳ ଗୋଟିଏ କଥା କରିପାରିବୁ । ତମର ଟିକେଟ୍ କାଲି ପାଇଁ କରିପାରିବୁ । ଯଦି ସେଇଟା ଚାହଁ ତ କୁହ ।'

ସେମାନେ ଦୁଇଜଣ ସ୍ଥିର ହୋଇଗଲେ । ମୁଠାକୁ କିଛି ବି ଜୁଟୁନଥିଲା । ଯେମିତି ସବୁ କିଛି ଜ୍ଞାନ ଶୂନ୍ୟ ହୋଇଗଲା । ରାଧା କହିଲା, "ସିଏ ଆହୁରି ଗୋଟିଏ ସମସ୍ୟା ହେବ । ତମ ଟିକେଟ୍ ସେ ଟ୍ରାଭ୍‌ଲ୍ ଏଜେନ୍‌ସୀ କରିବ । ମୋ ଟିକେଟ୍ ମୁଁ ବଦଳେଇବି । କାହାକୁ କେଉଁ ଫ୍ଲାଇଟ୍ ରେ ମିଳିବ ଜଣାନାହିଁ । ବରଂ ଆମେ ଏଇଠି ଅପେକ୍ଷା କରିବା । ଯଦି ସେମାନଙ୍କର କିଛି ସିଟ୍ ଖାଲି ରହେ, ହୁଏତ ଆମକୁ ଦେଇପାରନ୍ତି ।'

ସେଦିନ ୬ଟା ୪୫ରେ ଯିବାକୁ ଥିବା ଫ୍ଲାଇଟ୍ ପାଇଁ ବି ଡେରି ହୋଇଗଲା । ରାଧା ଓ ଆକାଶ ଅପେକ୍ଷା କରି ରହିଲେ । ହୁଏତ ଆସନ୍ତା ଫ୍ଲାଇଟ୍‌ରେ ସେମାନଙ୍କ ପାଇଁ ସ୍ଥାନ ମିଳିଯିବ ।

ସେମାନଙ୍କ ଭଳି ଆହୁରି ଅନେକ ବ୍ୟକ୍ତି ମଧ୍ୟ ସେଦିନ ହନ୍ତସନ୍ତ ହେଉଥାନ୍ତି । ହୁଏତ ସେମାନଙ୍କର ମଧ୍ୟ କିଛି ସମସ୍ୟା ଉପୁଜି ଥାଇପାରେ ।

ଆକାଶଙ୍କ ଭୋଜନ ସମୟ ହୋଇଗଲା । ସିଏ କହିଲେ, "ମୋ ପାଇଁ ଯେଉଁ ରୁଟି ଆଣିଥିଲୁ ଦେ ମତେ, ମୁଁ ଖାଏ ।' ରାଧା ତାଙ୍କ ପାଇଁ ରୁଟି ଓ ବନ୍ଧାକୋବି ଭଜା ଅଲଗା ଅଲଗା ପ୍ୟାକ୍ କରିଥିଲା । ସେଥିପାଇଁ ସିଏ ରାଗିଗଲେ । ସିଏ କହିଲେ, "ତତେ ତ କହିଥିଲି, ରୁଟି ଭିତରେ ବନ୍ଧାକବି ଦେଇ ତାକୁ ଗୁଡେଇ ଦେଇଥିବୁ । ଏବେ ଅଲଗାଅଲଗା କରି ରଖିଛୁ, ଖାଇବି କେମିତି ?'

ISSN NO.
2582-208X

ରାଧାଙ୍କୁ ବି ରାଗ ମାଡିଲା । ଇଚ୍ଛା ହେଲା କହିଦିଅନ୍ତା, "ତମର ଆଜି ଯାତ୍ରା କରିବାର ଥିଲା । ହେଲେ ତମେ ଯାଇ ମନ୍ଦିରରୁ ତିନଟା ବେଳେ ଫେରିଲ । ମୁଁ ଆହୁରି ରୁଟି, ଭଜା ପ୍ରସ୍ତୁତ କରିଦେଲି । ତମର ଯଦି ଗୁଡେଇ ଖାଇବା କଥା, ନଜେ ଗୁଡେଇକ ପ୍ରସ୍ତୁତ କରି ରଖିଲନ। ଏବେ ଏଠି ଏୟାରପୋର୍ଟରେ ଏମିତି ରାଗ ଦେଖେଇହେଉଚ କଣ ପାଇଁ ?'

ହେଲେ ରାଧା ଚୁପ୍ ରହିଲା । ଆକାଶ ତାଙ୍କ ଖାଦ୍ୟ ଶେଷ କଲେ । ୬ଟା ୪୫ରେ ଯେଉଁ ଫ୍ଲାଇଟ୍ ଯିବାର କଥା ସେଇଟା ସାଢେ ୭ଟା ବେଳକୁ ଚାଲିଗଲା । ସେଥିରେ ଖାଲି ସିଟ୍ ବଳ ନଥିଲା । ଏବେ ପୁଣି ରାଧା ଓ ଆକାଶ କାଉଣ୍ଟର୍‌କୁ ଗଲେ । ସେଠି ସେ ନାରୀ କର୍ମଚାରୀ ଜଣକ କହିଲେ, "ଦୁଇଜଣଙ୍କୁ ଏକାଥି ନେବାଭଳ ଆଜି କୌଣସି ଫ୍ଲାଇଟ୍ ଖାଲି ନାହିଁ । ତମେ ଦୁଇଜଣ ଯଦି ଅଲଗା ଅଲଗା ଯିବ, ତେବେ ସେଇଟା ଯୋଗାଡ ହେଇପାରେ । ଗୋଟିଏ ଫ୍ଲାଇଟ୍ ଯିବ ସାଢେ ନଅଟାରେ ସିଧା ବାଲ୍‌ଟିମୋର୍‌ରୁ ଅର୍‌ଲାଣ୍ଡୋ, ଆଉ ଗୋଟିଏ ଯିବ ଅଲଗା ଭାବେ । ପ୍ରଥମେ ନାଶ୍‌ଭିଲ୍ ଯିବାକୁ ପଡିବ ଓ ପରେ ନାଶ୍‌ଭିଲ୍‌ରୁ ଅର୍‌ଲାଣ୍ଡୋ ।"

ଏମିତି ଏକ ଅଦ୍ଭୁତ ରକମର ଯାତ୍ରାକୁ ସ୍ୱୀକାର କରିବେ କି ନା ହଠାତ୍ ସ୍ଥିର କରିପାରିଲେନ ସେମାନେ । ତାପରେ ପୁଣି ରାଜି ହୋଇଗଲେ । ରାଧାଙ୍କୁ ବୋର୍ଡିଙ୍ଗ୍ ପାସ୍ ମିଳଲା ସାଢେ ନଟା ବେଳର ସିଧା ଫ୍ଲାଇଟ୍ ରେ । ଆକାଶଙ୍କୁ ମିଳଲା ନାଶ୍‌ଭିଲ୍ ବାଟ ଦେଇ ଯିବାର ଫ୍ଲାଇଟରେ ।

ସେମାନେ ପୁଣି ଗେଟ୍ ପାଖରେ ବସିବାପାଇଁ ଥିବା ସିଟ୍‌କୁ ଆସି ବସିଲେ । ହଠାତ୍ ରାଧା ମୁଣ୍ଡରେ ଆଉ ଗୋଟିଏ ଧାରଣା ଆସିଲା । ସିଏ କହିଲା, "ଏମିତି କଲେ କେମିତି ହୁଅନ୍ତା ? ମତେ ଯେଉଁ ସିଧା ଯିବାର ଟିକେଟ୍ ମିଳଛି, ସେ ଟିକେଟ୍ ଯଦି ତୁମ ନାମରେ କରିଦିଆଯାଇପାରନ୍ତା, ତେବେ ତୁମେ ସିଧା ବାଲ୍‌ଟିମୋର୍‌ରୁ ଅର୍‌ଲାଣ୍ଡୋ ଫ୍ଲାଇଟ୍ ନେଇ ଚାଲିଯାଆନ୍ତ । ମୁଁ ଆଜି ଘରକୁ ଫେରିଯାଆନ୍ତ ଓ ଆସନ୍ତା କାଲି ଫ୍ଲାଇଟ୍ ରେ ଯାଇ ପହଞ୍ଚନ୍ତ।'

ISSN NO.
2582-208X


ପୁଣି ସେମାନେ କାଉଣ୍ଟରରେ କାମ କରୁଥିବା ସ୍ତ୍ରୀ ଲୋକର ପାଖକୁ ଆସିଲେ । ସେତେବେଳେ ତା' ପାଖରେ ଭିଡ ଜମିଯାଇଥିଲା । ପନ୍ଦର ମିନଟ୍ ପରେ ସେମାନଙ୍କ ପାଳି ଆସିଲା । ଟିକେଟ୍ କାଉଣ୍ଟର୍‌ର ସେ କର୍ମଚାରୀ ମନା କରିଦେଲା, "ସେମିତି ହୋଇପାରିବନି। ତମେମାନେ କାଲି ଯଦି ଯିବ, ଆଜିର ଏ ଟିକେଟ୍ ବାତିଲ୍ କରିବାକୁ ପଡିବ । ହେଲେ ତମ ବୋର୍ଡିଙ୍ଗ୍ ପାସ୍ ବଦଳେଇ ତାଙ୍କୁ ଦେଇହେବନି ।'

ପୁଣି ରାଧା ଓ ଆକାଶ ସ୍ତବ୍ଧ ହୋଇଗଲେ । କଣ କରିବେ, ମୁଣ୍ଡ ଜମା କାମ କରୁନଥାଏ। ଯଦି ପୁଣି ନାଶ୍‌ଭିଲ୍‌ରୁ ଆକାଶଙ୍କର ଡେରି ହୋଇଯାଏ ? ଯାହାବି ହେଉ, ସେମାନେ ସ୍ଥିର କଲେ, ଆକାଶ ନାଶ୍‌ଭିଲ୍ ଦେଇ ଅର୍‌ଲାଣ୍ଡୋ ଯିବେ ଓ ରାଧା ସିଧା ଫ୍ଲାଇଟ୍ ରେ ଅର୍‌ଲାଣ୍ଡୋ ଯିବ । ସେଠୁ ସିଏ ବାକ୍ସ ସବୁ ଯାହା ପୂର୍ବ ଫ୍ଲାଇଟ୍ ରେ ଯାଇଛି, ତାକୁ ସଂଗ୍ରହ କରିବ, ଓ ସିଧା ଟ୍ୟାକ୍ସି ନେଇ ହୋଟେଲ୍ ଚାଲିଯିବ । ହୋଟେଲ୍ ନିଶ୍ଚୟ ଚେକ୍‌ଇନ୍ କରିବାକୁ ଦେବ । ନଦେଲେ ସିଏ ସେଠି ଲବିରେ ବସିଥିବ ଓ ଆକାଶ ପହଞ୍ଚିଲେ ସେମାନେ ଚେକ୍‌ଇନ୍ କରିବେ । ମନେମନେ ଉଭୟ ଶପଥନେଲେ ଯେ ଆଉ କେବେ ଏ ସାଉଥଓ୍ୱେଷ୍ଟ ଫ୍ଲାଇଟ୍ ରେ କୁଆଡେ ଯିବେନି । ଅନ୍ୟ ସବୁ ଏୟାର୍‌ଲାଇନ୍ସ ରେ ଟିକେଟ୍ କରିବା ସମୟରେ ହିଁ ସିଟ୍ ନିର୍ବାଚନ କରିହୁଏ । ତେଣୁ ସେ ସିଟ୍‌କୁ ଆଉ କିଏ ନେଇଯିବା ସମ୍ଭବ ନୁହେଁ । ହେଲେ ସାଉଥଓ୍ୱେଷ୍ଟ ନିୟମ ଅଲଗା । ସିଟ୍ ପାଇଁ ଖୋଲା ନିର୍ବାଚନ । ସମସ୍ତେ ନିଜନିଜର ପସନ୍ଦ ଅନୁଯାୟୀ ସିଟ୍ ରେ ବସିପାରିବେ । ତେବେ ସେଥିପାଇଁ ଯିଏ ଆଗେ ଚେକ୍‌ଇନ୍ କରି ଫ୍ଲାଇଟ୍ ଭିତରେ ପଶିବ, ତା ମନ ଅନୁଯାୟୀ ସିଟ୍ ବାଛିପାରିବ । ସେସବୁ ଯେତିକି ଭଲ, ସେତିକି ମନ୍ଦ । ଏବେ ରାଧା ଓ ଆକାଶଙ୍କର ସେ ମନ୍ଦର ଅନୁଭୂତି ହୋଇଗଲା ।

ଏବେ ରାଧାକୁ 'ବି" ବିଭାଗକୁ ଯିବାକୁ ପଡିଲା । କାରଣ ତାର ୯ଟା ୩୦ର ଫ୍ଲାଇଟ୍ "ବି' ବିଭାଗରୁ ଗେଟ୍ ନମ୍ବର ୧୨ରୁ ଛାଡିବାର ଥିଲା । ସିଏ କମ୍ ବାଟ ନୁହେଁ । ତରବର ହୋଇ ସିଏ ଆକାଶଙ୍କଠାରୁ ବିଦାୟ ନେଲା ଓ 'ବି' ବିଭାଗକୁ ଗଲା । "ବି' ବିଭାଗରେ ଫ୍ଲାଇଟ୍ ୧୦ ମିନଟ୍ ବିଳମ୍ବରେ ଥିଲା । ରାଧା ପହଞ୍ଚିବାର ୧୫ ମିନଟ୍ ପରେ ବୋର୍ଡିଙ୍ଗ୍ ଆରମ୍ଭ ହୋଇଗଲା । ସେପଟେ ଆକାଶଙ୍କର ବି ନାଶ୍‌ଭିଲ୍ ଯିବାକୁ ବୋର୍ଡିଙ୍ଗ୍ ଆରମ୍ଭ ହୋଇଗଲା ।

ISSN NO.
2582-208X

ରାଧାର ଫ୍ଲାଇଟ୍ ଅର୍ଲାଣ୍ଡୋରେ ପହଞ୍ଚୁପହଞ୍ଚୁ ୧୧ଟା ୪୫ ହୋଇଗଲା । ତାପରେ ସେଠାରୁ ବ୍ୟାଗେଜ୍ କ୍ଲେମ୍‌କୁ ଗୋଟିଏ ସଟ୍‌ଲ୍ ଟ୍ରେନ୍‌ର ଯିବାକୁ ପଡିଲା । ସେତିକିବେଳକୁ ଆକାଶ ଫୋନ୍‌କଲେ । ସିଏ ସେତେବେଳକୁ ନାଶ୍‌ଭିଲ୍ ରେ ପହଞ୍ଚି ଯାଇଥିଲେ । ଲଗେଜ୍ ସଂଗ୍ରହ କରିସାରି ତାଙ୍କୁ ଫୋନ୍ କରି ଜଣେଇବାକୁ କହିଲେ । ବ୍ୟାଗେଜ୍ କ୍ଲେମ୍ ସ୍ଥାନରେ ପହଞ୍ଚିବା ବେଳକୁ ସେଠି ଯେମିତି ବାକ୍ସ ମାନଙ୍କର ସମୁଦ୍ର ସୃଷ୍ଟି ହୋଇଛି । ଚାରିହଜାରରୁ ଅଧିକ ବାକ୍ସ ସେଠି ସବୁ ଠୁଳ ହୋଇ ରହିଛି । ଏତେ ସବୁ ବାକ୍ସ ଖୋଜି ନିଜ ବାକ୍ସ ଚିହ୍ନଟ କରିବା କଥା ଭାବିବା ବେଳକୁ ମୁଠ ବିନ୍ଧିବାକୁ ଲାଗିଲା । ସେଠି ଧାଡିରେ ଛିଡା ହୋଇ ସାଉଥ୍‌ୱେଷ୍ଟ୍ ଅଫିସରେ ପଚାରିବାରୁ ସେମାନେ ଜଣେଇଲେ, "ତମ ଲଗେଜ୍ ପହଞ୍ଚିଯାଇଛି । ଏଇ ଶେଷ ଆଡକୁ ଥିବା ତିନୋଟି ଲଗେଜ୍ ରହିଥିବା କ୍ଷେତ୍ରରେ ଖୋଜ, ପାଇଯିବ ।" ହେଲେ ସେସବୁ ଲଗେଜ୍ ଦେଖି ଚିହ୍ନଟ କରିବା ପାଇଁ ତାର ୪୫ ମିନଟ୍ ବିତିଗଲା ସିନା, ନିଜ ଲଗେଜ୍ ମିଳିଲାନି । ଶେଷକୁ ମନରେ ପାଞ୍ଚିଲା, ସେ ଲଗେଜ୍ ଆଉ କାର୍‌ସୋଲ୍ ରେ ବୁଲୁନି ତ ? ଏମିତି ଭାବି ଯେଉଁ କାର୍‌ସୋଲ୍ ରେ ସେମାନଙ୍କର ପ୍ରକୃତ ଫ୍ଲାଇଟ୍‌ର ଲଗେଜ୍ ମିଳିବା କଥା, ସେଇ କାର୍‌ସୋଲ୍ ନମ୍ବର ୧୦ରେ ଯାଇ ଦେଖିଲା । ସତକୁ ସତ ସେଇଠି ହିଁ ସେମାନଙ୍କର ଦୁଇଟି ବାକ୍ସ ବୁଲୁଥିଲା । ସେ ବାକ୍ସମାନଙ୍କୁ ସଂଗ୍ରହ କରିସାରି ରାଧା ଆକାଶଙ୍କୁ ଫୋନ୍ କଲା। ଆକାଶ କହିଲେ, "ଠିକ୍ ଅଛି । ଏବେ ତୁ ଟ୍ୟାକ୍ସି ନେଇ ହୋଟେଲ୍ ଚାଲିଯା । ସେଠି କହିବୁ ଯେ, ମୋ ସ୍ୱାମୀଙ୍କ ନାମରେ ବୁକଂ ଅଛି । ସେମାନେ ନିଶ୍ଚୟ ତତେ ରୁମ୍ ଦେଇଦେବେ ।'

ସେ ସମୟରେ ଆକାଶ ନାଶ୍‌ଭିଲ୍ ରେ ତାଙ୍କର ଅର୍ଲାଣ୍ଡୋ ଫ୍ଲାଇଟ୍‌କୁ ଅପେକ୍ଷା କରି ବସିଥିଲେ । ସେତେବେଳକୁ ରାତି ଗୋଟାଏ ପାଖାପାଖି ହେଲାଣି । ରାଧା ଆସି ଟ୍ୟାକ୍ସି ପାଇଁ ବାହାରେ ଠିଆହେଲା । କଣ ପାଇଁ କେଜାଣି ସେ ସମୟରେ ଏତେ ଟ୍ୟାକ୍ସି ଆସୁନଥାଏ । ୧୫-୨୦ ମିନଟ୍‌ର ଗୋଟିଏ ଲେଖାଏଁ ଟ୍ୟାକ୍ସି ଆସୁଥାଏ ଓ ଆଗରୁ ଲାଇନରେ ଥିବା ଲୋକ ସେ ଟ୍ୟାକ୍ସି ରେ ଯାଉଥାନ୍ତି । ମଝିରେ ମଝିରେ ଆକାଶ ଡାକୁଥାନ୍ତି ଓ ସିଏ ତଥାପି ଟ୍ୟାକ୍ସି ପାଇଁ ଅପେକ୍ଷା କରିଛି ବୋଲି ଜଣାଉଥାଏ । ତାପରେ ଗୋଟିଏ ଟ୍ୟାକ୍ସି ଆସି ଡାକିଲା, "କେଉଁ ଆଡେ ଯିବେ ଆସନ୍ତୁ' । ରାଧାର ଆଗରେ ଅପେକ୍ଷା କରିଥିବା ନାରୀ ଜଣକ କିନ୍ତୁ ସେଥିରେ ଯିବାକୁ କୌଣସି ଆଗ୍ରହ ଦେଖେଇଲେନି । ରାଧା ଆଶ୍ଚର୍ଯ୍ୟହେଲା । ନିୟମ ଅନୁଯାୟୀ ସିଏ ପ୍ରଥମେ ଟ୍ୟାକ୍ସି ନେବା କଥା । ହେଲେ ସିଏ କହିଲେ, "ଏଥିରେ ଇଏ

କେଉଁ ଟ୍ୟାକ୍ସ କଂପାନୀ, କାହିଁ କଛି ସେମିତି ଚହ୍ନ ନାହିଁ ତ । ଏତେ ରାତିରେ ବିନା କଂପାନୀ ଚହ୍ନ ଥିବା ଗାଡି ନେବାକୁ ମୁଁ ପସନ୍ଦ କରୁନ । ରାଧା ମୁଣ୍ଡର ସେମିତି କଛି ପଶିନଥିଲା । ଏବେ ସେସବୁ ପଶିଲା । ସେ ଡ୍ରାଇଭର୍ ଜଣକ ଏମିତି ଡାକଡାକ ଚାଲିଗଲେ। ତାପରେ ଦୁଇଟି ଟ୍ୟାକ୍ସ ଆସିଲା । ଗୋଟିଏ ଟ୍ୟାକ୍ସ ସେ ଭଦ୍ରମହିଳା ନେଲେ ଓ ତା' ପରବର୍ତ୍ତୀ ଟ୍ୟାକ୍ସ ଟି ନେଇ ରାଧା ନଜ ହୋଟେଲ୍ କସିମି ସହରର ଫେୟାର୍‌ଫିଲ୍ଡ୍ ଇନ୍‌କୁ ଆସିଲା । ବାଟରେ ଆକାଶଙ୍କ ସହିତ ଫୋନ୍ ରେ କଥା ହୋଇଥିଲା । ଆକାଶ ସେତେବେଳେ ବୋର୍ଡିଙ୍ଗ୍ କରିବାପାଇଁ ଲାଇନରେ ଠିଆ ହୋଇଥିଲେ । ଟ୍ୟାକ୍ସ ର ମିଟରରେ ଡଲାର୍ ଯେତେ ବଢୁଥାଏ, ରାଧାର ହୃଦୟ ଭିତରେ କଣ ଗୋଟିଏ ହୋଇଯାଉଥାଏ । ଏମିତିରେ ଟ୍ୟାକ୍ସ ସମୁଦାୟ ୭୫ ଡଲାର୍ ନେଲା । "ହଉ, ଯେତେ ନେଉ, ଆସି ତ ହୋଟେଲରେ ପହଞ୍ଚିଗଲି', ଭାବି ସ୍ୱସ୍ତିର ନଃଶ୍ୱାସ ମାରିଲା ରାଧା ।

ହୋଟେଲ୍‌ର କାଉଣ୍ଟରରେ ସେତେବେଳେ ଜଣେ ସ୍ତ୍ରୀ ଲୋକ ଥିଲେ । ସିଏ ସବୁକଛି ଯାଞ୍ଚ କରି, ଘର ଠିକଣା ଇତ୍ୟାଦି ବୁଝି, କ୍ରେଡିଟ୍ କାର୍ଡ ଓ ଡ୍ରାଇଭିଙ୍ଗ୍ ଲାଇସେନ୍ସ୍ ଯାଞ୍ଚ କରି ଶେଷରେ ଦ୍ୱିତୀୟ ମହଲାରେ ରୁମ୍ ୨୦୮ର ଚାବି ଦେଲେ। ରୁମ୍ ଭିତରେ ପହଞ୍ଚି ରାଧା ଯେମିତି ଜୀବନ ପାଇଲା ।ସେତେବେଳକୁ ପେଟକୁ କଛି ଦାନା ଯାଇନଥାଏ । ଏ କରୋନା ସମୟରେ ରାତିରେ ପହଞ୍ଚି କଣ ଖାଇବ ଭାବି ସିଏ ଘରୁ କଛି ଖାଦ୍ୟ ରାନ୍ଧ ଭୋଜନ ପାଇଁ ପ୍ୟାକ୍ କରି ନଜ ଚେକ୍‌ଇନ୍ ଲଗେଜରେ ରଖିଥିଲା । ପ୍ରଥମେ ହାତ, ମୁହଁ ଧୋଇ ଏବେ ସେସବୁ ବାହାର କରି ସିଏ ରାନ୍ଧଭୋଜନ କଲା । ଭାଗ୍ୟକୁ ସେ ରୁମ୍ ରେ ମାଇକ୍ରୋଓଭ୍‌ନ୍ ରହିଥିଲା । ସେଇଟା ସୁବିଧା ହେଲା । ଖାଇସାରି ସିଏ ଟିଭି ଲଗେଇଦେଲା ଓ ବିଛଣା ଉପରେ ଗଡପଡ ହେଲା । କାରଣ ନଦ ଯଦି ହେଇଯିବ, ଆକାଶ ଆସି ହଇରାଣ ହେବେ। ନଦ ବି ହେଇ ଯାଇଥିଲା, ହେଲେ ଏ ଛକାଛକରେ ନଦ ବାରମ୍ବାର ଭାଙ୍ଗୁଥିଲା । ରାତି ପ୍ରାୟ ସାଢେ ଚାରିଟା ବେଳକୁ ଆକାଶଙ୍କର ଫୋନ୍ ଆସିଲା । ସିଏ ଅର୍ଲାଣ୍ଡୋରେ ପହଞ୍ଚିଯାଇଥିଲେ ଓ ବୁକ୍ କରିଥିବା ଗାଡି ଧରି ହୋଟେଲ୍ ଆସୁଥିଲେ । ସିଏ ଆସି ପାଞ୍ଚଟା ବେଳକୁ ହୋଟେଲରେ ପହଞ୍ଚିଲେ । ଉଭୟ ଏତେ କ୍ଳାନ୍ତ ଥିଲେ ଯେ, ବିଛଣାରେ ପଡିବା କ୍ଷଣି ନଦ ହୋଇଗଲା । ଏପ୍ରିଲ୍ ୪ ତାରିଖ ସକାଳୁ ଉଠୁଉଠୁ ୮ଟା ବାଜିଲାଣି । ଆକାଶ ତରତର କଲେ । କହିଲେ, "ଶୀଘ୍ର ସବୁ କାମ ସାରେ । ଆମେ ବ୍ରେକ୍‌ଫାଷ୍ଟ କରିବା । ମତେ ନେଇ ଟିକେ ଗେଲର୍ଡ ହୋଟେଲରେ ଛାଡିଦେବୁ । ତାପରେ ତୁ ଯଦି ଗାଡିନେଇ

କେଉଁଆଡେ ବୁଲିବାକୁ ଯିବୁ, ଗୁଲିଯିବୁ । ମୁଁ ଅପରାହ୍ନ ୬ଟା ବେଳକୁ ଫେରିବି ।' ଆକାଶ ଗାଧୋଇପାଧୋଇ ପ୍ରସ୍ତୁତ ହୋଇଗଲେ । ରାଧା ଦାନ୍ତ ଘଷି ଓ ମୁଣ୍ଡ କୁଣ୍ଡେଇ ପ୍ରସ୍ତୁତ ହୋଇଗଲା । ସେମାନେ ଯାଇ ତଳ ମହଲାରେ ବ୍ରେକ୍‌ଫାଷ୍ଟ ଖାଇଲେ । ସେଠି ସେମିତି କେହି ମୁଖା ପିନ୍ଧୁନଥାନ୍ତି । ହେଲେ ରାଧା ଓ ଆକାଶ ମୁଖା ପିନ୍ଧି ରହୁଥିଲେ । ଖାଇବା ବେଳେ, ମୁହଁରୁ ମୁଖା ବାହାର କରି ଖାଉଥିଲେ । ଖାଇସାରିବା ପରେ, ରାଧା ଆକାଶଙ୍କୁ ନେଇ, ତାଙ୍କ କନ୍‌ଫରେନ୍‌ସ୍ ହୋଟେଲ୍ ଗେଲର୍ଡରେ ଛାଡିଦେଇ ଆସିଲା । ରୁମରେ ପହଞ୍ଚି କଂପ୍ୟୁଟର୍ ଖୋଲି, କଣକଣ ସବୁ ଦେଖିବାର ଅଛି ଯାଞ୍ଚ କଲା । ଶେଷରେ "ରିପଲିସ୍ ବିଲିଭ୍ ଅର୍ ନଟ୍' ଯିବାପାଇଁ ଅନ୍‌ଲାଇନରେ ଟିକେଟ୍ କାଟିଦେଲା । ଟିକେଟ୍ କାଟିସାରି, ଠିକଣା ଓ ରାସ୍ତା ନକ୍‌ସା ବାହାର କରି ନିଜ ଫୋନରେ ରଖିଦେଲା । ତାପରେ ଗାଧୋଇପାଧୋଇ, ପ୍ରସ୍ତୁତ ହୋଇ ଗାଡି ଧରି ବାହାରିଲା । ସେମାନେ ଘରୁ ଜିପିଏସ୍ ଧରି ଯାଇଥିଲେ । ଜିପିଏସ୍ ରେ ଠିକଣା ଭର୍ତ୍ତି କରିଦେବାରୁ ଜିପିଏସ୍ ମାର୍ଗଦର୍ଶନ କରେଇଲା । ହେଲେ ସେତିକିବେଳେ ବାହାରିଲା ଆଉ ଗୋଟିଏ ହଟହଟା କଥା । ସେମାନଙ୍କର ଭଡା ଗାଡିର ଡାହାଣ ପାଖର ପଛ ଚକାଟିରେ ପ୍ରେସର୍ କମ୍ ଥିବାର ଦେଖାଉଥିଲା । ସେ ଗାଡିଟା ୨୦୨୨ ନୂଆ ମଡେଲ୍ । ବହୁତ ରକମର ଅତ୍ୟାଧୁନିକ ଟେକନୋଲୋଜି । କେଉଁ ଟାୟାର୍‌ର କେତେ ପ୍ରେସର୍ ସବୁ ପ୍ରଦର୍ଶନ ବୋର୍ଡରେ ଦେଖାଉଥାଏ । ସେଇଟା ସିଏ ଆବିଷ୍କାର କଲା ଫ୍ରିୱେ-୪ରେ ପଶିବା ପରେ । ତାପରେ ତ ମୁଣ୍ଡ ଭିତରେ ଚିନ୍ତା ରହିଲା । ଏ ଗାଡି ଯଦି ବାଟରେ ରହିଯାଏ, ତେବେ ତ କଥା ସରିଲା । ଏତେ ଦିନ ପରେ ଏମିତି ରକମର ସାହସ ସଞ୍ଚରଣ କରି ରାଧା ନିଜର ଯୁବାବେଳର ସାମର୍ଥ୍ୟକୁ ଉପଭୋଗ କରିବାର ଅଭିପ୍ରାୟ ପୋଷଣ କରିଛି । ଏ ସମୟରେ ଏମିତି ଭୟ ଉଦ୍ରେକ ହେବା ଭଲକଥା ନୁହେଁ । ତାହେଲେ ରାଧାର ସେ ସାହସ ସବୁ ସରିଯିବ । "ରିପଲିସ୍ ବିଲିଭ୍ ଅର୍ ନଟ୍'ରେ ପହଞ୍ଚି ସିଏ ପ୍ରଥମେ ଚକା ଯାଞ୍ଚ କଲା । ଚକା ଠିକ୍‌ଠାକ୍ ଲାଗୁଥିଲା । ତେଣୁ ମନରୁ ଦ୍ୱନ୍ଦ୍ୱ ତ୍ୟାଗ କରି ରାଧା "ରିପଲିସ୍ ବିଲିଭ୍ ଅର୍ ନଟ୍' ଭିତରେ ପଶିଲା ଓ ଖୁସିରେ ସବୁ ବୁଲିକରି ଦେଖିଲା ।

"ରିପଲିସ୍ ବିଲିଭ୍ ଅର୍ ନଟ୍' ବୁଲିସାରିବା ବେଳକୁ ୨ଟା ବାଜିଥିଲା । "ଆଉ କିଛି ଆବିଷ୍କାର କରାଯାଉ' ଏମିତି ଭାବି ସିଏ ସେଲ୍ ଫୋନ୍ ରେ ପାଖରେ କିଛି ବୋଟାନିକାଲ୍ ଗାର୍ଡେନ୍ ଅଛି କି ନା, ସେସବୁ ଖୋଜିଲା । ତାକୁ "ଲିଉ ଗାର୍ଡେନ୍'ର ଠିକଣା ମିଳିଗଲା । ଜିପିଏସ୍ ରେ

ସେ ଠିକଣା ପକେଇଦେବାରୁ ଜିପିଏସ୍ ବାଟ ବତେଇ ଗାର୍ଡେନ୍ ପାଖକୁ ନେଇଗଲା । ଯଦିଓ ସେ ଗାର୍ଡେନ୍‌ର ପ୍ରବେଶ ଦ୍ୱାର ପାଇବାପାଇଁ କଛି ସମୟ ସିଏ ଭୂଆଁ ବୁଲେଇବା ଭଳ ହୋଇଥିଲା ଓ ଶେଷରେ ଫେରିଯିବାକୁ ଭାବୁଥିଲା, ହେଲେ ଶେଷ ମୁହୂର୍ତ୍ତରେ ସେ ଗାର୍ଡେନ୍‌ର ପ୍ରବେଶଦ୍ୱାର ଆବିଷ୍କାର କଲା ଓ ପ୍ରଥମେ ଟଗର ଫୁଲ ଦେଖି ଖୁସି ହୋଇଗଲା । ଅନେକ ସୁନ୍ଦର ଗାର୍ଡେନ୍ । ମନ ଭରି ଦେଖିଲା, ଅନୁଭବ କଲା ଓ ଫଟୋ ଉଠାଇଲା ସିଏ । ଇଚ୍ଛା ହେଉଥିଲା ଆଉ କିଏ ଜଣେ ସାଙ୍ଗରେ ଥାଆନ୍ତା କି ? ଘଣ୍ଟାରେ ଯେତେବେଳେ ସାଢେ ଗ୍ୟାରିଟା ବାଜିଲା, ସେତେବେଳେ ସିଏ ଫେରିବାକୁ ବାହାରିଲା । ଫେରିବାବେଳେ ଯଦିଓ ଟିକେ ଟ୍ରାଫିକ୍ ରହିଥିଲା, ତେବେ ସିଏ ୫ଟା ୨୦ ବେଳକୁ ଆସି ହୋଟେଲ୍ ରୁମରେ ପହଞ୍ଚିଗଲା । ୫ଟା ୪୫ ବେଳକୁ ଆକାଶ ଡାକଲେ । କହିଲେ, "ମୁଁ ଏବେ ଗ୍ୟାଲିଗ୍ୟାଲି ଫେରୁଛି । ତୋର ଆଉ ଆସି ମତେ ପିକ୍ ଅପ୍ କରିବା ଦରକାର ନାହିଁ ।'

ସେଦିନ ସେମାନେ ପାଖରେ ଥିବା ଗୋଟିଏ ପଞ୍ଜାବୀ ରେଷ୍ଟୁରାଣ୍ଟରେ ଖାଇଲେ । ସେମାନେ ଅର୍ଡର୍ ଦେବା ପରେପରେ ସେ ରେଷ୍ଟୁରାଣ୍ଟକୁ ଅନେକ ଗ୍ରାହକ ଆସିବାରେ ଲାଗିଲେ । ଜଣାପଡୁନଥିଲା ଯେ ଏବେ କରୋନା ସମୟ ଓ ଲୋକମାନେ ବାହାରେ ଖାଇବାକୁ ପସନ୍ଦ କରୁନାହାନ୍ତି । ଏମିତି ଲାଗୁଥିଲା ଯେମିତି ଗତାନୁଗତିକ ଧାରା । ଖାଦ୍ୟ ଅର୍ଡର୍ ଆସିବାରେ ଡେରି ହେଉଥିଲା । ସେମାନେ ଗତରାତିର ହନ୍ତସନ୍ତ ସମସ୍ୟା ବିଷୟରେ ଭାବୁଥିଲେ । ସେମାନେ ଅନୁଭବ କଲେ ଯେ, ଯଦି ଅର୍ଲାଣ୍ଡୋ ସେ ତିନ ତାରିଖ ଦିନ ନ ଆସିଥାଆନ୍ତେ ତେବେ ଭୁଲ୍ ହୋଇଥାଆନ୍ତା । ଯଦିଓ ହନ୍ତସନ୍ତ ହୋଇ ଆସିବାକୁ ପଡିଲା, ତେବେ ସେମାନେ ଆସି ପହଞ୍ଚିଗଲେ, ହୋଟେଲରେ ରୁମ୍ ମିଳିଗଲା ଓ ସବୁ ଠିକ୍ ହୋଇଗଲା । ନହେଲେ କେଉଁଭଳି କଷ୍ଟଭିତ୍ତି ସେମାନେ ନେଇଥାଆନ୍ତେ କିଏ ଜାଣେ ? ତେବେ ଘଟଣାଟା ଯେ ଏମିତି ଘଟିବ କିଏ ଭାବିଥିଲା । ପ୍ରକୃତରେ ତ ପ୍ରଥମେ ଆକାଶଙ୍କର ତିନତାରିଖ ଦିନ ୩ଟା ୪୫ ଫ୍ଲାଇଟ୍‌ରେ ଟିକେଟ୍ ହୋଇଥଲା ଓ ଫେରିବା ବେଳକୁ ୭ ତାରିଖ ଦିନ ୬ଟା ୪୫ ଫ୍ଲାଇଟରେ ଟିକେଟ୍ ହୋଇଥିଲା । ହେଲେ ରାଧା ଯେତେବେଳେ ଟିକେଟ୍ କାଟିଲା, ସେ ଏକା ସମୟର ଫ୍ଲାଇଟ୍ ପାଇଁ ୮୦୦ ଡଲାର୍ ଦେଖାଇଲା । ତେଣୁ ରାଧା ୩ ତାରିଖ ଦିନର ଫ୍ଲାଇଟ୍ ୬ଟା ୪୫ରେ ଓ ଫେରିବାର ଫ୍ଲାଇଟ୍ ୯ଟା ୫ରେ କରିଥିଲା । ପରେ ଆକାଶଙ୍କୁ କହିଥିଲା, "ତମେ ତମ ଟ୍ରାଭେଲ୍ ଏଜେନ୍‌ସୀ ସହିତ କଥା ହେଉନ, ଯଦି ତମ ଫ୍ଲାଇଟ୍ ମୋ

ISSN NO.
2582-208X

ସମୟକୁ ବଦଳାଇ ହୁଅନ୍ତା । ତେବେ ଆମେ ଦୁଇଜଣ ସାଙ୍ଗରେ ଯାଆନ୍ତେ । ଏମିତି ଅଲଗାଅଲଗା କଣ ପାଇଁ ଯିବା ?'

ଆକାଶ ତାଙ୍କ ଟ୍ରାଭ୍ଲ୍ ଏଜେନ୍ସୀ ସହିତ କଥା ହୋଇ ଟିକେଟ୍ର ସମୟ ବଦଳେଇଥିଲେ ଯେମିତିକି ସେମାନେ ଏକା ସାଙ୍ଗରେ ଯାତ୍ରା କରିପାରିବେ । ହେଲେ ଯୋଗ କେମିତି କଲା ଦେଖନା । ସେମାନଙ୍କୁ ଅଲଗା ଯିବାକୁ ପଡିଲା । ପୁଣି ଏତେ ହନ୍ତସନ୍ତ ହୋଇ । ସତରେ, ବେଳେବେଳେ ଏମିତି ସବୁ ଘଟଣା ଘଟିଯାଏ କ ଅଦୃଷ୍ଟକୁ ବିଶ୍ୱାସ ନକରି ରହିହୁଏନ। ସେ ଅଦୃଷ୍ଟର ଶକ୍ତ ଏତେ ଯେ, ଯେମିତି ବି ହେଉ କେମିତି କଣ ଘଟି ଗୋଟିଏ ଅଜବ ରକମର କାହାଣୀ ସୃଷ୍ଟି ହୋଇଯିବ ।

ସେମାନେ ଆରମ୍ଭରେ ଖାଇସାରି ଆସି ହୋଟେଲରେ ପହଞ୍ଚିଲେ । ଦିନସାରା ବୁଲବୁଲି ରାଧା କ୍ଳାନ୍ତ ଥିଲା । ଗତ କାଲିର ହଟହଟା ପରିସ୍ଥିତି ବି ସେମାନଙ୍କୁ କ୍ଳାନ୍ତ କରିଦେଇଥିଲା । ଶୋଇବା ପୂର୍ବରୁ ଆକାଶ କହିଲେ, "କାଲି ତୁ ମତେ ସକାଳ ସାତଟାରେ ନେଇ ଗେଲର୍ଡରେ ଛାଡିଦେବୁ । ସେଠି ମୋର ବ୍ରେକ୍ଫାଷ୍ଟ ଖାଇବାର ଅଛି । ତେଣୁ ଟିଭି ନଦେଖି ଶୋଇପଡ।'

ଏପ୍ରିଲ୍ ୫ ତାରିଖ । ସେମାନଙ୍କୁ ସେ ହୋଟେଲ୍ ଛାଡି ୟୁନଭର୍ସାଲ୍ ଷ୍ଟୁଡିଓ ପାଖରେ ଥିବା ଆଉ ଗୋଟିଏ ହୋଟେଲ୍କୁ ଯିବାର ଥିଲା । ନିଜ ବାକ୍ସ ସଜାଡି ଆକାଶ ସକାଳେ କନ୍ଫରେନ୍ସ୍ ଗ୍ଲିଗଲେ । ତାଙ୍କୁ ଗାଡିରେ ଛାଡି ଆସି ରାଧା ବ୍ରେକ୍ଫାଷ୍ଟ ଖାଇଲା । ତାପରେ ରୁମ୍କୁ ଆସି ସବୁ ସଜାଡିବାରେ ଲାଗିଲା । ସବୁ ସଜାଡି ସମସ୍ତ ଲଗେଜ୍ ସିଏ କାର୍ ଭିତରେ ଭର୍ତ୍ତିକଲା ଓ ୧୧ଟା ବେଳକୁ ହୋଟେଲ୍ ଛାଡିଦେଲା । ଦିନସାରା ଡିଜନ ସ୍ପିଙ୍ଗସରେ ବୁଲିଲା ଓ ତିନଟା ବେଳକୁ ଯାଇ ନୂଆ ହୋଟେଲରେ ଚେକ୍ଇନ୍ କଲା । ନୂଆ ହୋଟେଲ୍ର ରୁମ୍ ନମ୍ବର୍ ୨୦୧ରେ ପଶି କିଛି ସମୟ ଗଡିପଡିଲା ଓ ତାପରେ ବାକ୍ସ ଖୋଲିବାକୁ ଗ୍ଚବି ଖୋଜିବାବେଳକୁ ଗ୍ଚବି ମିଳୁନ । "ଗ୍ଚବି କୁଆଡେ ଗଲା ? ସେଇଟାତ ମୁଁ ଏ ପର୍ସ ଭିତରେ ଭିତର ପକେଟ୍ରେ ରଖିଥିଲି । ଏବେ ମିଳୁନ କଣ ପାଇଁ ?' ପୁଣି ଗୋଟିଏ ସମସ୍ୟା ଆସିଲା । ହେଲେ ମନକୁ ବିଚଳତ ନକରି ଆକାଶ ଫେରିଲେ, ସେକଥା ବିଗ୍ଚର କରିବାକୁ ଭାବି ସିଏ ଶାନ୍ତ ହୋଇ ରହିଲା । ୬ଟା ବେଳକୁ ଆକାଶଙ୍କୁ ତାଙ୍କ

ISSN NO.
2582-208X

ହୋଟେଲ୍‌ରୁ ଆଣିବା ବେଳେ ଏ ଗୁବି ବିଷୟ କହିଲା । ଆକାଶ କହିଲେ, "ଦେଖିବା, ହୋଟେଲ୍ ଷ୍ଟାଫ୍‌ଙ୍କୁ ପଗ୍ଵରିବା । ସେମାନେ ଯଦି କିଛି ସାହାଯ୍ୟ କରିପାରିବେ । ନହେଲେ ୱାଲ୍‌ମାର୍ଟ କ ହୋମ୍‌ଡିପୋ ଯାଇ କିଛି ଯନ୍ତ୍ର ଆଣି ଗୁବି ଖୋଜିବା ।'

ଏ ଆମେରିକା ଦେଶରେ ଏଇ ଗୋଟିଏ କଥା ଭଲ । ସବୁ ରକମର ଏକାଭଳ ଦୋକାନ ପ୍ରାୟତଃ ସବୁ ସହରରେ । ତେଣୁ କେଉଁ ଦୋକାନରେ କେଉଁ ଜିନଷ ମିଳବ, ତାହା ବି ସମସ୍ତଙ୍କୁ ଜଣା । ହୋଟେଲ୍ କାଉଣ୍ଟରରେ ସେତେବେଳେ ଜଣେ ସ୍ତ୍ରୀ ଲୋକ ରହିଥାଏ । ବୟସ ହୁଏତ ୩୫-୪୦ ପାଖାପାଖି ହେବ । ତାକୁ ସେମାନେ ଏ ଗୁବି ସମସ୍ୟା କହିବାରୁ ସିଏ ସାଥିରେ ରୁମ୍‌କୁ ଆସି ବାକ୍ସ ଓ ଗୁବି ଦେଖିଲା । ତାପରେ କହିଲା, "ମୁଁ ଯାଇ ଦେଖେ କଣ ସବୁ ଯନ୍ତ୍ର ଆମମାନଙ୍କ ପାଖରେ ଅଛି । ପାଞ୍ଚ, ଦଶ ମିନଟ୍ ଭିତରେ ଫେରିଆସିବି।' ସେଇ କଥା ବି ହେଲା । ପାଞ୍ଚ, ଦଶ ମିନଟ୍ ପରେ ସିଏ ଗୋଟିଏ ବଡ ସ୍କ୍ରୁ-ଡ୍ରାଇଭର୍, ଗୋଟିଏ ରେଞ୍ଚ୍ ନେଇ ଆସସିଲା । ତାପରେ ସେସବୁକୁ ବ୍ୟବହାର କରି ସିଏ ବାକ୍ସ ଗୁବି ଖୋଲିଦେଲା । ଭଲ ହେଲା । ନହେଲେ ସେ ବାକ୍ସ ଭିତରେ ତ ଗ୍ଧାର ସବୁ ଲୁଗାପଟା ଓ ଅନ୍ୟାନ୍ୟ ସରଞ୍ଜାମ ରହିଥିଲା । ସେଦିନ ଘରୁ ନେଇଥିବା ଖାଦ୍ୟ ଯାହା ବଳଥିଲା ଓ ଗତ କାଲିର ରେଷ୍ଟୁରାଣ୍ଟରେ ଖାଦ୍ୟ ଯାହା ବଳଥିଲା, ସେସବୁ ମିଶେଇ ଗ୍ଧା ଗ୍ରହଭୋଜନ ଶେଷକଲା । ଆକାଶ ଗୋଟିଏ ମେକ୍ସିକାନ୍ ରେଷ୍ଟୁରାଣ୍ଟରେ କିଛି ଅର୍ଡର୍ ଦେଇଦେଲେ ଓ ସେ ଖାଦ୍ୟ ଯାଇ ରେଷ୍ଟୁରାଣ୍ଟରୁ ନେଇଆସି ତାଙ୍କ ଗ୍ରହଭୋଜନ ଶେଷକଲେ । ତା ପରଦିନ କୁଆଡେ ଯିବେ ସେଇ ବିଗ୍ଵର କରି ସେମାନେ ସ୍ଥିରକଲେ ଯେ ସେଣ୍ଟ୍ ଅଗଷ୍ଟାଇନ୍ ସହରକୁ ଯିବେ । କେତେଥର ତ ଆସି ଡିଜ୍‌ନଲ୍ୟାଣ୍ଡ୍, ୟୁନଭର୍‌ସାଲ୍ ଷ୍ଟୁଡିଓ ଦେଖିଛନ୍ତି । ଏଥର କିଛି ନୂଆ ଅନୁଭବ କରାହେଉ ।

ହେଲେ ତା' ପରଦିନ ସକାଳେ ଦେଖିବାବେଳକୁ ଭଡାଗାଡିର ପଛଚକାରେ ଗ୍ଵପ ପ୍ରେସର୍ ବହୁତ କମ୍ । ଆକାଶ ରେଣ୍ଟାଲ୍ ଅଫିସ୍‌କୁ ଡାକଲେ । କେତେ ରକମର ପ୍ରସ୍ତାବ ପରେ ସେମାନେ କହିଲେ, "ତମେ ସେ ଗାଡି ଆଣି ଏଠି ଫେରେଇଦିଅ ଓ ନୂଆ ଗାଡିଟିଏ ନେଇଯାଅ । ସେଇଆ ହେଲା । ଏବେ ଏକ ନାଲିରଙ୍ଗର ନୂଆ ଟୟୋଟା କେମ୍ରି ଗାଡିରେ ସେମାନେ ଡ୍ରାଇଭ୍ କରୁଥିଲେ । ସେଲ୍‌ଫୋନ୍‌କୁ ଯୋଗକରି ଓଡିଆ ରୋମାଣ୍ଟିକ୍ ଗୀତ

ISSN NO.
2582-208X

ଲଗେଇଦେଲା ରାଧା । ସେମାନେ ପ୍ରଥମେ ଡେଟୋନା ବିଚ୍ ଗଲେ, ତାପରେ ସେଣ୍ଟ ଅଗଷ୍ଟାଇନ୍ ଦୀପ ।

ଏତେ ସବୁ ହନ୍ତସନ୍ତ ପରେ ଏଇ ଯେଉଁ ମିଶିକରି ଡ୍ରାଇଭ୍ କରିବାର ଓ ବୁଲି ଦେଖିବାର ଆନନ୍ଦ, ସିଏ ସବୁ ବିଗତ ଦିନର ହନ୍ତସନ୍ତ ହେବାର ସ୍ମୃତିଠାରୁ ଆହୁରି ଶକ୍ତିଶାଳୀ ମନେ ହେଉଥିଲେ । ଏଇଥିପାଇଁ ବୋଧହୁଏ, କ୍ଷଣିକ ଆନନ୍ଦ ଅନୁଭବ କରିବାପାଇଁ ମଣିଷମାନେ କେତେକେତେ ଦୁଃଖ ସହିଯିବାକୁ ଆଗଭର ହୋଇ ବାହାରିପଡନ୍ତି । ଶିଶୁ ସନ୍ତାନଟିଏକୁ ଜନ୍ମଦେବା ପାଇଁ ମା' ଟିଏ ନଅ ମାସର ଗର୍ଭଭାରକୁ ସହିବାକୁ କେବେବି ପଛଘୁଞ୍ଚା ଦିଏନ । ଜମିବାଡି ବିକି ବାପଟିଏ ପିଲାମାନଙ୍କୁ ପଢାଏ । ନିଜେ ପଖାଳ ଗଣ୍ଠିଏ ଖାଇ ପିଲାମାନଙ୍କୁ ଭଲ ଖାଇବାକୁ, ଭଲ ପିନ୍ଧିବାକୁ ଯୋଗେଇବାକୁ ପଛଘୁଞ୍ଚା ଦିଏନ । ସତରେ କେତେ ଆକର୍ଷଣୀୟ ସେ ଆନନ୍ଦ ।

ଡେଟୋନା ବିଚ୍ ରେ ଆକାଶ ଯେମିତି ବହୁତ ରୋମାଣ୍ଟିକ୍ ହୋଇଗଲେ । "ଚାଲ, ଆମେ ବାଲିରେ ବସି ସେଲ୍‌ଫି ଉଠେଇବା ।' ରାଧାର ଫଟୋ ଉଠାଇବା ସଉକ୍ । ହେଲେ ଏ ସେଲ୍‌ଫି ଫଟୋଗୁଡା ତାକୁ ଭଲଲାଗେନ । ମୁହଁସବୁ ଅଡୁଆଅଡୁଆ, ଅଦ୍ଭୁତ ଦେଖାଯାଏ । ତଥାପି ଭଲ ଲାଗୁଥିଲା । ଆକାଶଙ୍କର ହାତ ଧରି ବାଲି ଉପରେ ଚାଲିବାରେ ଏକ ନୂଆ ରକମର ଆନନ୍ଦ ଥିଲା । ଇଚ୍ଛାତ ହେଉଥିଲା ସେଇଠି ସେ ବାଲି ଉପରେ ଚାଲିଚାଲି ଦିନଟା ବିତିଯାଆନ୍ତା କି । ତେବେ କାଳେ ସେଣ୍ଟ ଅଗଷ୍ଟାଇନରେ ପହଞ୍ଚିବାକୁ ଡେରିହେବ, ସେଥିପାଇଁ ସେମାନେ ଡେଟୋନା ବିଚ୍ ଛାଡି ସେଣ୍ଟ ଅଗଷ୍ଟାଇନ୍ ଅଭିମୁଖେ ଯାତ୍ରା ଆରମ୍ଭକଲେ ।

ହନ୍ତସନ୍ତ ଯୋଗ ସତେ ଯେମିତି ପିଛା ଛାଡିବାକୁ ନାରାଜ । ଇଣ୍ଟରେଷ୍ଟେଟ୍-୯୫ରେ ଡେଟୋନା ବିଚ୍‌ରୁ ସେଣ୍ଟ ଅଗଷ୍ଟାଇନ୍ ମଝି ରାସ୍ତାରେ ବର୍ଷା ଏମିତି ହେଲା ଯେ, ଜାଣି ହେଲାନି ସେମାନେ ସେଣ୍ଟ ଅଗଷ୍ଟାଇନ୍ ଯିବେ ନା ଫେରିଯିବେ । ଖାଲି ତ ବର୍ଷାନୁହେଁ, ପ୍ରବଳ ଘଡଘଡି ଓ ବିଜୁଳି । "ଏମିତି ପାଗ ହେଲେ ଆମେ କଣ ଦେଖିବା । ଫେରିଯିବାକି ଆଉ ।' ଆକାଶ ଡ୍ରାଇଭ୍ କରୁଥିଲେ । ରାଧା ସେଲ୍‌ଫୋନ୍‌ରେ ସେଣ୍ଟ ଅଗଷ୍ଟାଇନ୍‌ର ପାଗ ଯାଞ୍ଚ କଲା । ପାଗର ବିବରଣୀ ଅନୁଯାୟୀ, ଦିନ ୨ଟା ପର୍ଯ୍ୟନ୍ତ ବର୍ଷା ହେବ । ତାପରେ

କାଉଁଳଆ ରହିବ । ସତରେ ସେମିତି ହେବ ନା, ପାଗ ଆହୁରି ଖରାପ ହେବ ? ଆମେ ପୁଣି ଫେରିବା କେମିତି ? ଏମିତି ଶୋଚନାରେ ରହିଥିବା ସମୟରେ ଅଧଘଣ୍ଟାଏ ପରେ ଆକାଶ ଟିକେ ଫର୍ଚ୍ଚା ଦିଶିଲା । ସେମାନେ ସେଣ୍ଟ୍ ଅଗଷ୍ଟାଇନ୍‌ର ଲାଇଟର୍ ମ୍ୟୁଜିଅମ୍‌ର ଠିକଣା ଜି.ପି.ଏସ୍‌ରେ ପକେଇଥିଲେ । ମ୍ୟୁଜିଅମ୍ ପାଖରେ ପାର୍କିଙ୍ଗ୍ ମିଳଗଲା । ପ୍ରଥମେ ମ୍ୟୁଜିଅମ୍ ଦେଖିସାରି ସେମାନେ ଗଳିଗଳି ବୁଲିଲେ । କାରଣ ସେତେବେଳକୁ ୪ଟା ବାଜିଲାଣି । ସହରର ଭ୍ରମଣ କରିବା ପାଇଁ ଯେଉଁ ଟ୍ରଲି, ସେଇଟା ୫ଟା ବେଳେ ବନ୍ଦ ହେବାର ଥିଲା । ଗୋଟିଏ ଘଣ୍ଟା ପାଇଁ ଟିକେଟ୍ କରି କଣ ଆଉ ଦେଖିବା, ବରଂ ଗଳିଗଳି ଯାହା ଦେଖିପାରିବା ପାଖରେ, ସେଇଟା ଭଲ ହେବ । ଏମିତି ସ୍ଥିରକରି ସେମାନେ ଗଳିଗଳି କାଷ୍ଟିଲୋ ପାଖକୁ ଗଲେ । ଏତେ ଛୋଟ ସହରଟିରେ ଯେ ଏତେ ବଡ ଇତିହାସ ଭରି ରହିଛି, ତାହା ସେ କାଷ୍ଟିଲୋର ସମସ୍ତ କୋଣ, ଅନୁକୋଣ ବୁଲି ନ ଦେଖିଲେ ଜାଣିହେବନ । ବ୍ରିଟିଶ୍ ଓ ସ୍ପାନିଶ୍ ମାନଙ୍କ ମଧ୍ୟରେ ଯୁଦ୍ଧର ଅନେକ ସ୍ମୃତି ବହନ କରି ରଖିଛି ସେ ଦୁର୍ଗ । ତେବେ ଏତେ ହନ୍ତସନ୍ତ ଯୋଗ ପରେ, ଏମିତି ଏକ ଐତିହାସିକ ଦୁର୍ଗକୁ ଦେଖିବାର ଯେଉଁ ସୁଯୋଗ ପାଇଲେ ସେମାନେ, ସେଇଥିପାଇଁ କୃତକୃତ୍ୟ ହୋଇଗଲେ ।

କାଷ୍ଟିଲୋର ଉପର ମହଲାରେ ଗୋଟିଏ କାଠ ଚେୟାରରେ ବସି ସେମାନେ ମାଟାନ୍‌ଜାସ୍ ସାଗରକୁ ଦେଖୁଥିଲେ । ଆକାଶ କହିଲେ, "ଯାହାହେଉ, ଆମେ ବର୍ଷାକୁ ନଡରି ଆସିବାକୁ ସାହସ କଲେ । ଯଦି ଫେରିଯାଇଥାଆନ୍ତେ ତେବେ ଏସବୁ ଜାଣିବାର, ଦେଖିବାର ସୁଯୋଗରୁ ବଞ୍ଚିତ ହୋଇଥାଆନ୍ତେ ।'

ରାଧା ସମ୍ମତି ଜଣେଇଲା । "ହଁ ତ, ଏଥର କଣପାଇଁ କେଜାଣି ଏ ହନ୍ତସନ୍ତ ଯୋଗ ଆମ ପଛରେ ପଡିଯାଇଛି । ପ୍ରଥମେ ତ ଏମିତି ଅଦ୍ଭୁତ ଭାବେ ଆମେ ବାଲ୍‌ଟିମୋର୍‌ରୁ ଅର୍ଲାଣ୍ଡୋ ଆସିଲେ । ତାପରେ ଗାଡି କୁଆଡେ ହଜିଗଲା । ତା ପଛକୁ ରେଣ୍ଟାଲ୍ କାର୍‌ର ଏମିତି ଦୁର୍ଗତି । ପୁଣି ଆଜିର ଏ ଘଡଘଡି ବିଜୁଳି ସହିତ ବର୍ଷା । ସତରେ ମୋର ତ ଆଜି ସେ ବର୍ଷାକୁ ଦେଖି ଭାରି ଭୟ ପଶିଯାଇଥିଲା । ଜମା ବି ସାହସ ହେଉନଥିଲା କ ଆମେ ଆଉ ଆଗକୁ ବଢିବା ।

ISSN NO.
2582-208X




ଯାହାହେଉ, ସାହସ କରି ଆସିଲେ । ଭଗବାନ ସେ ସାହସ ମୁଣ୍ଡର ପୁରେଇଲେ ବୋଲି ସିନା ।' କାଷ୍ଟିଲ୍‌ରେ ନିଜ ପିଲାମାନଙ୍କ ସହିତ ବୁଲୁଥିବା ଜଣେ ଆମେରିକାନ୍ ଭଦ୍ରବ୍ୟକ୍ତି ଆସି ପଚାରିଲେ, "ତୁମ ଦୁଇଜଣଙ୍କର ଯୁଗ୍ମ ଫଟୋନେବାରେ ମୁଁ ସାହାଯ୍ୟ କରିବି । ତୁମେ ଦୁଇଜଣ ବହୁତ ବଢ଼ିଆ ସୁଖୀ ଦଂପତ୍ତି ମନେ ହେଉଛ ।'

ଆକାଶ ରାଧା ମୁହଁକୁ ଚାହିଁଲେ । ରାଧା ଲାଜେଇ କରି ହସିଲା । ସେ ଭଦ୍ରବ୍ୟକ୍ତି କ୍ୟାମେରାରେ କ୍ଲିକ୍ କଲେ ।

ରଦରେ୍ଫାର୍ଡ ଓ୍ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ସେଇ ପିଲାଦିନ ଲୁଚୁକାଳି ଖେଳ !



ପ୍ରଫେସର ସୁଶାନ୍ତ କଶୋର ବଳ

*ମନେପଡେ ମୋର ଶୈଶବ ବେଳ*
*ସେହି 'ଛୁପାଛୁପି ବଂଧୁଂକ ମେଳ ! ନଥିଲା ତାରତମ୍ୟ ବୟସ, ବର୍ଣର,*
*ଅବା ବୈଭବ,ରୂପ,ଠାଣି ଗରିମାର !* *ଢ଼ୋରାଚଇତି, ଅଜଣା ପ୍ରିତୀ !*
*କେବେ ମିଠାମିଠା ଶାରଦୀୟ ଜହ୍ନ କେବେ ଗଛତଳର ଅଧଂକାର ଘନ !*
*ଚମ୍ପକିତ ବସନ୍ତର କୋମଳ ପରସେ*
*'ଆଜି ନୂଆନୂଆ' କାହିଂକି ଲାଗେ ? ଅନେକ ଦିନପରେ ଗାଂକୁ ଆସିଲି ଅଲଗାଅଲଗା ଟିକେ ଅନୁଭବ କଲି ! ୟା' ଭିତରେ ଆସିଚାଲି ଯାଇଛି ଅନେକ ମୌସୁମୀ ,ଅଜସ୍ର ପତଝଡ୍, ସରୋବରେ ଖେଳଇ ନୀଳନୀଳ କଇଂ ନବଯୌବନେ ବୁଖ୍ୟେ ନବକିଶଳୟ !ଭରା କାଦମ୍ବିନୀ, କୂଳଉଛୁଳା ବନ୍ୟା*
*ସାଗରେ ଅଗଣ ଭଙ୍ଗା, ଜୁଆରଉଠି,*
*ହଜିଭାଂଗି,କାହିଂପୁଣି ଲୁଚିଯେ ଯାଇଛି !*
*ତାର ହିସାବ୍ କେହି ଜାଣେନା !*
*..............*
*ହଠାତ୍ ଦିନେ......*
*ବୁଂଦାବୁଂଦା ସଦ୍ୟ ଶିଶିରଭିଜା*
*ଭବ୍ୟ ସକାଳେ ପ୍ରାତଃ ଭ୍ରମଣେ*
*କେହିଜଣେ ଲଳନାକୁ ସମ୍ମୁଖେ ଦୁଶ୍ୟମାନେ ,ପଚାରିଥିଲି ସହସା*
*ଦୁଃସାହାସିକେ ଏକସାମାନ୍ୟ ପ୍ରଶ୍ନ !*

ISSN NO.
2582-208X


*"ଶୁଣ ହେ ଲଳନା ନରଖି ବିତୃଷ୍ଣା,*
*ତମେକିସେହି ପିଲାଦିନ ଲୁଚୁକାଳି ଖେଳର ଚଳଚଂଚଳ ସୁନୟନା" ?*
*ଉତ୍ତରେ କହିଥିଲା-"ହଂ ହଂ ମୁଂ, ସେହିମୁଂ ସେହି ଛଂଦା,ସେହି ଚପଳା,*
*ସେହି ଚଂଚଳା ଉତ୍ତଳା ସୁନୟନା !*
*ହେଲେ ଲୁଚକାଳି ?*
*ସେତମୋ ଅଗ୍ୟାଂତ, ପୂରୁଣା ଅତୀତ* *ବାସ୍ତବେ ସେ କି ମୁଂ ଜାଣେନା ?*
*ଶୈଶବସ୍ମୃତିଟି ଉଦ୍ରେକେ ତାସମ୍ମୁଖେ*
*ପଚାରିଥିଲି-'ମନେ ପଡେନାକି ତମର ସେଇ ଝାପସାଅଂଧାରେ ଚଂଦ୍ର କିରଣେ, ତମେ ଲୁଚୁଥିଲ ମୁଂ ଖୋଜୁଥିଲି,*
*ମୁଂ ଲୁଚୁଥିଲି ତମେ ଖୋଜୁଥିଲ ?*
*କହିଥିଲା ସେ -"ଦୁନିଆର ଲୁଚକାଳି ଟିତ ମୁଂ ଏବେଏବେ ହିଂ ଶିଖିଲି ,*
*ଏବେଏବେ ହିଂ ଜାଣିଲି,*
*ତେବେ ଯାଇ ମୁଂ ଦୁନିଆ ଜିଣିଲି !*
*କଂଟକିତ ପଥ, ସର୍ପୀଳ ଗତି,*
*ଚୋରାବାଲି ଆଉ ଶଂକିତ ରାତି,*
*ମଧୂମ୍ମୁଖ 1ଦଂଶନ, ହୃଦୟ ଦହନ,*
*ଉତ୍ତାଳ ଲହର, ନୈରାଶ୍ୟ ଜୁଆର,*
*ଶଠତାର ଭଙ୍ଗା, ପରିହାସ ଥଟ୍ଟା ,* *କାଳିମାର ଛିଟା ,ଲୋଲୁପୀ ନୟନ*
*ଅସହାୟତାର ଭୂରି ଭୂରି ଫାୟଦା,*
*ଅସତ୍ୟ ବଚ଼ନ, ମିଥ୍ୟା ଆଶା,*
*କୂମ୍ଭୀରକାଂଦଣା, ଅରଣ୍ୟ ରୋଦନ,*
*ସ୍ୱର୍ଗକୁ ନୀଶୁଣୀ, ସ୍ୱାନସମ ଝୁଣି  ଖ୍ୟତବିଖ୍ୟତ, ପୃଷ୍ଠୁ ଛୁରିକା ଘାତ,*
*ସମବେଦନାର ଢୋଂଗ,*
*ଅଜାଚିତେ ଅପ୍ରୁଚ୍ଛ୍ୟେ  କାରୁଣ୍ୟ !*
*ପାଇବାକୁ ଶାନ୍ତି, ବେଦନାରୁ ମୁକ୍ତି,*
*ଆଦରିଥାଏମୁଂ ଲୁଚକାଳିର ପ୍ରଣାଳୀ!ଗୁମର କଥାଟି କାହାକୁ ନକହି,*
*ସତ୍ୟକୁ ଛୁପେଇ ମିଥ୍ୟାଶ୍ରୟୀ ହୋଇ, ଅନାୟସେ ଆଉ ବିନା କଂଦଳେ,*

*ସୁରୁଖୁରେ, ଦିବ୍ୟାନଂଦେ, ସ୍ଵଛଂଦେ*
*ଜୀବନଟି ଉପୋଭୋଗ କରିଥାଏ !*
..............
*ହେ ବାଲ୍ୟସଖା !*
*ପବିତ୍ରତାର ଅଣରୁକା ଚ଼ରଖା !*
*ଭୂଲିଯାଅନା ସେ ସାରଲ୍ୟେଭରା*
*ଅନୁକଂମ୍ପା, କରୁଣା, ଦୟା, ସ୍ନେହ*
*ଆଉ ଶୁଧ୍ଵ ସ୍ନିଗ୍ଧତା ସମାହାର,*
*ବିଦ୍ଵେଷମୁକ୍ତ, ସମବେଦନାସ୍ନାତ,*
*ଶୈଶବର ସେହି ଚଂଦ୍ରାଲୋକିତ,*
*ଝାପସା,ଝାପସା ଅର୍ଧତିମିରାଛନ୍ନ, ବିଭୋରେ ଚିତ୍କାରିତ ଲୁଚକାଳି !*
*ଆଜିତା' ସ୍ମୃତିଟି ହଜିଛି,*
*ସୁଗଂଧ ମିଟିଛି ମୃତଅତୀତ କୋଳେ !*...............
*ସତ୍ୟକହିଲେ ମୋ' ପୁରା ମନେଅଛି ! ସେଇ ପିଲାଦିନ ହାଲକା ପ୍ରେମସିକ୍ତ,*
*ସେଇ ଚିତ୍ତଚୋରା, ଚିଲ୍ ଚିଲ୍ଲାତିଆ,*
*ଖ୍ୟୁଦ୍ରପରିଧାନର,କାନେକାନେ କୁହା*
*ଖ୍ୟୁଧା, ତୃଷାଭୁଲା, ସେହି ଅଭୂଲା ,*
*ସେ ଅଖ୍ୟୟ ଅବ୍ୟୟ ଅବିସ୍ମରଣୀୟ ଲୁଚକାଳି !*
................
*ମୁଂ ଜାଣେ, ଭଲକରି ଜାଣେଯେ –*
*ତମେମୋ' ବାଲ୍ୟବଂଧୁ, ସ୍ନେହର ସିଂଧୁ,*
*ବାତ୍ସଲ୍ୟପ୍ରେମର ନୀର୍ଭୁଲ ବିଂଦୁ !*
*ତମକୁ ମୁଂ କେଭେ ମିଥ୍ୟା କହିବିନି ,*
*ନାଂମିଛକହି କେବେ ପାପୀ ହେବିନି,*
*ହଂ, ହଂ !*

ISSN NO.
2582-208X

*ହଂ ମୋର ପୂରା ମନେଅଛି,*
*ପ୍ରତିଟି ଘଟଣା, ପ୍ରତିଟି ଦୂର୍ଘଟଣା, ପ୍ରିତୀ ଅନାବନା, ମୁହଂଫୁଲାଫୁଲି, ରାଗେ ଠେଲାପେଲା ପୁଣି ମିଳାମିଶା, ଗେଲ ଦିଆନିଆ ,*
*ତାରୁଣ୍ୟେଭରା ଅଂଧାରିଆ ଲୁଚକାଳି ଲୁଚକାଳି ଲୁଚକାଳି !*
*ହଂ ହଂ ଠିକହି ଶୁଣିଲ ,*
*ଆଉ ଠିକ୍ ହିଂ ବୁଝିଲ !*
*ସେହି ଅଂଧାରିଆ ଢିଂକିଶାଳ ଆଉ ଘର ପଛପଟ ଝଂକାଳିଆ ବୁଦାଳିଆ ବାଡିବଗିଚ଼ାର ସସ୍ନେହ ସପ୍ରେମ 'ଲୁଚ଼କାଳି' !*

କଟକ

ISSN NO.
2582-208X

# କବିତା



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ତୋତେ ଭଲପାଏ ବୋଲି
ତୁ ବାର ବାର ଋଷିଯାଉ
ଅଭିମାନ କରୁ
ଛପିଯାଉ  କେଉଁ ନିଭୃତ କୋଣରେ
ଅବା ଅଜଣା ସହରେ
ଅବା ଦୂର ପାହାଡ଼ ଛାଇରେ
ସେ କଥା ତତେ ଜଣା।

ମୁଁ ଖୋଜେ ଆକୁଳରେ ତତେ
ବିଲ ବନ ପାହାଡ଼ ପ୍ରାନ୍ତର
ନଦିତଟ ସୁନୀଳ ସାଗର
ସବୁଠି ମୁଁ ଖୋଜେ ତତେ
ତୋ ମନସ୍କରେ।

ମୁଁ ପଚାରେ  ତୋ ଠିକଣା ଜହ୍ନକୁ
ଜହ୍ନ ଲୁଚାଏ  ତା ମୁହଁ ମେଘ ଚଦରରେ
ମୁଁ ପଚାରେ ତୋ କଥା କଇଁକୁ
କଇଁ ଆଖି  ଲୁହ ଢଳଢଳ
ଜହ୍ନ ପ୍ରତୀକ୍ଷାରେ,
ମୁଁ ପଚାରେ ତୋ ଠିକଣା ଦୂର

ISSN NO.
2582-208X


ତାଳବଣ ସାଇଁ ସାଇଁ ପବନକୁ
ଚଗଲା ପବନଟା ବାଟ ଭାଙ୍ଗି ଚାଲିଯାଏ
ମତେ ଦେଖି ନଦେଖିଲା ପରି।।

ମୁଁ କିଛି ହଜେଇ ଦେଇଛି
ମୋ ଠାରୁ କିଏ ଛଡେଇ ନେଇଛି
ମୋତେ, ସବୁ ଥାଇ ମୁଁ ନିସ୍ୱ
ଏମିତି ଅନ୍ତର ମୋ କାନ୍ଦୁଥାଏ
ତୋ ପାଇଁ ତୁ କଣ ବୁଝିବୁ ସେ କଥା।

ମୋ ଚାରିପଟେ  ମୁହୂର୍ତ୍ତମାନେ
ବହିଯାନ୍ତି ନଈର ସ୍ରୋତ ପରି
ସକାଳର ନରମ ଖରାରେ ପାଖୁଡ଼ା ମେଲିଥିବା
ସୁନ୍ଦରୀ ଫୁଲସବୁ ଝରି ପଡନ୍ତି ମାଟିର କୋଳରେ,
ନିସ୍ତବ୍ଧ ରାତିଟା ରାଜୁତି କରେ ହୃଦୟହୀନ ଶାସକ
ଭଳି, କ୍ଲାନ୍ତ ଆଖିରେ ମୋ ନିଦ ଭରେ,
ସମୟ ଭିଡ଼ିନିଏ ମୋତେ  ହାତ ମୋର ଧରି
ପାଦେ ପଦେ ଆଗକୁ ଆଗକୁ,ମୁଁ କିନ୍ତୁ ପଛକୁ
ଫେରି ଚାହେଁ,ଚାହିଁ ରହିଥାଏ ତୋ ଆସିବା
ବାଟକୁ।।

ଫଗୁଣ ଆସି ଯିବାକୁ ବସେ
ଫଗୁର ରଙ୍ଗରେ ଫଗୁଣ ଭିଜେ
ମଳୟ ସ୍ପର୍ଶରେ ପତ୍ରଝଡ଼ା ବୃକ୍ଷରେ
ସବୁଜ ପତ୍ର କଅଁଳେ
ଫୁଲ ଫୁଟି ବାସ ଚହଟେ
କୋଇଲି ସୁସ୍ୱରେ ଗାଏ

ISSN NO.
2582-208X


ଦୋଳ ବିଭାନରେ ଦୋଳ ଗୋବିନ୍ଦ ଶୋହେ
ହେଲେ ତୋର ଦେଖା ନଥାଏ
ତୁ  ବୋଧେ ଲୁଚିଯାଉ ଅଭିମାନରେ
କେମିତି ଗୋଟାଏ ଖାଲି ପଣ  ବିରାଜୁ
ଥାଏ  ମୋ ଚାରିପଟେ ।

ମୁଁ ଜାଣିଛି
ତୁ ଆସିବୁ, ନିଶ୍ଚୟ ଆସିବୁ,
ସରିଗଲେ ତୋ ଅଭିମାନ
ତୁ ଝରିଯିବୁ ଝର ଝର
ଆଷାଢ଼ର ପ୍ରଥମ ଅସରା ପରି,
ବହିଯିବୁ ସ୍ରୋତସ୍ୱିନୀ ପରି,
ଆଉ ତୋ ନିର୍ମଳ ପବିତ୍ର ଜଳରେ
ଅବଗାହି ପ୍ରାଣ ମୋର ହୋଇବ ଶୀତଳ,
ମନ ଉପବନେ ଫୁଟିବ ମୋ ଶତଦଳ
ହସିବ ମୋ ପ୍ରାଣ ଆତ୍ମତୃପ୍ତି ରେ ।।

ଶିକ୍ଷୟିତ୍ରୀ
କେନ୍ଦ୍ରାପଡା, ଓଡିଶା

ISSN NO.
2582-208X

# ବସନ୍ତର ପକ୍ଷୀ



ଡ. ଶକୁନ୍ତଳା ନାଏକ ଗୁପ୍ତା

ଏମିତିରେ
ତୁମ ଧାରୁଆ ମଦାଳସ ଓଠଦୁଇ
ଖଇର କତ୍ଥା ଦିଆ ଖିଲପାନ
ବସନ୍ତରର ହଡ଼ପମୁଣାରେ,
ଅନୁରୂପ ରଙ୍ଗନେଇ
କେବେ ଆଙ୍କିଥିଲି ମନେ
ଢେଉ ଢେଉକା ଝରଣାଟେ–
ମାଛ ରଙ୍କୁଣାର ଡେଣାରେ
ଡୁବୁକ ମାରି ଉଡ଼ି ପାରୁଥିଲା
ମୋ ନୀଳପକ୍ଷୀ ମନ,
ମାଗିବାକୁ ପସାରିଥିଲି ମୋ ପଣତ
ତୁମ ମଦିର୍‌ଲଜ୍ୟ ଆଖିରୁ
ଏମିତି କଚ୍ଛି ଶାଳଫୁଲ ଫୁଟା ର୍‌ତି
ମହମହ ନମକଢ଼ି ବସନ୍ତର ଦିନ,
ହେଲେ ଆନ ଲେଖାଥିଲା
ଭାଗ୍ୟର ଶିଳାଲେଖରେ
କଏ ପଢ଼ିପାରେ ବହିଯାଇଥିବା ଲୁଣି ନଈଙ୍କ ?
ଛପଲ୍ ସମୟର ଛାପ,
ଖୋଜିବାକୁ ପଉଟିଏ ପ୍ରେମ ?

ISSN NO.
2582-208X

କାଳାନ୍ତରେ ଆମେ ଦୁହେଁ ଫିରୁଁ,
ଭିନ୍ନ ହଳଦୀବସନ୍ତ ଶରୀରରେ
ନୂଆଁ ନାଆଁ ପିନ୍ଧି
ଭେଟିବାକୁ
ସମୟର ନିଠୁର ବିଧାନ,
ମୋ ଅଣଆୟତ୍ତ ମରମରୁ
ଲକ୍ଷେ ଉଜୁହାତ୍ ଆଡ଼ରେ;
ତୁମେ ହିଁ ତ ଝର ଲୁହ ହେଇ
ଏକା ଏକା ପ୍ରତିଥର
ପୋଷ ପୋଷ ବିଳାପକୁ
କବିତା କରି ପଢ଼ ନୀରବରେ,
ଆମ କଥାରେ ପଡ଼ି
ଫି' ଥର ଫିରେ ପ୍ରବାସିଆ ବସନ୍ତ
ଆମ ଗାଁ ମୂଲକକୁ
ନିସଙ୍ଗ କୋଇଲିର ଗଳାରେ,
ବାକ ରହିଛି ଏଠାରେ

ଖୁପୁଲିଏ ପ୍ରେମର ବେଢ଼ଣ
ମୋ ଛାତି ତଳେ
ଶତାବ୍ଦୀଏ ବେଦନାର ଜମାଟ
ଧୂ ଧୂ କଆଫୁଲ ବଣ!
***

ଶବ୍ଦାର୍ଥ: (ଖୁପୁଲି – ନଡ଼ିଆର ସଢ଼େଇ,
ହଡ଼ପମୁଣା – ପାନ ବଟୁଆ )

ଅଧାପିକା,
ଡାମିଟସ୍, ଜଗଦା – ରାଉରକେଲା

ISSN NO.
2582-208X



# ଅପ୍ରତ୍ୟାଶିତ



ଡକ୍ଟର ମଧୁସ୍ମିତା ମିଶ୍ର

ନବେ ଦଶକର କଥା । ସାରା ଓଡିଶାର ସବୁ ଜିଲ୍ଲା ରୁ ଆସିଥିବା ଲେଖକମାନଙ୍କ ସଭା । ସ୍ଥାନ, କଟକର ଶହୀଦ ଭବନ ।

ସଭାରେ ସାନ, ବଡ, ପଦ, ପଦବୀ ବା ଅନ୍ୟ କିଛି ବାଛ ବିଚାର ନ ଥିଲା। ସମସ୍ତଙ୍କର ଗୋଟିଏ ମାତ୍ର ପରିଚୟ, ଓଡିଆ ଭାଷା ଓ ସାହିତ୍ୟ କୁ ଭଲ ପାଉଥିବା ଦରଦୀ ମଣିଷ ମାନେ । ଅଳ୍ପ ସମୟ ର ଉଦ୍‌ଘାଟନ ଉତ୍ସବ ପରେ ଆରମ୍ଭ ହେଲା ସମସ୍ତଙ୍କର କବିତା ପାଠ ଉତ୍ସବ । କବିତା ର ପ୍ରକାର ଭେଦ , ଆଧୁନିକ, ରାଜନୀତି, ଆଧ୍ୟାତ୍ମିକ ଇତ୍ୟାଦି । ବାଲେଶ୍ଵର ରୁ ଆସିଥିବା କବି ରାଜୀବ ଆବୃତ୍ତି କରୁଥିଲେ, -----

ଆଜି ମଣିଷ ପାଇଁ ଦୁନିଆଁ ହେଇଛି ଖେଳଣା
ସମସ୍ତ ଙ୍କ ଭିତରେ ପ୍ରତାରଣା ଆଉ ଛଳନା
ବାହାରକୁ କେବଳ ଦିଶୁଛି କୁମ୍ଭୀର କାନ୍ଦଣା ।
ଦୁନିଆଁ ଟା ହେଇଗଲା ଖାଲି ମିଛ ଖଚ
ସିନେମା, ଦୂରଦର୍ଶନ, ଭିଡିଓ, ଆଉ ସଂବାଦପତ୍ର
ଦୁର୍ନୀତି ବ୍ୟଭିଚାର ପ୍ରଚାର, ପ୍ରକାଶ କରି
ମିଛ କୁ ସତ କରି କିଣନ୍ତି ପ୍ରଶଂସା ପତ୍ର ।
ସଂସାରେ ବଡ ସାନ ନାହିଁ ଭେଦଭାବ
ସମାଜ ଟା ହେଇଗଲା ସ୍ଵାର୍ଥ ସର୍ବସ୍ଵ

ISSN NO.
2582-208X

ଏଠି କେହି କାହାର ନୁହେଁ ନିଜର
ତୋଷାମୋଦେ କରନ୍ତି ବୃଥା କଳରବ .....

ବାଃ  ବାଃ କରତାଳି ରେ ପ୍ରକମ୍ପିତ ସଭା ଗୃହ । ଉପସ୍ଥାପକ ଘୋଷଣା କରୁଛନ୍ତି, ବର୍ତ୍ତମାନ ଶୁଣିବା ଆମେମାନେ ରାଜନୀତି ଉପରେ ପର୍ଯ୍ୟବେଶିତ  ଆଉ ଏକ କବିତା, ଯୁବ କବି ପ୍ରମୋଦଙ୍କର–

ଭାଇ ଓ ଭଉଣୀମାନେ ଆସ ଶୁଣିବା
ସ୍ୱାଧୀନତା କଥା ଜାଣି  ଜଣାଇବା,
ସବୁଠି  ଚାଲିଛି ନିର୍ବାଚନ ପ୍ରଚାର
ଗାଡି, ମାଇକ, ଗୀତ ର ସଂଭାର
କିଏ କହୁଛି ଚମକାଇବି  ତୁମ ଦୁନିଆଁ
ଜିତିଗଲେ ଆମେ ବାହିବୁ ତୁମ ନାଆ ।
ପ୍ରଚାର  ଆଳରେ ଦଳ ଦଳ ଖାଲି ରାଜନୀତି,
ବେରୋଜଗାରିଆ  ଯୁବା ନିର୍ବାଚନେ ଗଲେ ମାତି
ଖାଲି ମୁଁ, ମୋର, ନାହିଁ ସାର୍ବଜନୀନ ଉନ୍ନତି ।
ହତ୍ୟା, ହଡପ, କଳାବଜାରୀ ଙ୍କ କୁପ୍ରଭାବ
ହଜିଯାଏ ମାନବିକତା, ସବୁ କିଛି ନିଷ୍ପ୍ରଭ .......

ମଞ୍ଚାସୀନ ଉଦ୍ୟୋକ୍ତାଙ୍କ କାନରେ ଜଣେ ଯୁବକ ଆସି କିଛି କହିଦେଇ ଗଲେ । ବହୁତ ଧନ୍ୟବାଦ,ପ୍ରମୋଦ ବାବୁ ।

ହଉ ଏଥର ଆସନ୍ତୁ, ସମସ୍ତେ ଶୁଣିବା ଆଉ ଏକ ବୁଦ୍ଧିଦୀପ୍ତ କବିତା ।  ଯେଉଁ କେତେଜଣ କବି ରହିଗଲେ  ତାଙ୍କ କବିତା ତ ଶୁଣିବା, ସେମାନଙ୍କୁ ପୁଣି ତ ସୁଯୋଗ ଦେବାକୁ ପଡିବ!

ISSN NO.
2582-208X

ଦିନ ଦୁଇଟା ବାଜିଲାଣି, କବିତା ଆବୃତି ସରୁନି । କିନ୍ତୁ ବାହାର ଅଗଣାରେ ଆସିଥିବା ଭାତ ଡାଲେମା ସରିଗଲାଣି। ସେତେବେଳକୁ ଅଧ୍ୟାପିକା ସାଗରିକା ପଢୁଥିଲେ, ସାଂପ୍ରତିକ ପରିସ୍ଥିତି ଆଧାରିତ ଏକ ଆଧ୍ୟାତ୍ମିକ କବିତା -

ମୋତେ ଯଦି ମିଳନ୍ତା ଏକ ଉଡନ୍ତା ଥାଳିଆ
ଉଡି ମୁଁ ଯାଆନ୍ତି ତୋ ପାଖକୁ ରେ କାଳିଆ ।
ଅବତାରୀ କଳ୍କି ରୂପେ ଆସିବ କି ପୃଥ୍ୱୀ କି
ସାବାଡ କରିବୁ ତୁ ଯେ ନେତା, ପ୍ରଜା ସମସ୍ତିଙ୍କି ।
ମୋତେ.......
ବୋଧ ଥିଲେ ବି ସମସ୍ତେ ଯେ ଅବୋଧ୍ୟ
ନୀତି, ଅନୀତି, ଭଲ, ମନ୍ଦ, ଠିକ ଆଉ ଭୁଲ
କିଛି ର ମୂଲ ନାହିଁ ଆଉ ଏ ସଂସାରେ
ତୋତେ ଗୁହାରି କରନ୍ତି ଆଖି ଟିକେ ଖୋଲ ।
ମୋତେ ........

ବସିଥିବା ପଚାଶ, ଷାଠିଏ ଜଣ ଖାଇବାକୁ ବସିଲା ବେଳକୁ ଆଉ ଖାଦ୍ୟ ନାହିଁ । କଣ କରାଯିବ । ଜଣେ ଯୁବ ଉଦ୍ୟୋକ୍ତା ପ୍ରଦୀପ ଲୋକମାନଙ୍କୁ ଶାନ୍ତ କରାଇବା ପାଇଁ ଓ ଆଶ୍ୱାସନା ଦେବା ପାଇଁ କହିଦେଲେ, ଆପଣମାନେ ଟିକିଏ ବସନ୍ତୁ। ବିଶ୍ୱାସ କରନ୍ତୁ, ଏହି ଅଳ୍ପ ସମୟ ରେ ଆଉ ଖାଦ୍ୟ ଆସିଯିବ।

ଖାଦ୍ୟ ପାଇଁ ଅପେକ୍ଷା କରିଥିବା କେହି ଜଣେ ହେଲେ ଏହି କଥା କୁ ବିଶ୍ୱାସ କରୁ ନ ଥିଲେ ମଧ୍ୟ ଅପେକ୍ଷା କରିବା ଛଡା ସେମାନଙ୍କ ପାଖରେ ଆଉ ବିକଳ୍ପ ବା କଣ ଥିଲା ।

ପ୍ରଦୀପ ବାହାରକୁ ଆସିଲେ, ପକେଟ ରେ ଚାଳିଶ କି ପଚାଶ ଟଙ୍କା ମାତ୍ର । କଣ କରିବେ କିଛି ଜାଣି ପାରୁ ନଥିଲେ। ମୁଣ୍ଡ ରେ କୌଣସି କଥା ପଶୁ ନ ଥିଲା । ଖାଇବାକୁ ଖାଦ୍ୟ ଆସିଯିବ ବୋଲି କହି ସିନା ଦେଲେ, କିନ୍ତୁ କେଉଁଠୁ ଆସିବ ଜାଣି ନଥିଲେ ।

ମୁଣ୍ଡଫଟା ଖରା । ଗେଟ ବାହାର କୁ ଆସିଲେ। ରାସ୍ତା ଘାଟ ଶୁନ ଶାନ। ଅନ୍ୟମନସ୍କ ଭାବରେ ଅଳ୍ପ କିଛି ବାଟ ଆସିବା ପରେ ତାଙ୍କ ଆଖି ସାମ୍ନାରେ ପଡିଲା, ଚାଳିଆ ହୋଟେଲ ଟିଏ । ଟିଣ ପଟାରେ ଚୂନ ରେ ଲେଖା ଯାଇଥିଲା, "ଶ୍ରୀ ଜଗନ୍ନାଥ ଭୋଜନାଳୟ" । ଭିତରେ ଜଣେ ବୟସ୍କ ବ୍ୟକ୍ତି, ହୋଟେଲ ର ମାଲିକ ବୋଧହୁଏ, ଆଉ ଜଣେ ଅଳ୍ପ ବୟସ୍କ ଯୁବକ । ପ୍ରଦୀପ ବିକଳ ହେଇ ପଚାରି ଦେଲେ, ମଉସା, କିଛି ଖାଇବାକୁ ଅଛି କି ?

କଣ ଖୋଜୁଛ ?

ଉତ୍ତର ପାଇଲେ, ଯାହା ଥିବ ।

ହୋଟେଲ ମାଲିକ କହିଲେ, କଣ କହିବି ତୁମକୁ । ଆଉ ଜଣେ ଚାଳିଶି, ପଚାଶ ଲୋକଙ୍କ ପାଇଁ ଭାତ, ଡାଲି, ଭଜା ତିଆରି କରିବାକୁ କହି ସକାଳୁ ଗଲେଣି। ବାରଟା ଭିତରେ ଆସିବେ କହିଥିଲେ, ଏବେ ଦୁଇଟା ବାଜିଲାଣି କିନ୍ତୁ ତାଙ୍କର ଦେଖା ନାହିଁ ।

ହୋଟେଲ ମାଲିକ ପୁଣି ପଚାରିଲେ ତୁମର କେତେଜଣଙ୍କ ପାଇଁ ଖାଦ୍ୟ ଦରକାର ?

ପ୍ରଦୀପ ଉତ୍ତର ଦେଲେ ,ଆପଣ ଯେତେ ରାନ୍ଧିଛନ୍ତି ମୋର ସବୁତକ ଦରକାର। ହେଲେ, କେତେ ପଇସା ପଡିବ ?

ହୋଟେଲ ମାଲିକ ମଉସା ଉତ୍ତର ନ ଦେଇ ଓଲଟା ପଚାରିଲେ, କେଉଁଠିକୁ ନେବ?

ପ୍ରଦୀପ ହାତ ଦେଖାଇ କହିଲେ, ଏହି ଶହୀଦ ଭବନ ଭିତରକୁ । ଆମର ଖାଦ୍ୟ ନିଅଣ୍ଟ ପଡିଲା, ସେଥିପାଇଁ ଏ ଦିନ ଦିପହରେ ରଡ ଖରାରେ ଖାଦ୍ୟ ସନ୍ଧାନ ରେ ଆସିଥିଲି।

ହୋଟେଲ ମାଲିକ ତାଙ୍କର ସହକାରୀଙ୍କୁ କହିଲେ, ବାବୁଙ୍କ ସାଙ୍ଗରେ ମିଶି ସବୁ ଖାଦ୍ୟ ନେଇଯାଅ ।

ISSN NO.
2582-208X


ପ୍ରଦୀପ ଆଗପଛ ନ ଭାବି ଫେରିଲେ । ମନେମନେ ସର୍ବନିୟନ୍ତାଙ୍କ ଉଦ୍ଦେଶ୍ୟ ରେ ପ୍ରଣିପାତ କରୁଥିଲେ । ପଛ ରୁ ଶୁଭୁଥିଲା, ଟିକିଏ ଶୀଘ୍ର ଆଣି ହାଣ୍ଡି ଡେକଚି ଫେରାଇବାର ବ୍ୟବସ୍ଥା କରିବ, ଖରା ବେଶି ହେଲାଣି, ମୁଁ ଘରକୁ ଯିବି ।

ଯେଉଁମାନେ ଅପେକ୍ଷା କରିଥିଲେ, ସମସ୍ତଙ୍କ ପେଟ ଭୋକ ରେ ଆଉଟ ପାଉଟ ହେଉଥିଲା। ସେମାନଙ୍କୁ ଖାଇବାକୁ ଯେ ମିଳିବ ଏ ଆଶା ସେମାନଙ୍କର ମଉଳି ଯାଉଥିଲା । ସମସ୍ତେ କଥା ହେଉଥିଲେ, ପ୍ରଦୀପ ବାବୁଙ୍କ କଥାରେ ସେମାନେ ସିନା ଆସିଗଲେ, ଆଉ ଆଶାତୀତ ସାହିତ୍ୟିକ ଓ କବି, ଲେଖକମାନଙ୍କ ସହ ସାକ୍ଷାତ ହେବା ର ସୁଯୋଗ ମିଳିଲା। କିନ୍ତୁ ବୋଧହୁଏ ଉଦ୍ୟୋକ୍ତାମାନେ ଏତେ ବେଶୀ ଯୁବ ଲେଖକ ଆସିବେ ବୋଲି ଭାବି ନ ଥିଲେ । ତେଣୁ ଆୟୋଜନ ରେ କିଛି ଊଣା ରହିଗଲା ।

ଏବେ ତ ସମସ୍ତେ ଆନନ୍ଦ ରେ ଖାଇଲେ । ପ୍ରଦୀପ ଅନ୍ୟ କିଛି ଉଦ୍ୟୋକ୍ତା ବନ୍ଧୁଙ୍କୁ କହିଲେ, ଆରେ ଯାହା ପାଖରେ ଯେତେ ଟଙ୍କା ଅଛି, ମାନେ, ପାଞ୍ଚ, ଦାଶ, କୋଡିଏ ବାହାର କର । ସେ ସବୁ ଟଙ୍କା ଓ ତାଙ୍କ ପକେଟ ରେ ଥିବା ଟଙ୍କା ଏକାଠି କରି ଦେଖିଲେ, ଶହେ ପଚିଶି ଟଙ୍କା ହେଲା । ହୋଟେଲ ର ସହକାରୀଙ୍କ ସହିତ ଖାଲି ହାଣ୍ଡି ଡେକଚି ଧରି ଯଥା ଶୀଘ୍ର ଯାଇ ମଉସାଙ୍କ ପାଖରେ ପହଞ୍ଚିଲେ । ମନରେ ଆଶଙ୍କା, ମୁହଁ ରେ ତୃପ୍ତି ଓ ଆଖି ରେ ଆନନ୍ଦ ର ଦୁଇ ଟୋପା ଲୁହ । ପଚାରିଲେ ଆଜ୍ଞା, କେତେ ଟଙ୍କା ଦେବି ?

ମାଲିକଙ୍କ ର ଅଲଗା ଉତ୍ତର, ତୁମର ସବୁ ଲୋକ ଖାଇଲେ ତ ?

ଆଜ୍ଞା, ସମସ୍ତେ ଖାଇଲେ ।

ଏଥର ସେ ପଚାରିଲେ, ତୁମ ପାଖରେ କେତେ ଟଙ୍କା ଅଛି ?

ପ୍ରଦୀପ କହିଲେ ଏକଶହ ପଚିଶି ଟଙ୍କା ।

ମଉସା କହିଲେ, ସେତିକି ଦିଅ ।

ISSN NO.
2582-208X


କେମିତି କୃତଜ୍ଞତା ଜଣାଇବେ ପ୍ରଦୀପ ସେ କଥା ଭାବିବା ବେଳକୁ ତାଟି କବାଟ ରେ ବାଉଁଶ ଢିରା ଦେଇ ମଉସା ଓ ତାଙ୍କ ସହକାରୀ ଚାଲି ଯାଉଥିଲେ। ହଠାତ କେଉଁ ଆଡୁ କାଳ ବୈଶାଖୀ ଭଳି ଦମକାଏ ପବନ ଆସିଲା, ତା ପରେ ଭଲ ଅସରାଏ ବର୍ଷା ମଧ୍ୟ ହେଲା ।

ଧୀରେ ଧୀରେ ଲୋକମାନେ ଜଣେ ଜଣେ ହେଇ ଫେରିବାକୁ ଆରମ୍ଭ କରିଥିଲେ । ସମ୍ମିଳନୀ ର ସଭାପତି ଆସି ପହଞ୍ଚିଲେ, ପ୍ରଦୀପ, ଯାହାହେଉ ତୁମେ ଆଜି ମାନମହତ ରଖିଦେଲ ।

ପ୍ରଦୀପ କିଛି ଉତ୍ତର ନ ଦେଇ ଟିକିଏ ହସିଦେଲେ ।

ବୋଧହୁଏ ବର୍ଷା ଯୋଗୁଁ ଶାନ୍ତ ହୋଇଥିଲା ଧରଣୀ, ଆଉ ଶାନ୍ତ ହୋଇଥିଲା ଉଦର, ମନ ଓ ପରିବେଶ ।

ମାର୍ଫତ– ପ୍ରଫେସର ଶ୍ରୀନିବାସ ପାଠୀ,
ଲୋକ ପ୍ରଶାସନ ବିଭାଗ,
ମିଜୋରମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ତାନସିଲ
ଆଇଜଲ, (m) 9437762732

ISSN NO.
2582-208X

# ରାତି



ରଂଜୀତ ପଣ୍ଡା

ଝିଙ୍କାରିର ଛାତିଫଟା ଚିତ୍କାର
ଆକାଶର ନୀରବତା
ମୋ ଝରକା ଫାଙ୍କରେ ଦିଶୁଥିବା
ଦୂର ଦିଗବଳୟ
କେଉଁ ବ୍ୟସ୍ତ ମଣିଷର ମାଦକତା,
ସୀମାନ୍ତରେ ବୀର ସୈନିକ,
ଫାଟକ ମୁହଁରେ ଘୁଙ୍ଗୁଡ଼ି ମାରୁଥିବା
ବୃଦ୍ଧ ଦରୱାନ,
ପ୍ରତିକ୍ଷିତ ଉତ୍ସବର ରାତି,
ଅବର୍ଣ୍ଣନୀୟ ରାତିର ଉପମା....
ମହାଭାରତ କିମ୍ବଦନ୍ତୀ
ରାତି ତମାମ ଭ୍ରାତୃଭାବ  !
ସତୀ ନାରୀର ଚିତ୍କାର
ନ ପାହୁ ରାତି...ନ ମରୁ ପତି... !

ପୁଣି କାହାପାଇଁ ରାତି ଅଶୁଭ......
କେଉଁ ରାତିର ହିସାବ ଦେବି !
ରୋଗୀର ନିଦହୀନ ରାତି,
ଅଭିଶପ୍ତ ସୁନାମି ରାତି
ରାତିର ତାତ୍ପର୍ଯ୍ୟ ଅସୀମ ।

ପ୍ରଥମ ଶ୍ରେଣୀର କୁନି ପିଲାର ପ୍ରଶ୍ନ,
ଯଦି ରାତି ନ ଥାନ୍ତା ??
ମୁଁ ଜ୍ଞାନହୀନ କବି...ନିରୁତ୍ତର !
ପଚାର ସେ ସ୍ରଷ୍ଟାଙ୍କୁ ଏବଂ
ଢଳିଯାଉଥିବା ସୂର୍ଯ୍ୟଙ୍କୁ ।

ଭି.ଏସ୍.ଏସ୍.ନଗର, ଭୁବନେଶ୍ୱର (ଓଡିଶା)
ହ୍ୱାଟ୍ସଅପ: ୯୮୬୧୪୦୪୭୨୭
E-mail:pandaranjeet@gmail.com

ISSN NO.
2582-208X

# ତୁମେ ଥିବାରୁ



ପୁଷ୍ପାଞ୍ଜଳି ପଣ୍ଡା

ତୁମେ ଥିବାରୁ
ପୃଥିବୀ ଲାଗୁଛି ସୁନ୍ଦର
ପକ୍ଷୀ ଗାଉଛି ଗଜଲ୍ ।
ନଦୀ ଧାଏଁ, ସାଗର କୁ ଛୁଏଁ
ଆଖି ଭର୍ତ୍ତି ଲୁହ ଟଳମଳ ହୁଏ
ତୁମ ଭାବନାରେ ।।

ଖରା ଆଉ ବର୍ଷା
ନାଚୁଥାନ୍ତି ତୁମ ଇଙ୍ଗିତରେ
ସକାଳ ଶୀତ ଅଳସ ଭାଙ୍ଗୁଥାଏ
ସମୟ ଉତୁରଉଥାଏ କଁଅଳ ଖରାରେ
ସୁଖର ଫସଲ ।।
ତୁମେ ହୃଦୟର ପ୍ରତିଟି କୋଣରେ
ଥିବାରୁ ତ,
ଶିହରିତ ହୃଦୟଟା ଆନନ୍ଦରେ କୁରୁଳ ଉଠୁଛି
ପ୍ରେମର ଝଙ୍କାର ଶୁଭୁଛି ।

ତୁମେ ଥିବାର ବିଶ୍ୱାସ
ତୀବ୍ର କରେ ପ୍ରତିଟି ନିଶ୍ୱାସ
ଯନ୍ତ୍ରଣା ର ଟାଣେ ପୂର୍ଣ୍ଣ ଛେଦ

ISSN NO.
2582-208X

ଦୁନିଆ ହଜିଯାଉଛି
ତୁମେ ଥିବାର ମୂର୍ଚ୍ଛନାରେ,
ଖୁସୀର ଲୁହ ଫୁଲ
ଝରଝର ଝରେ ପ୍ରତି ସମ୍ପର୍କରେ!!
ତୁମେତ ପୁରି ରହିଛ
ପ୍ରତି ଭାବନାରେ
ତୁମେ ଥିବାରୁ ତ
ଜୀବନ ରେ ସକଳ ଆବେଗ
ସକଳ ଉଦବେଗ ।

ଅବିଶ୍ୱାସୀ ଆୟୁଷର
ଅଦେଖା ଭୟରେ
ଭୟ ନାହିଁ ଜମା
ତୁମେ ଅଛ ଟେକନେବ
ଆସୁପଛେ ଯେତେ ଖାଲଖମା!!
ଏବେ ମରଣ ର ଡ଼ରନାହିଁ
ଯେତେବେଳେ ଆସୁ ଯେତେ ଜଗିବସୁ
ଏକା ଏକା ଦୌଡୁଥିବି
ତୁମେ ଅଛ, ଏଇ ବିଶ୍ୱାସ ରେ
ବିଭୋର ହୋଇବି।।

ଯୋଜନା ଓ ସମନ୍ୱୟ ବିଭାଗ
ଓଡ଼ିଶା ସରକାର

ISSN NO.
2582-208X

# କବି ଯଦୁମଣି ମହାପାତ୍ର



ବରଦା ପ୍ରସନ୍ନ ଦାସ

ଓଡିଆ ସାହିତ୍ୟରେ ଗୀତିଯୁଗର ସର୍ବଶେଷ ସାରସ୍ୱତ ପ୍ରତିଭା କବି ଯଦୁମଣି ମହାପାତ୍ର ୧୭୮୧ ମସିହା ଜାନୁଆରୀ ମାସ ୮ ତାରିଖରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୮୬୬ ମସିହା ଜୁଲାଇ ୨ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ ।

ଓଡିଆ ସାହିତ୍ୟର ଅନନ୍ୟ ସ୍ରଷ୍ଟା ଯଦୁମଣିଙ୍କ ଜୀବନ ଯେପରି କୌତୂହଳୋଦ୍ଦୀପକ ସେହିପରି ବିଚିତ୍ର, ବିବିଧ ସାରସ୍ୱତ ସମ୍ଭାରରେ ବିମଣ୍ଡିତ । ସାହିତ୍ୟ ରସିକ ଯଦୁମଣି ବହୁଶାସ୍ତ୍ରଦର୍ଶୀ ସଂସ୍କୃତ ପଣ୍ଡିତ ଥିଲେ । ପୁରାଣ, କାବ୍ୟ, ଅଳଙ୍କାର, ଶିଳ୍ପଶାସ୍ତ୍ର, ସଂଗୀତଶାସ୍ତ୍ର, ଜ୍ୟୋତିଷ ଓ ଦର୍ଶନଶାସ୍ତ୍ରରେ ତାଙ୍କର ଗଭୀର ବ୍ୟୁତ୍ପତ୍ତି ଥିଲା । କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ଥିଲେ ତାଙ୍କର କାବ୍ୟଗୁରୁ । ତାଙ୍କରି କାବ୍ୟାଦର୍ଶରେ ବିଭିନ୍ନ ରାଗରାଗିଣୀ ଅଳଙ୍କାର ସମନ୍ୱିତ କାବ୍ୟ, ଚଉପଦୀ, ଭଜନ, ଜଣାଣ ଓ ଗୀତି-କବିତାମାନ ସୃଷ୍ଟି କରି ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଯାଇଛନ୍ତି । ରାମଚରିତ ଓ କୃଷ୍ଣଚରିତ ଭିତ୍ତିକ ଭକ୍ତକାବ୍ୟ "ରାଘବ ବିଳାସ" ଓ "ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର" ଓଡିଆ ସାହିତ୍ୟ ଜଗତକୁ ତାଙ୍କର ସର୍ବଶ୍ରେଷ୍ଠ ଅବଦାନ । ତାଙ୍କର ରଚନାଶୈଳୀ ସ୍ୱତନ୍ତ୍ର ଓ ମୌଳିକ ଏବଂ ଏହାର ପଦଗୁମ୍ଫନ, ଲାଳିତ୍ୟ, ଅର୍ଥାଭିବ୍ୟକ୍ତି ଓ ଚମତ୍କାରିତା ଅନବଦ୍ୟ ଓ ଅନୁପମ । ସାଧୁଶବ୍ଦ ସହ ଦେଶଜ ଶବ୍ଦର ସୁନ୍ଦର ସଂଯୋଜନ କରି ଶବ୍ଦଶିଳ୍ପ ନିର୍ମାଣରେ ସେ ଅସାଧାରଣ କୃତିତ୍ୱ ପ୍ରଦର୍ଶନ କରିଛନ୍ତି ।

ଚନ୍ଦକର ପରିବାରର ପାରମ୍ପରିକ କୌଳିକବୃତ୍ତି ଅନୁଯାୟୀ ଦେବ ବିଗ୍ରହମାନଙ୍କର ଚନ୍ଦଣ ଏବଂ କାଷ୍ଠ ଓ ପ୍ରସ୍ତର ବିଗ୍ରହମାନ ନିର୍ମାଣ କରିବାରେ ସେ ଅପୂର୍ବ ପାରଦର୍ଶିତା ଲାଭ

ISSN NO.
2582-208X

କରିଥିଲେ । ମନ୍ଦିର ଗାତ୍ରରେ ବିଭିନ୍ନ ପୌରାଣିକ ଆଖ୍ୟାନର ଖୋଦନ ଓ ଚନ୍ଦଣ ସହ ପଟ୍ଟଚିତ୍ର ଶିଳ୍ପକଳାରେ ମଧ୍ୟ ସେ ଖ୍ୟାତି ଅର୍ଜନ କରିଥିଲେ ।

ସଭାକବି ଯଦୁମଣି ଜଣେ ଆଶୁକବି, ହାସ୍ୟରସିକ, ବ୍ୟଙ୍ଗକାର ତଥା କଥାସାଗର ଭାବରେ ସାରା ଓଡିଶାରେ ସୁପରିଚିତ । ତାଙ୍କର ହାସ୍ୟରସାତ୍ମକ କବିତା ଅତ୍ୟନ୍ତ ରସସିକ୍ତ ଓ ଶ୍ରୁତିମଧୁର । ତାଙ୍କର ପାଣ୍ଡିତ୍ୟ ତଥା କବିତ୍ୱ ତାଙ୍କ ପ୍ରତ୍ୟୁତ୍ପନ୍ନମତିତାର ପରିଚାୟକ । ଜୀବନଜଞ୍ଜାଳ ଓ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇ ମଧ୍ୟ ସେ ଥିଲେ ସଦା ଅବିଚଳିତ । ରାଶି ରାଶି ହାସ୍ୟୋଦ୍ଦୀପକ ରସପୂର୍ଣ୍ଣ କବିତା ରଚନା କରି ସେ ଜନମାନସରେ ବିମଳ ହାସ୍ୟରସ ସୃଷ୍ଟି କରି ନିଜେ ଆମୋଦିତ ହେଉଥିଲେ । ତାଙ୍କ ସମ୍ପର୍କରେ ପ୍ରଚଳିତ ବହୁ ବିଚିତ୍ର ଓ ରହସ୍ୟପୂର୍ଣ୍ଣ କଥାମାନ ଏବେବି ସମସ୍ତଙ୍କୁ ଆହ୍ଲାଦିତ କରେ । ସେହି ମହାନ ପ୍ରତିଭାଧର ଉତ୍କଳଘଣ୍ଟ କବି ଯଦୁମଣି ଏ ଜାତିର ଚିର ନମସ୍ୟ ।

ମହାନ୍ତି ଲେନ୍, କେଶରପୁର
କଟକ, ମୋ: ୯୮୬୧୧୪୫୬୮୭

ISSN NO.
2582-208X

# ଚନ୍ଦନ ଯାତ



ତନୁଶ୍ରୀ ଅନିନ୍ଦିତା ପଟ୍ଟନାୟକ

ଦେଖଦେଖ ଲୋ ସଙ୍ଗାତ
ଅକ୍ଷୀ ତୃତୀୟାରେ ପଡେ ଚନ୍ଦନ ଯାତ
ନରେନ୍ଦ୍ର ସର ଅଟେ କେଡେ ଭାଗ୍ୟବାନ
ଗୁପ ଖେଳନ୍ତୁ ସେଠି ରଘୁନନ୍ଦନ ।

ମଣିବିମାନେ ବିରାଜି ବଡଠାକୁର
ଜଳକ୍ରୀଡା ନିମନ୍ତେ ଯାନ୍ତୁ ନରେନ୍ଦ୍ରସର
ଦେହସାରା ମାଖି ଘୋରା ଚନ୍ଦନ
ଗୁପଖେଳନ୍ତୁ ଯାଇ ନନ୍ଦନନ୍ଦନ ।

ଚଉଦିଗ ବାସେ ଖାଲି ଚନ୍ଦନ ଚନ୍ଦନ
ତୁଳସୀ ଦୟଣାରେ ଛାଇଥାନ୍ତୁ କଳାବଦନ
କି ଶୋଭା ଦିଶନ୍ତୁ ଆହାଃ ମଦନମୋହନ
ଗୁପ ଖେଳନ୍ତୁ ଭକତ ମେଳେ ବଂଶୀବଦନ ॥

ମଠସାହି, ତୁଳସିପୁର

ISSN NO.
2582-208X

# ଭାବ



କୀର୍ତ୍ତି ଦେବୀ

କେଉଁ ଅର୍ଥରେ ବୁଝାଇବି ତତେ କହ “ଭାବ”

କି ଭାବେ ଲେଖିବି ତୋର ଆବେଗ ।

ତତେ ଯିଏ ଦେଇ ନାହିଁ ହୃଦୟେ ସ୍ଥାନ

ସେ ଅମଣିଷ ରୂପେ ପରିଚିତ ।

ତୋର ଆଦାନେ – ପ୍ରଦାନେ ପଥର ବି କଥା ହୁଏ

ଭାବରେ ବିଭୋର ହେଲେ ଶୂନ୍ୟବାଣୀ ଶୁଭେ ।

ପ୍ରେମ ଓ ଘୃଣାକୁ ତୁ ଏକାଠି କରି ଧରିଛୁ

ଯାହାକୁ ଯେପରି ଲୋଡା ସେପରି ଦେଉଥାଉ ।

ତୁ ଥିଲେ ଭକ୍ତି ଆସେ

ଭକ୍ତି ଥିଲେ ଭାବ ହୁଏ ପ୍ରେମମୟ ।

ସିଭିଲ୍ ଟାଉନସିପ୍, ରାଉରକେଲା
ମୋବାଇଲ -୯୫୮୩୮୩୩୮୨୭

ମଇ – ୨୦୨୨
www.vedantimagazine.com
ISSN NO.
2582-208X

# ଓଡିଶା



ତପନ ଦୀକ୍ଷିତ (ବେଳାଭୂମି)

'ଗରବେ କହିବି ଓଡ଼ିଆ ପୁଅ ମୁଁ
ଓଡ଼ିଆ ମୋ ମାତୃ ଭାଷା
ଯାହାର ପବନ ପ୍ରତି ନିଶ୍ୱାସେ ମୋ
ପାଣି ଯା ଶୋଣିତେ ମିଶା’’
(ବନ୍ଦେ ଉତ୍କଳ ଜନନୀ )'
*************

ମଳୟରେ ଯା’ର ତୁଳସୀ ମହକ
ଭକତିର ଛୁଆଁ ଦିଏ
ଗାଈଆଳ ପିଲା ନିତି ସଞ୍ଜେ ଯହିଁ
ମୁରଲୀ ବଜାଇ ଯାଏ,
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷେ ଯହିଁ
ଅଇଁଠା ଅବଢା ଖାଇ
ପ୍ରେମ ବାଂଟୁଥାନ୍ତି ସଭିଏଁ ଯେଉଁଠି
ଆନନ୍ଦେ ବିଭୋର ହୋଇ,
ଯାହାର ଠାକୁର ଜଗତର ନାଥ
ସାଗର ଯା ମହୋଦଧି
କୁଳୁ କୁଳୁ ଛନ୍ଦେ ବହି ଚାଲିଥିବା
ସରିତ ଯା ମହାନଦୀ,

ISSN NO.
2582-208X


ଚଣ୍ଡାଶୋକ ଯହିଁ ଧର୍ମାଶୋକ ହୋଇ
ନୁଆଁଇଲେ ତାଙ୍କ ମଥା
ଭଗ୍ନ କୋଣାରକ ଗର୍ବେ କୁହେ ଯହିଁ
ଅମର କୀର୍ତ୍ତିର ଗାଥା,
ମାଟିରୁ ଯାହାର ମଧୁ ଗନ୍ଧ ଛୁଟେ
ସ୍ନେହ ବୋଳା ଯାର ଭାଷା
ସୁଜଳା ସୁଫଳା ଚାରୁ ଲାସ୍ୟମୟୀ
ସେଇ ମୋ ଦେଶ ଓଡିଶା ।।

ନାସିକେଶ୍ୱର,କାକଟପୁର,
ପୁରୀ(ଓଡିଶା)

ISSN NO.
2582-208X

# ଛେନା ପୋଡ



ଶାନ୍ତିଲତା ମିଶ୍ର

"ତନ୍ମୟ'ଙ୍କ ପାଇଁ ପ୍ରମୋଶନ ପାର୍ଟି ଆୟୋଜନର ଦାୟିତ୍ୱ "ତମସା' ନେଇଛି । ତନ୍ମୟଙ୍କୁ ସବୁ ପ୍ରକାର ମିଠା ଖାଇବା ବହୁତ ପସନ୍ଦ । ସବୁଠୁ ପସନ୍ଦ ଓଡିଶାର ଛେନାପୋଡ । ତାଙ୍କ ଡିପାର୍ଟମେଣ୍ଟର ଯୋଉମାନେ ରୋଷେଇ କରିବାକୁ ପସନ୍ଦ କରନ୍ତୁ ସେଇମାନଙ୍କ ମଧ୍ୟରେ କିଏ କଣ ରୋଷେଇ କରି ଆଣିବ ବାଣ୍ଟି ଦିଆଗଲା ପରେ ତମସା ଛେନାପୋଡ କରିବାର ଦାୟିତ୍ୱ ନିଜେ ନେଲା । ପାର୍ଟିଟା ଶନିବାର ରାତିରେ "ରାକ୍ଷୀ'ର ଘରେ ହବାର ସିଦ୍ଧାନ୍ତ କରାଗଲା । ରାକ୍ଷୀର ଅପେକ୍ଷାକୃତ ସମସ୍ତଙ୍କ ଠାରୁ ବଡ ଘର ଓ ସେ ତନ୍ମୟଙ୍କର ଦୂର ସଂପର୍କିୟ ମାଉସୀ ଝିଅ ଭଉଣୀ ।

ପ୍ରଥମେ ତ ଯାଇ କେଉଁ ହୋଟେଲରେ ପାର୍ଟି ଆୟୋଜନର ନିଷ୍ପତ୍ତି କରାଗଲା । ପୁଣି ସମସ୍ତେ ମନ ପରିବର୍ତ୍ତନ କଲେ । କାରଣ ଅଫିସ୍ ର ଯେତେ ବଡ ବଡ ପାର୍ଟି ସବୁ ହୋଟେଲ ମାନଙ୍କରେ ହିଁ ଆୟୋଜନ କରାଯାଏ । ଏଇଟା କିନ୍ତୁ ତନ୍ମୟଙ୍କର ବ୍ୟକ୍ତିଗତ ପାର୍ଟି ଘରୋଇ ସମାବେଶରେ ପାଳନ କରିବାକୁ ଇଛା କଲେ ସମସ୍ତେ । ତା ବ୍ୟତିତ ଏହା ଏକ ସରପ୍ରାଇଜ୍ ପାର୍ଟି ଥିଲା ତମସା ତରଫରୁ ।

ତମସା ଆଉ ତନ୍ମୟ ବର୍ଷେ ହେବ ଡେଟିଙ୍ଗ୍ କରୁଛନ୍ତୁ । ଭବିଷ୍ୟତରେ ବିବାହର ସମ୍ଭାବନା ଟା ବହୁତ ବେଶୀ । ପରସ୍ପରର ସାନିଧରେ ଦୁହେଁ ବହୁତ ଖୁସି । ତେଣୁ ରାକ୍ଷୀ ଘରେ ପାର୍ଟି କଲେ ସେ କିଛି ସନ୍ଦେହ କରି ପାରିବେନି ଏ ପାର୍ଟି ବିଷୟରେ । ରାକ୍ଷୀ ଠାରୁ ତନ୍ମୟ ନିମନ୍ତ୍ରଣ ଗ୍ରହଣ କରି ସାରିଲା ପରେ ତମସା ଖାଦ୍ୟପେୟର ସମସ୍ତ ବ୍ୟବସ୍ଥା ଅନ୍ୟମାନଙ୍କ ସହାୟତାରେ କରିନେଲା । ଘରୋଇ ପରିବେଷରେ ପାର୍ଟି ହେଲେ ଟିକେ ବେଶୀ ଜମେ ।

ହସ ଖୁସି ମନଖୋଲା ଗପ ବହୁତ ହୁଏ । ରାତି ଯେତେ ହେଲେ ବି ଚଳେ, କେହି ଆପତ୍ତି କରନ୍ତି ନାହିଁ ।

ସବୁ ଠିକ୍ ଠାକ୍ ହୋଇ ସାରିଲା ପରେ ରୋଷେଇ କଥା ମୁଣ୍ଡର ପଶିଲା । ଏମିତିରେ ତମସାର ରୋଷେଇରେ ବିଶେଷ ପାରଦର୍ଶିତା ନାହିଁ । ବେଶୀ ଦିନ ସେ ବାହାରୁ ଖାଇବା ମଗାଇ କାମ ଚଳାଏ । କେବେ କେମିତି ମନ ହେଲେ ୟୁଟ୍ୟୁବରୁ କିଛି ରୋଷେଇ ଶିଖି କରେ ଯେ କିନ୍ତୁ ତାହା ଏତେ ସ୍ୱାଦିଷ୍ଟ ପରି ତାର ମନେ ହୁଏ ନାହିଁ । କେବେ କେବେ ଭଲ ହୁଏ, କେବେ କେବେ ନୁହେଁ । ଆଜି କିନ୍ତୁ ଦଶ ବାରଟା ରୋଷେଇ ଚ୍ୟାନେଲ ଦେଖି ଛେନା ପୋଡର ରେସିପ୍ ବାହାର କଲା ।

ଶନିବାର ସକାଳୁ ଉଠି କାମରେ ଲାଗିଗଲା । ସନ୍ଧ୍ୟାରେ ପାର୍ଟି ଅଛି । କୁକ୍ ଯାହା କହିଲେ ଅକ୍ଷରେ ଅକ୍ଷରେ ସେଇ ଅନୁସାରେ ସବୁ କରି ଗଲିଲା । ଛେନା ପୋଡକୁ ଓଭେନରେ ବସେଇ ଦେଇ ରାତିରେ କି ଡ୍ରେସ୍ ପିନ୍ଧିବ ମ୍ୟାଚିଙ୍ଗ ଗହଣା, ଚପଲ, ପର୍ସ ରେଡି କରିବାରେ ଲାଗିଗଲା । ମନ ତାର ଆଜି ଆକାଶରେ ଉଡୁଛି । ତନ୍ମୟଙ୍କୁ ତା ଆଡକୁ ଯେତେ ପାରେ ସେତେ ଆକର୍ଷିତ କରିବାର ଅଛି ।

ଏବେ ତ ତନ୍ମୟ ମ୍ୟାନେଜର ପୋଷ୍ଟକୁ ଚାଲିଯିବେ । ତାଙ୍କ ଡିଉ ଆହୁରି ବଢିଯିବ । କୌଣସି କାରଣରୁ ମନ ତାଙ୍କର ପରିବର୍ତ୍ତନ ହେବା ପୂର୍ବରୁ ବିବାହ ପାଇଁ ତାଙ୍କୁ ଶପଥ କରେଇନେବା ଉଚିତ୍ । ସେ କାମ ଯେତେ ଶିଘ୍ର ସରିଯିବ ସେତେ ଭଲ । ମନ ପସନ୍ଦର ପାତ୍ର ସବୁବେଳେ ମିଳେନା । ସେ ଜାଣେ ତନ୍ମୟଙ୍କ ଉପରେ ଆଉ କିଛି ଝିଅଙ୍କର ବି ଆଖି ଅଛି । ତା ତରଫରୁ ସାମାନ୍ୟ ତମ ତ୍ରୁଟିରେ ସେମାନେ ସୁଯୋଗ ପାଇଯିବେ । ନା ସେପରି ସୁଯୋଗ ସେ ଅନ୍ୟ କାହାକୁ ଦେବନାହିଁ ।

ଘଣ୍ଟାଏ ଲାଗିବ ଛେନା ପୋଡ ହେବାକୁ । ସମୟ ବହୁତ ଅଛି ହାତରେ । ବେଶ ପୋଷାକ, ହେୟାର ଷ୍ଟାଇଲ୍ ୟୁଟ୍ୟୁବରୁ ଦେଖି କିଛି ନୂଆ ପ୍ରକାର କରିବାକୁ ଠିକ୍ କରିନେଲା । ନିଜ ଭାବନାରେ ଓ ନିଜ କାମରେ ଏତେ ନିମଗ୍ନ ହୋଇଗଲା ଯେ ସେ ଭୁଲିଗଲା ଏହା ଭିତରେ

ISSN NO.
2582-208X

ତିନ ଘଣ୍ଟା କେତେବେଳେ ଗ୍ଭଲି ଗଲାଣି । ସେ ତ ଘଣ୍ଟାରେ ଆଲାର୍ମ୍ ଦେଇଥିଲା ବାଜିଲା ନାହିଁ କାହିଁକ ?

ଓ ନୋ! ସେ ଓ୍ୱାନ୍ ପି.ମ୍. ଜାଗାରେ ଏ.ମ୍. ଲଗେଇ ଦେଇଛି । ଯାଇ ଦେଖିଲା ବେଳକୁ ଛେନା ପୋଡ ପୁରା ପୋଡି କଳା ପଡି ଯାଇଛି । ମନ ଟା ଫିକା ପଡିଗଲା । ଆଉ ଥରେ କରିବାର ସାହାସ ଧୈର୍ଯ୍ୟ ଓ ମନୋବଳ ରହିଲା ନାହିଁ । କନ୍ତୁ ନଜକୁ ଅପସରୀ ବେଶରେ ସଜେଇବାକୁ ଭୁଲିଲାନ । ସେଇଟା ତ ତା ହାତରେ ଅଛି । କଛି ଟାରେ ସେ ତନ୍ମୟଙ୍କୁ ମୁଗ୍ଧ କରିବାର ତ ଅଛି । ତାଙ୍କ ପସନ୍ଦର ଶାଢୀ ପିନ୍ଧି ସେ ଘରୁ ଶିଘ୍ର ବାହାରି ଗଲା । ପାର୍ଟି ସମୟର ବହୁ ଆଗରୁ ।

ଯିବା ବାଟରେ ସେ ଓଡିଶା ସ୍ୱିଟ୍ ଷ୍ଟୋରକୁ ଯାଇ ଆବଶ୍ୟକତା ଠାରୁ ଅଧିକ ପରିମାଣର ଛେନା ପୋଡ କଣି କରି ନେଇଗଲା । ସେମାନଙ୍କୁ ତିନ ଘଣ୍ଟା ଆଗରୁ ଅର୍ଡର ଦେଇ ଥିଲା । ଛେନା ପୋଡର ପ୍ରଶଂସା ସମସ୍ତଙ୍କ ମୁହଁରେ । ବିଶେଷତଃ ତନ୍ମୟଙ୍କ ମୁହଁରେ । ସେ ସତ ମୁଖର ହୋଇ ପ୍ରଶଂସା କରି ଗ୍ଭଲିଥାନ୍ତୁ । ଯିଏ ଯିଏ ସବୁ ରେଷିପି ମାଗୁ ଥାଆନ୍ତୁ ତମସାକୁ, ସେମାନଙ୍କୁ ପରେ ଦେବ କହି କଥା ଏଡଇ ଦେଇ, ସେଦିନ ସେ ଘରକୁ ଫେରିଥିଲା ।

ସେଦିନ ପାର୍ଟିଟା ମନେ ରହିବା ପରି ବେଶ୍ ମନୋରଞ୍ଜକ ହୋଇଥିଲା । ଗପ ସପ ମନଖୁସି ଖିଆ ପିଆ ସବୁ ଯେମିତି ହବା କଥା ସବୁ ଭଲରେ ହୋଇଥିଲା । କନ୍ତୁ ତମସାର ମନ ଭିତରେ ଯେତେ ଖୁସି ମିଳବା କଥା ସେତେ ମିଳ ନଥିଲା । ସେ ନଜ ହାତରେ ଆଜି ତନ୍ମୟଙ୍କୁ ଛେନା ପୋଡ ଖୁଆଇ ବିସ୍ମୟ କରି ଦେଇ ଥା'ନ୍ତା ସବୁ ପରି କଳ୍ପନା ନଷ୍ଟ ହୋଇଗଲା । ନା ସେପରି କଛି ହେଲା ନାହିଁ ।

ତା ପରେ ଗ୍ଭରି ମାସ ପରେ ତନ୍ମୟଙ୍କ ସହିତ ତମସାର ବଡ ଧୁମ୍ ଧାମରେ ବାହାଘର ଯେମିତି ହବା କଥା ସେମିତି ପୂର୍ବ ଯୋଜନା ମୁତାବକ ହୋଇଗଲା । ତନ୍ମୟ ସେଦିନ କହିଥିଲେ "ବୁଝିଲ ତୁମ ହାତ ତିଆରି ଛେନା ପୋଡ ଖାଇବାର ଲୋଭ ସମ୍ବରଣ କରି ନପାରି ଅଗତ୍ୟା ତୁମକୁ ବିବାହ କରିବାକୁ ପଡିଲା । ଏବେତ ପ୍ରତି ସପ୍ତାହନ୍ତେ ଛେନାପୋଡ ତୁମେ କରିବ । ସେଦିନର ସ୍ୱାଦ ଏବେ ବି ପାଟିରେ ଲାଗି ରହିଛି' ।

ISSN NO.
2582-208X

ତମସା ସେଦିନ ପରେ ଭୁଲରେ ବି ଛେନା ପୋଡ କରିବାର କଳ୍ପନା ବି ମୁଣ୍ଡକୁ ଆଣିନ କ ଆଣିବାର ଇଛା ପ୍ରକାଶ କରିନ । ସେଦିନର ଛେନାପୋଡର ରୁପ ଟା ଆଖି ଆଗରେ ନାଚୁଛି । କଳା କାଠ କ କୋଇଲା ପରି ତା ଛେନାପୋଡ ଦିଶୁଥିଲା ସେଦିନ ।

ଏବେ ସେ କଣ କରିବ । ସତ କଥାଟା କହିଦେଲେ ହେବ । ନଚେତ୍ ତନ୍ମୟଙ୍କ ମନରେ ଏକ ଭୁଲ୍ ଧାରଣା ଘର କରି ଯିବ । କିନ୍ତୁ ତମସାକୁ ଡର ଲାଗୁଥିଲା ସତ କହିଦେଲେ ତନ୍ମୟଙ୍କର ତା ଉପରୁ ବିଶ୍ୱାସ ଉଠି ଯାଇ ପାରେ । ତାପରେ ଝଗଡା, ମତାନ୍ତର, ମନାନ୍ତର ଆଗକୁ ସେ ଆଉ ଭାବି ପାରେନା । କାରଣ ସେ ତନ୍ମୟଙ୍କୁ ବହୁତ ଭଲ ପାଏ । କିନ୍ତୁ ତନ୍ମୟ ତାକୁ କେତେ ଭଲ ପାଆନ୍ତି ତାକୁ ଜଣା ନାହିଁ । ସେ ଏସବୁକୁ ସହି ଯିବେକି ନାହିଁ କିଏ ଜାଣେ । ମିଥ୍ୟାବାଦିନୀର ଆକ୍ଷେପ ବି କରିଦେଇ ଦୂରେଇ ଯାଇ ପାରନ୍ତି । ବହୁ କପୋଳକଳ୍ପିତ ଭାବନା ମନ ଭିତରେ ।

ସେ ମାସେ ହେଲାଣି ଅଫିସ୍ କାମର ବାହାନା କରି ଛେନାପୋଡ ତିଆରି କରିବା କଥାକୁ ଏଡେଇ ଚାଲିଛି । ଆସନ୍ତା ମାସରେ ତନ୍ମୟଙ୍କ ଜନ୍ମ ଦିନ । ସେଦିନ ତନ୍ମୟ ତାଙ୍କ ଅଫିସ୍ ର କିଛି ସାଙ୍ଗ ମାନଙ୍କୁ ଘରକୁ ନିମନ୍ତ୍ରଣ କରିବାର ଯୋଜନା କଲେ । ତମସାକୁ ଯେତେବେଳେ ପଚାରିଲେ ସେ ହଁ କରିଦେଲା ସତ କିନ୍ତୁ ସେ ଜାଣେ ଏଥର ତନ୍ମୟ କିନ୍ତୁ ତାକୁ ଛାଡିବେନି ଛେନାପୋଡ କରିବାକୁ ନିଶ୍ଚୟ କହିବେ ।

ତେଣୁ ସେ ଆଗରୁ ଓଡିଶା ସ୍ୱିଟ ଷ୍ଟୋରକୁ ଯାଇ ତାଙ୍କ ପାଖରେ ରହି ସେମାନେ ଯେମିତି କରୁଛନ୍ତି ସବୁର ଭିଡିଓ କରି ନେଇ ଆସି ଘରେ କରିବାକୁ ଚେଷ୍ଟା କଲା । ପୁରା ବଢିଆ ହେଲା । ତା ଅନୁମାନକୁ ସତ୍ୟରେ ପରିଣତ କରି ତନ୍ମୟ କହିଥିଲେ "ଯାହା ବି ହେଉ ତମସା ତୁମକୁ ଏଥରକ ମୋ ସାଙ୍ଗ ମାନଙ୍କ ପାଇଁ ଛେନା ପୋଡ କରିବାକୁ ହେବ । ସେଦିନ ବହୁତ ଭଲ ହୋଇଥିଲା । ଏଥରକ କୌଣସି ବାହାନା ଚଳିବନି' ।

ତମସା ଅଗରୁ ବେଶ୍ ପ୍ରସ୍ତୁତ ଥିଲା ଏ ସବୁ ଶୁଣିବ ବୋଲି । ଆଜି ତାର ଡରିବାର କିଛି ନଥିଲା । ତିଆରି କଲା । ସମସ୍ତଙ୍କ ମୁହଁରେ ପ୍ରଶଂସା ସତ କିନ୍ତୁ ସମସ୍ତେ ଏକ ସଙ୍ଗେ

ISSN NO.
2582-208X

ପଗ୍ଭରିଥିଲେ ଛେନାପୋଡ ତୁମେ କରିଛ ନା ଓଡିଶା ସ୍ୱିଇଟି ଷ୍ଟୋର ନା ଆଉ କୌଣସି ଷ୍ଟୋରରୁ ଆଣିଛ ତମସା ! ସମସ୍ତେ ହସି ହସି ଗଡିଗଲେ ।

ସେ ତ ନଜେ କରିଛି । ଏଥିରେ ଏତେ ହସିବାର କଣ ଅଛି । ସମସ୍ତେ ତା ମୁହଁକୁ ଗ୍ଭହିଁଲେ ସେ ବି ଏକ ବିସ୍ମୟ ଦୃଷ୍ଟିରେ ସମସ୍ତଙ୍କୁ ଗ୍ଭହିଁଲା । ତନ୍ମୟ ଦାନ୍ତ ଚପି ଚପି ହସୁ ଥାଆନ୍ତି । ଏକ ସଂନ୍ଦିଗଧ ଦୃଷ୍ଟି ସେ ତନ୍ମୟଙ୍କ ଉପରକୁ ପକେଇଲା ପରେ ତନ୍ମୟ କହିଥିଲେ "ତୁମେ ସେଦିନ ପାର୍ଟି ଦିନ ଓଡିଶା ସ୍ୱିଇଟ ଷ୍ଟୋରରୁ ଛେନା ପୋଡ କଣିକ ଆଣିଥିବାର ନଜେ ସେ ଦେଖିଥିଲେ ଓ ସମସ୍ତଙ୍କୁ ସେ କଥା କହି ଦେଇଥିଲେ' ।

ତାପରେ ତମସା ସବୁ ସତ ମାନ ନେଇଥିଲା ଓ ସେଦିନର କାହାଣୀ ଓ ଆଜିର କାହାଣୀ ସମସ୍ତଙ୍କୁ କହିଥିଲା । ସମସ୍ତେ ପୁଣି ଥରେ ହସି ହସି ଗଡି ଗଲେ । ତନ୍ମୟ କହିଲେ ସେ ଯାହା ବି ହେଉ ଏଥରକ ତ ଶିଖିଗଲ ଆଉ ଭୁଲ୍ ହେବନ । ଏଥରକ ସବୁ ପାର୍ଟିରେ ତୁମର ହିଁ ଛେନା ପୋଡ କରିବ ।

ରଚେଷ୍ଟର, ମିନେସୋଟା

ISSN NO.
2582-208X



# ଶିବ ମହିମା



ବାସନ୍ତୀ ଲତା ଜେନା

ଦେବ ଦେବ ମହାଦେବ ହେ ଶିବ ଶଙ୍କର
କୃଷ୍ଣ ଚତୁର୍ଦ୍ଦଶୀ ହେଲା ସଂସାର ସମ୍ଭାର,
ସଂସାର ରକ୍ଷକ ତୁମେ ହେ ମଙ୍ଗଳମୟ
ଯେ ତୁମ ମହିମା ଗାଏ ସେ ତୁମର ପ୍ରୀୟ ।୧।

ଦେବ ଓ ଅସୁର କଲେ ସମୁଦ୍ର ମନ୍ଥନ
ଅମୂଲ୍ୟ ରତ୍ନ ବାହାରେ କରିଲେ ବଣ୍ଟନ,
ସର୍ବ ଶେଷେ ବାହାରିଲା ହଳାହଳ ବିଷ
ବ୍ୟାପି ଗଲା ବହୁ ଦୂର ପୃଥିବୀ ଆକାଶ ।୨।

ବିଷ ପାନ କରିବାକୁ କେ ରାଜି ନ ହେଲେ
ସୃଷ୍ଟି ରକ୍ଷା ପାଇଁ ଶିବ ଗରଳ ପିଇଲେ,
ବିଷର ଜ୍ୱାଳାରେ ରୁଦ୍ର ହୋଇଲେ ମୂର୍ଚ୍ଛିତ
ଚନ୍ଦ୍ର ନାଗ ସୁଶୀତଳ ଶରୀରେ ଲେପିତ ।୩।

ଦେବ ଶୈବ ଭକ୍ତ ଗଣ ରାତ୍ରି ଉଜାଗର
ଅଖଣ୍ଡ ଦୀପ ଜାଳିଣ ଜଗିଲେ ଠାକୁର,
ସୁଗନ୍ଧ ଜଳକୁ ମୁଖ ମଣ୍ଡଳେ ଛିଞ୍ଚିଲେ
ନମଃ ଶିବାୟ ନାମ କୁ ଉଚ୍ଚାରଣ କଲେ । ।୪।

କୃଷ୍ଣ ଚତୁର୍ଦ୍ଦଶୀ ଥିଲା ସେହି ଦିନ ପରା
ଶିବରାତ୍ରି ପାଳନ ରେ ହସି ଉଠେ ଧରା,

ISSN NO.
2582-208X

ଶିବରାତ୍ରି ର ମହିମା ମହାଭାରତରେ
ଶର ଶର୍ଯ୍ୟା ପିତାମହ ଚିତ୍ରଭାନୁ ତାରେ । ।୫ ।

ଜମ୍ବୁ ଦୀପ ର ରାଜନ, ଚିତ୍ରଭାନୁ ଥିଲେ
ତାଙ୍କ ପତ୍ନୀ ଶିବରାତ୍ରି ପାଳନ ଯେ କଲେ,
ଅଷ୍ଟ ବକ୍ର ଦରବାରେ, ପାଳନ ଉଦେଶ୍ୟ
ରାଜାଙ୍କୁ ପୁଛିଣ ଥିଲେ, ସଂଶୟ କଳୁଶ ।୬ ।

ପୂର୍ବ ଜନ୍ମର ସ୍ମରଣ ରାଜାଙ୍କର ଥିଲା
ଶିକାର ଉଦେଶ୍ୟ ବନେ, ସନ୍ଧ୍ୟା ହୋଇଗଲା,
ହିଂସ୍ରଜନ୍ତୁ ଆକ୍ରମଣୁ ରକ୍ଷା ପାଇବାକୁ
ବେଲ ବୃକ୍ଷେ ଚଢ଼ି ଗଲେ ରାତ୍ରି କାଟିବାକୁ ।୭ ।

ବେଲ ପତ୍ର ଛିଣ୍ଡାଇଣ ତଳେ ପକାଇଲା
ନିଜ ଲୋକ କଥା ଭାଳି ଅଶ୍ରୁ ଝରାଇଲା,
ବିଲ୍ୱ ବୃକ୍ଷେ ତଳେ ଥିଲା ଲିଙ୍ଗ ଶିବଙ୍କର
ଲୁହ ବେଲ ପତ୍ର ପାଇ ଯାଚି ଦେଲେ ବର । ।୮ ।

ମୃତ୍ୟୁ ପରେ ଶୈବାଳୟ ବ୍ୟାଧ ଗଲା ଚାଲି
ଶିବଙ୍କର ମହିମା ଯେ କେ ପାରିବ କଳି,
ଆଜି ସେହି ଶିବରାତ୍ରି ଶୈବ୍ୟ ଭକ୍ତ ଗଣ
ଶିବ ପୀଠ ଶୈବ୍ୟମୟ ପୁଲକିତ ପ୍ରାଣ ।୯ ।

ଲିଙ୍ଗରାଜ ଗୁପ୍ତେଶ୍ୱର କପିଳାଶ ଧାମ
ଆରଡ଼ି ହରିଶଙ୍କର ପ୍ରଭୁଙ୍କର ନାମ
ଆଶୁତୋଷ ପଶୁପତି ମଙ୍ଗଳ ମୂରତି
ଦୀନ ଦୁଃଖି ଜନେ କୃପା ଢାଳ ମହାଯତି ।୧୦ ।

ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ହେ କ୍ରାନ୍ତପଥର ଯାତ୍ରୀ



କୁଞ୍ଜବିହାରୀ ରାଉତ

ହେ କ୍ରାନ୍ତିପଥର ଯାତ୍ରୀ,
ତୁମର ଏ ଶେଷହୀନ ଯାତ୍ରାପଥେ,
କାହିଁ ତୁମେ ଗୋଲାର୍ଦ୍ଧର
କେଉଁଠାରେ ଦୂର ଚକ୍ରବାଳେ
ମିଶିଗଲ,
ନିର୍ନିମେଶ ନୟନରେ
ନିବୁଜ ଆକ୍ଷିରେ ଧ୍ୟାନକଲେ,
ତୁମ ରୂପ, ତୁମ ଛବି, ତୁମ କଥା
ସ୍ୱପ୍ନ ପରି ଗୋଟିଗୋଟି ଭାସି ଆସେ
ଲାଗେ, ଯେପରି ତୁମେ ଆମ ପାଖେପାଖେ
ରହି ନିର୍ଣ୍ଣାୟକ ପଥ ଦେଖାଉଛ।
ତୁମେ ଥିଲ ଭୀଷ୍ମ ପିତାମହ,
ଲକ୍ଷ୍ମଣର ରେଖା ଟାଣି ବିପ୍ଳବର
ନାନ୍ଦୀପାଠ କଲାବେଳେ,
ତୁମ ଧନୁଷ୍କୋଟିର ପ୍ରତିଜ୍ଞାରୁ
ଝରୁଥିଲା ଅଗ୍ନିର ସ୍ଫୁଲିଙ୍ଗ
ଆଉ ଶୁଭୁଥିଲା ଝଡର ଝଙ୍କାର।
ହେ କରିତକର୍ମା କର୍ମଯୋଗୀ!
ସାଲିସ ବିହୀନ ଯୁଦ୍ଧପାଇଁ
ସଂଗ୍ରାମର ହେ ସାଥୀ, ସାରଥୀ

କୁରୁକ୍ଷେତ୍ରେ ଯୁଦ୍ଧ ଭୂମେ
କିଏ ଆଉ ଶୁଣାଇବେ
ସାମ୍ୟବାଦର ଗୀତା
କିଏ ଆଉ
ଅର୍ଜୁନମାନଙ୍କୁ ଦିବ୍ୟନେତ୍ର ଦେଇ
କରାଇବେ ବିଶ୍ୱରୂପର ଦର୍ଶନ ।
ତୁମର ଏ ମହାଯାତ୍ରା ପଥୁ
ଫେରିଆସ, ହେ ସୀମାନ୍ତ ପଥିକ!
କ୍ରାନ୍ତିହୀନ କ୍ରାନ୍ତିପଥ
କେବେ ହୁଏ ନାହିଁ ଶେଷ ।
ନିର୍ବାକ ନିଷ୍ପନ୍ଦ ଆଜି ତୁମରି ସେନାନୀ
ତୁମ ପ୍ରେରଣାରେ
ସାମ୍ରାଜ୍ୟବାଦୀ ପୁଞ୍ଜିପତିର ମହାସମାଧିରେ
ସାମ୍ୟବାଦୀ ଧ୍ୱଜା ତୋଳି
ବାହିନେବେ ମୃତ୍ୟୁଞ୍ଜୟୀ ରଥ....ବାହିନେବେ......

ପ୍ଲଟ-୧୪୮/୫,କନ୍ଟ୍ରାକ୍ଟର କଲୋନୀ,ହମିରପୁର
ରାଉରକେଲା-୩, ମୋ=୯୦୯୦୦୯୦୨୨୫

ISSN NO.
2582-208X


# କହରେ କାଳିଆ



ଡ. ଅର୍ଜୁନ ଚରଣ ବାରିକ୍

କହରେ କାଳିଆ ପୀତ ଦୁକୁଳିଆ କେଉଁଠାରେ ତୋର ମନ ।
ଅଛି ରାଧା ପାଶେ ଅବା ମୀରା ପାଶେ କିବା ଲକ୍ଷ୍ମୀ ସନ୍ନିଧାନ ॥୧॥
କହରେ ଗୋବିନ୍ଦ ପୂର୍ଣ୍ଣମୀର ଚାନ୍ଦ ସତ କହ ସତ କହ ।
ଅବା ଗୋପ ରାଇଠାରେ ମନଥୋଇ ଶ୍ରୀମନ୍ଦିରେ କରୁ କୋହ ॥୨॥
ସତ କହ ହରି କେଶବ ମୁରାରୀ କେ କଲା ତୋ ମନ ଚୋରୀ ?
ତୁତ ବଡ ଚୋର ସଂସାର ମଧ୍ୟର ଆହେ ମୁକୁନ୍ଦ ମୁରାରୀ ॥୩॥
ଦେଖି କେଉଁ ଦୋଷ କମଳା ବିଳାସ ରାଧା କୁ ତୁ କଲୁ ଦୂର !
ଆବୋରି ମିରାକୁ ରସି ତୁଳସୀକୁ କଲୁ ତାକୁ ସାତ ପର ॥୪॥
ଦେବଦାସୀ ଆଡେ ମନବନ୍ଧା ପଡେ କି ଅବା ଭକତ ପାଶେ ?
କିବା ଅଷ୍ଟପାଟ ମହିଷୀ ବାନ୍ଧିଲେ ତୋର ମନ କେଉଁ ଫାଶେ ? ॥୫॥
କହ ଦଇତାରୀ ମନରେ ବିଚାରୀ ଷୋଳ ସସ୍ର ଗୋପନାରୀ ।
କି ଅବା ତୋହର ମନକୁ ବାନ୍ଧିଲେ ପ୍ରେମଫାଶ ଦୃଢ କରି ? ॥୬॥
କହରେ କହ୍ନାଇ ତୋହପାଇଁ ରାଇ କିମ୍ପାଇ ଗଡାଏ ଲୁହ ?
ମନରେ ତୋ ଦୁଃଖ ନାହିଁ ତିଳେ ସୁଖ କାହିଁକି କେଶବ କହ ॥୭॥
ଦେଖି ତୁମ ଦୁଃଖ ଆହେ ପଦ୍ମମୁଖ ମନେ ମୋ ଆସଇ କୋହ ।
କରୁ କିମ୍ପା ଖେଦ ମନେ ତୋ ବିଷାଦ କି ଅବା ବିଚ୍ଛେଦ ମୋହ ? ॥୮॥
ବଡ ଖିଆ ବୋଲି ବୋଲନ୍ତି ଜଗତେ ଭୋକେ କିବା ଅଛୁ ରହି ?
ସୁଖିଛି ତୋ ମୁହଁ ହେକାଳିଆ ଦିଅଁ ଷାଠିଏ ପଉଟି ଖାଇ ॥୯॥
ପେଟ ପାଇଁ ନାଟ କରୁ ନନ୍ଦ ଚାଟ ବସି ବଡ ଦେଉଳରେ ।

ISSN NO.
2582-208X


ସକଳ କୈବଲ୍ୟ କିବା ବିକିଦେଲ ନେଇ ଆନନ୍ଦ ବଜାରେ ॥୧୦॥
କିବା ଲକ୍ଷ୍ମୀ ମାଆ ନ କଲେ ସୁଦୟା କଳି କଲେ ତୁମ ସାଙ୍ଗେ ।
ସୁନା ଚଟୁଧରି  ବରୁଣ କୁମାରଈ ପାକ ନ ଅଲେ କି ରଙ୍ଗେ ॥୧୧॥
ଦିଶୁଛ ଉପାସ ପ୍ରାୟ ଜଗଦୀଶ ହେଲାକି ଦାମ୍ପତ୍ୟ କଳି ।
କିବା ବଡ ଭାଇ ଦେଲେ ଅବା ଗାଳି ମୁଖ ଯାଇଛି ମଉଳି ? ॥୧୨॥
ମୁଖେ ନାହିଁ ହସ ଆହେ ପୀତବସ କିଂପାଇଁ ମଳିନ ଦିଶ ।
ରାଧା କଲା ମାନ କିବା ମିରା ମାନ ଅବା ଶୀରିକଲେ ରୋଷ ॥୧୩॥
ହେ ଛପନ ଭୋଗୀ ଛତିଶା ନିଯୋଗୀ ସେବା ନକଲେ କି ପଦେ
କିମ୍ପାଇ ଶୁଖିଛି କଳା ଶୀରିମୁଖେ ବସିଛ ମନ ବିଷାଦେ ? ॥୧୪॥
ଆହେ ଚଉବାହା ନୁହ ନିରିଦୟା ବାରେକ କର କରୁଣା
ବିଷାଦ କାରଣ କୁହ ନାରାୟଣ ଅରଜୁନ କରେ ଜଣା ॥୧୫॥

ଅଧ୍ୟାପକ, ଇଂରାଜୀ ଭାଷା ସାହିତ୍ୟ,
ସାଃପୋ–ମହୁ, ଜି–କେନ୍ଦ୍ରାପଡା

ISSN NO.
2582-208X

# ନବଜନ୍ମ



ଅଳକା ମହାନ୍ତ

ଗୋଟେ ସପ୍ତାହ ହେଲା ହସ୍ପିଟାଲ୍ ରେ ଟିକେ ଖୁସି ର ମହୋଲ ଅଛି। ମୁମ୍ବାଇରେ ମଲ୍ଟି ସ୍ପେସିଆଲିଟୀ ହସ୍ପିଟାଲ୍ ଗୁଡ଼ିକରେ ତ ସେହି ସୁବିଧା। ସବୁ ପ୍ରକାର ଡାକ୍ତର ଉପଲବ୍ଧ ଗୋଟିଏ ଜାଗାରେ। ହେଲେ କଲ୍ୟାଣୀ ପାଇଁ ସମସ୍ତେ ଖୁସି। ଡାକ୍ତର, ନର୍ସ, ମନୋସ୍ତତ୍ୱବିତ୍ ତଥା ଡ଼ାଏଟିସିଆନ ସମସ୍ତଂକ ଅକ୍ଲାନ୍ତ ପରିଶ୍ରମ ସଫଳ ହୋଇଛି।

ଗଛଟି ପୂର୍ଣ୍ଣାଙ୍ଗ ରୂପ ଧାରଣ କରିବା ପୂର୍ବରୁ ତାକୁ କାଟି ଦିଆଯାଇ ଥିଲା। ତଥାପି ସେ ପ୍ରତିବାଦ କରି ନଥିଲା । କୋଟି ହୃଦୟରେ ବୁଣି ଦେଉଥିଲା ମୁଠା ମୁଠା ଆଶାର ଆଲୋକ। ପୁରା ହସ୍ପିଟାଲ୍ ର ସକାଳ ଗୁଞ୍ଜରିତ ହେଉଥିଲା କଲ୍ୟାଣୀ ର ମଧୁର ସ୍ୱର ରେ, "ହମ୍ କୋ ମନ କି ଶକ୍ତି ଦେନା ମନ ବିଜୟ କରେ।" । ହସ୍ପିଟାଲ୍ ର ରୋଗୀ ନିର୍ଜୀବ ରୁ ସଜୀବ ହୋଇ ଉଠୁ ଥିଲେ। ଅଥର୍ବ, ପଙ୍ଗୁ ବା ଶିଥିଳ ଶରୀର ରେ ଥିବା ଆତ୍ମାଙ୍କ ଭିତରେ ଶତ ସିଂହର ବଳ ପ୍ରବାହିତ କରିଦେଉଥିଲା ଡ଼ଃ କଲ୍ୟାଣୀ। ଦଶଭୂଜାଧାରି ମାତା ଦୁର୍ଗାଙ୍କପରି ରୋଗର ଦାନବକୁ ସଂହାରକରି ମାନବକୁ ନୂତନ ଜୀବନ ଦାନ ରେ ନିମିତ୍ତ ହେଇଥିଲା କଲ୍ୟାଣୀ। ଈଶ୍ୱର ପ୍ରେରିତ ପରିଟିଏ ପରି ପୁରା ଡାକ୍ତରଖାନା ର ବାତାବରଣକୁ ଦେବାଳୟରେ ପରିବର୍ତ୍ତନ କରିଦେଉଥିଲା କଲ୍ୟାଣୀ। ହେଲେ ଆଜି ସେ ଶଯ୍ୟାଶାୟୀ। ନାହିଁ ସେ ଆଖିର ମାଦକତା, କଣ୍ଠର ଲାଲିତ୍ୟ ଆଉ ମଧୁର ବଚନ। କେତେ ରୋଗୀ ଆସି ଗଲେଣି। ହେଲେ କଲ୍ୟାଣୀକୁ ତା ପରି ଜଣେ ଡାକ୍ତର ଯିଏ ତାକୁ ବୁଝିପାରିବ ଆଉ ତାର ସେବା, ସେବା ପରି କରିବା ସେହି ପରି ଏକ ଲୋକ ଦରକାର ଥିଲା। ଆଉ ତାର ଶରୀର ଓ ମନରେ ଥିବା ସମସ୍ତ ରୋଗକୁ ଭଲ କରିଦେବ। ଭୂଲ ତ ସେ ନିଷ୍ଚୟ କରିଛି। ଡାକ୍ତର ହୋଇ ଯଦି ତୁମେ ରୋଗୀ ର ପ୍ରେମ ରେ ପଡ଼ିବ, ତେବେ ଅବସ୍ଥା କଣ ହେବ??

ISSN NO.
2582-208X

ଯକ୍ଷ୍ମା ଗୋଟିଏ ଡିଆଁ ରୋଗ ବୋଲି ସମସ୍ତେ ଊଣା ଅଧିକେ ଜାଣିଥାନ୍ତି। ସେ ରୋଗ ଖୁବ ଶୀଘ୍ର ଆକ୍ରମଣ ବି କରିଥାଏ। ଏକଥା କଣ ଡକ୍ଟର ଠାରୁ ଆଉ ଅଧିକ କିଏ ଜାଣିବ।

ଯେବେ ତୁମେ ନିର୍ବିକାର ହୋଇ ଯିବ, ତେବେ ନିଜକୁ ଜଳାଞ୍ଜଳି ଦେଇ ଅନ୍ୟକୁ ଭଲ ପାଇବାରେ ଆନନ୍ଦ ଥାଏ । ଆଶାର ବଶବର୍ତ୍ତୀ ହୋଇ କର୍ମ କରିବା କଥା ନୁହେଁ। କଲେ ଦୁଃଖ ପାଇବ। ହେଲେ ଏକଥା କିଏ ହୃଦୟଙ୍ଗମ କରୁଛି ବା ଧାରଣ କରି ପାରୁଛି। ସବୁ ପୋଥି ବାଇଗଣ ପରି। ଦୁଇ ବର୍ଷ  ହେଲାଣି ଜର (ସ୍ଲୋ ଫିଭର୍) ରହୁଛି। ରାତି ସାରା ଶୋଇ ପାରୁନି ଦେହ ମୁଣ୍ଡ ଝାଳ ରେ ବୁଡି ଯାଉଛି। ଖାଇବାକୁ ଇଚ୍ଛା ହେଉନି। ତା ସହିତ ଯେଉଁ ମନସିକ  ରୋଗୀକୁ ତନ ମନ ଦେଇ ଭଲ ପାଇ, ରାତି ଦିନ ଏକାଠି କରି ତାକୁ ମନସିକ ତଥା ଶାରୀରିକ ସ୍ତର ରେ ସମ୍ପୂର୍ଣ ଠିକ୍ କରାଇଲା, ସେ ତାର ସ୍ତ୍ରୀ ଆଉ ପାରିବାର ଚାପରେ ଆସି ତାକୁ ବି ପ୍ରତିଦାନ ରେ ସ୍ନେହ ଟିକେ ଦେଲା ନାହିଁ। ସମସ୍ତଂକ ହାନୀ ଲାଭ ବୁଝି ସମସ୍ତଙ୍କ କଲ୍ୟାଣୀ ଆଜି ଶାରୀରିକ ଆଉ ମନସିକ ରୋଗୀ ହୋଇ ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରୁଛି। ବେଳେ ବେଳେ ମନୁଷ୍ୟ ତାର ନିଜ ଦୁର୍ବଳତା ର ଶିକାର ସେ ନିଜେ ହୋଇ ପଡ଼େ। ତାର  ଆନ୍ତରିକ ସ୍ନେହ, ସେବା ଭାବ ଆଜି ତାର କାଳ ହୋଇଛି। ମନସିକ ସ୍ତର ରେ ଭାଙ୍ଗିଥିବା ଲୋକକୁ ଠିଆ କରାଇବା ଆତ୍ୟନ୍ତ କଷ୍ଟକର। କାରଣ, ଆତ୍ମା ଶରୀରର ଚାଳକ। ଚାଳକ ଯଦି ବିମାର ହେଲା ଗାଡ଼ି ଯେତେ ମୂଲ୍ୟବାନ ବା ସୁନ୍ଦର ହେଉ ସେ ଗୋଟେ ଇଞ୍ଚ୍ ବି ହଲି ପାରିବନି। ଆଜି କଲ୍ୟାଣୀ ର ଆତ୍ମା କ୍ଷତାକ୍ତ ହୋଇଛି। ଏଥିପାଇଁ କୌଣସି ଔଷଧ ଭଲ ରୂପେ କାମ କରୁନି। ଡାକ୍ତର କହୁଛନ୍ତି ଡ୍ରଗ ରେଜିଷ୍ଟାଣ୍ଟ ହୋଇ ଗଲାଣି।

କୁହନ୍ତିନାହିଁ କି,-ଭଲ ଆତ୍ମା ପାଇଁ ଦେବଦୂତ ନିଜେ ଈଶ୍ୱରଙ୍କ ନିର୍ଦ୍ଦେଶ ରେ ଆସି ତାର ହାତ ଧରନ୍ତି। ଡାକ୍ତରଖାନା ରେ ସୁରେଶ ପୂଜାରୀ ନୂଆ ହୋଇ ଜୟନ୍ କରିଛନ୍ତି। ଡାକ୍ତରୀ ବିଦ୍ୟା ସହିତ ଆଧ୍ୟାତ୍ମିକ ଦିଗରେ ତାଙ୍କର ଅନେକ ଜ୍ଞାନ। ସମସ୍ତେ ତାଙ୍କୁ ଫରିସ୍ତା କହୁଛନ୍ତି। କଲ୍ୟାଣୀର କେସ ଏବେ ତାଙ୍କ ହାତରେ। କଲ୍ୟାଣୀକୁ ସକାଳୁ ଉଠାଇ ଯୋଗ, ଧ୍ୟାନ ତଥା ନିଜେ ତାକୁ ସ୍ପର୍ଶ କରି ସୁସ୍ଥ ହେବା ପାଇଁ ସେ ନିଜେ ଉର୍ଜା ଦିଅନ୍ତି। ତାର ହାତ ଧରି  ଚଲାଇ  ତାର ପାଖେ ପାଖେ ଅଛନ୍ତି ବୋଲି ତାକୁ ଅନୁଭବ କରାନ୍ତି। ମୁଖରେ ଡବଲ ମାସ୍କ ଥିଲେ ବି କଲ୍ୟାଣୀ ହୃଦୟରେ କି ପ୍ରକାର ଦୁଃଖ ଅଛି ଜାଣିବାକୁ ଅନେକ

ISSN NO.
2582-208X

ସମୟରେ କଥାବାର୍ତ୍ତା କରନ୍ତି। ଈଶ୍ୱର ସର୍ବଦା ଫଳ ଧରି ଆସିଥାନ୍ତି । କେବଳ ବୀଜ ଉପରେ ନିର୍ଭର କରେ ତୁମେ କି ପ୍ରକାର ବୀଜ ରୋପଣ କରୁଛ। ସମସ୍ତେ ଆଜି ସୁରେଶବାବୁ ଙ୍କୁ ସେଇ କଲ୍ୟାଣକାରୀ ଫଳ ଟିଏ ପରି ଦେଖୁଛନ୍ତି। ତାଙ୍କର ନିରହଙ୍କରୀ ମନ ଆଜି ସମସ୍ତଂକ ପାଇଁ ମହୌଷଧି ପାଲଟି ଯାଇଛି। ସ୍ନେହ ବୋଲା କଥା ସେମିତି ତନ ମନରେ ଆଶାର ପ୍ରଦୀପ ଜଳାଉଛି। ଔଷଧ, ସ୍ନେହ, ଶ୍ରଦ୍ଧା, ପ୍ରାର୍ଥନା ର ସଙ୍ଗମ ରେ ଆଜି କଲ୍ୟାଣୀ ନବ ଜୀବନ ପ୍ରାପ୍ତ କରିବାକୁ ଯାଉଛି। ପୁରା ଘର ପରିବାର ତଥା ହସ୍ପିଟାଲ୍ ର ଅନ୍ତେବାସୀଙ୍କ ମଉଳା ମନରେ ଆଶାର ଜଳ ସିଞ୍ଚନ କରିଛନ୍ତି ଆଜି ସୁରେଶ ବାବୁ। କଲ୍ୟାଣୀ ସେବା ପ୍ରେମ ର ପ୍ରତୀକ ଥିଲା ବୋଲି ସୁରେଶ ବାବୁ ଆଜି ତା ପାଇଁ ବି ଦେବଦୂତ ସାଜି ତାର ସମ୍ମୁଖରେ ଉଭା ହୋଇଛନ୍ତି। ସେ ପୁରୁଷ ହେଉ ବା ସ୍ତ୍ରୀ ଆତ୍ମା ସମାନ। ସମସ୍ତଙ୍କୁ ସେହି ଈଶ୍ୱରୀୟ ଗୁଣ ସ୍ନେହ, ପ୍ରେମ, ଆଦର, ଯତ୍ନ ଜୀବନ ଝିଁବା ପାଇଁ ଖୋରାକ ଯୋଗାଇ ଥାଏ। ତାର ଫଳ ସ୍ୱରୂପ ଆଜି କଲ୍ୟାଣୀର ନୂଆ ଜନ୍ମ।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

ISSN NO.
2582-208X

# ମହା ପ୍ରୟାଣ



ଅଧ୍ୟାପିକା ରେ୍ଜାଲିନ୍ ବାରିକ୍

ମହା ପ୍ରୟାଣ ସମୟ କେବେ ବା ଆସିବ ?
କଏ ବା କହିପାରିବ ତାହା କରି ଧ୍ରୁବ ?
ପ୍ରତିକ୍ଷଣ ପ୍ରତି ମୂହୁର୍ତ୍ତ ମହାପ୍ରୟାଣ
ସମୟ ଗ୍ଭଲିଣ ଅଛି ଜାଣ ହେ ମାନବ ।
କୌଣସି କ୍ଷଣ ବୃଥାରେ ବିତିଣ ନ ଯାଉ
ଈଶ୍ୱର ସ୍ମରଣେ ଜୀବନଟି ଧନ୍ୟ ହେଉ ।
ସବୁ କାଳ ଅନ୍ତକାଳ ଜାଣିଣ ଏ ସନ
ଜୀବନ ଳକ ଏଠି ସବୁତ ଅଳକ
ଯାହା ଦେଖଇ ନୟନ ମାୟାର ଝଲକ ।
ମରଣ ପ୍ରକ୍ରୀୟା ଏଠି ଗ୍ଭଲିଅଛି ନତ୍ୟ
କଏ କେବେ ଗ୍ଭଲିଯିବ ନାହିଁ ତାର ସତ୍ୟ ।
କେବେ ମାଆ ଗର୍ଭେ ଶିଶୁ ଲଭଇ ମରଣ
କେବେ ବା ଜନ୍ମବା ମାତ୍ରକେ ମହା ପ୍ରୟାଣ ।
କଛି ଦିନ କଛି ମାସ କଛି ବର୍ଷ ପରେ
ମରଣ ଲଭନ୍ତୁ ଶିଶୁ ଏଇ ଧରାପରେ ।
ମରଣ ପ୍ରକ୍ରୟା ଏଠି ଅଟଇଟି ସତ୍ୟ
କେ କହିପାରିବ ମୃତ୍ୟୁ କେବେ ବା ଆଗତ ।
ଅତିଥି ଅଟେ ଅରଣ ନାହିଁତାର ତିଥି ବାର ଦିନ ।


ISSN NO.
2582-208X

ତେଣୁ ପ୍ରତି ମୂହୁର୍ତ୍ତରେ ଚନ୍ତ ଭଗବାନ ।
ଅନ୍ତମ କ୍ଷଣ ଭ୍ରତିଣ ଆହେ ସୁଧିଜନ ।
ନର ଜନମ ଜୀବନେ ସାର୍ଥକ ହୋଇବ
ପ୍ରତିକ୍ଷଣ ଯଦି ଚନ୍ତାକର ବାସୁଦେବ ।
ସବୁକାଳେ ଶ୍ରୀହରି ସ୍ମରଣ ଭଜନରେ
କାଳ ବିତାଅ ଅନ୍ତମ କାଳ ଜାଣିନରେ ।

ମହୁ, ଆଳ, କେନ୍ଦ୍ରାପଡା ୭୫୪୨୩୧
ମୋବାଇଲ – ୯୯୩୮୫୦୧୧୦୨

ISSN NO.
2582-208X

# ତା ନାଆଁ ଶ୍ରମିକ



ଡ. ଜ୍ଞାନେଶ୍ୱର ମିଶ୍ର

ହେ! ସମାଜର ଭ୍ରଷ୍ଟାଗ୍ରର ଦୁର୍ନୀତି ଅନୀତିର
ଧ୍ୱଜାଧାରୀ ବଡ ପଣ୍ଡାମାନେ
ଭଲକରି ଶୁଣଥରେ କାନେ
ତୁମ ଶରୀରରେ ପ୍ରବାହିତ ରକ୍ତ
ଯାହା ବଞ୍ଚିବାର ମହାମନ୍ତ୍ର
ସେ ରକ୍ତ ଯାହା ଝାଳରେ ତିଆରି
ତା ନାଆଁ ଶ୍ରମିକ ।

ତୁମ ଖାଇବା ପିନ୍ଧିବା ବିଳାସ ବ୍ୟସନ
ଅଧା ଉପସ ପେଟରେ ଅଧାଫୁଙ୍ଗୁଳା ଦେହରେ
ଯିଏ ତିଆରି କରୁଛି ଯାହାକୁ ଦେଖି ନାକ ତୁମେ ଟେକ
ତା ନାଆଁ ଶ୍ରମିକ

ତୁମ ଅର୍ଥପେ ତ କୋଠା ବାଡି ଗାଡି
ତାରି କରିବାରେ ଯା ହାତରେ
ବିପ୍ତି ବସିଯାଏ ତୁମକୁ ତ କଛି ପଡେନା ଫରକ
ତା ନାଆଁ ଶ୍ରମିକ

ISSN NO.
2582-208X

ସେ ଟିକଏ ମୁହଁ ବୁଲାଇ ଦେଲେ
ତୁମ ଗର୍ବ, ଅହଙ୍କାର, ଆତ୍ମବଡିମା
ପଦ ମର୍ଯ୍ୟାଦାର ଠିକଣା ହଜିବ
ବନ୍ଦ ହୋଇଯିବ ତୁମ ଜୀବନ ନାଟକ
ତା ନାଆଁ ଶ୍ରମିକ

ଏବେ ବି ସମୟ ଯାଇନ
ଆଜି "ଶ୍ରମିକ ଦିବସ" ଏ ପୂଣ୍ୟ ତିଥିରେ
ତେଜି ସବୁ ମିଥ୍ୟା ଆସ୍ଫାଳନ
ଶ୍ରମିକ ଭାଇଙ୍କୁ ଜଣାଅ ସମ୍ମାନ
କରହେ ସଲାମ, କରହେ ସଲାମ ॥

୪୯/୫, କାର୍ଲମାର୍କ୍ସ ସରଣୀ,
ଖିଦିରପୁର, କଲିକତା

ISSN NO.
2582-208X


# ସ୍ୱର୍ଗାତ ଅପି ଗରୀୟସି



ଡ. ପ୍ରସନ୍ନ କୁମାର ବଳ

ଆଠ ମଇରେ ସାର୍ ବିଶ୍ୱପୁଣି ପାଳବ ମାତୃଦିବସ,
ମା ପରି ନାମ ଧରିଦେଲେ ସତେ କେତେ ମିଳ ଆନନ୍ଦ ।୧।
ଦୁନଆଁର ପୁଣି ସବୁଠୁ ସୁନ୍ଦର ମାଆ ଶବ୍ଦଟିତ ସହି,
ସବୁ ମା ଅରଣେ କୋଟି ପ୍ରଣାମ ତ ଆଜି ମୁଁ କରଇ ଭ୍ଇ ।୨।
ଯେତେ ସୃଷ୍ଟି ସ୍ରଷ୍ଟା କରିଛନ୍ତୁ ସତେ ମା ତ ଅତି ନଆର୍,
ଯେତେ ଯିଏ ସତେ ଚେଷ୍ଟା କରିଲେ ବି ସେପରି କି ହେବ ପର୍ ।୩।
ମାର ପଣତ କାନର ସାହାର୍ ଛୁଆ ପାଇଁ ସ୍ୱର୍ଗ ପରୀ,
ମାର ଆଶୀଷ ଯିଏ ତ ଲଭିଛି ତା ସାଥେ କିଏ ବା ସରୀ ।୪।
ମାର ହସରେ ଭରୀ ରହିଥାଏ ମମତାର କେତେ ଡୋରୀ,
ମାର ର୍ଗକୁ କିଏ ମନେରଖେ ପାଣି ଫୋଟକାର ପରି ।୫।
ନଜେ ତ ନ ଖାଇ ପରିବାର ପାଇଁ ବାଢ଼ିଦିଏ କେତେ ଖାଦ୍ୟ,
ନଜେ ତ ନ ଶୋଇ ପିଲ୍ମାନଙ୍କୁ ତ ଶୋଇ ଦେବାରେ ତା ଭ୍ଗ୍ୟ ।୬।
ଯେତେ ମନ ଦୁଃଖ ଥିଲେ ବି ତାହାର ବାହାରକୁ ଜଣାଏନ,
କାଳେ ତାର କେହି ଦୁଃଖି ହୋଇଯିବେ ତତ୍ପର ସେ ହୋଇଥାଇ ।୭।
ଦୁଃଖକୁ ସିଏ ତ ସୁଖ ମଣିଥାଏ ପିଲ୍ ଜନ୍ମ ଦେଲ୍ ବେଳେ,
ନଅ ମାସ ଗର୍ଭ ଧରି ସିଏ ପୁଣି କେତେ ବା କଷ୍ଟ ନପାଏ ।୮।
କୁଆଁ କୁଆଁ କାନ୍ଦ ଦେଲ୍ବେଳେ ଛୁଆ ଭୂଲେ ସେ ଯମ ଯନ୍ତ୍ରଣା,
ସେଥିପାଇଁ ସତେ ଜୀଅନ୍ତା ଠାକୁର ମା ଆମପାଇଁ ପର୍ ।୯।

ISSN NO.
2582-208X


ମାଆର ଆଶୀଷ ସତରେ ତ ପୁଣି ହିମାଳୟ ଠାରୁ ଉଚ୍ଚ,
ଅନାବୀଳ ସ୍ନେହ ମାଆ ହୃଦୟରେ ଗଙ୍ଗା ଜଳ ପରି ସ୍ୱଚ୍ଛ ।୧୦ ।
ନିଜେ ତ ନ ପିନ୍ଧି ପିଲାଉ ତାହାର ଦିଅଇ ନୂତନ ବସ୍ତ୍ର,
ସେଥିରେ ତାହାର ମନ ଭରୀଯାଏ ଆନନ୍ଦ ହିଁ ତାର ଅସ୍ତ୍ର ।୧୧ ।
ଜୀବନ ଯାକର ଯେତେ ସେବା କଲେ ମାଆ ଋଣ ସୁଝେ ନାହିଁ,
ମାଆର ହସଟି ଆମ ପାଇଁ ସତେ କି ଆନନ୍ଦ ଦେଇଥାଇ ।୧୨ ।
ମାଆ ଗୁଣ ଆମେ ଯେତେ ବଖାଣିଲେ ହୁଏ ନାହିଁ ତାହା ପୁରା,
ମା ସ୍ନେହ ସାଗର ଠାରୁ ବି ଗଭୀର କିଏ ଦେଖିପାରେ ଭରା ।୧୩ ।
ମାଆର ସ୍ଥାନ ତ ସବୁଠାରୁ ଉଚ୍ଚ କିଏ ମନା କରିପାରେ,
ତା ଆସଶଷ ଲଭି ସନ୍ତାନ ସନ୍ତତୀ ଜୀବନ ତ ଧନ୍ୟ କରେ ।୧୪ ।
ମାଆର ପଣତ କାନିରେ ତ ପୁଣି ଏତେ ଶକ୍ତି ଭରିଥାଏ,
ଯମ ବି ସାହସ କରିପାରେ ନାହିଁ, ତାର ରାସ୍ତା ଭୁଲି ଯାଏ ।୧୫ ।
ସତରେ କେହି ବି ଚିନ୍ତା ବି କରେନା କେତେ ମା ମହିୟସୀ,
ମାଆ ଲୋ ତୋହର ତୁଳନା ନାହିଁ ତୁ "ସ୍ୱର୍ଗାତ ଅପି ଗରୀୟସି" ।୧୬ ।

(ଆନର୍ଜାତୀୟ ମାତୃଦିବସ ଉପଲକ୍ଷେ )

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

ISSN NO.
2582-208X

# ଅସାଧାରଣ
# ସୁନ୍ଦରବନ- ୨୦



ଅଶୋକ ବିଶ୍ୱାଳ

"ଆରେ ବାପ୍ ରେ ।"– ସପନବାବୁ କହିଲେ । କଥାଟା ଅତି ଲୋମହର୍ଷଣକାରୀ । ନହେଲେ ସପନବାବୁ କିଛି କହିନଥାନ୍ତେ । ଶୁଣିଥାନ୍ତେ ଆଉ ପରେ କହିଥାନ୍ତେ ।

"ସୁମନବାବୁ ତଳେ ଆଉ ବାଘ ତାଙ୍କ ଉପରେ । ଦୁହେଁ ଗଡାଗଡିହୋଇ ପୋଖରୀ ଭିତରେ ପାଣିରେ ପଡିଲେ । ପାଖରେ ବହୁତ ଲୋକଥିଲେ । ସମସ୍ତେ ବାଘକୁ ବାଡିଧରି ବାଡେଇଲେ । କେତେଟା ବ୍ଲାଙ୍କ ଫାୟାର ବି ହେଲା । ବାଘ ଶେଷରେ ଛାଡି ପଳାଇଲା ।"– ସୁବିମଳ କହୁଥିଲା ।

"ବଡ଼ ଭୟଙ୍କର ବାଘ । ଏତେ ଲୋକ କ୍ୟାମ୍ପ ପାଖରେ କାମ କରୁଛନ୍ତି ତା' ସତ୍ତ୍ୱେ ବାଘ ଆକ୍ରମଣ କରୁଛି ।"– ପାଓଲି କହିଲେ ।

"ସୁମନବାବୁ ଚେତା ହରାଇ ପଡିଥାନ୍ତି । ବାଘ ତାଙ୍କ ମୁଣ୍ଡରେ ଥାବା ମାରିଥାଏ । ସାଙ୍ଗେସାଙ୍ଗେ ତାଙ୍କୁ ବୋଟରେ ସଜନାଖାଲି ନିଆଗଲା । ପରେ ତାଙ୍କୁ କଲିକତା ନିଆଗଲା। ୧୮ଟା ଷ୍ଟିଚ ପଡିଲା । ସୁମନବାବୁ ବଞ୍ଚିଗଲେ ।"– ସୁବିମଳ କହୁଥିଲା ।

"ହଁ ବଞ୍ଚିଗଲେ । ବାଘ ଆକ୍ରମଣ ଏତେ ଭୟଙ୍କର ଥିଲା ଯେ ମୁହଁଟା ଅପରେସନ ପରେ ମଧ୍ୟ ବଙ୍କେଇହୋଇ ରହିଲା । ଏବେବି ସେ ଗୋଟାଏ କାନରେ ଶୁଣି ପାରୁନାହାନ୍ତି । ଗୋଟାଏ ଆଖିକୁ ତ ଭଲଭାବେ ଦିଶୁନି ।"– ମାଇତିବାବୁ କହିଲେ ।

"ବାଘ କାମୁଡାରୁ ତା'ହେଲେ ବଣୀଗଲେ ।"– ପାଓଲି କହୁଥିଲେ ।

ISSN NO. 2582-208X


"ବାଘ କାମୁଡିଥିଲେ କଣ ବଣୀପାରିଥାନ୍ତେ ? ଗୋଟାଏ କାମୁଡାରେ ଦଫାରଫା ହୋଇଯାଇଥାନ୍ତା । ଚାଖଣ୍ଡେ ଲମ୍ବା ଦାନ୍ତ । ସେ କାମୁଡାରୁ କିଏ ବଣୀବ । ତଣ୍ଟିର ଏକଣରୁ ସେ କଣଯାଏ ଫୁଟିଯିବ । ବାଘ କାମୁଡିନି । ତେଣୁ ବଞ୍ଚିଗଲେ ।"– ସୁବିମଳ କହୁଥିଲା ।

"ଆଜ୍ଞା, ବାଘ ଦେଖିବାକୁ ସୁନ୍ଦର ଲାଗେ । ରାଜକୀୟ ଢଳି ଦୋହଲି ଚାଲି । ବେଶ ଭଲ ଲାଗେ । ଏଇଟା ତା'ର ସୁନ୍ଦର ରୂପ । ଆକ୍ରମଣବେଳେ ପରା ବାଘର ନରାନ୍ତକ ଯମ ରୂପ। ବିରାଟ ମୁହଁ । ଆଖିରୁ ଯେମିତି ନିଆଁ ବାହାରୁଛି । ଭୟଙ୍କର ଦାନ୍ତ ମୁହଁରୁ ଦେଖାଯାଉଥିବ । ବିରାଟ ଜିଭ ତଳକୁ ଝୁଲିପଡିଥିବ । ସେ ରୂପ ଦେଖିଲେ ଆପେ ଛାନିଆ ହୋଇଯିବ ।"– ମାଇତିବାବୁ କହୁଥିଲେ । ତାଙ୍କ ଦାନ୍ତ ଯେମିତି ଥଣ୍ଡାରେ ଠକ୍ ଠକ୍ ହୋଇ ବାଜୁଥିଲା ।

"ଏକ ବିକଟାଳ ରୂପ ମଣିଷ ଉପରେ ପଡିଲେ ମଣିଷ ବଞ୍ଚିବ? ସୁମନବାବୁଙ୍କୁ ଭାଗ୍ୟ ବଞ୍ଚେଇ ଦେଲା ।"– ପାଇକବାବୁ କହୁଥିଲେ ।

ଏ ଭିତରେ ସେମାନଙ୍କୁ ଗରମ ଚାହା ପରଶି ଦିଆଗଲା । ଥଣ୍ଡାରେ ଚାହା ପିଇବା ଭଲ ଲାଗୁଥିଲା । ଆକାଶଟା ଝାପସା କଳା ଥିଲା । ଜଳକଣା ପବନରେ ଭାସୁଥିଲା । ସବୁକିଛି ଅସ୍ପଷ୍ଟ ଦେଖାଯାଉଥିଲା ।

"ସୁନ୍ଦରବନ ଜଙ୍ଗଲରେ ପରା ବହୁତ ସାପ ଅଛନ୍ତି?"– ପାଓଲି କହିଲେ । କଥା ବଢାଇବାକୁ କିଛି ନୂଆ ବିଷୟର ମଧ୍ୟ ଆବଶ୍ୟକତା ଅଛି ।

"ଲୁଣା ଜଙ୍ଗଲ ତ ସାପଙ୍କର ରାଜ୍ୟ ।"– ସୁବିମଳ କହିଲା ।

"ଡର ଲାଗେନା?"– ପାଓଲି ପଚାରିଲେ ।

"ଅହିରାଜ ସାପକୁ ଭାରି ଡର ଲାଗେ । ସାପଟା ତ ଏହି ୱାଚ ଟାୱାର ତଳ ମହଲାର ଝରକାର ତାଜା ଉପରେ ବସି ରହିଥିଲା ।"– ସୁବିମଳ କହୁଥିଲା । ଅନ୍ଧାରରେ ତା' ଆଖି ତଳ ମାଟି ଆଡକୁ ଝୁଙ୍କି ଯାଇଥିବ । ଦେହରେ ଲୋମସବୁ ଠିଆ ହୋଇଯାଇଥିବ । ଜଙ୍ଗଲରେ ବାଘ ଆଉ ଅହିରାଜ ସାପକୁ ସମସ୍ତେ ଡରନ୍ତି । ଦୁଇ ଜୀବ ତତକ୍ଷଣାତ୍ ଆକ୍ରମଣ କରନ୍ତି । ଏ ବିରାଟ ସାପ ବହୁତ ଜୋରରେ ଦୌଡେ ।

ISSN NO.
2582-208X

"ଥରେ ନୁହେଁ । ଦୁଇ ତିନିଥର ଘଟିଲା ।"– ସୁବିମଳ କହୁଥିଲା ।

"ଆଶ୍ଚର୍ଯ୍ୟର କଥା । କଣ ଅହିରାଜ ସାପଟା ଯାଗା ଅଧିକାର କରୁଥିଲା ନା କଣ? "– ପାଓଲି ପଚାରିଲେ । ଜଙ୍ଗଲର ଏ ସବୁ ଜୀବଙ୍କ ବିଷୟରେ ଜାଣିବାକୁ ତାଙ୍କର ବହୁତ ଇଚ୍ଛା ଥିଲା । ସେ ଏ ପର୍ଯ୍ୟନ୍ତ ଅହିରାଜ ସାପକୁ ଆଖିରେ ଦେଖିନାହାନ୍ତି । କେମିତି ଘୁଷୁରି ହୋଇ ଏମାନେ ଆଗକୁ ଚାଲି ଯାଆନ୍ତି । ବିନା ଗୋଡରେ ନିଜର କାତିକୁ ଆଗପଛ କରି ବେଶ ଜୋରରେ ଯାଆନ୍ତି । ପାଓଲିଙ୍କୁ ଲାଗେ ଫିଜିକ୍ସର ଏକ ନୂଆ ନିୟମରେ ସେମାନେ ଯେମିତି ଆଗାନ୍ତି । ଏହି ନିୟମ ଉପଯୋଗକରି କାଦୁଅ ପାଣିରେ ଯିବାପାଇଁ ଏକ ଯାନର ଉଦ୍ଭାବନ କରାଯାଇପାରେ । ଠିକ ଅଛି ଏ ସବୁ ଭାବନାର କଥା । କିନ୍ତୁ ସତରେ ତାଙ୍କୁ ସାପକୁ ଭାରି ଡର ଲାଗେ ।

"ଆଚ୍ଛା କେମିତି ଘଟିଲା?"– ସପନବାବୁ ପଚାରିଲେ ।

"ଶୁଣିବାକୁ ଭଲ ତ ଲାଗୁଛି । କିନ୍ତୁ ଭୟଙ୍କର କଥାଟା ।"– ପାଓଲି କହି ଉଠିଲେ । ସାପର କଥାଟା ତାଙ୍କ ରୋମମୂଳକୁ କୁଞ୍ଚିତ କରିଦେଇଥିବ ।

"ସେ ସମୟରେ ଏ ୱାଚ ଟାୱାରର କାମ ଚାଲିଥାଏ । ଲୋକମାନେ କାମ କରୁଥାନ୍ତି । ସକାଳେ ଆସି ଦେଖନ୍ତି ଯେ ସାପଟା ତାଜା ଉପରେ କୁଣ୍ଡଳୀବାନ୍ଧି ବସିଛି । ଏତେ ବଡ଼ ସାପ ଦେଖି ମୋତେ ଡାକ ପାରିଲେ ।

ଏ ଲୋକଗୁଡା ଟିକିଏ କଥାରେ ଡରନ୍ତି । ସୁନ୍ଦରବନର ଜଙ୍ଗଲରୁ କେମିତି ପଳେଇବେ ସେଥିପାଇଁ ବାଟ ଖୋଜୁଥାନ୍ତି । ତେଣୁ ବାହାନା ମାରୁଥିବେ ବୋଲି ମୁଁ ଭାବିଲି । କଣ ଗୋଟାଏ ଛୋଟ ସାପ ହୋଇଥିବ । ହୁରୁଡେଇ ଦିଅ ବୋଲି ମୁଁ ପାଟିକଲି । ଯାହାହେଉ ସେଦିନ ସେ ସାପ କେମିତି ଚାଲିଗଲା । ଏମିତି ସାପ ଦେଖିବା ଆଉ ଯିବାଦୁଇ ଦିନ ଘଟିଲା ।

"ଆମକୁ ଡର ଲାଗୁଛି । ଏଠି କାମ କରିବୁନି ।"– ଶ୍ରମିକମାନେ ସବୁଦିନ ଆସି କଥା ଦୋହରାନ୍ତି । ମୁଁ ସେମାନଙ୍କୁ ବହୁତ ବୁଝାଏ । ସେମାନେ ବହୁତ କଷ୍ଟରେ ରାଜି ହୁଅନ୍ତି । ତୃତୀୟ ଦିନକୁ ଲାଗିଲା କଥାଟା ଗମ୍ଭୀର ଥିବ ।

ISSN NO.
2582-208X

"ଚତୁର୍ଥ ଦିନ କଥା । ସାପଟା ତାଜା ଉପରେ ବସିଛି ବୋଲି ପାଟି ଶୁଭିଲା । ଗୋଟାଏ ଶ୍ରମିକ ଦୌଡି ଦୌଡି ଆସି କହିଲା ଯେ ସାପ ଯାଉନି । ମୁଁ ଆସି ଦେଖେତ ସାପଟା ସତକୁ ସତ ଅହିରାଜ ସାପ । ନୂଆ କରି ତିଆରି ହୋଇଥିବା ତାଜା ଉପରେ ବସି ଖରା ପୁଆଁଉଛି। ମୋତେ ବଡ଼ ଡର ଲାଗିଲା । ଦଶ ଫୁଟର ଉର୍ଦ୍ଧ୍ୱ ଲମ୍ବ ହେବ । ବଡ଼ ସାପ । ଏ ସାପର କ୍ରୋଧ ଆଉ ଆକ୍ରମଣ ବିଷୟରେ ବହୁତ ଶୁଣିଥିଲି । ଏ ସାପକୁ ଏଠୁ ଯିବାର ଅଛି । ନହେଲେ ଆଉ କାମ ହେବନି ।

କଣ କରିବି କଣ କରିବି ହେଉଥିଲି । ବିଟ ଦାୟିତ୍ୱଟା ମୋର । କାମ କରାଇବାର ଦାୟିତ୍ୱ ମଧ୍ୟ ମୋର । ପାଖରେ କେହି ସାହାର୍ଯ୍ୟ ବା ଉପଦେଶ ଦେବାକୁ ନାହାନ୍ତି । ଯାହାହେଉ କ୍ୟାମ୍ପରେ ଏକ ସ୍ନେକ କ୍ୟାଚର ଥିଲା । ସେଥିରେ ଛୋଟ ମୋଟ ସାପ ଧରାଯାଇପାରେ । ଟ୍ରେନିଙ୍ଗ ସମୟରେ ସାପ ଧରିବାର କିଛି କଳା ଶିଖାଯାଇଥିଲା । ଏକ ନାଗସାପକୁ ମଧ୍ୟ ମୁଁ ଧରିଥିଲି । କିନ୍ତୁ ଏଇଟା ତ ଅହିରାଜ ସାପ । ବିଶାଳ ଲମ୍ବା ଆଉ ଆକ୍ରମଣଶୀଳ । ମୋର ସାହାସ କୁଳାଉ ନଥିଲା ।

କିଛି ଟେକନିକ ତ ଇଣ୍ଟରନେଟରୁ ଭିଡିଓ ଦେଖି ଶିଖିଥିଲି ।"– ସୁବିମଳ ଏତି କହି ଅନ୍ଧାରକୁ ଅନାଇଲା । ଅନ୍ୟମାନଙ୍କ ଚାତକ ଆଖି ତା' ଉପରେ ନିବିଦ୍ଧ ଥିଲା । ତା'ର ଅସ୍ପଷ୍ଟ ଦେଖାଯାଉଥିବା ମୁହଁରେ ଭୟର ରେଖାସବୁ ଫୁଟି ଉଠିଥିବ । ସେ ପରକଥାଟା ରହି ରହି କହୁଥିଲା । ସତେ ଯେମିତି ପ୍ରତି କଥା ସହ ନିଜର ସାହାସ ଜୁଟାଇ ଆଉ ଟିକେ ଟିକେ ଆଗାଉଛି ।

ସାପକୁ ବାଉଁଶରେ ଠେଲି ତଳକୁ ପକାଇ ଦିଆଗଲା । ସାପ ତଳେ ପଡିଗଲାପରେ ସୁବିମଳକୁ ବଡ଼ ଡର ଲାଗୁଥିଲା । କିନ୍ତୁ ବଡ଼ କଷ୍ଟରେ ସାପକୁ ସ୍ନେକ କ୍ୟାଚରରେ ଧରି ଏକ ବସ୍ତାରେ ପୁରାଇ ଦିଆଗଲା । ପରେ ସାପକୁ କ୍ୟାମ୍ପଠାରୁ ବହୁତ ଦୂରରେ ଛାଡି ଦିଆଗଲା ।

"ତୁମର ବଡ଼ ସାହାସ ତ !" ପାଓଲିଙ୍କ କଥା ବିସ୍ମୟରେ ଭରି ରହିଥିଲା । ଏକ ନୂଆ ଲୋକ କେମିତି ସ୍ନେକ କ୍ୟାଚରରେ ଏଡେ ବଡ଼ ସାପକୁ କାବୁ କରିପାରିଲା ? ଏ କଥାଟା ତାଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲା । ସପନାବାବୁ ମୁଣ୍ଡ ହଲାଉଥିଲେ । ସେ କିଛି କଥା ଗଭୀରଭାବେ ଭାବୁଛନ୍ତି ।

ISSN NO.
2582-208X

"ମୋତେ ଲାଗୁଛି ସାପଟା ଟିକେ ଧୀର ଥିବ । ନହେଲେ ତୁମେ ସହଜରେ ସାପକୁ ଧରି ପାରି ନଥାନ୍ତ ।"– ସପନବାବୁ କହିଲେ ।

ସୁବିମଳ ମଧ୍ୟ ମୁଣ୍ଡ ହଲାଇଲା । ତା'ର ନିଜ କଲା କାମଟା ତା'କୁ ଅସମ୍ଭବ ଲାଗୁଥିଲା । ସପନବାବୁଙ୍କ କଥାଟା ସତ ହୋଇଥିବା ସାପ କେଉଁ କାରଣରୁ ବଡ଼ ଧୀର ଥିବ ।

"ଆଚ୍ଛା, କଥାଟା କଣ ଶୀତ ଦିନର? ସାପ ଏମିତି ଶୀତ ଦିନେ କୁଣ୍ଡଳୀ କରି ଖରା ପୁଆଁଏ ।"– ସପନବାବୁ କହିଲେ ।

"ହଁ । ସେ ଦିନଗୁଡାକରେ ଭାରି ଶୀତ ପଡିଥିଲା । ସୁନ୍ଦରବନର ଭିତରେ ଏମିତି ତ ବହୁତ ଶୀତ ହୁଏ ।"– ଶୌରଭ କହିଲା ।

"କଥାଟା ଏବେ ବୁଝିହେଲା । ସାପଟା ଏକ ଶୀତଳ ରକ୍ତଧାରୀ ପ୍ରାଣୀ । ଦେହ ଗରମ ନହେଲା ପର୍ଯ୍ୟନ୍ତ ସେ ବହୁତ ଚଞ୍ଚଳ ହୋଇପାରିବନି । ସେଦିନ ବୋଧହୁଏ ତୁମେ ବେଶ ସକାଳୁ ସାପକୁ ଧରିନେଇଛ । ସାପ ଚଞ୍ଚଳ ହୋଇପାରିନି । ଯାହାହେଉ ତୁମର ସାହାସକୁ ସାବାସ୍ ଦେବା କଥା ।"– ସପନବାବୁ କହିଲେ ।

ପାଓଲି ମଧ୍ୟ ମୁଣ୍ଡ ହଲାଉଥିଲେ । ସୁବିମଳ ଭଳି ଏକ ନୂଆ ଚାକିରୀ କରିଥିବା ଲୋକ ଏତେ ବଡ଼ ସାପକୁ କାବୁ କରିନେଲା କିଛି ଛୋଟ କଥା ନୁହେଁ । ସେ ସୁବିମଳ ଆଡକୁ ଅନାଇ ହସୁଥିଲେ ।

"ମୋତେ ଲାଗୁଛି ଅହିରାଜ ସାପର ଏଇ ଅଞ୍ଚଳ, ତା'ର ଚଳାଚଳ କ୍ଷେତ୍ର ।"– ସୁବିମଳ କହିଲା ।

"କେମିତି?"– ଏକ ପ୍ରଶ୍ନ ପାଓଲିଙ୍କ ମୁହଁରୁ ବାହାରୁଥିଲା ।

"ଆମେ ସେ ଅହିରାଜ ସାପକୁ ଦୂରରେ ତ ଛାଡି ଦେଇଥିଲୁ । ଭାବୁଥିଲୁ ସେଠାରୁ ସେ ଆସିପାରି ନଥିବ । ଏବେ ଦେଖୁଛି ସେ ସାପଟା ଏଠି ଆସି ବୁଲାଚଲା କରୁଛି । ଏବେ ଅବଶ୍ୟ ତାଜା ଉପରେ ବସୁନି ।"– ସୁବିମଳ କହିଲା ।

ISSN NO.
2582-208X

ଚାରିଆଡେ ଜଙ୍ଗଲ । ସାପ ନିଶ୍ଚିତଭାବେ ସବୁଆଡେ ଭରି ରହିଛନ୍ତି । ହୁଏତ ଆଉ କେଉଁ ଅହିରାଜ ସାପ ଆସିଥିବ । ନହେଲେ ସେ ପୁରୁଣା ସାପ ତା’ ଯାଗାକୁ ଫେରି ଆସିଥିବା ସାପମାନେ ଭଲ ପହଁରି ପାରନ୍ତି । ଆଉ ଏଠି ସାପ ଗଛ ଚଢିବାରେ ଓସ୍ତାଦ ।

“ଏ ନେତି ଧୋପାନୀ ଅଞ୍ଚଳରେ ବହୁତ ସାପ ଅଛନ୍ତି ।”- ସୁବିମଳ କହୁଥିଲା ।

“ତୁମକୁ ଡର ଲାଗୁନି ?”- ପାଓଲି କହିଲେ ।

“ଏତେ ନୁହେଁ । ମୁଁ ଏ ସାପମାନଙ୍କୁ ଲକ୍ଷ୍ୟ କରିଛି । ଏମାନେ ଗାଁ ଗଣ୍ଡାରେ ଦେଖାଯାଉଥିବା ସାପମାନଙ୍କ ପରି ଏତେ ହିଂସ୍ର ନୁହଁନ୍ତି । ଗାଁର ଥିବା ନାଗସାପ ପାଖରେ ଗୋଡ ପଡିଗଲେ ସାପ ଫଣାଟେକି ମାରିବାକୁ ଆସିବ । ଗୋଡ ପଡିଲେ ତ ବିଷମ ସମସ୍ୟା, ଆକ୍ରମଣ ନିଶ୍ଚିତ । ଗୋଡ ନପଡୁଣୁ ସାପ ଫଁ କରିବ । କିନ୍ତୁ ଏଠି ସାପ ପାଖରେ ଥିଲେ ମଧ୍ୟ କିଛି କରେନି । ମୋଟେ ଫଣା ଉଠାଇ ଚୋଟ ମାରିବାକୁ ଚେଷ୍ଟା କରେନି ।”- ସୁବିମଳତା’ର ଅଭିଜ୍ଞତା ବଖାଣୁଥିଲା ।

ତା’ର ଟର୍ଚ୍ଚ ଲାଇଟ ତଳର ତାରଜାଲି ଆଡକୁ ଲମ୍ବିଗଲା । ତାରଜାଲି ଭଲ ଭାବରେ ଦେଖାଯାଉଥିଲା । କିଛି ସେମିତି ବିଶେଷତା ନଥିଲା । ଜାଲିକୁ ସବୁଜ ରଙ୍ଗ ଦିଆଯାଇଛି । ବାହାର ଜଙ୍ଗଲ ସହ ରଙ୍ଗ ମିଶି ଯାଉଛି । କିଛି ଦୂର ପଛରେ ଜଙ୍ଗଲ ଆଡକୁ ନାଇଲନ ରଶି ଫେନ୍ସିଙ୍ଗ ।

“ଆପଣ ଏ ଯେଉଁ ତାରଜାଲି ଦେଖୁଛନ୍ତି ସେଥିରେ ସାପ ସବୁ ଝୁଲି ରୁହନ୍ତି । ଗ୍ରନ ପିଟ ଭାଇପର ସାପସବୁ ଦିନଦିନ ଧରି ଗୁଡାଇ ହୋଇ ଝୁଲି ରହିଥାନ୍ତି ।”- ସୁବିମଳର କଣ୍ଠରୁ କଥା ସାପଭଳି ହିସ ହିସ ହୋଇ ବାହାରୁଥିଲା ।

“ଏ ସାପଗୁଡା ସେମିତି ଦୁଇ ତିନି ଦି ଧରି ଗୋଟାଏ ଯାଗାରେ ଝୁଲି ରହିଥାନ୍ତି ।”- ସୁବିମଳ ଭଲ ଭାବରେ କହୁଥିଲା ।

“ଏମିତି ଗୋଟାଏ ଯାଗାରେ ଦୁଇ ତିନି ଧରି ଝୁଲି ରହନ୍ତି ଆଉ ଆପଣମାନେ ଦେଖନ୍ତି !”- ପାଓଲିଙ୍କ ସ୍ୱରରେ ଡରର ଆଭାସ ଥିଲା ।

ISSN NO.
2582-208X

"ଏ ସାପମାନଙ୍କର ସେମିତି ଅଭ୍ୟାସ ।"– ସୁବିମଳ କହିଲା । ତାପରେ ସାମାନ୍ୟ ହସିଲା। ସେ ନିଜକୁ ସହଜ କରୁଥିଲା । ସାପ ଦେଖିଲେ ତା'କୁ ପ୍ରଥମେ ପ୍ରଥମେ ବଡ଼ ଡର ଲାଗୁଥିଲା । ଏବେ କିନ୍ତୁ ଡର ଅନେକ କମିଗଲାଣି । ବାହାରର ଲୋକଙ୍କୁ ସାପକଥା ବଡ଼ ନିଶ୍ଚିତ ଭାବରେ ଲାଗିବ ।

"ସବୁଆଡେ ସାପ ଓହଳି ରହିଛନ୍ତି । ରାସ୍ତାରେ ନାଗସାପ ଚାଲୁଛନ୍ତି । ଗଛ ଉପରେ ଅହିରାଜ ସାପ ବସି ରହିଛି । ଏଇଟା ତ ନେତି ଧୋପାନୀ କ୍ୟାମ୍ପ ।"– ସୁବିମଳ କହିଲା।

"ତାହେଲେ ଏ ଯାଗା ବାଘର ରାଜ୍ୟ ନା ସାପର ରାଜ୍ୟ?"– ପାଓଲି କହିଲେ । ଏତେ ସାପମାନଙ୍କ କଥାଶୁଣି ତାଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗୁଥିଲା । ସେ ବାଘ କଥା ବହୁତ ଶୁଣିଛନ୍ତି। କିନ୍ତୁ ଏ ସରୀସୃପଙ୍କ କଥା ଏତେ ଶୁଣି ନାହାନ୍ତି ।

"ବାଘ ଜଙ୍ଗଲର ରାଜା । ଆଉ ସାପମାନେ ତା'ର ସୈନିକ । ଏ ରାଜ୍ୟରେ ପ୍ରବେଶ ସହଜରେ ହୋଇପାରେନା ।"– ସପନବାବୁ କହିଲେ ।

"ସାପମାନଙ୍କ ବ୍ୟବହାର ଜାଣିଲାପରେ ଆଉ ଏତେ ଡର ଲାଗୁନି । ସେମାନେ ଦୌଡିଆସି ଆକ୍ରମଣ କରୁ ନାହାନ୍ତି ।"– ସୁବିମଳ ଛେପ ଢୋକିଲା ।

"କିନ୍ତୁ ବାଘ ସାପର କିଛି ନିୟମ ମାନେନା । ଜଙ୍ଗଲ ଭିତରେ ମଣିଷ ଦେଖିଲେ ଆକ୍ରମଣ କରିବ ହିଁ କରିବ । ତା'ର ରାଜ୍ୟରେ ଅନାଧିକାର ପ୍ରବେଶ ନିଷିଦ୍ଧ ।"– ସୁବିମଳର ଶବ୍ଦ ସବୁ ଶୀତରେ କମ୍ପି ଯାଉଥିଲା । ତଳକୁ ଧଳା କୁହୁଡି ଓହ୍ଲାଇ ଆସିଥିଲା । ସମସ୍ତେ କିଛି ସମୟ ଚୁପ ହୋଇ ବସିଲେ । ସାପ ଆଉ ବାଘ ମନ ଭିତରେ ଭୟ ନେଇ ଆସିଥିଲା । ଏ କ୍ୟାମ୍ପ ଭିତରେ ବାଘ ଆକ୍ରମଣ ହେବନି ।

ପାଓଲିଙ୍କ ମନରେ ଏବେ ବାଘ ବିଷୟରେ ବହୁତ ପ୍ରଶ୍ନ ଥିଲା । ବଡବାବୁ ଆଉ ତାଙ୍କ ଲୋକମାନେ କେମିତି ଜଙ୍ଗଲରେ ବାଘ ବିଷୟରେ ଜାଣୁଛନ୍ତି? ଏମାନେ ଏଠି କରୁଛନ୍ତି କଣ? ଏ ଘନଘୋର ଅରଣ୍ୟ ଆଉ ଅପନ୍ତରାରେ କଣ ପାଇଁ ପଡିଛନ୍ତି? ଆଉ ଏ ବାଘମାନଙ୍କୁ କେମିତି ଜାଣୁଛନ୍ତି? ବାଘ ଗଣିବାପାଇଁ କଣ କିଛି ଉପାୟ ଅଛି ? ଏ ଜଙ୍ଗଲରେ ଏତେ ବାଘ ଅଛି ଜାଣିବେ କେମିତି? ଏମିତି ଅନେକ ପ୍ରଶ୍ନ ।

ISSN NO.
2582-208X

କ୍ୟାମେରା ଟ୍ରାପିଙ୍ଗ ।

"ଜଙ୍ଗଲରେ ବାଘ ଦେଖା ଯାଉ ନାହାନ୍ତି । କେମିତି ଜାଣିବେ ଏ ଦ୍ୱୀପରେ ଏତେ ବାଘ ଅଛନ୍ତି, ଆଉ ଦ୍ୱୀପରେ ଏତେ ବାଘ ଅଛନ୍ତି ?"– ପାଓଲି ପଚାରିଲେ । ତାଙ୍କ ଜାଣିବାରେ ବାଘ ନିରୀକ୍ଷଣପାଇଁ ଅନେକ ଭିନ୍ନ ଭିନ୍ନ ପଦ୍ଧତି ଅବଲମ୍ବନ କରାଯାଏ । ଆଗରୁ ପ୍ଲାଷ୍ଟର ଅଫ ପାରିସ ଢାଞ୍ଚା ବା ପ୍ଲେଟରେ ବାଘର ପାଦଚିହ୍ନ ସଂଗ୍ରହ କରାଯାଉଥିଲା । ସେଥିରେ ଜଙ୍ଗଲ ଭିତରକୁ ଯାଇ ଷ୍ଟାଫମାନେ ଢାଞ୍ଚାକୁ ମାଟିରେ ରଖୁଥିଲେ ଆଉ ପରେ ବାଘ ତା' ଉପରେ ଚାଲିଲେ ବାଘର ପାଦ ଛାପ ସେଥିରେ ରହିଯାଉଥିଲା । ସେ ବିଷୟରେ ପାଓଲି ଜାଣିଥିଲେ । କିନ୍ତୁ ଲୁଣା ଜଙ୍ଗଲରେ ଏ ପଦ୍ଧତିରେ ବାଘ ବିଷୟରେ ତଥ୍ୟ ସଂଗ୍ରହ କରିବା ଅତି କଷ୍ଟକର । ପାଣି ବଢୁଛୁ କମୁଛି, ଚାରିଆଡ ସନ୍ତସନ୍ତିଆ । ତା' ଛଡା ଏ ଜଙ୍ଗଲ ଭିତରେ ପଶି ବହୁ ଯାଗାରେ ଢାଞ୍ଚା ରଖିବା ପ୍ରାୟ ଅସମ୍ଭବ । କିଛି ଯାଗାରେ ରଖିଲେ ଜଙ୍ଗଲର ପୁରା ତଥ୍ୟ ଆସିବନି । ଏ ଭିତରେ ଆଉ କିଛି ପଦ୍ଧତି ଅବଲମ୍ବନ କରାଯାଉଥିବ। ତେଣୁ ପାଓଲି ଏ ପ୍ରଶ୍ନ ସୁବିମଳକୁ ପଚାରିଲେ ।

ବାଘ ନିରୀକ୍ଷଣ ପାଇଁ କ୍ୟାମେରା ଟ୍ରାପିଙ୍ଗ ସବୁଠାରୁ ଭଲ ଉପାୟ । ସୁନ୍ଦରବନରେ ଏହି ଉପାୟରେ ବାଘ ଉପରେ ତଥ୍ୟ ସଂଗ୍ରହ କରାଯାଉଛି । ବାଘ ଗଣନାପାଇଁ ଏହାଠାରୁ ଭଲ ଉପାୟ ଆଜି ନାହିଁ ।– ସୁବିମଳ ଆଜିକାଲିର ଟେକନିକ୍ ବିଷୟରେ କହୁଥିଲା । ସେ ଟିକେ ବାହରକୁ ଅନାଇଲା । ତାପରେ ପୁଣି କହି ଚାଲିଲା ।

"ଅନ୍ୟ ପଦ୍ଧତିରେ ଭୁଲର ସମ୍ଭାବନା ଅଧିକ। କ୍ୟାମେରା ଟ୍ରାପିଙ୍ଗରେ ଜନ୍ତୁର ଫଟୋ ଉଠିଯାଏ । ଏଣୁ ଭୁଲ ହେବା ସମ୍ଭାବନା ନାହିଁ । କ୍ୟାମେରା ଟ୍ରାପିଙ୍ଗରେ ବାଘ ଛଡା ଅନ୍ୟ ଜୀବର ଫଟୋ ମଧ୍ୟ ଉଠିଯାଏ । ତେଣୁ ଜଙ୍ଗଲର ଜୀବ ଜନ୍ତୁଙ୍କ ବିଷୟରେ ଜାଣି ହୁଏ ।"
– ସୁବିମଳ କହି ଚାଲିଥିଲା ।

ପାଓଲି ମୁଣ୍ଡ ହଲାଇଲେ । ସପନବାବୁ ମଧ୍ୟ ମୁଣ୍ଡ ହଲାଇଲେ । ଏଠିକାର କାମର ପଦ୍ଧତି ବିଷୟରେ ଜାଣି ତାଙ୍କୁ ମଧ୍ୟ ଭଲ ଲାଗୁଥିଲା । ଏକ ବିଜ୍ଞାନ ସମ୍ମତ ପଦ୍ଧତି ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । କଥାଟା ନିଶ୍ଚିତଭାବରେ ଭଲ । ଏକ ଜଙ୍ଗଲରେ ଶିକାର ଆଉ ଶିକାରୀ ବିଷୟରେ ଏତେ ତଥ୍ୟ ମିଳିଲେ ଟାଇଗର ମ୍ୟାନେଜମେଣ୍ଟ ନିଶ୍ଚିତ ଭାବରେ ସହଜ ହେବ। ଜଙ୍ଗଲରେ ଶିକାର ଆଉ ଶିକାରୀ ମଧ୍ୟରେ ସନ୍ତୁଳନ ହେବା ଆବଶ୍ୟକ । ଉପଯୁକ୍ତ

ISSN NO.
2582-208X


ପରିମାଣରେ ଶିକାର ମିଳିଲେ ବାଘର ମଣିଷ ପ୍ରତି ଆକ୍ରୋଶ କମିଯିବ । ଜଙ୍ଗଲରେ ବାଘ ଆଉ ବାହାରେ ମଣିଷ ଶାନ୍ତିରେ ରହିବେ । ଦୁଇଜଣ ଏକା ସାଙ୍ଗରେ ରହିବାର କିଛି ଆବଶ୍ୟକତା ନାହିଁ । ବାଘ ପୋଷା ଜନ୍ତୁ ନୁହେଁ ବା ସୁନ୍ଦରବନର ବାଘ ଏକ ଚିଡିଆଖାନାର ବନ୍ଦୀ ବାଘ ନୁହେଁ । ସୁନ୍ଦରବନ ହେଉଛି ବାଘର ସାମାଜ୍ୟ ଆଉ ବାଘ ସେଠାର ଅପ୍ରତିଦ୍ୱନ୍ଦୀ ସମ୍ରାଟ ।

"ଖାଲି ଫଟୋରୁ ବାଘକୁ ଚିହ୍ନନ୍ତି କେମିତି? ଆମ ଜାଣିବାରେ ପାଦଚିହ୍ନ ଆଉ ଆଙ୍ଗୁଳି ମଧ୍ୟରେ ଫାଙ୍କର ପ୍ରଭେଦ ଦ୍ୱାରା ଏକ ବାଘକୁ ଅନ୍ୟ ବାଘଠାରୁ ଭିନ୍ନ ବୋଲି ଜାଣି ହୁଏ ।"- ପାଓଲି କହିଲେ ।

କ୍ରମଶଃ-

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# ବଢାଇ ଦେବକି ହାତ ?



ଶଶଧର ମହାପାତ୍ର

ସକାଳେ ଓ ସଞ୍ଜେ ମୁଣ୍ଡିଆଟେ ମାରି
ଡାକେ ଆହେ ଚକାଡୋଳା
ତୁମ ପାଖେ ଯଦି ଡାକ ନପହଞ୍ଚେ
ବୁଡିଯିବ ମୋ'ର ଭେଳା
କରୋନା ସାଜିଛି ବାଧକ ଆମର
ମନ୍ଦିରକୁ ଯିବା ମନା
ସବୁଥିରୁ ପ୍ରଭୁ ବଞ୍ଚିତ ହେଇଛୁ
ମୁହଁରେ ବାନ୍ଧୁଛୁ କନା
ଦାସିଆ ବାଉରୀ ହାତରୁ ନଡିଆ
ନେଇଥିଲ ଜଗନ୍ନାଥ
ଭୋଗ କି ନୈବେଦ୍ୟ ଘରୁ ବାଢିଦେଲେ
ବଢାଇଦେବ କି ହାତ ?
ପେଟ ଶୁଖୁଥିବ ଭୋକ ଉପାସରେ
ନଖାଇକି ଭୋଗରାଗ
ଷାଠିଏ ପଉଟି ଯିଏ ଭୁଞ୍ଜୁଥିଲା
ତାହାର ବି ଏ' ଦୁଃର୍ଭାଗ୍ୟ
ଖଠିଆ ହାତକୁ ବଢେଇ ଦେଇଛ
ଭକ୍ତଟିଏ ଡାକେ ଯେବେ
ଖଠିଆ ଗୋଡରେ ବ୍ରହ୍ମାଣ୍ଡ ବୁଲୁଛ

ISSN NO.
2582-208X

ଚାଲୁଥାଅ ବେଗେ ବେଗେ
ତୁମ ଚକା ଆଖି ଜଗତ ଦେଖୁଛି
ଯୁଗ ଯୁଗ ଧରି ପ୍ରଭୁ
କରୋନା ଭୟରେ ଗୃହବନ୍ଦୀ ହେଲୁ
କରୋନା କରୁଛି କାବୁ
କରୋନା ଦେଉଛି ଅଶେଷ ଯନ୍ତ୍ରଣା
ଭୟ ଆସେ ଆମ ମନେ
ସାରା ବିଶ୍ୱ ଆଜି ତ୍ରାହି ତ୍ରାହି ଡାକେ
ପଡୁ ନାହିଁ ତୁମ କାନେ
ନିଜେ ଭୋଗୁଅଛ, ଦୁନିଆ ଭୋଗୁଛି
ତୁମର ସେ' ଚିନ୍ତା ନାହିଁ
ନା, ଜାଣି ଶୁଣି ଘଟାଉଛ ସବୁ
ଚେତନା ଆଣିବା ପାଇଁ
କିଏ କାମ କରେ ନିଜ ଘରେ ରହି
ପେଟ ପାଟଣା ପାଇଁ
ତିନି ଦିନ ପାଇଁ ସପ୍ତାହରେ ନିଜେ
କାମକୁ ଯାଉଛି ସାଇଁ
ଘରୁ ବାହାରିଲେ ଆସୁଅଛି ଜର
କାଶ ହୁଏ ଛାନିଆରେ
କାଳେ ଆସିଗଲା କରୋନା ଭୂତାଣୁ
ଛାତି ଥରେ ଆଶଙ୍କାରେ
ଯଦି ମୋତେ ନିଅ ତୁମ ପାଶେ ପ୍ରଭୁ
କରିବିନି ଅଭିମାନ
ଯନ୍ତ୍ରଣା ଓ କଷ୍ଟ ନଭୋଗେ ଯେମିତି
ସେଥିପାଇଁ ନିବେଦନ
ଗାଁ ଗହଳିରେ ବିଲବାଡି ଏବେ
ପଡିଆ ପଡିଛି ଆଜି

ISSN NO.
2582-208X


ରଜ ଆସିଗଲା ଚାଷ ନ ହୋଇଲା
ଚାଷୀ କାନ୍ଦେ ମୁହଁ ଗୁଞ୍ଜି
ସବୁରି ମୁହଁରେ ଗୋଟିଏ ଶବଦ
"କରୋନା' "କରୋନା' ବୋଲି
ପିଲାଠାରୁ ବୁଢା ସବୁ ଚାହୁଁଛନ୍ତି
କେବେ ଯିବ ଛାଡି ଚାଲି
ଡାକ୍ତର ଓ ନର୍ସ ନିଜ ଜୀବନକୁ
ଠେଲିଦେଇ ବିପଦରେ
ରୋଗୀଙ୍କର ସେବା ସାରା ଦିନରାତି
କରୁଛନ୍ତି ନିରନ୍ତରେ
ଯଦି ଭାବୁଅଛ ଯାହା କରୁଅଛ
ଜଗତ କଲ୍ୟାଣ ପାଇଁ
ତାଙ୍କପାଇଁ ହେଲେ ଟିକିଏ କରୁଣା
ରଖିଥିବ ମନେ ସାଇଁ

(ଆଜି ଏ' ସମୟରେ ଡାକ୍ତର ଓ ନର୍ସ ମାନଙ୍କର ଭୂମିକା ପ୍ରଶଂସନୀୟ । ନିଜ ଜୀବନକୁ ଜଳାଞ୍ଜଳି ଦେଇ ଦିନରାତି ସେମାନେ କରୋନା ସଂକ୍ରମିତ ରୋଗୀଙ୍କର ସେବା କରୁଛନ୍ତି । ଦୁଃଖର ବିଷୟ ଯେ ସେମାନଙ୍କ ମଧ୍ୟରୁ କିଛି ମରି ଯାଉଛନ୍ତି । ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ସେମାନଙ୍କ ଜୀବନ ରକ୍ଷାପାଇଁ ପ୍ରାର୍ଥନା ।

ହିଡେନ୍ ଭ୍ୟଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ମଇ – ୨୦୨୨
ISSN NO. 2582-208X
www.vedantimagazine.com

# ଜୟ ଜୟ ରାମ



ଜୟନ୍ତୀ ଦେବୀ

(ଶ୍ରୀରାମ ନବମୀ ଉପଲକ୍ଷେ)

ଶ୍ରୀ ରାମ ପୁରୁଷୋତ୍ତମ ଘନଶ୍ୟାମ ଦୀନବାନ୍ଧବ ରାଘବ ।
ରାମ ମର୍ଯ୍ୟାଦା ପୁରୁଷ ଜଗଦୀଶ କରୁଣା ସିନ୍ଧୁ କେଶବ ।୧।
ମଙ୍ଗଳ ମୂରତି ରାମ ଦାଶରଥି ନୀଳମଣି ସୀତାଧବ ।
ନମୋ ନାରାୟଣ ପତିତ ତାରଣ ଶ୍ରୀରାମ ଭକ୍ତ ବାନ୍ଧବ ।୨।
ବନମାଳୀ କ୍ଷେତ୍ର ମଉଳୀ ଶ୍ରୀରାମ ରାଘବ ଜାନକୀଧବ ।
ମୀତ ଗୃହାଁ ବାରେ ତା କଳା ବଦନ ଭବ, ପାପ ଦୂର ହେବ ।୩।
ଉପେନ୍ଦ୍ର ଇନ୍ଦ୍ରାବରଜ ଚତୁର୍ଭୁଜ ଭଜମନ ସୁମାଧବ ।
ପତିତପାବନ ସେ ଜଗମୋହନ ନାମ ଜପୁଛନ୍ତୁ ଶିବ ।୪।
ଲଭ ସଦଗତି ଚନ୍ତୁ ରଘୁପତି ସୀତାପତି ଶ୍ରୀୟାଧବ ।
କ୍ଷେତ୍ରପତି ରଘୁନନ୍ଦନ ଶ୍ରୀରାମ ରାବଣାରୀ ନାମ ଭାବ ।୫।
ଜଗମୋହନ ରଘୁନାଥ ସ୍ମରଣେ ମନ ପବିତ୍ର ହୋଇବ ।
ଯଶୋଦା ନନ୍ଦନ ରଙ୍ଗା ଅବତାର ଦ୍ୱାପରରେ ରାଧାଧବ ।୬।
ଜୟ ହେ ରାଘବ ପୁରୁଷ ପୁଙ୍ଗବ ଧନ୍ୟ ତୋ ନାମ ପ୍ରଭାବ ।
ଯମୁନା କୂଳଆ ଦ୍ୱାପର ଯୁଗରେ ଧରିତାରିଛି ଏ ଭାବ ।୭।
ରାମ ରାବଣାରୀ ମାଧବ ମୁରାରୀ ଶାନ୍ତାକାର ଯା ସ୍ୱଭାବ ।
ମନ ଚନ୍ତ ରାମ ପୁରୁଷ ଉତ୍ତମ ଦୂର ହୋଇବ ଅଭାବ ।୮।

ମାର୍ଫତ୍ – ଡଃ ଅର୍ଜୁନ ଚରଣ ବାରିକ୍
ମହୁ, ଆଳ, କେନ୍ଦ୍ରାପଡା
ଦୂରଭାଷ–୮୮୯୫୪୫୦୧୧୦

ISSN NO.
2582-208X

# ପ୍ରେମ



ସଂଯୁକ୍ତା ସାହୁ

ପ୍ରେମ ଏମିତି ଏକ ଶବ୍ଦ ଯେ
ତାହା ଦୁଇ ଅକ୍ଷରର ସମାହାର
କିନ୍ତୁ ସେଥିରେ ସୁପ୍ତ ଅସୀମ
ତାକୁ ପଚାରିବାକୁ ଇଛା ହୁଏ
ତୁ କିଏ ? କାହିଁକି ମୋହାଛନ୍ନ
କରୁ ପୁଣି ଅବଶୋଷ ଭରୁ
ତୁ ବଡ଼ ଅଦ୍ଭୁତ ଆଉ ଅପୂର୍ବ
ଏତେ ମାୟା କାହିଁକି ଲଗାଉ ?
ତୋତେ ଫେଣେଇବା ଭାରି କଷ୍ଟ
ତୁ ବି ଭାରି ଅବୁଝାର ବାଟ ଧରୁ
ତୋ ସଞ୍ଜା ବଡ଼ ମାୟାବୀ ଲୋ
କାହା ପାଇଁ ତୁ ସବୁଜ ରଙ୍ଗ ନେଉ
ପୁଣି କାହାପାଇଁ ଶୁଖିଲା ପତ୍ର
ହୋଇ ପତ୍ର ଝଡା ଦେଉଥାଉ
କାହାପାଇଁ ତୁ ଅନେକ ଆଶା ଆଣୁ
ପୁଣି କାହାକୁ ତୁ ଧୋକା ଦେଉ
କାହାକୁ ଠିକ ମାର୍ଗ ଦେଖାଉ ତ
ପୁଣି କାହାକୁ ବାଟବଣା କରୁ

ISSN NO.
2582-208X

କାହା ଜୀବନକୁ ରଙ୍ଗୀନ କରୁ
ଆଉ କାହାମନକୁ ଭାଙ୍ଗି ଦେଉ
କାହା ପାଇଁ ଅମୃତ ସାଜୁଥାଉ
ତ କାହାପାଇଁ ବିଷ ପାଲଟୁ
ତଥାପି ତୋତେ ଥାଏ ଅପେକ୍ଷା
ଅନେକ ଉତ୍ସାହ ଉଦ୍ଦୀପନା ନେଇ
ତୋ ପାଇଁ ତ ଜୀବନ ଜିଇଁଥାଏ ।

ଉପସଭାପତି, ମାଟିଘର ସାହିତ୍ୟ ସଂସଦ
ଗ୍ରାମ, ଜଗତସିଂହପୁର

ISSN NO.
2582-208X


# ନୀରବ ଲୋତକ



ଅମ୍ବିକା ସ୍ୱାଇଁ

ଜିତେନ୍ଦ୍ର ବାବୁଙ୍କ ଗୋଡ଼ ଆଜି ତଳେ ଲାଗୁନି। ଘରେ ବନ୍ଧୁ ବାନ୍ଧବଙ୍କ ଗହଳିରେ ଘର ପୂରି ଉଠୁଛି ଗୋଟିଏ ବୋଲି ପୁଅ ଶୋମୁ ର ଆଜି ବାହାଘର । ଦୁଇ ଝିଅ ରିତା ,ନିତା ଙ୍କର ବାହାଘର ଆଗରୁ ସରିଯାଇଛି। ଗେହ୍ଲା ସାନ ଭାଇର ବାହାଘର ପାଇଁ ଦୁଇ ଭଉଣୀ ମଧ୍ୟ ଆସି ପହଂଚିଛନ୍ତି ।ବଡ଼ ଝିଅ ରିତା ସୁଦୂର ଲଣ୍ଡନରେ ରହେ । ଜ୍ୱାଇଁ ସଫ୍ଟୱେର ଇଞ୍ଜିନିୟର । କୁନି ନାତୁଣୀ ଲେସେଲିକୁ ମାତ୍ର ଦୁଇ ବର୍ଷ । ତାକୁ ପ୍ରଥମ ଥର ପାଇଁ ଦେଖି ଜିତେନ୍ଦ୍ର ବାବୁଙ୍କ ଖୁସି କହିଲେ ନ ସରେ । କିନ୍ତୁ ବାହାଘର କାମର ବ୍ୟସ୍ତତା ଭିତରେ ନାତୁଣୀ ସହିତ ଖେଳିବାକୁ ଫୁରସତ କାହିଁ ? ମଝିରେ ମଝିରେ ତାକୁ ଟିକେ ଗେହ୍ଲା କରି ଖୁବ୍ ଆନନ୍ଦିତ ହେଉଥାନ୍ତି, ପୁଣି କାମରେ ଲାଗୁଥାନ୍ତି ।

ତାଙ୍କ ସାନ ଝିଅ ଜ୍ୱାଇଁ ମୁମ୍ବାଇରେ ଚାକିରି କରନ୍ତି, ମାତ୍ର ୨ବର୍ଷ ପୂର୍ବରୁ ବାହାଘର ହୋଇଛି, ସେମାନେ ମଧ୍ୟ ଆସି ପହଂଚି ସାରିଲେଣି । କିନ୍ତୁ ଜିତେନ୍ଦ୍ର ବାବୁ ଗୋଟିଏ ଅଭାବକୁ ସହି ପାରୁ ନାହାନ୍ତି, ତାଙ୍କ ସ୍ତ୍ରୀ ଶାନ୍ତିଦେବୀଙ୍କର ଅନୁପସ୍ଥିତି । ସେ ଅନେକ ଦିନୁ ଜିତେନ୍ଦ୍ର ବାବୁ ଙ୍କ ହାତ ଛାଡ଼ି ଚାଲି ଯାଇଛନ୍ତି କେଉଁ ଏକ ଅଫେରା ରାଇଜ । ସେତେବେଳେ ପୁଅ ସୋମୁ କୁ ମାତ୍ର ୫ ବର୍ଷ ହୋଇଥିଲା, ବ୍ଲଡ଼ କ୍ୟାନ୍ସରରେ ପୀଡିତ ହୋଇ ଆରପାରିକୁ ଚାଲି ଯାଇଛନ୍ତି । ପରିବାରକୁ ଶୋକ ସାଗରରେ ଭସାଇ, ସଂସାର ଡଙ୍ଗାର ଅଧା ନଈରେ ମାମତମୟୀ ଶାନ୍ତି ଦେବୀ ଘରର ଯାବତୀୟ ଦାୟିତ୍ୱ ଓ ପିଲାମାନଙ୍କର ଭବିଷ୍ୟତ ର ବୋଝକୁ ସ୍ୱାମୀଙ୍କ ମୁଣ୍ଡ ଉପରେ ଲଦି ଆର ପାରିକୁ ଚାଲିଗଲେ ସିନା, ଜିତେନ୍ଦ୍ର ବାବୁ କିନ୍ତୁ ଛାତି କୁ ପଥର କରି ବାପା ଓ ମା ର ଦାୟୀତ୍ୱକୁ ଆକାଶ ଧରିତ୍ରୀ ପରି ବହନ କରି ପିଲାଙ୍କ ର ସବୁ ଦୁଃଖ, ସୁଖ, ଭଲ, ମନ୍ଦ କୁ ସହ୍ୟ କରି ଦଦରା ନାଆ ରେ ନାଉରୀ ଟି ସାଜି, ବହୁତ କଷ୍ଟରେ ଉଛୁଳା ନଈ ରେ ପାରି ହେବା ପାଇଁ ଅନେକ ସଂଘର୍ଷ କରି, ଆଜି ଏହି ଜାଗାରେ ପହଂଚିଛନ୍ତି। ପିଲାଙ୍କର ଦୁଃଖ, ସୁଖ ଅଳି ଅର୍ଦ୍ଦଳିକୁ ଏକା ଏକା

ISSN NO.
2582-208X


ବାପା ଓ ମା" ର ଭାରକୁ କାନ୍ଧରେ ବୋହି ଛୋଟରୁ ପିଲାଙ୍କୁ ବଡ଼ କରିଛନ୍ତି । ବାପା ମା ଉଭୟଙ୍କ ସ୍ନେହ ମମତା ଭଲ ପାଇବା ଆଦର ଯତ୍ନ ସହକାରେ ଲାଳନ ପାଳନ କରି ବଡ଼ କରି ଗଢି ତୋଳିବା ଓ ତାଙ୍କ ଗୋଡ଼ରେ ତାଙ୍କୁ ଠିଆ କରେଇବା କିଛି କମ କଥା ନୁହେଁ!!!

ଜିତେନ୍ଦ୍ର ବାବୁ ପିଲାମାନଙ୍କୁ ତାଙ୍କ ମାଆର ଅନୁପସ୍ଥିତି କେବେ ବି ଅତି ଗଭୀର ଭାବେ ଅନୁଭବ କରି ବାକୁ ଦେଇ ନାହାନ୍ତି । ଯାହା ବି ହେଉ ବାପାଙ୍କର ଲାଳନ ପାଳନରେ ପିଲା ମାନେ ଆଜି ବଡ଼ ହୋଇ ନିଜ ଜାଗାରେ ନିଜେ ପ୍ରତିଷ୍ଠିତ ।

ଦୁଇ ଝିଅ ମିତା, ନିତା ଙ୍କ ର ବାହାଘର ପରେ, ଆଜି ଏକମାତ୍ର ସାନ ପୁଅ ଶୋମୁର ବାହାଘର ବେଶ୍ ଧୁମ୍ ଧାମରେ ପ୍ରସ୍ତୁତି ଚାଲିଛି । ଜିତେନ୍ଦ୍ର ବାବୁଙ୍କ ମନରେ ଅକୁହା ଆନନ୍ଦ ମନେ ମନେ କେତେ କଣ ଭାବୁ ଥାନ୍ତି । ଆଉ କେଇ ଘଣ୍ଟା ପରେ ଘରକୁ ନୂଆବୋହୂ ଟିଏ ଆସିବ, ବୋହୂ କଣ ସେ ତ ମୋ ଘରର, ମୋର ଗେହ୍ଲା ଝିଅ !! ଶୋମୂ ବାହାଘର ସରିଗଲେ ରିତା ନିତା ତ ତାଙ୍କ ନିଜ ନିଜ କର୍ମସ୍ଥଳୀକୁ ଚାଲିଯିବେ । ମୋ ପାଖରେ ଆଉ କିଏ ଅଛି ଯେ, ଏଇତ ମୋ ବୋହୂ ମୋ ଘରର ଲକ୍ଷ୍ମୀ, ମୋ ଘର ପୂରି ଉଠିବ । ପୁଅ ଅଫିସ ବାହାରି ଗଲା ପରେ ମୁଁ ଆଉ ସେ ଏକଲା ପଣ ଅନୁଭବ କରିବିନି । ଏମିତି କେତେ କଣ କଳ୍ପନାତିତ ଭାବନାରେ ଜିତେନ୍ଦ୍ର ବାବୁ ବିମୋହିତ ଅଜସ୍ର ଆନନ୍ଦରେ ଉଲ୍ଲସିତ ।

ତେଣେ ଶଙ୍ଖ ହୁଳହୁଳି ଶବ୍ଦରେ ଦାଣ୍ଡ ଉଚ୍ଛୁଳି ପଡ଼ିଲାଣି, ବରଧରା ଆସି ଗଲାଣି ବରକୁ ପାଛୋଟି ନେବାପାଇଁ । ଘର ପୁରୋହିତଙ୍କ ଉପସ୍ଥିତିରେ କିଛି ପୂଜା ପାଠ ପରେ ବର ବାହାରିବାର ପ୍ରସ୍ତୁତି ସରି ଗଲାଣି । ଏଥର ଶଙ୍ଖ ହୁଳହୁଳି, ବାଜା, ବାଣ ରୋଷଣିରେ ବର ବାହାରି ଗଲା କନିଆ ଘର ଅଭିମୁଖେ । ଧୁମ୍ ଧାମ ରେ ସାଙ୍ଗସାଥୀଙ୍କର ନାଚ ଗୀତ ସହ ଡିଜେ ବଜାଇ ରୋଷଣି କରି, ବର ପହଂଚି ଗଲା କନ୍ୟା ଘରେ । ବାଟ ବରଣି ସରିଗଲା । ପୁଅ ର ମାମୁଁ ବେଦୀରେ ବସି ବାହାଘର କଲେ । ବାହାଘରର ଭୋଜି ଭାତ କନ୍ୟା ଘର ପକ୍ଷରୁ ବେଶ ଜାକ ଜକମ ରେ ଉନ୍ନତ ଧରଣର କରା ଯାଇଥିଲା । ସ୍ୱତନ୍ତ୍ର ବରାଦ ଦିଆ ହୋଇ ଖାସି ମାଂସ ର ବ୍ୟବସ୍ଥା ହୋଇ ଥିଲା । ବର ଯାତ୍ରୀ ଭୋଜି ଖାଇ ବା ହାଃ ବା କରି ଯେଝା ବାଟରେ ଯିଏ ଫେରି ଆସିଲେ । ଜିତେନ୍ଦ୍ର ବାବୁ ଙ୍କ ଉପସ୍ଥିତିରେ ବିନା ବାଧା ବିଘ୍ନ ରେ ବାହାଘର ଟି ଖୁବ୍ ସୁରୁଖୁରୁ ରେ ସରି ଗଲା ।

ISSN NO.
2582-208X

ଜିତେନ୍ଦ୍ର ବାବୁ ପୁଅ ବୋହୁ ଙ୍କୁ ଧରି ଘରକୁ ଆସିଲେ । ଆଉ ଦିନକ ପରେ ଚତୁର୍ଥୀ । ଜିତେନ୍ଦ୍ର ବାବୁ ମଧ୍ୟ ବହୁତ ଆଡମ୍ବରରେ ଭୋଜି ଭାତର ଆୟୋଜନ କରି ଥାଆନ୍ତି । ଅନେକ ଅତିଥି ଙ୍କୁ ନିମନ୍ତ୍ରଣ କରିଥାନ୍ତି, କାରଣ ତାଙ୍କର କୋଳ ପୋଛା ଗେହ୍ଲା ପୁଅର ଶେଷ ବାହାଘର ।

ସମୁଦୀ ଘରୁ ଚତୁର୍ଥୀ ଭାର ଆସି ପହଂଚି ଗଲାଣି । କୌଣସିଥିରେ ଉଣା ନାହିଁ । ଘରେ ବନ୍ଧୁ ବାନ୍ଧବ ଭରପୁର, ସମସ୍ତେ ଦେଖି ଜିତେନ୍ଦ୍ର ବାବୁଙ୍କୁ ପ୍ରଶଂସା ରେ ପୋତି ପକାଉ ଥାନ୍ତି । କହୁ ଥାନ୍ତି ଆପଣଙ୍କ ଭାଗ୍ୟ କେଡ଼େ ଉଜ୍ୱଳ ଏମିତି ସମୁଦୀ ଘରଟି ପାଇଲେ । ଭାଗ୍ୟରେ ଥିଲେ ଏମିତି ବୋହୂ, ଏମିତି ଘର ମିଳେ । ସନ୍ଧ୍ୟାରେ ମଣ୍ଡପ ରେ ଭୋଜି ର ବ୍ୟବସ୍ଥା ହୋଇ ଥାଏ । ନିମନ୍ତ୍ରିତ ଅତିଥି ମାନେ ଆସିଗଲେଣି । ମଣ୍ଡପ ବେଦୀ ରେ ପୁଅ ବୋହୁ ଙ୍କୁ ଦେଖି ସମସ୍ତେ ଖୁବ୍ ଖୁସି । ଜିତେନ୍ଦ୍ର ବାବୁ ଙ୍କୁ ସମସ୍ତଙ୍କର ସେହି ଗୋଟିଏ କଥା ପୁଅ ସଂଗକୁ ଏତେ ସୁନ୍ଦର ବୋହୂଟି ବାଛି ବାଛି ଆଣିଛନ୍ତି, ଯୋଡି ବେଶ ମାନୁଛି । ଘର ଆଉ ଖାଲି ଖାଲି ଲାଗିବନି, ଘର ଆପଣଙ୍କର ହସି ଉଠିବ । ଆପଣଙ୍କ ଝିଅ ମାନଙ୍କ ବାହାଘର ପରେ ପୁରା ଏକା ହୋଇ ଯାଇଥିଲେ । ଦୀର୍ଘ ଦିନର ଅଭାବ ବୋଧେ ଏଥର ଦୂର ହୋଇ ଯିବ ..ନା କଣ କହୁଛନ୍ତି ଜିତେନ୍ଦ୍ର ବାବୁ ?

ସାଙ୍ଗ ରବୀନ୍ଦ୍ର ବାବୁ ଙ୍କ ର କଥା ଶୁଣି ଜିତେନ୍ଦ୍ର ବାବୁଙ୍କ ମୁହଁରେ ଆନନ୍ଦର ଝଲକ । ହଁ ହଁ ନିଶ୍ଚୟ, ଶେଫାଳୀ କଣ ମୋର ବୋହୂ ସେ ତ ମୋର ତୃତୀୟ ଝିଅ, ସବୁ ଠାରୁ ଗେହ୍ଲା । ମୋ ପାଖରେ ଆଉ କିଏ ଅଛି ସେ ମୋର ସବୁ କିଛି । ବୁଢ଼ା ବୟସରେ ସେ ହିଁ ମୋର ସାହା ଭରସା । ମୋ ସ୍ତ୍ରୀ ଶାନ୍ତି ସଂସାର ଛାଡ଼ି ଗଲା ଦିନଠାରୁ ଏକା ଏକା ଏତେ ଦାୟିତ୍ୱ ତୁଲାଇ ଥାକ୍କା ହୋଇ ଗଲିଣି ଆଉ ପାରୁନି ।

ସାଙ୍ଗ ମାନେ ତା ଙ୍କୁ ଆଶ୍ୱାସନା ଦେଇ କହିଲେ ବୋହୂ ତ ଆସିଗଲାଣି ଆଉ ଚିନ୍ତା କଣ ? ଏଥର ଟିକେ ଆଶ୍ୱସ୍ତି ହୁଅନ୍ତୁ ଜିତେନ୍ଦ୍ର ବାବୁ ।

ଯାହା ବି ହେଉ ବନ୍ଧୁ ବାନ୍ଧବ ଓ ନିମନ୍ତ୍ରିତ ଅତିଥିଙ୍କ ଗହଣରେ ବୋହୂ ର ଭୂରି ଭୂରି ପ୍ରଶଂସା ଶତ ମୁଖରେ ଶୁଣି ଜିତେନ୍ଦ୍ର ବାବୁ ଆନନ୍ଦରେ ଆତ୍ମହରା । ଭୋଜି ଭାତ ସରିଗଲା, ନିଜ ନିଜ ଘରକୁ ସମସ୍ତେ ବାହୁଡ଼ି ଗଲେ । ଦୁଇ ନଣନ୍ଦ ରିତା, ନିତା ସାନ ଗେଲୀ ଭାଉଜ ହାତରେ ବାପାଙ୍କର ସବୁ ଦାୟିତ୍ୱ କୁ ସମର୍ପି, ଭାଉଜ ଶେଫାଳୀ ଠାରୁ ବାପାଙ୍କର ଓ ଘର

ISSN NO.
2582-208X


ର ସବୁ ଦାୟିତ୍ୱ ଠିକ୍ ସେ ତୁଲାଇବାର ପ୍ରତିଶ୍ରୁତି ପାଇ ନିଜ ନିଜର କର୍ମ ସ୍ଥଳୀକୁ ଚାଲିଗଲେ ।

ନୂଆ ବୋହୂଟିର  ଚାଲି ଚଳଣିରେ, ବ୍ୟବହାର ରେ କାର୍ଯ୍ୟ କଳାପରେ ଜିତେନ୍ଦ୍ର ବାବୁ ବେଶ୍ ଖୁସି । ମାତ୍ର ୭ ଦିନ ର ରହଣି ଭିତରେ ଶ୍ୱଶୁରଙ୍କ ମନକୁ କିଣି ନେଇ ସାରିଲାଣି ସୁନା ବୋହୁ ଶେଫାଳୀ । ଜିତେନ୍ଦ୍ର ବାବୁଙ୍କ ମନରେ ଅସରନ୍ତି ଆନନ୍ଦ । ଭଗବାନଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜଣାଉ ଥାନ୍ତି ମନେ ମନେ, ସତରେ ପ୍ରଭୁ ଏତେ ଦିନ ପରେ ମୋର ଡାକ ଶୁଣିଛନ୍ତି ଆପଣ । ଶେଫାଳୀ ଭଳି ବୋହୂ ଟିକୁ ମୋତେ ଖୁସିର ଉପହାର ଦେଇଛନ୍ତି।

ଏହି ସମୟରେ ଶେଫାଳୀ ଚା କପ୍ ସହିତ କିଛି ସ୍ନାକ୍ସ ଧରି ଆସି ପହଂଚି ଗଲା। ଆରେ ମାଆ ବସ ମୋ ପାଖରେ। ବୋହୂ ଭାରି ସନ୍ତର୍ପଣରେ ଶ୍ୱଶୁରଙ୍କ ପାଖରେ ବସିଲା। ଜିତେନ୍ଦ୍ର ବାବୁ କହିଲେ ଜାଣିଛୁ ମା ଏତେ ଦିନ ପରେ ମୋ ଘର ଆଜି ପୁରି ଉଠିଛି ରେ। ମାଆ" ତୁ ଏଥର ତୋ ଘର ସମ୍ଭାଳେ । ତୋ ଶାଶୂଙ୍କ ଅନୁପସ୍ଥିତିରେ, ଅନେକ ବାଧାବିଘ୍ନ କଷ୍ଟ ସହି ଛୁଆମାନଙ୍କୁ ମଣିଷ କରିଛି । ଆଉ ପାରିବିନି ରେ ମା, ଆଜି ଠୁ ଏ ଘର ତୋର, ତୁ ଯେମିତି ଭାବରେ ତୋ ଘରର ଦେଖା ଶୁଣା କରିବୁ, ମା" । ତୁ ଘରର ଝିଅ, ବୋହୁ ସବୁ କିଛି ର ଦାୟିତ୍ୱ କୁ ଭଲ ଭାବରେ ନିଭାଇବୁ ଏ ବିଶ୍ୱାସ ମୋର ଅଛି କହି ଆଲମାରୀ ର ଚାବିଟି ବୋହୂ ଶେଫାଳୀ ର ହାତରେ ଧରାଇ ଦେଇ ଖୁବ ଆତ୍ମ ସନ୍ତୋଷ ପାଇ ଥିଲେ.....।

ଏହି ସମୟ ରେ ଶେଫାଳୀ ର ବାବା ସମୁଦୀ ବିଶ୍ୱମ୍ବର ବାବୁ ଙ୍କ ପାଖରୁ ଫୋନ କଲ୍ ଆସିଲା। ଅଷ୍ଟ ମଙ୍ଗଳା କୁ ତାଙ୍କ ଘରକୁ  ଝିଅ ଜ୍ୱାଇଁ ଙ୍କୁ ନିମନ୍ତ୍ରଣ କଲେ ଯିବା ପାଇଁ । ବିଶ୍ୱମ୍ବର ବାବୁ ଙ୍କର ଏକ ମାତ୍ର ଅଲିଅଳି ଝିଅ ଶେଫାଳୀ । ଅଷ୍ଟ ମଙ୍ଗଳା ଦିନ ସକାଳୁ ସକାଳୁ ତାଙ୍କ ଗାଡି ଧରି ଡ୍ରାଇଭର ଆସି ପହଂଚି ଗଲା । ପୁଅ ବୋହୁ ସମୁଦୀ ଘରକୁ ଯିବା ପାଇଁ ଜିତେନ୍ଦ୍ର ବାବୁ ସବୁ ବ୍ୟବସ୍ଥା କରି ଦେଲେ। ନୂଆ ସମୁଦୀ,  ସମୁଦୁଣୀ  ପାଇଁ କେତେ ପ୍ରକାର ମିଠା, ଫଳ ମୂଳ ଆଦି ଗାଡ଼ିରେ ଲଦି ଖୁସି ଖୁସି ରେ ପୁଅ ବୋହୂ ଙ୍କୁ ପଠାଇଲେ । ସେମାନେ ସେଠାରେ ଖାଇ ପିଇ ରାତି ସୁଦ୍ଧା ଘରକୁ ଫେରିବା କଥା । ପୁଅ ବୋହୂ ଙ୍କ ର ଫେରିବା ବିଳମ୍ବ ଦେଖି, ଜିତେନ୍ଦ୍ର ବାବୁ ସମୁଦୀ ବିଶ୍ୱମ୍ବର ବାବୁଙ୍କୁ ଫୋନ କଲେ। ବିଳମ୍ବ ର କାରଣ ପଚାରିବାରୁ ସମୁଦୀ କହିଲେ ପିଲାମାନେ ବାହାରି ଥିଲେ । କିଛି ଜରୁରୀ କଥା

ISSN NO.
2582-208X


ବାର୍ତ୍ତା ଥିବାରୁ ଅଟକାଇ ଦେଲି । ଜିତେନ୍ଦ୍ର ବାବୁ କିଛି ବୁଝି ପାରିଲେନି କି କାରଣ ମଧ୍ୟ ପଚାରିଲେନି । ଖାଲି ଭାବୁ ଥିଲେ କଣ ହୋଇଥାଇ ପାରେ ସେ ଜରୁରୀ କାରଣ । ଭାବିବା ଭିତରେ କେତେବଳେ ନିଦ ଆସି ଯାଇଛି, ସକାଳୁ ଉଠି ନିତ୍ୟକର୍ମ ସାରି ଜଳଖିଆ ଖାଇ ଅପେକ୍ଷା କରିଥାନ୍ତି ଚାତକ ପରି ପୁଅ ବୋହୁଙ୍କୁ । ଦିନ ଗଡି ଚାଲିଥାଏ, କିନ୍ତୁ ପୁଅ ବୋହୁ ଆସି ଘରେ ପହଞ୍ଚିଲେ ସନ୍ଧ୍ୟା ପରେ । ଜିତେନ୍ଦ୍ର ବାବୁ ଲକ୍ଷ୍ୟ କଲେ ପୁଅ ଶୋମୁ ମୁହଁରେ ସରସତା ନାହିଁ। ପଚାରିଲେ, ଆରେ ମା ଶେଫାଳୀ କାଲି ନ ଆସି ରହିଗଲ ଯେ ? ସମୁଦୀ ଙ୍କୁ ଫୋନ କରିଥିଲି ତୁମ ଆସିବା କଥା ପଚାରିବା ପାଇଁ। କିଛି ଜରୁରୀ କାମ ଅଛି ବୋଲି କହିଲେ । କଣ ମା ସେ ଜରୁରୀ କାମ ଥିଲା ?

ଏହି ସମୟ ରେ ପୁଅ ଶୋମୁ ବିଷର୍ଣ୍ଣତା ଭରା ବଦନରେ ବାପାଙ୍କ ହାତକୁ କିଛି କାଗଜ ପତ୍ର ଧରାଇ ଦେଲା । ବାପା ତନ୍ନ ତନ୍ନ କରି ଦେଖି ନେଲେ ଆଶ୍ଚର୍ଯ୍ୟ ଚକିତ ହେଲେ । ଆରେ ଏ କଣ ଆଜି ରାତି ୯/୩୦ ରେ ଦିଲ୍ଲୀ ର ଫ୍ଲାଇଟ୍ ଟିକେଟ । ତା ସହିତ ପୁଅ ନାଁ ରେ ଉଇଲ ହୋଇ ଥିବା ଦିଲ୍ଲୀର ଏକ ଫ୍ଲାଟ୍ ର ଦଲିଲ ପତ୍ର । ପୁଅ ଶୋମୁ ମନ ଦୁଃଖରେ ଚୁପ୍ ଚାପ୍ ହୋଇ ବାପାଙ୍କ ପାଖରେ ଠିଆ ହୋଇ ଥାଏ । କାଗଜ ପତ୍ର ଭଲ ଭାବେ ତନଖି ଦେଖିଲା ପରେ ଜିତେନ୍ଦ୍ର ବାବୁ ଙ୍କ ପାଟିରେ ଆଉ ଭାଷା ନାହିଁ । ପୁଅ ଶୋମୂ ଉଦାସମୁହଁରେ ବାପା ଙ୍କୁ କେବଳ ଏତିକି କହିଲା ବାପା କଣ ଭାବୁଛନ୍ତି ଆପଣ ? ମୁଁ ଆଉ ଆପଣଙ୍କ ପୁଅ ହୋଇ ନାହିଁ, ମୁଁ କୋଟିପତି ଶ୍ୱଶୁରଙ୍କ ପାଖରେ ବନ୍ଧା ପଡି ଯାଇଛି । ସେଠୁ ଆଉ ଫୁଗୁଳିବାର ବାଟ କାହିଁ? ଯଦି ତାଙ୍କ ସର୍ତ୍ତ ନ ମାନୁଛି ତେବେ ସେ ତାଙ୍କ ଝିଅ ଶେଫାଳୀ କୁ ଆମ ଘରୁ ସବୁ ଦିନ ପାଇଁ ନେଇଯିବେ । ତାଙ୍କର ଅତି ଅଲିଅଳି ଝିଅ ଶାଶୁ ଘରର ଚାରି କାନ୍ଥ ଭିତରେ ଆବଦ୍ଧ ହୋଇ ରହି ପାରିବନି.. ବାପା ଆପଣ କୁହନ୍ତୁ ମୁଁ କଣ କରିବି ? ତାଙ୍କ କଥାରେ ଯଦି ଆମେ ରାଜି ନ ହେବା ତେବେ ଆମେ ଲୋକ ହସା ହେବା ମୁଣ୍ଡ ଟେକି ଆପଣ ବାଟ ଚାଲି ପାରିବେନି...ତାଙ୍କ ଝିଅ କୁ ଯଦି ସେ ନେଇ ଯାଆନ୍ତି ତାଙ୍କ ଘରକୁ...!! ସତରେ ବାପା ମୁଁ ହାରି ଗଲି, ହାରି ଗଲି ବାପା । ସବୁ ସ୍ୱପ୍ନ ଆପଣଙ୍କ ର ମାଟିରେ ମିଶି ଗଲା ।

ତେନ୍ଦ୍ର ବାବୁ ପୁଅ ପିଠିରେ ହାତ ଥାପୁଡେଇ କହିଲେ ନା"ରେ ପୁଅ ଖୁସି ଖୁସି ରେ ଦିଲ୍ଲୀ ଯାଅ । ଆଶୀର୍ବାଦ କରୁଛି ଦୁଇଜଣ ଯାକ ଖୁବ ଖୁସିରେ ରୁହ । ମନର ବ୍ୟଥା ହୃଦୟର କୋହ କୁ ଚାପି, ସମୁଦୀ ଘରୁ କାରରେ ପ୍ୟାକିଂ ହୋଇ ଆସିଥିବା ଜିନିଷ ପତ୍ର ଲଦି ପୁଅ

ISSN NO.
2582-208X

ବୋହୂ ଙ୍କୁ ବିଦାୟ ଦେଲେ। ପୁଅ, ବୋହୂ ବାପାଙ୍କ ପାଦ ଛୁଇଁ ପ୍ରଣାମ କରି ଦିଲ୍ଲୀ ଅଭିମୁଖେ ଏୟାର ପୋର୍ଟ କୁ ଯାତ୍ରା କଲେ।

ଜିତେନ୍ଦ୍ର ବାବୁ ବେଦନା ସିକ୍ତ ନୟନରେ ଗେଟ୍ ପାଖରେ ଠିଆ ହୋଇ,କ ଲୟରେ କାରର ଗତି ପଥକୁ ଚାହିଁ ରହିଥାନ୍ତି । କାରଟି ଦୃଶ୍ୟ ପଟ୍ଟରୁ ଅଦୃଶ୍ୟ ହୋଇ ଗଲା । ଜିତେନ୍ଦ୍ର ବାବୁ ଗେଟ୍ ତାଲା ପକାଇ, ଘର ଭିତର କୁ ଆସି ପାଣି ଗ୍ଲାସ୍ ଟିଏ ପିଇ ଦୀର୍ଘ ନିଃଶ୍ୱାସ ଛାଡ଼ି ବିଛଣାରେ ଗଡ଼ି ଗଲେ। ଅନେକ ଅକୁହା ବେଦନା ମନକୁ ଛଟପଟ କରୁ ଥାଏ । ହୃଦୟ ରୁ ଉଙ୍କି ମାରୁଥାଏ ଅନେକ ପ୍ରଶ୍ନ, ଉତ୍ତର ମିଳୁ ନ ଥାଏ । ଯନ୍ତ୍ରଣାରେ ମନ ହୃଦୟ ଆତ୍ମା କଲବଲ ହେଉଥାଏ, ଏକଲା ପଣରେ....!! ମୁଣ୍ଡ ଉପରେ ଟଙ୍ଗା ହୋଇ ଥିବା ପତ୍ନୀ ଶାନ୍ତି ଦେବୀଙ୍କର ଫଟୋ କୁ ଆବେଗରେ ଚାହିଁ ରହିଥାନ୍ତି। ନୟନରୁ ନିରବର ଲୋତକ ଦୁଇ ବୁନ୍ଦା ବୋହି ଯାଉଥାଏ ଚିବୁକ୍ ର ଦୁଇ ଧାର.....!!!

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା
୯୭୭୭୫୯୯୬୯୫

ISSN NO.
2582-208X

# ଏଇଟା ଶେଷ ନୁହେଁ..



ବିନ୍ଧ୍ୟାରାଣୀ ଦାଶ

ଏଇଟା ଶେଷ ନୁହେଁ...
ଏଇ ତ ଆରମ୍ଭ ମାତ୍ର..
ହଁ ଅଟକି ଯାଇପାରେ
କିଛି ଟା ମୁହୂର୍ତ୍ତ...
କାହା ଅପେକ୍ଷା ରେ ଅଥବା ଅଯଥାରେ..
ଏଇତ ଆରମ୍ଭ ମାତ୍ର..
ଜୀବନକୁ ବଂଚିବା ପାଇଁ,
ଅଭିମାନରେ ହଉ ଅବା ଅଭିଶାପରେ
ହଁ.... ଧୋଇଯାଏ କିଛିଟା ସ୍ୱପ୍ନ ଅଜାଣତରେ..
ଆଖି ରୁ ଝରି ଯାଇଥିବା ଲୁହ ତ ଆଉ ଫେରିବା ନାହିଁ...
ଠିକ ତ ଝରି ଯାଇଛି ଆଉ ଥରେ ହସିବା ପାଇଁ ।
ଯେତେ ଗାଢ଼ ହଉ ଏ ରାତି..
ଲୁଚିଯିବ ଆଲୋକ ର ସଂସ୍ପର୍ଶ ରେ..
ଆଲୋକ ଆସୁ ଆସୁ ଭରିଯିବ ଆଖି ର ପଲକ...
ଆଖି ଏ ସ୍ୱପ୍ନ ରେ....,
ଦେଇ ଯିବ ଅସୁମାରୀ ସୁଖ ଓ ସାହସ
ସେଇ ସ୍ୱପ୍ନ କୁ ପୁରା କରିବା ପାଇଁ...
ହଁ ଏଇଟା ଶେଷ ନୁହେଁ....
ଏଇତ ଆରମ୍ଭ ମାତ୍ର......

ISSN NO.
2582-208X

ସ୍ୱପ୍ନ କୁ ଜିଅନ୍ତା କରିବା ପାଇଁ... ।
ଅବୁଝା କବିତା ପରି ଏ ଜୀବନ...
ସହଜରେ ବୁଝିବା ଓ ସହଜରେ ବଂଚିବା...
ଠିକ ସ୍ୱପ୍ନ ପରି....
ସୌଖିନ କଣ୍ଢେଇ ତାର ନା ନୁହେଁ...
ଖେଳୁ ଖେଳୁ ଭାଙ୍ଗିବା ପରି...
ସୀମାହୀନ ଉଆଁସ ରାତିରେ ଜହ୍ନ..
ଯେପରି ଚିକିମିକି....
ଆଲୋକ ରେ ଆଲୋକିତ କରିବା ପାଇଁ...
ହଁ ଏଇଟା ଶେଷ ନୁହେଁ...
ଏଇତ ଆରମ୍ଭ ମାତ୍ର.....
ଜହ୍ନ ର ଜୋଛନା ରେ ଝୁମିବା ପାଇଁ...
ଜୀବନକୁ ଅଳ୍ପ ବହୁତେ ବଂଚିବା ପାଇଁ....
ହଁ ଏଇଟା ଶେଷ ନୁହେଁ......

ସୁବର୍ଣ୍ଣପୁର

ISSN NO.
2582-208X


# ଆଲେଖ୍ୟ



ସତ୍ୟନାରାୟଣ ପ୍ରସାଦ ନାୟକ

ବନ ପୋଡ଼ିଗଲେ ସମସ୍ତେ ଜାଣନ୍ତି
ମନ ପୋଡ଼ିଗଲେ
ଦେଖିବାକୁ କେହି ଚାହାଁନ୍ତି ନାହିଁ ।
ସୁବିଧା ଓ ସ୍ୱାର୍ଥ ହେଲେ ଏକାଠି
ଯେତେ ଖୋଜିଲେ ବି
ମଣିଷ ପଣିଆ ମିଳେନି ସେଠି ।
ମଣିଷ ମନରେ ଲୋଭ ପ୍ରବଳ
ଆଖି ବୁଜି ଦେଇ
ଅରଜୁଛି ସିଏ କେତେ ସମ୍ବଳ ।
କୋଟିପତି ହେବା ଲକ୍ଷ ତାହାର
ଯିଏ ଯାହା କହୁ
ଶୁଣିବାକୁ କାନ ହୁଏ ବଧିର ।

ଅତି ରୁ ତ ଇତି ହୁଅଇ ପରା
ନିଜେ ନ ଚେତିଲେ
ବିପଦ କାଳ ରେ ବୁଡିବ ଭେଳା ।
ନିଜ ପାଇଁ ନିଜେ ଖୋଳନି ଗାତ
ଅଣଦେଖା କଲେ
ଚାଲି ଯିବ ତୁମ ମାନ ମହତ ।
ନୀତି, ଆଦର୍ଶ କୁ ଭୁଲିବା ନାହିଁ
ତାକୁ ଗଣ୍ଠି କଲେ
କରୁଣା କରିବେ ଜଗତ ସାଇଁ ।

ରଥ ରୋଡ, ଭୁବନେଶ୍ୱର -2
Mob-9437764014

ISSN NO.
2582-208X

# କରଣୀ



ଅଧ୍ୟାପକ ଅବିନାଶ ବାରିକ୍

ଧନ୍ୟ ତୁମର କରଣୀ ଆହେ ଭଗବାନ
ଅନିତ୍ୟ ସଂସାରେ ନିତ୍ୟ ତୁମ୍ଭେ ଏକା ଅଟ ନାରାୟଣ ।
ସୁନ୍ଦର ଏଇ ଧରଣୀ ସୁନ୍ଦର ତା ଛବି
ସର୍ବ ଶୋଭାର ଆକାର ଏହି ନର ରବି ।
ସକାଳ ସ୍ୱର୍ଣ୍ଣିମ ଆଭା ପକ୍ଷୀର କାକଳୀ
ମଧୂପ ମଧୁଗୁଞ୍ଜନ ସବୁଜିମା ଏଇ ବନସ୍ଥଳ ।
କୁସୁମର ସୁମଧୁର ସୁବାସ ପ୍ରକଟେ
ଚର ଆନନ୍ଦ ମୁଖର ଏ ଧରଣୀ ବକ୍ଷ
ହରେ ଜନମନ ଏଠି ସ୍ତବ୍ଧ କବି ଲେଖକ ଭାବୁକ
ମନ୍ଦ ମରୁତର ଏଠି କୋମଳ ପରଶ
ଦୁଃଖ ହରି ସୁଖ ଆଣେ ପ୍ରତ୍ୟୁଷ ପ୍ରଦୋଷ ।
ପ୍ରତିକ୍ଷଣ ଆନନ୍ଦ ମୁଖରିତ ଏ ଧରା
ଶାଶ୍ୱତ ସୁଖ ଭଣ୍ଡାର ଏ ଧରାର ରୂପ ଅପାଶୋରା ।
ଅମୃତର ବରଷଣ ହୁଅଇ ନିୟତ
ହେ ଅମୃତର ସନ୍ତାନ ପାନକର ତାହା ଅବିରତ ।
ସକଳ ରୂପ ଓ ସମ୍ଭାରର ଗନ୍ତାଘର
ଅଟେ ଏ ଧରଣୀ ଗୁଣୀ ରୂପର ଯା ନାହିଁ ପଟାନ୍ତର ।

ISSN NO.
2582-208X


ସର୍ବ ପ୍ରାଣି ଗଣ ଏଠି ଆନନ୍ଦ ମୁଖର ନାହିଁ
ଦୁଃଖ ଆବିଳତା କାହାରି ମନର
ଚର ସବୁଜିମା ଏଇ ଜନନୀ ଧରଣୀ
ଚତ୍ତବୃତ୍ତି ନବେଦିଣ ତାର ପଦତଳ
ସୁଖେ କାଳ କାଟ ଏଥି ନୋହିଣ ଆତୁର ।
ଦେଖ ପଶୁ ପକ୍ଷୀ ଏଠି ଆନନ୍ଦେ ବିଭୋର
କମ୍ପାଇ ମାନବ ମନରେ ଭୀତି ସଞ୍ଚାର ?
ଭବ ଭୟ ହାରୀ ହରି ସ୍ମରଣ କୀର୍ତ୍ତନେ
କାଳ ବିତାଇଣ ଚଳ ଆନନ୍ଦ ମନରେ
ହରି ଚନ୍ତନରେ ସୁଖି ହୁଅ ସୁଧିଜନେ ॥

ମହୁ, ଆଳ, କେନ୍ଦ୍ରାପଡ଼ା
ମୋ– ୭୦୦୮୪୩୬୮୩୪

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୮ )

ଟିଣ ଟାଟର୍ର ଢଣ୍ ଢାଣ୍ ଶବ୍ଦରେ ବିବେକା ମାଷ୍ଟରଙ୍କର ଧ୍ୟାନ ଭଙ୍ଗ ହେଲା । ସେ ଆଦୌ ବ୍ୟସ୍ତ ନ ହେଇ ଶାନ୍ତ ସ୍ୱରରେ ପଚାରିଲେ,

- କିଏ ?

ମୋର ଶଙ୍ଖନଳୀକୁ ଯେମିତି କିଏ ଚପି ଧରିଥାଏ । ପାଟିରୁ ଶବ୍ଦ ସ୍ଫୁରୁ ନଥାଏ । ଭୟ, ଉଦ୍‌ବେଗ ଓ ଆଶ୍ଚର୍ଯ୍ୟର ଅତିରେକରେ ମୁଁ ଜଡ଼ସଡ଼ ହେଇ ପଡ଼ି ଥାଏ । ଅସ୍ପଷ୍ଟ ସ୍ୱରରେ ମୁଁ କହିଲି, - ମୁଇଁ ସାର୍ ।

- ଆରେ, ଅଭି କିରେ । ଆଚ୍ଛା ଆଚ୍ଛା, ଫମ୍ ରେ ହେଲା । ତୁଇ ପର୍ ସରସ୍ୱତୀ ସାଧନା କେମତି ହୁଏ ଦେଖତେ ଆସିଛୁ । ମୁଇଁ ଭୁଲି ଯାଇଥିଲି ରେ ବାପା । କିନ୍ତୁ ବର୍ତ୍ତମାନ ତ ସାଢ଼େ ଚାରଟା ବାଜିଛି । ପାଞ୍ଚ୍ ଟାରେ ଆସତେ କହିଥିଲି ପର୍ ।

ତାଙ୍କର ବେକରୁ ହରଦମ୍ ଓହଳଥିବା ଦମ୍ ଦିଆ ଘଡ଼ିଟାରେ ନଜର୍ ପକେଇ ସେ କହିଲେ ।

ହଁ, ତୁଇ ସମୟ କାହୁଁ ଜାଣବୁ । ହଉ, ଆଏ ଆଏ, କାର୍ ସାଙ୍ଗରେ ଆସଲୁ ବାପା ?

ISSN NO.
2582-208X

– ମୋର୍ ମାଆ ଗଲା ତ ଭୁଜା ଭାଜତେ । ମୋତେ ଏଠେ ଛାଡ଼ି ଦେଇଗଲା ।

ମୋର ଉତ୍ତେଜନା ଟିକେ ଟିକେ ଥମରି ଆସିଥାଏ । ମୁଁ ଗଲି ତାଙ୍କ କୋଠରୀକୁ । ସେ କୋଠରୀରେ ସମସ୍ତଙ୍କୁ ପ୍ରବେଶ ନିଷେଧ କରା ଯାଇଥାଏ । ତାଙ୍କର ପରିବାରର ଲୋକଙ୍କୁ ସୁଦ୍ଧା । କେବଳ ଅନ ନାନୀ, ତାଙ୍କର ଝିଅ କୋଠରୀଟିକୁ ସଫାସଫି କରିବାକୁ ଆସେ । ପରିବାର ବୋଇଲେ ଆଉ କିଏ କି । ନିଜେ ଦୁଇ ପ୍ରାଣୀ, ବୁଢ଼ୀମାଆ ଓ ପନ୍ଦର ବର୍ଷରେ ପଦାର୍ପଣ କରିଥିବା ଅନ ନାନୀ ।

ଖୁବ୍ ସୁନ୍ଦରୀ, ଗୁଣବତୀ ଓ ବିଦୁଷୀ ଅନ ନାନୀ, ଅନ୍ନପୂର୍ଣ୍ଣା । ସତରେ ଅନ୍ନପୂର୍ଣ୍ଣା । ତାଙ୍କ ଘରୁ କେହି ଭୋକା ପେଟରେ, ଖାଲି ହାତରେ ଫେରିବାର ନଜିର ନାହିଁ । ଘରେ କିଛି ନଥିଲେ ବି କୁଆଡୁ କଣ ଯୋଗାଡ଼ କରି ରାନ୍ଧିଦେବ ଯେ, ସମସ୍ତେ ଆଶ୍ଚର୍ଯ୍ୟ ହେଉଥିଲେ । ମୁଠି ଚାଉଳ ପରମ୍ପରାଟା ଆମ ଗାଁରେ ତାଠାରୁ ଉଧେଇଥିଲା । ରାନ୍ଧିବାକୁ କାଢ଼ିଥିବା ଚାଉଳ, ଡାଲି ରୁ ମୁଠେ ଲେଖାଁ ନିଇତ୍ କାଢ଼ି ନେଇ ସାଇତି ରଖୁଥିଲା ଗୋଟେ ଘୁମରେ । ଯେତେବେଳେ କିଛି ନଥାଏ ତାହା କାମକୁ ଆସେ । ଗରିବ ଗୁରୁବା ମାନେ ତାକୁ ସାକ୍ଷାତ ଦେବୀ ବୋଲି କହୁଥିଲେ । ଆମ ପିଲାମାନଙ୍କ ପାଇଁ ତ ତା ଅଣ୍ଟିରୁ ମେଜିକ୍ ପରି ବାହାରେ, ମୁଢିମୁଆଁ, ଖଇମୁଆଁ, ବୁଟ ମଟର ଭଜା । ସେତେବେଳର ସ୍ନାକ୍ସ ।

ଝିଅମାନେ ସେ ପର୍ଯ୍ୟନ୍ତ ଆମ ଗାଁରେ ସ୍କୁଲ୍ ଯାଇ ନଥିଲେ । ମାନେ, ଝିଅଙ୍କ ସ୍କୁଲ୍ ହିଁ ନଥିଲା । ଝିଅ ମାନଙ୍କୁ ପଢେଇବାର ଆଗ୍ରହ ନଥିଲା ରେବତୀର ଜେଜୀ ପରି । ଝିଅ ଜନମ ଚୁଲିମୁଣ୍ଡକୁ, ରନ୍ଧାବଢ଼ା, ଲୁଗା ସିଆଁ, ଝୋଟି ପକା ଶିଖିଲେ କାହିଁରେ କଣ । ହଁ ଶୁଣାଶୁଣି ଭାଗବତ ଦି ପଦ, ମନବୋଧ ଚଉତିଶା, କଳାକଳେବର କହିେଇ ଶିଖି ଗାଇଲେ ତ ଶାଶୁଘର ଲୋକେ ନିହାଲ୍ ହେଇଯିବେ । କିନ୍ତୁ ମାଷ୍ଟରଙ୍କ ପାଠ ପଢୁଆ ରକ୍ତ । ତାଙ୍କରି ପାଖରେ ପାଠ ପଢ଼ି ଅନ ନାନୀ ଅଧିକାଂଶ ବିଦ୍ୟା ଆତ୍ମସାତ କରି ସାରି ଥାଆନ୍ତି । ବେଳେ ବେଳେ ମୁଁ ପାଠ ପଚାରିବାକୁ ଗଲେ ମାଷ୍ଟର ଘରେ ନଥାନ୍ତି । ସେହି ସମୟ ମାନଙ୍କରେ ମୁଁ ଅନ ନାନୀଙ୍କର ଜ୍ଞାନ ଗାରିମାର ପରିଚୟ ପାଇଥିଲି । ପ୍ରତ୍ୟେକ ବିଷୟରେ ତାଙ୍କର ପାଣ୍ଡିତ୍ୟ ଥିଲା । କିନ୍ତୁ ସେ ଥିଲେ ବଣ ମଲ୍ଲୀ । ବଣରେ ଫୁଟି ଝଡି ଯିବା ସକାଶେ ।

ISSN NO.
2582-208X


ସତର ବର୍ଷ ବୟସରେ ତାଙ୍କର ବିବାହ ହେଇଥିଲା । କିନ୍ତୁ ସେ ସମୟରେ ସେ ଥିଲେ ବୁଢ଼ୀ କନିଆ । ବଣ ମଲ୍ଲୀ ହେଲେ ସୁଦ୍ଧା ଗୁଣଗ୍ରାହୀର ନାକରେ ତାର ସୁଗନ୍ଧ ବାଜିଲେ ଅବଶ୍ୟ ତାର ବାସ ଚହଟିବ ଦିଗ୍ ବିଦିଗରେ । ମାଷ୍ଟରଙ୍କର ସୁନାମ ଆମ ଗାଁ ଡେଇଁ, ମୌଜା ଡେଇଁ ପହଞ୍ଚି ସାରିଥିଲା ଟାଟା ସହରେ । ବିଦୁଷୀ କନ୍ୟାର ସନ୍ଧାନରେ ଥିବା ତତ୍କାଳୀନ କଲେଜ ପ୍ରଫେସର୍ ବିରଞ୍ଚି ନାରାୟଣଙ୍କୁ, ଅନ୍ୟ ନାନୀଠାରୁ ସୁଯୋଗ୍ୟ ପାତ୍ରୀ କାହିଁ ମିଳିଥାନ୍ତା ଯେ ?

ଗୁଣଗ୍ରାହୀ ସିନା ବୁଝେ ଗୁଣର ମହତ୍ତ୍ୱ । ବିଦ୍ୟାଗ୍ରହୀ ନାନୀ ମଧ୍ୟ ସୁଯୋଗ୍ୟ ସ୍ୱାମୀ ପାଇ ନିଜର ପାଠ ପଢ଼ିବାର ଇଚ୍ଛା ପୂର୍ଣ୍ଣ କରିଥିଲା । ସୁଦକ୍ଷ ମାଳୀ ହାତରେ କ୍ଷୁଦ୍ର ପାଦପଟି ନିଜର ଡାଳ ପତ୍ର ମେଲି ଖୋଲା ପବନ ପାଣିରେ କ୍ରମଶଃ ବଢ଼ି ଚାଲିଲା । ପୁଷ୍ପବତୀ ହେଇ ତାର ସୁଗନ୍ଧରେ ଦୁନିଆକୁ କଲା ବଶୀଭୂତ ଏବଂ ଚମତ୍କୃତ । ସେ ଥିଲେ ପ୍ରସିଦ୍ଧ କବୟିତ୍ରୀ ଅନ୍ନପୂର୍ଣ୍ଣା ମିଶ୍ର । ତାଙ୍କର ରଚିତ ଅନେକ ପୁସ୍ତକ ପୁରସ୍କୃତ ହେଇଥିଲା ।

ବର୍ତ୍ତମାନ ସରସ୍ୱତୀ ସାଧନା, କୋଠରୀରେ ପଶି ମୁଁ ନିଜକୁ ଭାଗ୍ୟବାନ ତ ଭାବୁଥିଲି । କିନ୍ତୁ ତା ଭିତରେ ଜ୍ଞାନ ଓ ବିଦ୍ୟାର ମାୟାରେ ମୁଁ ମୋହାଚ୍ଛନ୍ନ ହେଇ ପଡୁଥିଲି । ମୁଁ ଆଶ୍ଚର୍ଯ୍ୟାନ୍ୱିତ ହେଇ ଖାଲି ଆଖି ନେଫଡେଇ ଅନଉଥିଲି । ଇଏ କଣ ? ଦୁନିଆରେ ଖୋଜିଲେ ବି କଣ ଏତେ ବହି ମିଳିବ ? ଯୁଆଡେ ଅନେଇବ ବହିର ସ୍ତୁପ । କାନ୍ଥର ଖୁନ୍ଦୁଡ଼ି ମାନଙ୍କରେ ଠେସି ହେଇ ରହିଥାଏ ବହି । ଟ୍ରଙ୍କ, ଢାବଲ ପେଟରା କୋଉଠି ଟିକେ ଖାଲି ଜାଗା ନାହିଁ । ଏତେ ମୋଟାମୋଟା ଗ୍ରନ୍ଥ, ଦୁର୍ଲ୍ଲଭ ତାଳପତ୍ର ପୋଥି, କୋଉଠାରୁ ଏସବୁ ସଂଗ୍ରହ କରିଥିଲେ କେଜାଣି । ତଳେ ମଧ୍ୟ ସ୍ଥାନେ ସ୍ଥାନେ ବହିପତ୍ର ଗଦା ହେଇଛି । ବହିର ପୁରୁଣା କିନ୍ତୁ ଘ୍ରାଣେନ୍ଦ୍ରିୟରେ ଚିରଦିନ ପାଇଁ ସାଇତି ହେଇ ରହିଯିବା ପରି ଭୁରୁଭୁରୁ ବାସ୍ନାଟିଏ ଘୁରି ବୁଲୁଥିଲା ଘର ଭିତରେ । ଏଇ ଯେମିତି ପହିଲି ବର୍ଷାର ଭିଜା ମାଟି, ଏଇ ଯେମିତି ପେଟରାରେ ସାଇତା ହେଇଥିବା ମାଆର ପୁରୁଣା ଲୁଗା, ଏଇ ଯେମିତି ବିଲରୁ ଆସିଲା ପରେ ବାପାଙ୍କ ଦେହର ଝାଳୁଆ ଲୁଣିଆ ବାସ୍ନା ।

କାଳିଆ ମସିଆ ହେଇ ଯାଇଥିବା କାଚରୁ ଧିମେଇ ଧିମେଇ ବିଞ୍ଚି ହେଉଥିବା ଲଣ୍ଠନର ମହଳିଆ ଆଲୁଅ । ମୋ ଆଖି ଯାଇ ସ୍ଥିର ହେଇ ଯାଇଥାଏ ଡେସ୍କ ଉପରେ ଘୋଡ଼ିଆ ହେଇଥିବା ଧଳା ଲୁଗା ଉପରେ ।

ISSN NO.
2582-208X


ରୂପ ଦୁନଆର ରୂପ କାହାଣୀ ପରି ଖୋଲି ଯାଉଥିବ ରହସ୍ୟ । ଜାଲଣାରୁ ଆସୁଥିବା ସିରି ସିରି ମାଘୁଆ ପବନ ଉଡେଇ ନେଉଥିବ ଧଳା ଲୁଗାଟାକୁ । ମୋ ଆଖି ବିସ୍ଫାରିତ ହେଇ ଯାଉଥିବ । ଡେସ୍କ ଉପରେ ବିରାଜମାନା ବିଦ୍ୟାଦାୟିନୀ, ହଂସ ବାହିନୀ, ବୀଣାଧାରିଣୀ ଶୁଭ୍ରବସ୍ତ୍ରା ମାଆ ସରସ୍ୱତୀ । ପ୍ରଶାନ୍ତ ମୂଖମଣ୍ଡଳ, ଅର୍ଦ୍ଧ ନମିଳତ ଚକ୍ଷୁରୁ ଝରି ଆସୁଥିବ ଅପାର କରୁଣାବାରୀ । ଓଷ୍ଠରେ ମନଜୀଣା ସ୍ମିତ ହାସ୍ୟ । ଆଶୀର୍ବାଦ ମୁଦ୍ରାରେ ହସ୍ତ ପ୍ରସାରିତ କରି ମୋ ମସ୍ତକରେ ମୃଦୁ ସ୍ପର୍ଶ କରୁଥିବେ ମାଆ ।

– ଯାଅ ବତ୍ସ, ତୁମକୁ ଅସୀମ ବିଦ୍ୟା ବୁଦ୍ଧି ପ୍ରଦାନ କରୁଛି । ଅଗାଧ ପାଣ୍ଡିତ୍ୟର ଅଧିକାରୀ ହେଇ ତୁମେ ହୁଅ ଯଶସ୍ୱୀ ।

ମୋର ଆଖି ବୁଜି ହେଇ ଯାଇଥାଏ ସମ୍ମୋହିତ ହେଇ । ଶରୀରରେ ବେପଥୁ ସୃଷ୍ଟି ହେଉଥାଏ । ମୁଁ ହଜି ଯାଉଥାଏ ଭିନ୍ନ ଏକ ଦୁନଆରେ ।

ସେହି ଦୁନଆରୁ ଏହି ଜାଗ୍ରତ ଦୁନଆକୁ ନେଉଟି ଆସିବାକୁ ବେଶି ସମୟ ଲାଗି ନଥିଲା । ଅବଚେତନ ମସ୍ତିଷ୍କରେ ପିଟି ହେଲା ମାଷ୍ଟରଙ୍କ ଓଜସ୍ୱୀ ସ୍ୱର । ମୁଁ ଚମକ ପଡୁଥିଲି ।

– ଅଭି ଦେଖ୍, ଏଇ ମୋ ସରସ୍ୱତୀ । ଆଉ ଆଙ୍କରି ସାଧନା ମୁଁ ଦିନରାତି କରୁଛି ।

ମୁଁ ଚାହିଁ ଦିଏ ତ ଡେସ୍କ ଉପରୁ ଧଳା ଲୁଗାଟା ଅପସରି ଯାଉଥାଏ ଆସ୍ତେ ଆସ୍ତେ । ତା ଭିତରେ ଚକ୍ ଚକ୍ କରୁଥିବା ଗାଢ଼ କୃଷ୍ଣ ବର୍ଣ୍ଣର ବ୍ୟାସାସନ ଉପରେ ବୃହତ୍ ଆକାରର ଶ୍ରୀମଦ୍ ଭଗବତ ଗୀତାଟିଏ । ବ୍ୟାସାସନ ପାଖକୁ ଲାଗି, ଜଗନ୍ନାଥଦାସଙ୍କ ଭଗବତ, ଚାରେଟି ବେଦ, ତୁଳସୀଦାସୀ ରାମ ଚରିତ ମାନସ୍ ଓ ଲୀଳାବତୀ ସୂତ୍ର ବହିଟିଏ ।

ସାର୍ ମୋ ମୁଣ୍ଡକୁ ଆଉଁସି ଦେଇ ବସିବା ପାଇଁ ନର୍ଦ୍ଦେଶ ଦିଅନ୍ତି । ଚଟଟିଏ ଉପରେ ମୁଁ ବସେ ଡେସ୍କର ସାମନା ଆଡ଼କୁ ସାରଙ୍କ ଆଡ଼କୁ ମୁହଁ କରି ।

ମୁଁ ଚାହିଁ ରହିଥାଏ ଏକ ଲୟରେ । ତାଙ୍କ ମୁହଁରୁ ନର୍ଗତ ହେଉଥାଏ ଚତୁର୍ବେଦର ଶ୍ଳୋକ ସବୁ ଅତ୍ୟନ୍ତ ସୁଲଳତ କୋମଳ ସ୍ୱରରେ । ସାମଗାୟନର ପବିତ୍ର ଉଚ୍ଚାରଣ ସର୍ବଥା

ISSN NO.
2582-208X

ପବିତ୍ର ବ୍ରାହ୍ମ ମୁହୂର୍ତ୍ତଟାକୁ କରି ଦେଉଥାଏ ଆହୁରି ପବିତ୍ର । ସମୟଟା ହେଇ ଯାଉଥାଏ ମନ୍ତ୍ରମୁଗ୍ଧ, ସ୍ଥିର । ମୁଁ ଶୁଣୁଥାଏ ଜଡ଼ବତ୍ ।

"ବ୍ରହ୍ମଚରେଣ ତପସା ଦେବା ମୃତ୍ୟୁମପାଘ୍ନତ ।"

ଅର୍ଥାତ, ବ୍ରହ୍ମଚର୍ଯ୍ୟର ତପ ଦ୍ୱାରା ଦେବତା ଗଣେ ମୃତ୍ୟୁକୁ ଜୟ କଲେ ।

"ଶରୀରମାଦ୍ୟମ୍ ଖଲୁ ଧର୍ମ ସାଧନମ୍"

ଅର୍ଥାତ, ଶରୀର ସବୁ ଧର୍ମ ପାଳନକାରୀ ଅଟେ ।

ବାହାରେ କାକରମାନେ କୁଙ୍କୁରି କାଙ୍କୁରି ହେଉଥାନ୍ତି । ଶୀତ ଜରଜର ପ୍ରକୃତି ତଥାପି ପ୍ରଭାତର ଆଗମନ ନିମନ୍ତେ ସଜାଡୁଥାଏ ସ୍ୱାଗତିକା । ସୂର୍ଯ୍ୟଦେବଙ୍କ ଆବାହନ ନିମନ୍ତେ ଶୃଙ୍ଗାର କରୁଥାଏ ଧରଣୀ ରାଣୀ । ସାରଙ୍କ ସ୍ୱରରେ ସ୍ୱର ମିଳାଇ କୁମ୍ଭାଟୁଆ ବେଦଧ୍ୱନୀରେ ବ୍ୟସ୍ତ ।

ମୋର ଇଆଡେ ଯୋରସୋର୍ ସରସ୍ୱତୀ ସାଧନା ଚାଲୁଥାଏ ।

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ତୁମେ ପରା ଏକ



ରଘୁନାଥ ତ୍ରିପାଠୀ

ତୁମେ ପରା ଏକ ସୁନୀଳ ସାଗର
ମୁଁ ତୁମର ଊର୍ମିମାଳ
ମୁଣ୍ଡ ପିଟି ଫେରେ ତୁମ ବାଲିଶେଯେ
ହେବାକୁ ଗଳାର ହାର ।
ଦୁନିଆର ମାଥ ତୁମ୍ଭେ ମହାଶୂନ୍ୟ
ଜଳଦ ମୁଁ ତୁମ ଦେହେ
ଖେଳି ବୁଲି ବୁଲି ପବନର ସାଥେ
ଅନୁକ୍ଷଣେ ମଜା ନିଏ ।
ତୁମେ ଦୁନିଆର ହୃଦୟ ହୋଇଲେ
ମୁଁ ତୁମ ସ୍ପନ୍ଦନ ହେବି
ପାଶେପାଶେ ରହି ଆପଣା ବୋଲାଇ
ଜୀବନ ପ୍ରମାଣ ଦେବି ।
ତୁମେ ପରା ଅଟ ମୋର କଳ୍ପନାର
ଅତି ଭବ୍ୟ ଉପବନ
ସୁନ୍ଦର ସୁମନ ହୋଇ ଫୁଟୁଥିବି
ଶିହରାଇ ତନୁମନ ।
ତୁମେ ଯଦି ହୁଅ ରଙ୍ଗେଲି କୁସୁମ

ISSN NO.
2582-208X


ଏ ଦୁନିଆ ବଗିଚାରେ
ତୁମର ସୁରଭି ହୋଇ ବାଣ୍ଟୁଥିବି
ସୁଗନ୍ଧ ସାରା ସଂସାରେ ।
ତୁମେ ହୁଅ ଯଦି ସୌମ୍ୟ ଋତୁରାଜ
ସମସ୍ତଙ୍କ ଅତି ପ୍ରିୟ
ମଧୁଚନ୍ଦ୍ରିକା ମୁଁ ଯାପନ କରିବି
ହୋଇ ମଧୁର ମଳୟ ।
ତୁମେ ପୂର୍ଣ୍ଣ ଚନ୍ଦ୍ର ଶରତ ଆକାଶେ
ହୋଇଥିବ ଯେତେ ଦିନ
ମୁଁ ତୁମର ଛାଇ ଜୋଛନା ବୋଲାଇ
ଆକର୍ଷିବି ଜନମନ ।
ଯେଉଁଠି ରହିବ କରିବନି ପର
ତୁମ୍ଭଠାରେ ମୋର ଜୀବ
ତୁମରି ପରଶ ପାଇଁ ଝୁରେ ସଦା
ହେ ମୋର ପ୍ରାଣବାନ୍ଧବ ।

ବାଲିସାହି, ମଧୁପାଟଣା,
କଟକ 8763343263

ମଇ – ୨୦୨୨
ISSN NO. 2582-208X
www.vedantimagazine.com
ବେଦାନ୍ତି

# ଶ୍ରୀ ଭୁଜ ବୋଲାଇ ଭୁଜନାହିଁ ତାର



ଡଃ ଅଭିମନ୍ୟୁ କାନୁନଗୋ

ଶ୍ରୀଭୁଜ ବୋଲାଇ ଭୁଜନାହିଁ ତାର ଧନ୍ୟସେ ଶ୍ୟାମସୁନ୍ଦର ।
ଅର୍ଚ୍ଚନ ବନ୍ଦନ କର ନନ୍ଦନାନ ଗୋବର୍ଦ୍ଧନ ଗିରିଧର ॥୧॥
ରବି ସୁତ ଦର୍ପଦଳା ନନ୍ଦବଳା ଶ୍ରୀହରି ପରମେଶ୍ୱର ।
ବିଂଶ ବାହୁମର୍ ସେ କୋଦଣ୍ଡଧର୍ ଦାଶରଥି ରଘୁବିର ॥୨॥
ଦନୁଜାରୀ ହରିମାଧବ ମୁର୍‌ରୀ କୁବୁଜାର ଉଜହର ।
ମିଳନ ବିଚ୍ଛେଦର ସେ ସୂତ୍ରଧର ନୀଳମଣି କମ୍ବୁକର ॥୩॥
ଶ୍ରବଣେ ଲୋଳଇ ମକର କୁଣ୍ଡଳ କଟୀତଟେ ପୀତାମ୍ବର ।
ସଂଗ୍ରହ କର ହରି ନାମ ରତନ କରିବାକୁ ଗଳାହାର ॥୪॥
ପାବନ ଯାହାର ନାମ ଧାମରୂପ ଶ୍ରୀହରି ଗୁଣ ସାଗର ।
ଦୟଣା ମାଳଆ ଶ୍ରୀଖଣ୍ଡ ଚୂଳଆ ବନ ମାଳଆ ଶ୍ରୀଧର ॥୫॥
କରଣ କାରଣ ଦେବ ନାର୍‌ୟଣ ଶୟନ କ୍ଷୀରସାଗର ।
ବେଣୁଧାରୀ ହରି ଶ୍ରୀକୃଷ୍ଣ ମୁର୍‌ରୀ ନୀଳ କନ୍ଦର ସୁନ୍ଦର ॥୬॥
ଦଂଡ କୁ ସୁନ୍ଦର ହରି ବଳର୍‌ମ ଅନୁପମ ରୂପ ଯାର ।
ତିନ ଭୁବନର ଅଧିପତି ସେହି ଶ୍ରୀ ହରି କୃପା ସାଗର ॥୭॥
ଇନ୍ଦ୍ର ଧାତା ହର ବନ୍ଦନ୍ତ ପୟର ଆନ କେତେକ ମାତର ?
ପତିତପାବନ ମଦନ ମୋହନ ଅନଙ୍ଗ ଯାର କୁମର ॥୮॥
ତ୍ରିଭୁବନ ନାଥ ଦେବ ଜଗନ୍ନାଥ ନରହରି ସୁରେଶ୍ୱର ।
କାମ ପିଅର ଶ୍ରୀକୃଷ୍ଣ ଦାମୋଦର ସ୍ମରେ ଅଭିମନୁ ଛାର ॥୯॥

ପ୍ରସାର ଭାରତୀ (ଆକାଶବାଣୀ)

ISSN NO.
2582-208X

# ଯୁଦ୍ଧ:ୟୁକେନ୍
# ବନାମ ରୁଷିଆ



ଦଣ୍ଡାସି ପ୍ରଧାନ

ଯେ କେଉଁ ଭବ୍ୟତା
ଅବା ସଭ୍ୟତାର ଦିବ୍ୟ ବିକାଶ ?
ସଂକୀର୍ଣ୍ଣ ସ୍ୱାର୍ଥ ନିଶାରେ
ଯୁଦ୍ଧ ଖୋର ରୁଷିଆ ମସଗୁଲ--
ମାରଣାସ୍ତ୍ର ବିମାନ ଉଡାଣରେ;
ଆଜିର ପ୍ରଶ୍ନ-
ବିଶ୍ୱ ପରିବେଶ ନିୟନ୍ତ୍ରଣ,
ଆଭୂବନ ଭାତୃତ୍ୱ ଭାବ—
ଆନ୍ତର୍ଜାତିକ କଲ୍ୟାଣ --
ଶାନ୍ତି ମୁଖା ଚୁଡାନ୍ତ ଚୁକ୍ତି, ଏଠି କ'ଣ
ଚୁମ୍ବନ ଦିଏ, ଅଗ୍ନିସ୍ତ୍ର ମିଶାଇଲରେ ?
ନା ମାରଣାସ୍ତ୍ର ବିମାନ ଉଡାଣରେ ??
ଚରମ ବୁଦ୍ଧିମାନ ବର୍ବରତା, ଧ୍ୱଂସ କରିଚାଲିଛ,
ମଣିଷ ପଣିଆ କୁ।
ଆଉ ସୁ ସଭ୍ୟ ଦାୟାଦ ବୋଲାଉଥିବା
ସାର୍ବଭୌମତ୍ୱର ଉତ୍ତର ଦାୟିତ୍ୱବୋଧକୁ ।0।

ISSN NO.
2582-208X

ୟୁକ୍ରେନ୍ ସହର ସହରେ
କୁଢକୁଢ ନିରୀହ ମୁର୍ଦ୍ଦାର,
ଚତୁର୍ଦ୍ଦିଗ ତ୍ରାହି ତ୍ରାସିତ ଚିତ୍କାର;
ଭୟଙ୍କର ଯୁଦ୍ଧ
ବିଭୀଷିକାର ସଂକୀର୍ଣ୍ଣ ସଂହାର ।
ଆଜି ଧରାସାୟି
ସୁଶୋଭିତ ରାସ୍ତାଘାଟ, ରସ-ରାସାୟନ
ମନୁଷ୍ୟ ମାନ-ମୂଲ୍ୟବୋଧ ଅନୁଷ୍ଠାନ ।
ଅଶୋଚନୀୟ ଧ୍ୱଂସର ଆକ୍ରମଣ ତାଣ୍ଡବେ
ଧୂଳି ଓ ଧୂଆଁରେ ଧୂଳିସାତ୍
ଆଖି ପିଛୁଳାରେ ସୁ ମନୋହର
ମାଳ ମାଳ ସହର।
ସ୍ୱାଛନ୍ଦ୍ୟ ଜୀବନ କରୁଛି ସଙ୍କଳ୍ପ ସଂଘର୍ଷ,
ସ୍ୱାଭିମାନକୁ ବଞ୍ଚାଇ ରଖିବାର ଶପଥ ଉତ୍କର୍ଷ ।
ଶସ୍ୟ ସୁଫଳା ୟୁକ୍ରେନ୍ ଦୁର୍ଗନ୍ଧେ ଗନ୍ଧଉଛି;
ଯୁଦ୍ଧର ବାରୁଦ ବିଧ୍ୱସ୍ତ ଗନ୍ଧରେ,
କୋଳାହଳ ମୟ ସମୃଦ୍ଧ ଦେଶ
କ୍ଷେପଣାସ୍ତ୍ର ଅବିଶ୍ୱସ୍ତ ଅଗ୍ନିରେ ଦହନ କରୁଛି। 02
ବ୍ୟର୍ଥ ସ୍ୱାଭିମାନ ପଶାପାଲିରେ
ସିଂହ ଶାବକ ଗୋଟି ସାଜି --

ରୁଟି ଖୋଜୁଛି ପ୍ରାଣ ବିକଳରେ।
ନା ଜଳ ନା ଆଲୁଅ।
କୁକୁର, ବିଲୁଆ, ଶାଗୁଣା ବି ନାକ ଟେକିଲେଣି

ISSN NO.
2582-208X

ଏତାଦୃଶ୍ୟ ବର୍ବରତାକୁ ।
ମୂଲ୍ୟବାନ ମଣିଷର ଜୀବନ
ବୈଷୟିକ ବିଜ୍ଞାନ ଆଧାରିତ ଜ୍ଞାନ
କଳୁଷିତ କଳଙ୍କ ଫଳକରେ ଲେଖୁଅଛି-
ଅମାନବିକତାର ଇତିହାସ।
ମଣିଷ ପଣିଆ ହଜି ହଜିଯାଏ ଦିନୁ ଦିନ।
ବିଶ୍ୱ ସମୁଦାୟ ସ୍ତବ୍ଧ ଚକିତ।
ନିରବ ଦର୍ଶକ କିଂକର୍ତ୍ତବ୍ୟ ବିମୂଢ।
ତୃତୀୟ ବିଶ୍ୱଯୁଦ୍ଧ ଆଶଙ୍କାରେ
ଆଶଙ୍କିତ ପୃଥିବୀ ।
ମୃତ୍ୟୁ ଭୟ ଭୟଙ୍କର ।
ରୁଷିଆର ଭୟାର୍ତ୍ତ ଯୁଦ୍ଧାସ୍ତ୍ର ମାଡରେ
ଭୁଷୁଡି ଯାଇଛି ଦମ୍ଭ। ।03
ବୃକ୍ଷ ର ପାରିଲା ପତ୍ର ସଦୃଶ
ଆକ୍ରମଣ ରେ ଉଡୁଛି ନଭଷ୍ଟୁମ୍ଭି ଅଟ୍ଟାଳିକା ।
ସବୁଜ ଆଚ୍ଛାଦିତ
ଘନ ସବୁଜିମା ଘେରା ଦଣ୍ଡେ ଫିକା ଫିକା।
ୟୁକ୍ରେନ୍ ନଗର କାନ୍ତି;
ଅଧୁନା ବିବର୍ଣ୍ଣ ପାଂଶୁଳା –
ବିବର୍ତ୍ତିତ ଭଗ୍ନ ସୌଧ ମନେ ଭରେ
ଉତପ୍ତ ମରୁଭୂମି ଭ୍ରାନ୍ତି ।
ସଙ୍କୁଚିତ ସୁ ପ୍ରଶସ୍ତ ପଥ।
ଥମୁନାହିଁ ହିଂସାକାଣ୍ଡ।
ଶାନ୍ତିର ମାହୋଲ ମାର୍ଗକୁ ଆବୋରି-

ISSN NO.
2582-208X

ଅବରୋଧ କରିଛି କୂଟନୈତିକ ପାଚେରୀ ।
'ନାଟୋ ' ନିରବ ଦର୍ଶକ।
'ଜାତିସଂଘ' ଶବ ସବାରୀ ମୂର୍ଦ୍ଧାର--
ଧୃତରାଷ୍ଟ୍ର ମୂକ ଦରବାର !! ।04
ଯୁଦ୍ଧର ଫଳାଫଳ ଯାହା ହୁଏ ଇତିହାସ କହେ
ସୁନାର ଶୂନ ସମଷ୍ଟି ନିଶ୍ଚିତ ମାତ୍ର, ପାଉଁଶ ମୁଠାଏ।
ବିଜୟ ହେଉ କି ପରାଜୟ;
ମାନ ଅବା ନ ମାନ ହେ ନିରଦୟା ନିର୍ଭୟ !! ।
ଶ୍ମଶାନ ଶବ ଉପରେ ବିଜୟ ପତାକାର ମାନେ କଣ?
ବିଶ୍ୱ ଭବିଷ୍ୟତ ପୀଢି କୁ କି ଉତ୍ତର ତୁମେ ଦେବ??
ହେ ସୁହୃଦ ବଶ୍ୱବାସୀ !
ଭବିଷ୍ୟତ ସମୟକୁ—କହିବ କି,
ଆମେ ସବୁ ନୀରବ ଦ୍ରଷ୍ଟା!!!
ନା ନିରପେକ୍ଷ ବାଦୀ ?-------
ବନ୍ଦ ହେଉ ବନ୍ଦ ହେଉ ବିରୁଦ୍ଧ ଯୁଦ୍ଧର
ବାରୁଦ ବିଷାଦ।
ଭାଙ୍ଗିଯାଉ ମମତ୍ୱର ଅବିଶ୍ୱାସୀ ବାଡ,
ଫେରିଆସୁ ଶାନ୍ତି-ମୈଇତ୍ରୀ-ମାନବ ପ୍ରୀତି-
ଜାଗରିତ ହେଉ ସ୍ନେହ, ମମତାର ଭାବ;
ହସି ଉଠି ଗାନକର, ବିଶ୍ୱ ପ୍ରେମ ଗୀତି ହେ ବିଶ୍ୱ ବାସୀ !!।05।

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ,
ବାଦପୁର, ଗଞ୍ଜାମ
ଭ୍ରାମ୍ୟଭାଷ୍ୟ 8660194967/ Dpradhan@gmail.com

ISSN NO.
2582-208X

# ଆନନ୍ଦର ପର୍ବ
# ହୋଲି



ଜୟଶ୍ରୀ ପଟ୍ଟନାୟକ

ଭାରତ ହେଉଛି ସଂସ୍କୃତିର ଦେଶ । କେତେକ ପର୍ବ ଭାରତର ସବୁ ଅଂଚଳରେ ପାଳନ କରାଯାଇଥାଏ । ସେହି ପର୍ବ ମାନଙ୍କ ମଧ୍ୟରୁ ହୋଲି ହେଉଛି ଅନ୍ୟତମ । ଏହା ସର୍ବ ଭାରତୀୟ ପର୍ବ । ରଙ୍ଗର ପର୍ବ । ଭଗବାନ ଶ୍ରୀକୃଷ୍ଣ ଓ ରାଧାଙ୍କୁ ସମର୍ପିତ । ସବୁ ଧର୍ମର ଲୋକମାନେ ଏହି ଦିନଟିକୁ ବିଭିନ୍ନ ପ୍ରକାରର ରଙ୍ଗ ଖେଳରେ ନିଜକୁ ସାମିଲ କରିଥାନ୍ତି । ଅବିର ତଥା ଫଗୁର ଆଦାନପ୍ରଦାନ କରି ଆନନ୍ଦ, ଉଲ୍ଲାସ ଓ ଭାଇଚାରାର ସୂତ୍ରରେ ବାଜା ବଜାଇ ନୃତ୍ୟକରି ଖୁସିର ସହିତ ମନାଇଥାନ୍ତି । ଉତର ଭାରତରେ ପୁରାଣର ହିରଣ୍ୟକଶ୍ୟପର ଭଉଣୀ ହୋଲିକାର ଦହନ ସ୍ମୃତି ବହନ କରେ ଏହି ପର୍ବ । ଉତ୍କଳୀୟ କମ୍ବଦନ୍ତୀ କହେ ଯେ ବ୍ରହ୍ମାଙ୍କ ଆଦେଶରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ପ୍ରଥମେ ଦୋଳଯାତ୍ରାର ଆୟୋଜନ କରିଥିଲେ । ସେହି ଦିନଠାରୁ ଓଡିଶାର ପୁରପଲ୍ଲୀରେ ଦୋଳପର୍ବ ପାଳିତ ହୋଇଆସୁଛି । ପ୍ରାଚୀନ କାଳରୁ ଓଡିଶାରେ ଦୋଳପର୍ବ ପାଳନ କରାଯିବାର କଥା ଆମ ପୁରାଣ ଓ ଧର୍ମଗ୍ରନ୍ଥରେ ଦେଖିବାକୁ ମିଳେ । ପରବର୍ତ୍ତି କାଳରେ ଓଡିଶାରେ ଗୌଡୀୟ ବୈଷ୍ଣବ ଧର୍ମର ପ୍ରସାର ଲାଭ କରିଥିଲା । ଗୌଡୀୟ ବୈଷ୍ଣବ ଧର୍ମର ପ୍ରଚାର କରିଥିବା ଶ୍ରୀ ଚୈତନ୍ୟ ଦେବଙ୍କର ଆବିର୍ଭାବ ହୋଇଥିଲା ୧୪୮୬ ଖ୍ରୀଷ୍ଟାବ୍ଦ ଫେବୃୟାରୀ ୧୮ ତାରିଖ ସନ୍ଧ୍ୟା ସମୟରେ । ଏହିଦିନ ଥିଲା ଦୋଳପୂର୍ଣ୍ଣିମା । ତେଣୁ ଓଡିଶାର ଦୋଳ ପୂର୍ଣ୍ଣିମା ପାଳନରେ ଆମେ ଗୌଡୀୟ ବୈଷ୍ଣବ ପ୍ରଭାବ ଦେଖିବାକୁ ପାଉ । ଭଗବାନ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କର କର୍ଣ୍ଣ ଅଳଂକାର ପାଇବା ପରେ ଦୋଳଯାତ୍ରାର ଆୟୋଜନ କରିଥିଲେ ବୋଲି ପୌରାଣିକ ମତ ରହିଛି । । ତେଣୁ ସାରା ଭାରତବର୍ଷରେ ଏହି ପର୍ବ ରଙ୍ଗ ଓ ଆନନ୍ଦର ପର୍ବ ଭାବରେ ପାଳନ କରାଯାଇଥାଏ ।

ISSN NO.
2582-208X


ହିନ୍ଦୁମାନଙ୍କର ପରମ ଆରାଧ୍ୟ ଦେବତା ରାଧାକୃଷ୍ଣଙ୍କର ମିଳନ ଉତ୍ସବ ଦୋଳପର୍ବ ଫାଲଗୁନ ପୂର୍ଣ୍ଣମୀରେ ଓଡିଶାର ପୁରପଲ୍ଲୀରେ ପାଳନ ହୁଏ । ଏହିପର୍ବ ଫାଲଗୁନ ମାସ ଶୁକ୍ଲପକ୍ଷ ଦଶମୀ ଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲେ । ଏହାକୁ କେହି କେହି ଦୋଳପର୍ବ, ଦୋଳଯାତ୍ରା, ବସନ୍ତ ମହୋତ୍ସବ, ଫଲଗୁ ମହୋତ୍ସବ, ମଦନମୋହନ ମହୋତ୍ସବ ନାମରେ ନାମିତ କରିଥାନ୍ତି । ଏହିମାସର ଅଧିପତି ହେଉଛନ୍ତି ଗୋବିନ୍ଦ । ଏହି ଅବସରରେ ଫଗୁଣ ଶୁକ୍ଳ ଦଶମୀ ଫଗୁଦଶମୀ ଠାରୁ ଶ୍ରୀଜଗନ୍ନାଥଙ୍କ ଚାଚେରୀ ଲୀଳା ଆରମ୍ଭ ହୋଇ ଦୋଳ ପୂର୍ଣ୍ଣିମାରେ ଶେଷ ହୁଏ । ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ ବର୍ଷକୁ ଥରେ ଶ୍ରୀମନ୍ଦିରରୁ ବୁଲି ବାହାରନ୍ତି ।  ଦୋଳବେଦୀରେ ପହଂଚିଲା ପରେ ଅବିର ଅର୍ପଣ କରାଯାଏ ତାଙ୍କ ସମ୍ମୁଖରେ ନୂଆ ପାଞ୍ଜି ରଖାଯାଏ  ଏବଂ ପାଠ କରାଯାଏ । ଶ୍ରୀ ମନ୍ଦିରରେ ଶ୍ରୀ ଜୀଉ ମାନଙ୍କର ଚାଚେରୀ ବେଶ ହୁଏ ଏବଂ ଚାଚେରୀ  ଭୋଗ ହୋଇଥାଏ । ଗୋବିନ୍ଦ ହେଉଛନ୍ତି ତ୍ରାଣକର୍ତା ।  ଗୋବିନ୍ଦ ହିଁ ପ୍ରହଲ୍ଲାଦକୁ ହୋଲିକାର କବଳରୁ ଉଦ୍ଧାର କରିଥିଲେ ।  ଅସୁର ରାଜା ହିରଣାକ୍ଷ ଓ ହିରଣ୍ୟକଶ୍ୟପର ଭଉଣୀ ଥିଲେ ହୋଲିକା ପୁତ୍ର ପ୍ରହଲ୍ଲାଦ ଥିଲେ ବିଷ୍ଣୁ ଭକ୍ତ । ବିଷ୍ଣୁ ଭକ୍ତିରୁ ନିବୃତ ରହିବା ପାଇଁ ଚେଷ୍ଟା କରି ଯେତେବେଳେ ହିରଣ୍ୟକଶ୍ୟପ ପାରିଲେନାହିଁ ସେତେବେଳେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ପ୍ରହଲ୍ଲାଦକୁ କୋଳରେ ଧରି ଅଗ୍ନିକୁଣ୍ଡରେ ପ୍ରବେଶ କରି ତାକୁ ପୋଡି ମାରିବା ପାଇଁ ଆଦେଶ ଦେଲେ ଭଉଣୀ  ହୋଲିକାକୁ କାରଣ ହୋଲିକା ବରଲାଭ କରିଥିଲା ଅଗ୍ନିରେ ଦଗ୍ଧ ହେବନାହିଁ ବୋଲି । ହେଲେ, ଗୋବିନ୍ଦଙ୍କ ପ୍ରଭାବରୁ ହୋଲିକା ନିଜେ ପୋଡି  ପାଉଁଶ ହୋଇଗଲା । ପ୍ରହଲ୍ଲାଦର କିଛି କ୍ଷତି ହୋଇନଥିଲା । ଏଣୁ ମନ୍ଦ ଉପରେ ଭଲର ବିଜୟର ସ୍ମାରକୀ ସ୍ୱରୂପ ପ୍ରତିବର୍ଷ ହୋଲି ଦିନ ହୋଲିକା ଦହନ ଉତ୍ସବ ପାଳନ ହୋଇ ଆସୁଅଛି । ଏହି ଦିନକୁ ସ୍ମରଣ କରି ଓଡିଶାର ଗ୍ରାମ ଗ୍ରାମରେ ଦୋଳଗୋବିନ୍ଦଙ୍କ ଫଗୁଖେଳ ହୁଏ ।  ଏହି ସମୟ  ବସନ୍ତ ଋତୁର ସମୟ ବସନ୍ତର ଆଗମନରେ ମୃଦୁ ମଳୟ ଦେହ ମନକୁ ଶିହରିତ କରିଥାଏ । କଥିତ ଅଛି ଗୋପରେ ଥିଲାବେଳେ ଶ୍ରୀକୃଷ୍ଣ ଗୋପବାଳାଙ୍କ ସହିତ ମିଶି ରଙ୍ଗ ଖେଳଥିଲେ ତେଣୁ ଫାଲଗୁନ ପୂର୍ଣ୍ଣମୀରେ ବସନ୍ତୋତ୍ସବ ବା ବସନ୍ତରାସ ଅନୁଷ୍ଠିତ ହୁଏ ।

ଏହି ପର୍ବ ରାଧାକୃଷ୍ଣଙ୍କ ପାଇଁ ସମର୍ପିତ । ଦୋଳ ବା ବିମାନରେ ରାଧାକୃଷ୍ଣଙ୍କୁ ନେଇ ଗ୍ରାମ ପରିକ୍ରମା କରାଯାଏ । ଠାକୁର ସମସ୍ତଙ୍କ ଘର ବୁଲି ବୁଲି ଭୋଗ ଖାଆନ୍ତି । ସବୁବେଳେ ଆମେ ଯାଉ ମନ୍ଦିରକୁ  କିନ୍ତୁ ଦୋଳ ସମୟରେ ଠାକୁର ଆସନ୍ତି ଆମ ପାଖକୁ । ଘର

ISSN NO.
2582-208X


ଦୁଆର ସଫାକରି ଆମ୍ରପତ୍ର ସହିତ କୁମ୍ଭ ଦୁଆରରେ ରଖି ସମସ୍ତେ ଅପେକ୍ଷା କରିଥାନ୍ତି ଠାକୁର କେତେବେଳେ ଆସି ଭୋଗ ଖାଇବେ ବୋଲି । ଭୋଗରେ ଚଣା, ଆମ୍ବ, ଶାକର ଶାଳ ଉଖୁଡା, ଖଜା, ଫେଣି, କାକୁଡି, ଚୁଡାଘଷା ଇତ୍ୟାଦି ଅର୍ପଣ କରାଯାଏ । ଦିଅଁ ମାନଙ୍କର ମେଳଣ ହୁଏ ଏହି ସମୟରେ । ଖୋଲା ପଡିଆରେ ନିକଟବର୍ତ୍ତି ଗ୍ରାମ ମାନଙ୍କରୁ ଦୋଳ ବିମାନ ମାନ ନିମନ୍ତ୍ରିତ ହୋଇ ଆସିଥାନ୍ତି ମେଳଣ ପଡିଆକୁ । ମେଳଣ ହୁଏ । ନାଚଗୀତ, ଦୋକାନ ବଜାର, ମେଲୋଡି ଯାତ୍ରା ସହିତ ଫଗୁଖେଳ ହୋଇଥାଏ । ଠାକୁର ମାନଙ୍କୁ ଫଗୁ ବିଂଚାଯାଏ । ଗୋପାଳ ସଂପ୍ରଦାୟର ଯୁବକମାନେ ନୂଆଲୁଗା ପିନ୍ଧି ଅଂଟାରେ କଛା ମାରି ତା ଉପରେ ଘାଗୁଡିମାଳ ଲଗାଇ ମୁଣ୍ଡରେ ଠେକା ଭିଡି ହାତରେ ଦୁଇ ଖଣ୍ଡ ଲଉଡି ଧରି ନାଚ ନାଚ ଗୋପାଳଙ୍କ ଓଗାଳ ଗାଇଥାନ୍ତ । ।

ଦୋଳ ପୂର୍ଣ୍ଣିମାର ଠିକ ପରଦିନ ହୋଲି ଉତ୍ସବ ପାଳତ ହୁଏ । ହୋଲି ହେଉଛି ରଙ୍ଗର ପର୍ବ। ସେହିଦିନ ଲୋକେ ପରସ୍ପର ହୋଲି ବା ରଙ୍ଗର ଆଦାନପ୍ରଦାନ କରିଥାନ୍ତ । ବୟସ୍କ ବ୍ୟକ୍ତଙ୍କ ପାଦରେ ଅବିର ରଖି ଆଶିର୍ବାଦ ଭିକ୍ଷା କରନ୍ତ । ସେମାନେ କଛି ପଇସା ଦେଲେ ସେଥିରେ ରଙ୍ଗ କଣି ଖେଳନ୍ତ ଓ ମିଠା ଖାଆନ୍ତ । ହୋଲି ପର୍ବ ସାମ୍ୟର ବାର୍ତା ବହନ କରେ ଉକ୍ତଦିନ ସବୁ ଶ୍ରେଣୀର ଲୋକେ ଉଚ୍ଚନୀଚ ଭେଦଭାବ ନ ରଖି ରଙ୍ଗ ଖେଳବାକୁ ଏକନ୍ତ୍ର ହୁଅନ୍ତ । ପୂର୍ବ ଶତୃତା କଛି ଥିଲେ ସେଗୁଡିକ ଭୁଲି ଭ୍ରାତୃତ୍ୱ ବନ୍ଧୁତ୍ୱ ଓ ସ୍ନେହ ସୌହାର୍ଦ୍ଦ୍ୟର ବାତାବରଣ ସୃଷ୍ଟି କରି ଅବିର ଦେଇ ନୂତନ ବର୍ଷ ଆରମ୍ଭ କରିବାର ସଂକଳ୍ପ ନଅନ୍ତ । ଏହିଦିନ କୃଷ୍ଣଙ୍କର ପୂଜା ଆରାଧନା କରି ସୁସଜ୍ଜିତ ରଥରେ ସହର ପରିକ୍ରମା କରାଯାଏ । ଫଗୁଖେଳ କୁଂଜବିହାରୀ ଓ ଶ୍ରୀରାଧା ଅପ୍ରାକୃତ ପ୍ରେମଲୀଳା କରନ୍ତ ଯାହାକୁ ବସନ୍ତ ରାସ କୁହାଯାଏ ।

ଦୋଳ ମହୋତ୍ସବ ଭାରତୀୟ ପର୍ବ । ଏହି ପର୍ବର ଅନ୍ୟନାମ ବସନ୍ତୋତ୍ସବ । ଅତୀତରେ ଶ୍ରୀମନ୍ଦିରରୁ ସ୍ୱୟଂ ଦାରୁବ୍ରହ୍ମ ରୂପୀ ଜଗନ୍ନାଥ ଦୋଳକୁଞ୍ଜକୁ ବିଜୟ କରୁଥିଲେ ଦୋଳମଣ୍ଡପ ସାହିକୁ । ସଂପ୍ରତି ଶ୍ରୀ ଜୀଉଙ୍କର ଚଳନ୍ତି ବିଗ୍ରହ ଦୋଳଗୋବିନ୍ଦ ଦୋଳବେଦୀକୁ ବିଜେ କରୁଛନ୍ତି । ଏଣୁ ଦୋଳବେଦୀରେ ଅଧିଷ୍ଠିତ ଭଗବାନ ଦୋଳଗୋବିନ୍ଦ, ଶ୍ରୀ ଦେବୀ, ଭୂ ଦେବୀଙ୍କୁ ଚ୍ୟୁତଫଳ ସମର୍ପଣ କରିବାର ପରମ୍ପରା ରହିଛି । ଏହା ଏକ ସାର୍ବଜନୀନ ପର୍ବ। ଶାନ୍ତି, ମୈତ୍ରୀର ପର୍ବ । ସବୁ ବର୍ଗର ଲୋକେ ପରସ୍ପର ପରସ୍ପରକୁ ରଙ୍ଗ ଅବିର ଦେଇ

ISSN NO.
2582-208X

ସଂକୀର୍ଣ୍ଣତା ସାଂପ୍ରଦାୟିକ ମନୋଭାବ ଭୁଲି  ବଡ ଆଡମ୍ବର ସହକାରେ ପାଳନ କରନ୍ତି । ଭାରତର ବିଭିନ୍ନ ପ୍ରାନ୍ତରର ଲୋକେ ଏହିପର୍ବକୁ  ପାଳନ କରନ୍ତି ।  ଦୋଳପୂର୍ଣ୍ଣମାକୁ ଆମ ରାଜ୍ୟର ନୂତନ ବର୍ଷ ରୂପେ ପ୍ରାଧାନ୍ୟ ଦେଇ ଘରେ ଘରେ ପିଠାପଣା କରାଯାଏ । ମିଷ୍ଟାନ୍ନ ମଧ୍ୟ ଦିଆଯାଏ । ସେଦିନ ଗୋମାତାକୁ ପୂଜାକରି ବିଭିନ୍ନ ପିଠାପଣା  କରି ଖାଇବାକୁ ଦିଆଯାଏ ।  ଦୋଳପୂର୍ଣ୍ଣିମା ଦିନ ପାଖ ଗ୍ରାମ ମାନଙ୍କରୁ ଠାକୁର ବର୍ଷକରେ ଥରେ ମେଳନ ପଡିଆରେ ଏକାଠି ହୁଅନ୍ତି ଏହାକୁ ଠାକୁରଙ୍କର ଦୋଳମିଳନ କୁହାଯାଏ । ଖୋର୍ଦ୍ଧା ଜିଲ୍ଲାର ଜଟଣୀ  ନିକଟସ୍ଥ ହରିରାଜପୁର ଗ୍ରାମରେ ଅନୁଷ୍ଠିତ ହୁଏ ଦୋଳଉତ୍ସବ । ଦୋଳ ପୂର୍ଣ୍ଣିମାର ପାଂଚଦିନରେ ପଡେ ଏହି ପଂଚୁଦୋଳ ଯାତ୍ରା । କେଉଁଠି ତିନିଦୋଳ, ନ ଦୋଳ, ଦଶଦୋଳ ଯାତ୍ରା ମଧ୍ୟ ହୋଇଥାଏ ।ଏହି ଅବସରରେ ବିଭିନ୍ନ ସ୍ଥାନରୁ ଠାକୁରଙ୍କୁ ନିମନ୍ତ୍ରଣ କରାଯାଏ। ଖୋଲା ପଡିଆରେ ଠାକୁର ମାନଙ୍କର ଏକତ୍ର ମେଳଣ ହୁଏ । ଆତସବାଜି, ଯାତ୍ରା, ଦୋକାନବଜାର, ମେଲୋଡି ହୁଏ  ଭକ୍ତଙ୍କ ଭିଡ ଜମେ । ଫଗୁଖେଳ ହୁଏ । ମେଳଣକୁ ଆସିଥିବା ଠାକୁରମାନଙ୍କୁ ଅବିର ବିଂଚି ଭୋଗରାଗ ଅର୍ପଣ କରାଯାଏ । ସାରାରାତି କଟିଯାଏ  ଠାକୁର ମେଳଣରେ ।  କରୋନା ର ପ୍ରାଦୁର୍ଭାବରୁ ଦେଶ ସମ୍ପୂର୍ଣ୍ଣ ମୁକ୍ତ ନୁହେଁ ତେଣୁ ଘରେ ରହି ହୋଲିଖେଳର ମଜା ନେବାପାଇଁ ପ୍ରଶାସନର ଆଦେଶକୁ ମାନି ସାମାଜିକ ଦୂରତା, ମାସ୍କ ପିନ୍ଧିବା ଓ ସାନିଟାଇଜର ବ୍ୟବହାର ଦିଗରେ ଅଧିକ ଯତ୍ନବାନ ହେବା ଶରୀର ପକ୍ଷେ ହିତକର ।  ତେଣୁ ଏସବୁ ଦିଗରେ ଦୃଷ୍ଟିଦେଇ ହୋଲିପର୍ବକୁ ସାକାର କରିବା ଦରକାର । ଯେତେ ସମ୍ଭବ ରାସାୟନିକ ରଙ୍ଗଠାରୁ ଦୂରେଇ ରହି ପ୍ରାକୃତିକ ରଙ୍ଗରେ ଖେଳିବାର ମଜାନେବା ଦ୍ଵାରା ନିଜକୁ ସୁସ୍ଥ ଓ ପରବେଶକୁ ସତେଜ ରଖିବାରେ ସହାୟକ ହୋଇପାରିବା ।

ଗଙ୍ଗନଗର, ଭୁବନେଶ୍ୱର
୭୯୭୮୧୧୦୪୭୪

ISSN NO.
2582-208X

# ଉତ୍କଳ ଦିବସ



ଛବି ରାଣୀ ପତି

ଉତ୍କଳ ମାଟିର ସନ୍ତାନ ଆମେରେ
ଉତ୍କଳ ଆମରି ମାନ
ଆମ ଦେହେ ନିତି ବାଜୁଛିରେ ତାର
ସୁଶୀତଳ ପାଣି ପବନ ।

କେତେ ନାଚ କୁଦା କରିଥାଉ ଆମେ
କଳୁଷ କରି ତା ଛାତି
ବକ୍ଷ ଚିରି ସିଏ ଦେଖାଏ ଦକ୍ଷତା
ଦେଇ ନିଜ ଛାତି ପାତି ।

ସବୁଜ ବନାନୀ ଗାଏ ଗୀତ ଏଠି
ନାଚନ୍ତି କାକ ଓ ପିକ
ମାଦଳ ମୃଦଙ୍ଗ ଶ୍ରେଷଣୀ ମାଳାରେ
ଗିରି ଧରା ଚକମକ ।

ସବୁଠୁଁ ନିଆରା ତାର ପରମ୍ପରା
ସଂସ୍କୃତି ଐତିହ୍ୟ କଳା
ନିତି ଆଦର୍ଶରେ ଗୌରବାନ୍ୱିତ ସେ
ବିଶ୍ୱରେ ଚର୍ଚ୍ଚା ତା ଲୀଳା ।

ISSN NO.
2582-208X

ସୁମଧୁର ଭୂଷା ବେଶ ପରିପାଟୀ
ମୋ ଉତ୍କଳ ଶଙ୍ଖ ଧ୍ୱନ
ହୁଳହୁଳ ଚତା ଝୋଟି ରଜଦୋଳ
ଉଠେ ବି ଅଗିର୍ ଧୂନ ।

ଏଇ ମୋର ଦେଶ ଉତ୍କଳ ପ୍ରଦେଶ
ମହା ମହିମାର ଦେଶ
ଜନ୍ମଛନ୍ତି ଏଠି କେତେ ବୀର ଯୋଦ୍ଧା
ଆଧ୍ୟାତ୍ମ୍ୟ ମହା ପୁରୁଷ ।

ମଧ୍ୟ ଶାସନ
ବିରିଡ଼ି, ଜଗତସିଂହପୁର

ISSN NO.
2582-208X

# କହୁଛି ମୁଁ କଥା ଖାଣ୍ଟି



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ

ମୁଁ ଆଜି ପାଳୁଛି ଉତ୍କଳ ଦିବସ
ଗର୍ବେ ଫୁଲାଇ ଛାତି;
ଏବେବି କାନ୍ଦୁଛି ଉତ୍କଳ ଗୌରବ
କବର ଭିତରେ ବସି;
ଛାତି ତାର ଯାଏ ଫାଟି;
କହୁଛି ମୁଁ କଥା ଖାଣ୍ଟି;
କବିତା ନୁହେଁ ଏ ନଃଶ୍ୱ କବିର ତୋ ପାଇଁ ସତର୍କ ଘଣ୍ଟି ।
କାନ୍ଦେ ଫୁଲଝର, କାନ୍ଦେ ବସ୍ତର,
କାନ୍ଦେ ସିଂହଭୂମ-ମାଟି
ପ୍ରବାସେ ଓଡିଆ ଦାଦନ ଶ୍ରମିକ,
ପେଟ ପୁରୁନାହିଁ ଦିନମାନ ଖଟିଖଟି;
କହୁଛି ମୁଁ କଥା ଖାଣ୍ଟି;
କବିତା ନୁହେଁ ଏ ନଶ୍ୱ କବିର ତୋ ପାଇଁ ସତର୍କ ଘଣ୍ଟି ।
ଅଣ୍ଟିଛୁରି ତୋର ତଣ୍ଟି ଦେବ କାଟି,
ବାନ୍ଧି ତୋ ଆଖିର ପଟି;
ବିଦେଶ-ବଜାରେ ବିକ୍ରୀ କରିଦେବ
ତୋ କଳା, ସଂସ୍କୃତି, ଦେ। ଦେଶ ମାଫିଆ ଗୋଷ୍ଠୀ;
କହୁଛି ମୁଁ କଥା ଖାଣ୍ଟି;
କବିତା ନୁହେଁ ଏ ନିଶ୍ୱ କବିର ତୋ ପାଇଁ ସତର୍କ ଘଣ୍ଟି ।

ISSN NO.
2582-208X

ତୋ ଭାଷା–ସାହିତ୍ୟ ବାରବାଟୀ ପରେ
କାହାର ସେ କ୍ରୂର ଦୃଷ୍ଟି?
ତୋ ସ୍ୱତନ୍ତ୍ରତା ନେବେ ଲୁଟି;
ଗୃହିଁ ବସିଥିବୁ କଂସେଇ ଗୁଡାକ ଗଳା ତୋର ଦେବେ କାଟି;
କହୁଛି ମୁଁ କଥା ଖାଣ୍ଟି;
କବିତା ନୁହେଁ ଏ ନଶ୍ୱ କବିର ତୋ ପାଇଁ ସତର୍କ ଘଣ୍ଟି ।
ଦଲାଲ ଗୁଡାକ ଗୃହିଁ ବସିଛନ୍ତ
ସୀମାବର୍ତ୍ତୀ – ଗାଁ, ଖଣି, ଖାଦାନକୁ ନେଇଯିବେ ବାଣ୍ଟି–ବାଣ୍ଟି;
ହରାଇଛୁ ଯାହା–ପାଇବୁନ ତାହା;
ଶପଥ ନେଇଥା, ଆଉ ଦେବୁନାହିଁ
ତୋ ରାଜ୍ୟ ମଧ୍ୟରୁ କାହାକୁ ଯବାଏ ମାଟି;
କହୁଛି ମୁଁ କଥା ଖାଣ୍ଟି;
କବିତା ନୁହେଁ ଏ ନଶ୍ୱ କବିର ତୋ ପାଇଁ ସତର୍କ ଘଣ୍ଟି ।

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ
ରାଉରକେଲା

ISSN NO.
2582-208X

# ବିବିଧ ବ୍ୟକ୍ତିତ୍ୱ



ରାଧାମୋହନ ପୂଜାହାରୀ

ଶୁଣ ଶୁଣ ସୁଧିଜନେ ଦେଇ ମନ ପ୍ରାଣ
ବିଭିନ୍ନ ବ୍ୟକ୍ତିଙ୍କ କଥା କରୁଛି ବଖାଣ
କଏ ନିଜ ଶ୍ରମ ବଳେ ତ କେ ପିତା ନାମେ
ପ୍ରତିଷ୍ଠା ଲଭନ୍ତି ଜାଣ ଏହି ଧରା ଧାମେ । (୧)

ମାମୁଁଙ୍କ ନାମରେ କଏ ପ୍ରତିଷ୍ଠା ଲୋଡ଼ଇ
ତ ଶ୍ୱଶୁର ଦୟାରେ କେ ଆଗକୁ ବଢ଼ଇ
ଅଧମ ଅଧମାଧମ ଉତ୍ତମ ମଧ୍ୟମ
ବ୍ୟକ୍ତିତ୍ୱକୁ ନେଇ ତାଙ୍କ ଗଢ଼ା ଏହି କ୍ରମ । (୨)

ସ୍ୱକୀୟ ସାଧନା ନିଜ ନିଷ୍ଠା ଶ୍ରମ ବଳେ
ପ୍ରତିଷ୍ଠା ଲଭଇ ଯେଉଁ ବ୍ୟକ୍ତି ମହୀ ତଳେ
ସେ ବ୍ୟକ୍ତି ସଂସାରେ ସର୍ବଶ୍ରେଷ୍ଠେ ଗଣାଯାଏ
ଜଗତେ 'ଉତ୍ତମ ବ୍ୟକ୍ତି' ତା'କୁ ବୋଲାଯାଏ । (୩)

ପିତାଙ୍କ ପ୍ରତିଷ୍ଠା ବଳେ ଯେଉଁ ବ୍ୟକ୍ତିଗଣ
ଗୃହିଁଥା'ନ୍ତି କରିବାକୁ ସୁଖ୍ୟାତି ଅର୍ଜନ
ତାଙ୍କ ଦୟାରେ ସେମାନେ ପରିଚୟ ପା'ନ୍ତି
ସଂସାରେ 'ମଧ୍ୟମ ବ୍ୟକ୍ତି' ସେମାନେ ବୋଲାନ୍ତି । (୪)

ISSN NO.
2582-208X

କଛି ବ୍ୟକ୍ତ ରହିଛନ୍ତ ଏ ଧରା ଧାମରେ
ପାଆନ୍ତ ସେ ପରିଚୟ ମାମୁଁଙ୍କ ନାମରେ
ମାମୁଁଙ୍କ ଦୟାରେ ଯିଏ ପ୍ରତିଷ୍ଠା ଲଭଇ
ଏ ସଂସାର ସେ ବ୍ୟକ୍ତକୁ 'ଅଧମ' କହଇ । (୫)

ଆଉ କଛି ନର୍ଲଜ୍ଜ ଏ ସଂସାରେ ଅଛନ୍ତ
ଶ୍ୱଶୁର ଖ୍ୟାତିକୁ ନଜ ସମ୍ବଳ ମଣନ୍ତ
ଦେଖାନ୍ତ ଯେ ବଡ଼ପଣ ସେ ପ୍ରତିଷ୍ଠା ବଳେ
ସେ 'ଅଧମାଧମ' ରୂପେ ଗଣା ମହୀ ତଳେ । (୬)

ଅମୁକର ଶ୍ୟାଳକ ମୁଁ ଅମୁକ ତନୟ
ଏ କଥାକୁ କହେ ବ୍ୟକ୍ତ ହୋଇଣ ନର୍ଭୟ
ଅମୁକର ଜାମାତା ମୁଁ ଅମୁକ ଭଣଜା
କହେ ସର୍ବେ ସମ୍ପର୍କର ବଜାଇଣ ବଜା ।  (୭)

ସମ୍ପର୍କର ଦ୍ୱାହି ଦେଇ ଏଭଳ ବ୍ୟକ୍ତତ୍ୱ
ଜାହିର କରୁଛି ଆଜି ତା' ନଜ ଅସ୍ତିତ୍ୱ
ବଡ଼ପଣିଆ ନଜର ଦେଖାଇବା ପାଇଁ
ଏ ନର୍ଲଜ୍ଜ ବ୍ୟକ୍ତ କୁଣ୍ଠାବୋଧ କରେ ନାହିଁ ।  (୮)

ସଂସାରରେ ଏମାନଙ୍କ ନାହିଁ ଯେ ଅଭାବ
ଏଭଳ ବ୍ୟକ୍ତଙ୍କ ପାଖେ ରଖ ନାହିଁ ଭାବ
ଦୂରେ ରହ ଏ ବ୍ୟକ୍ତଠୁ ତା' ବିଷୟେ ଜାଣି
ସଭ୍ୟ ସମାଜର ଅଟେ ଏ ଅସଭ୍ୟ ପ୍ରାଣୀ ।  (୯)

ଅଧ୍ୟାପକ,
ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ତାଳଚେର)

ISSN NO.
2582-208X



# କରୋନାରେ ଚଉଠିରାତି



କୁଞ୍ଜବିହାରୀ ସାହୁ

ଏବେ ଏବେ ବାହାଘର ଲଗ୍ନ ଆସିଯାଇଛି । ଉଚ୍ଛୁଳା ନଇପରି ପୁଅ ଝିଅଙ୍କ ମନ । ବ୍ୟସ୍ତକୁ ଅଭ୍ୟସ୍ତ କରିବାପାଇଁ ପୁଅ ଝିଅର ବାପ ମା ମାନେ ପ୍ରବହମାନ ନଦୀ ପରି ଚଳଚଞ୍ଚଳ ।

ଝିଅର ବାପ – ମା କହୁଛନ୍ତି ଆମ ମୋ ଝିଅଟା ଚାକିରି କରିଛି । ମୋଟା ଅଙ୍କର ପ୍ୟାକେଜ୍। ଫରେନ୍ କମ୍ପାନୀ । ଦେଖିବାକୁ ଡଉଲ ଡାଉଲ। ହାଇଟ୍ ଓ ହେଲଥ୍ ପରଫେକ୍ଟ ।

ପୁଣି ବେଳେବେଳେ ଅଜାଗା ଘାଆକୁ ଲୁଚେଇ କଏ କଏ କହିବୁଲୁଛନ୍ତି – କେତେଦିନ ଆଉ ଝିଅକୁ ଘରେ ରଖିବା । ବୟସ ଗଡ଼ିଗଡ଼ି ଯାଉଛି । କଥାରେ ଅଛି – ଝିଅ ଘିଅ ...। ଅସଲ କଥାକୁ ଲୁଚେଇ କହୁଛନ୍ତି କାଳେ କେତେବେଳେ କୋଉ କଥା । ଦୁନଆଟା ଯାହା ହେଲାଣି କାହାକୁ ବା କହିହେବ । କେତେ କୁଆଡୁ ଫୋନ୍ ଆସୁଛି । ରାତି ସାରା ଗୁଡାଏ ଗପୁଛି ମୋବାଇଲରେ । ଆଙ୍ଗୁଠି ଟିପରେ କ'ଣ କରୁଛି ଯେ ମୋବାଇଲଟା କେଁ କାଁ ହେଉଛି । ଯେତେ ବେଗାବେଗି ହାତକୁ ଦି ହାତ ହେଇଯିବ, ଆମ ଦାୟିତ୍ୱ ସରିଗଲା । ଝିଅ ଜନମ ତ ପର ଘରକୁ । ପାଠ ପଢି ଚାକିରି କଲେ ଆମର ବା କ ଲାଭ ? ସେମିତିକା ବରଟେ ଖୋଜିଲାବେଳକୁ ନାକେଦମ ହେବାକୁ ପଡିବ । ତା ଭାଗ୍ୟରେ ଯାହା ଥିବ ସେଇୟା ଘଟିବ । ଆମେତ ଗରିବ ଗୁରୁବା ଲୋକ । କାହୁଁ ଏତେ ଟଙ୍କା ମିଳବ ଯେ ବାହାଘରଟା ସୁରୁଖୁରୁରେ ହେବ । ଯାହାହେଉ ଏ କରୋନା ସମୟରେ ବାହାଘରଟା ହେଇଗଲେ ଅଳ୍ପରେ କଥା ସରିଯିବ ।

ପୁଅ ଘର ବାପା ମାଆ ତ ବଡ ଚଖା ଲୋକ । ଫୁଟାଣି ଦେଖେଇ କହୁଛନ୍ତି– ଆମ ପୁଅ ପରା ବିଦେଶରେ ଅଛି । ଦି' ତିନ ଲକ୍ଷ ପାଉଛି ମାସକୁ । ଅଫିସ ଯିବାପାଇଁ ଗାଡି ମିଳଛି। ରହିବାପାଇଁ ଘର ପାଇଛି । ଆମ ସହ ଭଲରେ କଥା ହେବ ବୋଲି ସମୟ

ISSN NO.
2582-208X


ପାଉନ । ଫୋନ କଲେ ବିଜି ଟୋନ୍ ଆସୁଛି । ଇନଷ୍ଟାଗ୍ରାମରେ ଫୋଟୋ ଦେଖି ଜାଣିପାରୁଛୁ ଯେ ସେ ବହୁତ ହାଇ ଷ୍ଟାଟସରେ ଅଛି । ବିଦେଶୀମାନଙ୍କୁ ନେଇ ବୁଲାବୁଲି କରୁଛି । ବଡ ବଡ ହୋଟେଲରେ ପାର୍ଟିରେ ବସୁଛି । ଭଲ ଝିଅ ଦେଖି ବାହାଘର କରିଦେଲେ ଆମେ ସମସ୍ତେ ଖୁସିରେ ରହିବୁ ।

ପୁଣି କୋଉ ବାପ କହିଲାଣି କ'ଣ କରିବା ପୁଅକୁ ଯେତେ ପାଠ ପଢେଇଲି ତା ଦେଇ ପାଠଶାଠ ହେଲାନ । ଖରାତରାରେ, ମେଘପବନରେ ବୁଲାବୁଲି କଲା । ଖରାପ ଅଭ୍ୟାସ ରଖିଲା । ଘରେ ରହି ପାଟିତୁଣ୍ଡ କଲା । ତାଆରି ପାଇଁ ତ ବଢିଲା ଝିଅଟା ଘରେ ବସିପାରୁନ । ବାତରା ସାଙ୍ଗମାନେ ଆସି ଆମ ଘରେ ଦିନ ରାତି ଟେଣ୍ଟ ବାନ୍ଧୁଛନ୍ତୁ । ଝିଅଟା ଗାଉଁଲି ହେଉ କ ଅଳ୍ପ ପାଠ ପଢିଥାଉ, ଟିକେ ସୁନ୍ଦରୀ ଝିଅ ଦେଖି ପୁଅକୁ ବାହା ଦେଇଦେଲେ କାଳେ ସିଏ ବଦଳଯିବ । ଗୋଟେ ଘରକରଣା ଝିଅଟି ଦରକାର । ରନ୍ଧାବଢା ଜାଣିଥିବ ଘର ପୋଛାପାଛି କରି ଝୋଟିଚିତା ପକେଇପାରୁଥିବ । ଆମ ଦୁଃଖ ଦୂର ହୋଇଯିବ ।

ଏବେ ତ କରୋନା କଟକଣା ଜାରି ହୋଇଛି । ଘୋଷଣା ହେଇଛି ଯେ ବିନା ବାଜା ବାଣରେ ବାହାଘର ହେବ । ଏଥିରେ ଝିଅ ବାପ ଖୁସିହେଲା ବେଳକୁ ପୁଅ ବାପ ମନ ମାରିବସୁଛି । ପୁଅ ବାପା ମା ଭାବୁଛନ୍ତୁ, କଟକଣା ନଥିଲେ ବାଟଖର୍ଚ୍ଚ ଉଠିଯାଆନ୍ତା । ଯାହାହେଉ ବାହାଘରଟା ହେଇଯାଉ । କୁଣିଆ ନ ଆସିଲେ ବି ବେଦିରେ ପୁଅଝିଅଙ୍କର ହାତଗଣ୍ଠି ପଡିଗଲେ କାମ ଶେଷ ।

ଗୁଡାଏ ଏଣୁତେଣୁ ଭାବନା ଭିତରେ ପୁଅ ଝିଅଙ୍କ ବାହାଘର ହୋଇଗଲା । ସମସ୍ତଙ୍କର ମନ ଖୁସି । ତଳେ ଗୋଡ ଲାଗୁନ ଯେମିତି । ଭୋଜି ଖର୍ଚ୍ଚ ଅଳ୍ପରେ ହେଇଗଲା । ଘରେ ଜାଗା ନଥିବାରୁ ଛୋଟକାଟିଆ ଟେଣ୍ଟ ବାନ୍ଧି ବାହାଘର ହେଇଗଲା । ପୁଣି କୋଉଠି ଅଳ୍ପ ଖର୍ଚ୍ଚରେ ବିବାହ ମଣ୍ଡପରେ ବାହାଘର କାମ ସରିଗଲା ।

ବାହାଘର ପରେ ଚଉଠି ରାତି । ସ୍ୱପ୍ନ ଦେଖୁଥିବା ସ୍ୱାମୀ ସ୍ତ୍ରୀଙ୍କ ପାଇଁ ଅଭୁଲା, ଅପାସୋରା ରାତି । କେତେ ପ୍ଲାନଙ୍ଗ ହେଇଥିବ ଏ ରାତି ପାଇଁ । ଜୀବନରେ ଥରେ ଆସେ । କେତେ ମଜାମଜଲିସରେ ରାତି ପାହିଯିବ । ଦେହ-ମନ ଘଷାଘଷି ହେବ । ଦେହ ଛୁଉଁ ଛୁଉଁ କଅଣ କଅଣ ହେଇଯିବ, କହିହେବନ । ଗରିବ ହେଉ ଧନୀ । କୁଡିଆ ହେଉ କ

ISSN NO.
2582-208X



ପ୍ରାସାଦ। ଚଉଠି ତ ଚଉଠି । ମାତ୍ର କେମିତି ଚଉଠିରାତିକୁ ବିତେଇବେ ସେମାନେ । ଭାବନା ଅନେକ ହେଲେ ସମାଧାନ ?

ଦେହରେ ଶିହରଣ ଖେଳାଇ ଭାବୁଛନ୍ତି ଦୁହେଁ । ସାଜସଜା ନାହିଁ । ଘରେ ଜିରୋ ପାୱାର ଲାଇଟ୍ । ଇଚ୍ଛା ହେଲେ ବି କହିବାର ଯୁ ନାହିଁ । ପରସ୍ପରର ଖୋଲା ଦେହ ଦେଖିବାକୁ ପାଗଳ ହେଇଯାଉଛନ୍ତି ଯେମିତି ।

କରୋନା ...ମୁହଁରେ ମାସ୍କ । ଦି ଗଜ ଦୂରତା । ସବୁଠି କରୋନାର କଟକଣା । ଘର ଭିତରଟା ସାନଟାଇଜଡ୍ ।

ବେଳ ଗଡି ଗଡି ଆସୁଛି । ସ୍ୱାମୀ ପାଖକୁ ସ୍ତ୍ରୀ ଟି ଖୁସି ମନରେ ଆସିଲାବେଳକୁ ସ୍ୱାମୀ କହୁଛି – 'ଜାଣିଛ , ଏବେ ପରା କରୋନା ଭୁତାଣୁ ବୁଲୁଛି । SOP ଜାରିହେଇଯାଇଛି । ଯ୍ଯା ପୂର୍ବରୁ ଆଉ କାହା ସହ ମିଶିନ ତ ! ସାନଟାଇଜଡ ହେଇଛ ତ ?

ସ୍ତ୍ରୀ ଦେହକୁ ଛୁଇଁ ସ୍ୱାମୀ ମଜା ନେବାକୁ ଗ୍ରହିଁଲାବେଳୁ ସ୍ତ୍ରୀ ବି ସେହି ଏକା ଢଙ୍ଗରେ ପ୍ରଶ୍ନଟିଏ ଥୋଇଦେଉଛି – ତୁମେ ପ୍ରିକସନ ନେଇଛ ତ ? କାଲେ କେତେବେଳେ କୁଆଡେ ବୁଲାବୁଲି କରିଥିବ । ଏବେ କରାରୋନା ଭୁତାଣୁଟା ଲୁଚ ଲୁଚ ବୁଲୁଛି । ଯଦି ପ୍ରିକସନ ନ ନେଇ ମୋ ଦେହକୁ ଛୁଇଁଦେବ କଏ ଜାଣେ ଅଲକ୍ଷ୍ୟରେ ଭିତରକୁ ପଳେଇବ । ଆଉ ମଜା ହେଇପାରିବନ ? ?

ଏମିତି ସ୍ୱପ୍ନ ଭିତରେ ସାରା ରାତି ଛଟପଟରେ ବିତୁଛି ଚଉଠି ରାତି । ନୂଆ କରି ବିବାହିତ ସ୍ୱାମୀ ସ୍ତ୍ରୀ ଦୁହେଁ କେବଳ ନଜକୁ ଅନୁଶୀଳନ କରୁଛନ୍ତି – ସତରେ ଆମେ ବାହା ହେଲେ କ'ଣପାଇଁ ?

କରୋନାର କଟକଣାରେ କେବେ ଆସିବ ଚଉଠି ରାତି ??

ଏଲ୍.ଆଇ.ଜି. ୧୫ ନୟାପଲ୍ଲୀ ବ୍ରୀଟ୍ କଲୋନୀ
ଭୁବନେଶ୍ୱର .......୭୦୦୮୧୪୨୦୪୦

ମଇ - ୨୦୨୨
ISSN NO.
2582-208X
www.vedantimagazine.com

# ତ୍ରିଜଟାର ସ୍ୱଗତୋକ୍ତି



ଶେଷଦେବ ପଣ୍ଡା

ତ୍ରିଜଟା ନାମରେ  ପରିଚିତ ମୁହିଁ
ରାକ୍ଷସ କୁଳେ ଜନମ,
ମାତା ମୋ ସୁରମା ପିତା ଧର୍ମପ୍ରାଣ
ସୁବିବେକୀ ବିଭୀଷଣ ।

ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର
ନୟନ ପ୍ରତିମା ସୀତା,
ଜୀବନ ମୋ ଧନ୍ୟ ତାଙ୍କରି ଦର୍ଶନ
ଚରଣ ସେବାରେ ରତା ।

ଦୂବ ଗୋଟିଏରେ  ଅଟକାଇ ଥିଲେ
ଦଶାନନର ପ୍ରକୋପ,
ସେ ପତିବ୍ରତାଙ୍କୁ  ପ୍ରବୋଧନା ଦେଇ
ଲାଘବ କଲି ସନ୍ତାପ ।

ଅଶୋକ ବାଟିକା  ହୁଏ ପ୍ରକମ୍ପିତ
ଅସୁରୀଙ୍କ ଗରଜନେ,
ନେତ୍ରୁଁ ନୀର ଢାଳି ଜନକନନ୍ଦିନୀ
ସଦା ଥାନ୍ତି ସ୍ୱାମୀ ଧ୍ୟାନେ ।

ISSN NO.
2582-208X

ସ୍ୱପ୍ନ ସମାଚାର କହିଥିଲି ତାଙ୍କୁ
ହତ ହେବ ଲଙ୍କାପୁର,
ଶ୍ରୀରାମ ଲକ୍ଷ୍ମଣ କପିବଳ ଘେନି
ଅବଶ୍ୟ ହେବେ ହାଜର ।

କେବେ ଦଶଶିର ଝମକାଇ ଖଡ୍ଗ
ବୈଦେହୀଙ୍କୁ ଧମକାଇ,
ବାରଣ କରଇ ସୀତା ନୁହେଁ ଦୋଷୀ
ଶାନ୍ତ କରି ବାହୁଡାଇ ।

ଛାଇ ପରି ରହି ସ୍ନାହାନ ଭୋଜନ
ଯେପରି କରିବେ ମାତା,
କଲି ସେହି ମତି ମମତା ପ୍ଳାବନ
ମଣି ଆପଣା ଦୁହିତା ।

ଅବୋଧ କଅଁଳା ଶିଶୁ ଗୋଟିଯେହ୍ନେ
କରେ ଅଝଟିଆ ପଣ,
ବିଷାଦଗ୍ରସ୍ତା ସେ ରାଘବ ଭାବିନୀ
କରିଲି ପ୍ରତିପାଳନ ।

ମାଆ ହୋଇ ତାଙ୍କ କଲି ପରିଚର୍ଯ୍ୟା
କେତେ ସଉଭାଗ୍ୟ ମୋର,
ବୁଝାଇ ଶୁଝାଇ  ଭୋଜନ କରାଇ
ଫଳ ଅବା କନ୍ଦମୂଳ ।

ISSN NO.
2582-208X

ଅସୁରୀ ହୁଙ୍କାରେ ଜନକସୁତାଙ୍କ
ହୃଦୟରେ ହୃତକମ୍ପ,
ବକ୍ଷ ମୋ ବିଦୀର୍ଣ୍ଣ  ଜଗତ ଜୀବନ
ଘରଣୀଙ୍କ ଦେଖି ଦୁଃଖ ।

ଅସୁରୀ କୋଳକୁ କରିଲି ପବିତ୍ର
ତପସ୍ୱିନୀ ସୀତା ଧରି,
ସ୍ୱୟଂ ଅନ୍ନପୂର୍ଣ୍ଣା ସଂସାର ପାଳିନୀ
ମୋତେ ମାଆପଣେ ବରି ।

ଦଶମାସ ସିନା ଗରଭେ ଧରିନି
ଦେଲି ବାତ୍ସଲ୍ୟ ମମତା,
ଅଶେଷ ଜନମ ପାତକ ହରିଲି
ସେବି ହର୍ଷେ ଭୂମିସୁତା ।

ସ୍ନାତକ ଶିକ୍ଷକ (କଳା)
ସରକାରୀ ସ୍ୱୟଂ ଉଚ୍ଚ ବିଦ୍ୟାଳୟ
ଘସିଏନ୍,ପାଟଣାଗଡ,ବଲାଙ୍ଗିର

ISSN NO.
2582-208X

# ପୂର୍ବ ପ୍ରସ୍ତୁତି



ଗୁପ୍ତେଶ୍ୱର ଗୁନ୍ଦ୍

କଲୁଣି କ ବାବୁ ତୁ ପୂର୍ବ ପ୍ରସ୍ତୁତି
ବାହୁଡ଼ା ବିଜୟ ପାଇଁ ?
ଅନନ୍ତ ପଥର ଯାତ୍ରୀ ହେବୁ ପର୍
ଏ କଥା କ ମନେ ନାହିଁ ??।୧
ପଗ୍ଚରିଲେ ଗୁରୁ କସ କହିବୁ ତୁ
କହନ ଧନ କହନ ???
ପାପ ପୂଣ୍ୟ ବେକ କର୍ମର ହିସାବ
ଦେବୁ ଆରେ ଧନ ମଣି ! ।୨
ବେଳ ହୁଁ ତୁ ସଜ ବାଜ ହୋଇ ଥାଆ
ଯିବୁ ଯେବେ ସତ୍ୟ ପଥେ ।
ଆସିବ ଦିନେ ତୋ' ପାଖକୁ ଡାକର୍
ଚଳବୁ ମୁକତି ରଥେ ।୩
ପରମ ଇଶ୍ୱର ଗୁହିଁ ବସିଛନ୍ତ
ଫେରନ୍ତା ପଥକୁ ତୋ'ର ।
ଅମୃତ ସନ୍ତାନ ଆସିବ ବୋଲି ସେ
ତୋ' ପାଇଁ ସଦା ଅଧିର।୪

ଗ୍ରାମ ପୋଷ୍ଟ-ସମାସିଂହା
ଜିଲ୍ଲା-ଝାରସୁଗୁଡା
ମୋ.୭୬୮୩୮୪୧୦୬୪.

ISSN NO.
2582-208X

# ଚଇତି ଆସୁଛି ବୋଲି

ହିମାଂଶୁ ଶେଖର ମିଶ୍ର



ଗୃହାଁ ଲେ୍ ମନ୍ଦାର ଗୃେର୍ ଚଇତାଳ
ଚୁପି ଚୁପି ଯାଏ ଚୁମି
ଚନ୍ଦନ କର୍ପୂର ଝୁଣା ପଣା ଗନ୍ଧ
ଚହଟାଇ ଝୁମି ଝୁମି ।୧।

ଦେହ ମନ ପ୍ରାଣ ପୁଣ୍ୟ–ପରଶେ
ଦେଉଳ ଦେଉଳ ବାସେ
ଦରଜ କରଜ ଦୁଃଖଦ ଦଇବ
ଦାହ ହୁଏ ତା'ର ଝାସେ ।୨।

ପୀଠ ରୁ ପ୍ରାନ୍ତର ଶୁଭଇ ମନ୍ତର
ପଡୁଛି ନାଲିଆ କାନ

ISSN NO.
2582-208X

ପୂଜା ଉପଗ୍ଭରେ ପାଷାଣ ତରଳେ
ମାଆ ପତିତପାବନୀ ।୩।

ସେ ପର୍ ଗ୍ଭହିଁଛି ଆସିବ କୁମର
ସଜାଡି ନଡ଼ିଆ ଡାଲ୍
ନାଲିଆ ଘୋଡା ର ମନ ବି ଉଚ୍ଛନ୍ନ
ଦେଖିବାକୁ ବାଦି ପାଲ୍ ।୪।

ଶୁଣେଲେ ମନ୍ଦାର ସଉଭାଗ୍ୟ ତୋର
ରହିବୁ ପଣତେ ଝୁଲି
ଶଙ୍ଖୋଳ କହିବୁ ଅଧମେ ଆନନ୍ଦ
ଚଇତି ଆସୁଛି ବୋଲି ।୫।

ତୋରଣି ପୋଖରୀ,
ଘଟଗାଁ, କେନ୍ଦୁଝର

ISSN NO.
2582-208X


# ବସ୍ତିର ସେ କଳାକାହ୍ନୁ



ଆଶୁତୋଷ ମେହେର

ସହର ପାରି ତଳ ମୁଣ୍ଡରେ ଥିବା କଳାକାହ୍ନୁ ମନ୍ଦିର ର ପଛକୁ ଥିବା ଖୋଲା ପଡିଆରେ ଗତ କୋଡିଏ ବର୍ଷ ତଳେ ଗଢି ଉଠିଥିଲା ଏ ଛୋଟ ଶ୍ରମିକ ବସ୍ତି। ସହରରେ ତିଆରି କୋଠାବାଡି ପାଇଁ ଆସିଥିବା ମୂଲିଆ ମଜଦୁର ଗୋଷ୍ଠୀ ଜଗାସଫା କରି ବସତି ଗଢିଥିଲେ ଏଇଠି। ଏବେ ସହର ବି ବଢିଗଲା ଆଉ ସେ ଶ୍ରମିକ ବସ୍ତି  ବଢିବଢି ଏବେ କାଳିଆ ବସ୍ତି ଭାବରେ ବେଶ ଜଣିଶୁଣା ସହର ଭିତରେ। ଏଠିକାର ସ୍ତ୍ରୀ ଲୋକମାନେ ପାଖ କଲୋନୀ ଓ ଫ୍ଲାଟ ସବୁରେ ଘର କାମବାଲି ରୂପେ ବେଶ୍ ଦୁଇ ପଇସା ରୋଜଗାର କରନ୍ତି। ପୁରୁଷ ମାନେ କିଏ ରାଜମିସ୍ତ୍ରୀ, କିଏ ବଢେଇ, କିଏ ପାଇପ୍ ମିସ୍ତ୍ରୀ ତ ବାକି ସବୁ ଶ୍ରମିକ ମୁଲିଆ ଭାବେ ସହର ସାର ଖେଳାଇ ହୋଇ କାମ କରନ୍ତି।

ସେ କଳାକାହ୍ନୁ ମନ୍ଦିର ପ୍ରତି ଏମାନଙ୍କ ଅପାର ଭକ୍ତି। ମନ୍ଦିର ଆଗ ରାସ୍ତା ଦେଇ କାମକୁ ଗଲାବେଳେ ସମସ୍ତେ ଘଡିଏ ଠିଆ ହୋଇ ମୁଣ୍ଡିଆଟେ ମାରନ୍ତି ନିଶ୍ଚୟ। କଳାକାହ୍ନୁଙ୍କ କରୁଣା ର ଛତ୍ରଛାୟା ରେ ସମସ୍ତ ବସ୍ତି ବାସିନ୍ଦା ହସ ଖୁସିର ଜୀବନ ରେ ଯେ ଯାହା କାମରେ ମସଗୁଲ୍।

ତେବେ ବସ୍ତିର ହାଉଯାଉ ଲୋକଙ୍କ ଭିତରେ ବାରି ହୋଇ ପଡେ ସୁଖେଇ ମାଁ। ଏକଦମ୍ ଏକେଲା ସେ, ତଥାପି ସମସ୍ତ ବସ୍ତି ବାସିନ୍ଦାଙ୍କ ବଡ ପ୍ରିୟ। ବୟସ୍କ ବସ୍ତି ବାସିନ୍ଦା କହନ୍ତି ସେ ଏଠାକୁ ଆସିଥିଲା ତା ସ୍ୱାମୀ ଦୟାରାମ ସହ ବସ୍ତି ଟା ନୂଆଁ ନୂଆଁ ବସିଲା ବେଳକୁ ସେତେ ବେଳର କଳାହାଣ୍ଡି ଜିଲ୍ଲା ର ନୂଆଁପଡାରୁ।  ପୁଅଟେ ଥିଲା, ନାଁ ଥିଲା ସୁଖୀରାମ, ଆଉ ସେଇଥି ପାଇଁ ସେ ବସ୍ତିରେ ସମସ୍ତେ ଡାକୁଥିଲେ ତାକୁ ସୁଖେଇ ମା ।

ISSN NO.
2582-208X

ଦୟାରାମ ଘର ତିଆରି କାମରେ ମୁଳ ଲାଗୁଥିଲା ଆଉ ବେଶ୍ ଭଲ ଭାବରେ ଚଳିଯାଉଥିଲେ ସେମାନେ । ପୁଅ ସୁଖୀରାମ ବି ପାଠ ପଢୁଥିଲା ବସ୍ତି ପାଖ ସରକାରୀ ସ୍କୁଲରେ। ଏ ସୁନ୍ଦର ପରିବାରରେ ହଠାତ୍ ଘୋଟିଯାଇଥିଲା ଦୁଃଖର କଳା ବାଦଲ। ଉଚ୍ଚମହଲାରେ କାମ କଲାବେଳକୁ ଦୟାରାମ ଖସି ପଡିଥିଲା ତିନିମହଲା ଉପରୁ ଆଉ ଜୀବନ ହାରିଥିଲା। ସୁଖିରାମ ସେତେ ବେଳେ ମାଟ୍ରିକ ପରୀକ୍ଷା ଦେବା ଉପରେ। ସୁଖେଇ ମାଁ ସାହସ ହାରିନଥିଲା, ଲଢିଥିଲା ଘରୁ ବାହାରି କାମ କରିବାକୁ। ଘରକାମ କରି ସୁଖୀରାମକୁ ପାଠପଢାଇବାକୁ ପ୍ରାଣପଣେ ଚେଷ୍ଟା କରି ସଫଳ ହୋଇଥିଲା। ଭାବିଥିଲା ସୁଖୀ କଲେଜ ପାସ କରି ଚାକିରୀ କରିବ ବାହା ସାହା ହେବ ଆଉ ତାକୁ ଦେବ ଏକ ଗୁଲଗୁଲିଆ ନାତି ଯା କୁ ସେ ଡାକିବ...କଳାକାହ୍ନୁ। ହେଲେ ତା ସ୍ୱପ୍ନ ସେମିତି ରହିଗଲା, ଭାଙ୍ଗିଗଲା ଯେଉଁ ଦିନ ସୁଖୀରାମ ପଡୋଶୀ ଘରର ଅନ୍ୟ ଝିଅ ପ୍ରଭା କୁ ଧରି ଉଭାନ ହୋଇଗଲା। ପଡୋଶୀ ଘର ଲୋକେ ବି ସୁଖେଇ ମାଁ ଉପରେ ଦାଉ ସାଧି ତା କୁଡିଆକୁ ନିଆଁ ଲଗାଇ ଦେଲେ। ବିଚାରୀ ପଳାଇ ଆସି ରହିବାକୁ ଲାଗିଲା ଏଇ କଳାକାହ୍ନୁ ମନ୍ଦିର ପାଖ ଚାଳିଆରେ ଏକାକୀ ହୋଇ। ପରେ ଶୁଣିଥିଲା ସୁଖୀ ଓ ପ୍ରଭା ମାଡ୍ରାସ ର ରହୁଛନ୍ତି ସେଠିକାର ମନ୍ଦିରରେ ବାହାସାହା ହୋଇ। ତା ମନ ମରିଯାଇଥିଲା ସୁଖୀ ଆଉ ପ୍ରଭା ଉପରୁ।

ସେ ଦିନରୁ ସୁଖେଇ ମାଁ ର ସବୁଠୁ ପ୍ରିୟ ଏଇ କଳାକାହ୍ନୁ ମନ୍ଦିରର। ଦିନ ସାରା, ପାହାନ୍ତି ପହରରୁ ଗାଧୋଇ ପାଧୋଇ ସେ ମନ୍ଦିର କୁ ଆସେ ଯେ ରାତିରେ ଠାକୁରଙ୍କ ପହୁଡ ହେବା ପରେ ଯାଇ ସେ ମନ୍ଦିରରୁ ଫେରେ ତା ଚାଳିଆ କୋଠରୀକୁ ଖାଲି ରାତିରେ ବିଶ୍ରାମ ନବାକୁ। ସକାଳୁ ଆସି ମନ୍ଦିର ଝାଡୁ ମାରିବା, ପାଣି ଢାଳି ବାହାର ବେଢା ଧୋଇବା, ଠାକୁରଙ୍କ ପାଇଁ ଫୁଲ ତୋଳି ମାଳ ଗୁନ୍ଥିବା ସବୁ କାମ ସେ କରେ ମନ ଲଗାଇ। ଭାବେ ତା ଭାଗ୍ୟରେ ସିନା ନାତି ସୁଖ ନ ଥିଲା...ହେଲେ ଏ କଳାକାହ୍ନୁ ଯେ ତାର ସବୁକିଛି.....ସୁଖ ଆଉ ଦୁଃଖ।

ଆଉ ଫଗୁଣ ମାସ ଆସିଲେ ସୁଖେଇ ମାଁ ର ସୁଖ ବଢି ଯାଏ ବହୁ ଗୁଣା। ଏ ମାସରେ ଯେ ଫଗୁ ଖେଳ ଦୋଳ ଯାତ୍ରା....କଳାକାହ୍ନୁ ବି ବାହାରି ପଡନ୍ତି ବସ୍ତି ବୁଲିବାକୁ ମେଳଣରେ...ବସ୍ତି ଲୋକଙ୍କୁ ସହ ରଙ୍ଗ ଓ ଫଗୁ ଖେଳିବାକୁ। ଦେଖିବା ଲୋକ ହିଁ ଜାଣିପାରନ୍ତି ସୁଖେଇ ମାଁ ର ସୁଖ.....କଳାକାହ୍ନୁଙ୍କ ରଙ୍ଗ ଫଗୁ ଖେଳକୁ ନେଇ। ମେଳଣ ଯାତ୍ରାରେ କଳାକାହ୍ନୁଙ୍କ ବିମାନ ଆଗରେ ସୁଖେଇ ମାଁ ର ନାଚ କହିଦିଏ କେତେ ମଜ୍ଜି

ISSN NO.
2582-208X



ଯାଇଥାଏ ସେ କଳାକାହ୍ନୁ ଙ୍କୁ ନେଇ। ତେବେ ଗଲା ଦୁଇ ବର୍ଷ କଣ ଗୋଟାଏ ରୋଗ ଆସିଲା ଯେ ସୁଖେଇ ମାଁ ବି ସେ ମନ୍ଦିର ଭିତରକୁ ଯାଇ ପାରୁ ନ ଥିଲା। ତା କଳାକାହ୍ନୁ ବି ତ କାହା ସହ ମିଶିପାରୁ ନଥିଲେ..ଦୁଃଖୀ ହୋଇଯାଇଥିଲା ସେ। ଏ ବର୍ଷ କିଂତୁ ସୁଖେଇ ମାଁ ବହୁତ ଖୁସ୍....ସରକାର ସବୁ କଟକଣା ହଟେଇଛନ୍ତି... ଫଗୁ ଦୋଳ ହେବ, କଳାକାହ୍ନୁ ରଙ୍ଗ ଖେଳିବେ ସମସ୍ତଙ୍କ ସହ ରଙ୍ଗ ବୋଳାବୋଳି ହେବେ। ନିଜେ ରଙ୍ଗ ମାଖିବେ ଅନ୍ୟଙ୍କୁ ରଙ୍ଗ ଲଗାଇବେ। ସୁଖେଇ ମାଁ କିଣି ଆଣିଛି କେତେ କିସମର ରଙ୍ଗ...କେତେ ରଙ୍ଗର ଫଗୁ।

...."ସୁଖେଇ ମାଁ...ସୁଖେଇ ମାଁ..." ସାହି ପିଲା ପ୍ରତାପର ସ୍ୱର ଶୁଣି ବୁଲି ଦେଖିଲା ରୁ ପ୍ରତାପ ସହ ଆଉ ଜଣେ କିଏ ଜଣେ ଟୋକା ଠିଆ ହେଇଛନ୍ତି ମନ୍ଦିର ଅଗଣାରେ।

"ଏ ବାବୁ ଜଣକ ବସ୍ତିରେ କେତେ ବେଳୁଁ ତୋତେ ଖୋଜୁଛନ୍ତି। ମୋ ବାପା ମତେ ପଠାଇଛନ୍ତି ତାଙ୍କ ସହ ତତେ ଚିହ୍ନାଇ ଦେବାକୁ।"

ସୁଖେଇ ମାଁ ଦେଖିଲା.."ଆରେ ପ୍ରତାପ...କାହିଁ ମୁଁ ତ ତାକୁ ଚିହ୍ନି ପାରୁନି। କେବେ ତ ଦେଖିଲା ପରି ଲାଗୁନି?"

...."ତୁ କେମିତି ଜାଣିବୁ ଯେ।ସେ ପରା ଆଜି ଆମ ସହର ଓ ବସ୍ତି କୁ ପ୍ରଥମ କରି ଆଇଛି। ହେଇ ଦେଖ ତା ହାତରେ ସେ ଯେଉଁ ଫଟୋ ଧରିଛି...ତାକୁ ଦେଖିଲେ ହିଁ ଜାଣିବୁ ସେ କିଏ।"

ଫଟୋ ଦେଖାଇଲା ପ୍ରତାପ ସେ ପିଲା ସହ ମିଶି। ସୁଖେଇ ମା ଦେଖିଲା...ସେ ଫଟୋ ରେ ଠିଆ ତା ପୁଅ ସୁଖୀରାମ..ପାଖରେ ପ୍ରଭା। ପ୍ରଭା କୋଳରେ ଛୋଟ ପୁଅ ପିଲାଟେ।

..."ମାମା...ମୁଁ ତୁମ କଳାକାହ୍ନୁ...ମାଡ୍ରାସ ସହରରୁ ଆସିଛି" ସୁଖେଇ ମାଁ କୁଣ୍ଢାଇ ଧରିଲା ତା ନାତି ଟୋକା କୁ।

ISSN NO.
2582-208X

ଜୋରରେ ମନ୍ଦିରରୁ ଘଣ୍ଟ କାହାଳୀ ଶବ୍ଦ ଶୁଭିଥିଲା। କଳାକାହ୍ନୁ ଙ୍କ ବିମାନ ମନ୍ଦିର ବାହାରକୁ ଆସିଲାଣି । ଠାକୁର କଳାକାହ୍ନୁ ଙ୍କ ଫଗୁ ଖେଳିବା ଆରମ୍ଭ ହୋଇଯାଇଥିଲା।ଆକାଶ ସାରା ଫଗୁ ର ରଙ୍ଗ ଉଡି ବୁଲୁଥିଲା ଭକ୍ତଙ୍କ ଗହଳି ଭିତରେ।

ସୁଖେଇ ମାଁ ଅନୁଭବ କରୁଥିଲା... ତା ହୃଦୟ ଭିତରୁ କଳାକାହ୍ନୁ ଠାକୁରେ ବାହାରି ତା କୋଳରେ ଯେମିତି ଫଗୁ ରଙ୍ଗରେ ଗଧୋଇ ପଡି ଖେଳୁଛନ୍ତି ଓ ହସୁଛନ୍ତି।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ 9437085396

ISSN NO.
2582-208X

# ବିଷାକ୍ତ ଦୁଃସ୍ୱପ୍ନ

ଅଜୟ କୁମାର ପଣ୍ଡା

ଭଲକରି ଭଲ ପାଇବା ଆଗରୁ ଉଦ୍ଦାମ ଋତୁ ସବୁ ଫେରିଯାଏ,
କେଜାଇ କେମିତି ଚାହୁଁ ଚାହୁଁ ସରିଯାଏ, ଲମ୍ବା ଗ୍ରୀଷ୍ମ ଛୁଟି ଟିଏ ।
ଯେମିତିକି ପେଟ ନ ପୁରୁଣୁ ସରି ଆସେ ଗରିବର ପଖାଳ କଂସା,
ଯେମିତିକି ମାସ ନ ପୁରୁଣୁ ତୁଟିଯାଏ, ଚାକିରିଆଟିର ବାବୁ ନିଶା ॥

ତେତିଶ ବର୍ଷର ସରକାର ବେଢି ଶୋଷିଛି ରକ୍ତ, ଝୁଣିଛି ମାଂସ,
ଛଡେଇ ନେଇଛି ସବୁ ଆବେଅ, ଲୁଣ୍ଠିତ ହୋଇଛି ସ୍ୱପ୍ନଙ୍କର ହସ ।
ଏତେ ଭଙ୍ଗାରୁଜା ଲୁଣ୍ଠନ ପରେ ବଳିଛିତ ପୋରିହା ପାପରା ଅସ୍ଥି,
ଏତେ ଭଙ୍ଗାରୁଜା ଲୁଣ୍ଠନ ପରେ ବଳିଛିତ ପୋରିହା ପାପରା ଅସ୍ଥି
ପାରିବିକି ପହଁରି ବାକିସବୁ ଲୁହର ସମୁଦ୍ର ? ଝୁରି ମରେ ପ୍ରଜାପତି ॥

ବିଶ୍ୱସ୍ତ ହେବାକୁ ଚେଷ୍ଟାକରେ ଏକୁଟିଆ ଚାଳଘରର ମାଟିକାନ୍ଥ ପିଣ୍ଡା
ତଥାପି ନିଜସ୍ୱ ଲାଏ ଗୁରୁବାର ମାଣ ଛିଟା କି ପାଇକାର ଚୂଆତେଣ୍ଡା ।
ନିର୍ଜୀବ ହେଲେବି କଦବା ଲଢିଥିଲା ଅଛପର ଚାଳ, ବର୍ଷା ଖରା ସହ,
ଜହ୍ନ ତାରା ହସୁଥିଲେ ଛିଣ୍ଡା ମସିଣାରେ, ନଥିଲା କିଛି ଦୁଃର୍ବିଶହ ॥

ବହିଥିବା ନଈ କି କଥା, ଫେରନ୍ତିନି ଚଢି ସମୟର ପଛୁଆ ଫଳି,
ବିକଟାଳ ପ୍ରେତପରି ନୃତ୍ୟ କରନ୍ତି ଆସି, ମୂକସାକ୍ଷୀ ମନର ଅର୍ଗଳି ।
ବିଷାକ୍ତ ଦୁଃସ୍ୱପ୍ନ ପରି ଭୁଲିବାକୁ ଇଚ୍ଛା ହୁଏ ସବୁଜିମାର କୋଳରେ,
ଯେମିତିକି ଅଣନିଶ୍ୱାସୀ ନୋଟସବୁ ରେକର୍ଡ ରୁମ୍ ଫାଇଲ କନ୍ଦିରେ ॥

ଉପ ନର୍ଦ୍ଦେଶକ,
ବୈଷୟିକ ଶିକ୍ଷା ଓ ତାଲିମ ନର୍ଦ୍ଦେଶାଳୟ, କଟକ

ISSN NO.
2582-208X

# ଅହଂଭାବ



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ପାଟଳିପୁତ୍ର ତ
ମଗଧ ରାଜ୍ୟର
ରାଜଧାନୀ ଦିନେ ଥିଲା
ସେ ପାଟଳିପୁତ୍ରେ
ବୌଦ୍ଧ ଭିକ୍ଷୁଙ୍କର
ମଠଟିଏ ମଧ୍ୟ ଥିଲା ।

ସେ ମଠେ ଅଧ୍ୟକ୍ଷ
ପ୍ରଧାନ ଶ୍ରମଣ
ମହା କାଶ୍ୟପ ହିଁ ଥିଲେ
ବୌଦ୍ଧ ସୂତ୍ର ସିଏ
ଅଧ୍ୟୟନ କରି
ପ୍ରବଚନ ଦେଉଥିଲେ ।

ଦେବରାତ ବୋଲି
ଶିଷ୍ୟ ଜଣେ ଥିଲେ
ଅତୀବ ସେ ଅହଂକାରୀ
ଅପମାନିତ ସେ
କରିବାକୁ ତାଙ୍କୁ
ଚେଷ୍ଟା ରଖିଥିଲେ ଜାରି ।

"କେମିତି ତୁରନ୍ତ
ମୋକ୍ଷ ପ୍ରାପ୍ତି ହେବ"
ପ୍ରଶ୍ନ ସିଏ କରିଥିଲେ
"ଅହଂକାର ଛାଡ"
ମହାକାଶ୍ୟପ ହିଁ
ଉତ୍ତରରେ କହିଥିଲେ ।

ମନେ ରାଗ ରଖି
ବୌଦ୍ଧ ସୂତ୍ର ପୋଥି
ଦେବରାତ ଚୋରି କଲେ
କେମିତି କେଜାଣି
ଅର୍ଦ୍ଧ ରାତ୍ରେ ସିଏ
ସ୍ୱପ୍ନଟିଏ ଦେଖିଥିଲେ ।

ତଥାଗତ ଆସି
ଦୁଇହାତ ଯୋଡି
କ୍ଷମା ଭିକ୍ଷା କରୁଛନ୍ତି
ଅହଂକାରଟାକୁ
ଲୋପ କରିବାର
ଉପାୟଟା ପୁଛୁଛନ୍ତି ।

ISSN NO.
2582-208X

ଦେବରାତ ତହୁଁ
ଏକ ପରେ ଏକ
ପୃଷ୍ଠା ଓଲଟାଇ ଥିଲେ
ଚୋରି ଗ୍ରନ୍ଥରୁ ସେ
କେଉଁଠି ବି ତାର
ଉତ୍ତର ପାଇ ନ ଥିଲେ।

ବୁଝି ଗଲେ ସିଏ
ନିଜ ଅହଂ ଭାବ
ବୁଦ୍ଧ ହିଁ ଚେତେଇ ଦେଲେ
ଦଉଡି ଦଉଡି
ପ୍ରାର୍ଥନା ସଭାରେ
ତୁରନ୍ତ ପହଞ୍ଚି ଗଲେ।

"ଦେବରାତ ଏବେ
ଆସିଲେଣି" ବୋଲି
ଭିକ୍ଷୁ ଜଣେ କହିଥିଲେ
ଆସନରୁ ଉଠି
ମହାକାଶ୍ୟପ ବି
ଆମନ୍ତ୍ରଣ ତାଙ୍କୁ କଲେ।

ନିଜ ଅହଂ ଲାଗି
ଦେବରାତ ତହିଁ
ପାଦ ତଳେ ପଡିଗଲେ
ଗଦ ଗଦ କଣ୍ଠେ
ମହାକାଶ୍ୟପଂକୁ
କ୍ଷମା ଭିକ୍ଷା କରିଥିଲେ।

ମୋ ନଂ 9937462507

ISSN NO.
2582-208X

# ପୁରୁଣା ଗୋଆ, ଅତୀତ ତଥାପି ବଞ୍ଚିଛି

ପ୍ରିୟବ୍ରତ ପାତ୍ର

ସଂରକ୍ଷଣ ଅର୍ଥ କଳାକୃତିରେ ଅଧିକ ଆୟୁଷ ଯୋଡିଦେବା, ପୁନରୁଦ୍ଧାର ଅର୍ଥ ହଜିଯାଇଥିବା, ଭଙ୍ଗିରୁଜି ନଷ୍ଟ ହୋଇ ଯାଇଥିବା ଅଂଶ ବିଶେଷ ସବୁକୁ ନୂଆ କରି ନିର୍ମାଣ କରି ସମଗ୍ର କଳାକୃତିର ପୂର୍ଣ୍ଣାଙ୍ଗ ରୂପ ଦେବାର ପ୍ରୟାସ । ASI (ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ) ଏହି ଦୁଇଟି ଯାକ କାମ ହାତକୁ ନେଇଛି । ବର୍ଷ ତମାମ ବିଭିନ୍ନ ଚର୍ଚ୍ଚ ଓ ସନ୍ନ୍ୟାସୀ, ସନ୍ନ୍ୟାସିନଙ୍କ ଆଶ୍ରମରେ ASIର କାରଯ୍ୟ ଗ୍ଚଲିଥାଏ । ବିଗ୍ଚଟ ବିଗ୍ଚଟ ମଞ୍ଚା ବାନ୍ଧ୍, ତା ଉପରେ ଶିଳ୍ପୀମାନେ ରଙ୍ଗ ଏଉଥିବେ ତ କେଉଁଠି ରସାୟନବିତମାନେ ଲୁପ୍ତ ହୋଇଯାଇଥିବା ରଙ୍ଗ ବୋଳୁଥିବେ, ସବୁଆଡେ ସବୁ ସମୟରେ ଏହା ଦେଖିବାକୁ ମିଳିବ । ASI ର ସନ୍ଥ ଫ୍ରାନସିସ୍ ଙ୍କ ଚର୍ଚ୍ଚ ମଧ୍ୟରୁ ପ୍ରାୟ ୧୦୦ଟି ଅମୂଲ୍ୟ ତୈଳଚିତ୍ରକୁ ମହୀଶୂର ମ୍ୟୁଜିୟମର ବିଖ୍ୟାତ ରସାୟନବିତ୍ ଙ୍କ ଦ୍ୱାଗ୍ ପୁନରୁଦ୍ଧାର କଗ୍ଯାଇଥିଲ୍ । ଶାସନପ୍ରମୁଖ, ସେନାପ୍ରମୁଖଙ୍କ ପ୍ରାୟ ୫୮ଟି ଅଦ୍ଭୁତ ତୈଳଚିତ୍ର ସେହି ଚର୍ଚ୍ଚରେ ସଗର୍ବେ ଶୋଭା ପାଉଛନ୍ତି । ସତୁରିଖଣ୍ଡ ତୈଳଚିତ୍ର ତଳ ମଧ୍ୟସ୍ଥ ଚିତ୍ର ଗ୍ୟାଲେରୀରେ ଶୋଭା ପାଉଛି । ସାତଟି ତୈଳଚିତ୍ର ଏକ ନିବୁଜ କୋଠରୀ ମଧ୍ୟରେ କେତେ ଶହ ବର୍ଷ ଧୂଳିମଳି ଭିତରେ ପଡିବା ପରେ ଏବେ ଉଦ୍ଧାର କଗ୍ଯାଇଛି । ପରଦର୍ଶନୀ ଉଦ୍ଦେଶ୍ୟରେ ଯେଉଁ ତିନୋଟି ତୈଳଚିତ୍ର ଲିସବନ୍ ଯାଇଥିଲ୍ ଏଯାବତ୍ ତାହା ଭାରତକୁ ଫେରିଲ୍ ନାହିଁ । ବିଂଶ ଶତାବ୍ଦୀର ଶେଷ ଭାଗରେ ଆମେରିକୀୟ ଚିତ୍ରକର J.P. Morgaon ଙ୍କ ଏକ ଚିତ୍ର ପ୍ରଦର୍ଶନୀରେ ପ୍ରାୟ ୧୯ଟି ଏଭଳି ପୁରୁଣା ତୈଳଚିତ୍ରର ସ୍କେଚ୍ କପି ପ୍ରଦର୍ଶନ ପରେ ସାଗ୍ ବିଶ୍ୱରେ ଗ୍ତାଗ୍ତି ପ୍ରସିଦ୍ଧି ବ୍ୟାପିଗଲ୍ । ମୂଳ ବା ପ୍ରଥମ ଚିତ୍ର ସହ ପରୀକ୍ଷା ପରେ ଜଣାଗଲ୍ ଯେ, ସଂରକ୍ଷଣ ପାଇଁ ଅନ୍ୟୁନ ଗ୍ଚରିଥର କୋଟିଙ୍ଗ୍ ଦେବା ଦ୍ୱାଗ୍ ମୂଳ ବା ପ୍ରଥମ ଚିତ୍ରଟି ଗ୍ଚରିଟି ପରସ୍ତ ତଳେ ଲୁଚିଯାଇଛି । ଏକ୍ସରେ ପରୀକ୍ଷା ମାଧ୍ୟମରେ ମୌଳିକ ଚିତ୍ରର ରଙ୍ଗ ଓ ରୂପରେଖ ଏବେ ଆବିଷ୍କାର କଗ୍ଯାଇଛି ।

ISSN NO.
2582-208X


ଷୋଡଶ ଶତାବ୍ଦୀରେ ଏଠାକାର ଲୋକଙ୍କୁ ଫାସି ଦେବାପାଇଁ ସୁଦୂର ପର୍ତ୍ତୁଗାଲରୁ ଆସିଥିବା ଫାସିମଞ୍ଚ, ASI ଦ୍ୱାରା ସୁରକ୍ଷିତ । ନୂଆ ରଙ୍ଗ ଓ ପ୍ରଲେପ ଦ୍ୱାରା କାନ୍ଥ ଉପରର ଚନ୍ଦ୍ର ତଥା କ୍ରସ୍ ଉପରସ୍ଥ ଯିଶୁ ଏପରି ଜୀବନ ଦିଶନ୍ତୁ ଯେ ସତେ ଅବା ଦିନ ଦରିଦ୍ରଙ୍କ ପାଇଁ ଯିଶୁଙ୍କ ଆଖିରୁ କରୁଣାର ବନ୍ୟା ଛୁଟିଆସୁଛି । ସି କ୍ୟାଥିଡ୍ରାଲରେ ଯେଉଁ ବଢ଼ନ୍ତା କାଠର କ୍ରୁଶ ରହିଛି ASI ତାଙ୍କୁ ଗ୍ରୁରିପଟୁ ବାଡ ଦ୍ୱାରା ନବୁଜ କରି ନଥିଲେ କେବେଠୁ ତହା ଧ୍ୱଂସ ପାଇସାରିଥାନ୍ତା । ଧର୍ମଯାଜକ ବା ସ୍ଥାନୀୟ ଲୋକେ ଯାହା କରିପାରିନଥାନ୍ତେ, ASI ତାହା କରିଛି । ସେମାନଙ୍କ ବିରୁଦ୍ଧରେ ମଧ ମତବ୍ୟକ୍ତ ହୋଇଥାଏ । ସେମାନେ ଖ୍ରୀଷ୍ଟିୟ ଗ୍ରୁରୁଚନ୍ଦ୍ର ବିଷୟରେ ଆଦୌ ସମ୍ବେଦନଶୀଳ ନୁହଁନ୍ତୁ, ତେଣୁ ଗୋଆର ସ୍ଥାନ୍ୟ ଚନ୍ଦ୍ରକର ଓ ଶୀଳ୍ପୀମାନେ ପର୍ତ୍ତୁଗାଲ ଯାଇ ସେଠାରୁ ଶିକ୍ଷା ପାଇ ଏଠାରେ ସେସବୁର ପ୍ରୟୋଗ କରନ୍ତୁ ବୋଲି ସ୍ଥାନୀୟ  ମଞ୍ଚ ସବୁବେଳେ ଦାବି କରିଆସୁଛି । ପ୍ରାଚୀନ ସୌଧ ଓ ଚର୍ଚ୍ଚ ସବୁକୁ ପଲସ୍ତରା ଦ୍ୱାରା ଢାଙ୍କି ଏଲେ ସଂରକ୍ଷଣ ସମ୍ଭବ ବୋଲି ଦାବି ହେବାବେଳେ, ପଲସ୍ତରାର ଓଜନ ସୌଧ ପାଇଁ ଘାତକ ହେବ ବୋଲି ଆଉ ଦଳେ ଯୁକ୍ତ କରୁଛନ୍ତୁ । ASI ଯେଉଁସବୁର ଦାୟିତ୍ୱ ହାତକୁ ନେଇନାହିଁ, ତା ଭିତରେ ସନ୍ୟାସିନ ମୋନକାଙ୍କ ମଠ ଅନ୍ୟତମ । ଏହାର ଦାୟିତ୍ୱରେ ଥିବା ଗୋଆ ରାଜ୍ୟ ସରକାର ଏ ବାବଦକୁ ଏତେ କମ୍ ଖର୍ଚ୍ଚ ଅଟକଳ ରଖିଛନ୍ତୁ ଯେ ତାଙ୍କ ଅଧୀନରେ ଥିବା ସବୁ ସ୍ମୃତି ସୌଧ ଆଜି ରୁଗଣ ପ୍ରାୟ ।

ପୁରୁଣା ଗୋଆ ଅନେକ ଅତିଭୌତିକ ଓ ଆଚମ୍ବିତ କାର୍ଯ୍ୟ ପାଇଁ ପ୍ରସିଦ୍ଧ । ସନ୍ଥ ପ୍ରାନସିସ୍ ଜାଭିଏରଙ୍କ ମୃତ ଶରୀରଟି ଯେଉଁ କଫିନଟିରେ ସଂରକ୍ଷିତ ହୋଇ ରହିଛି ତାହା ୧୬୯୮ ମସିହାରେ ଫ୍ଲୋରେନସର ବିଖ୍ୟାତ ଶିଳ୍ପୀ GIVANI RATISTA FOGGINI ଙ୍କ ଦ୍ୱାରା ତିଆରି ହୋଇ ଭାରତକୁ ଆସିଥିଲା । ରୌପ୍ୟ ଘେରଦିଆ ଏହି କଫିନର ଉଅରେ ଥିବା କାଚ ଦେଇ ଭିତରକୁ ଦେଖିହୁଏ । ମୁଗ୍ଧ ଦର୍ଶନାର୍ଥୀମାନେ ସେହି କଫିନ୍ ଆଗରେ ଆଣ୍ଠୁମାଡି ବସନ୍ତୁ, ଭକ୍ତିଭରା ପ୍ରଣାମ କରନ୍ତୁ, ଜାଣି ଜାଣି କଛି ସମୟ ସେଠାରେ କଟେଇବା ପରେ ଖୁବ୍ ବେଶୀରେ ଏକ ଧନ୍ୟଧାନ୍ୟ ଭରା ସଫଳ ଜୀବନ ହିଁ ମାଗୁଣି କରନ୍ତୁ । ତ୍ୟାଗ, ପ୍ରେମ ଓ କରୁଣାର ପ୍ରତୀକ ସନ୍ଥ ଫ୍ରାନସିସ୍ ଏକ ଉଚ୍ଚତର ଆଧାତ୍ମିକ ଜୀବନ ପାଇଁ ପ୍ରେରଣା ହୋଇପାରନ୍ତେ, କନ୍ତୁ ସେ ଦିଗରେ ଖୁବ କମ ଲୋକ ମନ ବଳାନ୍ତୁ ।

ISSN NO.
2582-208X


ଏକଦା ଯେଉଁ ଶରୀରଟି ସାରା ସଂସାର ପାଇଁ ଆଲୋକ ନେଇ ଆସିଥିଲା, ସାରା ଦିନରେ ଟୁରିଷ୍ଟମାନଙ୍କ ହଜାର ହଜାର କ୍ୟାମେରା ଫ୍ଲାସରେ ସେହି ଅସ୍ଥିମୟ ଶରୀର ଏବେ ଆଲୋକିତ ହେଉଛି । ବିଶପ୍ ଙ୍କ ସିଂହାସନ ଥିବା ସି.କ୍ୟାଥଡ୍ରାଲରେ ବଢନ୍ତା କ୍ରଶ ଅଛି ଯାହାକି ଜନଶ୍ରୁତିଅନୁଯାୟୀ ସବୁବେଳେ ବଢିବାରେ ଲାଗିଛି । ଅତୀତରେ ଲୋଭୀ ଲୋକେ ସେଥିରୁ ପୁଳେ ପୁଳେ ଗୁଞ୍ଛି ଆଣି ନିଜ ଘରେ ରଖୁଥିଲେ ଏବଂ ଏକ ବିରଳ ଚମତ୍କାର ବିଭବର ମାଲିକ ବୋଲି ସନ୍ତୋଷ ଲାଭ କରୁଥିଲେ । ଆଜିକୁ ଦୁଇ ଶହ ବର୍ଷ ତଳେ FEB ୨୩ ରେ ଜନଶ୍ରୁତିଅନୁଯାୟୀ ଯିଶୁ ଖ୍ରୀଷ୍ଟ ଧରାପୃଷ୍ଠକୁ ଓହ୍ଲେଇ ଆସି ଏକ କ୍ରୁଶଉପରେ ପୁନଶ୍ଚ ଦ୍ୱିତୀୟ ଥର ଲାଇ କ୍ରୁଶବିଦ୍ଧ ହୋଇଥିଲେ । ତା ପରଠୁ ପ୍ରତି FEB ୨୩ ତାରିଖରେ ଏପରିକି ପ୍ରତି ମାସର ୨୩ ତାରିଖରେ ଏଠାରେ ଦର୍ଶନାର୍ଥିମାନେ ସେଇ ବିରଳ ସମ୍ଭାବନାକୁ ଆଶା ରଖି ରୁଣ୍ଡ ହୁଅନ୍ତି । କିଛି ଲୋକ ନିଜ ଅତିନ୍ଦ୍ରିୟ ଶକ୍ତି ବଳରେ ଯୀଶୁଙ୍କୁ ଦେଖନ୍ତି ବୋଲି ଦାବୀ କରନ୍ତି । ପ୍ରତି ବର୍ଷ ଆଖପାଖର କୃଷକମାନେ ଜମିରେ ଶସ୍ୟ ବୁଣିବା ପରେ ଏକ ମହୋତ୍ସବ ପାଳନ ପାଇଁ ସନ୍ଥ ଜାଭିଏରଙ୍କ ଚର୍ଚ୍ଚରେ ଏକଜୁଟ୍ ହୁଅନ୍ତି । ନାନା ଅଳଙ୍କାର ଓ ସୁନ୍ଦର ବେଶପୋଷାକରେ ବିଭୂଷିତ ହୋଇ, ପବିତ୍ର ଜଳରେ ଆଙ୍ଗୁଠି ବୁଡେଇ ପରସ୍ପରକୁ କୋଳେଇ ନିଅନ୍ତି । ପରମପିତା, ତାଙ୍କ ପୁତ୍ର ଯିଶୁ, ପବିତ୍ର ଆତ୍ମା ସବୁ ତଥା ସର୍ବାଗ୍ରେ ସନ୍ଥ ଜାଭିଏରଙ୍କୁ ସେ ବର୍ଷର ଭଲ ଫସଲ ପାଇଁ ପ୍ରାର୍ଥନା କରନ୍ତି ।

ଟୁରିଷ୍ଟମାନେ ସେଠାକାର ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକାକୁ ମୋଟେ ବୁଝିପାରନ୍ତି ନାହିଁ । ପର୍ତ୍ତୁଗୀଜ୍ ସାମ୍ରାଜ୍ୟର ଜାକଜମକପୂର୍ଣ୍ଣ ପ୍ରଦର୍ଶନୀ ଆଜି ଇତିହାସ ହୋଇଛି ସତ, କିନ୍ତୁ ଇମାରତ ମାନଙ୍କ ଧ୍ୱଂସାବଶେଷ ଓ ଛାଡିଯିଥିବା ଚର୍ଚ୍ଚସମୂହ ସେହି ଲୋକମାନଙ୍କର ଜୀବନର ଗୋଟିଏ ଅଂଶ ହୋଇଯାଇଛି । ଆମ ପାଇଁ ପୁରୁଣା ଗୋଆ ଏକ ଇତିହାସ ହୋଇପାରେ, କିନ୍ତୁ ସେଠାକାର ବାସିନ୍ଦାଙ୍କ ପାଇଁ ସ୍ମୃତିଉଦ୍ରେକକାରୀ ସ୍ମାରକ ସବୁ ଏକ ଜୀବନ ବାସ୍ତବ । ଇତିହାସ କହେ, ଇଉରୋପରେ ପର୍ତ୍ତୁଗାଲ ରାଜା ଓ ପୋପ୍ ଙ୍କ ମଧ୍ୟରେ ସମ୍ପର୍କର ତିକ୍ତତା ହେଉଛି ଏସବୁ ପ୍ରାଚୀନ ସ୍ମୃତିସୌଧର ଧ୍ୱଂସର କାରଣ । ୧୫୭୯ ରେ କ୍ରୁଦ୍ଧପୋପ୍, ପର୍ତ୍ତୁଗୀଜ ଶାସିତ ଗୋଆର ସମସ୍ତ ଧର୍ମଯାଜକଙ୍କୁ କ୍ୟାଥଲିକ୍ ଧର୍ମାବଲମ୍ବନରୁ ନିଲମ୍ବନ କରିଥିଲେ । ଶିକ୍ଷାର ପବିତ୍ର ମନ୍ଦିର ବୋଲି ଖ୍ୟାତି ଥିବା ସନ୍ଥ ପାଉଲଙ୍କ ଶିକ୍ଷାଳୟ ଯାହାକି ବାଇବେଲ ସତ୍ୟକୁ ଆଧାର କରି ଆରମ୍ଭ ହୋଇଥିଲା, ତାହା ବନ୍ଦ ହୋଇଗଲା ଓ ଧ୍ୱଂସ ହେବାକୁ ଲାଗିଲା । ୧୮୫୪ ରେ ପର୍ତ୍ତୁଗୀଜ ରାଜା ଆଉଟିକେ ଆଗକୁ ଯାଇ ପୁରୁଣା

ISSN NO.
2582-208X


ଗୋଆର ସମସ୍ତ ଧର୍ମୀୟ ଆଦେଶନାମା ଓ ଅଧିକାର ସବୁକୁ ଅପସାରଣ କରିନେଲେ । ଫ୍ରାନସିସ୍ ଜାଭିଏର ଚର୍ଚ୍ଚ ଓ ସି.କ୍ୟାଥଡ୍ରଲ ଛଡା ସବୁଠାରେ ପୂଜା ଆରାଧନା ବନ୍ଦ ହୋଇଗଲା । କେବଳ ସେହି ଦୁଇଟିର ନିଜ ଖର୍ଚ୍ଚରେ ଧର୍ମକାର୍ଯ୍ୟ କରିବାର ସାମାନ୍ୟ ରିହାତି ମିଳଥିଲା । ହଠାତ୍ ସେହି ରାଜଧାନୀରେ ଥରେ ବସନ୍ତ ବ୍ୟାପିଗଲା, ଲୋକେ ପୋକମାଛି ପରି ମରିଗଲେ । ଚାଲାକ ବିଦେଶୀମାନେ ନିଜ ପରିବାରଙ୍କୁ ଧରି ପାନଜିମ୍ କୁ ଚାଲିଗଲେ ଓ ସେଠାରେ ନୂଆ ରାଜଧାନୀ ଆରମ୍ଭ କଲେ । ବସନ୍ତ ପରେ ମହାମାରୀ ପ୍ଲେଗ ଓ ହଇଜା ବଂଚଯାଇଥିବା ସବୁ ଲୋକଙ୍କୁ ଶେଷ କରିଦେଲା । ଈଶ୍ୱର କ୍ରୁଦ୍ଧହୋଇଛନ୍ତି ଓ ଚାରିଆଡେ ସୈତାନର ନୃତ୍ୟ ଚାଲିଛି ବୋଲି ଇଉରୋପ ପର୍ଯ୍ୟନ୍ତ ଖବର ପହଞ୍ଚିଗଲା । ପ୍ରାଚୀନ ଗୋଆ ଏକ ଜନମାନବ ହୀନ ପ୍ରେତପୁରୀରେ ପରିଣତ ହେଲା । ବିଶାଳ ଚର୍ଚ୍ଚ ଓ ସୌଧ ସବୁ ଶେଷ୍ରେ ପ୍ରେତାତ୍ମା ମାଙ୍କ ଚାରଣ ଭୂମିରେ ପରିଣତ ହେଲା । ୧୯୧୦ ମସିହା ପର୍ଯ୍ୟନ୍ତ ଗଭର୍ଣ୍ଣର ଜେନେରାଲ ଶପଥପାଠ ପାଇଁ ଫ୍ରାନସିସ୍ ଜାଭିଏରଙ୍କ ଚର୍ଚ୍ଚକୁ ଯାଉଥିଲେ ଏବଂ ସନ୍ଧ୍ୟା ପୂର୍ବରୁ ନିରାପଦରେ ପାନଜିମ୍ ଫେରିଆସୁଥିଲେ । ପ୍ରେତାତ୍ମାଙ୍କ ଭୟରେ ପୂଜକ ଗୋଷ୍ଠୀ ମଧ୍ୟ ସେଠାରେ ରାତ୍ରିଯାପନ କରୁନଥିଲେ । ଦିବସ ଅନ୍ତେ ସମଗ୍ର ପୁରୁଣା ଗୋଆ ଗଭୀର ଅନ୍ଧକାର ଭିତରେ ଜନମାନବହୀନ ପ୍ରେତପୂରୀ ପରି ଅବଶ୍ୟ ଦିଶୁଥିଲା । ଅପବାଦ ଥିଲା ଗୋଟିଏ ରାତ୍ରି ସେଠାରେ କଟାଇବା ଅର୍ଥ ପ୍ରେତାତ୍ମାଙ୍କୁ ନିମନ୍ତ୍ରଣ କରାଇ ମୃତ୍ୟୁ ପାଇଁ ପ୍ରସ୍ତୁତ ହେବା ।

୧୯୪୭ ମସିହାରେ ଭାରତର ସ୍ୱାଧୀନତା ପରେ ସମଗ୍ର ଗୋଆରେ ଜାତୀୟତାର ହାୱା ବହିଲା । ସମସ୍ତେ ଜାତି ବର୍ଣ୍ଣ ନିର୍ବିଶେଷରେ ଗୋଆର ହୃତ ଗୌରବ ରାଜିକୁ ଫେରେଇ ଆଣିବାକୁ ଏକଜୁଟ୍ ହେଲେ । ଡିଡିଟି ଓ ଧୂଆଁ ଦେଇ, ଲଟାବୁଦା ସଫା କରି ପୁରୁଣା ଗୋଆକୁ ରହିବା ଉପଯୋଗୀ କଲେ । ପ୍ରାଚୀନ ସୌଧ ଉପରେ ମୃତ୍ୟୁଦୂତ ପରି ବଢିଥିବା ବର, ଉସ୍ତ ଗଛ ସବୁ ସଫା କରାଗଲା । ପୋତି ହୋଇଥିବା ରାସ୍ତାଘାଟ ପୁନଶ୍ଚ ମରାମତି କରାଗଲା, ଅଭିଶପ୍ତ ଚର୍ଚ୍ଚ ସବୁରେ ପୂଜକ ନିଯୁକ୍ତ ହୋଇ ଘଣ୍ଟାସବୁ ବାଜିଉଠିଲା । ଗୋଆ ମୁକ୍ତ ବାହିନୀ କଳିକନ୍ଦିରେ ପ୍ରବେଶ କରି ସାରିଥିଲେ ଏବଂ ପୁନରୁଦ୍ଧାର କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଲା ।

ପର୍ତ୍ତୁଗୀଜ୍ ମାନେ ଯେଉଁ କାଳଜୟୀ ସ୍ୱପ୍ନ ସବୁ ଦେଖିଥିଲେ, ଚର୍ଚ୍ଚ, ସୌଧ, ଆଶ୍ରମ, ରାସ୍ତାଘାଟ, ଘାସପଡିଆ ଆଦିର ନକସା ପ୍ରସ୍ତୁତ କରିଥିଲେ, ଆଜି ତାର ଜୀବନ୍ତ ରୂପ ଦେଖିବାକୁ ମିଳୁଛି । ଅତୀତ ଏଠାରେ ଏବେ ବି ବଞ୍ଚି ରହିଛି ।

କ୍ରମଶଃ...

ଭାରତୀୟ ଜୀବନ ବୀମା ନଗମ,
କୋରାପୁଟ, ଓଡିଶା

ମଇ – ୨୦୨୨
ISSN NO.
2582-208X
www.vedantimagazine.com

# ଫଗୁଣ



ଭାସ୍କର ଚନ୍ଦ୍ର ଖଣ୍ଡା

କୋକିଳର କୁହୁତାନ ଭିତରେ
ତମେ ଯେବେ ଆସ
ଗହଳିଆ ଆମ୍ବ ବଉଳର ଫାଙ୍କ ଦେଇ
ପୂନେଇଁ ଜହ୍ନର ଛିଟାରେ
ହୁଅନ୍ତି ଏକାଠି ମୁରୁକି ମୁରୁକି ହସ ସବୁ
ଗୁଣୁ ଗୁଣୁ ଭଅଁରର ସଦ୍ୟ ଚୁମ୍ବନରେ
ଲାଜେଇ ପଡୁଥିବା ବଉଳ ସବୁ
କୁମାରୀତ୍ୱ ହରାଇ ବସିଥିବା ବେଳେ
ସୁଲୁସୁଲିଆ ପବନ ବିଂଚି ଦିଏ
ଆଶ୍ୱାସନା ର ମହକ ।୧।

ପାଇ ମହାଦେବଙ୍କର ଆଶୀର୍ବାଦ
କୁମାରୀତ୍ୱ ହରାଇ ବସିଥିବା
ଆମ୍ବ ବଉଳ ସବୁ
ହୁଅନ୍ତି ଫଳବତୀ
ଯୋଗାଇବାକୁ ଆହାର ରୂପି
ତାଙ୍କର ମଧୁରତାକୁ
ଆହା ସତରେ ସେମାନେ କେଡେ ଭାଗ୍ୟବତୀ
ପରୋପକାର ପାଇଁ
ନେଇଛନ୍ତି ଆପଣାଇ
ଉତ୍ସର୍ଗୀକୃତ ଜୀବନର ଧାରା ।୨।

ISSN NO.
2582-208X

ମାଦକତାରେ ଭରା ପ୍ରକୃତି ରାଣୀ
ସଜେଇ ହୁଏ ନାଲି ନେଳି ହଳଦୀ ରଂଗରେ
ସତେ ଅବା ପ୍ରୀତି ପସୋରାରେ ଗାଧୋଇ
ସଜାଡି ହେଉଛି ପ୍ରିୟା
ନିରିଖେଇ ନିଜ ଛବି
ଧରି ହାତରେ ତୁଳୀ
ବୋଳିବାକୁ ନାଲି ଲିପଷ୍ଟିକ୍
ନରମ ଗୋଲାପି ଅଧରରେ  ।୩।

ହୁଅନ୍ତି ଆତ୍ମହରା
ଖେଳନ୍ତି ସଭିଏଁ ହୋଲି
ରଂଗ ପିଚକାରୀରେ ଯାଏ ଭିଜି
ଜାତି ଧର୍ମ ନିର୍ବିଶେଷରେ
ପ୍ରାଚୀର ସବୁ  ।୪।

ଆସନ୍ତାନି ଏମିତି ସବୁଦିନ ଫଗୁଣ
କୋକିଳର ସୁମଧୁର ସ୍ୱର
ଶୁଣାଉଥାନ୍ତା ଦେଶାତ୍ମବୋଧର ସଂଗୀତ
ସେଇ ସ୍ୱର ଝଂକାର ସହ
ପାଇ ମହାଦେବଙ୍କର ଆଶୀର୍ବାଦ
ହୁଅନ୍ତେ ସଭିଏଁ ଫଳବତୀ  ।୫।

ଫ୍ଲାଟ୍ ନଂ ବି /୩୦୧
ଗୌରୀଶଙ୍କର ରେସିଡ଼େନ୍ସ, କେଶୁରା
ଭୁବନେଶ୍ୱର  (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ଭଲପାଏ ମାଟିକୁ



ଜ୍ୟୋସ୍ନା ରାୟ

ମାଟିକୁ ଭଲପାଏ ବୋଲି ତ
ଫାଟଟେ ପଡିଲେ
ରକ୍ତ ଝରେ ଛାତିରୁ
ଯେଉଁଠି ଥିଲେ ବି
ଅନ୍ଧାରରେ ଅଣ୍ଡାଳ  ଆଣେ
ଆଞ୍ଜୁଳା ଆଞ୍ଜୁଳା  ଆଲୁଅ
ମୁଠେ ମିଠାପଣ
ବଢେଇ ଦିଏ ତା ହାତକୁ
ଅବଶ୍ୟ କେବେ ଗୃହିଁନ
ନକତିଦଣ୍ଡରେ  ଏକଥା
ପ୍ରମାଣ କରିବାକୁ ।
ଶକ୍ତକରେ  ନଜ  ପାଦ
ସ୍ମରଣ କରେ ଗୌରବର କଥାକୁ
ସଞ୍ଚୟକରେ ଶକ୍ତ ସାମର୍ଥ୍ୟ
କଛି ପାରିଲ୍ ପଣକୁ
କାଳେ ଲୋଡା ପଡିବ
ଅଣ୍ଟିରେ ଗୁଞ୍ଜିଧରେ ପ୍ରେମକୁ
ପଢୁଥାଏ ସେଇମାନଙ୍କୁ
ଯିଏ ଟେକଦେଇ ଗଲେ
ଏ ମାଟି ଖଣ୍ଡକ ଆମକୁ

ISSN NO.
2582-208X

ତାଙ୍କ ମନୋବଳ ନିଷ୍ଠା
ତ୍ୟାଗ ସମର୍ପଣର ଦସ୍ତାବିଜକୁ ।।
ସମର୍ପି ଦିଏ ନିଜକୁ
ଅଜାଣତରେ ପାଲଟିଯାଏ
ଝାଟିମାଟି ତାଟି ଖଣ୍ଡେ ତା ଦିହକୁ
ମୁଁ ଦୃଢ଼ କରେ ମନକୁ
ପଣକରେ ମାଟି ପାଇଁ ଲଢ଼ିବାକୁ
ଧ୍ୱଂସ କରି ଅରି
ଅଖଣ୍ଡ ଓଡ଼ିଶାର
ସ୍ୱପ୍ନ ସାକାର କରିବାକୁ
ହେଇପାରେ ଦେଶପ୍ରେମ
ଜାତିପ୍ରେମ ଭାଷାପ୍ରେମ
ମାଟିପ୍ରେମ ଏସବୁ ଏକକଥା
ଅବା ଭିନ୍ନ ଭିନ୍ନ କଥା
ହେଲେ ନିଜ ଅସ୍ମିତାର କଥା ଇଏ
କେହି କଣ ଅସ୍ୱୀକାର କରିପାରେ ?
ଶତ୍ରୁ ମାତିଲେ ତାତିଯାଏ ମୋ କଲିଜା
ଅନ୍ୟଥା ଶତାଅଶୀ ବର୍ଷର
ଗୋଟେ ଗାରିମାମୟ
ଇତିହାସ ଧରି ଦିବାନିଶି
କୋହର କୁରୁଳୁଥାଏ ମନ ମୋର
ମୁଁ କହେ ଓଡିଶାମାଟି ମୋ ଗର୍ବ ଗୌରବ
ଆଉ ଓଡ଼ିଆ ..ମୋ ଶ୍ରେଷ୍ଠ ପରିଚୟ ।।

ବାଲେଶ୍ୱର
୮୭୭୩୧୪୧୦୨୨

ISSN NO.
2582-208X

# ହୋଲି



ତ୍ରିପତି ପ୍ରଧାନ

ହୋଲ ଖେଳେ ସିନା ସପ୍ତ ରଙ୍ଗ ଅଛି
ଇନ୍ଦ୍ରଧନୁ ତାହା ରଖିଛି ବାଛି
ଜନ ମନ ରାଗ ଏକ ତ୍ରିଂଶତ
ଜାଣି ହୁଏ ନାହିଁ ତା ଠାରୁ କଛି (1)

ପ୍ରାକୃତିକ ଭାବି ବୋଲି ଦେଲେ ଥରେ
କୁଣ୍ଡେଇ ହୋଇବ ସାରା ଜୀବନ
ଛାଡିଲେ ଦାନ୍ତୁଡ଼ା ଧରିଲେ ରାମ୍ପୁଡ଼ା
ସ୍ୱାର୍ଥ ପକ୍ଷେ ତାର ହେଲେ ବିମନ (2)

ଭାଷ ରଙ୍ଗ ତାର ଆହା କ ସୁନ୍ଦର
ଫସି ଗଲେ ରସି ଲାଗିବ ଅଠା
ଛଡ଼ାଇବା ହେଲେ ସଂସାର ଦାଣ୍ଡରେ
ଶୁଣିବାକୁ ହେବ କ ହାଲାପଟା (3)

ଫୁଟି ଦେଖା ଦେବ ସାରା ଅଞ୍ଚଳ ଟା
ଭାସିବ ତୁଣ୍ଡରେ ସହସ୍ର କୋଷ
କେ କହିବ ଛବି ଅତି ମନୋରମ
କେ ବାଛି ବାହାର କରିବ ଦୋଷ (4)

ISSN NO.
2582-208X

ଫଗୁଣ ରଙ୍ଗରେ ରଙ୍ଗେଇ ହୋଇଲେ
ଫଗୁ ଫଗୁ ବାସ୍ନା ଚହଟୁ ଥିବ
ପଉଷରେ ଆଶ ଧରିଥିଲେ ବାସ
ବସି ବନ ଯାଉ ଗନ୍ଧେଇ ଯିବ(5)

ସତ ଲକ୍ଷ୍ୟ ରଖି କର୍ମ ରଙ୍ଗେ ରଙ୍ଗି
ଅଧିକାର ରାଗ ସାଉଁଟୁ ଥିବ
ତେବେ ସିନା ଧରା ହେବ ସୁମଧୁରା
ମଣିଷ ଜୀବନ ସାର୍ଥକ ହେବ (6)

ସଂସ୍କୃତ ଶିକ୍ଷକ, ଚିକିଟି

ISSN NO.
2582-208X

# ଆମ ଖଣ୍ଡିତ ଓଡିଶା



ବିଜୟଲକ୍ଷ୍ମୀ ମହାନ୍ତ ପଟ୍ଟନାୟକ

ଇତିହାସ କହେ ୧୫୬୮ ରେ ଗଜପତି ମୁକୁନ୍ଦ ଦେବଙ୍କ ପରାଜୟ ପରେ ଓ ନିଧନ ପରେ ଦୁର୍ଦ୍ଧର୍ଷ ଓ ଅପରାଜେୟ ଓଡିଆ ଜାତି ଦୁର୍ବଳ ଓ ପରାକ୍ରମହୀନ ହୋଇ ପଡିଲା । ଆଫଗାନ୍, ମୋଗଲ, ମରହଟ୍ଟା ଶାସନ ପରେ ୧୮୦୩ ମସିହାରେ ଓଡିଶାର ଶାସନ ଭାର ଗଲା ଇଂରେଜମାନଙ୍କ ହାତକୁ । ଶାସନଗତ ସୁବିଧା ପାଇଁ ଓଡିଶାକୁ ଖଣ୍ଡବିଖଣ୍ଡିତ କଲେ ଇଂରେଜ ସରକାର । କଟକ, ପୁରୀ ଓ ବାଲେଶ୍ୱର କୁ ନେଇ ଗଠିତ ଓଡିଶା ଡିଭିଜନକୁ ନିଜ ଶାସନାଧୀନ ରଖି ଦେଶୀୟ ରାଜ୍ୟ ସହ ଅନେକ ଅଞ୍ଚଳ ମିଶାଇଦେଲେ ପଡୋଶୀ ପ୍ରଦେଶ ସହିତ । ମଧ୍ୟ ପ୍ରଦେଶରେ ମିଶିଲା କଳାହାଣ୍ଡି, ପାଟଣା, ସୋନପୁର, ସମ୍ବଲପୁର ଓ ବାମଣ୍ଡା ଆଦି ଅଞ୍ଚଳ । ମେଦିନୀପୁର ରହିଲା ବଙ୍ଗଳାରେ । ବଣେଇ ଗଡଜାତ ଛୋଟନାଗପୁରରେ । ଓଡିଶା ଡିଭିଜନର ଶାସନ ବ୍ୟବସ୍ଥା ବି ସଂଯୁକ୍ତ ହୋଇ ରହିଲା ବିହାର ପ୍ରଦେଶ ସହିତ । ସଙ୍କୁଚିତ ହେଲା ଓଡିଶାର ସୀମା ଏବଂ ସାଂସ୍କୃତିକ ପରିଚୟ । କଲିକତା, ନାଗପୁର ଅଞ୍ଚଳର ଓଡିଆ ମାନେ ସଂଖ୍ୟା ଲଘୁ ହୋଇ ବଞ୍ଚିଲେ ମାନ୍ଦ୍ରାଜ ଅଧୀନରେ । ପ୍ରାଦେଶିକ ସରକାରଙ୍କର କ୍ରମାଗତ ଅବହେଳା ଯୋଗୁଁ ଉପେକ୍ଷିତ ହେଲା ଓଡିଆ ମାନଙ୍କର ସ୍ୱାର୍ଥ । ବିପର୍ଯ୍ୟସ୍ତ ହୋଇ ପଡିଲା ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ତଥା ଚଳଣି ।

ଏପରି ଦୁର୍ଦ୍ଦଶାର ସୁଯୋଗ ନେଇ ଓଡିଆ ଭାଷାକୁ ସରକାରୀ ଦପ୍ତର, କଚେରୀ ଓ ଶିକ୍ଷାନୁଷ୍ଠାନରୁ ଉଚ୍ଛେଦ କରିବାକୁ ଚକ୍ରାନ୍ତ କରାଗଲା । ବୋଝ ଉପରେ ନଳିତା ବିଡା ପରି ପ୍ରାକୃତିକ ଦୁର୍ବିପାକ ସବୁବେଳେ ଓଡିଆ ମାନଙ୍କର ମନୋବଳକୁ ଦୁର୍ବଳ କରି ପକାଇଲା । ପୁଣି ନଅଙ୍କ ଦୁର୍ଭିକ୍ଷ ଓଡିଆ ମାନଙ୍କର ମେରୁଦଣ୍ଡ ଭାଙ୍ଗି ଦେଲା । ଅଣ୍ଟା ସଳଖିବା ପୂର୍ବରୁ

ମେଦିନୀପୁର ଓ ବାଙ୍କୁଡା ଜିଲ୍ଲାରୁ ଓଡିଆ ଭାଷା ଉଚ୍ଛେଦ ହୋଇଗଲା । ଏଥିରେ ଉତ୍ସାହିତ ହୋଇ ଓଡିଆ ଭାଷାକୁ ସଂପୂର୍ଣ୍ଣ ଉଚ୍ଛେଦ କରିବାକୁ ବଙ୍ଗଳାର ରାଜେନ୍ଦ୍ର ଲାଲ ମିତ୍ରଙ୍କ ତରଫରୁ ଚାଲିଥିବା ଏହି ଉଦ୍ୟମକୁ ତେଜୀୟାନ କରିଦେଲା କାନ୍ତିଚନ୍ଦ୍ରଙ୍କ ପୁସ୍ତକ 'ଓଡିଆ ଏକଟା ସ୍ୱତନ୍ତ୍ର ଭାଷା ନୟ ।'

ଦେଶପ୍ରେମୀ ମାନଙ୍କ ଆଖିରୁ ନିଦ ହଜିଗଲା । ଭାଷା ବିଲୋପ ଚକ୍ରାନ୍ତକୁ ପ୍ରତିହତ କରିବାକୁ ପ୍ରଥମେ ଆଗେଇ ଆସିଲେ ବ୍ୟାସକବି ଫକୀରମୋହନ, କବିବର ରାଧାନାଥ, କର୍ମବୀର ଗୌରୀଶଙ୍କର, ରାଜା ବୈକୁଣ୍ଠ ନାଥ ଦେ ଆଦି ଦେଶପ୍ରେମୀ ମାନେ । ବାଲେଶ୍ୱରର ତତକାଳୀନ କଲେକ୍ଟର ତଥା ବିଶିଷ୍ଟ ଗବେଷକ ଜନ୍ ବିମସ୍ ଏମାନଙ୍କୁ ସହଯୋଗ କଲେ। କଲିକତାସ୍ଥିତ ' 'ଏସିଆଟିକ୍ ସୋସାଇଟି' ରେ ଆୟୋଜିତ ସଭାରେ ଜନ ବିମସ୍ ଓଡିଆ ଭାଷାର ବୁନିଆଦି ପ୍ରମାଣ କରିବାକୁ ଯାଇ ଯେଉଁ ତଥ୍ୟ ଉପସ୍ଥାପନ କଲେ ସେଥିରେ ପ୍ରତିବେଶୀଙ୍କ ଚକ୍ରାନ୍ତ ଭଣ୍ଡୁର ହୋଇଗଲା । ଏଥିରୁ ଉତ୍ସାହିତ ହୋଇ ରାଜ୍ୟ ମିଶ୍ରଣ ଆନ୍ଦୋଳନର ମୂଳଦୁଆ ତେଜିଲା ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଲକ୍ଷ୍ୟ ନେଇ ଏକାଠି ହେଲେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ମଣି ଗୋପବନ୍ଧୁ ଦାସ, ପାରଳା ରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ, କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ମୟୁରଭଞ୍ଜ ରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ଏବଂ ଆହୁରି ଅନେକ ଓଡିଶାର ବରପୁତ୍ର । ୧୯୦୩ ମସିହାରେ ୩୨୫ ଜଣ ଦେଶପ୍ରେମୀଙ୍କ ସର୍ବସମ୍ମତ ପ୍ରସ୍ତାବକ୍ରମେ ଗଠନ କରାଗଲା ଜାତୀୟ ମହାମଞ୍ଚ 'ଉତ୍କଳ ସମ୍ମିଳନୀ' । ଏହି ଅଣରାଜନୈତିକ ମଞ୍ଚରୁ ପ୍ରବାହିତ ହେଲା ଜାତୀୟତାର ଉତ୍ତାଳ ତରଙ୍ଗ । ୩୩ ବର୍ଷ ପରେ ୧୯୩୬ ଏପ୍ରିଲ ପହିଲା ରେ ଆତ୍ମପ୍ରକାଶ କଲା ଉତ୍କଳ ପ୍ରଦେଶ ମାତ୍ର ସଂପୂର୍ଣ୍ଣ ନୁହେଁ ବିଖଣ୍ଡିତ ହୋଇ । ଓଡିଶାରୁ ଅଲଗା ହୋଇ ରହିଗଲା ଖାଣ୍ଟି ଓଡିଆ ଅଞ୍ଚଳ ସିଂଭୂମ, ମେଦିନୀପୁର, ମଞ୍ଜୁଷା, ଟିକାଲି, ସାରଙ୍ଗଗଡ ଓ ବସ୍ତର ଆଦି ଅଞ୍ଚଳ ।

ମଧୁବାବୁ ଓ ଗୋପବନ୍ଧୁ ଯେଉଁ ଓଡିଶାର ସ୍ୱପ୍ନ ଦେଖିଥିଲେ ଏ ସେ ଓଡିଶା ନୁହେଁ । ଏହା ହେଲା ଖଣ୍ଡିତ ଓଡିଶା । ଛଅଟି ଜିଲ୍ଲାକୁ ନେଇ ପୁନର୍ଗଠିତ ଓଡିଶା ସହ ୧୯୪୯ ମସିହା ସୁଦ୍ଧା ଦେଶୀୟ ରାଜ୍ୟ ମାନଙ୍କର ମିଶ୍ରଣ ଘଟିଲେ ବି ଓଡିଶାରୁ ଅଲଗା ହୋଇ ରହିଗଲା

ISSN NO.
2582-208X

ଉପରୋକ୍ତ ଅଞ୍ଚଳ ଗୁଡିକ । ସେମାନେ ଏବେବି ଜଗନ୍ନାଥ ଦାସଙ୍କ ଭାଗବତ ପଢୁଛନ୍ତ, ଓଡିଆ ପର୍ବପର୍ବାଣି ପାଳନ କରୁଛନ୍ତ । କନ୍ତୁ ଓଡିଶାରେ ମିଶିବାର ସ୍ୱପ୍ନ ସ୍ୱପ୍ନରେ ହିଁ ରହିଗଲା ।

ଏବେ ସେମାନଙ୍କ ସ୍ୱପ୍ନ ସ୍ୱପ୍ନରେ ରହିଯିବା ସହିତ ଓଡିଶା ସରକାରଙ୍କ ଉଦାସୀନତା ଯୋଗୁଁ ଆଉ କଛି ଅଞ୍ଚଳ ଓଡିଶାରୁ ଅଲଗା ହୋଇ ଯିବାର ସମ୍ଭାବନା ମଧ ରହୁଛି । କନକା ବାଲିଦ୍ୱୀପ ଉପରେ ପଶ୍ଚିମ ବଙ୍ଗର ନଜର । ଆନ୍ଧ୍ର ଗିଳଯିବାକୁ ବସିଛି କୋଟିଆ ଗ୍ରାମପୁଞ୍ଜ, ନନ୍ଦ ପୁର, ଲକ୍ଷ୍ଟପୁଟ ଓ ମାଛକୁଣ୍ଡ ଅଞ୍ଚଳ । କୋଟିଆ ଅଞ୍ଚଳରେ ଏବେ ସ୍କୁଲ ମାନଙ୍କରେ ପଢାଯାଉଛି ତେଲୁଗୁ ଭାଷାରେ । ଛତିଶଗଡ଼ ଓ ଝାଡ଼ଖଣ୍ଡ ସହ ମଧ ଏବେ ସୀମା ବିବାଦ ଲାଗି ରହିଛି । ୪୫୦ କଲୋମିଟର ବ୍ୟାପୀ ଉପକୂଳ ଅଞ୍ଚଳରେ ସୀମା ସୁରକ୍ଷା ଢିଲା ଥିବାରୁ ବାଂଲାଦେଶୀ ମାନଙ୍କ ପ୍ରବେଶ ଅବାଧ । ତେଣୁ ଭାଷା, ସଂସ୍କୃତି ଓ ପରମ୍ପରା ବିପନ୍ନ ହେବାକୁ ବସିଛି । ସୀମାନ୍ତ ଇଲାକାରେ ବିକାଶ ଅପହଞ୍ଚ ଯୋଗୁଁ ଫାଇଦା ଉଠାଉଛନ୍ତ ପଡୋଶୀ ରାଜ୍ୟ ମାନେ ।

ଚଳିତ ଶତାବ୍ଦୀରେ ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି ଓଡିଶାର ବୁଦ୍ଧିଜୀବୀ ମାନଙ୍କ ପ୍ରଚେଷ୍ଟାରେ । ମାତ୍ର ଶିକ୍ଷିତ ଓଡିଆ ମାନଙ୍କର ଇଂରାଜୀ ପ୍ରୀତି ତଥା ପରମୁଖାପେକ୍ଷିତା ପାଇଁ ଓଡିଆ ଭାଷା ଆଜି ଓଡିଆ ମାଟିରେ ହିଁ ଅବହେଳିତ, ସିଂହାଣୀ ନାକି । ଏହି ହୀନମଣ୍ୟ ବ୍ୟକ୍ତି ମାନେ ଭାଷା ପାଇଁ କିଛି କରିବା ତ ଦୂରର କଥା ବରଂ ଏମାନେ ଭାଷା ସୁରକ୍ଷାର ବାଧକ । ଏଥିପାଇଁ ଅନେକ ଭୋଗିଲାଣି ଜାତି ଓ ଭାଷା । ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ ଓଡିଶା ନ କହି କେବଳ ଓଡିଶା କହିବାର ବେଳ ଉପଗତ । ଏହି ଉପଲବଧି ନ ରହିଲେ ପୂର୍ବ ଗୌରବ ଆଉ ଐତିହ୍ୟ ଆଉ ଫେରି ପାଇବାନି । ଯାହା କୁହାଯାଇଛି ମାତୃ ଭାଷା ମାତୃସ୍ତନ୍ୟ ପରି ଉପାଦେୟ ଓ ପୁଷ୍ଟିକାରୀ, ଏହାହିଁ ହେଉ ଆଜି ଦିବସର ଅନୁଚନ୍ତା ସବୁ ଓଡିଆ ମାନଙ୍କ ପାଇଁ । ସୁଖର କଥା ଏବେ ପ୍ରାଥମିକ ଶିକ୍ଷାରେ ମାତୃଭାଷା ଶିକ୍ଷା ବାଧ୍ୟତାମୂଳକ ଏବଂ ଓଡିଆ ଉଇକପିଡ଼ିଆରେ ସଂଯୋଗୀକରଣ ବଢୁଛି । ତଥାପି ଅନେକ କଛି କରିବାର ଅଛି, ଭାବିବାର ଅଛି । ବାକ ସୁଧୀ ପାଠକେ ଯୋଡିବେ ଯାହା ଛାଡିଗଲି ।

ପ୍ଲଟ ନ.-୪୬୧୯/୨୧, ପୋଖରୀପୁଟ ବିଲେଜ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ISSN NO.
2582-208X

# କାରଣ



ଗଜାନନ ମିଶ୍ର

ଜଣା ନାଇଁ କଛି ।
ଆଉ ଯାହା ଜଣା
କଣ କେମିତି
ପଗ୍ଯର ନ ।

ତାହାବୋଲି
ଏ ଅଧର୍ତିରେ
ଗାଁ ଦାଣ୍ଡରେ
କର ନ କଛି କାଣ୍ଡ ।

ସ୍ବତନ୍ତ୍ର ଭ୍ବରେ
ନ କହିଲେ ବି
ଅଛି ମୁଁ।
ଆଉ ତୁମେ
ଅନେଇ ରହିଛ
ଆହ୍ୱାନ ସବୁକୁ
ତୁଚ୍ଛାରେ ଜାବୋଡି ।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# ଭାଗବତ
# ଅମୃତ ଧାର



ବିଜୟ କୁମାର ସାହୁ

## ଏକାଦଶ ସ୍କନ୍ଧର ଅବଶିଷ୍ଟ ଅଂଶ

ବେଦ ନିଷିଦ୍ଧ ଏ ପ୍ରସିଦ୍ଧି । ଏହା ନ ଜାଣେ ପଶୁ ବୁଦ୍ଧି ॥
ଯଦ୍ୟପି ଯଜ୍ଞର ବିଧାନ । ମାଂସ ଭକ୍ଷଣ ସୁରାପାନ ॥
ତଥାପି ମଦ୍ୟ ଯଜ୍ଞ ମତେ । ଆଘ୍ରାଣ କରି ନାସାଗ୍ରତେ ॥
କେବେହେଁ ନକରିବ ପାନ । ଏ ବିଧି ବେଦର ବିଧାନ ॥

-----

ଆୟୁର୍ବର୍ଷଶତଂନୃଣା ପରିମିତଂ ରାତ୍ରୌ ତଦର୍ଦ୍ଧଂଗତମ୍ ।
ତସ୍ୟାର୍ଦ୍ଧସ୍ୟ ପରସ୍ୟ ଚା ଧର୍ମ ପରଂ ବାଳତ୍ୱବୃଦ୍ଧତବୟୋଃ ।
ଶେଶ ବ୍ୟାଧି ବିୟୋଗ ଦୁଃଖ ସହିତଂ ସେବାଦିଭିର୍ନୀୟତେ ।
ଜୀବେ ବାରି ତରଂଗ ବୁଦବୁଦ୍ ସମେ ସୌଖ୍ୟଂକୁତଃ ପ୍ରାଣୀନାମ୍ ॥

ଭର୍ତ୍ତୃହରି କହୁଅଛନ୍ତି – "ଆଜି ମଣିଷର ଆୟୁଷ ପୁରା ଶହେ ବର୍ଷ ନୁହେଁ । ଏପରି ସ୍ୱଳ୍ପ ଆୟୁଷର ଅର୍ଦ୍ଧାଂଶ ନିଦ୍ରାରେ ବ୍ୟତୀତ ହୋଇଯାଏ । ଅପର ଅର୍ଦ୍ଧାଂଶର ଅର୍ଦ୍ଧଭାଗ ବାଲ୍ୟାବସ୍ଥା ଓ ବୃଦ୍ଧାବସ୍ଥାରେ କଟିଯାଏ । ଏହି ଅବସ୍ଥାରେ ମନୁଷ୍ୟକୁ ପରତନ୍ତ୍ର ଜୀବନ ଅତିବାହିତ କରିବାକୁ ପଡିଥାଏ । କ୍ଷୁଦ୍ରାତିକ୍ଷୁଦ୍ର ଆବଶ୍ୟକତା ନିମିତ୍ତ ପର ଉପରେ ନିର୍ଭର କରିବାକୁ ହୋଇଥାଏ । ଏବେ ଯେଉଁ ଏକ ଚତୁର୍ଥାଂଶ ଆଉ ବଳକା ରହିଲା ତାହା ବିୟୋଗ ଜନିତ ଦୁଃଖରେ, ରୋଗରେ, ଚିନ୍ତାରେ, ସନ୍ତାପରେ ବ୍ୟତୀତ ହୋଇଯାଏ । ଅନ୍ୟ ସମୟରେ ତା ପେଟ ନିମନ୍ତେ ମଣିଷ ପରିଶ୍ରମ କରିବାରେ ଲାଏ । ସତକର୍ମ କରିବା ପାଇଁ ମଇଷ ସମୟ ପାଏନାହିଁ । ସମୁଦ୍ର ଜଳରେ ବୁଦବୁଦ ଭଳିହେଉଅଛି ମଣିଷ ଜୀବନ । ମେଘମଣ୍ଡଳରେ ବିଜୁଳି ସମ କ୍ଷଣିକ ହୋଇଥାଏ । ସବୁବେଳେ କାଳ ଭୟ ଆତଙ୍କିତ କରି ରଖିଥାଏ ଏଇ

ISSN NO.
2582-208X

ମଣିଷକୁ । ଏପରି ଯେଉଁ ମଣିଷ ଜୀବନ, ତହିଁରେ ସୁଖ କେଉଁଆଡୁ ମିଳିପାରନ୍ତା । ଜୀବନରେ ସୁଖ ଆଶା କରିବା ବୃଥା ।"

ମଣିଷର ମୁଁ ମୁଁ ଡାକ ଶୁଣି କାଳବୈରୀ ଦୌଡି ଆସେ । ପରିଶେଷରେ ମୁଁ ମୁଁ କରୁଥିବା ମଣିଷ ରୂପୀ ଛେଳିକୁ ମାରି ଖାଇଯାଏ । ମନୁଷ୍ୟ ଧର୍ମ ଓ ଈଶ୍ୱରଙ୍କୁ ଭୟ କରୁନଥିବାରୁ ବହୁତ ଦୁଃଖ ପାଏ । ଜୀବ ମରିବା ସମୟରେ ଅତି ବିକଳ ହୁଏ । ଯମଦୂତଙ୍କୁ ଗୋଡରୁ ମୁଣ୍ଡ ପର୍ଯ୍ୟନ୍ତ ଦେଖେ । ଯେପର୍ଯ୍ୟନ୍ତ ପାଦରୁ ମୁଣ୍ଡ ପର୍ଯ୍ୟନ୍ତ ପ୍ରାଣ ଯାଏନାହିଁ, ସେ ପର୍ଯ୍ୟନ୍ତ କାଳ ଲାତ ମାରୁଥାଏ ।

ଉଦ୍ଧବ କହୁଅଛନ୍ତି - ଏହି ଗୋପୀମାନେ ମହାମୁନିମାନଙ୍କ ଦ୍ୱାରା ବି ଚିର ପୂଜିତ ହେବାପାଇଁ ଯୋଗ୍ୟା । ଭଗବାନଙ୍କୁ ଗୋପୀମାନେ ବିନା ଚେଷ୍ଟାରେ ପ୍ରାପ୍ତ ହୋଇଥିଲେ । ଏପରି ଧନ୍ୟା ଏହି ଗୋପୀମାନଙ୍କର ଚରଣ ରଜରେ ସ୍ନାନ କରି ମୁଁ ଧନ୍ୟ ହୋଇଗଲି । ଏହି ବୃନ୍ଦାବନରେ ରହି ଗୋପୀମାନଙ୍କର ଚରଣ ସ୍ପର୍ଶ ପାଉଥିବା ବୃକ୍ଷ, ଲତା ଅଥବା ବନସ୍ପତି କିମ୍ବା ଯେକୌଣସି ଯୋନିରେ ମୋତେ ଜନ୍ମ ମିଳିଲେ ମୁଁ କୃତାର୍ଥ ହୋଇଯିବି, ମୋର ଏତିକି ମାତ୍ର ପ୍ରାର୍ଥନା ।

ନ ହି ସାଧନ ସଂପତ୍ୟା ହରି ସ୍ତୁଷ୍ୟତି କସ୍ୟଚିତ୍ ।
ଭକ୍ତାନାଂ ଦୈନ୍ୟମେବିକଂ ହରିତୋଷଣ ସାଧନମ୍ ॥

ଅର୍ଥାତ ଭଗବାନଙ୍କୁ ପ୍ରସନ୍ନ କରିବାର ଏକମାତ୍ର ଶ୍ରେଷ୍ଠ ସାଧନ ହେଉଅଛି ଦୈନ୍ୟ । ମଣିଷ ଯେପର୍ଯ୍ୟନ୍ତ ହୃଦୟର ସହିତ ଦୀନ ନ ହୋଇଅଛି, ସେ ପର୍ଯ୍ୟନ୍ତ ସେ ଈଶ୍ୱରଙ୍କର ପ୍ରିୟ ହୋଇପାରେ ନାହିଁ । ଭକ୍ତିର ସିଂହାସନ ହେଉଅଛି ଦୀନତା ।

ରେ ଜୀବ ! ତୁ ଆସିଅଛୁ ଏହି ମର୍ତ୍ତ୍ୟମଣ୍ଡଳକୁ କାହିଁକି? ତୋର କର୍ତ୍ତବ୍ୟ କଣ? ତୋର ଧର୍ମ କଣ? ତୋ ଜୀବନର ଲକ୍ଷ୍ୟ କଣ? ତୋର ଅସଲ ପରିଚୟ କଣ? ବାସ୍ତବରେ ତୁ କଣ ଏକ ଜୈବିକ ମିଶ୍ରଣର ଉପାଦାନ ନା ଆଉ କିଛି ? ତୋ ଏହି ଶରୀର ଭିତରେ କିଏ

ISSN NO.
2582-208X

ଅଛି? ଏସବୁ ପ୍ରଶ୍ନର ଉତ୍ତର ଭାଗବତରେଅଛି ଏଣୁ ପରମ ଶାସ୍ତ୍ର ଭାଗବତ। ଅଭ୍ୟାସ କରୁଥିବ ନିତ୍ୟ ॥

ସମାନେ ବୃକ୍ଷେ ପୁରୋଷୋ ନିମଗ୍ନୋ ।
ନିଶୟା ଶୋଚତି ମୁହ୍ୟମାନଃ ॥
ଦୁଷ୍ଟମ୍ ଯଦା ପଶ୍ୟତି ଇଶମ୍ ଅସ୍ୟ ।
ମହିମାନବ ଇତି ବାତଶୋକଃ ॥

ଅର୍ଥାତ ଗୋଟିଏ ବୃକ୍ଷରେ ଦୁଇଟି ପକ୍ଷୀ ବାସ କରୁଅଛନ୍ତି। ସେଥିମଧ୍ୟରୁ ଗୋଟିଏ ପକ୍ଷୀ ଫଳ ଉପଭୋଗକାରୀ ହିସାବରେ ସୁଖ ଦୁଃଖ ଭୋଗ କରୁଅଛି ଆଉ ଗୋଟିଏ ପକ୍ଷୀ ନୀରବରେ ଦେଖୁଅଛି। ଯଦି ଫଳ ଖାଉଥିବା ପକ୍ଷୀଟି ତା ବନ୍ଧୁ ଆଡକୁ ଦୃଷ୍ଟି ପକାନ୍ତା (କାରଣ ସେ ବନ୍ଧୁ ପକ୍ଷୀଟି ହେଉଛନ୍ତି ଈଶ୍ୱର) ତେବେ ଦୁଃଖ ଭୋଗୁଥିବା ପକ୍ଷୀ ସଙ୍ଗେ ସଙ୍ଗେ ସମସ୍ତ ପ୍ରକାର ଶୋକରୁ ମୁକ୍ତ ହୋଇଯାଆନ୍ତା। କିନ୍ତୁ ହାୟ ! ସେ ପକ୍ଷୀରୂପୀ ମଣିଷ କଣ ଭାବୁଅଛି ସେ କଥାକୁ।

---

ପରମଶାସ୍ତ୍ର ଭାଗବତରୁ ସଂଗୃହୀତ

ବିଜିଗୋଳ, ଏନ ଟି ପିସି, ଅନୁଗୋଳ

ISSN NO.
2582-208X

# ନିତେଇ



ଅଧର ବିଶ୍ୱାଳ

ଦିନ ଆସି ଘଡ଼ିଏ ହେଲାଣି, ହେଲେ ସୂର୍ଯ୍ୟଙ୍କର ଦେଖାନାହିଁ, ଆକାଶଟାକୁ କଳା ବାଦଲ ଢାଙ୍କିକି ରଖିଛି । କେତେବେଳେ ବର୍ଷିଯିବ ଠିକଣା ନାହିଁ । ନିତେଇକୁ ବର୍ଷା ଆଗରୁ ହୋଟେଲରେ ପହଁଚବାକୁ ପଡିବ । କାଲି ରାତିରୁ ଝିଅକୁ ହୋଟେଲ ରେ ଛାଡ଼ିଛି । ସକାଳୁ ସକାଳୁ ଆଣିବାକୁ ପଡିବ । ତରବରହୋଇ ଲୁଗା ପିନ୍ଧି ବାହାରି ପଡିଲା ନିତେଇ । ଘରେ ତାଲା ପକାଇ ଦୁଇ ପାଦ ଆଗୁକୁ ଯାଇଛିକି ନାହିଁ, ଝୁ ଝୁ କରି ଢାଳିଦେଇଗଲା ଅଦିନଆଁ ବର୍ଷା । ଫେରି ଆସିଲା ନିତେଇ । ଦୁଆର ମୁହଁରେ ଚଟିଆ ପକାଇ ଅପେକ୍ଷା କରି ରହିଲା ବର୍ଷା ଛାଡିବାକୁ । ଆକାଶ ଟାକୁ ଚାହିଁ ବୁଡିଗଲା କୋଉ ଭାବନା ରାଜ୍ୟରେ ।

କେଉଁ ଏକ ଅଖ୍ୟାତ ପଲ୍ଲୀର ନିହାତି ଗରିବ ପରିବାରରେ ନିତେଇର ଜନ୍ମ । ବାପ ମା ମଲାପରେ ଭାଇ ଭାଉଜଙ୍କ ତାଡନା ସହି ନପାରି ପଳାଇ ଆସିଲା ସହରକୁ । ଏଣେ ତେଣେ ବୁଲି କାମ ଖୋଜିଲା । ଗୋଟେ ଠିକାଦାର ପାଖରେ ଇଟା, ବାଲି, ସିମେଣ୍ଟ କାମ କଲା । ଶ୍ୟାମଳ ବର୍ଣ୍ଣ ହେଲେ କଣ ହେଲା, ନିତେଇ ଦେଖିବାକୁ ଭାରି ସୁନ୍ଦର । ତାର ସେ ପୁରିଲା ପୁରିଲା ଦେହ ଉପରେ ଠିକାଦାର ପୁଅର ନଜର ପଡିଲା । ବିଭିର୍ଣ୍ଣ ପ୍ରକାର ପ୍ରଲୋଭନ ଦେଖାଇ ତା ସହିତ ଶାରୀରିକ ସମ୍ପର୍କ ରଖିବାକୁ ବାଧ କଲା । ଯେତେ ଚେଷ୍ଟା କରି ମଧ ରକ୍ଷା କରିପାରିଲାନି ସେଇ ରାକ୍ଷସ ପାଖରୁ । ନିତେଇ ଗର୍ଭବତୀ ହେଲା । ଫେରାଦ ହେଲା ଠିକାଦାର ପାଖରେ । କିଛି ଲାଭ ହେଲାନି, ବରଂ ଠିକାଦାର ତାକୁ କାମରୁ ବାହାର କରିଦେଲା । ବୁଲି ବୁଲି ପିଲାଙ୍କ ଖେଳନା ବିକ୍ରି କଲା । କିନ୍ତୁ ଦୁର୍ଭାଗ୍ୟ ତାର ପିଛା ଛାଡ଼ିଲାନି । ଖେଳନା କିଣିବା ବାହାନାରେ ଲୋକେ ତାର ଶରୀର ଉପରେ ନଜର ପକାଇଲେ, ମୋଟା ଅଙ୍କର ପ୍ରଲୋଭନ ଦେଖାଇଲେ । ପାଦ ଖସିଗଲା ତାର ସେଇ ଅନ୍ଧାରି ମୂଲକ ଆଡକୁ ।

ISSN NO.
2582-208X


ଦଶ ମାସ ପରେ ନତେଇ ଏକ ଶିଶୁ କନ୍ୟାକୁ ଜନ୍ମ ଦେଲା । ଝିଅ ବଢିବାକୁ ଲାଗିଲା, ନତେଇ ପରି ସୁନ୍ଦର ମଧ୍ୟ । ଭାବିଲା ଏ ଅନ୍ଧାରି ମୁଲକରୁ ବାହାରିଯିବା ପାଇଁ, ପାରିଲାନ । ଦାରିଦ୍ର୍ୟର ତାଡନା, ପଇସାର ଲୋଭ ଓ ଦେହର ଭୋକ ତାକୁ ସଜେଇ ଦେଲା ଏକ ତଥାକଥିତ ପେଷାଦାର ଗଣିକା । ବଡ ବଡ ଲୋକଙ୍କର ଶଯ୍ୟା ସଙ୍ଗିନୀ ହେଲା, ହୋଟେଲ ଗଲା ସୁରା ପାନ କଲା । ଝିଅକୁ ଏ ଦୁନଆ ଠାରୁ ଦୁରେଇ ରଖିବାକୁ ଚେଷ୍ଟା କରି ବିଫଳ ହେଲା । ଜ୍ଞାତ କମ୍ବା ଅଜ୍ଞାତସାରରେ ଝିଅ ମଧ୍ୟ ମା ର ଅନୁଗାମୀ ହେଲା ।

ନତେଇକୁ ଷାଠିଏ ଟପିଲାଣି । ବଜାରରେ ଆଉ ତାର ଗ୍ରହିଦା ନାହିଁ । ଏବେ ଝିଅର ଗ୍ରହିଦା ବେଶୀ ।

ବର୍ଷା ଛାଡିଗଲା, ନତେଇ ଫେରି ଆସିଲା କଳ୍ପନା ଦୁନଆରୁ ବାସ୍ତବ ଦୁନଆକୁ । ତର ତର ହୋଇ ବାହାରି ପଡିଲା ଝିଅକୁ ଆଣିବାକୁ । ହୋଟେଲ ବାହାରେ ଅପେକ୍ଷା କରିଛି, ଦେଖିଲା ଏକ ବୟସ୍କଲୋକ ଝିଅ କାନ୍ଧରେ ହାତ ପକାଇ ହୋଟେଲ ବାହାରକୁ ଆସୁଛି । ଲୋକଟା ନକଟତର ହେଲା । ନତେଇ ନରେଖି ଗ୍ରହିଁଲା । ଠିକ ଚହିଁ ପାରିଲା ସେ ରାକ୍ଷସକୁ, ଯିଏ କ ତାର ସର୍ବନାଶ କରିଥିଲା । ଲୋକଟା ନତେଇ ପାଖକୁ ଆସି ନରେଖି କହିଲା, ତୁ ... ନତେଇ ବୋଧେ ? ଇଏ ତୋଅରି ଝିଅ ?

ନତେଇ ଢିମା ଢିମା ଆଖିରେ ଦାନ୍ତ ଚପି ଚପି କହିଲା ନାଁଇରେ ଯୋଗନୀଖିଆ, ଇଏ ତୋଅରି ଝିଅ ।

ଜୟଦେବ ବିହାର, ଭୁବନେଶ୍ୱର

ISSN NO.
2582-208X

# ସ୍ମୃତି ତୁମେ



ଆୟୁଷ୍ମାନ ତ୍ରିପାଠୀ

ସ୍ମୃତି ତୁମେ
ପଉଷ କାକର ଛୁଆଁ
ଉଠୁଅଛି ଆଜି
ହୃଦୟ ଭିତରୁ ଉନ୍ମୁକ୍ତ ଶୀତଳ ଧୂଆଁ।
ତୁମେ ହିଁ ଶାନ୍ତ
ଶ୍ରାବଣ ର ବାରିଧାର୍
ମନେ ଭରିଦିଅ
କୌତୁକ ପ୍ରେମ ର ସୀମାନ୍ତ ବ୍ୟାପୀ ନାର୍।
ସ୍ମୃତି ତୁମେ
ଅକୁହା ଉପନ୍ୟାସ
ଲେଖନୀ ମୁନରେ
ରଚ ଦିଅ ଆଜି ମୋର ଇତିହାସ।
ତୁମେ ହିଁ ସ୍ନିଗ୍ଧ
କାର୍ତ୍ତିକ ର ମଧୁବାସ
ଶୀତଳ ପ୍ରକୋଷ୍ଠେ
ଆଜି କାହିଁ ଲ୍ଗେ ବହ୍ନି ର ଆଭାସ।
ସ୍ମୃତି ତୁମେ
ମଧୁ ମିଳନ ର ଗତି
କସ୍ତୁରୀ ସୁଗନ୍ଧେ
ଚହଟାଇ ଦିଅ ଏ ସାର୍ ଭବ୍ୟ ପ୍ରକୃତି।
ତୁମେ ହିଁ ସ୍ଥିତି

ISSN NO.
2582-208X


ନବ ମନ୍ଦାକିନୀ ଧାର୍
ଢାଳିଦିଅ ଆସି
ଜୀବନ ଭୂଇଁ ରେ ଆଶା ର ମୁକ୍ତ ନିର୍ଝର୍ ।
ସ୍ମୃତି ତୁମେ
ଭଞ୍ଜ ଙ୍କ ଲାବଣ୍ୟବତୀ
ତୁମକୁ ଦେଖିଲେ
ଭାଙ୍ଗି ଯାଉଛି ଜୀବନ ର ନିୟତି ।
ତୁମେ ହିଁ ସ୍ୱପ୍ନ
ସାଗର ର ବାଲିଘର
ଭାଙ୍ଗିଗଲେ ସୁଦ୍ଧା
ଗଢ଼ିବାକୁ ଇଚ୍ଛା ସେ ସ୍ୱପ୍ନ ର ରାଜନଗର ।
ସ୍ମୃତି ତୁମେ
ଉଷ୍ମତା ର ପରିଚୟ
ଲଗେଇ ଦିଅ ହେ
ହିୟା ତଳେ ଆଜି ବହ୍ନି ଦେବତା ଙ୍କ ପୟ ।
ତୁମେ ହିଁ ଶକ୍ତି
ବିଫଳତା ବେଳ ସଖୀ
ବୁଣି ଦିଅ ଆସି
ନବ ଚେତନା ର ନବ କୌଶଳ ବିଭାସୀ ।
ସ୍ମୃତି ତୁମେ
ଶେଷ ପୃଷ୍ଠା ଜୀବନର
ସରିଯିବ ଆଜି
ମିଥ୍ୟା ସଂସାର ରେ ସବୁ କୁହୁକ ପ୍ରାଣର ।
ତୁମେ ହିଁ ମିଥ୍ୟା
ପ୍ରଲୋଭନ, ସମୟ ର
ହଜିଯିବ ଯେବେ
ଭାଙ୍ଗିବ ବ୍ୟୁହ ଅଧର୍ମ ସତ୍ୟ ର ।

ପ୍ରତିଷ୍ଠାତା, ମୁଖ୍ୟ ସମ୍ପାଦକ ଉତ୍ପନ୍ନା ସାହିତ୍ୟ ସଂସଦ,
ସିନ୍ଧେକେଲା,ବଲାଙ୍ଗୀର,ଓଡ଼ିଶା

ISSN NO.
2582-208X

# ଜଳ



ଅନାଦି ସେଠ

ବିଷ୍ଣୁ ପୋଦୀ ଗଙ୍ଗା ନାମରେ ପ୍ରକଟି
ମାତ ଉଦ୍ଭବି ଏ ଧର୍‌ଧାମେ
ଶୁଷ୍କ ଜଡ଼ ତତ୍ୱେ ଜୀବନ ପ୍ରକାଶୁ
ତୁହି ପ୍ରବାହୀଣ ଅବିର୍‌ମେ !!
ଜଳ ରୂପେ ପୃଥ୍ୱୀବାସୀଙ୍କୁ ଯେ ପାଳୁ
ଅନ୍ନ ଉତ୍ପାଦନ ଟି କରିଣ
ମନ୍ଦାକନୀ ରୂପେ ପାପୀଙ୍କୁ ଉଦ୍ଧାରୁ
ତାଙ୍କୁ ଦୋଷରୁ କରି ତାରଣ!!
ଗ୍ରୀଷମ ନଦାଘ ରୁଦ୍ରକୋପ ଜ୍ୱାଳା
ହୁଏ ଶାନ୍ତ ତୋହରି ପରଶେ
ମରୁପ୍ରାଣର ତୁ ଅଟୁ ମରୁଦ୍ୟାନ
ତୋର ନାମେ କୃଷକ ହରଷେ !!
ପରିବେଶ ତୋର ଇନ୍ଦ୍ରରୂପ ଯେଣୁ
ଏ ବୃକ୍ଷଗ୍‌ଜି ତୋର ବାହକ
ବନାନୀ ସୃଷ୍ଟିଟି ପୂଜା କର୍ମ ତୋର
ମାନବ ଜାତି ତୋ ପୂଜକ !!
କଠିନ ବାଷ୍ପୀୟ ତରଳ ଅବସ୍ଥା
ତୁହି ତିନ ରୂପେ ବିଦ୍ୟମାନ
ରସାୟନ ବନ୍ଧେ ବାନ୍ଧି ଯେ ହୋଇଣ

ISSN NO.
2582-208X

ଉଦଜାନ ସଙ୍ଗେ ଅମ୍ଳଜାନ !!
ମୃଦୁ କ୍ଷାର ପୁଣି ଲବଣ ତୋ ସ୍ୱାଦ
ତୋର ଭିନ୍ନ ଭିନ୍ନ ବ୍ୟବହାର
କ୍ଷୁଦ୍ର ରୂପ ଠାରୁ ବିଶାଳ ପର୍ଯ୍ୟନ୍ତେ
ବିଷ ଅମୃତର ସମାହାର !!
ବିହୁନେ ବହୁଳେ ନାଶ କରୁ ଧରା
ସର୍ବେ ତୋ ଶାନ୍ତରୂପ ଆସରା
ଅମୀୟ ବିତରୁ ତୃଷା ନିବାରିଣ
ତୋର ପାଦ ବନ୍ଦେ ସସାଗର୍ !!
ରକ୍ଷଣା ବେକ୍ଷଣା ବିଶୁଦ୍ଧି କରଣ
ଏତ ମାନବ ଜାତିର କର୍ମ
ତୋର ସେବା ଫଳେ ସୁଫଳ ମିଳଇ
ଯାହା ବେଦାଙ୍ଗ ବର୍ଣ୍ଣିତ ଧର୍ମ !!
ଜାଣି ଜଳ ହିଁ ଜୀବନ ଜଳ ହିଁ ମରଣ
ତାରେ ବେଳ ଥାଉଁ ବନ୍ଧ ବାନ୍ଧ
ସଞ୍ଚି ଯାଅ ପରବର୍ତ୍ତୀ ପିଢ଼ି ପାଇଁ
ତାଙ୍କ ଜୀବନ ହେବ ସ୍ୱଚ୍ଛନ୍ଦ !!
ଜଳ ନୁହେଁ ତୁହି ପତିତପାବନୀ
ତୁହି ନୀର ସାଗରର କ୍ଷୀର
ଅଜୀର୍ଣ୍ଣ ଉଦରେ ମହୌଷଧୀ ରୂପେ
ମାଁ ଗୋ ନେଇଥାଉ ଅବତାର !!
ଜାଗ ହେ ଜନତା କରି ଜାଗରଣ
ଆଜ ରକ୍ଷ ତୁ ନୀର ସମ୍ବଳ
ତୋ ପୂର୍ବପୁରୁଷ ଭଗିରଥ ଯାରେ
କରିଥିଲେ ସରଗୁ ଅମ୍ବଳ !!

ତୁଡୁକା, ବଲାଙ୍ଗୀର

ମଇ – ୨୦୨୨

www.vedantimagazine.com

ISSN NO. 2582-208X

# ନାଟକ

## ରାମ ରାବଣ ରାମାୟଣ



ସୁଧାଂଶୁ ଶେଖର ଦ୍ୱିବେଦୀ

।। ୧୯ ଦୃଶ୍ୟ ।।

(ଜଟା ଏକ ଦଉଡି ଦ୍ୱାରା ଖମ୍ବରେ ବନ୍ଧା ହୋଇଥାଏ। ହଣ୍ଟର ସାହାଯ୍ୟରେ ରାଣା ସାମନ୍ତରାୟ ନିର୍ଦ୍ଧମ ପିଟୁଥାଏ। ଅଦୂରରେ ଗାବରୁ ଛିଡା ହୋଇଥାଏ।)

ରାଣା– ହାରାମଜାଦା (ମାଡ଼) ନମକହାରାମ (ମାଡ଼) ବେଇମାନ (ମାଡ଼) ଶଳା ମୋହରି ଲୁଣ ଖାଇ ମୋ ସହିତ ବିଶ୍ୱାସଘାତକତା। ମାରି ମାରି ତୋତେ ଆଜି ଜୀବନରୁ ମାରିଦେବି।(ପୁନଃ ମାଡ଼)

ଜଟା– ଆଃ ବାବୁ ତୁଇ ମୋତେ ଆଉ ମାରନାରେ। ମୁଇ ମରିଗଲେ ମୋର ମାଇପିଟା ମୋର ବିନା ବଞ୍ଚବନିରେ।

ରାଣା– ମାରିବିନି ତୋତେ ପୂଜା କରିବିବେ–ରାଣା ହାବୁଡ଼ରେ ପଡିଛୁରେ ବେଟା ତୋତେ ଆଜି ଏଇ ଶାଙ୍କୁଚ ଲାଙ୍ଗୁଡ଼ରେ ପିଟି ପିଟି ମାରିଦେବି।(ମାଡ଼)

ଜଟା– ତୁଇ ଜଙ୍ଗଲରେ ଗଛ ବୃଛ କାଟୁଛୁ। ଗଛ ବୃଛର ଜୀବନ ଅଛିରେ ବାବୁ। ଗଛ ବିନା ବର୍ଷା ହେବନି, ବର୍ଷା ନହେଲେ ପାଣି ମିଳିବନି। ପାଣି ବିନା ସମସ୍ତେ ଡହଳ ବିକଳ ହେବେରେ। ଗଛ ବିନା ଜଙ୍ଗଲ ରାଣୀ କଇଁ କଇଁ କାନ୍ଦୁଛି ତୁଇ କଣ ଶୁଣିପାରୁନୁରେ ବାବୁ? ମୁଇଁ ତା'ର କାନ୍ଦ ଦେଖି ସଇପାଇଲିନି। ପୋଲିସ ଲୋକ ପାଖେ କହିଦେନି ବୋଲି ମୋତେ ବାନ୍ଧିକରି ପିଟୁଛୁ କିଆଁ। ତୋର ଏ ଅନ୍ୟାୟ ଭଗବାନ ସହିବନିରେ।

ISSN NO.
2582-208X


ରାଣା– ଭଗବାନ!(ହସ) ଭଗବାନର ଦୁହି ଦେଇ ମୋତେ ଫସେଇ ବାକୁ ଚେଷ୍ଟା କରନା ଜଟା। ଏତେ ସହଜରେ ମୁଁ ଫସିବିନିରେ। ତୁ ଜାଣୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ୭ କୋଟି ୮୦ ଲକ୍ଷ ଲୋକ ମଲେ। କେହି ଆହା ବୋଲି ପଦେ କହିଲେନି। ଅଥଚ ମୁଁ ଏ ଜଙ୍ଗଲରୁ ଗଛ ହାଣୁଛି ବୋଲି ତୋର ଗଛ ପ୍ରତି ବହୁତ ମାୟା ମମତା ଉଚ୍ଛୁଳୁଛି। କିରେ ଜଙ୍ଗଲ ତୋ ବୋପାର ନା ଅଜାର?

ଜଟା– ଗଛ ନରହିଲେ ମଣିଷଗୁଡା ବଞ୍ଚବନିରେ ବାବୁ। ବର୍ଷା ବି ହେବନି।

ରାଣା– ନହେଉ-- ବରଷା ହେଲେ କେତେ ନହେଲେ କେତେ? ମଣିଷ ବଞ୍ଚିଲେ କେତେ ମଲେ କେତେ? ତୋର ଶଳା ଏତେ ମୁଣ୍ଡ ଖେଳେଇବାର କଣ ଦରକାର। ମହାତ୍ମା ଗାନ୍ଧୀ ହେବାକୁ ଚେଷ୍ଟା କରନା ନାଥୁରାମଠାରୁ ଗୁଳି ଖାଇ ମରିଯିବୁ। ଶଳା ହାଣ୍ଡିଆ ପିଇବୁ କାମ କରିବୁ। ମହାପୁରୁଷ ଭଳି ଜନ ସେବା କଲେ ମୋ ହାତରେ ମାରିବୁ। ବାଷ୍ଟର୍ଡ! ମୋତେ ପୋଲିସ ହାତରେ ଧରେଇବୁ ନୁହେଁ ରହ ତୋ ଗଳା ଚିପି ଶେଷ କରୁଛି। ଆବେ ଗାବରୁ ଦେଖୁଛୁ କଣ ବେ ଏଇଟା ଗଳାରେ ଏଇ ଶାଙ୍କୁଚ ଲାଙ୍ଗୁଡ଼ ଗୁଡେଇ ଚିପି ଚିପି ମାରିଦେ। ମରିଯାଉ ଶଳା। ମରିଗଲେ ମୋ ରାସ୍ତାର ଗୋଟେ କଣ୍ଟା ଦୂର ହେବ।

ଗାବରୁ– ଅଭି ହୋ ଯାଏଗା ମାଲିକ। ଅଭି ଅଭି ମେ ଉସକୋ ଖତମ କରଦୁଙ୍ଗା। ଅପ ଚିନ୍ତା ମତ କିଜିଏ। (ଗାବରୁ ଜଟା ଗଳାରେ ଶାଙ୍କୁଚ ଲାଙ୍ଗୁଡ଼ ଗୁଡେଇ ଟାଣିବା ସମୟରେ ମାଳତୀ ଚିତ୍କାର କରି ପ୍ରବେଶ କରେ)

ମାଳତୀ– ବା--ବୁ! ମୁଇଁ ତୋର ଗୋଡ଼ ଧରୁଛନ ତୁଇ ତାକେ ଛାଡ଼ଦେଏରେ....(ରାଣାର ଗୋଡ଼ ଧରେ)

ରାଣା– ଛାଡ଼ିଦେ ଛାଡ଼ିଦେ ଛାଡ଼ିଦେରେ ଗାବରୁ। ଆ– ହା ଘଇତା ମରିଗଲେ ମାଇପ ତା'ର ବେସାହାରା ହୋଇଯିବରେ। ଉଠ ଉଠ ଛାଡ଼ିଦେଇଛି ଉଠ।

ମାଳତୀ– ତୋର ଭାରି ମଙ୍ଗଳ ହେବରେ ବାବୁ ତୁଇ ମୋର ମରଦ କୁ ଛାଡ଼ିଦେଇଛୁ।

ISSN NO.
2582-208X

ରାଣା– (ହସ) ଫସେଇଦେଲୁ। ତୁ ମୋତେ ଫସେଇଦେଲୁଲୋ। ତୋ ଫାଶରେ ପଡି ତୋ ଘଇତାକୁ ଦଣ୍ଡମୁକ୍ତ କଲି। ଶୁଣିଛି ଆଦିବାସୀ ଝିଅଗୁଡା କୁଆଡେ ନିଜ ଦେହକୁ ଅନାବୃତ କରି ଦିଅନ୍ତି କାମନାକୁ ବିନାଶ କରିବାପାଇଁ। କିନ୍ତୁ ତୁ ତ ଗୋଟେ ପାହାଡ଼ି ଫୁଲଲୋ... (ମାଳତୀର ଦେହକୁ ଶୁଙ୍ଘିହୁଏ) ଆ–ହା–ହା ତୋ ଦେହର ବାସ୍ନାରେ ମନ ମୋର ମୋହିଗଲା।

ମାଳତୀ– ତୁଇ ଏମିତି କଣ ହେଉଛୁରେ ବାବୁ।

ରାଣା– ତୁ ଆଜି ମୋତେ ଫସେଇ ଦେଇଛୁ ଲୋ ପାହାଡ଼ି ଫୁଲ। ତୋ ଭିତରେ ଯେତେ ମକରନ୍ଦ ଅଛି ଆଜି ମୁଁ ଶୋଷି ଶୋଷି ସବୁ ଶେଷ କରିଦେବି। (ମାଳତୀକୁ ଧରିନିଏ)

ମାଳତୀ– ମୁଇଁ ତୋକେ ଭିକ ମାଗୁଛିରେ ତୁଇ ମୋର ସାଥେ କିଛି ଖରାପ କାମ କରନା। ମୋର ମରଦକୁ ଛାଡ଼ିଦେ।

ରାଣା– (ହସ) ରାଣା ସାମନ୍ତରାୟ ଯେଉଁ ସାପକୁ ତା ରଙ୍ଗ ମହଲରେ ବାନ୍ଧିରଖେ ତା'ର ବିଷାକ୍ତ ଗରଳ ନ ଝଡ଼ିଲା ପର୍ଯ୍ୟନ୍ତ ମୁକ୍ତି ଦିଏନି। ଆଉ ତୋ ଘଇତାର କେମିତି ଗରଳ ନିଷ୍କାସନ ହେବ ତାର ମନ୍ତ୍ର ହେଉଛି ତୁ-----(ସଜୋରେ ଚାପିଧରେ)

ମାଳତୀ– ନାଇଁ ବାବୁ ତୁଇ ମୋକେ ଛାଡ଼ିଦେ--(ଛାଟିପିଟି ହୁଏ)

ଜଟା– ବାବୁ ମୋର ମାଲତୀକୁ ତୁଇ ଛାଡ଼ିଦେ---

ରାଣା– ବିଖ୍ୟାତ ସାହିତ୍ୟିକ ପ୍ରେମଚାନ୍ଦ କହିଥିଲେ– ସୁଯୋଗ ଥରେ ଆସେ। ସେଇ ସୁଯୋଗ ଯେତେବେଳେ ଆପେ ଆପେ ମୋ ପାଖକୁ ଆସିଛି ତାକୁ କଣ ମୁଁ ଏତେ ସହଜରେ ଛାଡ଼ିଦେବି? ଉଁ ହୁଁ ଲୋକେ ବୋଲିବେ କଣ? ରାଣା ସାମନ୍ତରାୟ ସାମାନ୍ୟ ଗୋଟେ ପାହାଡ଼ି କନ୍ୟାକୁ ଜବତ କରି ପାରିଲା ନାହିଁ।

ମାଳତୀ– ବାବୁ ମୁଇଁ ତୋକେ ନେହୁରା ହଉଛେ ତୁଇ ମୋର ଇଜତ ନେବାର ଚେଷ୍ଟା କରନା।

ISSN NO.
2582-208X

ରାଣା– ତୁ ଆଜି ମୋତେ ଫସେଇଦେଲୁଲୋ ମୁଁ ତୋତେ ଆଜି ମୋ ରଙ୍ଗ ମହଲର ରାଣୀ କରିବି ଆ ଆ ଆଲୋ ମୋ ରାଣୀ– (ଶାଢ଼ୀ କାନି ଧରି ନିଜ ପାଖକୁ ଟାଣିଆଣି ଚାପିଧରେ)

ଜଟା– ରାଣା ସାମନ୍ତରାୟ (ଦଉଡି ଛିଡେଇ ରାଣାର ଗଳାକୁ ଚାପି ଧରେ) ମୁଇଁ ତୋକେ ଆଜି ଛାଡ଼ବିନିରେ ରାଣା ମୁଇଁ ତୋକେ ଆଜି ମାରିଦେମି। (ଗାବରୁ ସହସା ଜଟାକୁ କାବୁ କରିନିଏ) ପରମୁହୂର୍ତ୍ତରେ ଜଟା ଗାବୁରୁକୁ ମାଡ଼ମାରି ମୁକୁଳିଯାଏ।ଦୁହିଙ୍କ ମଧ୍ୟରେ ଲଢ଼େଇ ହୁଏ। ଶେଷରେ ଗାବରୁ ହାରିଯାଏ) କୁତ୍ତା–କମିନା ତୁଇ ମୋକେ ବାନ୍ଧିବୁନା ତୁଇ ମୋର ମାଲତୀକେ ଖରାପ ନଜର ରଖିବୁନା ମୁଇଁ ତୋକେ ମାରି ମାରି ବେହାଲ କରିଦେମି(ମାଡ଼ ମାରେ)

ରାଣା– ତୁ ରାଣା ସାମନ୍ତରାୟ ଦେହରେ ହାତ ଲଗେଇଛୁ ମାନେ ମୁଁ ତୋତେ ...(ଛୁରୀ ବାହାର କରି ମାରିବା ସମୟରେ ମାଳତୀ ସମ୍ମୁଖକୁ ଆସିଯାଏ। ତା' ପେଟରେ ଛୁରା ଭୂଷିଜାଏ)

ମାଳତୀ– ଆଃ ତୁଇ ମୋକେ ମାରିଦେଲୁ..ରେ...ଆଃ

ଜଟା–(ଧରିନେଇ)ମା–ଲ–ତୀ– ତୋର କି ହେଲାରେ ତୁଇ କାଣପାଇଁ ମୋର ଆଗେ ଆସିଲୁ?

ମାଳତୀ–ମୁଇଁ ଆଉ ବଞ୍ଚବିନିରେ.. ମୁଇଁ ଆଉ...ଆଃ...(ଯନ୍ତ୍ରଣା)

ଜଟା– ନାଇଁ ମାଳତୀ ତୁଇ ସେମିତି କହନା... ଚାଲ ମୁଇଁ ତୋକେ ଡାକତର ପାଖେ ନେଇଯିମି।

ମାଳତୀ– ନାଇଁରେ ମୁଇଁ ଆଉ ବଞ୍ଚବିନିରେ। ଏଇ ଦେଖ ସେପଟରେ ତୋର ବା' ମା' ମୋକେ ଡାକୁଛନ। ମୁଇଁ ଯିମିରେ ମୁଇଁ ତାଙ୍କର ପାଖେ ଯି... ମି..(ମୃତ୍ୟୁ)

ଜଟା– ମାଲତୀ..ମାଲତୀ ଆରେ ତୁଇ ମୋକେ ଛାଡି କେନ୍ତା ଚାଲିଗଲୁ..ମୁଇଁ କେମିତି ବଞ୍ଚମିରେ ମୁଇଁ କେମିତି ବଞ୍ଚମି....(କାନ୍ଦୁଥାଏ)

ରାଣା- ମ-ରି-ଗ-ଲା---। ବିଚାରୀ ମୋତେ ଫସେଇ ମରିଗଲାରେ ଗାବରୁ। ହଉ ଏକପ୍ରକାର ଭଲ ହେଲା।

ଜଟା- ଏଇ ମାଲତୀ ତୁଇ ମୋକେ ଏକଲା ଛାଡି ଚାଲି ଯାଆନାରେ ...ମୁଇଁ ତୋକେ ଡାକତର ଦେଖାଇ ଭଲ କରିମି। ମୁଇଁ ତୋକେ ବଞ୍ଚେଇମି...(କାନ୍ଧରେ ଧରି ଅସ୍ଥାନ)

ରାଣା- ଶବକୁ ବଞ୍ଚେଇବାର ବୃଥା ପ୍ରଳାପ (ହସ)ଗଲା ମୋ ରାସ୍ତାରୁ ଗୋଟେ ବଡ଼ କଣ୍ଟା ଆପେ ଆପେ ନିଷ୍କାସିତ ହୋଇଗଲା। ମାଇପର ମୃତ୍ୟୁରେ ବିଚରା ଜଟା ବି ପାଗଳ ହେବ। ପାଗଳ ହୋଇ ପ୍ରଳାପ କରି କହିବ- ଗଛର ଜୀବନ ଅଛି। ଶଳା ନିଜ ଜୀବନ ଅସମ୍ଭାଳ ଗଛର ଜୀବନ ବଞ୍ଚେଇବ। (ହସ)ଏଥର ମୁଁ ନିଷ୍କଣ୍ଟକ। ନା -ନା -ନା ନିଷ୍କଣ୍ଟକ ହେବି କେମିତି? କେତେ ବଡ଼ ବଡ଼ ଶତ୍ରୁ ମୋ ଚାରିପଟେ ଘେରି ରହିଛନ୍ତି। ଦଶରଥ ସିଂହ, ରମଣ ସିଂହ ଆଉ ମୋ ଭାଇ ଗୃହଭେଦୀ ବିଭୀଷଣ। ଏମାନେ ସମସ୍ତେ ରାଣା ସାମନ୍ତ ରାୟର ଟାର୍ଗେଟ। ତଥାପି ଜଟା ଉପରେ ତୋତେ ନଜର ରଖିବାକୁ ହେବ ଗାବରୁ। ଇଚ୍ଛା କରିଥିଲେ ମୁଁ ସେ ଆଦିବାସୀକୁ ଏଇଠି ଖତମ କରି ଦେଇଥାନ୍ତି। କିନ୍ତୁ ନା ଲିଖିତ ରସିଦ ହିସାବରେ ଥାଉ କେବେ ଯଦି କାର୍ଯ୍ୟରେ ଆସିପାରେ....!(ଫ୍ରିଜ)

(ମଞ୍ଚ ଅନ୍ଧାର)

କ୍ରମଶଃ.........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ମୋ ଓଡିଶା



ଲିନା ମହାନ୍ତ

ଗରବେ କହିବି ମୁଁ ତ ଓଡ଼ିଆ
ରାଜ୍ୟ ମୋହର ଓଡିଶା,,
ଜନମୁଁ ଶୁଣିଛି ଶିଖି ମୁଁ କହିଛି
ଓଡ଼ିଆ ମୋହରି ଭାଷା ।।
ମନ୍ଦିରମାଳିନୀ ପୁଣ୍ୟ ଜନନୀ
ସାଗର ଧୁଏ ଚରଣ,,
ଶୋଭା ପାଉଥାଏ ମସ୍ତକେ ତାର
ନେତ ପତିତପାବନ ।।
ଇତିହାସ ତାର ଶୁଣି ଫୁଲିଉଠେ
ଗରବେ ମୋହର ଛାତି,,
ଶୁଣି ପ୍ରାଣବଳି ହୁଅଇ କମ୍ପନ
ଦେହରେ ଭରଇ ତାତି ।।

ଜଗତସିଂହପୁର

ISSN NO.
2582-208X

# ନିଶ୍ଚୟ ଫେରି ଆସିବି ବୋଲି



ଅର୍ଜୁନ ମେହେର (ଆଶ୍ରିତ)

ମତେ କଥା ଦେଇ ଯାଇଛ ଯେ
ନିଶ୍ଚୟ ଫେରି ଆସିବି ବୋଲି
ହେଲେ ଆସିନ ତ ସେ ଦିନୁ
କେତେ ଫଗୁଣ ଯାଇଛି ଚାଲି
ମତେ କଥା ଦେଇ ଯାଇଛ ଯେ
ନିଶ୍ଚୟ ଫେରି ଆସିବି ବୋଲି ॥୧!

ରଙ୍ଗ ଅବିର ଥୁଆ ହେଇଛି
ଯଥାବତ ସେଇଠି ଆଜି ଯାଏଁ
ତୁମେ ଆସି ଥିଲେ କଥା ରଖି
ତୁମ ଦେହେ ଦେଇଥାନ୍ତୁ ବୋଳ
ମତେ କଥା ଦେଇ ଯାଇଛ ଯେ
ନିଶ୍ଚୟ ଫେରି ଆସିବି ବୋଲି ॥୨!

ଅଗଣାରେ ଫୁଟି ରଜନୀ ଗନ୍ଧା
ମହ ମହ ମହାକାଇ ଦେଉଛି
ଗଭରେ ତୁମର ଖୋସି ଦିଅନ୍ତୁ ମୁଁ
ଆସିବାରେ କାହିଁକ କରୁଛ ଡେରି

ISSN NO.
2582-208X

ମତେ କଥା ଦେଇ ଯାଇଛ ଯେ
ନିଶ୍ଚୟ ଫେରି ଆସିବି ବୋଲି ॥ ୩!

ଗୋଟିଏ ପଟେ ରଜନୀ ଗନ୍ଧାର
ଭୁରି ଭୁରି ବାସର ମହକ
ସହିଛି କ କେଉଁ ସଉତୁଣୀ କେବେ
ଆଉ ଗୋଟେ ପଟେ ଫୁଟିଛି ମଲ୍ଲୀ
ମତେ କଥା ଦେଇ ଯାଇଛ ଯେ
ନିଶ୍ଚୟ ଫେରି ଆସିବି ବୋଲି ॥୪!

ମଳୟ ବି କରିଛି ଅଭିମାନ ବୋଧେ
ତୁମେ ନ ଆସିବାର ଜାଣି
କେବେ କେବେ ବହୁଛି ତ କେବେ
ମନ ଦୁଃଖେ ଯାଉଛି ଫେରି
ମତେ କଥା ଦେଇ ଯାଇଛ ଯେ
ନିଶ୍ଚୟ ଫେରି ଆସିବି ବୋଲି ॥୫!

କଥା ଦେଇ କଥା ରଖିବ ବୋଲିତ
ଅପେକ୍ଷାରେ ଅଛି ସେ ଦିନୁ
ଆଖିର ନଦ ହଜି ଯାଇଛି ସ୍ୱଣ
ତୁମେ କରି ନେଇଛ ସ୍ୱେରି
ମତେ କଥା ଦେଇ ଯାଇଛ ଯେ
ନିଶ୍ଚୟ ଫେରି ଆସିବି ବୋଲି ॥୬!

ISSN NO.
2582-208X


ଜୀବନର ଶେଷ ପାହାଚରେ ଛିଡ଼ା
ତୁମେ  ଆଉ ମୁଁ ମଧ୍ୟ
ଅଧା ହୋଇ ନ ରହୁ ପ୍ରେମ ଆମର
ଆଉ କାହିଁକି କରୁଛ ଡେରି
ମତେ କଥା ଦେଇ ଯାଇଛ ଯେ
ନିଶ୍ଚୟ ଫେରି ଆସିବି ବୋଲି ॥ ୭।

ଗୌଡ଼ପାଲି,ବୁର୍ଲା
୯୪୩୭୨୫୪୯୭୩

ISSN NO. 2582-208X

# ଗ୍ରୀଷ୍ମ ଆଗମନ



ଅମୃତନାରାୟଣ ଶତପଥୀ

ଗ୍ରୀଷ୍ମ ଆଗମନ ଧରାପୃଷ୍ଠେ ବନ୍ଧୁ ବଢାଇ ଦିଏଯେ ତାପ,
ସେହି ତାପ ପୁଣି ପ୍ରାଣୀ ଉଦ୍ଭିଦଙ୍କ ବଢାଇତ ଦିଏ ଚାପ ।(୧)

ପ୍ରଚଣ୍ଡ ଗ୍ରୀଷ୍ମର ରୌଦ୍ରତାପରୁ ବୃକ୍ଷ ଛାୟାଯେ ଲୋଡା,
ହେଲେ ଜଙ୍ଗଲକ୍ଷୟ ଅଟଇ ବୋଝ ଉପରେ ନଳିତା ବିଡା ।(୨)

ଜଳାଭାବ ପୁଣି ଅଂଶୁଘାତ ଆଦି ଗ୍ରୀଷ୍ମ ଆଗମନେ ଆସେ ପୁନଶ୍ଚ,
ନିଜ କର୍ମଫଳ ଅଟଇ ଏସବୁ ନୁହେଁଯେ ପୂର୍ବ ନିର୍ଦ୍ଦିଷ୍ଟ ।(୩)

ସାବଧାନତା ଓ ସତର୍କତା ଲୋଡା ଗ୍ରୀଷ୍ମଋତୁରେ ପୁଣି,
ନିଜକୁ ସୁରକ୍ଷିତ ରଖହେ ସର୍ବେ ନମାରି କେବେ ଫୁଟାଣି ।(୪)

ପ୍ରତ୍ୟେକ ଋତୁକୁ ଉପଭୋଗ କର ଭଲମନ୍ଦ ଜାଣିନିଅ,
ପ୍ରକୃତିର ସର୍ବଦା ଯତ୍ନନିଅ ସର୍ବେ ସମୂହେ ବୃକ୍ଷ ଲଗାଅ ।(୫)

ନୟାପଲ୍ଲୀ, ଭୁବନେଶ୍ୱର,
ଓଡିଶା

ISSN NO. 2582-208X



ବେଦାନ୍ତି

# ଲଳିତ ନିବନ୍ଧ– କ୍ରୋଧ



ବଦ୍ରୀ ମହାନ୍ତି

ବୃତ୍ତି ଓ ପ୍ରବୃତ୍ତି ମଝିରେ ଜୀବନ ତମାମ ସଂଘର୍ଷ କରୁ କରୁ କେତେକେତେ ଭାବ ଅଭାବ, ସମ୍ପର୍କ ବିଚ୍ଛେଦ, ପ୍ରାପ୍ତି ଅପ୍ରାପ୍ତି ଓ ବିଷାକ୍ତ ମଧୁମୟ ମୁହୂର୍ତ୍ତର ସାମ୍ନା ହୁଏ ତାର ଇୟତ୍ତା ନାହିଁ। ସୌହାର୍ଦ୍ଦ୍ୟ ଓ ସହାବସ୍ଥାନର ଗଳିରେ ଚାଲୁ ଚାଲୁ ଆନନ୍ଦ ଓ ସନ୍ତୋଷ ସହିତ ରକମ ରକମ ମଣିଷ ଆପଣାର ହୋଇ ଯାଆନ୍ତି ଭିନ୍ନ ଭିନ୍ନ ଅବସ୍ଥାରେ । ତା'ଭିତରେ ଉତ୍ପନ୍ନ ହେଉଥିବା ମନଃସ୍ଥିତି ସବୁବେଳେ ପ୍ରିୟତମ ନହୋଇ ବିପରୀତମୁଖୀ ହୋଇଯାଏ। ଏ ଅଦ୍ଭୁତ ବିଚିତ୍ର ଓ ଆଲୋଡନକାରୀ ଗୁଣଟି 'କ୍ରୋଧ' । ଏହାର ଜନ୍ମ, ଚଳଣୀ ଓ ପ୍ରଭାବଯୁକ୍ତ ଅବସ୍ଥାନ ଯେତିକି ଆଲୋଚ୍ୟ ତତୋଧିକ ପୀଡାଦୟକ ତାର ସମ୍ପ୍ରସାରଣ ଓ ପରିଣତି। ଏହା ଏକ ଅନିର୍ବାଯ୍ୟ ଆବଶ୍ୟକତା !

କ୍ରୋଧର ଜନକ ଭୟ। ଭୟକୁ ନିୟନ୍ତ୍ରଣ କରିବାକୁ ଗଲାବେଳେ ଅଜାଣତରେ ସୃଷ୍ଟି ହୁଏ କ୍ରୋଧ। ନାନା ପରିସ୍ଥିତିରେ ଧୈର୍ଯ୍ୟ ଓ ସହାସର ଅଭାବ ଯୋଗୁଁ କ୍ରୋଧ ଉତ୍ପନ୍ନ ହୋଇ ପ୍ରକାଶ ପାଏ ଅସହାୟତା। ଆବଶ୍ୟକତା ପୂରଣ ନହେଲେ ବିଶ୍ୱାସ ଭାଙ୍ଗି ଗଲେ ଓ ନିଜ ଇଚ୍ଛା ମୁତାବକ ପରିଣାମ ପ୍ରାପ୍ତ ନହେଲେ ଜନ୍ମ ନିଏ କ୍ରୋଧ। ନିଜସ୍ୱ କଥାଟି ସାମ୍ନା ଲୋକ ନଶୁଣିଲେ ସମସ୍ୟା ଘେର ଭିତରେ ପ୍ରଶ୍ନର ଜଙ୍ଗଲରେ ଉତ୍ତର ନମିଳିଲେ ରାଗ ଆପଣାଛାଏଁ ଆସିଯାଇଥାଏ। 'ମୋତେ ଜଣେ ଅପମାନ ଲାଞ୍ଛନା ଦେବ ମୁଁ ଚୁପଚାପ୍ ବସିବି' – ଭାବନା ବେଳେବେଳେ ରୂପାନ୍ତରିତ ହୁଏ କ୍ରୋଧକୁ।

ସାମାଜିକ ଜୀବନରେ କ୍ରୋଧ ବିନା କଷ୍ଟ ପ୍ରଦାନକାରୀ ଅନ୍ୟ ବ୍ୟକ୍ତି ଦ୍ୱାରା ଚିର ନିବୃତ୍ତିର ସୂତ୍ର ଖୋଜି ପାଆନ୍ତା ନାହିଁ। କୌଣସି ଦୁଷ୍ଟ ବ୍ୟକ୍ତି ପ୍ରହାର କରିବା ପରେ ଆଃ ଉଃ କରି ତାକୁ ମୁକ୍ତି ପାଇଯାଉଥିଲେ ପ୍ରଭାବହୀନ ହୋଇଉଠେ କ୍ରୋଧ। ମନ୍ଦବୁଦ୍ଧିଯୁକ୍ତ ମଣିଷ

ISSN NO.
2582-208X

ନିକଟରେ ବିବେକ ଦୟା ଆଦି ସଦଗୁଣ ସୃଷ୍ଟି ହେବାପାଇଁ ଅନେକ ସମୟ ଲୋଡା। ଏଇ ସାମାନ୍ୟ କଥା ନିମନ୍ତେ କେହି ଏତେ ସମୟ ଦେଇ ପାରିବେ ନାହିଁ। ଏହାର ଅର୍ଥ ନୁହେଁ ଯେ କ୍ରୋଧକୁ କ୍ରୋଧ ଦ୍ୱାରା ସମାଧାନ କରାଯିବ! ଆମ ପଡ଼ୋଶୀ ଯଦି ପ୍ରତିଦିନ ଓଲଟା ସିଧା ଶୁଣାଇ ଯାଉଥାଏ, ତାକୁ କୌଣସି ଦିନ ଧରି ଓଲଟା ପ୍ରତିବାଦ କରି ତାର ଶୁଦ୍ଧ ପ୍ରତିକାର  କରା ନଯିବ ତେବେ ଏହା ଧୀରେ ଧୀରେ ବୃଦ୍ଧି ପାଇବ ସିନା ବନ୍ଦ ହେବନାହିଁ। ପ୍ରତିଦିନ ଗାଳି ସହିବାର ଦୁଃଖରୁ ବଞ୍ଚିବାର ବିଧାନ ବୋଲି ଏହାକୁ ବିଚାର କରାଯାଇ ପାରେ। ସବୁବେଳେ ଦୁଃଖ ପ୍ରଦାନକାରୀକୁ ଦୁଃଖ ଦେବାର ଭୟ ନଥାଇପରେ, ମାତ୍ର ଆମ ସମାଜ ପାଇଁ ଏହା ଏକାନ୍ତ ଲୋଡା। ଏହା ସୁଦ୍ଧା ସତ୍ୟ ଯେ କ୍ରୋଧିତ ହେବାବେଳେ ମନ ଭିତରେ ସୃଷ୍ଟି ହୋଇ ନଥାଏ ଲୋକ କଲ୍ୟାଣର ବୃହତ୍ତର ଭାବନା। ଅତଏବ ଅଧିକାଂଶ କ୍ରୋଧ ପ୍ରତିକାର ଜନିତ ମନର ଗୋଟାଏ ଗୋଟାଏ ଅସ୍ଥିର ଅବସ୍ଥା।

ମଣିଷର ଚରମ ଶତ୍ରୁ କ୍ରୋଧ। କିଛି ଲାଭ ବା ସନ୍ତୋଷ ଦେବା ପରିବର୍ତ୍ତେ ଏହା ପ୍ରଦାନ କରିଥାଏ ପ୍ରଚୁର କ୍ଷତି। ସମ୍ମୁଖ ରଣକ୍ଷେତ୍ରରେ ବିଜୟ ପ୍ରାପ୍ତି ପରିବର୍ତ୍ତେ ପ୍ରତିପକ୍ଷଙ୍କୁ ଲାଭାନ୍ୱିତ କରେ।  ଶାନ୍ତି ଓ କୋପ ଉଭୟ ସାଥିହୋଇ ବିଚରଣ କରୁଥିବାରୁ ଶାନ୍ତି ପଛକୁ ଚାଲିଗଲେ କ୍ରୋଧକୁ ସୁଯୋଗ ମିଳେ ଅଗ୍ରସର ହେବା ପାଇଁ। ଫଳସ୍ୱରୂପ ନିଜଉପରୁ ନିୟନ୍ତ୍ରଣ ହରାଇ ବସି ଅପଶବ୍ଦ ବ୍ୟବହାର ଓ ମାରପିଟ୍ କରିବା ଭଳି ଘଟଣାର ସୂତ୍ରପାତ ଘଟେ। କେବଳ ତା ନୁହେଁ ମସ୍ତିଷ୍କ ନିୟନ୍ତ୍ରଣ ବାହାରକୁ ଚାଲି ଯାଉଥିବାରୁ ନିଜ ପାଇଁ ନାନା କ୍ଷତି ସାଧନ କରେ ମଣିଷ। କ୍ରୋଧିତ ବ୍ୟକ୍ତି ପ୍ରଥମେ ନିଜ ଘରେ ନିଆଁ ଲଗାଇ ସାରି ପଡ଼ୋଶୀ ଘରେ ଅଗ୍ନି ସଂଯୋଗ କରେ।

ବୁଦ୍ଧିବିନାଶକାରୀ କ୍ରୋଧ ନିଜ ଉପସ୍ଥିତି ଜାହିର କଲାବେଳେ ଅତ୍ୟନ୍ତ ବିବେକୀ ଜ୍ଞାନବନ୍ତ ବୁଦ୍ଧିମାନ ବ୍ୟକ୍ତି ସୁଦ୍ଧା ପରାଜିତ ହୋଇଯାଆନ୍ତି। ଏହା ଅଙ୍କୁରିତ ହୋଇ ପ୍ରସାରିତ ହେବା ସମୟରେ ବୁଦ୍ଧି ସାଥୀ ହୋଇପରେନା। ଏମିତି କିଛି କରିବସେ ଯାହା କେବେ ସ୍ୱପ୍ନରେ ବା କଳ୍ପନାରେ ଅଙ୍କୁରିତ ହୋଇ ନଥାଏ। ଆଉ ସେ ସମୟରେ ଜ୍ଞାନବନ୍ତ ସର୍ବଶ୍ରେଷ୍ଠ ବ୍ୟକ୍ତି ଜଣକ ରୂପାନ୍ତରିତ ହୋଇଯାଏ ଦାନବ ରୂପରେ। କ୍ରୋଧର ସଶକ୍ତ ପଞ୍ଜାରେ ବନ୍ଧା ପଡ଼ିଯାଏ ତାର ଚିନ୍ତା ଚେତନା ବିବେକ ସବୁକିଛି। ଜାଣିପାରେନା ସେ କଣ କରୁଛି, କାହିଁକି କରୁଛି ଓ ତାର ପ୍ରତିଫଳ କଣ ! ତୁଟିଯାଏ ଆପଣାର ଅନ୍ତରଙ୍ଗ ସମ୍ପର୍କ ସବୁ। ଅନେକ ସମୟରେ ଏହା ସୁଦ୍ଧା ଦେଖାଯାଏ ପ୍ରତିପକ୍ଷର ଆଦୌ ତ୍ରୁଟି ନଥିବା ପରେ ବି ଏ ସ୍ଥିତି ସୃଷ୍ଟି ହେଉଛି

ବୁଝାମଣାର ଅଭାବ ଯୋଗୁଁ। କଠୋର ଶବ୍ଦ ପ୍ରୟୋଗ ଓ ନିଷ୍ଠୁର ବ୍ୟବହାର ପରମ ଆତ୍ମୀୟ ବନ୍ଧୁଙ୍କୁ ଦୂରକୁ ନେଇଯାଏ। ଅତି ସାଧାରଣ କଥା ଯୋଗୁଁ ମଧ୍ୟ ନିଜର ଭାରସାମ୍ୟ ହରାଇ କ୍ରୋଧୀ ବ୍ୟକ୍ତି ସାମ୍ନାରେ ଥିବା କୌଣସି ବସ୍ତୁ ଫିଙ୍ଗାଫିଙ୍ଗି ଭଙ୍ଗାରୁଜା କରି ପାଏ ଆତ୍ମସନ୍ତୋଷ। ଏପରିକି ଯଦି ଫୋନ କରି କରୁ ରାଗ ଜନ୍ମ ନିଏ ତେବେ ବିଚରା ଫୋନ କପାଳରେ ଲେଖାହୋଇଯାଏ ଅପମୃତ୍ୟୁ। ଆଘାତ ଦେବା ଦ୍ୱାରା ନିଜର ପ୍ରିୟଜନ ପରି ପ୍ରିୟ ଓ ମୂଲ୍ୟବାନ ବସ୍ତୁ ହରାଇବାକୁ ପଡ଼ିଥାଏ। ଆଉ ସବୁଠୁ ବଡ କ୍ଷତି କରେ ନିଜ ସ୍ୱାସ୍ଥ୍ୟର। ଧମନିରେ ଦୃତ ରକ୍ତପ୍ରବାହ ଏବଂ ସ୍ନାୟବିକ ଉତ୍ତେଜନା ଆମନ୍ତ୍ରଣ କରେ ବିପଦଜନକ ସ୍ୱାସ୍ଥ୍ୟ ସମସ୍ୟା। ଉଚ୍ଚ ରକ୍ତଚାପ,ମଧୁମେହ, ହୃଦରୋଗ ଓ ମସ୍ତିଷ୍କ ବ୍ୟାଧି ପରି ଦୁରାରୋଗ୍ୟ ସମସ୍ୟାର କାରଣ ସୁଦ୍ଧା କ୍ରୋଧ।

କ୍ରୋଧର ଏକ ଲଘୁ ସ୍ୱରୂପ ଚିଡଚିଡ଼ାପଣ। ଶବ୍ଦ ମଧ୍ୟରେ ସବୁବେଳେ ସୀମିତ ରହିଥାଏ ଏହାର ବ୍ୟଞ୍ଜନା। କୌଣସି ସମୟରେ ଏହା ଉଗ୍ର ରୂପ ନେଲେ ବାଧାପ୍ରାପ୍ତ ହୁଏ ପ୍ରବୃତ୍ତି। ପ୍ରସ୍ତୁତ କରିଥିବା ଖସଡ଼ା ଓ ନିର୍ଦ୍ଧାରିତ କାମ ଠିକ୍ ସମୟରେ ଓ ଠିକ୍ ଭାବେ ସମ୍ପୂର୍ଣ୍ଣ ନହେଲେ ସାମାନ୍ୟ କାରଣରୁ ଜନ୍ମନିଏ ଚିଡଚିଡ଼ାପଣ। ଏହା ଉଗ୍ର, ଭୟାନକ ବା ବିପଦ ଜନକ ନୁହେଁ ସତ, ମାତ୍ର ରୋଗୀ ଓ ବୃଦ୍ଧଙ୍କ ଠାରେ ସାଧାରଣରେ ପରିଦୃଶ୍ୟ ହେଉ ଥିବାରୁ କୌଣସି କାଳେ ଏହା ଗୁରୁତ୍ୱ ବହନ କରେନାହିଁ। ଶିଶୁ ମାନଙ୍କ ନିମନ୍ତେ ଏ ଗୁଣଟି ଏକ ବିନୋଦ ଦାୟକ ସାମଗ୍ରୀ। ପାରିବାରିକ ଜୀବନରେ ପତିପତ୍ନୀ ପିତାପୁତ୍ର ଭାଇଭାଇ ମଧ୍ୟରେ ରାଗରୁସା କଥା କଟାକଟି ହେବା ଗୋଟାଏ ସାଧାରଣ ଦୃଶ୍ୟ। ବିଶେଷତଃ ମଧ୍ୟବିତ୍ତ ପରିବାର ମଧ୍ୟରେ ଅର୍ଥ, ସମ୍ପର୍କ, ଗୃହ ପରିଚାଳନା ଆଦି ସମସ୍ୟା ଯୋଗୁଁ ବିଷମୟ ସ୍ଥିତିଟି ଜନ୍ମଦିଏ  ସଭିଙ୍କ ଭିତରେ।

ପ୍ରତି କାଳଖଣ୍ଡରେ ପୁରାଣ ଓ ଇତିହାସର ମହାନ୍ ଚରିତ୍ର ଭିତରେ ଯେଉଁ କ୍ରୋଧର ଚିତ୍ର ପ୍ରକଟିତ ତାହା କେବଳ ବିନାଶକାରୀ ଓ ଅନ୍ଧକାର ଦିଗକୁ ପ୍ରଦର୍ଶିତ ନକରି ହଜାର ହଜାର ବର୍ଷ ଧରି ସକାରାତ୍ମକ ଦିଗଟି ଆଦର୍ଶ ପାଲଟି ଯାଇଛି  ମାନବ ସମାଜ ପାଇଁ। ଶ୍ରୀରାମଙ୍କ କୋପ ସମଗ୍ର ରାମାୟଣରେ ଏବଂ ଶ୍ରୀକୃଷ୍ଣଙ୍କ କ୍ରୋଧ ମହାଭାରତରେ ବିଭିନ୍ନ ପ୍ରସଙ୍ଗରେ ଯେଉଁ ଭଳି ଚିତ୍ରିତ ହୋଇ ତାର ପରିଣତି ଦର୍ଶାଯାଇଛି ତାର ଅନିର୍ବାଯ୍ୟ ଆବଶ୍ୟକତାକୁ କୌଣସି କାଳେ ଅସ୍ୱୀକାର କରି ହେବନାହିଁ। ଚାଣକ୍ୟଙ୍କ କ୍ରୋଧ ତତ୍କାଳୀନ ରାଷ୍ଟ୍ର ଓ ସମାଜ ନିର୍ମାଣ ପାଇଁ କେତେ ଜରୁରୀ ଥିଲା ଇତିହାସର ଜୀର୍ଣ୍ଣ ପୃଷ୍ଠା ତାର ସାକ୍ଷୀ। କେତେ

କେତେ ସମ୍ରାଟ ନରପତି ସେନାପତି ବୁଦ୍ଧିଜିବୀ ଓ ନୀତିଜ୍ଞ କ୍ରୋଧର ସାହାରା ନେଇ ସମାଧାନ କରିଛନ୍ତି ବହୁ ଉତ୍କଟ ଅଲଂଘ୍ୟ ପ୍ରଶ୍ନ। ସମ୍ପ୍ରତି ଅବିଶ୍ୱାସନୀୟ ମନେହୋଇପାରେ। ଅବଶ୍ୟ ମାତ୍ରାଧିକ ଓ ଅନାବଶ୍ୟକ କ୍ରୋଧର ପ୍ରତିକୂଳ ପରିଣାମ ସୁଦ୍ଧା ଦେଖିବାକୁ ମିଳିଛି ସମୟରେ ବିଭିନ୍ନ ଅବସ୍ଥାରେ।

ନିୟନ୍ତ୍ରଣ ଓ ସୀମାରେଖା ଭିତରେ ଅବସ୍ଥାନ କରିବା ଇ ଜୀବନର ଚାବିକାଠି। ସଙ୍କେତରୁ ରାଗକୁ ଚିହ୍ନି ପାରି ସମ୍ଭାବ୍ୟ ସମାଧାନ ଖୋଜିପାରିବାଠୁ ବଡ ଗୁଣ ଆଉ କିଛି ନାହିଁ। ନିଜ ଅଭିବ୍ୟକ୍ତିରେ ଏହା ପ୍ରକାଶିତ ହେବାର ସଂଭାବନା ଜାଣିଯିବା ମାତ୍ରେ କିଛି ଦିନ ବୃତ୍ତିଗତ ଜୀବନରୁ ଅବସର ନେଇଯିବା ଆବଶ୍ୟକ। ଗଭୀର ଚିନ୍ତନ ଓ ଅନୁଶୀଳନ ପରେ କିଛି କହିବା ଓ ଉପଚାର କରିବା ଦ୍ୱାରା ହ୍ରାସ ପାଇଥାଏ କ୍ରୋଧ। ସକାରାତ୍ମକ ବକ୍ତବ୍ୟ, ଆନନ୍ଦ ପ୍ରଦାନକାରୀ ବିଷୟ ସହିତ ରାତିରେ ଉପଯୁକ୍ତ ବିଶ୍ରାମ ହିଁ ରାଗକୁ ନିୟନ୍ତ୍ରଣ ବାହାରକୁ ଯିବାକୁ ଦେଇନଥାଏ। ମଜା ମଜଲିସ, ହସଖୁସି ଓ ସ୍ୱାସ୍ଥ୍ୟ ଉପଯୋଗୀ ସୁଖାଦ୍ୟ ଅନନ୍ତ ଦୂରକୁ ନେଇଯାଏ ବିଧ୍ୱଂସକାରୀ କ୍ରୋଧକୁ। ତେଣୁ ବାଇ ମହାନ୍ତି ଚିତ୍କାର ନକରି ନମ୍ରତାର ସହ କହିବୁଲନ୍ତି, "ହେ ପ୍ରିୟଜନ ! ପ୍ରବୃତ୍ତି ଯାହାବି ହେଉ ନା କାହିଁକି ମନ ଚିତ୍ତ ବିବେକକୁ ମିଶେଇ ସଜେଇ ଖୋଲା ଆଖିରେ ଘଟଣା ଦେଖ, ଚେରକୁ ଧରି ଶାଖା ପ୍ରଶାଖାର କାହାଣୀ ଶୁଣି ନିରୋଳା କଣ୍ଠରେ ମନଛୁଆଁ ଶବ୍ଦକୁ ଚାରିପାଖରେ ବିଛୁଡ଼ି ଦିଅ; ତେବେ ସିନା ରାଗରୁଷା ଅଦୃଶ୍ୟ ହୋଇ ଶାନ୍ତିର ଶୀତଳ ପବନଟିଏ ବହିଯିବ, ନଚେତ କ୍ରୋଧ ଓ କ୍ରୋଧଗ୍ନୀ ଯେ ଦିନେ ସଭ୍ୟତାର ଧ୍ୱଂସ ସାଧନ ନକରିବ ଏକଥା କିଏ କହିବ !"

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ମଲାଜହ୍ନ

ନରଞ୍ଜନ ସାହୁ

ଭାଙ୍ଗି ଯାଇଥିବା ମନକୁ ସଜାଡି
ଚାଲିବାକୁ ହୁଏ ବାଟ
ଯେତେଦିନ ଯାଏ ସରିନାହିଁ ଏହି
ରଙ୍ଗମଞ୍ଚେ ପରା ନାଟ ।

ରସହୀନ, ସ୍ୱାଦହୀନ, ରଙ୍ଗହୀନ
ଜୀବନଟା ପାଣିଚିଆ
ତଥାପି ସଜଡାସଜଡ଼ି ଭିତରେ
ମନୋଭାବ ଦିଆନିଆ
ସଉଦା ସରେନା କଉଡ଼ି ସରଇ
ଇଏ ତ ସଂସାର ହାଟ ।

ହାରି ଯାଇଥିବା ଜୀବନ ଜୀଇଁବା
ପରାସ୍ତ ସୈନିକ ପରି
ମୁଣ୍ଡ ଟେକିବାକୁ ବଳ ପାଏନାହିଁ
ରହଇ ଜୀବନ ଧରି
ତଥାପି ଦିଶଇ ଆଶାର କିରଣ
ନିଶ୍ଚେ ପାରିହେବ ଘାଟ ।

ନହଲପ୍ରସାଦ,
ଗନ୍ଦିଆପାଟଣା, ଢେଙ୍କାନାଳ

ISSN NO.
2582-208X

# ବିସ୍କୁଟ



ରଶ୍ମୀବାଳା ଶତପଥୀ

ଗ୍ରାମଠୁ ସହର ସବୁଠି ପାଇବ
ସଭିଙ୍କର ମୁଁ ପ୍ରିୟ,
ଯେଉଁଠି ଖୋଜିବ ସେଠିଯେ ପାଇବ
ସମସ୍ତେ ଦିଅନ୍ତି ମୋତେ ଶ୍ରେୟ।

ନୁହେଁ ମୁଁ ସୀମିତ ଆଜନ୍ମ ବିସ୍ତୃତ
ଏଠି ସେଠି ସବୁଠି,
ସଭିଏଁ ସାଦରେ ଗ୍ରହଣ କରନ୍ତି
କ୍ଷୁଧା ନିବାରଣ କରେ ଏଠି।

ରୂପରେ ରଙ୍ଗରେ ଭିନ୍ନ ଭିନ୍ନ ମୁଁ
ଭିନ୍ନ ମୋ ବେଶ ପରିପାଟୀ,
ମନୁଷ୍ୟର ହସ୍ତ କଳା କୌଶଳରେ
ଅଭୂଷଣ ପାଏ ସବୁଠି।

ISSN NO.
2582-208X

ଶିଶୁର କ୍ରନ୍ଦନର ଅବକାଶ ମୁଁ
ଶୀତ ସକାଳର ଚା'ର ସାଥୀ,
ମୋର ସ୍ପର୍ଶ ଥରୁଟେ ନ ପାଇଲେ
ଦେହରୁ କମେନି ତାତି।

ଆବାଳବୃଦ୍ଧବନିତା ସମସ୍ତଙ୍କ ପ୍ରିୟ
ମୋ ବିନା ଗତି ନାହିଁ,
ସର୍ବଦା ରହେ ସଭିଙ୍କ ସାଥେ
ସଭିଙ୍କର ଖୁସି ପାଇଁ।

ଯାଜପୁର ଟାଉନ୍, ଯାଜପୁର

ISSN NO.
2582-208X

# ସ୍ୱପ୍ନ



ରଶ୍ମିତା ସାହୁ

ଏ ଶୁଣତ! ତୁମେ କେବେ ମୋତେ,
ତୁମ ସ୍ୱପ୍ନ ରେ ଆସିବାକୁ ଅନୁମତି ଦେଇଛ?
ତୁମେ କେବେ ମୋତେ ନିଜ ସ୍ୱପ୍ନ ରେ,
ମୁକ୍ତ ଭାବେ ବିଚରଣ କରିବାକୁ ସ୍ୱାଧିନତା ଦେଇଛ??
କେବେ ତୁମ ସ୍ୱପ୍ନ ରେ,
ତୁମକୁ ସ୍ପର୍ଶ କରିବାର ଅଧିକାର ଦେଇଛ???
ଅବା ତୁମ ସହ ମତେ ଯୋଡି ତୁମ ସ୍ୱପ୍ନରେ ସ୍ଥାନ ଦେଇଛ????

ତୁମ ଉତ୍ତର ଯଦି "ନା" ହୁଏ,

ତେବେ-
ମୋ ସ୍ୱପ୍ନ ରେ ତୁମେ
କାହା ଅନୁମତି ନେଇ ଆସୁଅଛ...
କୁହତ କେମିତି
ଅବାଧ ରେ ମୋ ସ୍ୱପ୍ନ ରେ ବିଚରଣ କରୁଛ..
କେଉଁ ସାହସ ରେ ତୁମେ ମୋ ସ୍ୱପ୍ନ ରେ
ମୋ ବିନା ଅନୁମତିରେ ମତେ ସ୍ପର୍ଶ କରୁଛ...
କଉ ଅଧିକାର ନେଇ
ମୋର ସବୁ ସ୍ୱପ୍ନରେ ମୋ ସହ ରହୁଛ???

ଛତ୍ରପୁର (ଗଞ୍ଜାମ)
Email-rasmi.k.sahu777@gmail.com

ISSN NO.
2582-208X

# ଅଚହ୍ନା ବନ୍ଧନ

(ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ଅତୀତ ଓ ବର୍ତ୍ତମାନର ଅନେକ କଛି ବଦଳଯାଇଛି । ଭାରତୀୟ ସଂସ୍କୃତି ଓ ପରମ୍ପରାରେ ନାରୀକୁ ଆଦରର ସହିତ ବିଶିଷ୍ଟ ସ୍ଥାନ ଦିଆଯାଇଛି । ନାରୀର ଗାରିମାକୁ ଗୌରବାନ୍ୱିତ କରାଯାଇଛି । କାରଣ ନାରୀ ଚରକାଳ ସମାଜ ତଥା ପରିବାରର ପରମ୍ପରା ରକ୍ଷା ପ୍ରତି ସଚେତନ ଆଉ ପ୍ରତିଶ୍ରୁତିବଦ୍ଧ । କନ୍ତୁ ଆଜିର ସମୟରେ ନାରୀ କପରି ନଜର ସ୍ୱାଧୀନତାକୁ ନେଇ ବିଶୃଙ୍ଖଳତ କରି ତୋଳୁଛି ପରିପ୍ରକାଶ କରିବା ନନ୍ଦନୀୟ ।

ମାନବିକତା ଯେଉଁମାନଙ୍କ ଧର୍ମ, ମନୁଷ୍ୟ ଯେଉଁମାନଙ୍କର ଜାତି, ପ୍ରେମ ଯେଉଁମାନଙ୍କର ଭାଷା, ଅହିଂସା ଯେଉଁମାନଙ୍କର ସଂପ୍ରଦାୟ, ଘର ଯେଉଁମାନଙ୍କର ମଣିଷର ଅନ୍ତର, ଆଉ ଆଦର୍ଶ ଯେଉଁମାନଙ୍କର ତ୍ୟାଗ ସେମିତି ବ୍ୟକ୍ତିତ୍ୱ ମିଳବା ବୋଧେ ଏତେ ସହଜ ନୁହଁ। କାଠିକର କଥା । ଏମିତି ସାଧନା ଯଦି ସମସ୍ତିଙ୍କ ମନ ଭାବନାରେ ସଂଗ୍ରାମ ସୃଷ୍ଟି କରନ୍ତା ତେବେ ସମାଜର କୁସଂସ୍କାର ଦୂର ହୋଇଯାଇଥାନ୍ତା । ବିଶ୍ୱଶାନ୍ତି ପ୍ରତିଷ୍ଠା ସହଜ ହୋଇପାରନ୍ତା । ଅନେକ ସାଧକ ଚେଷ୍ଟାରତ ହେଲେ ଆମ୍ଭମାନଙ୍କ ମନରେ କାମନା ଓ ସ୍ୱାର୍ଥ ନିଆଁ ଆମ୍ଭମାନଙ୍କୁ ଶାନ୍ତି ଓ ସଂସ୍କାର ପାଖରୁ ଦୂରେଇ ଦେଉଛି । ସମାଜ ଆଜି ଦେଖୁଛି ଆତ୍ମଘାତୀ ମହାଯଜ୍ଞର ଚିତ୍କାର ଆହ୍ୱାନ କରୁଛି ମୁକ୍ତିପାଇଁ । ଗଳି କନ୍ଦିରେ ଚାଲିଛି ଲୋକ ସଚେତନତା ହେଲେ ଆମେ ଆଜି ଧର୍ମକୁ ନେଇ ତାଣ୍ଡବ ରଚନା କରୁଛୁ ଭୟଙ୍କର ଯୁଦ୍ଧ ଆମନ୍ତ୍ରଣକୁ । ମୁସଲମାନ, ହିନ୍ଦୁ, ଖ୍ରୀଷ୍ଟିୟାନ, ଶିଖ, ବୌଦ୍ଧ ସମସ୍ତିଙ୍କୁ ଅନୁଭବ କରିବାକୁ ହେବ ଏଠାରେ କେବଳ ଛୁରୀ, ଭୁଜାଲି, ନାରୀ ଧର୍ଷଣ, ନାରୀର ଆଧୁନିକପଣିଆର ଅଭିମାନ ଆମ କାହାରିକୁ ଶାନ୍ତିରେ ରହିବାକୁ ଦେବନାହିଁ । ଅସୁରକ୍ଷିତ ହୋଇ ଦୁର୍ବଳ ହେବେ ନିଷ୍ପେଷିତ । ରଙ୍ଗିନ୍ ଦୁନିଆରେ ନାରୀ ଚାବିକାଠି ସାଜି ସଂସ୍କାରକୁ ଚିରିଚିରି ପଦାରେ ସ୍ଥାପନ କରିବାକୁ ଜମାରୁ ଲଜ୍ଜା ଅନୁଭବ କରିବ ନାହିଁ । ସେମାନଙ୍କ

ISSN NO.
2582-208X


ଭାବଧାରାରେ ପ୍ରେମ ତଟରେ ନିଜକୁ ସଜେଇ ଦିଅନ୍ତୁ କରୁଣାକରି । ବାଃ...... କି ଚମତ୍କାର ଦୁନିଆ । ଏଠାରେ ନାରୀମାନଙ୍କୁ କାମୁକ ରାକ୍ଷସମାନେ ଧର୍ଷଣ କରୁଥିବାବେଳେ ନାରୀ ସାଜୁଛି ବାରଙ୍ଗନା । ନିଜ ରୂପ, ଅର୍ଥର ଅହଂକାର ବାଢୁଛି ପର ପୁରୁଷଙ୍କପାଖରେ । ଏଇଟା କଣ ଜଗନ୍ନାଥଙ୍କ ସଂସ୍କୃତିଆଦର୍ଶ, ନା ପରମ୍ପରା । ଖଟିଖିଆ ଗରିବର ଝିଅ ଯଦି କାହା ଗାଡିରେ ବସିଗଲା ଗାଁର ମୁଖିଆମାନେ ମହାଭାରତ ରଚନା କରିଦିଅନ୍ତୁ । ହେଲେ ମୁଖିଆମାନଙ୍କ ଝିଅ ଭଉଣୀ ଯାହା କଲେ ସେଇଟା ତାଙ୍କର ଷ୍ଟାଟସ୍ ବୋଲି କୁହାଯାଏ । ଆମ ଶିକ୍ଷିତ ସମାଜରେ ଯୌବନର ମାଦକତା ସେମାନଙ୍କୁ ଅନ୍ଧ କରିଦିଏ । ସମ୍ପର୍କ କଣ ବୁଝିପାରନ୍ତି ନାହିଁ । ଏହା ହିଁ ଆମ ସମାଜରେ ବଳଶାଳୀମାନଙ୍କର ବ୍ୟକ୍ତିତ୍ୱ । ନିଜର ଅର୍ଥବଳ ଓ ଉଚ୍ଚପଦ ପାଇଁ ଅଭିଯାନ ବାଢନ୍ତି । ବୁଝିପାରନ୍ତି ନାହିଁ ଏହାଦ୍ୱାରା ସେହିମାନଙ୍କର ହିଁ ବେଶୀ କ୍ଷତି ହୋଇଥାଏ ।

ଭୁବନେଶ୍ୱର ନୀଳିମା ହୋଟେଲ । ଯେମିତି ଆଜିର ସନ୍ଧ୍ୟାଟି ଇନ୍ଦ୍ରଧନୁର ରଙ୍ଗ ଭରି ଓଠରେ ଚନ୍ଦ୍ରମାର ଜହ୍ନୋନା ଲେପିଦେଇ ପାଦରେ ଆଧୁନିକତାର ଉଚ୍ଚ ହିଲ୍ ଜୋତା ଲଗାଇ ନୀଳିମା ହୋଟେଲକୁ ବନ୍ଦୀ କରିଦେଇଛି । ଠିକ୍ ସେହିପରି ସଜେଇ ହୋଇ ଆସିଥିଲେ କେତେ ଜଣ ଆଧୁନିକତାର ରଙ୍ଗ ବୋଳି । ତାଙ୍କ ପହରେ ଜନ୍ତାପରି ଘେରି ରହିଥିଲେ । କେତେ ଜଣ କାମୁକ ଆବଶ୍ୟକବେଳେ ସେମାନଙ୍କ ଜୋତା ଉଠାଇବାକୁ ପଛାଉ ନଥିଲେ । ବିଚନ୍ଦ୍ର ଭିତରକୁ ଆସ୍ତେ ଆସ୍ତେ ଯାଉଥାଏ । ଆଃ.... କି ଥଣ୍ଡା ତା ଭିତରେ । ଇନ୍ଦ୍ରଭୁବନ ପରି ଲାଗୁଛି, ହୋଟେଲରେ ତେଲୁଗୁଣି ପୋକପରି ଆଦୁଆ, ଅଙ୍କାବଙ୍କା ଶିଡିକୁ ନାନା ରଙ୍ଗର ଲାଇଟ୍ ଗୁଡିକ ଯେମିତି ନାଚ ନାଚ ଡାକୁଥିଲେ ଆସ ଆସ ବିଚନ୍ଦ୍ର ଆମ ସହିତ ମିଶି ନାଚବ । ଅନ୍ୟମନସ୍କରେ ବିଚନ୍ଦ୍ର ଯାଇ କାନ୍ଥରେ ବାଡେଇ ଗଲା । ଆରେ ... କି ହେମାଳ ଲୋ ବୋପା । ଆମ ଗାଁରେ ଏମିତି ହେମାଳ ନାହିଁ ମୋ । ଆଉ ଟିକଏ ଆଗକୁ ଗଲା ବିଚନ୍ଦ୍ର ।

ଜଣେ ସିକ୍ୟୁରିଟି ଆସି କହିଲା – ଆଜ୍ଞା କୁଆଡେ ?

ହୋଟେଲରେ ରହିବାକୁ ଆସିଛି । ରୁମ୍ ଅଛି କି ? ବିଚନ୍ଦ୍ର କହିଲା ।

ହଁ ଆଜ୍ଞା ଅଛି । ଦେଶୀ ନା ବେଦେଶୀ ଦରକାର ବାବୁ ?

ବୁଝିପାରିଲା ନାହିଁ ବିଚନ୍ଦ୍ର । ଯାହା ହେଲେ ଚଳବ ।

ISSN NO.
2582-208X

ଦେଶୀ କମ୍, ପଡିବ ।

ବିଦେଶୀ ବେଶୀ .. .. !

ଓକେ? କହି ଗ୍ଲବି ଧରି ବିଚନ୍ଦ୍ର ନିଜ ରୁମ୍ କୁ ଗ୍ଲଲିଗଲ୍। କିଛି ସମୟ ପରେ ଗୋଟିଏ ପ୍ଲେଟରେ ମଦ ଓ କିଛି ଚକେନ୍ ପକୁଡି ଧରି ଜଣେ ସୁନ୍ଦର ତରୁଣୀ ଚୁପି ଚୁପି ହସରେ ଭିତରକୁ ପସିଆସିଲେ। ଯେମିତି ଲ୍ଗିଲ୍ ଝରକାର ପରଦା ହଟାଇ ବହୁ ଆଲୁଅ ପଶିଆସି ବିଛଣା ଉପରେ ଲ୍ଟେି ପଡିଛି। ବିଚନ୍ଦ୍ର ବିଛଣାକୁ ଗ୍ଧହିଁ ଦେଖିଲ୍ ସତରେ ଜହ୍ନ ପରି ଜଳୁଥିବା ସେହି ତରୁଣୀ ଜଣକ ନିଜର କିଛି ବସ୍ତ୍ର ଖୋଲି ନାଲି ଓଠରେ ଇସାର୍ ଆଙ୍କୁଥାଏ।

ଆସ ପ୍ଲିଜ୍ .....।

ଦେହରେ ସଙ୍କୋଚ ଓ ଡର ତରଙ୍ଗାୟିତ ହୋଇଯାଉଥାଏ ବିଚନ୍ଦ୍ରଙ୍କର। କଣ କରିବ କିଛି ବାଟ ପାଉନଥାଏ। ଅନେକ ଦେହକୁ ଉପଭୋଗ କରିଥିବା ବିଚନ୍ଦ୍ର ଆଜି କାହିଁକି ଡରିଯାଉଛି?

ନା - ନା - ହୋଇପାରେନା ।

ମୁଁ କାପୁରୁଷ ନୁହଁ।

ମଦବୋତଲରୁ କିଛି ଗ୍ଲାରେ ଭରିଦେଇ ଆଇସ୍ ପକାଇ ପିଇଦେଲ୍। ନିଷ୍ଠୁର ବାସ୍ତବତାକୁ ଏଡି ଦେଇ ଅଧାଜଳା ସିଗାରେଟ୍ କୁ ଫିଙ୍ଗିଦେଇ ତପ୍ତ ମରୁଭୂମି ଉପରକୁ ଲମ୍ଫ ପ୍ରଦାନ କଲ୍ପରି ସେହି ସୁନ୍ଦରୀ ତରୁଣୀକୁ ଚୁମ୍ବିବାରେ ଲ୍ଗିଗଲ୍। ନଥିଲ୍ କିଛି ପ୍ରତିବନ୍ଧକ। ସ୍ୱାଧୀନ ଏଠି ସମସ୍ତେ। ତେଣୁ ସ୍ୱାଧୀନ ଭ୍ବରେ ସବୁ କରିବାର ଅଧିକାର ଯେମିତି ଏହିମାନଙ୍କୁ ମିଳିଛି। ପଇସାର କର୍ମତି। ବଡ ଘରର ଝିଅ ପୁଅମାନେ ଏମିତି ନଷ୍ଟ କରିଦିଅନ୍ତି ନିଜର ବ୍ୟକ୍ତିତ୍ୱକୁ, ସମାଜକୁ, ପରିବାରକୁ, ସମ୍ପର୍କକୁ ଏବଂ ବିଶେଷକରି ନିଜର ପରିଚୟକୁ। ଏହି ରୁମ୍ ରୁ ବାହାରିଲ୍ ପରେ ନିଜରର୍ ପରିଚ୍ୟ ଦେବାକୁ ଇଚ୍ଛା କରନ୍ତିନାହିଁ। ଏହି ହଉଛି ଆମର ସଂସ୍କାର।

ISSN NO.
2582-208X


ସକାଳର ଶୀତଳ କରଣରେ ଶୀତେଇ ଉଠିଲା ସୁନନ୍ଦା । ଆଜି ଯେମିତି ଗୋଟେ ଅପରାଧ କରିଦେଇଛି ଲାଗିଲା । ନଜ ରୁମ୍ ରେ ବିଚନ୍ଦ୍ରକୁ ଦେଖି ଚମକ ପଡିଲା ସୁନନ୍ଦା ।

ତୁମେ, କେମିତି ମୋ ରୁମ୍ କୁ ଆସିଥିଲ, ସୁନ୍ଦରୀ ବିଚନ୍ଦ୍ରଙ୍କୁ କହିଲା ।

ଜାଣିଛ ମୁଁ କାହାର ଝିଅ । ଖାସ୍ ମିନଷ୍ଟରର ଝିଅ ମୁଁ । ଯାହା ଗ୍ରହିଁବ କରିପାରିବି । ନଜର ଅଧା ବସ୍ତ୍ର ଦେଖି ଚମକପଡିଲା ସୁନନ୍ଦା । ମୋର ଏ ଅବସ୍ଥା କଏ କରିଛି ।

ବିଚନ୍ଦ୍ର କହିଲା, କାଲି ତୁମେ ରାତିରେ ବୁଝିବା ଅବସ୍ଥାରେ ନଥିଲ । ମୋତେ ବାଧ କରିଥିଲ । ଆଉ ମୁଁ କଣ କରିଥାନ୍ତ ଯେ । ମୁଁ ପୁରାପୁରି ତିରିଶ ହଜାର ଟଙ୍କା ହୋଟେଲ ମାଲିକଙ୍କୁ ଗଣି ଆସିଛି ଗୋଟିଏ ରାତି ତୁମ ସହିତ ବିତେଇବା ପାଇଁ । ମୋର ପଇସା ବି ସରିଗଲାଣି ମାଡାମ୍ ଏବେ ମତେ ଏ ରୁମ୍ ଛାଡିବାକୁ ପଡିବ ।

ଗୁଡ୍ ବାଏ .... ବାସ୍ ଏତିକି କହି ବିଚିତ୍ର ନିଜ ବ୍ୟାଗ ଧରି ବାହାରକୁ ବାହାରିଗଲା । ଅନେକ ସୁନ୍ଦରୀମାନେ ମୁହଁରେ କପଡା ବାନ୍ଧି କାରରେ ବସି ଚାଲି ଯାଉଥାନ୍ତି । କାନ୍ଧରେ କାନ୍ଦ ମିଶାଇ ଟଳିଟାଳି ହାତରେ ସିଗାରେଟକୁ ଷ୍ଟାଇଲରେ ଧୂଆଁ ଅନ୍ୟର ମୁହଁରେ ଛାଡି ଦେଉଥାନ୍ତି । ଆଉ ଗୋଟିଏ ରୁମ୍ ରୁ ଜଗନ ବାହାରିବା ଦେଖି ବିଚିତ୍ର ଆଶ୍ଚର୍ଯ୍ୟ ହୋଇଗଲା । କଣ ଜଗନ ବି ଏଠି ପଥିକ ।

ହା ହା ହା ହା .. ।

ସମସ୍ତେ ଆସି ଏହି ନିଆଁରେ ଝାସ ଦିଅନ୍ତି ନିଜକୁ ।

ଜଗନ, ବିଚିତ୍ରକୁ ଦେଖି ଏଠି କଣ କରୁଛ ବିଚନ୍ଦ୍ର?

ହଁ .... । କଣ କାମ ତୋର ଏଠି?

ତୋର ଯାହା କାମ, ମୋର ବି ସେଇୟା । ବିଚନ୍ଦ୍ର କହିଲା ।

ତୁ ଜାଣିନାହୁଁ ବିଚନ୍ଦ୍ର ପୋଲିସ ଏବେ ଏଠାକୁ ଆସିଯିବ ତୁ ଶୀଘ୍ର ଏଠାରୁ ଚାଲିଯା ।

ଠିକ୍ ଅଛି ଜଗନ, ମୁଁ ଯାଉଛି । ଚାଲିଗଲା ବିଚନ୍ଦ୍ର ।

ଏହି ସମୟରେ ସାଧାରଣ ଭାବରେ ମଉଳ ଯାଇଥିବା ପଳାଶ ଫୁଲ ପରି ସୁନନ୍ଦା ଶିଡିରେ ଆସୁ ଆସୁ ଜଗନ ଓ ବିଚନ୍ଦ କଥାକୁ ଶୁଣି ଆଶ୍ଚର୍ଯ୍ୟ ଓ ଭୟଭୀତ ହୋଇଗଲା । ସୁନନ୍ଦା ନଜର ଭାରସାମ୍ୟ ହରାଇ ଶିଡିରେ ପଡିଗଲା । ଜଗନ ଦୌଡିଯାଇ ସୁନନ୍ଦାକୁ ଧରି ନଜ କାନ୍ଧରେ ପକାଇ କାରରେ ଶୋଆଇଦେଇ ଘରକୁ ନେଇ ଆସିଲା ।

ଦିନ ଦଶଟା ସମୟ ହୋଇଗଲାଣି ନିଜର ନିତ୍ୟକର୍ମ ସାରି ଜଗନ ଅଫିସ ଯିବାକୁ ବାହାରିଲା ବେଳେ ପଛରୁ ଆସି ସୁନନ୍ଦା ଜଗନର ହାତକୁ ଧରି ବିକଳ ଚାହାଣିରେ କିଛି କହିବାକୁ ଚାହିଁଲା । ଯେମିତି ଲାଗୁଥିଲା ସୁନନ୍ଦା ଆଜି ବହୁତ ବଦଳି ଯାଇଛି । ସାବିତ୍ରୀରେ ମା ଦେଇଥିବା ଶାଢି ପିନ୍ଧି ବେଶ ସୁନ୍ଦର ଲାଗୁଥିଲା । ଆଉ ଅଧା ଡ୍ରେସ୍ ନାହିଁ ତା ଦେହରେ । ଶୁଭୁନି କର୍କଶ ସ୍ୱରର ଗନ୍ଧ, ଆଧୁନିକତାର ବାସ୍ନା ନଥିବା ନିରୀହ ହରିଣୀପରି ଶାନ୍ତ ସରଳ ହୋଇଯାଇଛି । ମୁଣ୍ଡରେ ସିନ୍ଦୂର ଭରି ଓଢଣା ସହିତ । ଜଗନ କିଛି ଭାବି ପାରିଲାନାହିଁ । କଣ ନିଶ୍ଚୟ ହୋଇଛି । ଶାଢି ନାଁ ଶୁଣିଲେ ଯିଏ ଘୃଣାରେ ଛେପ ପକାଇଦିଏ, ପୁରାପୁରି ଗୋଟିଏ ମିଟର କପଡାରେ ପିନ୍ଧୁଥିବା କଟା କଟା ଆଧୁନିକ ଡ୍ରେସ, ସେ ପୁଣି ମୁଣ୍ଡରେ ସିନ୍ଦୂର ମଣ୍ଡେଇ ... । କିଛି ବୁଝିପାରୁ ନଥିଲା ଜଗନ । ଗାଡି ଷ୍ଟାର୍ଟ ବନ୍ଦ କରି ସୁନନ୍ଦାକୁ ଘର ଭିତରକୁ ନେଇ ଆସିଲା ।

କଣ ହୋଇଛି ସୁନନ୍ଦା ? ଆଜି ପୁରା ଅଲଗା ଲାଗୁଛ? ସୁନନ୍ଦା କିଛି କହିବାକୁ ସାହସ କରିପାରୁ ନଥିଲା । ଏତେ ଡରି ଯାଇଥିଲା ଯେ ନିରୀହ ଆଖିରେ ଅନେକ ଭାଷା ଲୁହ ସହିତ ପିଟି ହେଉଥିଲେ । ଜଗନ ମତେ ଭୁଲ୍ ବୁଝିବନି ତ । ନ କହିଲେ ବିଚିତ୍ର ଦିନେ ନିଶ୍ଚୟ କହିଦେବ । ତପରେ ଆଉ କିଛି ଭାବିପାରିଲାନି ସୁନନ୍ଦା କଣ କରିବ? ଜଗନର ପାଦ ଧରି ଜୋରରେ କାନ୍ଦିଉଠିଲା । ମୁଁ ଆଜି ବଡ ଭୁଲ୍ କରିଦେଇଛି ଜଗନ । ତୁମେ ମଧ୍ୟ କ୍ଷମା କରିପାରିବନି ମୁଁ ଜାଣିଛି, ମୁଁ ଆତ୍ମହତ୍ୟା କରିଦେବି ।

ଆରେ କଣ ହୋଇଛି କହିଲେ ସିନା ଜାଣିବି ।

ସେ ହୋଟେଲରେ କାଲି ରାତିରେ ବହୁତ କଛି ଘଟିଯାଇଛି । ମୁଁ କହିପାରିବିନ ତୁମକୁ ଜଗନ । ମତେ କ୍ଷମା କରିଦିଅ ? ମୋ ବାପା ମିନଷ୍ଟର ଭାବି ମୁଁ ଯେଉଁ ଅନ୍ୟାୟ ଅତ୍ୟାଚାର କରିଛି ତାର ପରିଣାମ ମତେ ମିଳଯାଇଛି ଜଗନ ! ତୁମ ବାପାମାଆ ଭାଇଭଉଣୀଙ୍କୁ ମୁଁ ବହୁତ ତିରସ୍କାର କରିଥିବାରୁ ଭଗବାନ ମତେ ବହୁତ ବଡ ଦଣ୍ଡ ଦେଇଦେଇଛନ୍ତି । ମୁଁ ଆଉ

ISSN NO.
2582-208X


ବଞ୍ଚିବାକୁ ଚାହୁଁନାହିଁ । କଳଙ୍କିତ ମୁହଁ କାହାକୁ ଦେଖାଇପାରିବିନ । ମୁଁ ଗୋଟିଏ ନାରୀମାନଙ୍କ ପାଇଁ କଳଙ୍କ । ମୋର ମରିଯିବା ଦରକାର ଜଗନ । କହିଦେଇ ଦୌଡିଯାଇ ନିଜ ରୁମ୍ ର କବାଟ ବନ୍ଦ କରିଦେଲା ସୁନନ୍ଦା ।

ଉପାୟହୀନ ହୋଇ କବାଟ ଭାଙ୍ଗିବାକୁ ପଡିଲା ଜଗନକୁ । ସେତେବେଳକୁ ସୁନନ୍ଦା ଫ୍ୟାନରେ ରଶି ଲଗାଇ ଦେଇଥାଏ । ଜଗନ କିଛି ଭାବିପାରିଲା ନାହିଁ । କବାଟକୁ ଭାଙ୍ଗି ଦେଇ ଫ୍ୟାନରୁ ରଶି କାଟିଦେଇ ବେଡ୍ ଉପରକୁ ନେଇ ଆସିଲା ସୁନନ୍ଦାକୁ । ସୁନନ୍ଦା ଚେତାଶୂନ୍ୟ ହୋଇଯାଇଥାଏ । ଦେହ ହାତ ଶୀତଳ ହେବାକୁ ଲାଗୁଥାଏ । ଜଗନ କାଳବିଳମ୍ବ ନକରି ଡାକ୍ତର ସପନଙ୍କୁ ଫୋନ କଲେ । ଡାକ୍ତର ଆସି ଚେକ୍ କରି କିଛି ମେଡିସିନ ଖାଇବାକୁ ଲେଖିଦେଲେ ଏବଂ କହିଲେ ତୁରନ୍ତ ମାଡାମ୍ ଙ୍କୁ ଦିଅନ୍ତୁ ଜଗନବାବୁ । ତାଙ୍କ ବ୍ୟାଗ ଧରି ଡାକ୍ତରଙ୍କୁ ତାଙ୍କ ଗାଡି ପାଖରେ ଛାଡି ଦେଇ ଆସି ସୁନନ୍ଦା ଔଷଧ ଆଣି ଖୁଆଇଦେଲେ । ସୁନନ୍ଦା ମଧ୍ୟ ଔଷଧ ଖାଇ ଶୋଇଗଲା ଜଗନ ମନରେ ଅନେକ ପ୍ରଶ୍ନ ମତିଭ୍ରମ କରୁଥାଏ । ଧିରେ ଧିରେ ରଶି ଲଗାଇ ଥିବା ରୁମ୍ କୁ ଯାଇ ଦେଖିଲା । କଣ ହୋଇପାରେ କାରଣ ? ଚାରିଆଡେ ଅନେକ ଖୋଜିଲା ପରେ ହଠାତ୍ ଗୋଟେ ଡାଇରୀ ତଳେ ହାତଲେଖା କାଗଜ ଖଣ୍ଡେ ପାଇଲା । ତାକୁ ପଢି ବସିଲା । ଜଗନ ପାଦତଳୁ ଯେମିତି ମାଟି ଖସିଗଲା ପରି ଲାଗିଲା ।

ଜଗନ ତୁମେ କ୍ଷମା କରିଦେବ । ମୁଁ ଆଜି ନୀଳମା ହୋଟେଲରେ ମଦ ନିଶାରେ ଗୋଟେ ଝିଅ ପାଖରୁ ମଦ ଥିବା ପ୍ଲେଟ ଧରି ବିଚିତ୍ର ରୁମ୍ କୁ ଚାଲିଯାଇଥିଲି । ତାପରେ କଣ ହୋଇଛି ମତେ ଜଣାନାହିଁ ।

ଆଉ ପଢି ପାରିଲାନାହିଁ ଜଗନ । ଆଖିରୁ କ୍ରୋଧର ଅଶ୍ରୁ ଝରିପଡୁଥାଏ । ବାପା ମାଆଙ୍କର ନୀତିଶିକ୍ଷା ଓ ସଂସ୍କାରର ମୂଲ୍ୟ ବିଶ୍ଳେଷଣ କରୁଥାଏ । ଯଦି ବାପା ମାଆର କଥା ମାନି ନେଇଥାନ୍ତି, ଆଜି ଏମିତି ଦୃଶ୍ୟ ଦେଖିବାକୁ ମିଳି ନଥାନ୍ତା । ଆଜି ବହୁତ ମନେପଡୁଛି ସେମାନଙ୍କ କଥା ଲୁହ ଛଳ ଛଳ ଆଖିରେ ମୋ ମା କେମିତି ମୋ ପଥ ଓଗାଳୁଥିଲା । ମତେ କ୍ଷମା କରିଦେବ ମାଆ । ତୋତେ ଦେଇଥିବା ଦୁଃଖର ପରିଣାମ ପାଇସାରିଛି, କହି ଭୋ ଭୋ କାନ୍ଦି ଉଠିଲା । ତାପରେ ସୁନନ୍ଦା ଆସି ଜଗନର ପାଦଧରି କ୍ଷମା ମାଗୁଥାଏ । ମତେ ମରିବାକୁ ଦିଅ ଜଗନ ।

ISSN NO.
2582-208X

ତୁମେ, ତୁମ ବାପା ମାଆଙ୍କ ପାଖକୁ ଫେରିଯାଅ ।

ଏମିତି କହନା ସୁନନ୍ଦା । ତୁମେ ଭୁଲ୍ ବୁଝିପାରିଛ, ସେତିକ ମୋ ପାଇଁ ପୁଣ୍ୟ । ତୁମେ ଯଦି ଗ୍ରହିଁବ ଦୁଇଜଣ ମିଶି ଗାଆଁକୁ ଯିବା । ବାପାଙ୍କୁ କ୍ଷମା ମାଗିନେବା ।

ନିଶ୍ଚୟ ଜଗନ, ସୁନନ୍ଦା କହିଲା । ଦୁଇଜଣ ମିଶି କାନ୍ଦି ଉଠିଲେ ନିଜର ବ୍ୟତିକ୍ରମ ସିଦ୍ଧାନ୍ତ ପାଇଁ । ଗାଁ କୁ ଯିବାପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେ ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ – ୭୫୪୦୨୨
ଭ୍ରାମ୍ୟଭାଷ –୯୯୩୭୩୪୭୩୧୮

ISSN NO.
2582-208X

# ସ୍ୱପ୍ନ



ଭଗିରଥୀ ଯାନୀ

ମନର କଳ୍ପନା ନୂତନ ଭାବନା
ଖୁସି ଦିଏ କିଛି କ୍ଷଣ,
ସେ ଭାବନା ସବୁ ନ ହେଲେ ପୂରଣ
ଏ ମନ ହୁଏ ମଳିନ।

ମହ ମହ ହୋଇ ଭାସି ଆସେ ଯେବେ
ଶୂନ୍ୟତାକୁ ଡେଇଁ ଡେଇଁ,
ବାସ୍ତବତା ପାଶେ ଦେଇ ପରିଚୟ
ଯାଏ ହୃଦୟକୁ ଛୁଇଁ।

ତାହାର ଠିକଣା ସଂପୂର୍ଣ୍ଣ ଅଜଣା
ତଥାପି ତା' ପାଶେ ମନ,
କାହିଁ ଘୁରିବୁଲେ କହିଦିଅ ଥରେ
ପାଇଛ କି ତା' ସନ୍ଧାନ।

କିଛି କିଛି ସ୍ୱପ୍ନ କର୍ମର ସ୍ୱରଶେ
ଜଣାଏ ତା'ର ଠିକଣା,
ଆଉ କିଛି କିଛି ଭାଗ୍ୟର ଚକ୍ରରେ
କରିଦିଏ ବୁଦ୍ଧି ବଣା।

ISSN NO.
2582-208X

ସ୍ୱପ୍ନ କେବେ କେବେ ଅନ୍ଧାର ପଥରେ
ମରିଚିକା ସୁନାଜହ୍ନ,
ତା' ପଛରେ ଯିଏ ଭ୍ରମେ ଯାଏ ଧାଇଁ
ନ ପାଏ ତାହାର ଚିହ୍ନ।

ସ୍ୱପ୍ନ ଅଟେ ଏକା କର୍ମର ପିଆଦା
ତା' ପଛରେ ସଦା ଥାଏ,
ପାଇବାକୁ ହେଲେ ମୂଳ ମର୍ମଟାକୁ
ବୁଝିବାକୁ ପଡିଥାଏ।

ଜୀବନେ ସର୍ବଦା ଭଙ୍ଗା ଗଢା ସ୍ୱପ୍ନ
ଯାଆ ଆସ କରୁଥାଏ,
କିଛି ମୃଦ୍ୟୁ ସୁଖ କିଛି କୋହ ଛାୟା
ଜୀବନରେ ଆସିଥାଏ।

କର୍ମରେ ନିପୁଣ ମାନବ ପାଖରେ
ଭାବନାର ଯେତେ ଆଶା,
ପ୍ରଚେଷ୍ଟା ବଳରେ ଅତି ସହଜରେ
ପୂରଣ ହୁଏ ସହସା।

ଦଳପଡା, ଖଜୁରୀପଡା,ଫୁଲବାଣୀ
ପିନ୍-୭୬୨୦୧୨, ଓଡ଼ିଶା

ISSN NO.
2582-208X

# ସୁଖ ଆଉ ଦୁଃଖ



ଝରଣା ବାରିକ

ବଜାର କୁ ଗଲି ସଉଦା କିଣି ମୁଁ
ମିଳୁଥିଲା ଦୁଇ ଚିଜ,
କାହାକୁ ଆଣିବି ଭାବି ପାରିଲିନି
ଦୁହେଁ ଥିଲେ ମୋର ନିଜ।

ଜଣକୁ କିଣି ମୁଁ ରଖିଲି ପାଖରେ
ଆଉ ଜଣେ ମତେ ଚାହେଁ,
ମତେ ତୋ ସାଥିରେ ନେଇଯା କହୁଛି
ମୁଁ କି ତୋ ନିଜର ନୁହେଁ।

ତାକୁ ଯାଇ ଯେବେ ଛୁଇଁ ଦେଲି ଟିକେ
ମୁରୁକି ହସିଲା ସିଏ,
ମତେ ନ ନେଇ ତୁ ତାକୁ ବାଛିନେଲୁ
ଜାଣିନୁ କି ମୁଁ କିଏ।

କହିଲି ଜାଣିଛି କପାଳ ଲିଖନ
କିଏ ବା ପାରିବ ପୋଛି,
ସୁଖ ଦୁଃଖ ପରା ତୁମେ ଦୁଇଜଣ
କାହାକୁ ନେବି ମୁଁ ବାଛି।

ISSN NO.
2582-208X

ଜଣେ ଆଗେ ଥିଲେ ଆଉ ଜଣେ ପରା
ରହିଥିବ ତାର ପଛେ,
କେମିତି ପାରିବି କାହାକୁ ଦୂରେଇ
ଲୁହ ଦିଏ ଜଣେ ପୋଛେ।

ଦୁଃଖ ଆଉ ସୁଖ ଦୁହିଁଙ୍କୁ କିଣିଲି
ନେଇ ଆସିଲି ମୋ ଘର,
ଜଣେ ହସ ହୋଇ ଓଠରେ ରହିଛି
ଆଖି ଲୁହ ଜଣେ ମୋର।

ସମଲ, ତାଳଚେର, ଅନୁଗୋଳ

ISSN NO.
2582-208X



# ଫେର୍‌ଇ ଦିଅ
# ମୋ'ରତ୍ନ



ଅଲେଖ ମେହେର

ସଂବେଶରେ ମୋର ନିତ୍ୟ  ହୁଏ ଗର୍ଭ ଶ୍ରୁତି,
ଲଳିତ ଅମିୟ ସ୍ୱନେ ପ୍ରକମ୍ପିତ ଛାତି।
ବସ୍ତ୍ର ପୁରଟ  ମୋହର,
ତୋର ବିହୁନରେ ହଂସା ଛାଡିବି ନିକର ।

ବରଜି ନୁହଇ ଶୋକ ରହିତ ଦିବସ,
ଅଗଣାରେ ଝରୁଥିବା ସ୍ନେହସୁଧା ରସ।
କରେ ଅଶନୀ ପ୍ରହାର,
ଇକ୍ଷଣ ପଟଳୁ ନୀର ଝରେ ନିରନ୍ତର।

ସତରେ କି ଲେଉଟିବ ସେ ଅତୀତ ଦିନ
ଅତିତର ବିଲୋକିବ ନିରିହ ନୟନ।
ଖେଦ ନିଶାନ୍ତରେ ସୁଖ
ଉଷା ବକ୍ଷ ଚିରି ଘସ୍ର ଢାଳିବେ ମୟୁଖ।

ବିରାଜିବ ହୃଦବନେ ଋତୁରାଜ  ହସି,
ଲେଉଟିବ ଅଟବୀରେ ହଜିଥିବା ଖୁସି।
ଆଶା ଅର୍ଣ୍ଣବର ଢେଉ,
ସ୍ୱପ୍ନ  ଅଧା ରୁହେ ନିତ୍ୟ  ରାତି ପାହୁ ପାହୁ ।

ISSN NO.
2582-208X

ଶ୍ରୀରାଧା ମାଧବ ପଦେ ଏଇତକ ଅଳି,
ଫେରାଇ ଦିଅ ମୋ' ରତ୍ନ ହୃଦୟ ଶଙ୍ଖାଳି।
ପିଣ୍ଡେ ଥିବାଯାଏ ପ୍ରାଣ,
କରୁଥିବି ହୃଦଗତେ ତୋ'ନାମ ସ୍ମରଣ।
ଅଲେଖ ମେହେର ସୋହେଲା ବରଗଡ

ସୋହେଲା, ବରଗଡ
ମୋ-୭୩୭୦୨୨୦୫୫୯

ISSN NO.
2582-208X

# "ମା"



ଅସିତ ମହାନ୍ତ

"ମା"ଙ୍କୁ ନେଇ ମୋବାଇଲ ଦୋକାନକୁ ଯାଇଥିଲି । ଅନେକ ମୋବାଇଲ ଦେଖିବା ପରେ ବିକ୍ରୟ କରୁଥିବା ପିଲାଟି କହିଲା – ଏଇ ସେଟ ଟି ନିଅନ୍ତୁ । ଏହାର ଇଣ୍ଟେରନାଲ ମେମୋରୀ ଅଧିକ ଏବଂ ଲୁକ ମଧ୍ୟ ଭଲ, ମୂଲ୍ୟ ହେଉଛି ୧୯,୮୦୦ । ମୁଁ ମୋବାଇଲ ଟି ମାଙ୍କୁ ଦେଖାଇଲି ଏବଂ କହିଲି, ମା ଏଇଟା ପସନ୍ଦ ହେଉଛି ତ! ପିଲାଟି ପଚାରିଲା, ଭାଇ କାହାପାଇଁ ନେବେ ? ମୁଁ କହିଲି ମାଙ୍କ ପାଇଁ । ପିଲାଟି କହିଲା ମାଙ୍କ ପାଇଁ ଯଦି ନେବେ ତାହେଲେ ଆଗରୁ କହିଲେ ନାହିଁ କାହିଁକି ? ମୁଁ ଭାବିଲି ଆପଣ ଆପଣଙ୍କ ପାଇଁ ନେଉଛନ୍ତି । ତାଙ୍କପାଇଁ ହଜାର ବା ଦୁଇ ହଜାରର ମୋବାଇଲ ଅଛି, ଦେଖେଇଥାନ୍ତି । ରୁହନ୍ତୁ ବାହାର କରୁଛି । ମୁଁ କହିଲି ନା ନା ଏଇ ମୋବାଇଲ ଟି ମା ନେବେ । ଏକଥା ଶୁଣି ପିଲାଟି ଟିକେ ଲଜ୍ଜିତ ହେଲା ଏବଂ କହିଲା, ଭାଇ କ୍ଷମା କରିବେ, ମୋର ଭୁଲ ହୋଇଯାଇଛି ।

ବାସ୍ତବରେ ଅନେକ ଲୋକ ମା ବାପାଙ୍କ ପାଇଁ ମୋବାଇଲ ପାଇଁ ଦୋକାନକୁ ଆସିଥାନ୍ତି, ଯାହାର ମୂଲ୍ୟ ହଜାର ବା ଦୁଇ ହଜାର ଭିତରେ ହୋଇଥାଏ । ପୁଣି ଥରେ ପିଲାଟି କ୍ଷମା ମାଗି ମୋବାଇଲଟି ପ୍ୟାକ କରିଦେଲା । ମୋବାଇଲ ଟି ଯେତେବେଳେ ମାଙ୍କ ହାତରେ ଦେଲି, ସେଦିନ ମାଙ୍କର ଖୁସିର ସୀମା ରହିଲା ନାହିଁ, ସେହି ଖୁସିର ବର୍ଣ୍ଣନା କରିବା ମୋ ପକ୍ଷରେ ସମ୍ଭବ ନୁହେଁ । ଦୋକାନର ପିଲାଟି ଭଳି ଅନେକ ଲୋକମାନେ ଭାବନ୍ତି ବାପା ମାଙ୍କର ଏତେ ଦାମିକା ମୋବାଇଲ ର କଣ ଆବଶ୍ୟକ? ଆମ ପଡୋଶୀ ଜଣେ ଦାଦା ସେହି ମୋବାଇଲ ଟିକୁ ଦେଖି ମୋତେ ପଚାରିଲେ – ଏତେ ଦାମୀ ମୋବାଇଲ କାହିଁକି ମା ପାଇଁ କିଣିଲୁ ? ସ୍ମାର୍ଟ ଫୋନ କଣ ତୋ ମା ଚଳାଇପାରିବ ? ଖାଲି ଦେଖେଇବା ପାଇଁ ଏତେ ଦାମୀ ମୋବାଇଲ ଫାଲତୁ କିଣିବାର ଦରକାର ନଥିଲା । ମୁଁ ଦାଦାଙ୍କୁ କହିଲି, ମୁଁ

ISSN NO.
2582-208X

ମୋ ମା ପାଇଁ ଦାମୀ ମୋବାଇଲ କିଣିଲି, ସେଇଟା ଫାଲତୁ କେମିତି ହେବ? ମା ମୋବାଇଲ ତ ବ୍ୟବହାର କରିପାରିବେ ନାହିଁ ଏଇ କଥା କିଏ କହିଲା ! ଯଦି ଜଣେ ସ୍ୱଳ୍ପ ଶିକ୍ଷିତା ମା ଯଦି ତାର ପୁଅ ବା ଝିଅକୁ ପ୍ରଫେସର, ଡାକ୍ତର ବା ଇଞ୍ଜିନିଅର ତିଆରି କରିପାରେ, ସେ କଣ ଗୋଟିଏ ସାମାନ୍ୟ ସ୍ମାର୍ଟ ମୋବାଇଲ ଚଳାଇପାରିବେ ନାହିଁ !

ସାଧାରଣତଃ ଏହି ପ୍ରକାର ଧାରଣା ସମାଜରେ ଦେଖାଯାଏ ଯେ, 'ବାପା' 'ମା' ମାନେ ସବୁଠାରୁ କମ ଦାମ ବାଲା ଜିନିଷ କିଣିଦେଲେ ଚଳିବ । କିନ୍ତୁ କାହିଁକି ? ଯଦି ମୋ ବାପା ମା ଙ୍କ ହାତରେ ଦାମୀ ଜିନିଷ ଥାଏ, ତାହେଲେ ମୁଁ ତ ସବୁଠାରୁ ବେଶୀ ଖୁସି ହେବି । ବାହାରର ଲୋକ କିଏ ଦେଖି ଖୁସି ହେଲା ବା ଦୁଃଖ କଲା, ସେଥିରେ ମୋର କଣ ଅଛି ! ସେ ଯାହା ହେଉ, ମୋ ଉପରେ ମୋ ମାଙ୍କର ଅବଦାନ ଅନେକ ବେଶୀ, କାରଣ ବାପା ଆମକୁ ବହୁ ବର୍ଷ ପୂର୍ବେ ଛାଡି ଚାଲି ଯାଇଥିଲେ । ମା ଙ୍କ ଉପରେ ମୁଁ ଅତ୍ୟନ୍ତ ନିର୍ଭରଶୀଳ, ସବୁକିଛି ମାଙ୍କ ସହିତ କଥାବାର୍ତ୍ତା କରେ । ଯେଉଁ ଦିନ ମୁଁ ଚାକିରୀ ପାଇଲି, ମାଙ୍କୁ କଲେଜ ସାଙ୍ଗରେ ନେଇ ଯାଇଥିଲି । ଏତେ ବଡ କଲେଜ ଦେଖି ମା ଆଶର୍ଯ୍ୟ ହୋଇ ମୋତେ ପଚାରିଲେ - ଏତେ ବଡ କଲେଜରେ ତୁ ପିଲାମାନଙ୍କୁ ପଢାଇବୁ? ମାଙ୍କର ଖୁସିର ସୀମା ରହିଲା ନାହିଁ । ମା କହିଲେ ମୁଁ ତ କେବେ ଭାବିପାରି ନଥିଲି ଯେ ମୋ ପୁଅ ଏତେ ବଡ କଲେଜରେ ଚାକିରୀ କରିବ! ମା ଏସବୁ ଦେଖି ଛପେଇ କାନ୍ଦୁଥିଲେ ଯାହା ମୁଁ ଦେଖିଥି । ମା ଲୁଚାଇ ଆଖିର ଲୁହ ପୋଛି ଦେଇଥିଲେ । ମୁଁ ଦେଖିଲାରୁ, ମା କହିଲେ ଆଖିରେ କିଛି ପଡିଯାଇଥିଲା ସେଇଟାକୁ ପୋଛୁଥିଲି । ପିଲାମାନଙ୍କର ଖୁସିରେ ମା ବାପା କେତେ ଖୁସି ହୁଅନ୍ତି ସେଦିନ ମୁଁ ଦେଖିଲି ଏବଂ ଅନୁଭବ କଲି । କଲେଜରୁ ଫେରିବା ସମୟରେ ମା କଲେଜକୁ ପଛକୁ ଘୁରି ଦେଖୁଥିଲେ ଏବଂ ମତେ କହିଲେ, ଜାଣିଛୁ ଆଜି ଯଦି ତୋର ବାପା ଜୀବିତ ଥାନ୍ତେ ତାହେଲେ ତାଙ୍କର ଖୁଶିର ସୀମା ନଥାନ୍ତା ଏବଂ ଆମେ ଦୁହେଁ ଏହି ଖୁସିକୁ ଭାଗ କରିନେଇଥାନ୍ତୁ । ମାଙ୍କର ଏକଥା ଶୁଣି ମୁଁ ନିଜକୁ ଆଉ ରୋକି ପାରିଲି ନାହିଁ । ମୁହଁ ଲୁଚାଇ ଲୁହ ପୋଛି ଦେଲି । ମାଙ୍କୁ କହିଲି ମୋର ଯେତେ ଗୁଡିଏ ପ୍ରମାଣପତ୍ର ଅଛି ସବୁଥିରେ ତମର ଅଧିକାର ଅଛି । ତମର କଷ୍ଟ ଏବଂ ବେଦନା ଏହି ସବୁ ପ୍ରମାଣ ପତ୍ର ମଧ୍ୟରେ ଛପି ରହିଛି । ପ୍ରମାଣପତ୍ର ରେ ନାମଟି ମୋର କିନ୍ତୁ ପ୍ରମାଣପତ୍ରର ପ୍ରତ୍ୟକଟି ବିନ୍ଦୁରେ ତମେ ଅଛ । ତମେ ଯେତେବେଳେ ମୋ ସହିତ କଲେଜ ଯାଇଥିଲ ସମସ୍ତ ଷ୍ଟାଫ କହୁଥିଲେ ଦେଖ, ଇଏ ହେଉଛନ୍ତି ରମେଶର ମା । ଏହା ଶୁଣି ମୋ ମନ ଆନନ୍ଦ ରେ

ପ୍ରଫୁଲ୍ଲିତ ହୋଇଯାଇଥିଲା । ମୁଁ ମନେ ମନେ ଭାବିଲି ଏହିପରି ଅନେକ ମା ଅଛନ୍ତି ଯେଉଁମାନେ ସେମାନଙ୍କ ପିଲାମାନଙ୍କୁ ଉଚ୍ଚ ସ୍ତରରେ ପହଞ୍ଚାଇଛନ୍ତି । ସେଥିପାଇଁ ମୁଁ ମୋ ମାଙ୍କ ପାଇଁ ଅତ୍ୟନ୍ତ ଗର୍ବିତ । ଏହି ଶକ୍ତି କେବଳ ମା ବାପାଙ୍କ ପାଖରେ ହିଁ ଥାଏ । ପିଲାମାନଙ୍କୁ ମଣିଷ ତିଆରି କରିବା ପଛରେ ମା ର କେତେ ଯେ ଅକ୍ଲାନ୍ତ ପରିଶ୍ରମ ଛପି ରହିଥାଏ, ତାହା ସମସ୍ତେ ଅନୁଭବ କରିପାରିବେ ନାହିଁ । ସେଇ ଅନୁଭବ କେବଳ ମା ହିଁ କରିପାରେ । ମୋର ମନେ ଅଛି ମାଧ୍ୟମିକ ପରୀକ୍ଷା ସମୟରେ ମୋର ମାମୁଙ୍କର ବିଭାଘର ହେଉଥାଏ । ମାଙ୍କୁ ସେଠାକୁ ଯିବାର ଥିଲା, ମୁଁ କହିଲି ମା ତୁମେ ଯାଅ, କିନ୍ତୁ ମା ଗଲେ ନାହିଁ । କାରଣ ମୋର ପରୀକ୍ଷାରେ କିଛି ଯେପରି ଅସୁବିଧା ନହୁଏ । ମୁଁ ଅନୁଭବ କରିଥିଲି ଯେ ମାଙ୍କୁ କଷ୍ଟ ହେଉଛି, କିନ୍ତୁ ସେହି କଷ୍ଟକୁ ସହି ମୋ ପରୀକ୍ଷା ପାଇଁ ଚିନ୍ତା କଲେ । ଏହି ସ୍ନେହ ଏବଂ କର୍ତ୍ତବ୍ୟ ଯେ କେତେ ବଡ ତାହାର ତୁଳନା ନାହିଁ । ମାଙ୍କର ସେହି ଦିନଗୁଡିକୁ କଣ ମୁଁ ଫେରାଇ ଦେଇପାରିବି ? ମୁଁ ଜାଣେ ଏଗୁଡିକ ମୁଁ ତାଙ୍କୁ ଫେରାଇଦେଇ ପାରିବି ନାହିଁ । ତାହେଲେ ମାଙ୍କୁ ଅନ୍ୟ ଉପାୟରେ ଯଦି କିଛି ଖୁସି ଦେଇପାରିଲି ତାହେଲେ ମୋ ଜୀବନ ସାର୍ଥକ ହେବ ବୋଲି ମୁଁ ମନେ କରେ ।

ମୁଁ ଚାକିରୀ ପାଇବା ପରେ ପ୍ରଥମ ଦୁର୍ଗା ପୂଜା, ମାଙ୍କୁ ପଚାରିଲି ମା ତମକୁ କଣ ଦରକାର – ମା କହିଲେ ନା ରେ ମୋତେ କିଛି ଦରକାର ନାହିଁ । ମୁଁ କହିଲି ମା ମୁଁ ତମକୁ ୨୦ ହଜାର ଟଙ୍କା ଦେଉଛି ତମେ ଯାହା କିଣିବା କଥା କିଣି ନେବ । ମା କହିଲେ ବାବା ନା ରେ ୨୦ ହଜାରରୁ ଗୋଟିଏ ଶୂନ କାଟି ଦେଇ ଯାହା ହେବ ସେଇଟା ଦେ । ସେହି ପଇସାରେ ଗରିବ ଲୋକମାନଙ୍କ ପାଇଁ କିଛି କପଡା କିଣି ସେମାନଙ୍କୁ ବାଣ୍ଟି ଦେବି । ୨୦ ହଜାର ଟଙ୍କାରେ ୩, ୪ ଟି ସାଢି କିଣି ଟିକେ ପିନ୍ଧି ଆଲମାରୀ ରେ ରଖିଦେବି, ସେଥିରେ କି ଲାଭ । ଗରିବ ମାନଙ୍କୁ ଯଦି କିଛି କପଡା କିଣି ଦିଏ ତାହେଲେ ସେମାନେ ପୂଜାରେ ପିନ୍ଧି ଆସିବେ । ବାସ୍ତବରେ ଖୁସିକୁ କିପରି ଭାଗ କରି ଅନୁଭବ କରାଯାଏ ସେହି ଗୁଡିକ ମା ଠାରୁ ଶିଖିଛି । ସେଇଥିପାଇଁ ପ୍ରତ୍ୟକ ବର୍ଷ ପୂଜାରେ ମୁଁ ନିଜେ ଗରିବ ମାନଙ୍କ ପାଇଁ କପଡା କିଣି ବାଣ୍ଟି ଦିଏ । ମା ବାପା ଆମ ପାଇଁ ପୁରା ଜୀବନ ଯାହାକିଛି କରିଛନ୍ତି, ଆମେ ସେମାନଙ୍କ ପାଇଁ କଣ କରିଛନ୍ତି ! ସବୁକିଛି ଜଳାଞ୍ଜଳି ଦେଇ ସେମାନେ ଆମକୁ ବଡ କରିଛନ୍ତି । ଯଦି ମା ବାପା ଆମ ପାଇଁ ସବୁକିଛି ତ୍ୟାଗ କରିପାରନ୍ତି ତାହେଲେ ଆମେ କାହିଁକି ପାରିବା ନାହିଁ । ଏତେ କୁଣ୍ଠା କାହିଁକି ? ଏତେ ନୀଚ ମାନସିକତାର ଆଧାରରେ

ISSN NO.
2582-208X

ସବୁଠାରୁ କମ ଦାମର ମୋବାଇଲ କିଣିବା ? ଯେଉଁଦିନ ନୂଆ ମୋବାଇଲ ମାଙ୍କର ହାତରେ ଥିଲା ସେଦିନ ମା କିଛି ଜାଣିନଥିଲେ, କିନ୍ତୁ ଆଜି ମା ସବୁକିଛି ଜାଣିଛନ୍ତି । ସେ ଭିଡ଼ିଓ, ଟିଭି, ହ୍ୱାଟ୍ସ ଆପ, ଇଉଟ୍ୟୁବ ସବୁକିଛି ବ୍ୟବହାର କରନ୍ତି । ବାସ୍ତବରେ ମୁଁ ତାଙ୍କୁ ସବୁକିଛି ଶିଖାଇ ଦେଇଛି । ଆମେ ଯଦି ସମୟ ବାହାର କରି ତାଙ୍କୁ ଶିଖାଇ ଦିଅନ୍ତି ତେବେ ସେ ସବୁକିଛି ଶିଖିଯିବେ । ଆମ ଘରେ କମ୍ପ୍ୟୁଟର ଅଛି, ମୁଁ ମାଙ୍କୁ କହିଲି ତୁମକୁ କମ୍ପ୍ୟୁଟର ଶିଖିବାକୁ ହେବ । ମାଙ୍କୁ ଗୋଟିଏ ବେଶିକ କମ୍ପ୍ୟୁଟର କୋର୍ସ ରେ ଭର୍ତ୍ତି କରିଦେଲି । ବର୍ତ୍ତମାନ ସେ କମ୍ପ୍ୟୁଟର ଚଳାଇ ଜାଣନ୍ତି । ଖାଲି କମ୍ପ୍ୟୁଟର ନୁହେଁ, ନିଜର ଶରୀର ର ରକ୍ଷା ପାଇଁ ସେ ଯୋଗ ପ୍ରଶିକ୍ଷଣ ପାଇଁ ମଧ୍ୟ ଯାଉଛନ୍ତି ଏବଂ ଅନେକ ଯୋଗାସନ ତାଙ୍କୁ ଜଣା । ଯଦି ଆମେ ଚେଷ୍ଟା କରୁ ତାହେଲେ ସବୁ ହେବ । ଯଦି ସଦିଛା ଥାଏ ତାହେଲେ ବାପା ମାଙ୍କ ପାଇଁ  କଣ ବା ନହୋଇ ପାରେ ? ଯଦି ସେମାନେ ଜୀବନର ସବୁକିଛି ଦେଇ ଆମକୁ ଖୁସି ଦେବାପାଇଁ ସବୁକିଛି ଜଳାଞ୍ଜଳି ଦେଇଛନ୍ତି । ଆମେ କଣ ତାଙ୍କୁ ଛୋଟ ଛୋଟ ଖୁସି ଦେଇ ଖୁସିରେ ରଖିପାରିବା ନାହିଁ ? ଏଇଟା ହିଁ ହେଉଛି ସତ୍ୟ ।

ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

ISSN NO.
2582-208X

# କୋଉ ଅଧିକାରରେ....


ବୈଷ୍ଣବ ମେହେର

କୋଉ ଅଧିକାରରେ...
ତୁମ ଅଧିକାର ସାବ୍ୟସ୍ତ କରୁଛ,
ତୁମ ଆଙ୍କିଥିବା ଚିତ୍ରର...
ରଙ୍ଗ ଫିକା ପଡି ଯାଇଛି;
ତୁମେ ଦେଇଥିବା ସ୍ମୃତିର...
ସବୁ ପୃଷ୍ଠାରେ ଉଇ ଲାଗି ଯାଇଛି;
ଆଉ...
କେଇ ପୃଷ୍ଠା ଚିରି...
କାଗଜ-ଡଙ୍ଗା କରି ଭସେଇ ଦେଇଛି ।

କୋଉ ଅଧିକାରରେ...
ମତେ ଏମିତି ହଇରାଣ କରୁଛ,
କଣ ପାଇଁ ମୋ ଅପାରଗତା କୁ...
ତମ ଜିତିବାର ଢାଲ ବନେଇଛ,
ମୁଁ ମୋ ଭାଗ୍ୟକୁ ଆବୋରି,
ବଞ୍ଚୁଛି ଏଠି ଦିବା ନିଶି,
ଆଉ...

ISSN NO.
2582-208X


ତୁମେ ସାହସ ଦେବା ବଦଳରେ...
ଦଉଛ ମତେ ମିଥ୍ୟା ପ୍ରତିଶ୍ରୁତି ।

କୋଉ ଅଧିକାରରେ...
ତୁମେ ମଧୁଭରା ହସ ହସୁଛ,
ଛଳନା କଣ ମୁଁ ଜାଣେନି ?
ତୁମ ପୁଣ୍ୟଶ୍ଳୋକ ବାଣୀ...
ତୃପ୍ତ କରୁଥିଲା ହୃଦୟକୁ ମୋର,
କିନ୍ତୁ...
ଆଜି ହୃଦେଦେଇ ଶକ୍ତ ଆଘାତ..
ଛିନ୍ନ କରିଦେଇଛ ସବୁ ଅଧିକାର ।

ଗଣ୍ଡାବାହାଲି, ନୂଆପଡା
6264305003

ISSN NO.
2582-208X


# ମୋ ପ୍ରିୟ.....



ବିନୟ ମିଶ୍ର

ମନ ମନ୍ଦିରେ ଦେବତା ସଜାଇ

ପୂଜୁଥିଲି ମନେ ମନେ,

ଠିକଣା ହଜାଇ ଲୁଚିଗଲ କାହିଁ

ପଡୁନାହିଁ କିବା ମନେ,

ଖୋଜୁଛି ତୁମକୁ ବାସରେ ଶେଯରେ

କବରୀରେ ଚିବୁକରେ,

ଆଶାରେ ଅନେଇ ରହିଛି ଗୋ ପ୍ରିୟ

ଆସ ମୋ ପାଖକୁ ଥରେ,

ଅଭିମାନ ଭାଙ୍ଗି ଯାଉ,

ନବ ରଶ୍ମିର ରଙ୍ଗେ ପ୍ରଶାନ୍ତ

ଆକାଶ ରଞ୍ଜୁଥାଉ।

କଆଳ, ଖୋର୍ଦ୍ଧା

ISSN NO.
2582-208X

# ରେବତୀର ଦୁଃଖ



ପ୍ରିୟରଞ୍ଜନ ଭାରତୀ

ଭଦ୍ରକ ସହରରେ ସୁମିତ୍ ବାବୁ ନିଜ ପରିବାର ସହ ସରକାରୀ କ୍ୱାଟରରେ ରହୁଥିଲେ। ପରିବାର କହିଲେ ପତ୍ନୀ ଅଲିଭା ଆଉ ପାଞ୍ଚ ବର୍ଷର ଝିଅ ସୁମିତ୍ରା ଆଉ ବୁଢ଼ୀ ମା ରେବତୀ। ସରକାରୀ ଚାକିରୀ ହେତୁ ସୁମିତ୍ ବାବୁଙ୍କ ପାଖରେ ସମୟ ନ ଥାଏ ଏଥିପାଇଁ ବହୁବାର ଅଲିଭାଙ୍କ ସହ ମନାନ୍ତର, ମତାନ୍ତର ହୋଇଛି ହେଲେ ସୁମିତ୍ ବାବୁ ନିଜ ଝିଅ ସୁମିର ମୁହଁକୁ ଚାହିଁ ସବୁ କିଛି ଭୁଲିଯାଆନ୍ତି। ହେଲେ ଅଲିଭା ଟିକେ ଏକଜିଦିଆ, ଆଉ ଆଧୁନିକା ସବୁ ବେଳେ ନିଜ ଇଚ୍ଛା ଅନୁସାରେ କାର୍ଯ୍ୟ କରନ୍ତି। ସକାଳ ସାତଟାରେ ବିଛଣା ଛାଡ଼ି ନିଜର ନିତ୍ୟକର୍ମ ସାରି ସିଧା ଟିଭି ପାଖରେ। ହେଲେ ସୁମିତ୍ ବାବୁଙ୍କ ମା ରେବତୀ ବୟସର ଅପରାହ୍ନରେ ଥିଲେ ମଧ୍ୟ ସକାଳୁ ଉଠି ଘରର ଜାବତୀୟ କାମ ସାରି ଠାକୁର ପୂଜା କରନ୍ତି ଏହିପରି ସମୟ ଗଡିଚାଲେ ସବୁକିଛି ଏହିପରି ଚାଲିଥାଏ।

ଦିନେ ହଠାତ୍ ରେବତୀ ବାଲକୁନି ଝାଡୁ କରୁଥିବା ସମୟରେ ତଳେ ପଡ଼ିଗଲେ ଡାହାଣ ଗୋଡଟା ଅକାମୀ ହୋଇଗଲା, ଯେତେ ଡାକ୍ତର ଦେଖେଇଲେ ମଧ୍ୟ ଆଉ ଭଲ ହେଲାନି। ଏବେ ଘରର କାମ କରିବ କିଏ? ଏହି କଥା ଭାବି ସୁମିତ ବାବୁ ଘର ପାଇଁ ଚାକରାଣୀ ଟିଏ ରଖିଲେ .....

ଏହିପରି ସମୟ ଗଡିଚାଲେ ତିନିବର୍ଷର ବ୍ୟବଧାନ ସୁମି ଟିକେ ବଢିଗଲାଣି ହେଲେ ଅଲିଭା ଆଜିବି ବଦଳିନି ଆଉ ରେବତୀ ଗୋଟିଏ ବାଡିଧରି ଠୁକ୍ ଠୁକ୍ କରି ଧିରେ ଧିରେ

ISSN NO. 2582-208X

ଗ୍ଲୁଥାନ୍ତି। ସେଦିନ ଥାଏ ମାର୍ଗଶୀର ମାସର ପ୍ରଥମ ଗୁରୁବାର ସକାଳ ଛଅଟା ସୁମି ଉପରେ ବାଲକୁନ ଉପରେ ବସି ଏକ ଲୟରେ ଗ୍ୱହିଁ ଦେଖୁଥିଲେ ପଡିଶା ଘରର ଝୁଟି ଚତାକୁ, ଲକ୍ଷ୍ମୀ ପାଦକୁ ହେଲେ କଛି ବୁଝି ପାରୁନଥାଏ ଆଉ ଭ୍ୱବୁଥାଏ କାହିଁ ଆମ ଘରେ ତ ଏମିତି କଛି ହେଉନ। ଶଙ୍ଖ ହୁଳହୁଳ ଶବ୍ଦର ଗ୍ୱରିଆଡ଼େ ପ୍ରକମ୍ପିତ ହେଉଥାଏ ଆଉ ସୁମି ବାଲକୁନ ଉପରେ ଏ ସୁନ୍ଦର ଦୃଶ୍ୟ ଦେଖୁଥାଏ ଠିକ୍ ଏହି ସମୟରେ ଅଲିଭ୍ୱ ଉଚ୍ଚ ସ୍ୱରରେ ଡାକେ ସୁମି ସୁମି ଜଲଦି ତଳକୁ ଆସ ଖାଇ ସ୍କୁଲ ଯିବୁ। ସୁମି ଉଦାସିଆ ମନ ନେଇ ତଳକୁ ଆସେ କାହାକୁ କଛି ନକହି କ'ଣ ଟିକେ ଖାଇଦେଇ ସିଧା ସ୍କୁଲ ଗ୍ୱଲିଯାଏ।

ସ୍କୁଲ ରେ ପହଞ୍ଚି ସେଠାରେ ଦେଖେ ଯେ ତା'ର ସାଙ୍ଗ ମାନଙ୍କ ମନରେ ଥିବା ଅସୁମାରୀ ଖୁସିକୁ। ସମସ୍ତେ କହୁଥାନ୍ତି ଆଜି ଆମ ଘରେ ଲକ୍ଷ୍ମୀପୂଜା ହେଉଛି ସେଥିପାଇଁ ମୋ ମାଆ ନାନା ପ୍ରକାର ଖିରୀ ପିଠା ନଜ ହାତରେ ବନେଇଛନ୍ତି। ନଜର ସାଙ୍ଗ ମାନଙ୍କର ଖୁସି ଦେଖି ସୁମିର ମନ ଆହୁରି ଉଦାସିଆ ହୋଇଗଲା। ସ୍କୁଲ ଛୁଟି ହୁଏ ଆଉ ସୁମି ଦୁଃଖ ମନରେ ଘରକୁ ଫେରେ ଆଉ ଆସି ଦେଖେ ତା'ର ମା ସୋଫା ଉପରେ ଗୋଡ଼ ଉପରେ ଗୋଡ଼ ପକାଇ ବସି ଗ୍ୱ ପିଉଛି, କାହାକୁ କଛି ନକହି ସୁମି ସିଧା ନଜର ରୁମ୍ କୁ ଯାଇ ପୋଷାକ ବଦଳେଇ ଉପର ବାଲକୁନ କୁ ଯାଇ ପଡିଶା ଘରକୁ ଗ୍ୱହେଁ। ଆଉ ତା'ର କାନକୁ ମୁଗ୍ଧ କଲାପରି ସୁନ୍ଦର ସ୍ୱରରେ ଲକ୍ଷ୍ମୀ ପୁରାଣ ଶୁଭେ ଆଉ ସେ ଭ୍ୱବବିହ୍ୱଳ ହୋଇ ଗ୍ୱହିଁଥାଏ ତଳକୁ।

କଛି ସମୟ ପରେ ଘରର କଲିଙ୍ଗ୍ ବେଲ୍ ବାଜିଉଠେ ଆଉ ସୁମି ଚମକପଡି ଦୌଡିଯାଏ ଦୁଆର ଖୋଲିବାକୁ ଆଉ ଦୁଆର ଖୋଲି ଦେଖେ ପଡିଶା ଘରର ଗ୍ୱଜାବୋଉ ଏକ ଥାଳରେ ଖିରୀ ପିଠା ଧରି ବାହାରେ ଛିଡାହୋଇଛନ୍ତି। ସୁମୀ ଅବାକ୍ ହୋଇ ସେଇମିତି ଗ୍ୱହିଁଥାଏ ଗ୍ୱଜା ବୋଉକୁ! ଗ୍ୱଜା ବୋଉ କହେ କଲେ ସୁମୀ ଆଁଟା କରି ଛିଡ଼ା ହୋଇଛୁ କ'ଣ ନେ ରଖ ଏ ହେଉଛି ମାଣବସା ଭୋଗ ନେଇଯା ସମସ୍ତେ ଖାଇବ।

ISSN NO.
2582-208X


ସୁମି ଭୋଗ ଥାଳ ଧରି ସିଧା ଜେଜେମା ପାଖକୁ ଯାଏ ଆଉ ଡାକେ.... ଜେଜେମା, ଜେଜେମା ଦେଖିଲ ଦେଖିଲ ରାଜାବୋଉ କ'ଣ ଆଣି ଦେଇଗଲେ, ଆଉ କହିଲେ ମାଣବସା ଭୋଗ ସମସ୍ତଙ୍କୁ ଖାଇବା ପାଇଁ। ଆଉ ପଚାରେ ଜେଜେମା ଏ ଗୁରୁବାର ମାଣବସା କ'ଣ? କାହିଁ ଆମ ଘରେ ତ ହେଉନ। ଆଜି ଆମ ସ୍କୁଲରେ ସାଙ୍ଗ ମାନେ କଥା ହେଉଥିଲେ ଆଜି କାଲେ ତାଙ୍କ ଘରେ ଲକ୍ଷ୍ମୀ ଠାକୁରାଣୀ ବସିଛନ୍ତି ଆଉ ତାଙ୍କ ମାଆ କେତେ ପ୍ରକାର ଖିରି ପିଠା ବନେଇଛନ୍ତି; କାହିଁ ମୋ ମାଆ ତୋ ଆମ ଘରେ ଏମିତି କିଛି କରିନାହାନ୍ତି ଜେଜେମା। ନାତୁଣୀ ର କଥା ଶୁଣି ରେବତୀ ସେଇମିତି ଚାହିଁକରି ଭାବୁଥାନ୍ତି ନଜର ଅତୀତର ସେହି ସୁମଧୁର ସ୍ମୃତିକୁ। ସୁମି ହଲେଇଦେଇ କହେ ଜେଜେମା ତୁମେ କୁହନା ଆମ ଘରେ କ'ଣ କେବେବି ମାଣବସା ଗୁରୁବାର ହୁଇନ, ଏ ମାଣବସା ଗୁରୁବାର ବିଷୟରେ ମୁଁ ଶୁଣିବାକୁ ଚାହେଁ କୁହନା ଜେଜେମା।

ରେବତୀ ଆଖି ଛଳଛଳ କରି କହେ...ନାହିଲ ସୁମି ସମୟ ଥିଲା ଆମ ଘରେ ସବୁ କିଛି ହେଉଥିଲା । ମାର୍ଗଶୀର ମାସର ପ୍ରଥମ ଗୁରୁବାର ଦିନ ମୁଁ ମଧ ରାତି ୪ଟା ରୁ ଉଠି ଗୋବର ପାଣିରେ ଘର ଅଗଣାକୁ ସଫା କରେ, ଗାଧୋଇ ସାରି ଝୋଟି ଚିତା ପକାଏ, ଲକ୍ଷ୍ମୀ ପାଦ ଆଙ୍କେ। ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ମୁଁ ମଧ ଦାଣ୍ଡ ଦୁଆରେ ଶୁଭ କଳସ ବସାଇ ଘରେ ଲକ୍ଷ୍ମୀପୂଜା କରେ। ଲକ୍ଷ୍ମୀ ପୁରାଣ ପଢେ। ଚଡଉ ପିଠା, ସରୁ ଚକୁଳି ସାଙ୍ଗକୁ ଢ଼ିଙ୍କି କୋଟା ଚାଉଳରେ ଖିରି ବନାଏ। ସାହି ପଡିଶା ଆଉ ବନ୍ଧୁବାନ୍ଧବ ସମସ୍ତଙ୍କ ଘରକୁ ଭୋଗ ପଠାଏ। କେତେ ସ୍ନେହ ମମତା ନଥିଲା ସେତେବେଳ ସମୟରେ, ହେଲେ ଆଜି ଦୁନିଆଁ ଟା ବଦଳ ଯାଇଛି। ଆଧୁନିକ ନାଁ ରେ ଧିରେ ଧିରେ ଆମ ଓଡ଼ିଶା ଘରର ଲୋକମାନେ ୧୨ ମାସର ତେର ପର୍ବକୁ ଭୁଲି ଯାଇଛନ୍ତି। ଏଇ ଦେଖୁନୁ ତୋ ମାଆକୁ, କେବଳ ତୋ ମାଆ ନୁହେଁ ଆଜିର ସମାଜରେ ଏହି ପରି ବହୁତ ନାରୀ ଅଛନ୍ତି ଯେଉଁମାନେ ଆଧୁନିକା ହେବା ନଶାରେ ଆମ ଓଡ଼ିଆ ଘରର ପ୍ରଥା, ପରମ୍ପରା ଆଉ ସଂସ୍କୃତି କୁ ଭୁଲି କେମିତି ପାଶ୍ଚାତ୍ୟ ସଭ୍ୟତା କୁ ଆପଣାଇ ନେଉଛନ୍ତି। ଓଡ଼ିଆ ଘରର ସାଗ ପଖାଳ, ବଢିଚୁରା ଆଉ ପିଠା

ISSN NO.
2582-208X


ପଣାକୁ ପଛରେ ପକାଇ ବିଦେଶୀ ଖାଦ୍ୟ ମୋମୋ, ବରଗର୍ ଆଉ ପିଜା ପରି ଅସ୍ୱାସ୍ଥ୍ୟକର ଖାଦ୍ୟକୁ ଆପଣାଇ ନେଉଛନ୍ତି। ଭଜନ କୀର୍ତ୍ତନ ଛାଡ଼ି ବିଦେଶୀ ନାଚ ଗୀତ ପପ୍ କୁ ଆପଣାଇ ନେଉଛନ୍ତି। ଗୁରୁଜନ ଆଉ ଲଘୁଜନ କଛି ମାନୁ ନାହାଁନ୍ତି।

ରେବତୀ ନଜର ନାତୁଣୀ ସୁମିକୁ କହୁଥିବା ସମୟରେ ନଜର କୋହ କୁ ଆଉ ସମ୍ଭାଳ ନପାରି ଭେ ଭେ ହୋଇ କାନ୍ଦୁଥାଏ ଆଉ ସୁମି ଆଖିରେ ମଧ ଲୁହର ଧାର ବୋହିଗ୍ଲଲିଥାଏ। ହେଲେ ସୁମି ନଜର ଜେଜେମା କୁ ଆଶ୍ୱାସନା ଦେଇ ପାଖରେ ଥିବା ଲକ୍ଷ୍ମୀ ଠାକୁରାଣୀଙ୍କ ଭେଗକୁ ଛୁଇଁ ଶପଥ କରି କହେ ଜେଜେମା ବୁଡି ଯାଉଥିବା ଆମ ଓଡ଼ିଶା ଘରର ପ୍ରଥା, ପରମ୍ପରା ଆଉ ସଂସ୍କୃତିକୁ ମୁଁ ପୁଣି ଥରେ ଉଜ୍ଜିବିତ କରିବି, ନୂତନ ଯୁବପିଢିଙ୍କୁ ମୁଁ ବୁଝାଇବି ମୋ ଓଡ଼ିଆ ଘରର ରୀତିନୀତି ବିଷୟରେ, କେବେବି ବୁଡିବାକୁ ଦେବିନ ଜେଜେମା। ସୁମିର ମୁହଁକୁ ଛଳଛଳ ଆଖିରେ ଅବାକ୍ ହୋଇ ସେଇମିତି ଗ୍ଲହିଁଥାନ୍ତି ରେବତୀ......

ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
କଲ୍ୟାଣସିଂହପୁର, ରାୟଗଡ଼ା

ISSN NO.
2582-208X


# ଅମୀମାଂସିତ ପ୍ରଶ୍ନ



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ପଢ଼ିବାର ଥିଲା ଅନେକ ପୁସ୍ତକ
ତୁମକୁ ବୁଝିବା ପାଇଁ
କନ୍ତୁ କେଇ ଖଣ୍ଡ ପୁସ୍ତକ ଭିତରେ
ଗଲି ମୁଁ ସୀମିତ ହୋଇ ।

କଷିବାର ଥିଲା ଅନେକ ଗଣିତ
ତୁମ ଠୁଁ ଶିଖିବା ପାଇଁ
କନ୍ତୁ କେଇ ଖଣ୍ଡ ଗଣିତରେ ମୁଁ ଯେ'
ରହିଲି ନୀରବ ହୋଇ ।

ଆଙ୍କିବାର ଥିଲା ଅନେକ ଚିତ୍ର ମୁଁ
ତୁମକୁ ଆଙ୍କିବା ପାଇଁ
କେଇ ମାତ୍ର ଚିତ୍ର ଆଙ୍କିଦେବା ପରେ
ତୁଳି ବାନ୍ଧିଦେଲି ଥୋଇ ।

ଚାଲିବାର ଥିଲା ଆଉ କିଛି ପଥ
ତୁମକୁ ପାଇବା ପାଇଁ
ଅଳ୍ପ କିଛି ବାଟ ଚାଲିଗଲା ପରେ
ବସିଲି ମୁଁ ଥକି ଯାଇ ।

ISSN NO.
2582-208X

ଚିହ୍ନିବାର ଥିଲା ସମାଜକୁ ଆଗେ
ତୁମକୁ ଚିହ୍ନିବା ପାଇଁ
ଏଇ ଅଳ୍ପ କିଛି ଚିହ୍ନିବା ଆଗରୁ
ଗଲି ମୁଁ ଅଚିହ୍ନା ହୋଇ ।

ଅନେକ ପ୍ରଶ୍ନର ସମାଧାନ ସୂଚୀ
କରିଥିଲି ତୁମ ପାଇଁ
କନ୍ତୁ ମୋ ଜୀବନ ପ୍ରଶ୍ନ ରହିଗଲା
ଅମୀମାଂସିତ ହୋଇ ।।

ଚକାପଦା, ଖୋର୍ଦ୍ଧା
୯୧୭୮୪୭୫୪୩୭

ମଇ – ୨୦୨୨
www.vedantimagazine.com
ISSN NO.
2582-208X

# ହୋଲି କବିତା



ଦୀନବନ୍ଧୁ ବେଜ

ହୋଲିପରି ରଙ୍ଗ ମାଖିହୋଇ ଯାଉ
ଦୀନ ଦରିଦ୍ରର ମୁଖେ
ରଙ୍ଗିନ ମନରେ ଦାନା ଗଣ୍ଡେ ପାଇଁ
ଖୁସିହେଉ ଶତ ଭୁଖେ ।

ରଙ୍ଗର ପୋଷାକ ଅଭିବୀଟେ ପିନ୍ଧୁ
ବସନ ଅଭାବ ହଟୁ
ରଙ୍ଗ ବେରଙ୍ଗର ପକା ଘର ମଧ୍ୟେ
ଗରିବର ଦିନ କଟୁ ।

ରଙ୍ଗିନ ପାଣିର ଫୁଆର ନଛୁଟୁ
ମଦମୃତ୍ୟୁ ରୋକିଯାଉ
ରଙ୍ଗ ବେରଙ୍ଗ ଆଲୋକ ମାଳାରେ
ଗାଁ ଗଣ୍ଡା ଶୋଭା ପାଉ ।

ରଙ୍ଗତୂଳୀ ଧରି ସଭିଏଁ ଆଙ୍କନ୍ତୁ
ଦେଶ ରଙ୍ଗିଲାର ଚିତ୍ର
ଫରଫର ଉଡୁ ତ୍ରିରଙ୍ଗା ପତାକା
ସର୍ବେ ହୁଅନ୍ତୁ ଏକତ୍ର ।

ସଭିଙ୍କ ମୁଖରେ ଗୋଟିଏ ଶବଦ
ଦେଶମୋ ରଙ୍ଗିଲା ହେଉ
ସମସ୍ତେ ଏକତ୍ର ଗୋଟିଏ ସ୍ୱରରେ
ଦେଶର ବନ୍ଦନା ଗାଉ ।

ଏମଭି :-୧୯,ମାଲକାନଗିରି
ବାସୁଦେବପୁର, ଭଦ୍ରକ
email:-dinabandhubej@gmail.com
Cell:-7683920221

ମଇ – ୨୦୨୨
www.vedantimagazine.com
ISSN NO.
2582-208X

# ନିର୍ବାଚନ ଓ ଅଜ୍ଞାତ ଭୟ



ଖଗେଶ୍ୱର ବାଗ

କେତେକ ରାଷ୍ଟ୍ରରେ ବିଭିନ୍ନ ପ୍ରକାରର ନୀତି ନିୟମ ସହିତ ମତଦାନ ଦ୍ୱାରା ପ୍ରତିନିଧି ନିର୍ବାଚିତ ହୋଇଥା'ନ୍ତି ତଥା ସରକାର ଗଠନ କରି ଶାସନ କରାଯାଏ। ଏହି ପ୍ରକାର ଶାସନ ଗଣତନ୍ତ୍ରର ଏକ ରୂପ ଅଟେ। ଅଖଣ୍ଡ ଭାରତର ନେପାଳ ଓ ବିହାରର ଲିଚ୍ଛାବୀ ଗୋଷ୍ଠୀ ମଧ୍ୟରେ ଏହି ଶାସନ ପ୍ରଚଳିତ ଥିଲା। ପ୍ରାଚୀନ ଗ୍ରୀସର ଏଥେନ୍ସରେ ଯଦିଓ ଗଣତନ୍ତ୍ର ଶାସନ ଚାଲିଥିଲା ତଥାପି ସେ କାଳରେ ତାହା ସେତିକି ମହତ୍ତ୍ୱ ରଖିନଥିଲା। ମାତ୍ର ଗଣତନ୍ତ୍ର ଶାସନର ଜନନୀ ଗ୍ରେଟ୍ ବ୍ରିଟେନରେ ରାଜପଦ ଥାଇ ସୁଦ୍ଧା ପାର୍ଲିଆମେଣ୍ଟ ହିଁ ସର୍ବେସର୍ବାର ଭୂମିକା ନିର୍ବାହ କରେ। ସୁଇଜରଲ୍ୟାଣ୍ଡ ବ୍ୟତୀତ ଅନ୍ୟ ସମସ୍ତ ଦେଶରେ ପରୋକ୍ଷ ଗଣତନ୍ତ୍ର ବିଦ୍ୟମାନ। ତେବେ ବର୍ତ୍ତମାନ ଯୁଗରେ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ଭାରତ ପରିଗଣିତ ହୋଇଛି।

ସାବାଳକ ଭୋଟ ପ୍ରଥା ଅନୁଯାୟୀ ଭାରତରେ ଅଠର ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଭୋଟ ଦେବାର ଅଧିକାର ପ୍ରାପ୍ତ କରନ୍ତି। ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ଚୟନ କରିବାର ସ୍ୱାଧୀନତା ନିଶ୍ଚିତ ରୂପେ ନିଜ ଅଞ୍ଚଳ ତଥା ଦେଶର ପ୍ରଗତିରେ ସହାୟକ ହୋଇଥାଏ। ମାତ୍ର ନିର୍ବାଚନରେ ପ୍ରତିନିଧିମାନେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି କେଉଁ ଏକ ଦୂରାଶା ମନ ଭିତରେ ଚାପି ରଖନ୍ତି ତାହା ସହଜରେ ଅନୁମେୟ। କେତେ ଜଣ ଆଗତ ଭବିଷ୍ୟତକୁ ତର୍ଜମା ନକରି ଏକ ପ୍ରକାର ଜୋଶରେ ଠିଆ ହୁଅନ୍ତି। ଅର୍ଥ ଓ ବାହୁବଳ ବହୁ ପରିମାଣରେ ପ୍ରୟୋଗ କରି ବିଜୟ ତିଲକ ମଥାରେ ଲଗେଇବାର କେହି କେହି ସ୍ୱପ୍ନ ଦେଖନ୍ତି। କେହି ପୁଣି ସଂରକ୍ଷଣର ଲାଭ ଉଠାଇବା ପାଇଁ ସମ୍ପର୍କୀୟଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା କରନ୍ତି। ପଞ୍ଜୀକରଣ ଦିନ ଠାରୁ ଭୋଟ ଗଣତି ପର୍ଯ୍ୟନ୍ତ ମନ ଭିତରେ ଶଙ୍କା, ସନ୍ଦେହ ଓ ଅଜ୍ଞାତ ଭୟ ପୁରି ରହୁଛି। ଏଇ ରାଜନୀତି ମାମୁଁ-ଭାଣିଜୀ, ଶଳା-ଭିଣୋଇ ପରସ୍ପରଙ୍କ ମଧ୍ୟରେ

ISSN NO.
2582-208X



ଶତ୍ରୁତାର ବୀଜବପନ କରୁଛି। ପରିଣାମ ସ୍ୱରୂପ ହାରିଯିବାର ଭୟ ସମସ୍ତ ପ୍ରତିନିଧିଙ୍କ ମନ ଭିତରେ ଆତ୍ମହତ୍ୟା ଅଥବା ପ୍ରତିଶୋଧ ପରାୟଣର ଭାବ ଉଦ୍ରେକ କରୁଛି।

ନିର୍ବାଚନ ଦାୟିତ୍ୱ ନିର୍ବାହ କରିବା ମଧ୍ୟ ଏକ ନିଆରା ଅନୁଭୂତି। ନିଶ୍ଚିତ ରୂପେ ଏହା ଏକ ଗୁରୁ ଦାୟିତ୍ୱ। କାର୍ଯ୍ୟରେ ଅବହେଳା, ବିଶୃଙ୍ଖଳା, ପକ୍ଷପାତିତା, ନୀତି ବିରୁଦ୍ଧ କାର୍ଯ୍ୟ ନିମନ୍ତେ ଅପଦସ୍ତ ହେବା, ମାଡ ଖାଇବା, ଚାକିରୀରୁ ବହିଷ୍କାର ହେବା ନିଶ୍ଚିତ ଅଟେ। ବିଗତ ନିର୍ବାଚନରେ ଏସବୁ ଘଟଣା କ୍ୱଚିତ ଘଟି ଯାଇଛି। ଏଥିପ୍ରତି ସମସ୍ତେ ବିଶେଷ ଦୃଷ୍ଟି ଦେବା ଉଚିତ। ଭୋଟ ଗଣତି ନିଜ ପଞ୍ଚାୟତ ସମିତି ବା ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟରେ କରାଯାଉ ଥିବାରୁ କେତେକାଂଶରେ ମଦ୍ୟପ ତଥା ବିରୋଧୀଙ୍କ ଉପଦ୍ରବରୁ ରକ୍ଷା ମିଳିଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଏମିତି ଏକ ଅନୁଭୂତି।

ସେ ଦିନ ବିଭିନ୍ନ କାଉଣ୍ଟରରୁ ଅନେକ ସାମଗ୍ରୀ ସଂଗ୍ରହ କଲାପରେ ତନଖି ତାଲିକା ଦେଖି ସବୁ ପରୀକ୍ଷା ନିରୀକ୍ଷା କରିନେଲୁ।ବ୍ୟାଲେଟ ପେପର୍ ଗଣିବା ଠାରୁ ଆରମ୍ଭ କରି ମହମ, ସିଲମୋହର, ସ୍କେଲ୍, ସୂତା, ଲାଖ ସମସ୍ତ ଜିନିଷ ବାକ୍ସରେ ଭରି ତାଲା ବନ୍ଦ କରାଗଲା। ବର୍ତ୍ତମାନ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ଶେଷ ଅଭିଯାନ ବାକି ଥିଲା। ଏତିକି ବେଳକୁ ସେକ୍ଟର ଅଫିସର ଆସି ଆମକୁ ସୂଚନା ଦେଲେ ଯେ ଥାନାରେ ସୂଚୀତ କରି ବାହାରିବା। ଏ କଥା ଶୁଣି ଟିକିଏ ଅଡୁଆ ଲାଗିଲା। ତଥାପି ବୁଝିଗଲୁ ଯେ ନିଶ୍ଚିତ ରୂପେ ଆମେ ମାଓବାଦୀଙ୍କ ଇଲାକାରେ ଭୋଟ କରେଇବୁ। ନହେଲେ ଥାନାକୁ ଜଣେଇବାର ବିଶେଷ କାରଣ ନାହିଁ। ଅନ୍ୟାନ୍ୟ ପୋଲିଂ ଦଳ ତ ଥାନାଭିମୁଖେ ଯାଉନାହାଁନ୍ତି। ଏକ ଅଜ୍ଞାତ ଭୟ ସମସ୍ତଙ୍କ ହୃଦୟ ଭିତରେ ବସା ବାନ୍ଧି ଗଲା।

ଚାରୋଟି ପୋଲିଂ ପାର୍ଟିକୁ ନେଇ ବସଟି ଥାନା ଭିତରକୁ ପ୍ରବେଶ କଲା। ବସରୁ ଓହ୍ଲେଇ ଦେଖିଲୁ ଆଗରୁ ଆଉ କେତୋଟି ବସ ନୀରବ ନିଶ୍ଚଳ ଭାବରେ ଠିଆ ହୋଇଛି। ସୂଚନା ଆସିଲା ନିଜ ନିଜ ସାମଗ୍ରୀ ହଲ୍ ଭିତରେ ରଖିଦେଇ ଗୋଡ ହାତ ଧୋଇ ଫ୍ରେସ୍ ହେବା ପାଇଁ। କେଉଁ ଉଦ୍ଦେଶ୍ୟରେ ଫ୍ରେସ୍ ହେବା କଥା ଟିକିଏ ଚିନ୍ତା କଲି। ଲାଗିଲା ବଳି ପାଇଁ ନିଆଯାଉଥିବା କୁକୁଡା କି ବୋଦାର ଏମିତି ଗୋଡହାତ ଧୋଇ ଫ୍ରେସ୍ କରାଯାଏ। ସୂଚନା ଅନୁଯାୟୀ କାର୍ଯ୍ୟ କରିଲୁ। କିଛି ସମୟ ପରେ ଦେଖିଲୁ ଏସ୍.ଓ.ଜି. ଯବାନମାନେ ଦଳ ଦଳ ହୋଇ ଥାନାକୁ ଆସୁଛନ୍ତି। କେଉଁ ଏକ ଯୁଦ୍ଧ ଅଭିଯାନ କି କୋମ୍ବିଂ ଅପରେସନର ପୂର୍ବ ପ୍ରସ୍ତୁତି। ନବାଗତ ଜିରାଫକୁ ଚାହିଁଲା ଭଳି ବିସ୍ମୟ ବିସ୍ଫାରିତ ନୟନରେ ଚାହିଁଥିଲୁ।

ISSN NO.
2582-208X


କେତେବେଳେ ଏହି ଠାରୁ ପ୍ରସ୍ଥାନ କରିବା କାହାକୁ ଜଣା ନାହିଁ। ଅପରାହ୍ନ ତିନିଟାରେ ଯବାନମାନେ କେତେକ ପୋଲିଂ ପାର୍ଟିକୁ ସୁରକ୍ଷା ବଳୟ ଭିତରେ ନିଜ ନିଜ ବୁଥରେ ଛାଡି ଆସିଲେ।

ସନ୍ଧ୍ୟା ପ୍ରାୟ ଆଗତ। ରାସ୍ତାର ଜନଗହଳି ଭିତରୁ ଥାନା ଆଡକୁ ଶତାଧିକ ନୟନ ଦୃଷ୍ଟି ନିକ୍ଷେପ କରି ଚାଲି ଯାଉଥା'ନ୍ତି। ମନ ଭିତରେ ନିଶ୍ଚିତ ଭାବନା ଯେ ଏହି ଆଖପାଖ ଅଞ୍ଚଳରେ ମାଓବାଦୀ ଲୁଚିଥିବେ। ଏତେ ସଂଖ୍ୟକ ବନ୍ଧୁକଧାରୀଙ୍କ ଆଗମନ ଏପରି ପରିସ୍ଥିତିରେ ହେବା କଥା ସ୍ଥାନୀୟ ବାସିନ୍ଦା ପୂର୍ବରୁ ଜାଣିଥିଲେ। ତେଣୁ ଦୃଷ୍ଟି ଫେରାଇ ନିଜ ନିଜର କାର୍ଯ୍ୟାଭିମୁଖେ ଚାଲି ଯାଉଥା'ନ୍ତି। ଆମ ପାଇଁ ସୂଚନା ଆସିଲା, "ରାତ୍ରି ଭୋଜନ ସମସ୍ତଙ୍କ ପାଇଁ ଏଠାରେ ରନ୍ଧା ହୋଇଛି।"

ରାତି ଠିକ୍ ଦଶଟାରେ ସୂଚନା ଦିଆଗଲା ଯେ ରାତି ତିନିଟାରେ ସମସ୍ତେ ଯିବା ପାଇଁ ପ୍ରସ୍ତୁତ ହେବେ। କିଛି ପୋଲିଂ ଅଧିକାରୀ ଏହି କଥାକୁ ହସରେ ଉଡାଇଦେଲେ। ସକାଳ ଛଅଟାରେ ଆମେ ଏଠାରୁ ଯିବା କଥା ସାର ବୋଲି ପରସ୍ପର କଥା ହେଲେ ଓ ମଜାମଜଲିସ୍ କରି ଆରାମରେ ଶୋଇଗଲେ। ମାତ୍ର ଯେଉଁମାନେ କଥାକୁ ଗୁରୁତ୍ୱ ଦେଲେ ସେମାନେ ମତଦାନ ପୂର୍ବ ଦିନର ଅର୍ଦ୍ଧେକ କାମ ସେହିଠାରେ ହିଁ ସାରି ଦେଇଥିଲେ।

ରାତି ଠିକ୍ ତିନିଟାରେ କମାଣ୍ଡର ନିଜେ ନିବାସଗୁଡିକୁ ଯାଇ ଅଧିକାରୀମାନଙ୍କୁ ଉଠାଇ କହୁଥିଲେ,"ଆପଣମାନଙ୍କୁ ରାତି ତିନିଟାରେ ଉଠି ପ୍ରସ୍ତୁତ ହେବା ପାଇଁ ସୂଚନା ଦିଆଯାଇଥିଲା। ଉଠନ୍ତୁ,ଉଠନ୍ତୁ। ଯଥାଶୀଘ୍ର ପ୍ରସ୍ତୁତ ହୋଇ ନିଜ ନିଜ ଗାଡିରେ ବସନ୍ତୁ।" ଭାରତୀୟ ସମୟାନୁବର୍ତ୍ତୀତା କେବଳ ଯବାନଙ୍କ କ୍ଷେତ୍ରରେ ଦେଖାଯାଏ ଏକଥା ଅନେକ ସେହି ଦିନ ବୁଝିଗଲେ। ସମସ୍ତେ ନିତ୍ୟକର୍ମ ସାରି ନିଜ ନିଜର ଯାନବାହାନରେ ବସିଗଲେ। ଏସ୍‌ଓଜି ଯବାନଙ୍କ ଅଭେଦ୍ୟ ସୁରକ୍ଷା ଭିତରେ ରାତି ତିନିଟା ତିରିଶ ମିନିଟରେ ବାହାରିଲୁ। ଏତିକି କଡା ସୁରକ୍ଷା ବଳୟ ଭିତରେ ଯିବା ଦେଖି ମୁଖ୍ୟମନ୍ତ୍ରୀ କି ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦୃଶ୍ୟ ମନେ ପଡିଲା। ହେଲେ ମନରେ ଥିଲା ଏକ ଅଜ୍ଞାତ ଭୟ। କେତେବେଳେ କେଉଁ ଆଡୁ ହୁଏତ ଆକ୍ରମଣ ହେବ କହିହେବ ନାହିଁ। ତଥାପି ଆମର ସୁରକ୍ଷା ଦାୟିତ୍ୱ ଯବାନଙ୍କ ହାତରେ ଏଇ କଥା ମନେ ପକାଇ ଟିକିଏ ଆଶ୍ୱସ୍ତି ଲାଗିଲା। ଘନ ସର୍ପିଲ ରାସ୍ତା ଦେଇ ଜଙ୍ଗଲ ଭିତରେ କେତେବେଳେ ଆମେ ପ୍ରବେଶ କରିଗଲୁ କରାଳ ରାତ୍ରିର ଅନ୍ଧକାରରେ ଜଣା ପଡ଼ିଲା ନାହିଁ। ଦୀର୍ଘ ପଚିଶ କି.ମି. କଚ୍ଚା-ପକ୍କା, ଖାଲ-ଢିପ ରାସ୍ତା ଅତିକ୍ରମ କରି

ISSN NO.
2582-208X


ନିଜ ବୁଥରେ ପହଞ୍ଚିଲୁ। ତଥାପି ଅନ୍ଧକାର ଅପସରି ନଥିଲା। ଆମ ବସର ଆଗରେ ଥିବା ବୋଲେରୋରୁ ଯବାନମାନେ ଚାରିଆଡ଼େ ଦୃଷ୍ଟି ନିକ୍ଷେପ କରି ଗାଡିରୁ ଓହ୍ଲେଇଲେ। ପ୍ରତି ଆକ୍ରମଣ ନିମନ୍ତେ ପ୍ରସ୍ତୁତ ତଥା ସତର୍କ ଭଙ୍ଗୀରେ ଧୀରେ ଧୀରେ ବିଦ୍ୟାଳୟ ପରିସରରେ ପ୍ରବେଶ କଲେ।ଦେଖିଲେ ଯେ ବିଦ୍ୟାଳୟ କୋଠରୀଦ୍ୱୟରେ ତାଲା ଝୁଲୁଛି। ଜଣେ ଯବାନ ସାଥୀ ଜବାନଙ୍କୁ ଇଙ୍ଗିତ କଲେ ଜେକ୍ ରଡ୍ ଆଣିବା ପାଇଁ। ତା'ପରେ ତାଲା ଭାଙ୍ଗି ଆମକୁ ଆସିବା ପାଇଁ ଆବାଜ୍ ଦିଆଗଲା। ଆମମାନଙ୍କର ମନରେ ଭୟ ଜାତ ହେତୁ ପରସ୍ପର କଥା ମଧ୍ୟ ହେଉନଥିଲୁ। ଆମର କଥାବାର୍ତ୍ତା ଶୁଣି କିଏ କେଉଁଠାରୁ ଆସି ଭୋଟ ବାକ୍ସ୍ କି କାଗଜପତ୍ର ଲୁଟି ନେବେ ଏହା ବି ଭୟର ଅନ୍ୟ ଏକ କାରଣ ଥିଲା। ଅପରପକ୍ଷରେ କୋଠରୀର ଚାବି ବିଦ୍ୟାଳୟ ପରିଚାଳନା କମିଟିର ସଭାପତିକୁ ଶିକ୍ଷକ ଦେଇ ଯାଇଥିଲେ ଓ ତାଙ୍କର ଘର ବୁଥ୍ ଠାରୁ ଅଧ କିଲୋମିଟର ଦୂରରେ ଅବସ୍ଥିତ।

ମତଦାନ ଶୃଙ୍ଖଳିତ ଭାବରେ ତଥା ଶତପ୍ରତିଶତ ହେଲା। କେହି କାହାର ନାଁ ରେ ଗୋଟିଏ ବି ଭୋଟ ଦେଲେ ନାହିଁ। ମଦ୍ୟପଙ୍କ ପ୍ରାଦୁର୍ଭାବ ନଥିଲା। ଟାଉଟର କି ଏକ ଦଳ ପ୍ରତି ସମର୍ପିତ ପ୍ରବଞ୍ଚକମାନେ ନଥିଲେ। ନିର୍ଦ୍ଧାରିତ ସମୟ ପୂର୍ବରୁ ମତଦାନ ଶେଷ ହୋଇଗଲା। ସେହି ସରଳ, ନିଷ୍କପଟ, ଅମାୟିକ ବ୍ୟକ୍ତିତ୍ୱଙ୍କୁ ଦେଖି ଯେତିକି ଆଶ୍ଚର୍ଯ୍ୟ ଲାଗିଲା ସେତିକି ଆନନ୍ଦିତ ମଧ୍ୟ ହେଲି। ହେଲେ ସ୍ୱାଧୀନତାର ୭୫ ବର୍ଷ ଅତିକ୍ରାନ୍ତ ପରେ ବି ସେହି ଅଞ୍ଚଳର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରେ ବିକାଶର ଧାରାରେ ଶିକ୍ଷା ପ୍ରତି ସଚେତନତାର ଅଭାବ ଓ ଲାଲ୍ ବାହିନୀର ଆତଙ୍କ ବିରାଟ ପାଚେରୀ ରୂପେ ଠିଆ ହୋଇଛି ଏହା ଆଉ ବୁଝିବାକୁ ବାକି ରହିଲା ନାହିଁ। ଏମାନଙ୍କ ପ୍ରତି ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

ଆମମାନଙ୍କର ମନରେ ନିଃସ୍ୱାର୍ଥ ସେବା, ଆପଣାର ଭାବ, ତ୍ୟାଗ, ସମର୍ପଣ, ଆତ୍ମବିଶ୍ୱାସ ପ୍ରଭୃତି ସହଜାତ ପ୍ରବୃତ୍ତି ଦେଖାଗଲେ ନିର୍ବାଚନରେ ଅଯଥା ଭୟ, ଶଙ୍କା, ସନ୍ଦେହ, ଆତ୍ମଗ୍ଲାନି, ହତାଶବୋଧ କେଉଁ ଆଡେ ଉଭେଇ ଯାଆନ୍ତା। ଆମେ ନିର୍ମଳ ଓ ସ୍ୱଚ୍ଛ ଭାବମୂର୍ତ୍ତି ବ୍ୟକ୍ତିତ୍ୱକୁ ପ୍ରତିନିଧି ରୂପେ ନିର୍ବାଚିତ କରି ଦେଶର ପ୍ରଗତିରେ ସହାୟକ ହୋଇ ପାରିବା। ଫଳରେ ସମାଜରେ ସୁଖ, ଶାନ୍ତି, ସମୃଦ୍ଧି ସର୍ବଦା ବିରାଜମାନ କରିବ। ତେଣୁ ଆମେ ସମସ୍ତେ ଏହି ଦିଗ ପ୍ରତି ବିଶେଷ ଦୃଷ୍ଟି ଦେବା ଉଚିତ।

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ମା ବସୁଧା



ପ୍ରକାଶ ଚନ୍ଦ୍ର ପଣ୍ଡା

ମା ସର୍ବଂସହା ମା ଲୋ ବସୁଧା
ତୋ କୋଳେ ଜନମ ନେଇ
ଏ ଜୀବନ ମୋର ସାର୍ଥକ ହୋଇଛି
ତୋ ପରି ମା ପାଇ ।
ଜନନୀ ଜଠରୁ ଜନ୍ମ ନେଲାପରେ
ତୋ କୋଳେ ନେଲୁ କୋଳେଇ
ମୋ ଅଳ ଅଝଟ କରିନୁ ଆକଟ
ସବୁ ନେଇଛୁ ତୁ ସହି ।
ତୋ ପାଣିପବନ କରି ମୁହିଁ ପାନ
ତୋ ବୁକୁରେ ଖେଳଧୂଳ
ତୋ ବଣ ଜଙ୍ଗଲେ ବର ଓହଳରେ
ଖେଳଛି କେତେ ମୁଁ ଦୋଳ ।
ସବୁଜିମା ଭରା ଘାସ ଗାଲିଚ୍ଚରେ
ଜାଇଛି ମୁଁ ଯେବେ ଲୋଟି
ସରଗର ସୁଖ ମିଳଯାଏ ମୋତେ
ସତେ ମା କାନ ଯେମିତି ।
ସକାଳରୁ ସଂନ୍ଧ୍ୟା ଆମପାଇଁ ବନ୍ଧା
ସେବାରେ ଆମର ତୁହି
ଧନ୍ୟ ଏ ଜୀବନ ସବୁ ତୋ ଦାନ
ତୋପରି ମା କାହିଁ ।

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X


# ଏଇ ମୋ ପ୍ରିୟ



ରାଜକିଶୋର ସାଇଁ

ଏଇ ମୋ ପ୍ରିୟ ଓଡିଶା କେଡେ ମିଠା ମୋର ଭାଷା
ମାତୃଭୂମି ମାତୃଭାଷା ଆଉ ଜନନୀ
ଜୀବନେ ଯା ମୂଳ ଲକ୍ଷ୍ୟ ଧର୍ମ ଅର୍ଥ କାମ ମୋକ୍ଷ
ଏ ଚଉବର୍ଗ ଦାୟିନୀ ପରା ଏ ତିନି
ସୁଖ ଦୁଃଖେ ନୋହି ବିମୁଖ
ସେବିବି ତିନିଙ୍କୁ ପ୍ରାଣ ମୋ ଥିବା ଯାକ ।୧ ।

ଏ ଜାତି ଶୁଭ ଚିନ୍ତକ ସେବା ତ୍ୟାଗର ପ୍ରତୀକ
ଉତ୍କଳ ଗୌରବ ପୁଣି ଉତ୍କଳ ମଣି
କୃଷ୍ଣଚନ୍ଦ୍ର ଗଜପତି ବ୍ୟାସକବି ସେନାପତି
ପାରିବ କେ ତାଙ୍କ ଜାତି ପ୍ରୀତି ବଖାଣି
ତାଙ୍କ ବଳିଦାନ ପ୍ରେରଣା
ମନୁ ଦୂରକରେ ଭାବ ପର ଆପଣା ।୨ ।

ସବୁ ଧର୍ମ ପ୍ରିୟ ପୀଠ ଓଡିଆଙ୍କର ଯେ ଇଷ୍ଟ
ବିଜେ ଏଠି ନୀଳାଚଳେ ଜଗତନାଥ
ସିନ୍ଧୁ ତଟେ ଏ ମନ୍ଦିର ଶିଳ୍ପ କଳାର ସମ୍ଭାର
କିମ୍ବଦନ୍ତୀ ଇତିହାସେ ବିଶ୍ୱ ବିଦିତ

ISSN NO.
2582-208X

ଏ ଦିଅଁ ମହିମା ଅପାର
ଭକ୍ତିରେ ଡାକିଲେ ଦୁଃଖ କରନ୍ତି ଦୂର ।୩।

ବିଶ୍ୱ ଐତିହ୍ୟ କୋଣାର୍କ ଓଡିଶୀ ନୃତ୍ୟ ମାଦକ
ପର୍ଯ୍ୟଟକଗଣେ କରିଦିଏ କିମିଆ
ତା ବନ ଗିରି ଝରଣା ବେଳାଭୂମିର ସୁଷମା
ଯେତେ ଦେଖୁଥିଲେ ସେତେ ଲାଗଇ ନୂଆ
ତାର ଶାନ୍ତ କାନ୍ତ ପ୍ରକୃତି
ସତେ ଅବା ଏ ମରତେ ଅମରାବତୀ ।୪।

ଏ ରାଇଜେ ମୋ ଜନମ ତା ପାଣି ଆଉ ପବନ
ବହୁଅଛି ମୋର ଦେହେ ହୋଇ ରକତ
ହୋଇ ଯିଏ ମୋର ସାହା ଦେଲା ବଞ୍ଚିବାର ରାହା
ତା ଆତ୍ମାକୁ କରିବିନି କେବେ ଆହତ
ଭକତିରେ ତା ପାଦତଳେ
ନିତି ସଞ୍ଜ ସକାଳେ ମୁଁ ପ୍ରଣତି ଢାଳେ ।୫।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ଦୋଳ ପୂର୍ଣ୍ଣିମା



କୃଷ୍ଣ ଚନ୍ଦ୍ର ବାରିକ

ଗୋପ ଗୋପାଲୁଣୀ ଗଲେ ନୀର ଆଣି
ଯମୁନା ପୁଳିନେ ମିଳି
ଅଷ୍ଟ ଅଳଙ୍କାର ଦେହରୁ କାଢିଲେ
ସ୍ନାହାନ କରିବେ ବୋଲି

ଚିଲ ପକ୍ଷୀ ଏକ ଖାଇବା ପଦାର୍ଥ
ମଣି ନେଲା କାନ ଫୁଲ
କଦମ୍ବ ଡାଳରେ  ନିରତେ ଖୁମ୍ପିଲା
ଭୋକରେ ହୋଇ ବିକଳ

ସୁବର୍ଣ୍ଣର ସେହି କାନ ଫୁଲ ଗୋଟି
କୁଞ୍ଜ ବନେ ଫୋପାଡିଲା
ଜଳରୁ ବାହାରି ଶ୍ରୀରାଧା ସୁନ୍ଦରୀ
ଖୋଜି ଖୋଜି କାନ୍ଦି ମଲା

ଅନ୍ତ ପୁରେ ଯାଇ ଲୋତକ ଝରାଇ
ରହିଲାକ ତୁନି ହୋଇ
ବତ୍ସା ଚରା ବେଳେ ସୁଦାମା ସୁବଳ
କାନଫୁଲ ପାଇଲେଇଁ

ISSN NO.
2582-208X

ଗୋପ ଇଷ୍ଟ ଦେବୀ ମାଆ ପୂର୍ଣ୍ଣମାସୀ
ବୋଲେ ଶୁଣ କଳା କାହ୍ନୁ
ରାଇ କାନଫୁଲ କର ଦୋଳ ଯାତ
ଭୁଲି ଯାଆ ନାହିଁ ମନୁ

ବିମାନ ଆରୋହୀ ପ୍ରଭୁ ଭାବଗ୍ରାହୀ
ଶୁକ୍ଳ ଦଶମୀର ଦିନ
ଅବିର ମଣ୍ଡିତ ଫଗୁଣ ପୂର୍ଣ୍ଣିମା
ଦ୍ୱାରେ ଦ୍ୱାରେ ବିଜେ କୃଷ୍ଣ

ସାଙ୍ଗ ସାଥି ଧରି ରଙ୍ଗ ପିଚକାରୀ
ଖେଳିଲେ କଳା ଶ୍ରୀମୁଖ
ବିମାନ ଉପରେ ଅତି ଯତନରେ
କାନଫୁଲ ବାବୁ ରଖ

ପ୍ରେୟସୀ ପ୍ରେମିକା ବିରହୀ ରାଧିକା
ଦେଖି ସେହି କାନଫୁଲ
ବୋଲନ୍ତି ଲଳିତେ ଆଣ ଯାଇ ଏଥେ
ବୁଝାଇ ନନ୍ଦ ଦୁଲାଳ

ନଟିଆ ନାଗର ରସିକ ଶେଖର
କରି ଦେଲେ ତାକୁ ମନା
ଯାହାର ଦରବ ସିଏ ଆସି ନେଉ
ଫେରିଯାଆ ରେ ନବିନା

ଆସିଲେ ନି ରାଇ କ୍ରୋଧାନ୍ୱିତ ହୋଇ
ଆତ୍ମଦାହ ଆଶେ ଗଲେ

ISSN NO.
2582-208X

ଯମୁନା ଜଳରେ ହାରିବେ ପରାଣ
କୃଷ୍ଣଙ୍କୁ ଲଳିତା ବୋଲେ

ଧାଇଁଲେ ମୁରାରୀ ବଜାଇ ବାଁଶରୀ
କୁଞ୍ଜ ବନେ କଲେ କୋଳ
ମାନିନୀ ମାଧୁରୀ ଚତୁରୀ କିଶୋରୀ
କାନେ ଦେଲେ କାନଫୁଲ

ରାଧା କୃଷ୍ଣ ଦୁହେଁ ବିମାନ ଆରୋହୀ
ଦୋଳ ମଣ୍ଡପରେ ବିଜେ
ରଙ୍ଗେ ରଙ୍ଗାୟିତ ରାଇ ରଙ୍ଗାଜୀବ
ପ୍ରୀତି ପ୍ରଣୟର ଶେଯେ ।

ସାରସମାଲ, ଏସ୍ ରାମପୁର,
ସୁବର୍ଣ୍ଣପୁର

ISSN NO.
2582-208X

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନତା ପଣ୍ଡା

## ନାନୀ ଓ ତାର ଶେଷ ଦିନ –

ନାନୀ ଜୀବନ ସାରା ଦୁଃଖ ପାଇ ଥିଲା । ପିଲାଟି ଦିନରୁ ଆମେ ତା' ପାଖରେ ବଢ଼ିଛୁ । ତା' ଦୁଃଖ ଦେଖିଲେ ମୋ'ର ମନେ ହୁଏ କୌଣସି ମତେ ମୁଁ ତା' ଦୁଃଖରେ ଟିକିଏ ଭାଗୀ ହୋଇ ପାରନ୍ତି ନି! ଟିକିଏ ଲାଘବ ହୋଇ ଯାଆନ୍ତା ଯଦି... ମୋ' ମନ କଥା ମନରେ ରହିଯାଏ । ମୋ'ର ସେତେବେଳେ ସ୍କୁଲ୍ କଲେଜରେ ପାଠ ପଢ଼ା । ଭେଲୋର୍‌ରେ ଥିବା ସମୟରେ ବାପା ମୋ' ପାଖେ ଥିଲେ । ତାଙ୍କର ଚିକିତ୍ସା ଚାଲିଥିଲା । ଛଅମାସ ପରେ ଯେମିତି ତାଙ୍କର ପୁର୍ନଜନ୍ମ ହୋଇଥିଲା । ବାପାଙ୍କୁ ଭୁବନେଶ୍ୱରରେ ଛାଡ଼ିବାକୁ ଯିବା ସମୟରେ ନାନୀ ମଧ୍ୟ ସେଠାକୁ ଆସିଥିଲା । ବାପାଙ୍କୁ ଦେଖି ବହୁ ଖୁସି ହୋଇଥିଲା । ହେଲେ ମୁଁ ଅନୁଭବ କଲି ସେ ଯେମିତି କିଛି କହିବାକୁ ଯାଇ ଅଟକି ଯାଉଥିଲା । ମୋ'ର ବୋଧେ ମନ ପଢ଼ିବାର ବୟସ ଆସି ଯାଇଥିଲା । କହିଥିଲି "ବାପାଙ୍କୁ ହସ୍‌ପିଟାଲ୍‌ରେ ଭର୍ତ୍ତୀ କରି ରଖିଥିଲି ନାନୀ ।

ମୁଁ ତ ହଷ୍ଟେଲ୍‌ରେ ରହୁଛି । ହେଲେ ମନେ ରଖିଥା, ଯେଉଁଦିନ ଚାକିରୀ କରି କ୍ୱାଟର୍ସ ପାଇବି ସେଇଦିନଠୁ ତୁ ମୋ' ପାଖରେ ରହିବୁ ।" ମାତ୍ର ଲକ୍ଷ୍ୟ କଲି ସେ ମୋ' କଥାରେ ଜମା ଗୁରୁତ୍ୱ ନ ଦେଇ କହିଲା, "ହ... ତୁ ତ ଘର ସଂସାର କରି ରହିବୁ । ମତେ କିଏ ପଚାରିବ! ମୁଁ ତ ଗୋଟାଏ ପଚା ପରିବା", ତା' କଥାକୁ ହସରେ ଉଡ଼ାଇ ଦେଇ କହିଲି "ବହୁତ ଭଲ ହେବ । ମୋ' ବଗିଚାରେ ସାର କାମ ଦେବ ।"

ନାନୀ ମୋ' ଜନ୍ମ ପୂର୍ବରୁ ନିଜ ସ୍ୱାମୀଙ୍କୁ ହରାଇ ଶ୍ୱଶୁର ଘର ତ୍ୟାଗ କରିଥିଲା । ବଡ଼ ହୋଇଗଲା ପରେ ଜାଣିଲି ତା' ସ୍ୱାମୀ ଖୁବ୍ ଧନୀ ବାପାଙ୍କର ଏକମାତ୍ର ସନ୍ତାନ ଥିଲେ ।

ସାଇପଡ଼ିଶା ତାକୁ ଖୁବ୍ ବୁଝାଇଥିଲେ । ସେ ସବୁ ସମ୍ପତ୍ତିର ଅଧିକାରିଣୀ ତୁ । ମାତ୍ର ତା'ର ଗୋଟିଏ ଉତ୍ତର ଥିଲା "ଯେତେ ସବୁ ଧନ ସମ୍ପତ୍ତି ମୋ' ସ୍ୱାମୀଙ୍କର ଜୀବନ ଠାରୁ କ'ଣ ଅଧିକା । ତାଙ୍କୁ ହରାଇବା ପରେ ଏ ସବୁ ମୋ' ନିକଟରେ ମୂଲ୍ୟହୀନ ।" ମୋ'ର ଯାହା ମନେ ହୁଏ ଏଇମିତି ଏକ ଭାବ ବିହ୍ୱଳତା ସିଦ୍ଧାନ୍ତ ତା' ଜୀବନ ପାଇଁ ଅଭିଶାପ ହୋଇ ଉଠିଥିଲା । ଦୁଃଖମୟ ଜୀବନ ତାକୁ ଏକଜିଦିଆ ମଧ୍ୟ କରି ଦେଇଥିଲା । ସମାଜ କାହିଁକି ବା କାହାର ଅତ୍ୟଧିକ ଜିଦିକୁ ସହିବ!

ନାନୀ ସହ ଆମ ସମସ୍ତଙ୍କର ସମୟ ଖୁବ୍ ଆନନ୍ଦରେ କଟୁଥିଲା । ଘରର ସମସ୍ତ ଭଲ ମନ୍ଦ ମାମଲାରେ ସେ ଥିଲା ବିଚାରକ । ବଡ଼ନନାଙ୍କ ବିବାହର ପୂର୍ବଦିନ ପ୍ରଥମ ଥର ପାଇଁ ମୁଁ ଅନୁଭବ କରିଥିଲି ସେ ଏକ ଦୁଃଖିନୀ । ସମସ୍ତେ ଯେତେବେଳେ ସୁଖର ମୁହୂର୍ତ୍ତମାନଙ୍କରେ ନିଜ ନିଜକୁ ବୁଡ଼ାଇବାର ପ୍ରଚେଷ୍ଟା କରୁଥିଲୁ ସେ ଘର ଛାଡ଼ି ଚାଲି ଯାଇଥିଲା ।

ସମୟ ଗଡ଼ି ଚାଲିଥିଲା ଆଗକୁ । ଇଶ୍ୱରଙ୍କର ଅସୀମ କୃପା । ଆଉଥରେ ପରିବାରରେ ସୁଖ ଶାନ୍ତି ଫେରି ଆସିଥିଲା । ଆମ ପରିବାରରେ ଦୁଇଟି ନୂଆ ଅତିଥି । ନାନୀର ସେମାନଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଦେଖି ମୋ'ର ମନେହେଉଥିଲା, ଏଇ ଅତିଥି ଦୁହେଁ ପ୍ରଚୁର ମାତୃ ସ୍ନେହ ପାଉଥିବା ସମୟରେ ମଧ୍ୟ ନାନୀର ସେମାନଙ୍କ ପାଇଁ ଏତେଟା ଉତ୍ସାହ… ମୁଁ ତ ଥିଲି ମାତୃସ୍ନେହରୁ ବଞ୍ଚିତା । ମୋ' ପାଇଁ ସେ ନିଶ୍ଚିତ ଭାବେ ୟା' ଅପେକ୍ଷା ଅଧିକ କରିଥିବ । ତେଣୁ ତା' ପାଇଁ ଖଞ୍ଜା ହୋଇଥିବା ଦୁଃଖର ପାହାଡ଼କୁ ମୁଁ ଛିଡ଼ା ହେବାକୁ ଦେବିନି ।

ମୋ'ର ସଂସାର ଆଗକୁ ବଢ଼ିଥିଲା । ବିବାହ… ପରେ ପରେ ମୋ'ର କୁଳଚନ୍ଦ୍ରମାର ଜନ୍ମ । ନାନୀକୁ ବହୁବାର କହିବାର ଶୁଣିଛି, "ମତେ ତୋ ପାଖକୁ ଦିଲ୍ଲୀ ନେଇ ଯାଉନୁ ?"

ଅନ୍ୟ ଏକ ଶୁଭ ଚିନ୍ତକ କହିଥିଲେ, "ନବ ଜନ୍ମିତ ଶିଶୁ ପାଇଁ ଗୁରୁଜନ ମାନଙ୍କର ଉପସ୍ଥିତି ଭଗବାନଙ୍କର ଆଶୀର୍ବାଦ । ତାଙ୍କୁ ପାଖକୁ ନେଇ ଯା ।"

ISSN NO.
2582-208X

କାହିଁକି କେଜାଣି ମୋ' ମନ ମାନିଲାନି । ମୋ' ଦେଖାଶୁଣା କରି ମତେ ଜୀବନସାରା ତା' ନିକଟରେ ଚିର କୃତଜ୍ଞ କରି ଦେଇଛି, ପୁଣି ପୁଅ ପାଇଁ । ନାଁ, ଏତେଟା ସ୍ୱାର୍ଥପର ହେବା ଠିକ୍ ନୁହେଁ । ବର୍ତ୍ତମାନ ପାଇଁ ସେ ଯେଉଁଠି ଅଛି ଭଲରେ ଅଛି, ଏଠାକୁ ଆଣିଲେ ତାର ଘାଣ୍ଟି ହେବା ସାର ହେବ । ମୋ'ର ପ୍ରଥମ ଚାକିରୀ ସ୍ୱଳ୍ପ ବେତନ, ଚଳପ୍ରଚଳ ପାଇଁ ମାତ୍ର ଗୋଟିଏ ରୁମ୍, ସର୍ବୋପରି ଏ.ଆଇ.ଆଇ.ଏମ୍‌ସ ର କଠୋର ପରିଶ୍ରମ ଭିତରେ ବୁଡି ରହି ପୁଣି ତା' ଉପରେ ପୁଅର ସମସ୍ତ କାମ ନ୍ୟସ୍ତ କରିଦେବି ।

ସମୟ ଏବଂ ଜୁଆର କାହା ପାଇଁ ଅପେକ୍ଷା କରେନା । ପୁଅର ଆଡ଼ମିଶନ୍ ଦିଲ୍ଲୀ ପବ୍ଲିକ୍ ସ୍କୁଲ୍‌ରେ ହୋଇଗଲା । ବିନା ଡ଼ୋନେସନରେ ୧୯୮୦ ମସିହାର ସମସ୍ତ ସ୍କୁଲ୍ ଅପେକ୍ଷା ପ୍ରସିଦ୍ଧ ସ୍କୁଲ୍‌ରେ ଆଡ଼ମିଶନ୍ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଶହେଟା ପ୍ରଶ୍ନର ଉତ୍ତର ଥିଲା ଈଶ୍ୱରଙ୍କ କୃପା । ତାଙ୍କୁ ଜଣା ଅଛି ଗୋଟିଏ ମଧ୍ୟ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ମୁଁ ସାମର୍ଥ ନୁହେଁ । ତେଣୁ ଚାରିବର୍ଷ ପିଲାଟିର କଣ୍ଠରେ ବସି ପ୍ରଶ୍ନୋତ୍ତରରେ ସେ ସ୍କୁଲ୍‌ର ସମସ୍ତଙ୍କୁ ମୋହିତ କରାଇ ଦେଇଥିଲେ । ମତେ ନିଜକୁ ମଧ୍ୟ ଆଶ୍ଚର୍ଯ୍ୟ ଲାଗିଥିଲା, ଏସବୁ ପୁଅ ମୁଁ ଶୀତୁକୁ ଶିଖାଇଥିଲି! ଜମା ନୁହେଁ ।

ନାନୀ ଦିଲ୍ଲୀର ଶୀତ ସହି ପାରିବନି । ତେଣୁ ମାର୍ଚ୍ଚ ମାସରେ ମୋ' ସ୍ୱାମୀ ତାକୁ ଭୁବନେଶ୍ୱରରୁ ଦିଲ୍ଲୀ ନେଇ ଆସିଥିଲେ । କହନ୍ତି ରକ୍ତଗତ ସଂପର୍କ । ସାଢ଼େ ଚାରି ବର୍ଷର ପିଲା ନାନୀର ଟିକି ନିଖି ଖବର ବୁଝୁଥାଏ ଦିନକର କଥା ମୋ'ର ତିନି ଚାରିଟା ଏମରଜେନ୍‌ସୀ ଅପରେସନ ଥାଏ । ସ୍ୱାମୀଙ୍କର କେହି ବନ୍ଧୁ ଦମ୍ପତି ଚାହା ପାଇଁ ଆସୁଥିଲେ। ପ୍ରକାଶ (ପୁଅର ଦେଖା ଶୁଣା କରେ) କିଛି ନ ବୁଝି ନ ଶୁଝି ତାକୁ ତାହାର ସବୁଠୁ ଦାମୀକା ସୁନ୍ଦର ଡ୍ରେସ୍‌ଟି ପିନ୍ଧାଇ ଦେଇ ନିଜ କାମରେ ଲାଗିଲା । ଶୀତୁ(ପୁଅ) ମୋ' ଆଲମାରୀ ଖୋଲି ମୋ'ର ଗୋଟିଏ ସୁନ୍ଦର ଧଳା ଶାଢ଼ୀ ଏବଂ ମୋତି ହାର ଆଣି କହିଲା, “ମାଫୋନ୍ କରିଥିଲେ ମାଉସୀ ।

ଘରକୁ ବହୁ ଅତିଥି ଆସୁଛନ୍ତି । ତେଣୁ ଆମେ ସବୁ ଭଲ ଭଲ ଡ୍ରେସ୍ ପିନ୍ଧି ରହିବା । ଦେଖୁନ ମୁଁ କେଡ଼େ ସୁନ୍ଦରଟାଏ ପିନ୍ଧିଛି । ତୁମେ ଶୀଘ୍ର ବଦଳାଇ ଦିଅ । ସେମାନେ ଆସିଯିବେ ।”

ତିନିବର୍ଷ କେମିତି କଟିଗଲା ଜଣା ପଡ଼ିଲାନି । ହଠାତ୍ ଦିନେ ନାନୀ ଜିଦି କରି ବସିଲା, "ମୁଁ ଓଡ଼ିଶା ଯିବି । ମତେ ନ ପଠାଇଲେ ନିଜେ ନିଜେ ଚାଲିଯିବି ।" ବାଧ୍ୟ ହୋଇ ଭୁବନେଶ୍ୱର ପଠାଇଲି ।

ଛୁଆ ନନାଙ୍କ ପୁଅ ମୁନ୍ନାର ବ୍ରତଘର ଏବଂ ଘର ପ୍ରତିଷ୍ଠା ଆମେ ସମସ୍ତେ ଭୁବନେଶ୍ୱର ଯାଇଥିଲୁ । ନାନୀ ଖୁବ୍ ଉତ୍ସୁକତାର ସହ ଦଉଡ଼ି ଦଉଡ଼ି ସବୁ କାମ କରୁଥିଲା । ମୁନ୍ନା ଶୀତୁ ବାହାରେ ଖେଳୁଥିଲେ ଛୁଆନନା, ସାନ ନୂଆବୋଉ ଜିନିଷ ପତ୍ର କିଣା ହେବା ପାଇଁ ତାଲିକା କରୁଥିଲେ । ଘର ତୋଳା କାମ ପୁରା ଶେଷ ହୋଇ ନ ଥାଏ । ତେଣୁ କେଉଁଠି ସିମେଣ୍ଟ ତ ଅନ୍ୟଠାରେ ବାଲି । ବାହାରେ ଇଟା, ପଥର ବି କୁଢ଼ା ହୋଇ ରହିଥାଏ । ସବୁ କବାଟ ଗୁଡ଼ା ଲାଗି ସାରି ନ ଥିଲା । କେତେଟା କାନ୍ଥକୁ ଆଉଜା ହୋଇ ରଖା ଯାଇଥିଲା । ହଠାତ୍ ଦେଖିଲି ଶୀତୁ ମୋ' ଆଡ଼କୁ ଦୌଡ଼ି ଦୌଡ଼ି ଆସୁଛି । କ'ଣ ହେଲା ବୋଲି ମୁଁ ଧଡ଼୍ କରି ଉଠି ପଡ଼ିଲି । ଧଇଁ ସଇଁ ହୋଇ ଶୀତୁ କହିଲା, ତୁମେ ଏଠି ବସିଛ, ଦୀଓ୍ୱାର ପାଖ କବାଟ ମାଉସୀ ଉପରେ ଢାଇ । ଶୀଘ୍ର ଆସ । ନାନୀର ଗୋଟିଏ ହାତ ଭାଙ୍ଗି ଯାଇଥିଲା । ଶୀଘ୍ର ତାକୁ ହସ୍‌ପିଟାଲ୍ ନେଇ ପ୍ଲାଷ୍ଟର କରାହେଲା । ତା' ମନୋବଳର ସୀମା ନାହିଁ । ଗୋଟିଏ ହାତରେ ପୁଣି ତା'ର କାମ ଆରମ୍ଭ ହୋଇଯାଇଥିଲା । ବ୍ରତଘର ଶେଷ ପରେ ଆମେ ତାକୁ ସଂଗରେ ନେଇ ଦିଲ୍ଲୀ ଫେରିଲୁ । ପ୍ଲାଷ୍ଟର ଖୋଲା, ଫିଜିଓ ଥେରାପୀ ବହୁଦିନ ପର୍ଯ୍ୟନ୍ତ ଚାଲିଲା । ହସ ଖୁସିରେ ପୁଣି ଦୁଇବର୍ଷ କଟିଗଲା ।

"ନାଁ, ମୁଁ କମାଗୁରୁ ଯିବି । ନ ହେଲେ ମୋ' ଘର ସେମାନେ ଭାଙ୍ଗି ଖାଇଯିବେ ।"

ମୋ' ପାଖରେ ତ ଏବେ କିଛି ବି ଅସୁବିଧା ନାହିଁ ନାନୀ କାହିଁକି ସେ ଜଙ୍ଗଲ ଭିତରକୁ ଯିବାକୁ ଚାହୁଁଛି? କ'ଣ ଅଛି ସେଠି? ଛଅଫୁଟିଆ ଚାଳଘର ଖଣ୍ଡେ । ତା'ରି ଭିତରେ ସବୁ। ମୁଁ ତା'ର ଚଳଣୀରେ କିଛି ଅସୁବିଧା କରୁଛି କି? ନିଜ ଭୁଲ୍ ତ ନିଜ ଆଖିକୁ ଦିଶେନା । ତେଣୁ ସେ ଭଲ ପାଉଥିବା କେତେଜଣ ଓଡ଼ିଆଙ୍କ ଠାରୁ ପରାମର୍ଶ ନେଇଥିଲି । ଏଠାରେ ରାଜକୀୟ ବିଳାସରେ ରଖିଲେ ମଧ୍ୟ ସେ ହେଲା ତାଙ୍କର ନିଜସ୍ୱ, ଯିବାକୁ ଦିଅ ।

ବଡ଼ ନୂଆବୋଉଙ୍କ ଠାରୁ ଫୋନ୍ ଆସିଲା ନାନୀର ହିମୋଗ୍ଲୋବିନ୍ ତିନି ଗ୍ରାମ୍ । ଆଶୁ ଚିକିତ୍ସା ଆବଶ୍ୟକ । କମାଗୁରୁର ଯୁବକ ତାଙ୍କୁ ଆଣି ଭୁବନେଶ୍ୱରରେ ଛାଡ଼ି ଯାଇଛନ୍ତି । ସମୟ ଖରାପ ନ କରି ନାନୀକୁ କାହା ସହ ଫ୍ଲାଇଟ୍‌ରେ ପଠାଇବାକୁ କହି ଏ.ଆଇ.ଆଇ.ଏମ୍.ଏସ୍ ପ୍ରାଇଭେଟ୍ ୱାର୍ଡ଼ରେ ଗୋଟିଏ ରୁମ୍ ବୁକ୍ କରି ତହିଁ ଆରଦିନ ସକାଳେ ଏୟାର୍ ପୋର୍ଟ ପାଇଁ ବୁକ୍ କଲି । ପୁଅର ସ୍କୁଲ୍ । ଜଣେ କେହି ରୁମ୍‌ରେ ରହିବା କଥା । ମନେ ପଡ଼ିଲା ମୋ'ର ଜଣେ ଜଣାଶୁଣା ଅସୀମା ମେହେଟା । ତାଙ୍କୁ ଅନୁରୋଧ କଲି । ଖୁବ୍ ଶୀଘ୍ର ୱାର୍ଡ଼ ରାଉଣ୍ଡ ନେଇ ଏୟାର୍ ପୋର୍ଟ ବାହାରୁଥିଲି, ସେ ଆସି ପହଞ୍ଚିଲେ ତାଙ୍କୁ ସବୁ ବୁଝାଇ ଏୟାର୍ ପୋର୍ଟ ଗଲି । ନାନୀ ଦୁଇମାସରୁ ଉର୍ଦ୍ଧ୍ୱ ଭର୍ତ୍ତୀ ରହିଲା । ସଂପୂର୍ଣ୍ଣ ସୁସ୍ଥ ହେବା ପରେ ଘରକୁ ଫେରିଲା । ସେତେବେଳେ ଆମେ ହସ୍‌ପିଟାଲ୍‌ରୁ ୪–୫ କି.ମି. ଦୂରରେ ରହୁଥିଲୁ । ମାତ୍ର କ୍ୱାଟର୍ସଟି ଖୁବ୍ ବଡ଼ । ସ୍ୱତନ୍ତ୍ର ପୂଜା ରୁମ୍ । ନାନୀ ଭାରି ଖୁସି । ପୁଣି ହସ ଖୁସିରେ କଟିଗଲା ପାଞ୍ଚଟି ବର୍ଷ । ପୁଅ ମେଡ଼ିକାଲ ପଢ଼ିବା ପାଇଁ ଦିଲ୍ଲୀ ବାହାରେ ରହୁଥିଲା । ମୁନ୍ନା ଆମ ପାଖରେ ରହୁଥିଲା । ତେଣୁ ନାନୀ ଶୀତୁର ଅନୁପସ୍ଥିତି ଜାଣି ପାରୁ ନ ଥିଲା । ଛୁଟୀରେ ଶୀତୁ ଘରକୁ ଆସିଥିଲା । ଦିନ ରାତି ସେ ତିନିଙ୍କର ଗପ, ହସ । ମୁଁ ଉପରେ ମୋ' ରୁମ୍‌ରେ ଥାଇ ଶୁଣି ପାରିଥାଏ । ମୁଁ ତ ବଡ଼ି ସକାଳୁ ବିଛଣା ଛାଡ଼ିଥାଏ । ଶୀତୁ ମଧ୍ୟ ଶୀଘ୍ର ଉଠି ଯାଇଥାଏ ।

ସେଦିନ ମୋ' ଶୋଇବା ଘରକୁ ପଶି ଖୁବ୍ ଉଦାସ ହୋଇ କହିଲା "ସବୁ କାମ ଠିକ୍‌ରେ ନିଜେ କରି ପାରିବନି ଯଦି ସବୁ କାହିଁକି ଆବୁରି ବସ । ମାଉସୀଙ୍କର ନିଶ୍ଚୟ ଅସୁବିଧା ହେଉଛି ।

କାଲି ରାତିରେ ମତେ କହୁଥିଲେ ତାଙ୍କୁ ଭୁବନେଶ୍ୱର ପଠାଇ ଦେବା ପରେ ହିଁ ମୁଁ ଦିଲ୍ଲୀରୁ ଯିବି । ସେ ଓଡ଼ିଶାରେ ମାମୁଁଙ୍କ ପାଖେ ଖୁସିରେ ରହିବେ । ତୁମେ ତାଙ୍କୁ ଘୋଷାଡ଼ୁଛ । ଶୀତୁ କଥା ମୋ' ଉପରେ କିଛି ପ୍ରଭାବ ପକାଇଲାନି । କାରଣ ଭିତର କଥା ମତେ ସବୁ ଜଣା । ତା'ଛଡ଼ା ଗୋଟିଏ ଜାଗାରେ ଅଧିକ ଦିନ ରହିଗଲେ ସେ ବିରକ୍ତ ହୋଇଯାଏ । ସେଇଟା ହେବାହିଁ ସ୍ୱାଭାବିକ । ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ ରହନ୍ତି । ଯେତେ ପ୍ରକାର ଲୋଭ ଦେଖାଇଲେ ମଧ୍ୟ କାହା କଥା ଶୁଣିଲାନି । ଦିଲ୍ଲୀରୁ ଭୁବନେଶ୍ୱରକୁ ପୁରୁଷୋତ୍ତମ ଏକ୍ସପ୍ରେସ୍ ରାତି ଦଶଟାରେ ଯାଏ ବୋଲି ତାକୁ ଜଣା । ବ୍ୟାଗ୍ ଖଣ୍ଡକରେ

ISSN NO.
2582-208X

ତା'ର ଦୁଇ ଚାରିଖଣ୍ଡ ଲୁଗା, କୋଥଳୀ ଆଉ ଗୀତା ଖଣ୍ଡକ ପଶେଇ ସଂଧ୍ୟାରୁ ଯାଇ କାର୍‌ରେ ବସିଲା । ରାତିରେ କିଛି ଗାଡି ନାହିଁ ରାଜଧାନୀରେ ଟିକେଟ୍ ବୁକ୍ କରାଇ ପଠାଇବାକୁ କହିଲି । ମାତ୍ର ସେ ନଛୋଡ଼ ବନ୍ଧା ।" ମତେ ଜଣା ଓଡ଼ିଶାକୁ ରାତିରେ ରେଳ ଯାଏ ସମସ୍ତେ ମିଶି ମତେ ଭୂଆଁ ବୁଲୋଉଛ । ହାର ମାନି ମୁନ୍ନା ଆଉ ଶୀତୁ ସଂଗେ ଷ୍ଟେସନ୍ ଯାଇ ତାକୁ ପୁରୁଷୋତ୍ତମ ଗାଡ଼ିରେ ବସାଇ ଆସିଲି ।

ଶୀତୁ ହଷ୍ଟେଲ୍ ଯିବା ପରେ ମୁନ୍ନା ମଧ୍ୟ ଚାକିରୀ ଅନ୍ୱେଷଣରେ ବିଦେଶ ଚାଲିଗଲା । ଏତେବଡ଼ ଘରଟାରେ ଏକା ଏକା ଖାଇ ଗୋଡ଼ାଉ ଥାଏ । ଭାରତ ସରକାରଙ୍କର ନୂଆ ପ୍ରଜେକ୍ଟ ପାଇଁ ମତେ ଦୁଇବର୍ଷ ପାଇଁ ନେପାଳ ଯିବା ପାଇଁ ଅର୍ଡ଼ର ଆସିଲା । ନୂଆ ଜାଗାରେ ଥଇଥାନ ହେବା ପାଇଁ ମତେ ବେଶ୍ କିଛି ଦିନ ଲାଗିଗଲା । ଠିକ୍ ତିନିମାସ ପରେ ବଡ଼ନୂଆବୋଉଙ୍କ ଠାରୁ ଫୋନ୍ ଆସିଲା, "କୂଅରୁ ପାଣି ବାହାର କରୁଥିବା ସମୟରେ ପଡ଼ି ଯାଇ ନାନୀଙ୍କର ଅଣ୍ଟା ହାଡ଼ ଭାଙ୍ଗି ଯାଇଛି । ଖବର ପାଇ ତୁମ ବଡ଼ନନା ତାଙ୍କୁ ଗାଆଁରୁ ଆଣି ପ୍ଲାଷ୍ଟର କରାଇ ଦେଇଛନ୍ତି । କାହା କଥା ଶୁଣିବେନି । ଏକା ଏକା ଯାଇ ସେ ଅପନ୍ତରା ଜାଗାରେ ପଡ଼ିଲେ ଏଇଆ ସବୁ ହେବ । ଏବେ ଦିନରାତି ବିଛଣାରେ ପଡ଼ିଛନ୍ତି । ତୁମ ନନା ତାଙ୍କୁ ଫ୍ଲାଇଟ୍‌ରେ ନେଇ ତୁମ ପାଖରେ ଛାଡ଼ି ଆସିବେ । ତୁମେ ଆମ୍ବୁଲାନ୍ସ ନେଇ ପଅରିଦିନ ବାଗ୍‌ଡ଼ୋଗ୍ରା ଏୟାର୍ ପୋର୍ଟରେ ପହଞ୍ଚିବ । ନାନୀ ଗାଁର – ଦୃଶ୍ୟଟି ମୋ' ଆଖି ସାମ୍ନାରେ ନାଚିଗଲା । ନିଜକୁ ନିଜେ ଦୋଷୀ ସାବ୍ୟସ୍ତ କଲି । ମୁଁ ଏଡ଼େ ଅପାରଗ । ସିଏ ଜିଦି କଲେ ମୁଁ ତାକୁ ବୁଝାଇ ଶୁଝାଇ କିମ୍ବା ଜୋର ଜବରଦସ୍ତି କରି ମୋ' ପାଖରେ ରଖି ପାରୁନି । କେତେ କଷ୍ଟ ପାଉଛି ସେ! ପ୍ରାୟ ତାକୁ ଅଶୀ ଛୁଇଁବ । ଏଇ ବୟସରେ କେବଳ ସେ ଏକା ତ ରହୁନି, ନିଜର ସମସ୍ତ କାମ ମଧ୍ୟ ନିଜେ କରୁଛି । ସତରେ କ'ଣ କରି ପାରୁଥିବ । କାହାକୁ କିଛି ନ କହି ଭାଗ୍ୟକୁ ଆଦରି ଭୋକ ଉପାସରେ ପଡ଼ିଥିବ । ଧିକ୍ ମୋ' ପୋଜିସନ୍‌କୁ । ଏଇମିତି ମୁଁ ତା'ର ଋଣ ପରିଶୋଧ କରୁଛି । ନୂଆବୋଉଙ୍କ କହିବା ଅନୁଯାୟୀ ବିପିକେଆଇଏଚ୍‌ଏସ୍(ନେପାଳ ହସ୍‌ପିଟାଲ୍)ରୁ ଆମ୍ବୁଲାନ୍‌ସ ଭଡା ନେଇ ବାଗଡୋଗା ଏଆର ପୋଟକୁ ନାନୀକୁ ନେଇ ଧାରାନ୍(ନେପାଳ) ପହଞ୍ଚିଲି । ସ୍ୱାସ୍ଥ୍ୟ ବହୁତ ଖରାପ । ଉପରକୁ ହାଡ଼ ଭାଙ୍ଗିଛି । ବିଭିନ୍ନ ପ୍ରକାର ଔଷଧିରେ ସେ ବଞ୍ଚିଥିଲା । ତା'ର କଷ୍ଟ ଦେଖଣାହାରୀ ପାଇଁ ମଧ୍ୟ କଷ୍ଟଦାୟକ ଥିଲା । ଏଥର ସୁସ୍ଥ ହେବା ପାଇଁ ପ୍ରାୟ ବର୍ଷକରୁ ଉର୍ଦ୍ଧ୍ୱ ଲାଗିଗଲା । ଧୀରେ ଧୀରେ ସେ ଚାଲିବା ଆରମ୍ଭ କଲା । ଠିକ୍ ଭାବରେ

ଚାଲିବା ପାଇଁ ତାକୁ ଆଉ ଗୋଟିଏ ବର୍ଷ ଲାଗିଗଲା । କଟକରେ ମୋ'ର କନ୍‌ଫରେନ୍ସ ଥିଲା। ଅନ୍ୟ ଏକ ବନ୍ଧୁ ମଧ୍ୟ ପୁରୀ ଯିବା ପାଇଁ ଇଚ୍ଛୁକ ଥିଲେ । ଘରେ କାମ କରୁଥିବା ଝିଅଟିକୁ ମୋ' ଅନୁପସ୍ଥିତିରେ ପୁରାପୁରି ରହିବାର ବ୍ୟବସ୍ଥା କରାଇଲି ।

ସକାଳ ଆଠଟାରେ ଗାଡ଼ି ଆସି ପହଞ୍ଚିଲା । ବନ୍ଧୁ ମଧ୍ୟ ଆମ ଘରେ ପହଞ୍ଚି ଯାଇଥିଲେ । ଠିକ୍ ସେଇ ସମୟରେ ନାନୀ ଆରମ୍ଭ କଲା ମୁଁ ମଧ୍ୟ ତୋ ସଂଗେ ଓଡ଼ିଶା ଯିବି । ଦୁହେଁ ବୁଝାଇ ବୁଝାଇ ନୟାନ୍ତ ହେଲୁ । ଶେଷରେ ମନେରମା (ମୋର ବନ୍ଧୁ) କହିଲା ସାଥିରେ ନେଇଯିବା ହିଁ ଭଲ ହେବ । ଆମେ ଦୁହେଁ ଫେରିଲୁ, ମାତ୍ର ନାନୀ ଫେରିଆସିବା ପାଇଁ ମଙ୍ଗିଲାନି ।

୨୦୦୩ ଜାନୁଆରୀ । ବନାରସରେ ମୋ'ର କନ୍‌ଫରେନ୍ସ ଥିଲା । ନୂଆବୋଉଙ୍କର ଫୋନ୍ ଆସିଲା, ନାନୀକୁ ଗୋଟିଏ ପାଛିଆ ଭିତରେ ବସାଇ ଗାଁର ଦୁଇଜଣ ଯୁବକ ଏଠାରେ ଛାଡ଼ି ଦେଇ ଯାଇଛନ୍ତି । ଦୁଇଗୋଡ଼ ପୂରାପୁରି ସଢ଼ି ଯାଇଛି । ସେ ହସ୍‌ପିଟାଲ୍‌ରେ ଭର୍ତ୍ତୀ ହୋଇଛନ୍ତି । ଡାକ୍ତର କହୁଛନ୍ତି ଦୁଇଟି ଯାକ ଗୋଡ଼ କଟାଯିବ । ନଚେତ୍ ସଂପୂର୍ଣ୍ଣ ଶରୀରରେ ବିଷ ଚରିଯିବ । ଦୁଇଟି ଯାକ ଗୋଡ଼ କଟିଯିବା ପରେ ନାନୀର ଅବସ୍ଥା ମୁଁ ଚିନ୍ତା କରି ପାରିଲିନି । ନୂଆବୋଉଙ୍କୁ କହିଲି, ଡାକ୍ତରଙ୍କୁ ଅନୁରୋଧ କରି ଆଉ ଦୁଇଦିନ ଗଡ଼େଇଦିଅ । ମୁଁ ଆସନ୍ତା କାଲି ସଂଧ୍ୟାରେ ଭୁବନେଶ୍ୱର ପହଞ୍ଚିବି । ଭୁବନେଶ୍ୱର ଏୟାର୍ ପୋର୍ଟରୁ ସିଧା ଯାଇ ହସ୍‌ପିଟାଲ୍ ପହଞ୍ଚିଲି । ନାନୀର ଅବସ୍ଥା ଦେଖି ମୋ' ଆଖିର ଲୁହ ମୋ' ଆୟତରେ ରହିଲାନି । ସାଧାରଣତଃ ମତେ ଦେଖିଲେ ନାନୀ ସବୁବେଳେ କାନ୍ଦିଥାଏ। ମାତ୍ର ସେଦିନ ନ କାନ୍ଦି ଉତ୍‌ଫୁଲ୍ଲିତ ହୋଇ କହିଲା, "ତୁ ଆସିଗଲୁ! ନିଶ୍ଚେ କିଛି ଗୋଟାଏ କରିବୁ ମୁଁ କିଛି ଜବାବ୍ ନ ଦେଇ ତା' ବିଛଣା ପାଖେ ବସିଥିଲି । ସଂଧ୍ୟା ସାଢ଼େ ଛଅଟା । ଡ୍ରେସର୍ ଆସି ଡ୍ରେସିଂ ଖୋଲିବାର ପ୍ରୟାସ କଲା ।

"ଇଏ ଦିଲ୍ଲୀ ମେଡ଼ିକାଲ୍‌ର ବଡ଼ ଡାକ୍ତର । ୟା'କୁ ସମସ୍ତେ ମାନନ୍ତି । ଆଜି ତୁ ସକାଳେ ଡ୍ରେସିଂ କରିବାକୁ କାହିଁକି ଆସି ନ ଥିଲୁ ବାବୁ? ଏତିକି କହି ନାନୀ ଗୋଡ଼ ଉପରୁ ଚଦର ବାହାର କଲା ।"

ISSN NO.
2582-208X


କାଲି ଅପରେସନ୍ ହବ ତ! ତେଣୁ ସକାଳକୁ କମ୍ ଗନ୍ଧ ହେଉ ବୋଲି ସକାଳେ ନ ଆସି ସଂଧ୍ୟାରେ ଆସିଛି ।

ଆଜି ତ ଭାରି ଯତ୍ନରେ କରୁଛୁ ବାବୁ! ଏଇମିତି ସବୁଦିନ କଲେ ଦେଖିବୁ ଧୀରେ ଧୀରେ ଘା ଶୁଖିଯିବ । ମୋ 'ର ଡାକୁରବା ଅଛି । ତୁମେ ସବୁ ଡାକ୍ତର ହେଲେ କ 'ଣ ହେବ! ଡ୍ରେସ୍‌ର ଡ୍ରେସିଂ ଖୋଲିବାରୁ ମୁଁ ଛିଡ଼ା ହୋଇ ଦେଖିଲି । ଦୁଇ ଗୋଇଠି ଉପରୁ ଆଣ୍ଠୁ ପର୍ଯ୍ୟନ୍ତ ମାଂସ ସଢ଼ି ହାଡ଼ ଦେଖାଯାଉଛି । ଗନ୍ଧରେ ରହି ହେଉ ନ ଥାଏ ।

ତୁ ଟିକିଏ ବାହାରକୁ ଚାଲି ଯା । ଗନ୍ଧରେ ରହି ପାରିବୁନି । ଆଉ କ'ଣ କହିବାକୁ ଯାଉଥିଲା, ସିଷ୍ଟର କନ୍‌ସେଣ୍ଟ ଫର୍ମରେ ମତେ ସାଇନ୍ କରିବାକୁ କହିଲା । ସିଷ୍ଟର ହାତରୁ ଫର୍ମଟି ନେଇ ଅପରେସନ୍ କରିବା ଡାକ୍ତରଙ୍କର ନାମ ଏବଂ ରୁମ୍ ନଂ ଯୋଗାଡ଼ କରି ନେଇ ବେସ୍‌ମେଣ୍ଟକୁ ଡାକ୍ତରଙ୍କୁ ସାକ୍ଷାତ କରିବାକୁ ଗଲି । ଡାଃ ମିଶ୍ର ଭାଗ୍ୟକୁ କ୍ୟାବିନ୍ ଭିତରେ ଥିଲେ । ନିଜର ଗୋଟିଏ କାର୍ଡ଼ ପଠାଇଲି । ଟିକିଏ ସମୟ ପରେ ଡାଃ ମିଶ୍ର ନିଜେ ବାହାରକୁ ଆସି ମତେ ପାଛୋଟି ନେଲେ । ନାନୀ କଥା ପଚାରିଲି ।

ମୁଁ ଦୁଃଖିତ ଡାଃ ପଣ୍ଡା, ତାଙ୍କର ଦୁଇଟି ଯାକ ଗୋଡ଼ ନଷ୍ଟ ହୋଇଯାଇଛି । ଗୋଡ଼ କାଟିବା ହିଁ ଏକମାତ୍ର ରାସ୍ତା ।

ମୋ'ର ମନେ ହୁଏ ରୀତିମତ ଡ୍ରେସିଂ କରାଗଲେ ଘା ଶୁଖି ଯାଇପାରେ ।

ନାଁ, ସବୁ ମାଂସପେଶୀ, ଟିସୁ ସଢ଼ି ଯାଇଛି ।

ମୁଁ ତା'ର ଫାଇଲ୍ ଦେଖୁଥିଲି । ଆମ୍ପୁଟେସନ୍ କରିବା ପୂର୍ବରୁ ଡପଲର ଟେଷ୍ଟ କରିବେନି । ଡ଼ାଃ ମିଶ୍ର ଚମକି ପଡ଼ି ନର୍ସିଂହୋମ୍‌ର ଆଟେଣ୍ଡାଣ୍ଟ ଦ୍ୱାରା ନାନୀକୁ ଡକାଇ ଡପଲର୍ ଟେଷ୍ଟ କଲେ । ନିଜକୁ ନିଜେ କହି ଉଠିଲେ ବ୍ଲଡ଼ ଫ୍ଲୋ ତ ଭଲ ଅଛି ।

ହଁ, ମୁଁ ମଧ୍ୟ ସେଇଆ ଦେଖୁଛି ।

ISSN NO.
2582-208X


ସିଷ୍ଟରକୁ ଫୋନ୍ କରି କହିଲେ ଅପରେସନ୍ କ୍ୟାନ୍ସଲ୍‌ର ବେଶୀ କିଛି ଆଲୋଚନା କଲେ ସେ ଅପମାନିତ ହେବେ ତେଣୁ ନାନୀ ପାଖକୁ ଫେରି ଆସିଲି । ସେତେବେଳକୁ ନୂଆବୋଉ ମଧ୍ୟ ପହଞ୍ଚି ଯାଇଥିଲେ । ତହିଁ ଆରଦିନ ସକାଳେ ନାନୀକୁ ନର୍ସିଂହୋମ୍‌ରୁ ଡିସ୍‌ଚାର୍ଯ କରାଗଲା । ସଂପୂର୍ଣ୍ଣ ଗୋଟିଏ ମାସ ମୁଁ ଛୁଟୀ ନେଇ ରହି ତା'ର ଡ୍ରେସିଂ ନିଜେ କରୁଥିଲି । ପଚାମାଂସ ଗୁଡ଼ିକୁ କାଟି ବାହାର କରିଦେଲା ପରେ ଗନ୍ଧ କମ ହେଲା । ଧୀରେ ଧୀରେ ଘା ଶୁଖିବା ମଧ୍ୟ ଆରମ୍ଭ ହେଲା । ମନେ ମନେ ନାନୀ ମୋ' ରହିବାକୁ ଚାହୁଁଥିଲେ ମଧ୍ୟ ଉପରେ ଉପରେ କହୁଥିଲା, "ତୁ ଏତେ ଗୁଡ଼ା ଏ ଦିନ ମୋ' ପାଇଁ ଡ୍ୟୁଟି ଖରାପ କରୁଛୁ।" ତାକୁ ସାନ୍ତ୍ୱନା ଦେଇ କହିଲି, ମୁଁ ଭାରି ସ୍ୱାର୍ଥପର ନାନୀ ତୋ ନାଁରେ ମାସଟାଏ ତ ଥଣ୍ଡାରୁ ରକ୍ଷା ପାଇଗଲି ।

ନୂଆବୋଉ ତା'ର ସମସ୍ତ ସୁବିଧା ଅସୁବିଧା ବୁଝିବା ପାଇଁ ଗୋଟିଏ ଝିଅ ନିଯୁକ୍ତି କରି ଦେଇଥିଲେ । ଡାକ୍ତର ଜଣେ ମଧ୍ୟ ମଝିରେ ମଝିରେ ଆସୁଥିଲେ । ନିଶ୍ଚିନ୍ତ ହୋଇ ଦିଲ୍ଲୀ ଫେରିଲି । ଦୁଇ ନୂଆବୋଉଙ୍କ ସଂଗେ ରୀତିମତ ଯୋଗାଯୋଗ ହେଉଥାଏ । ନାନୀ ସଂପୂର୍ଣ୍ଣ ଭଲ । ଚଲାବୁଲା କରି ପାରୁଛି । ସ୍ୱାସ୍ଥ୍ୟରେ ମଧ୍ୟ ଉନ୍ନତି ହୋଇଛି । ହେଲେ ସେ ମୋ' ପାଖକୁ ଆସିବାକୁ ଚାହୁଁଛି ବୋଲି, ନୂଆବୋଉଙ୍କ ଠାରୁ ଟିପ୍‌ପଣୀ ମିଳିଲା । ଯାଇ ପାଖକୁ ନେଇ ଆସିଲି । ଆମ କ୍ୱାଟର୍ସଟା ବଡ଼ ବଗିଚା ପାଇଁ ପ୍ରସିଦ୍ଧ । କ'ଣ ଘରଟା । ଖରା, ପବନ, ଆଲୁଅ ପ୍ରଚୁର । ମୋ'ର ଅତି ସାଙ୍ଗ ବନ୍ଧୁପତ୍ନୀ ମାନେ ରୀତିମତ ଆସନ୍ତି । ଖୁବ୍ ଖୁସିରେ ଥିଲେ ମଧ୍ୟ ଦିନେ ମୋ'ର ଜଣେ ବାନ୍ଧବୀଙ୍କ ସହ ତାକୁ ବାର୍ତ୍ତାଳାପ କରିବାର ଶୁଣିଲି । "ଶାଶୁ ଘରକୁ ଯିବା ପର ଦିନଠାରୁ ମୁଁ ଅୟସ ଭୁଲି ଯାଇଥିଲି । ଏଇ ମା' ଛେଉଣ୍ଡ ଛୁଆଟା ମତେ ଆଣି ଏଡ଼େ ଅୟସରେ ରଖିଛି । ମୋ'ର ଯାହା ମନେ ହେଉଛି ମୋ'ର ଶେଷ ସମୟ ଆସିଗଲା । ମୋ'ର କିଛି ହୋଇଗଲେ ସମସ୍ତେ ମିଶି ତୁମେ ଏ ଛୁଆଟାକୁ ଟିକିଏ ଟିକିଏ ସାହାଯ୍ୟ କରିବ ।"

ମୋ' ମୁଣ୍ଡରେ ଯେମିତି କିଏ ଗୋଟାଏ ବଜ୍ରାଘାତ କଲା । ମୁଁ ଶହେ ବର୍ଷ ପର୍ଯ୍ୟନ୍ତ ନାନୀକୁ ବଞ୍ଚାଇ ରଖିପାରିବିନି ? ନାଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବି, ତା' ଆଗରୁ ମତେ ନେଇଯିବାକୁ । ଦଉଡ଼ି ଆସି କହିଲି । "ତତେ କିଏ ଯିବାକୁ ଦେଉଛି । ତୁ ପରା କହୁସବୁବେଳେ ତୁ ମୋ' ଖୁସି ଦେଖିବାକୁ ଚାହୁଁ । ତତେ ଯୋଉଦିନ ଶହେ ପୂରିବ ମୁଁ ସେଇଦିନ ଜୀବନରେ ସବୁ କିଛି ପାଇଗଲି ବୋଲି ଜାଣିବି ।

ISSN NO.
2582-208X


୨୦୦୫ ଅକ୍ଟୋବର ମାସ । ଶୀତୁ ପାଇଁ ପ୍ରସ୍ତାବ ନେଇ ଝିଅ ସହ ତା'ର ବାପା ଆସିଥିଲେ। ଚାହା ଜଳଖିଆ ପର୍ବ ଶେଷ ହେଲା ପରେ ଝିଅର ଫ୍ଲାଇଟ୍ ଟାଇମ୍ ହେଲାଣି ବୋଲି ଦୁହେଁ ବିଦାୟ ନେଇଥିଲେ । ମୋ'ର ଜଣେ ବନ୍ଧୁ ବସିଥିଲେ, ଦୁହେଁ ବାର୍ତ୍ତାଳାପରେ ମଗ୍ନ ଥିଲୁ । ନାନୀ ଆସି ସୋଫା ଉପରେ ବସିଲା । "କିଏ ଆସିଥିଲେ କି?"

ମୁଁ କିଛି କହିବା ପୂର୍ବରୁ ସତ୍ପାଲ୍ ବନ୍ଧୁ ) କହିଲା, "ଶୀତୁର ଶ୍ୱଶୁର ଦିଦି" ।

ମତେ ଡାକିଲୁନି! ମୁଁ ଦି'ପଦ ଭଲ ମନ୍ଦ କଥା ହେଇଥାନ୍ତି ।

ସେ ଓଡ଼ିଆ ନୁହନ୍ତି ନାନୀ । ତୋ କଥା କ'ଣ ସେ ବୁଝିଥାନ୍ତେ?

ସେ ଝିଅଟି କିଏ ଥିଲା?

ସେଇ ତ ତୁମ ବୋହୂ ହେବ ଦିଦି ।

ତା'ର କ'ଣ ଆଉ ଭୋଉଣୀ ନାହାନ୍ତି?

କାହିଁକି, ତା'ର କୋଉ ଗୁଣଟା ଖରାପ ଯେ, ତୋର ପସନ୍ଦ ହେଉନି ।

ନାଇଁ ଯେ, ମୁଁ ଭାବିଲି ସିଏ ଆସିଥିଲା ତ, ତା' ଭୋଉଣୀ ପାଇଁ ଆସିଥିବ । ଆଚ୍ଛା କହିଲୁ, ଆମ ନବୀନି(ମୋ' ସ୍ୱାମୀ) ତାକୁ ଦେଖିଚି ତ? ତା' ପସନ୍ଦ ଭାରି ଭଲ ଟିକିଏ ରହି ସେ ପୁଣି କହିଲା । ଆମ ଶୀତୁଟା ଗୋଟେ ତୁଳସୀ । ମାଛିକୁ ମ କୁହେନା । ମା' ଓପରେ ଯାଇଛି । ସେ ଝିଅର ଇଏ ରିଙ୍ଗ୍ ମାଷ୍ଟର ହେବ ଦିଦି, କହିଲା ସତ୍ପାଲ୍ ହଉ, ସମୟ କହିବ । ଟିକିଏ ରହି ପୁଣି କହିଲା, ତୁ ତ ବୋକୀଟାଏ । ପ୍ରସ୍ତାବ ନେଇ ଆସିଥିଲେ, ଭଲ କରି ଚର୍ଚ୍ଚା କଲୁ ତ । ସେଥିରେ ଅନୀତାଠୁ କେହି ଆଗରେ ରହିବେ ଦିଦି! ପେଟେ ପେଟେ ଖୁଆଇଛି । ତୁମକୁ ସେମାନେ ଭଲ ଲାଗିଲେ ତ?

ନାନୀକୁ ଆଉ କିଛି ଆଗକୁ ନ କୁହାଇ ଦେଇ କହିଲି, ବାହାଘରର ଯୋଗାଡ଼ କର, ନିର୍ବନ୍ଧ, ଜାଇ ରଗଡ଼ା, ଗୁଆ ପକା... ଆହୁରି କେତେ କ'ଣ! ମତେ ସେ ସବୁ କିଛି ଜଣା ନାହିଁ । ତୁ ସବୁର ବ୍ୟବସ୍ଥା କରିବୁ ।

ISSN NO.
2582-208X

ଜାତକରେ କ'ଣ ଗୋଟାଏ ଅସୁବିଧା ଥିବା ଯୋଗୁ ପଣ୍ଡିତେ ଗୋଟିଏ ଶିବପୂଜା କରାଇବାକୁ କହିଥିଲେ । ପୂଜାଟି ଖୁବ୍ ସୁଚାରୁ ରୂପେ ସଂପନ୍ନ ହୋଇଥିଲା । ବାହାଘର ମାତ୍ର ଦୁଇ ସପ୍ତାହ ବାକୀ । ମିନୁ(ମୋ'ର ଜଣେ ବନ୍ଧୁ ପତ୍ନୀ) କହିଲା, "ଅନୀତା ନାନୀ, ଗୋଟିଏ ବହୁତ ଜରୁରୀ କଥା କହିବି । ନାନୀ ଓଡ଼ିଶା ଯିବାକୁ ଚାହୁଁଛନ୍ତି ।"

ଚମକି ପଡ଼ିଲି । ମତେ ନ କହି ସେ ମିନୁକୁ କାହିଁକି କହିଲା । ହୁଏତ ଏଇ କେତେ ଦିନରେ ସେ ମିନୁର ବହୁତ ନିକଟତମ ହୋଇ ଉଠିଛି ।

ମତେ ଟିକେଟ୍ କରିଦେବା ପାଇଁ କହିଛନ୍ତି । ମୋ'ର ଯାହା ମନେ ହୁଏ ସେ ଏବେ ପୁରାପୁରି ମନ ସ୍ଥିର କରିନେଇଛନ୍ତି । କାହା କଥା ଶୁଣିବେନି ।

ନାନୀକୁ ବୁଝାଇବାକୁ ବହୁ ଚେଷ୍ଟା କରି ପରାସ୍ତ ହୋଇଥିଲି । ଶେଷରେ ଷ୍ଟେସନ୍ ନେଇ ଯାଇଥିଲି । ମୋ' ହାତରେ ଶୀତୁ ପାଇଁ କିଛି ଟଙ୍କା ଆଉ ବୋହୂ ପାଇଁ ଖଣ୍ଡିଏ ସାଧାରଣ ହଳଦିଆ ଶାଢ଼ୀ ଦେଇ କହିଲା, "ଆଉ ବେଶୀ କିଛି ଦେବାପାଇଁ ମୋ'ର ସମ୍ବଳ ନାହିଁ" । ନିର୍ବନ୍ଧ ଦିନ ବହୂକୁ ଆମ ତରଫରୁ ଯାହା ଦେବା କଥା ଦେଇ ନାନୀର ଆଶୀର୍ବାଦ ହଳଦୀଆ ଶାଢୀ ଖଣ୍ଡକ ମଧ୍ୟ ଦେଲି । ରାତିରେ ସିତୁକୁ ବହୁ ଉଦାସ ଦେଖି କାରଣ ପଚାରିବାରୁ ଉତ୍ତରରେ କହିଲା କିଛି ନଦେଇଥାନ୍ତ ପଛକେ କ'ଣ ଶାଢୀ ଦେଲ । ରସୀନାର ପରିବାର ତା' ମୁଣ୍ଡ ଖାଇଗଲେନି, ତେଣୁ ଶାଢୀ ଖଣ୍ଡିକୁ ପୋଛାକନା କରିଦେଇଛନ୍ତି । ଦୁଃଖରେ ଭାଙ୍ଗି ପଡିଲି । କ'ଣ ବା ଅଧିକା ତା'କୁ ବୁଝାଇ ଥାନ୍ତି ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# କବିତା ଲେଖିବା ବେଳ



ସିଦ୍ଧେଶ୍ୱର ତ୍ରିପାଠୀ

କବିତା ଲେଖିବାକୁ ବି
ଗୋଟେ ବେଳ ଲୋଡ଼ା ହୁଏ ନା !
ସେ ବେଳ ଯେବେ ବାର ବାର
ହାତ ଛଡା ହୁଏ
କେମିତି ଲାଗେ  ବନ୍ଧୁ,
କହିପାରିବ କି ?

ଚପଳମତି ମନ ହଜିଲା ପରେ
ପୀରତିର ମିଠା ମୋହରେ ଦେହ
ଭିଜିଲା ପରେ
ବିରହର ଅଦେଖା ନିଆଁ ରେ
ଜୀବନ ସିଝିଲା ପରେ

ଧିରେ ଧିରେ ବଦଳିଯାଏ ଭାବ ଭାଷା
ଶବ୍ଦ ଆଉ ସ୍ୱରର ସମାହାର
କେବେ କେବେ ଏଇ କବିତା
ହସର ସନ୍ଦେଶ ଆଉ କେବେ
ବାସ୍ତବ ଠିକଣା ଟୋପାଏ ଲୁହର ।

ISSN NO.
2582-208X

ଗୋଟି ଗୋଟି ଧଳା ଦିଶେ
କଳା କଳା ଚିକିମିକି ଚୁଟି
କବିତା ଲେଖିବାକୁ କିଏଦେବ
ଏ ଜୀବନକୁ ଜଞ୍ଜାଳରୁ
ନିମିଷକେ ଛୁଟି ।

କାମ ଆଉ  ପଇସାରେ ଲୟ
ବୟସର ଆଶା ଆଉ ସଂସାରର ମୋହ
ଦାୟିତ୍ୱ ଆଉ କାର୍ତ୍ତବ୍ୟର ଫାସ
ଏତିକିତ କେବଳ ଯଥେଷ୍ଟ
କବିତାକୁ କରିବାକୁ ସମୂଳେ ବିନାଶ ।

କବିର ଘର
କୁଣ୍ଡିଲେ୍ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ମାଆ



ନନ୍ଦିନୀ ରାଉତ

ମମତା ଭରା ସାଗର ଯିଏ
କରୁଣା ର ଦେବୀ ମୂର୍ତ୍ତି
ଦୟା କ୍ଷମା ର ଅବତାର ସେ
ମୋ ମାଆ ହୃଦୟବତୀ…1

ଝଡ଼ ତୋଫାନ ଆସିଲେ ମାଡି
କୋଳେ କୋଳେଇ ନଏ
ଜର ସରଦୀ ହୋଇଲେ ମୋର
ମୁଣ୍ଡ ଆଉଁସୁ ଥାଏ…2

ନଜେ ନ ଖାଇ ଖୁଆଏ ମୋତେ
ବାଇଆ ଗୀତ ଗାଇ
ନଜେ ପିନ୍ଧଇ ଛିଣ୍ଡା ଲେଙ୍କେଣ୍ଡା
ମୋପାଇଁ ରଖି ଦେଇ….3

ସରଗ ଗ୍ରହ ହାତରେ ଦିଏ
କାଖରେ ଧରି ମୋତେ
ମୋ ପାଇଁ ନତି ସଞ୍ଜ ସକାଳେ
ଦେବତା ପୁଜେ କେତେ ?…4

ISSN NO.
2582-208X

ଅଚଳ ମେରୁ ପରି ହୋଇଣ
ବିପଦେ ହୁଏ ଠିଆ
ଦୁଃଖ ସନ୍ତାପ ଦୂର କରଇ
ସେହି ପର୍ମ ମୋ ମାଆ…5

ଭାଗ୍ୟବାନ ମୁଁ ଏ ଧର୍ମ ତଳେ
ମାଆର ସ୍ନେହ ପାଇ
ତା, ବୃଦ୍ଧ କାଳେ ସାହାର୍ଯ୍ୟ ହେବି
ଦେଉଛି କଥା ମୁଁହି…6

ଆଖିରୁ ତାର ପୋଛିବି ଲୁହ
ଓଠରେ ଦେବି ହସ
ସବୁ ସୁଖକୁ ଦେବି ତା ହାତେ
ହସୁ ସେ ବର୍ଷ ମାସ…7

ବାଲିପଟ୍ଟା, ଅନୁଗୁଳ

ISSN NO.
2582-208X
www.vedantimagazine.com

# ଅଦୃଶ୍ୟରେ
# ମହାଶକ୍ତି



ଅମରନାଥ ବାରିକ

ତୁ ଅଛୁ ବୋଲି ବଞ୍ଚିଛି ଏ ଦେହ
ଚଳୁଅଛି ହାତ ଗୋଡ଼
ହୋଇପାରୁ ଶୂନ୍ୟ ଏ ଜଗତ ଲାଗି
ହେଲେ ପିଣ୍ଡ ପାଇଁ ବଡ଼ ।

ଦିଶେ ଏ ଶରୀର ପୁଣି ଜକଜକ
ମୁଖ କହେ କେତେ ବାଣୀ
ଦେଖି ହୁଏ ନାହିଁ ତୋହରି ଆକାର
ପରଶରୁ ହୁଏ ଜାଣି ।

ଗ୍ଲଲିଯାଉ ଯେବେ ଏ ଶରୀର ଛାଡ଼ି
ମଣିଷ ହୁଅଇ ଶବ
ସବୁ ଅସମ୍ଭବ ତୋ ବିହୁନେ ଏଠି
ଥମିଗଲେ ତୋର ବେଗ ।

ତୁହିରେ ପବନ ସଭିଁଙ୍କ ଜୀବନ
ତୋ ପାଇଁ ଜଗତ ଗ୍ଲଲେ
ତୁ ହେଲେ ନୀରବ ମହୀ ଟଳମଳ
ପ୍ରାଣୀ ମରେ ତୁହି ଗଲେ ।

ପଞ୍ଚଭୂତ ମଧ୍ୟେ ବାୟୁ ତୋର ନାମ
କିଏ ବା କହେ ଗଗନ
ନିଶ୍ୱାସ ପ୍ରଶ୍ୱାସ ଭିନ୍ନଭିନ୍ନ ନାମ
ଦେବ ରୂପେ ହନୁମାନ ।

ଯାଜପୁର, ମଙ୍ଗଳପୁର, କୟାଁ

ISSN NO.
2582-208X

# ଭୋକ


ବିନୟ କୁମାର ଦାସ

ମୂଳହିନ୍ଦୀ– ମଧୁ ଜୈନ
ଅନୁସୃଜନ–ବିନୟ କୁମାର ଦାସ

" ଗୋଟିଏ କଥା ପଚାରି ଥାଆନ୍ତି ଲୋ ଝୁମୁରୀ ।"

"ପଚାରୁନୁ ଚାନ୍ଦ....ଏତେ ଫୁଲେଇ ହଉଚୁ କଣ ପାଇଁ.. ।"

" କାଳେ ରାଗିବୁ...;"

" ରାଗିବା କଥା ହୋଇଥିଲେ ରାଗିବି...।"

"ହଉ ତୁ ରାଗିଯା ପଛେ...ପଚାରି ଦେଉଛି । କଥା କଣ କି ତୋତେ ତ ତୋ ମାଲିକାଣୀ ପ୍ରତିଦିନ ରୁଟି ଦିଏ ଖାଇବା ପାଇଁ..ତୁ ସେତକ ଫଟାଫଟ୍ ଖାଇ ଦେଉ...ମୁଁ ସେତିକିବେଳେ ତୋ ପାଖ କୁ ଆସିଲେ ତୁ ମୋତେ ଘଉଡାଉ ଦଉ । "

"କଣ ପଚାରିବୁ ପରା, ଏଣୁ ତେଣୁ କଣ କହୁଚୁ ?"

" ସେଇକଥା ପଚାରୁଚି....ଆଜି ବି ତୋ ମାଲିକାଣୀ ରୁଟି ଦେଇଗଲା । ତୁ ସେଥିରୁ ପଟେ ରୁଟି ମାତ୍ର ଖାଇଲୁ....ଆଉ ଅଧିକ କଣ ପାଇଁ ଖାଇଲୁ ନାହିଁ ?"

"କାହିଁକି ପଚାରୁଚୁ....ତୁ ନବୁ କି ?"

" ତୁ ଖାଉନୁ ମାନେ....ସେ ପଟ ରୁଟି ଟା ନିଶ୍ଚୟ ଗନ୍ଧ କରୁଥିବ । ସେଇଥିପାଇଁ ତୁ ଖାଇଲୁ ନାହିଁ...ଆଉ ମୋତେ ସେଗୁଡା ଦେବାକୁ ଚାହୁଁଛୁ ।"

"ସେମିତି କାହିଁକି ଭାବୁଛୁ ? "

"ନହିଲେ କହୁନୁ କାହିଁକି ଖାଇଲୁ ନାହିଁ ?"

"ତେବେ ଶୁଣ...ମୁଁ ନା ଅନ୍ୟର ଭୋକ ଦେଖି ସହି ପାରେ ନାହିଁ । ହେଇ ଦେଖ ସେଠି ଯୋଉ ଗରିବ ବାଳକଟି ଛିଡା ହୋଇଛି...ସେ କିଛି ଖାଇନି । ଭୋକରେ ଆଉଟୁ ପାଉଟୁ ହେଉଛି । ସେ ଆସିଥିଲା ମାଲିକାଣୀ ଦେଇଥିବା ଏଇ ରୁଟି ନେଇଥାନ୍ତା..ହେଲେ ମାଲିକାଣୀ ତାକୁ ଗାଳି ଦେଇ ବିଦା କରିଦେଲେ ଏଠୁ...ବାଡେଇବେ ବୋଲି ଧମକ ଦେଲେ। ସେ ଡର ରେ ପଳାଇଲା ।"

ଏତିକି ବେଳେ ତା ବାଛୁରୀ ଆସି ମାଆ ଦେହ ରେ ଘଷି ହେଲା । ସ୍ନେହରେ ତାକୁ ଚାଟି ପକାଇଲା ଚାନ୍ଦ ।

"ହେଲେ ତୁ କେମିତି ଜାଣିଲୁ ସେ ପିଲାଟି ଭୋକିଲା ଅଛି ବୋଲି ?"

ବାଛୁରୀ କୁ ସେମିତି ଚାଟୁଚାଟୁ ସେ କହିଲା; "ମୋ ଠାରୁ କିଏ ଅଧିକ ଜାଣିବ ଏ କଥା । ଆଲୋ...ଏଇ ଆମ ଛୁଆ....କ୍ଷୀର ମୋ ପହ୍ନା ରେ ଭରି ରହିଛି ହେଲେ ମୋ ଛୁଆ ର ପେଟ କେବେ ପୂରୁଛି କି...ଆମେ କ୍ଷୀର ଦେଲେ ମଣିଷ ଛୁଆ ର ପେଟ ପୂରିବ ଆଉ ଭୋକିଲା ରହିବେ ଆମ ଛୁଆ । ଏତକ ତ ଆମେ ନିଇତି ଦେଖି ଚାଲିଛୁ । ଏଇତ ସଂସାର ର ରୀତି। ତେବେ ସେ କଥା ଛାଡ...ମୁଁ କାହିଁକି ସେ ରୁଟି ଖାଇଲି ନାହିଁ ଜାଣିବାକୁ ଚାହୁଁଥିଲୁ ପରା...ସେ ଭୋକିଲା ପିଲାଟା ପାଇଁ ମୁଁ ମୋ ଭାଗ ରୁଟି ଛାଡିଦେଲି । ଦେଖିବୁ ରହିଥା...ଟିକିଏ ଫାଙ୍କା ହେଲେ ସେ କେମିତି ଏତକ ନେଇ ଖୁସିରେ ଖାଇ ନେବ । ଆମେ ଆଉ ଆମ ଛୁଆ ସିନା ଘାସ ପତର ଖାଇ ଚଳିଯିବୁଲୋ....ହେଲେ ସେମାନେ ତ ଏ ସବୁ ଖାଇ ପାରିବେ ନାହିଁ ।"

ISSN NO.
2582-208X

"ଆଲୋ ହେ...ମୁଁ ଶୁଣିଥିଲି ମଣିଷ ମାନେ ଗାଈକୁ ମାତା ବୋଲି କହି ପୂଜା କରନ୍ତି...ହେଲେ ତୋ କଥା ଆଉ ବିଚାରଧାରା ଜାଣି ମୁଁ ନିଶ୍ଚିତ ହୋଇଗଲି ..ମଣିଷ ମାନେ କିଛି ଭୁଲ କହୁନାହାନ୍ତି ।"

ପିଲାଟି ଧାଇଁ ଆସି ସେଠାରେ ପଡିଥିବା ରୁଟିତକ ନେଇ ସେଇ ପାଖ ଗଛ ତଳେ ମନ ଖୁସିରେ ଖାଇବାକୁ ଲାଗିଗଲା । ତା ମୁହଁରେ ପରିତୃପ୍ତିର ହସ ଦେଖି ଏ ଦୁହିଁଙ୍କ ର ଆଖି ବି ଛଳଛଳ ହୋଇଗଲା ।

।।।। (((( )))) ।।।।

ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୭୫୬୦୦୧
ମୋ- ୯୮୭୧୦୧୮୩୭୯

ISSN NO.
2582-208X

# ତୁମେ ମନେ ପଡୁଛ



ଅଜିତ ପାଢି

ଆସ ହେ "କବିତା" ମନ ରାଇଜ ରେ
କଲମ ମୁନ ରେ ଭାସୁଛ
ମଣିଷ ମନର "ଭାବ" ରେ କବିତା
ହୃଦୟ ହୃଦୟେ ରହିଛ ।
ଆଜି ତୁମେ ମନେ ହେଉଛ !

ଭିନ୍ନ ଅଟେ ଭାଷା ଭିନ୍ନତା ସଂସ୍କୃତି
ନିଜ ଭାଷା ଭାବ ଗାଉଛ
ନିଜ ସଂସ୍କୃତି ର ସାହିତ୍ୟ ଭିତରେ
ବେଢା ଛାନ୍ଦ ରେ ତୁମେ ଗାଉଛ
ଆଜି ତୁମେ ମନେ ହେଉଛ !

କେଉଁଠି ଇଂରାଜୀ 'ପାଶ୍ଚାତ୍ୟ କବିତା
My love in ସଙ୍ଗୀ ତେ ରହିଛ
ପରିଧାନ "ପେଣ୍ଟି" "ବ୍ରା" ବିଜ୍ଞାପନ
ଆଧୁନିକ ପ୍ରେମେ ଭାସୁଛ !
ନବ ଯୌବନ ରେ ଲାଜ ଲାଗେ ସତେ
ନବ ଋତୁ ତୁମେ ପ୍ରେମ ର ଦର୍ଶନେ
ଚୁମା ଚୁମା ଗୀତ ଗାଉଛ ।

ISSN NO.
2582-208X

ଝୁମି ଯା ଅ ତୁମେ  ସଙ୍ଗୀତ ତାଳ ରେ
Sex ର  ସଙ୍ଗୀତ ଶୁଣିଛ ।

"କବିତା" ହେ
ଆଜି ତୁମେ ମନେ ପଡୁଛ ।
ମୂର୍ଚ୍ଛନା ଭିତରେ ବେଳେ ବେଳେ ତୁମେ
ବିରହ ସଙ୍ଗୀତ ଗାଉଛ
ଜୀବନ ରଙ୍ଗ ରେ ଜୀବନ ଯୁଦ୍ଧ ରେ
ପ୍ରେମ ବିରହ ରେ
ବେଦନା ଝଡ଼ ରେ   ପ୍ରତାରଣା ମନେ
"କ୍ରାନ୍ତି" ର କବିତା  ଗାଉଛ !

ବିଶ୍ୱ ଜନ ଜାତି ପ୍ରତି ମନ ପ୍ରାଣେ
ଆଜି ତୁମେ ମନେ 'ସତେ ହେଉଛ ?
କବିତା ହୃଦୟେ ମାର୍ଚ୍ଚ ୨୧
ହୃଦୟ ଭିତରେ କବିତା ରହିଛ ।
ଆଜି ତୁମେ ମନେ ପଡୁଛ ।
"କବିତା" ହେ ଆଜି ତୁମେ ମନେ ପଡ଼ିଛ !

ବିଶ୍ୱ କବିତା ଦିବସ ରେ କବିତା ର ହୃଦୟ ଭିତରେ
ହୃଦୟ ର ଭାବ ଭାବନା ମନ ର !

ଘାସିରାମ ମାଝୀ ହାଇସ୍କୁଲ,
ନୂଆଗାଁ

ISSN NO.
2582-208X

# ଆହେ ମହାବାହୁ



ଲଲ୍ଟେନ୍ଦୁ ବାରିକ

ବିଚନ୍ର ସୃଷ୍ଟି ର କରତା ଅଟ ହେ
ମହାବାହୁ ଅଟେ ତୁମ ନାମ
ପାପ ପୂଣ୍ୟର ନତି ହିସାବ କରୁଛ
ରତ୍ନ ସିଂହାସନେ ସୁଖେ ବସି
ଲୀଳା ଖେଳା ତୁମେ ସୃଷ୍ଟିରେ କରୁଛ
ଭକତ କୁ ନଥାଏ ଅଛପା
ନାନା ଯନ୍ତ୍ରଣା ରୁ ମୁକତି ପାଇଁ ସେ
ଡାକୁଛି ଦୁଇ ହାତ କୁ ଟେକ
ଦୟାର ସାଗର ଅଟ ଭ୍ବ ଗ୍ରାହୀ
ମନ ପ୍ରାଣ କଥା ତୁମେ ଜାଣ
ଦାନ ଧର୍ମ କର୍ମେ ଭକତ ଜପଇ
ତୁମ ନାମ ଗୁଣ ର୍ତି ଦିନ
ମିଛ ଏ ସଂସାରେ ତୁମ ନାମ ସତ
ପାପ ପଙ୍କ ରୁ ଉଧା ର ଲ୍ଗି
ଜନମ ମରଣ ତୁମେ ହିଁ କରୁଛ
ଦିଅ ସୁଖ ଦୁଃଖ ଭ୍ବ ବାଣ୍ଟି

ଧନୀ କ ଗରିବ ନ ରଖ୍ ବିଗ୍ଭର
ଶୁଣ ସଭିଙ୍କ ର ହୃଦ ଡାକ
ସୃଷ୍ଟି ର ଆଦ୍ୟ ରୁ ଜଗତ ବୋଲ୍ଏ
ଜଗବନ୍ଧୁ ନାମ ଦେଇ
ସଂସାର ସାଗରର ନାବିକ ଅଟ
ସୁ ମଧ୍ୟେ କର ହେ ପାରି
କର୍ମ ମଧ୍ୟେ ଭକତ ନତି ଜପୁଛି
ବୈକୁଣ୍ଠେ ଦିବ୍ୟ ଦର୍ଶନ ଲ୍ଗି

ବାସୁଦେବପୁର, ଭଦ୍ରକ

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ରାଗ_ଋଷିକୁଲ୍ୟା

## ଦ୍ୱିତୀୟ ଅଧ୍ୟାୟ

ପ୍ରଣିପାତ କରି ଋଷିଙ୍କ ପୟରେ ଦ୍ୱାରପାଳ ଭାଷେ ବଚନ
ଅଟବୀରେ ଭ୍ରମି ଅବଶ ନୃପତି କରିଛନ୍ତି କକ୍ଷେ ଶୟନ
ନୁହଁଇଟି ବାଧା ଉଚିତ
ପ୍ରାତଃକାଳେ କାଲି ଆସନ୍ତୁ ଭୋ ଦେବ ହାଦେ ହୋଇଯିବ ସାକ୍ଷାତ ।୬ ।

ରକ୍ଷୀ ମୁଖ ଚାହିଁ ଭାଷିଲେ ଶମୀକ ନୁହେଁ ଏ ଶୟନର ବେଳ
କାଳର ବିଧାନ ବିଚିତ୍ର ଲୀଳାରୁ ସରିଆସେ ଜୀବନ କାଳ
ଯାଅ ହେ ବତ୍ସ ମାନିଗିର
ଆଜିର ଶୟନେ ଗୋଟିଏ ତାମସୀ କଟିବ ତାଙ୍କ ଜୀବନର ।୭ ।

ଯୋଗିନ୍ଦ୍ର ବାଚକେ ସୌଦାମିନୀ ଆଇ ଦ୍ୱାରପାଳେ କି ନିକ୍ଷେପିଲା
ଜୀମୂତ ବକ୍ଷରୁ ଘୋର ତୋୟ ସହ କୃଦ୍ଧ ବିରବ କି ଖସିଲା
ବେତ୍ରକର ଚିତ୍ତ ନିରସ
ଭୀତେ କ୍ଷୋଭିତରେ ମନ୍ଦ ଶରଣରେ ଜଗତି ଭିତରେ ପ୍ରବେଶ ।୮ ।

ଅଭିମନ୍ୟୁ ସୁତ ତେଜିଣ ଅଶନ ବ୍ୟଥିତେ ଭାଷନ୍ତି ବଚକୁ
ଦୂଷଣ କରମ ଆଚରିଛି ରାଣୀ ଧିକ ଧିକ ମୋର ପ୍ରାଣକୁ
ଅଟଇ କଳିର ପ୍ରହାର
କିରୀଟ ରଖନ୍ତେ ମସ୍ତିକରୁ ଫେଇ ପରାଣ ହେଉଛି ବିଧୁର ।୯ ।

ISSN NO.
2582-208X


ଆଚରିଛି ଯେଉଁ ବୃଜିନ ପରାଣେ କେସନେ କରିବି ବ୍ୟକତ
ଅଟଇ ଅକ୍ଷଣମୀୟ ଅପରାଧ ଦଣ୍ଡବିଧାନେ ଉପଯୁକ୍ତ
କାଲିଯାଇ ତାଙ୍କ ସମୀପେ
ପଶିବି ଶରଣ ମୁନିଙ୍କ ଚରଣେ ବିଚାରି ଦଣ୍ଡିବେ ନିଶାପେ ।୧୦।

କ୍ରମଶଃ.....

-:ଟୀକା:-

ହାଦେ – ନିଶ୍ଚୟ
ସୌଦାମିନୀ – ବିଜୁଳି
ତୋୟ – ଜଳ
ବେତ୍ରକ – କଞ୍ଚୁକୀ
ଦୂଷଣ – କଳଙ୍କ
ମନ୍ଦ ଶରଣରେ – ଧିର ଗତିରେ
କିରୀଟ – ମୁକୁଟ
ଯୋଗୀନ୍ଦ୍ର – ମୁନିଶ୍ରେଷ୍ଠ
ଜୀମୂତ – ମେଘ
ବିରବ – ଭୟଙ୍କର ଶବ୍ଦ
ଅଶନ – ଭୋଜନ
ବିଧୁର – କାତର
ନିଶାପେ - ନ୍ୟାୟରେ

ବରପଦର, ଗୋବିନ୍ଦପୁର, ବରଗଡ

ISSN NO.
2582-208X



# ନଜର ପ୍ରତିଜ୍ଞା ଭଙ୍ଗି କେତେଥର ଆଖିରୁ ପଟି ଖୋଲିଥିଲେ ଗାନ୍ଧାରୀ



ନରେନ୍ଦ୍ର ପ୍ରସାଦ ବେହେରା

ମହାଭାରତ ସମୟର ମହାରାଣୀ ଗାନ୍ଧାରୀ ହେଉଛନ୍ତି ଅନ୍ୟତମ ମୁଖ୍ୟ ଚରିତ୍ର । ଅନ୍ୟ ସମସ୍ତ ଚରିତ୍ର ଅପେକ୍ଷା ଜଣେ ପତିବ୍ରତା ନାରୀ ଭାବେ ସେ ବେଶୀ ପରିଚିତା । ଗାନ୍ଧାରୀ ଗାନ୍ଧାର ନରେଶ ମହାରାଜା ସୁବଳଙ୍କର ଏକମାତ୍ର ଝିଅ ଥିଲେ । ଗାନ୍ଧାର ପ୍ରଦେଶର ଏକ ମାତ୍ର ରାଜକୁମାରୀ ହୋଇଥିବାରୁ ପିତା ଅତି ଶ୍ରଦ୍ଧାରେ ତାଙ୍କ ନାଁ ଗାନ୍ଧାରୀ ରଖିଥିଲେ । ପରବର୍ତ୍ତୀ ସମୟରେ ପିତାମହ ଭୀଷ୍ମ ମହାରାଜା ଧୃତରାଷ୍ଟ୍ରଙ୍କ ସହ ତାଙ୍କର ବିବାହ କରାଇଥିଲେ । ରାଜା ଧୃତରାଷ୍ଟ୍ର ଜନ୍ମରୁ ଅନ୍ଧ ଥିଲେ । ତେଣୁ ପତ୍ନୀ ଗାନ୍ଧାରୀ ନିଜ ପତିଙ୍କ ପାଇଁ ବଳିଦାନ ଦେଇ ଆଜୀବନ ନିଜ ଆଖିରେ ପଟି ବାନ୍ଧିବାକୁ ଦୃଢ ପ୍ରତିଜ୍ଞା ନେଇଥିଲେ । ସ୍ୱାମୀ ପାଇଁ ଏପରି ତ୍ୟାଗ ଇତିହାସରେ ହୁଏତ ଖୁବ୍ କମ୍ ନାରୀ ହିଁ କରିଥିବେ ।

କିନ୍ତୁ ହୁଏତ କମ୍ ଲୋକ ଜାଣିଥିବେ ଜୀବନ ସାରା ଆଖିରେ ପଟି ବାନ୍ଧିବାର ଦୃଢ ପଣ ନେଇଥିଲେ ମଧ୍ୟ ନିଜ ଜୀବନ କାଳ ଭିତରେ ସମୁଦାୟ ୨ ଥର ଏହି ପ୍ରତିଜ୍ଞାକୁ ସେ ଭାଙ୍ଗିଥିଲେ । ତେବେ ଆସନ୍ତୁ ଜାଣିବା କେଉଁ ଘଟଣା ମାନ ସତୀ ଗାନ୍ଧାରୀଙ୍କୁ ନିଜ ନିୟମ ଭାଙ୍ଗିବାକୁ ବାଧ୍ୟ କରିଥିଲା । ଶହେ ଭାଇ କୌରବଙ୍କ ମା' ଗାନ୍ଧାରୀଙ୍କର ଭଗବାନ ମହାଦେବ ଶିବଙ୍କ ଉପରେ ଗଭୀର ଆସ୍ଥା ଓ ବିଶ୍ୱାସ ଥିଲା । ତାଙ୍କୁ ଭଗବାନ ଶିବଙ୍କ ଠାରୁ ବରଦାନ ମିଳିଥିଲା କି ଯେବେବି ସେ ନିଜ ଆଖିର ପଟି କାଢି କାହାକୁ ଦେଖିବେ ତାଙ୍କ ପୁରା ଶରୀର ଲୁହା ପରି ଟାଣ ହୋଇଯିବ । ପୁତ୍ର ମୋହରେ ଅନ୍ଧ ହୋଇ ଗାନ୍ଧାରୀ ମହାଭାରତ ଯୁଦ୍ଧ ସମୟରେ ନିଜ ପୁତ୍ର ଦୁର୍ଯ୍ୟୋଧନଙ୍କୁ ଉଲଗ୍ନ ଅବସ୍ଥାରେ ଦେଖିବେ ବୋଲି ଠିକ୍ କରିଥିଲେ । ଯାହାଦ୍ୱାରା ତାଙ୍କ ଶରୀର ଲୁହା ଭଳି ଟାଣ ହୋଇଯିବ ।

ISSN NO.
2582-208X

ଏଥିପାଇଁ ସେ ପ୍ରଥମ ଥର ନିଜ ଆଖିର ପଟି ବାହାର କରିଥିଲେ । କିନ୍ତୁ ଲଜ୍ଜା କାରଣରୁ ଦୁର୍ଯ୍ୟୋଧନ ନିଜ ଗୁପ୍ତାଙ୍ଗରେ ଏକ କଦଳୀ ପତ୍ର ରଖି ଦେଇଥିଲେ । କିନ୍ତୁ ଦୁର୍ଯ୍ୟୋଧନଙ୍କ ଏହି ଭୁଲ୍ ପରବର୍ତ୍ତୀ ସମୟରେ ତାଙ୍କ ମୃତ୍ୟୁର କାରଣ ପାଲଟି ଥିଲା । ଏହାବାଦ ମହାଭାରତ ଯୁଦ୍ଧର ଶେଷ ଦିନ ନିଜ ପଟି ବାହାର କରିଥିଲେ । ନିଜ ପ୍ରିୟ ପୁତ୍ର ଦୁର୍ଯ୍ୟୋଧନ ଗଭୀର ଆହତ ହୋଇଥିବାର ଖବର ଶୁଣି ସେ ନିଜ ଆଖିର ପଟି ବାହାର କରିଥିଲେ ।

ଆଳଦା, ଖଇରା,ବାଲେଶ୍ୱର

ISSN NO.
2582-208X

# ଅବୁଝା ମଣିଷ



ପ୍ରଶାନ୍ତ ବ୍ରହ୍ମା

ମାତାଙ୍କ ଗର୍ଭରେ ରହି ଜନମ ହୋଇଲୁ ।
ମାୟା ଜାଲରେ ପଡି ତାହାଙ୍କୁ ଭୂଲିଲୁ ।
ପିତାଙ୍କୁ ମନେ ତୁ କଲୁ ଅନାଦର
ପୁତ୍ର ମୋହରେ ମୋହିତ ହୋଇ କଲୁ ଆଦର । ।

ସ୍ତ୍ରୀକୁ ଭାବିଲୁ ମୋର ନିଜର
ତା କଥାକୁ କରିଲୁ ବିଶ୍ୱାସ
ମା ବାପା କେବେ ନେଲେ ନାହିଁ
ଶାନ୍ତିରେ ନିଶ୍ୱାସ ।

ନିଜର ଭାଇ ଟାକୁ କରିଲୁ ଜୀବନ ପାଇଁ ସାତପର
ଶଳା କୁ ଧରି ରହିଲୁ ଭାବିଲୁ ଏ ମୋର ନିଜର ।

ଶାଶୁ ଶଶୁର ଆସିଲେ ଘରେ ରାନ୍ଧିତୁ ମାଛ ମାଂସ ।
ବାପା ମା'ଙ୍କୁ ଭୂଲି ଯାଇ ଦେଲୁ ନାହିଁ ଘରେ ବାସ ।

ଦଶ ମାସ ଦଶ ଦିନ ଜନ୍ମ ଦେଇ କାନ୍ଦେ ମା ଘରେ ବସି ।
ସ୍ତ୍ରୀ ପିଲାଙ୍କୁ ଧରି ଗଲୁ ବଜାର ବୁଲି ମନେ ହୋଇ ଖୁସି ।

ପଳାଶପୁର
ଖୋର୍ଦ୍ଧା

ISSN NO.
2582-208X

# ମାତୃଭୂମି ବୀର



ପୂର୍ଣ୍ଣଚନ୍ଦ୍ର ରଣା

ଜନ୍ମ ଜନ୍ମାନ୍ତ
ମାତୃକା ସଦା ନମନୀୟ
ପୁଷ୍ପିତ ତା'ର ଚଲାପଥ
କଣ୍ଟକିତ ନୁହେଁ କେବେ
ପଦ ସ୍ପର୍ଶ ପଥ ତା'ର
ସେ ବୀରଷୁ
ଔରସରୁ ଜାତ ଶତକୋଟି ବୀର
ଯେହ୍ନେ ଉଜ୍ଜ୍ୱଳିତ କରିବାକୁ
ଜନନୀର ଭବିଷ୍ୟତ
ଅମୃତର ଧାର ପିଇ
ବୀର ହୋଇଛନ୍ତି ବଳିଷ୍ଠ
କରିବାକୁ ସଦା ଏ ମାତୃଭୂମିର ସେବା
ମାତୃକାର ବକ୍ଷେ ତ୍ରିରଙ୍ଗାର ଆବରଣ
ଅତି ଯେ ସୌନ୍ଦର୍ଯ୍ୟ
ସେ ଯେ ଉଡେ ଫରଫର
କେବଳ ସେ ପଣତ
ପରିଧାନ କରିବାକୁ
ମୋ ମାତୃଭୂମିର ଅଧିକାର
ମାତୃଭୂମିର ବୀର
ବୀରଷୁକୁ ରଖିଛନ୍ତି ହସ୍ତ ଆଞ୍ଜୁଳାରେ

ISSN NO.
2582-208X

ତା'ର ପାଦ ପୂଜା ପାଇଁ
ମାତା ମୋର ଅତି ଯେ କୋମଳ
ଆଉ କଣ୍ଠେ ତା'ର ବସନ୍ତ କୋକିଳ
ମିଠା ମିଠା ଭାଷା ତା'ର ଦିଏ କେତେ ଖୁସି
ସର୍ବ ଓଠେ ଭରେ ଅମୃତର ବିନ୍ଦୁ
ସେ ଜଗତ ଜନନୀ
ସେ ଚିର ବନ୍ଦିତା
ସଦା ବିଜୟିନୀ ସେ ଶତୃ ନାଶିନୀ
ମାତୃକାର ସେବା ନିମନ୍ତେ
ବୀର ଆମ ସଦା ଯେ ପ୍ରସ୍ତୁତ
ହସ୍ତେ ଧରି ଅସ୍ତ୍ରଶସ୍ତ୍ର
ଜନନୀ ବକ୍ଷରେ ହୋଇଗଲେ କ୍ଷତ
ବୀର ସନ୍ତାନ ତା'ର ହୁଏ ଯେ ଅଧର୍ଯ୍ୟ
ବାଜି ଲଗାଏ ନିଜ ଜୀବନକୁ
କ୍ଷତ ଭରିବାକୁ
ଆଉ ଏ ମାତୃଭୂମିକୁ ଚଖେଇବାକୁ
ଟିକେ ବିଜୟର ସ୍ୱାଦ ।

ହାଟସିଂହାପୁର, ଯାଜପୁର

ISSN NO.
2582-208X

# ରଙ୍ଗଖେଳରେ ଭାଙ୍ଗ



ଗ୍ରେଜାଲିନ ଗଡନାୟକ

ଦୋଳପୂର୍ଣ୍ଣିମା, ୨୨, ୨୦୧୩ ମସିହା କଥା । ହୋଲି ପର୍ବ ସୋମବାର ପଡିଥାଏ । ସେହି ସମୟରେ ମୋର ସୋମବାର ବ୍ରତ ଚାଲିଥାଏ । ତେଣୁ ସେଦିନ ମୋର ଉପବାସ । ବେଶି କିଛି ଖାଏନା। ଲେମ୍ବୁ ସର୍ବତ ଦୁଇ ତିନି ଥର ହେଲେ ଯଥେଷ୍ଟ । ଅତି ଅସହ୍ୟ ହେଲେ ଦି'ଟା ବିସ୍କୁଟ ପାଟିରେ ପକାଇଦିଏ । ତେଣୁ ପ୍ରତ୍ୟେକ ସୋମବାର ଉପବାସ ହେତୁ ବେଶି ପରିଶ୍ରମ କରେନି; ଶରୀରକୁ ବିଶ୍ରାମ ଦିଏ, କଙ୍କଡାକୁ ଗୋଳିଆ ପାଣି ସୁହାଇଲା ଭଳି । କିନ୍ତୁ ହୋଲି ଦିନ ନିସ୍ତାର ନାହିଁ । ହଷ୍ଟେଲରେ କେବଳ ଆମ ବ୍ୟାଚ୍ ପିଲା ରହୁଥାଉ । ଉପର ବ୍ୟାଚ୍ ଦିଦି ଭାଇମାନେ ପରୀକ୍ଷା ଯୋଗୁଁ ଘରକୁ ପଳେଇ ଯାଇଥିଲେ । ନୂତନ ପାଠ୍ୟକ୍ରମ ଯୋଗୁଁ ନୂଆ ପିଲା ମଧ୍ୟ ଆସିନଥିଲେ । ତେଣୁ ଆମ ବ୍ୟାଚ୍ ସର୍ବେସର୍ବା ଏବଂ ନିଆରା । ତେଣୁ ଯାହା ଇଚ୍ଛା ସେୟା ହୁଏ । ହେଲେ ଗୋଟିଏ ଅଡୁଆ ଗଣ୍ଠି ଥିଲି ମୁଁ....ଯେହେତୁ ହଷ୍ଟେଲ ପ୍ରେସିଡେଣ୍ଟ୍... ଟିକେ ଅଧିକ ଷ୍ଟ୍ରିକ୍ଟ୍ ଥିଲି ।

ସେଦିନ ମନ୍ଦିରରୁ ଆସି ପାଣି ପିଇ ଶୋଇଥାଏ ସକାଳ ୯ଟାରେ ଖାଇବା ବେଲ୍ ବଜେଇ ଦେଇ । ସାଙ୍ଗମାନେ ଖିଆପିଆ ସାରି ମୋତେ ଉଠେଇଲେ ଏବଂ ହୋଲି ଖେଳିବାକୁ କହିଲେ । ମନରେ ସଙ୍କା ପଶିଲା, ଏଣେ ସାଙ୍ଗମାନଙ୍କ କଥା ଟାଳି ନୋହିଲା । ହେଲେ ଖାଲି ରଙ୍ଗରେ କ'ଣ ହୋଲି ହେବ । ରଙ୍ଗ ସାଙ୍ଗକୁ ଗୀତ ନାଚ ଟିକେ ଦରକାର ଆଉ ତା'ସାଙ୍ଗକୁ ପଣା ଟିକେ ଦରକାର.....ହେଲେ ଏଇ ସାଙ୍ଗେ ସାଙ୍ଗେ କ'ଣ କେମିତି କରିବା । ତେଣୁ ମେସ୍ ମ୍ୟାନେଜରଙ୍କୁ କହି ମେସ୍ ଟଙ୍କାରେ ପୁଅପିଲାଙ୍କ ହାତରେ ସବୁ

ISSN NO.
2582-208X

ମଗେଇଦେଲୁ। ସମସ୍ତେ ଚାତକ ପରି ଚାହିଁଥା'ନ୍ତି ପୁଅପିଲାଗୁଡା କେତେବେଳେ ଫେରିବେ। ସେମାନଙ୍କ ଫେରିବା ଭିତରେ ହଷ୍ଟେଲରେ ଥିବା ଛୋଟିଆ ଡେଗ୍ ପ୍ରସ୍ତୁତ ହୋଇସାରିଥିଲା । ଫୋନ୍ ପାଇଁ ହଷ୍ଟେଲରେ ଅନୁମତି ନଥିଲା । ତେଣୁ ଯେଉଁମାନେ ଆଣୁଥିଲେ ହଷ୍ଟେଲ ସୁପରିଟେଣ୍ଡେଣ୍ଟଙ୍କ ପାଖରେ ରଖୁଥିଲେ । କେବଳ ରବିବାର ଆଣି ପାରିବେ । ସେଦିନ ସୋମବାର ଥିଲେ ମଧ୍ୟ ଗୀତ ଲଗାଇବା ପାଇଁ ନେଇ ଆସିଲେ । ରଙ୍ଗ ପହଞ୍ଚି ଯାଇଥାଏ। ଗୀତ ଲାଗିବା ଆରମ୍ଭ ହୋଇଗଲା । ଯେଉଁମାନଙ୍କୁ ପଣା ପ୍ରସ୍ତୁତି ପାଇଁ ଦାୟିତ୍ୱ ଦିଆଗଲା ସେମାନେ ଲାଗିଗଲେ । ପଣା ପାଇଁ ପାଣି ଦରକାର । ବାଲଟିରେ ବୋହାଗଲା । ମୁଁ ବି ଗୋଟେ ବାଲଟି ବୋହିଛି । ବଡ ଡେକଚିରେ ପ୍ରସ୍ତୁତି ହେବ ପଣା । ମୋତେ କିଛି କାମ କରି ଆସେନା ସିନା କାମ ତଦାରଖ କରିବାରେ ମୁଁ ଧୁରନ୍ଧର । ହଷ୍ଟେଲ ଡାଇନିଂ ରୁମରେ ପଣା ପ୍ରସ୍ତୁତି କେମିତି କ'ଣ ହେବ କହୁଥିଲି । ସାଙ୍ଗମାନେ ଆସିଲେ ରଙ୍ଗ ଲଗାଇବାକୁ । ପଣା ଖରାପ ହେବ ବୋଲି ମନା କରିଦେଲି । ପଣାରେ ଚିନି ଭିଜିବା ପାଇଁ ସମୟ ଲାଗିବ। ସେହି ସମୟ ଭିତରେ ପଣାର ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ କହି ଦେଇ ମୁଁ ବାହାରକୁ ପଳେଇ ଆସିଲି । ଓପାସ ହେତୁ ଟିକେ କଷ୍ଟ ଲାଗୁଥାଏ । ରଙ୍ଗ ଖେଳିବା ପାଇଁ ଯେତିକି ମନ ହେଉଥାଏ ପାଦଟା ସେତିକି ରୁମ୍ ଆଡକୁ ଯାଉଥାଏ ଟିକେ ଗଡିପଡିବାକୁ । ହେଲେ ଫୁରସତ ଦେଉଛି କିଏ .....? ବାହାରକୁ ଆ ବୋଲି ସବୁ ଡାକିଲେ । ମୁଁ ଗେଟ୍ ଖୋଲି ବାହାରକୁ ଯାଇଛି ତ...; ଶୃଗାଳକୁ ସିଂହପଲ ଆକ୍ରମଣ କରିବା ପରି ସବୁ ମୋ ଉପରେ ଝାମ୍ପି ପଡି ରଙ୍ଗ ଲଗାଇଦେଲେ । ମୁଁ ନୀଳ ବର୍ଣ୍ଣ ନୁହେଁ ସର୍ବବର୍ଣ୍ଣ ଶୃଗାଳ ପାଲଟିଗଲି । ସରିଲା । ଆଉ କି ଶୋଇବି । ସମସ୍ତେ ବାଧ୍ୟ କଲେ ନାଚିବା ପାଇଁ । ମୋତେ ତ ବରଯାତ୍ରୀ ନାଚ ଛଡା କିଛି ଆସେନା । ତଥାପି ସାଙ୍ଗମାନଙ୍କ ମେଳରେ ସେତିକି ବହୁତ । ବନ୍ଦନା ତା'ଫୋନରେ ଦଣ୍ଡ ଗୀତ ଲଗାଇଲା । କାଳେ ବାହାରକୁ ଶୁଣାଯିବ, ଟିକେ ଶବ୍ଦ କମାଇଦେଲା । ଗୀତ ଅନୁସାରେ ମୁଁ ଆଉ ବନ୍ଦନା ନାଚିବାରେ ମାତିଗଲୁ । ସାଙ୍ଗମାନଙ୍କ ହସ କହିଲେ ନସରେ । ସେତେବେଳକୁ କିଏ ଜଣେ ଆସି କହିଲା ପଣାରେ ଆଉ ବାଲଟିଏ ପାଣି ନମିଶାଇଲେ ପାଇବନି । ସରିତା ଧାଇଁଗଲା ଆଣିବାକୁ । ସେହି ପାଣି ଆଣିବା ଭିତରେ ତା' ମୁଣ୍ଡକୁ ଭଲ ବୁଦ୍ଧି କି ମନ୍ଦ ବୁଦ୍ଧି ଆସିଲା ଜାଣିନି – ପଣା ପାଇଁ ପାଣି ଦେଇ ସାରି ଆଉ ବାଲଟିଏ ରଙ୍ଗ ମିଶା ପାଣି ଆଣି ମୋ

ISSN NO.
2582-208X

ଉପରକୁ ଫୋପାଡି ଦେଲା । ବନ୍ଦନା ଦେଖି ଦୂରେଇ ଯାଇଥାଏ । ମୁଁ ସମ୍ପୂର୍ଣ୍ଣ ରଙ୍ଗ ପାଣିରେ ସରସର । ସାଙ୍ଗମାନେ ବି ମୋତେ ଜୋକର ବନେଇ ଥଟ୍ଟା ଲାଗିବାରେ ଧୁରନ୍ଧର । ମୋତେ ବି ଆନନ୍ଦ ମିଳେ ସାଙ୍ଗମାନଙ୍କ ଖୁସିରେ । ତେଣୁ ସରିତା ସହ ମିଶି ଆଉ ଦୁଇଜଣ କିଏ ମିଶି ଆଉ ଦୁଇ ବାଲଟି ରଙ୍ଗ ପାଣି ମୋ ଉପରକୁ ଫୋପାଡି ଦେଲେ । ହଷ୍ଟେଲ ସାରା ଚହଳ ପଡିଗଲା ଆସ ଦେଖିବ ଲିମନକୁ । ଯେଉଁମାନେ ଗାଧୁଆପାଧୁଆ କରିବା ପାଇଁ ଯାଇଥିଲେ, ସବୁ ଏକାଠି ହୋଇ ହସିଉଠିଲେ । ମୁଁ କିନ୍ତୁ ବେହାଲ୍ । ଓପାସକୁ ଓଦା ସରସର । ଖେଳ ସେତିକିରେ ବନ୍ଦ ।

ଆସିଲା ପଣା ପାଳି । ସମସ୍ତେ ନିଜ ନିଜ ଭାଗ ନେଇ ପିଇଲେ । ସୁମି ଆମର ନାକ ଚିପି କି ପଳେଇଲା । ତାକୁ ଦହି କୁଆଡେ ଭଲ ଲାଗେନା । ଆମ ହଷ୍ଟେଲ ଆଗରେ ଗୋଟେ ଓଉ ଗଛ ଅଛି । ତା'ତଳେ ଗୋଟେ ପିଣ୍ଡି । ମୁଁ ଯାଇ ସେଇଠି ବସିଛି ହାଲିଆ ହୋଇ । ସେତେବେଳକୁ ୧:୩୦ ହୋଇଗଲାଣି । କିନ୍ତୁ କାହାର ଗାଧୁଆ ପାଧୁଆ ସରିନଥାଏ । ତେଣୁ ଖାଇବା ବେଲ ନଦିଆଯାଇ କୁହାଗଲା ଯେ ଯାହାର କାମ ସରିଗଲାଣି ସେ ଯାଇ ଖାଇବା ନେଇ ଆସୁ । ସେତେବେଳକୁ ଆମ ମେସରେ ଆମର ମଦନ ସାର୍ ଖାଉଥା'ନ୍ତି । ସମୟ ହେବାରୁ ସାର୍ ଆସି ସ୍କୁଲ ଆଗରେ ଛିଡା ହୋଇ ଆମମାନଙ୍କୁ ଦେଖୁଥା'ନ୍ତି । ସ୍କୁଲ ଏବଂ ଆମ ହଷ୍ଟେଲ ଗୋଟିଏ ପରିସର ମଧ୍ୟରେ । ମୁଁ କହିଲି ସାରଙ୍କୁ ନେଇ ପଣା ଦେବା ପାଇଁ । ସାରଙ୍କୁ ନେଇ ଦେବା ଭିତରେ ମୋତେ କିଏ ଗୋଟେ ଗିଲାସ ପଣା ଧରେଇ ଦେଇଛି । ମୁଁ ନାଚି ନାଚି ଆଉ ଆୟତ୍ତରେ ନଥାଏ । ପୁଣି ଓପାସ ଆଉ ଓଦା । ଏଣେ ପେଟ ପୁରା ଖାଲି । ଯେମିତି ପଣା ଗିଲାସେ ପିଇଛି ସେହି ବସିବା ଜାଗାରେ ଟିକେ ଚହଲିଗଲି । ତା'ଭିତରେ ସାରଙ୍କ ହାତରେ ପଣା ଗିଲାସ ଥାଏ । ମୋ ପାଦଟା ଟିକେ ଅଣଆୟତ୍ତ ହୋଇ ଫୁଲ କୁଣ୍ଡ ଉପରକୁ ଯାଇଛି ଏବଂ ଫୁଲ କୁଣ୍ଡଟି ମଧ୍ୟ ଆୟତ୍ତ ବାହାରକୁ ଯାଇ ଖସିପଡିଛି । ମୋର ହସ ଅସମ୍ଭାଳ । ଏସବୁକୁ ଲକ୍ଷ୍ୟ କରୁଥା'ନ୍ତି ସାର୍ । ସାର୍ ତାଙ୍କ ଶୈଳୀରେ ପଚାରିଲେ "କ'ଣ କିରେ, ଏଥିରେ କିଛି ମିଶିଛି କି" । ପିଲାମାନେ କହିଲେ"ନା! ସାର୍, କିଛି ନାହିଁ ଆମେ ସମସ୍ତେ ପିଇଛୁ " । ସାର୍ କହିଲେ" ତାହେଲେ ରୋଜାଲିନ(ମୋ ଆଡକୁ ଆଖିରେ ଠାରି) ଏମିତି କ'ଣ ହେଉଛି; ଡାକିଲ ତାକୁ " । ମୁଁ

ISSN NO.
2582-208X

ଉଠିଲା ବେଳକୁ ବି ଟଳମଳ ହୋଇ ଉଠି କି ଗଲି । ସାର୍ କହୁଥାନ୍ତି "ନା, ନା, ମୁଁ ପିଇବିନି" । ମୁଁ ଯାଇ ଆଉ ଥରେ ପାଦ ଛୁଇଁ ପ୍ରଣାମ କରୁ କରୁ ସାର୍ ପଚାରିଲେଣି "କ'ଣ କିରେ! ସବୁ ଠିକ୍ ଠାକ୍ ତ ?" ମୁଁ ବି ସେହି ପ୍ରଣାମ କରିବା ସହିତ"ଆଜ୍ଞା ସାର୍" ।

"କିଛି ନାହିଁ ସାର୍, ଆପଣ ପିଅନ୍ତୁ" – ଏଇ ପଦ ପ୍ରମାଣୋକ୍ତି ମୋଠୁ ଶୁଣିବା ପରେ ସାର୍ ପଣା ପିଇଲେ..........

ସେଦିନର ସ୍ମୃତିରେ ଭିଜୁଥିବା ଲିମନ

ଢେଙ୍କାନାଳ
ଦୂରଭାଷ: ୭୮୯୪୫୮୫୭୦୮

ISSN NO.
2582-208X

# କରୁଣା ବାରି



ପ୍ରଶାନ୍ତ କୁମାର ନାଥ

କରୁଣାର ବାରି ଝରୁଛି ନିର୍ଝର
ବିଶ୍ୱବିସୀଙ୍କର ପାଇଁ
ସୁଶୀତଳ ବାରି କରୁଣା ପ୍ରକାଶି
ଦେଉଅଛ ମିଠା ହସ।

ସଂୟତ କୁଶବିଦ୍ଧ
କ୍ଷତାକ୍ତ ଶରୀର
ହୃଦୟରୁ ଶ୍ରଦ୍ଧା ସଭିଙ୍କୁ ପରସ
ଜୀବନକୁ ତୁଚ୍ଛ କରି।

ସରଗର ଶଶି ତୁମେ ପରା ଜ୍ୟୋତି
ପାଲେଷ୍ଟାଇନର କିର୍ତ୍ତି
ଭୁଲି କି ପାରିବ ତୁମକୁ ହେ ଯିଶୁ
ମରତରେ କେହି ଆସି।

ଅମୃତ ପରସ ଦେଲ ବିଶ୍ୱେ ଆସି
ତୁମ ପାଇଁ ହସେ ଏ ବିଶ୍ୱ ବାସୀ
ଥିଲ ତୁମେ ଯୋଗୀ ମହାମାନବ ହେ
ଯୋଗ ପୁରୁଷଟେ ହୋଇ।

ISSN NO.
2582-208X

ଆସ ଅବତରି ପୁଣି ଏ ଧରାକୁ
ସ୍ଥୂଳ ଶରୀରକୁ ଧରି
ଦିବ୍ୟ ଚେତନାରେ ଚେତାଓ ସଭିଙ୍କୁ
ଦୁଃଖ ପ୍ରସମିତ କରି ।

ତୁମ ଚରଣରେ କୋଟି ପ୍ରଣିପାତ
କରୁଅଛି କର ଯୋଡି ।।

ଜୁଣଗଡି (ରାଜନଗର),
କେନ୍ଦ୍ରାପଡ଼ା

ISSN NO.
2582-208X

# ଝିଅ ଯାଏ ଶାଶୁଘର



ଜନ୍ମଜୟ ନାୟକ

ଘର ଅଗଣାରେ ଛାଡ଼ି ସ୍ମୃତି ତାର
ଝିଅ ଯାଏ ଶାଶୁଘର,
ବାପା ମାଆର ସାଇତା ଧନ ପୁଣି
ହୁଅଇ ଆଉ କାହାର ।
ନିୟତିର  କି ବିଧାନ
ନିଜ ଘର ଭୁଲି ପର ଘରେ ଯାଇ
ଗଢଇ ନୂଆ ବନ୍ଧନ ।

ଛାତିରୁ ହୃଦୟ ଅଲଗା କରିଣ
ଯେବେ ଝିଅ ଯାଏ ଚାଲି,
ବାପାମାଆଙ୍କ ଅମାନିଆ ଲୋତକ
ନୟନୁ ଝରଇ ଖାଲି।
ବାଜଇ ଯୋଡି ମହୁରୀ
ଶୁଭ ସାହାନାଇ ଶବଦ କମ୍ପଇ
ଉଠଇ ଯେବେ ସବାରୀ ।

ବଉଳପାଟକୁ  ସେ ନାଲିଓଢଣୀ
ସାରିଦିଏ କୁମାରୀତ୍ୱ,
ବେଦୀରେ ବସିଣ କଉଡି ଖେଳିଣ

ISSN NO.
2582-208X


ବନ୍ଧାପଡଇ ଅସ୍ତିତ୍ୱ।
ମନ କୋହକୁ ଲୁଚାଇ
ପରକୁ ନିଜର କରେ ସିଏ ପୁଣି
ନିଜ ସପନ ଭୁଲଇ

ହାତେ ପାଣିକାଚ ସୀମନ୍ତେ ସିନ୍ଦୂର
ପାଦରେ ଅଳତା ଗାର
ଛାତିରେ ଛାତିଏ ବତୁରା କୋହ ଲୋ
ଆଖିରେ ଶ୍ରାବଣ ଧାର
ନିଜ ନୀଡ ଛାଡିଯାଏ
ପରଘରେ ଯାଇ ସାଜେ ଗୃହଲକ୍ଷ୍ମୀ
କୂଳବଧୂ ସେ ବୋଲାଏ

ଶିକ୍ଷକ, ଚଲିକା ନୋଡାଲ ହାଇସ୍କୁଲ, ପୁରୀ

ISSN NO.
2582-208X

# ଧର୍‌ରେ ଖର୍



ସ୍ୱାମ ଚନ୍ଦ୍ର ପ୍ରଧାନ

ଖରାରେ ଏ ଧରା ଝାଉଁଳି ଗଲାଣି
ନାହିଁ ଆଉ ସୁନ୍ଦରତା
ଅସହ୍ୟ ତାତିଟା ଦାଉ ସାଧିଲାଣି
ଲୁଟିନେଇ ଶୀତଳତା ।

ପୋଖରୀ ଗାଡ଼ିଆ ନଈ ନାଳ କୂଏ
ଦିଶୁନାହିଁ ଟୋପେ ଜଳ
ପ୍ରଚଣ୍ଡ ଖରାରେ ନିଗୁଡୁଛି ଖାଲି
ଦେହୁ ଗମଗମ ଝାଳ ।

ଧରାବକ୍ଷେ ଏବେ ରାଜୁତି କରୁଛି
ନିଦାଘର ଝାଞ୍ଜିଖରା
ତୃଷ୍ଣାରେ ବିକଳ ଏ ପ୍ରାଣୀ ଜଗତ
ବାଟ ଭୁଲିଲେଣି ପରା ।

ଅଂଶୁମାନଙ୍କର ଅନଳ ଶ୍ୱାସରେ
ଜଳୁଛି ଆଜି ପ୍ରକୃତି
ଅଂଶୁଘାତ ଭୟ ଡରାଇ ମାରୁଛି
ସହି ହେଉନାହିଁ ତାତି ।

ISSN NO.
2582-208X

ବେଳଥାଉ ସର୍ବେ ସାବଧାନ ହୋଇ
ଲଗାଅ ସବୁଠି ଗଛ
ଗଛ ଲଗାଇଲେ ଏ ଧରା ହସିବ
ଏ କଥା ନୁହଁଇ ମିଛ ।

ଖରାରେ ଏ ଧରା ଝଲସି ଉଠିବ
ଦୁଃଖ କଷ୍ଟ ଅପସରି
ଜଳର ଅଭାବ ହୋଇଯିବ ଦୂର
ଗ୍ରୀଷ୍ମେ ମେଘ ବରଷି ।

ପ୍ରକୃତିର କୋପ କମିଯିବ ପୁରା
ଶୀତଳ ପବନ ପାଇ
ହଜିଲା ସୌନ୍ଦର୍ଯ୍ୟ ଲେଉଟି ଆସିବ
ଚଉଦିଗ ମହକାଇ ।

ଶିକ୍ଷକ, ସାନ୍ତ୍ରାପଲ୍ଲୀ,
ଗଞ୍ଜାମ, ମୋ:9861638736

ISSN NO.
2582-208X

# ଅନ୍ତର୍ଦାହ



ସନ୍ତୋଷ କୁମାର ରାଉତ

ସମୟ ସ୍ରୋତରେ ଭାସିବା ଭିତରେ ବିନୟ କେଉଁ ଅଜଣା କୂଳରେ ଲାଗି ଯାଇଥାଏ ତାହା ତାକୁ ଜଣା ନଥାଏ।ତା ମନରେ ବିଦ୍ରୋହ ଭାବ ଜନ୍ମ ନେଇ ସାରିଥାଏ ଦୁନିଆର ନୀତି ନିୟମ ବିରୁଦ୍ଧରେ। କାହିଁକି ତା ପାଇଁ ଏ ନିୟମ ରହିଛି। ଏବେ ତ ତାକୁ ୧୮ ପୁରି ୧୯ ଚାଲିଲାଣି ସେ କଣ ପାଇଁ ସେ ଅଜୟ ରମେଶ ପରି ନିଜ ଇଚ୍ଛା ମୁତାବକ କିଛି କରିପାରିବ ନାହିଁ। କଣ ପାଇଁ ବାପା ମା ତାକୁ ସ୍ୱାଧୀନ ଭାବରେ ନିଷ୍ପତ୍ତି ନେବାକୁ ଦେଉ ନାହାନ୍ତି।ସେ ଭାବି ସାରିଥାଏ ଏହାର ପ୍ରତିବାଦ କରିବ ତାର କାର୍ଯ୍ୟକଳାପ ମାଧ୍ୟମରେ।

ନିଶାଶକ୍ତ ହୋଇ ଢଳି ଢଳି ରାତି ୧୧ଟା ରେ ରାସ୍ତାରେ ବୁଲୁଥିବା ସମୟରେ ତା ମୋବାଇଲକୁ ଘରୁ ଫୋନ ଆସେ। ଫୋନ ଉଠାଇବା ପରେ ସେ ପଟରୁ ଭାସି ଆସୁଥିଲା ରାତି ୧୧ଟା ବାଜିଲାଣି ଘରେ ସମସ୍ତେ ଖାଇ ପିଇ ଶୋଇ ସାରିଲେଣି କେତେବେଳେ ଘରକୁ ଫେରିବୁ ତାଗିଦ ଦେଇ ମା କହୁଥାନ୍ତି। ମୁଁ କଣ ଛୋଟ ଛୁଆ ହୋଇଛି ଯେ ତାଗିଦ କରି ଏଭଳି ବାରମ୍ବାର ମତେ କହି ଆସୁଛ ବୋଲି ରୁକ୍ଷ କଣ୍ଠରେ ଜବାବ ଦେଲା ବିନୟ। ମୁଁ ତୁମ କଥା ମାନିବାକୁ ବାଧ୍ୟ ନୁହେଁ। ମତେ ଯାହା ଲାଗିବ ତାହା କରିବି ମଦ ପିଇବି ସିନେମା ଯିବି ଜୁଆ ଖେଳିବି ଆଉ ଜୀବନକୁ ଉପଭୋଗ କରିବି। ମୁଁ ତୁମ ମାନଙ୍କ ହାତରେ କଣ୍ଢେଇ ପରି ରହିପାରିବି ନାହିଁ। ଏସବୁ କଥା ଶୁଣି ମାଙ୍କ ହାତରୁ ମୋବାଇଲ ଖସି ଯାଇଛି ଚେତାଶୂନ୍ୟ ହୋଇ ପଡିଯାଇଛନ୍ତି ରନ୍ଧା ଘର ଭିତରେ। ସୌଭାଗ୍ୟ ବଶତଃ ଅର୍ଦ୍ଧେନ୍ଦୁ ବାବୁ ପାଣି ନେବାକୁ ଆସିଥିଲେ ବୋଲି ବଞ୍ଚିଗଲେ ନହେଲେ କଣ ଯେ ହୋଇଥାନ୍ତା।

ISSN NO.
2582-208X


ରାସ୍ତା ଉପରେ ଜଳୁଥିବା ଷ୍ଟ୍ରିଟ ଲାଇଟର ଆଲୁଅ ଯୋଗୁଁ ରାସ୍ତା ଆଲୋକିତ ଦେଖା ଯାଉଥିଲା। ରାତି ୧୨ଟା ହୋଇଥିଲେ ମଧ୍ୟ ନିର୍ଭୟ ହୋଇ ମଦ ପିଇ ଢଳି ଢଳି ଆଗକୁ ବଢୁଥିବା ସମୟରେ ବିନୟକୁ ଲାଗୁଥିଲା ଲାଇଟ ଖୁଣ୍ଟ ଗୁଡ଼ିକ ତା ପାଦ ସ୍ପର୍ଶ କରୁଛନ୍ତି ତାର ବିଜୟ ପାଇଁ ତାକୁ ସ୍ୱାଗତ ଜଣାଉଛନ୍ତି । ତେଣୁ ସେ ହସି ହସି ଆଗକୁ ଅଗ୍ରସର ହେବା ଭିତରେ ଧରାପଡିଛି ପୋଲିସ ହାତରେ। ଅତ୍ୟାଧିକ ନିଶାଗ୍ରସ୍ତ ଯୋଗୁଁ ପୋଲିସ ମାନଙ୍କ ସହିତ ଯୁକ୍ତିତର୍କ କରିଛି, ତେଣୁ ପୋଲିସ ତାକୁ ହାଜତକୁ ନେଇଛନ୍ତି। ସକାଳ ହେବା ପରେ ଖବର ପାଇ ବାପା ଫାଇନ ଦେଇ ପୁଅକୁ ନିଜ ସାଥିରେ ଆଣିଛନ୍ତି ଘରକୁ। ବର୍ତ୍ତମାନ ପରିବାରର ତୀକ୍ଷ୍ଣ ନଜର ତା ଉପରେ। ପରିବାରର ମାନ ସମ୍ମାନ ମାନ ମର୍ଯ୍ୟାଦା ସବୁ ତଳେ ପକେଇ ଦେଲା। ସମସ୍ତଙ୍କ ପାଟିରୁ ତାକୁ ସମାଲୋଚନା କରାଗଲା।ବାପା ରାଗି ତାକୁ ତାଗିଦ୍ ଦେଇ କହିଲେ ଯେପରି ଏ ଭୁଲର ପୁନରାବୃତ୍ତି ନ ହୁଏ।

ପୋଲିସ ହାତରେ ଧରା ପଡିବା ଦିନରୁ ଭଲକରି ମା ଓ କେବେ କେବେ ବାପା ବ୍ୟତୀତ ଆଉ କେହି ତା ସହିତ କଥାବାର୍ତ୍ତା ହେଉ ନାହାଁନ୍ତି। ଏଣୁ ଏଭଳି ପରିସ୍ଥିତି ଯୋଗୁଁ ବିନୟ ନିସଙ୍ଗତା ଅନୁଭବ କରି ପରିବାର ହାତରେ ଆଉ ନାହିଁ, ତାଙ୍କ ଠାରୁ ବହୁ ଦୂରକୁ ଚାଲି ଯାଇଛି । ଏବେ ପ୍ରତ୍ୟେକ ଦିନ ମଦ ପିଇ ଡେରିରେ ଘରକୁ ଫେରିବା ତାର ଅଭ୍ୟାସ ହେଇଗଲାଣି। କାହାରି କଥା ଶୁଣୁନାହିଁ। କଲେଜ ମଧ୍ୟ ଯାଉନାହିଁ। ପାଠ ପଢ଼ାରେ ମନ ନାହିଁ। କେବେ କେମିତି କଲେଜ ଗଲେ ସେଠି ଝଗଡ଼ା କରୁଛି। ବାଧ୍ୟ ହୋଇ ସାଙ୍ଗ ମାନେ ତାଠୁ ଦୂରେଇ ଯାଇଛନ୍ତି। କଲେଜ ଭିତରେ ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ କଲେଜରୁ ତାକୁ ବହିଷ୍କାର କରାଯାଇଛି। ଏଣୁ ଏବେ ଆଉ ତାକୁ କଲେଜ ଯିବାକୁ ପଡୁନାହିଁ। ଜୁଆ ଖେଳିବାରେ ଅଭ୍ୟସ୍ତ ହେଇଗଲାଣି। ତେଣୁ ସବୁବେଳେ ପଇସା ପାଇଁ ଘରେ କଜିଆ କରୁଛି। ଏଥିପାଇଁ ଘରେ ଅଶାନ୍ତ ପରିବେଶ ଲାଗିରହିଛି।

ବାପା ମା ଙ୍କ ମନରେ ସର୍ବଦା ଦୁଃଖ ଲାଗି ରହିଛି, କେତେବେଳେ କଣ ଯେ ହେବ ଆଶଙ୍କା କରି। ତାକୁ ବୁଝେଇ ବୁଝେଇ ଥକି ଗଲେଣି। ଏବେ ସେମାନଙ୍କୁ କିଛି କରିବାକୁ ପଡୁ ନାହିଁ। ଯାହା ହେବାକଥା ହଉଛି। ସବୁକିଛି ପରିସ୍ଥିତି ଉପରେ ଛାଡ଼ି ଦେଇଛନ୍ତି। ପୁଅ କଥା ଭାବି ଭାବି ମା ବିଛଣାକୁ ଧରିଲେଣି। ବାପା ମଧ୍ୟ ଘରୁ ବାହାରୁ ନାହାଁନ୍ତି। ସମୟକ୍ରମେ ଚିନ୍ତାଗ୍ରସ୍ତ ବାପା ମା ଙ୍କ ମୃତ୍ୟୁ ଘଟିଛି।

ISSN NO.
2582-208X

ଏବେ ବିନୟର ଆସିବା ଯିବା ଖାଇବା ପିଇବା ଶୋଇବାରେ ପରିବାରର କିଛି ଯାଏ ଆସେନାହିଁ। ସତେ ଯେମିତି ତା ସହିତ କେବଳ ଦୈହିକ ସଂପର୍କ ରହିଛି ଆଉ ମାନସିକ ସଂପର୍କ ନାହିଁ। ବର୍ତ୍ତମାନ ପଇସା ପତ୍ର ନଥିବାରୁ ସେ ମାନସିକ ଭାରସାମ୍ୟ ହରାଇ ବସିଛି। ସବୁବେଳେ ବାହାରେ ବୁଲୁଛି। ଖାଇବାକୁ ନ ପାଇ ବାହାରେ ପଡିରହୁଛି। ଭୋକ ଉପାସରେ ଆଉଟୁ ପାଉଟୁ ହୋଇ ଛଟପଟ ହେଉଥିବା ବେଳେ ତାର ଅନୁଶୋଚନା ହୋଇଛି। ମନେ ପଡ଼ିଛି ବାପା ମାଙ୍କ କଥା।ଅନୁତାପର ଜ୍ୱାଳାରେ ଦଗ୍ଧିଭୁତ ହେଉଛି। ହୃଦୟ କାନ୍ଦି ଉଠୁଛି। ନିଜ କର୍ମ ପାଇଁ ନିଜକୁ କଷ୍ଟ ଦେଇ ତା ମନ ଓ ପ୍ରାଣକୁ ଜୁଇରେ ଦହନ କରୁଛି। ପ୍ରାୟଶ୍ଚିତ ଆଶାରେ ତାର ଅନ୍ତର୍ଦାହ ଘଟିଛି।

ଓଡ଼ିଆ ଅଧ୍ୟାପକ
ଜ୍ୟୋତି ବିକାଶ କଲେଜ(+୨)
ଭଇଁଷା, ପାଟଣାଗଡ଼, ବଲାଙ୍ଗୀର
ମୋ-୯୪୩୮୭୭୦୯୬୩

ISSN NO.
2582-208X

# ପ୍ରଭାତ ଆଗମନେ



ଲୀଳାବତୀ ପରିଡ଼ା

ବିଭାବରୀ ଅନ୍ତେ ଆସେ ପ୍ରଭାତ,
ବିଜନ ବେଳା କୁ କରେ ଜାଗ୍ରତ,
ବିବିଧ ପୁଷ୍ପ ହୋଇ ପ୍ରସ୍ଫୁଟିତ,
ବିଛେଇ ପ୍ରଭାତେ କରେ ସ୍ୱାଗତ,
ବିପିନେ କୋକିଳ ସଙ୍ଗୀତ,
ବିଭୋର କରଇ ଜନ ମାନସ କୁ
    ସଭିଙ୍କୁ କରଇ ମୋହିତ।୧।

ବିହଙ୍ଗମ ଡେଣା ଝାଡି ତୁରିତ,
ବିହାୟସ କୋଳେ ହେଲେ ଆଗତ,
ବିପୁଳା ବିତାନ ଯେ ମୁଖରିତ,
ବିଭୋର ହୋଇଲା ମନ ପ୍ରାଣ ତ,
ବିରାଜିତା ହେଲା ଧରା ତ,
ବିରାଙ୍ଗନା ବେଶେ ସଜାଇ ହୋଇଣ
    ବିଭା ରେ ସଜାଇ ଆଭା ତ।୨।

ବିକଚ ରାଜୀବ ହୋଇ ଉଷତ,
ବିବସ୍ୱାନେ (ସୂର୍ଯ୍ୟ) କରୁଥାଏ ସ୍ୱାଗତ,
ବିଗୁଢ ଭାନୁପ୍ରେମରେ ମଜ୍ଜିତ,
ବିଗାହ୍ନ ହୋଇ ସରସୀ ଜଳେ ତ

ISSN NO.
2582-208X

ବିଛଣା ସଜାଡୁ ଥାଏ ତ
ବିଗଳିତ ପ୍ରାଣ ଛୁଇଁବାକୁ ଟିକେ
ବିଜୟୀ ଦିନମଣି ଙ୍କୁ ତ ।୩।

ବିଞ୍ଚଣା ଚାମର କରେ ମରୁତ,
ବିବିଧ ସୁମନ ବାସ ଛୁଟେ ତ,
ବିଟପୀ ମଧୁପ ସେ ବିଚେଷ୍ଟିତ,
ବିଟପ(ଡାଳ) ର ପାଶ ପୁଷ୍ପେ ବେଷ୍ଟିତ,
ବିବିଧ ରାଗିଣୀ ଝଙ୍କୃତ,
ବିହ୍ୱଳିତ କରେ ବିପୁଳା ବିତାନ
କର୍ଣ୍ଣେ ହୁଅଇ ଗୁଞ୍ଜରିତ।୪।

ବିଚ୍ଛୁରିତ ହୋଇ ଭାନୁକର ତ,
ବୀୟତ(ଆକାଶ) ବିରଙ୍ଗରେ ରଙ୍ଗାୟିତ,
ବିମ୍ବିତ ହୋଇ ସରସୀ ଜଳେ ତ
ବିହ୍ୱଳିତ କରେ ଜଳ ଢେଉ ତ,
ବିଚିତ୍ର ଶୋଭାରେ ଶୋଭିତ,
ବିମୋଚନ ହୁଏ ଦୁଃଖ ଶୋକ ସବୁ
ଦେଖି ସେ ସୁରମ୍ୟ ଦୃଶ୍ୟ ତ।୫।

କୁଟୁଣିଆଁ, ହିନ୍ଦୋଳ, ଢେଙ୍କାନାଳ
ଦୂରଭାଷ - ୯୮୬୧୯୪୫୬୨୬

ମଇ – ୨୦୨୨
www.vedantimagazine.com
ISSN NO.
2582-208X

# ସଜ ଫୁଲ



ନଲେଶ କୁମାର ଭୋଇ

ଏହି ଧରା ପୃଷ୍ଠାରେ ଈଶ୍ୱରଙ୍କ ସୃଷ୍ଟି
ଫୁଲ ଏକ ସୁନ୍ଦର ଉପହାର,
ମନର ଗଭୀର ଆବେଗକୁ ପ୍ରକାଶେ
ସ୍ନେହ ବାଣ୍ଟେ ନିରନ୍ତର ।
ଫୁଲ ହିଁ ନରମ ଫୁଲ କୋମଳ
ନରମ ତା' ସତେଜତା ସ୍ପର୍ଶ,
ଫୁଲ ଶିକ୍ଷା ଦିଏ ମାନବ ହୃଦୟେ
ପ୍ରେମ କ୍ରାନ୍ତି ବିଚାରତା ବିମର୍ଷ ।
ଏମିତି କେହି ନାହିଁ ଏ' ଜଗତେ
ଯିଏ ଫୁଲକୁ ଆଦରି ନାହିଁ,
ଶୀତ ଋତୁ ଓହ୍ଲାଇ ଆସେ ତା'
ସୁନ୍ଦରତା ବଢାଇବା ପାଇଁ ।
କାହିଁକି ଶୀତଋତୁ ଫୁଲକୁ ଏତେ
କଷ୍ଟ ଦେବା ଆସିଥାଏ,
କଷ୍ଟ ହିଁ ଜୀବନ ସହିଷ୍ଣୁତା ଭାବ
ଶୀତ ଋତୁ ଫୁଲକୁ ଶିକ୍ଷା ଦିଏ ।
ଜୁଇ, ଜାଇ ମଲ୍ଲୀ, କେତକୀ ଟଗର
ଫୁଲ ଅଟେ ନାନା ଜାତି,
ବାସ୍ନା ନଥିଲେ ବି ମନ କିଣି ନିଏ
ପ୍ରେମ ପୁଲକ ସ୍ୱଚ୍ଛ ନିର୍ଝରିଣୀ ।

ବଲାଙ୍ଗୀର

ISSN NO.
2582-208X


# ବହୁ ପ୍ରତିଭାର ଅଧିକାରିଣୀ
# "ପ୍ରତିଭା ରାୟ"



ପ୍ରତାପ ଚନ୍ଦ୍ର ସାହୁ

ଆଞ୍ଚଳିକ ଭାଷାର ସଙ୍କଟ ନେଇ ସାରା ବିଶ୍ୱ ରେ ହୁରି ପଡୁଥିବା ସମୟ ରେ ଓଡ଼ିଆ ସାହିତ୍ୟ କ୍ଷେତ୍ର କୁ ଅର୍ଥାତ ବିଶିଷ୍ଟ ସାହିତ୍ୟିକ ଡା ପ୍ରତିଭା ରାୟ ଙ୍କୁ ପଦ୍ମ ଭୂଷଣ ସମ୍ମାନ ମିଳିବା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ ପଦକ୍ଷେପ ଓ ପ୍ରେରଣା ଦେବ। ପ୍ରତିଭା ରାୟ କେବଳ ଏକ ନାଁ ନୁହନ୍ତି ସେ ହେଉଛନ୍ତି ପ୍ରତିଟି ଲେଖକଙ୍କର ଶବ୍ଦ ସମ୍ଭାର । କବିତା, ଗଳ୍ପ ଓ ଉପନ୍ୟାସ ର ଏକ ମିଳିତ ମୂର୍ଚ୍ଛନା। ଯୁବ ପିଢ଼ି ପାଇଁ ତଥା ଏବର ଲେଖକ/ଲେଖିକା ଙ୍କ ପାଇଁ ସେ ହେଉଛନ୍ତି ପ୍ରେରଣା ର ସ୍ରୋତସ୍ୱିନୀ। ପ୍ରତିଟି ଓଡ଼ିଆ ସାହିତ୍ୟ ପ୍ରେମୀ ଙ୍କର ଘର ଥାକରେ ଆଉ କିଛି ଥାଉ କି ନଥାଉ, ପ୍ରତିଭା ରାୟ ଙ୍କର "ଜାଙ୍ଗ୍ୟସିନି", ବର୍ସ-ବସନ୍ତ-ବୈଶାଖ, ମୋକ୍ଷ, ଶିଳ୍ପ ପଦ୍ମ ଏହି ବହି ଗୁଡିକ ନିଶ୍ଚିତ ଭାବେ ରହିଥିବ। ପ୍ରତିଭା ରାୟ ଜଗତସିଂପୁର ଜିଲ୍ଲା ର ବାଲିକୁଦା ଅଞ୍ଚଳର ଅଲକୋଲ ଗାଁ ରେ ଜନ୍ମ ଗ୍ରହଣ କରିଥିଲେ। ୧୯୪୩ ମସିହା ଜନୁୟାରି ମାସ ୨୧ ତାରିଖ ରେ ଜନ୍ମିତ ପ୍ରତିଭା ରାୟ ୨୩ ଟି ଉପନ୍ୟାସ, ୨୮ ଟି କ୍ଷୁଦ୍ର ଗଳ୍ପ ସଙ୍କଲନ, ୧୦ଟି ଭ୍ରମଣ କାହାଣୀ, ୨ ଟି କବିତା ସଂକଳନ, ଓ ଅନେକ ପ୍ରବନ୍ଧ ର ରଚୟିତା। ସାହିତ୍ୟ କୃତି "ଶିଳ୍ପ ପଦ୍ମ" ପାଇଁ ୧୯୮୬ ରେ ଓଡିଶା ସାହିତ୍ୟ ଏକାଡେମୀ, ୨୦୦୦ ରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୨୦୦୭ ରେ ପଦ୍ମଶ୍ରୀ ସମ୍ମାନ ପ୍ରାପ୍ତ ହୋଇଛନ୍ତି। ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ଓଡ଼ିଆ ଲେଖିକା ପ୍ରତିଭା ରାୟ ଜ୍ଞାନପୀଠ ପୁରସ୍କାର ବିଜେତା ଅଟନ୍ତି। ପ୍ରଥମ ଓଡ଼ିଆ ସାହିତ୍ୟିକ ଜ୍ଞାନପୀଠ ପୁରସ୍କାର ରେ ପୁରସ୍କୃତ ହେବା ଚତୁର୍ଥ ଓଡ଼ିଆ, ପ୍ରଥମ ମହିଳା, ସପ୍ତମ ଭାରତୀୟ ମହିଳା ସ୍ୱୀକୃତି ଲାଭ କରିଥିଲା। ତାଙ୍କ ରଚିତ "ଜାଙ୍ଗ୍ୟସିନି"-୧୯୮୫ ପୁସ୍ତକ ଲାଗି ୧୯୯୦ ମସିହା ରେ ସାରଳା ପୁରସ୍କାର ଓ ୧୯୯୧ ମସିହା ରେ ପ୍ରଥମ ମହିଳା ଭାବମୂର୍ତ୍ତି ଭାବେ "ମୂର୍ତ୍ତି ଦେବି" ପୁରସ୍କାର ଲାଭ କରିଥିଲେ। ପରବର୍ତ୍ତୀ ସମୟ ରେ ଏହି ପୁସ୍ତକ ଟି ବିଭିନ୍ନ ଭାଷା

ISSN NO.
2582-208X

ରେ ଅନୁବାଦିତ ହେବାସହ ତା'ର ଅନେକ ସଂସ୍କରଣ ପ୍ରକାଶ ପାଇଁ ପାଠକଙ୍କର ଆଦୃତ ଲାଭ କରିଛି।

ପ୍ରତିଭା ରାୟ ବିଦ୍ୟାଳୟ ରେ ଶିକ୍ଷକ ଭାବେ ନିଜର ବୃତ୍ତି ଜୀବନ ଆରମ୍ଭ କରିଥିଲେ। ପରବର୍ତୀ ସମୟ ରେ ୧୯୯୮ ମସିହା ପ୍ରଧ୍ୟାପକ ପଦରୁ ସ୍ୱେଛକୃତ ଅବସର ନେଇ ଓଡିଶା ଲୋକ ସେବା ଆୟୋଗ ର ସଦସ୍ୟ ଭାବେ ନିଯୁକ୍ତି ପାଇଥିଲେ। ଜଣେ ସାରସ୍ୱତ ସାହିତ୍ୟ ସାଧକ, ଚିନ୍ତାଶିଳ ବ୍ୟକ୍ତିତ୍ୱ ଭାବେ ବେଶ ଜଣାଶୁଣା ଥିଲେ ସେ। ସେ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ସେ ମାଟିରେ ବସି ରକ୍ତରେ ଲେଖନ୍ତି। ଏହାର ଅର୍ଥ ହେଉଛି ସାଧନା କର, କାହାର କପି କରନାହିଁ, ସାହିତ୍ୟ ଏକ ସମୟ ପାରିତ ବ୍ୟବସ୍ଥା ନୁହଁ, ଏହା ଏକ ବିଶ୍ୱସ୍ତ ସାଧନା, ଏଣୁ ଆଜିର ଯୁବ ପିଢ଼ି କୁ ସେ ପରାମର୍ଶ ଦେଇଛନ୍ତି ଯେ ଯେଉଁମାନେ ଲେଖା ଲେଖି କରୁଛନ୍ତି ହାଲକା ଭାବେ ନିଅ ନାହିଁ। ଗମ୍ଭିରତାର ସହ ଏହାକୁ ନିଅ, ସାଧନା କର। ଗମ୍ଭିରତାର ସହ ସାରସ୍ୱତ କୃତି କରି ଚାଲ। ଜଣେ ଲେଖକ ସମାଜ କୁ ନେଇ ଲେଖି ଚାଲିଥାଏ, ସେ ତାର ଚାରି ପଟେ ଘୁରି ବୁଲୁ ଥିବା ଚରିତ୍ର, ଚତୁପାର୍ଶ୍ୱ ରେ ଘଟୁଥିବା ଘଟଣାବଳି ଓ ସମସ୍ୟା କୁ ନେଇ ଲେଖିଚାଲିଥାଏ। ସମସ୍ୟା କୁ ଦେଖି ସମାଧାନ ର ବାଟ ଖୋଜି ବୁଲେ। ଲେଖକଙ୍କ ଲେଖାରେ ପ୍ରସ୍ଫୁଟିତ ହୁଏ ଏବଂ ପାଠକଙ୍କର ମନକୁ ଛୁଏ। ଏବର ଯୁବ ପିଢ଼ି ଭାରି ବୁଦ୍ଧିମାନ। ଆଙ୍ଗୁଳି ଆଗରେ ରହିଛି ସମଗ୍ର ବିଶ୍ୱର ସବିସେସ୍ ତଥ୍ୟ ତଥା ଇଣ୍ଟର ନେଟ ସୁବିଧା। ଏଣୁ ଏ ସବୁକୁ ଗଭୀର ଭାବେ ଅନୁଧ୍ୟାନ କରି ଲେଖନୀ ଚାଲନା କରିବା ବାଞ୍ଛନିୟ। ଯେଉଁ ସ୍ଥାନ ସମ୍ପର୍କ ରେ ଲେଖିବାକୁ ମନସ୍ଥ କରୁଛନ୍ତି, ସେଇ ଜାଗାକୁ ଯାଆନ୍ତୁ, ତଥ୍ୟ ସଂଗ୍ରହ କରନ୍ତୁ ତାପରେ ଯାଇ ଲେଖନ୍ତୁ। ଯେଉଁ ସ୍ଥାନ କୁ ଯାଇଛନ୍ତି, ସେଇ ସ୍ଥାନର ଏକ ଅଂଶ ହୋଇ ଯାଆନ୍ତୁ, ସେଠାକାର ଚରିତ୍ର ଏକ ଅଙ୍ଗ ହେଇ ଯାଆନ୍ତୁ। ଏକତ୍ୱ ହୋଇ ଯାଆନ୍ତୁ। ଗୋଟିଏ ଚରିତ୍ର, ସମସ୍ୟା, କିମ୍ବା ଘଟଣା ସମ୍ପର୍କ ରେ ଗୋଟିଏ ସ୍ଥାନ ରେ ଗୋଟିଏ ଚୌକି ରେ ବସି ଲେଖିଲେ, ତାହା ହୃଦୟ ଗ୍ରାହି ହୋଇ ନଥାଏ। ଲେଖାକୁ ହୃଦୟ ଗ୍ରାହି କରିବାକୁ ହେଲେ ରକ୍ତ ବୁହାଇବାକୁ ପଡିବ। ମାଟି ସହ ନିବିଡତା ଆଣିବାକୁ ପଡିବ। ଏଣୁ ତ ସେ କହିଥାନ୍ତି ମାଟି ଉପରେ ବସ, କିନ୍ତୁ କାଳି ବା ସ୍ୟାହି ରେ ନଲେଖି ରକ୍ତ ରେ ଲେଖ । ଦେଖିବ ଲେଖା କେତେ ସୁନ୍ଦର ହେବ, କେତେ ହୃଦୟସ୍ପର୍ଶୀ ହେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ସେ ଥିଲେ ଏକାଧାରରେ ଔପନାସିକ, ପ୍ରାବନ୍ଧିକ, ଗାଳ୍ପିକ, ଲେଖିକା, କବି, ସହିତ୍ୟିକ, ଜ୍ଞାନ ପୀଠ ବିଜୟିନି, ପଦ୍ମ

ISSN NO. 2582-208X


ଶ୍ରୀ ପୁରସ୍କାର ବିଜେତା ଏପରି ବହୁ ପ୍ରତିଭାର ଅଧିକାରି। ସେ ପୁରସ୍କାର, ସମ୍ମାନ ବା ଉପାଧି ଲାଭ କରିଛନ୍ତି ସେ ସବୁକୁ ଭାଷା ଓ ସାହିତ୍ୟ ର ମର୍ଯ୍ୟାଦା କହି ଭାଷା ଓ ସାହିତ୍ୟ ପ୍ରତି ଉତ୍ସର୍ଗ କରି ଦେଇଥାନ୍ତି। ସତରେ ସେ କେଡେ ମହାନ, କେଡେ ଉଦାର ପ୍ରକୃତିର। ସେ ଭାବ ବିହ୍ୱଳ ହୋଇ କହିଥାନ୍ତି, ଏ ସବୁ ବ୍ୟକ୍ତି ବିଶେଷଙ୍କର ନୁହଁ, ଏହା ରାଜ୍ୟର, ଭାଷା, ସାହିତ୍ୟ ଓ ସଂସ୍କୃତିର। ୧୯୫୫ ମସିହା ରେ ପ୍ରଥମ କବିତା, ଏବଂ ୧୯୬୧ ମସିହା ରେ ପ୍ରଥମ ଗଳ୍ପ "ଚାବି" ଖବର କାଗଜ ରେ ପ୍ରକାଶିତ ହୋଇଥିଲା। ଶତାଧିକ ସଂସ୍କରଣ ପ୍ରକାଶିତ ହୋଇ ସାରିଛି। ବହୁ ଭାରତୀୟ ତଥା ବିଦେଶୀ ଭାଷା ରେ ତାଙ୍କର ଅନେକ ପୁସ୍ତକ ଅନୁବାଦିତ ହୋଇ ଲୋକ ପ୍ରିୟ ହୋଇ ପାରିଛି। ପୃଥିବୀ, ପରିଚୟ, ପୁଣ୍ୟତୋୟା, ଅପରିଚିତା, ଆଶା ବାରି, ଅୟମାରମ୍ଭ, ନୀଳତୃଷ୍ଣା, ମହାରାଣୀ ପୁତ୍ର, ଉତ୍ତର ମାର୍ଗ, ମଗ୍ନ ମାଟି, ଶିଳ୍ପ ପଦ୍ମ ଆଦି ଲେଖାମାନ ବେଶ ଲୋକ ଅଦ୍ଭୁତ ହୋଇପାରିଛି। ବଣ୍ଡା ଜନଜାତି ଙ୍କର ଜୀବନ ଓ ସଂସ୍କୃତି ଉପରେ ଆଧାରିତ ଉପନ୍ୟାସ "ଆଦିଭୂମି" ତାଙ୍କର ଅନ୍ୟତମ ଉଲ୍ଲେଖନିୟ କୃତି। ତାଙ୍କର ଗଳ୍ପ ସଙ୍କଳଗ୍ନ ମଧ୍ୟରେ "ସାମାନ୍ୟ କଥନ", ହାତ ବକ୍ସ, ଭଗବାନ ର ଦେଶ, ମୋକ୍ଷ, ଉଲଙ୍ଘନ, ଗାନ୍ଧୀଙ୍କ ଗାଁ, ଅବ୍ୟକ୍ତ, ଏବଂ ଝୋଟି ପକା କାନ୍ଥ ଇତ୍ୟାଦି।" ଚିରଦିନ ଦୋ ଦୋ ଚିହ୍ନା" ନାମକ ଏକ କବିତା ସଂକଳଗ୍ନ ମଧ୍ୟ ପ୍ରକାଶିତ ଏବଂ ବେଶ ଲୋକାଦ୍ଭୁତ। ପ୍ରତିଭା ରାୟ ୨୦୨୨ ମସିହା ରେ ପଦ୍ମ ଭୂଷଣ ପାଇବା ପାଇଁ ମନୋନୀତ ହୋଇଛନ୍ତି। ସାହିତ୍ୟ ଜଗତ ରେ ଖୁସିର ଲହରୀ କହିଲେ ନସରେ। ଶ୍ରୀମତୀ ରାୟ ଏକ ଆଦିବାସୀ ବିଦ୍ୟାଳୟ ରେ ଶିକ୍ଷକତା କରୁଥିଲେ। ପରବର୍ତୀ ସମୟ ରେ ରେଭେନ୍ସା ଓ ଅନ୍ୟ ବିଶ୍ୱ ବିଦ୍ୟାଳୟ ରେ ପ୍ରଧ୍ୟାପକ ଥିଲେ। ଅନ୍ୟାନ୍ୟ ପୁରସ୍କାର ସହ ସେ ରାଜୀବ ଗାନ୍ଧୀ ସଦ୍ଭାବନା ପୁରସ୍କାର ଲାଭ କରିଛନ୍ତି। ସେ ନିଜ ସ୍ୱାମୀ ଙ୍କ ସ୍ମୃତିରେ "ଅକ୍ଷୟ ଉପନ୍ୟାସ" ପୁରସ୍କାର ପ୍ରତିଷ୍ଠା କରି ପ୍ରତି ବର୍ଷ ସାହିତ୍ୟ କୃତି ସାଧକ ଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଏତଦ୍ୱାରା ସେ ଗୌରବ ଓ ଗର୍ବର ଅଧିକାରିଣୀ ହୋଇ ପରିଛନ୍ତି। ସାହିତ୍ୟ ଓ ଭାଷା ପାଇଁ ତାଙ୍କର ଅବଦାନ ଅତୁଳନିୟ ।

ନବରଙ୍ଗପୁର

ISSN NO.
2582-208X

# ଜୟ ମା ବୀଣାପାଣି



ଦୁଷ୍ମନ୍ତ ବେହେରା

ହେ ସରସ୍ୱତୀ ମନ ରେ ତୁମେ
ହେ ସରସ୍ୱତୀ ପ୍ରାଣ ରେ ତୁମେ
ହେ ସରସ୍ୱତୀ ମୁଖ ଭାଷାରେ ତୁମେ
ତୁମରି ଆଶିଷରେ ଆଲୋକିତ ହେଲି ।।

ଅନ୍ଧକାର ରୂପକୁ ଦୂର କଲ ତୁମେ
ମୋ ଜ୍ଞାନ ଦୀପ ଆଲୋକ କରି
ଦୁନିଆ ମାଟି ରେ ଦେଲ ପରିଚୟ
କଳ୍ପନା ନେତ୍ରେ ଭରି ଚିତ୍ର ।।

ମା" ସରସ୍ୱତୀ ତମ ଚରଣ ତଳେ
ମୋ କପାଳ ଥାଉ ଏମିତି ସଦା
ବିଶ୍ୱମାତୃକା ହୃଦୟେ ରଖିବି
ତୋ ନାମ ଜନ ସ୍ମୃତି ମାତୃ ଚିହ୍ନ ।।

ଜାତି ଜନ ପ୍ରାଣ ତ କୂଳେ
ଦେଖିଲି ସ୍ୱାଧୀନ ମନେ
ଛାତି ଶୀରା ଚିରି ଟେକିବି
କପାଳେ ତ ଆଶିଷ ଥିଲେ ।।

ISSN NO.
2582-208X

ମୁଁ ନୁହଁ କିଛି ତ ବିନା ମା"
ଧୂଳି ସଦୃଶ କ"ଣା ଟିଏ
ତ ଆଶିଷ ନଥିଲେ ମୁଁ ମୂର୍ଖ
କି ହୋଇଥାନ୍ତି ଜ୍ଞାନୀ ଟିଏ ।।

ମୋ ଭାଷା ଅକ୍ଷର ତ କୃପାରୁ
ରୁଣୁଝୁଣୁ ପାଟଳି ପିନ୍ଧେ
ତ ମହିମା ରୁ ଜଗତ ଚିହ୍ନିଲେ
ଦେଖରେ ଉତ୍କଳ ମାତା ଇଏ ।।

ମନ ଭଗ୍ନଶୀଳାରେ ସାଇତି ରଖିଛି
ମା" ଲୋ ତୁମକୁ ଶୀରେ
କେବେ ନ ଭୁଲିବି ତତେ
ରହିବୁ ପ୍ରାଣ ହୃଦୟ ରେ ।।

ସ୍ୱସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ମଇ - ୨୦୨୨
www.vedantimagazine.com
ISSN NO.
2582-208X

# ଅଭିମାନୀ ପ୍ରିୟା



ଚୈତନ୍ୟ ବାଗ

ଅଭିମାନ ଆଉ କରନା ପ୍ରେୟସୀ
ମାନିଯାଅ କଥା ବାରେ,
ତୁମେ ରୁଷି ଗଲେ ଏହି ମୋ ସୟଲେ
ପ୍ରାଣ ଦେବି ତୁମ ଠାରେ ।।

ଚନ୍ଦ୍ରମା ବଦନ ପଡିଛି ମଳିନ
ହସ ଯାଇଅଛି ଲିଭି
ପୂର୍ଣ୍ଣିମା କୁ ଗ୍ରହଣ ଲାଗିଲା
ସ୍ପଷ୍ଟ ଦିଶୁ ନାହିଁ ଛବି ।।

କାଂକ୍ଷୀତ ମନ ଖୋଜେ ବାରମ୍ବାର
ପ୍ରେମ ସମ୍ଭାଷଣ ପାଇଁ,
ଅନୁତର୍ଶଣ ମୋର ଙ୍କୁରିଛି କ୍ଷେଣେ
ଭୁଲ କି କରିଛି ମୁହିଁ ।।

ତୁ ମୋ ସାହସ ଫୁଣି ତୁ ହସ
ଜ୍ଞାତ ରେ କଷ୍ଟ ଦେଉ,
ପ୍ରେମ ନିବେଦନ କୁ ତୁ ନ ବୁଝିଲେ
ତୋ କୋଳେ ହେବ ମୋ ମରଣ ।।

ଚଚଆ, କଲାହାଣ୍ଡି

ISSN NO.
2582-208X

# ବର୍ଷା



ଚନ୍ଦ୍ରହାସ୍ୟ ସତନାମି

ଗ୍ରୀଷ୍ମକାଳ ଗମନେ, ବର୍ଷାଋତୁ ଆଗମନ
ଉତ୍ତପ୍ତ ଧରାଉ ଦିଏ ଶୀତଳ ପବନ ।୧।

ଆଗମନେ ତାହାର ବିଜୁଳି, ବଜ୍ରପାତ ଶବ୍ଦେ ଘଡଘଡିମାନ
ଦୃତ ବେଗେ ବହେ ମାରୁତ ମହୀହୁଏ କମ୍ପମାନ ।୨।

ନାନା ପୁଷ୍ପ, ଶସ୍ୟ ଆଶ୍ୟ କରିଥାନ୍ତି ବୁନ୍ଦା ବୁଣ୍ଡ ଜଳ ପାଇଁ
ଭେକ, ମୀନ ଆଦି ଜଳଜୀବମାନ ସରୋବରେ ଯିବାପାଇଁ ।୩।

ଲକ୍ଷ ଲକ୍ଷ ଚଷା, ରଖି ମନେ ଆଶା ରହିଛନ୍ତି ପଥ ଚାହିଁ,
ବରଷି ବରଷା ସଭିଙ୍କ ଭରଷା ଅଦୃଶ୍ୟ କରିବୁ ନାହିଁ ।୪।

ଦୀର୍ଘଦିନ ଧରି ଅପେକ୍ଷା ରହିଲେ କେତେ ନଦ, କେତେ ନାଳ
ସଭିଙ୍କ ହୃଦୟୁ ତୃଷାରୁ ଗାଇଲେ ଭରିଦେଇ ଯାଅ ଜଳ ।୫।

ଟେମରା, କୋକସରା, କଳାହାଣ୍ଡି

ISSN NO.
2582-208X

# ସେବା


ପ୍ରକାଶ ମେହେର

ସେବା ତୁମ କର୍ମ ସେବା ତୁମ ଧର୍ମ
ତୁମେ ହେ ପରମ ମାନବ ।
ତୁମ ସେବା ପାଇଁ ଏ ସଂସାର ଜାଣିଲା
ରୋଗୀ ଲଭେ ପ୍ରାଣ ନବ ।

ଚିକିତ୍ସା ବଳରେ ରୋଗୀଙ୍କର ମନ
ହରିଲ ଏକ ଟଙ୍କାରେ ।
ଔଷଧ ପୁଣି ବିତରଣ କରି ଅଛ
ଏକ ଟଙ୍କାର ମୂଲ୍ୟରେ ।

ଗରିବ ଜନଙ୍କ ପରିବାର ବନ୍ଧୁ ତୁମେ
ସମସ୍ତଙ୍କୁ ଆଦର କର ।
ରୋଗୀ ଦେଖିବାକୁ ହୃଦୟ ଦେଇଛ
ସଂପତ୍ତି ଏହା ତୁମର ।

ନିଜ ସୁଖ ଭୁଲି ପରୋପକାର କର
ଶାନ୍ତି ଥାଏ ଏ କାର୍ଯ୍ୟରେ
ଜୀବନକୁ ତୁମ ଧନ୍ୟ କରି ଅଛି
ରୋଗୀ ଜନଙ୍କ ସେବାରେ ।

ISSN NO.
2582-208X

ଧନ୍ୟ ତୁମ ଏ ମହତ୍ୱ କାମ ହେ
ଅଙ୍ଗେ ଅଙ୍ଗେ ନିଭାଉଛ ।
ପର ଆପଣା ସଭିଙ୍କୁ କରିଛ ନିଜର
ସେବାରେ ଲୀନ ଅଛ ।

ଗରିବ, ଦୁଃଖି ନିସ୍ୱହାୟ ଜନେ
ସାହାଯ୍ୟ କରୁଛ ତୁମେ ।
କେଉଁ ଜନ୍ମ ବଳେ ପୁଣ୍ୟ କର୍ମ କର
ଜୀବନ ତୁମ ଧନ୍ୟ ମଣେ ।

ସରକାରୀ ଚିକିତ୍ସକ ଅଟ ତୁମେ ଜଣେ
କରିଛ ମାଗଣା ଚିକିତ୍ସା କେନ୍ଦ୍ର ।
ରୋଗୀ ଜନ ହସ୍ତେ ଶୁଭାରମ୍ଭ କଲ
କରିଛ ତାଙ୍କ ପାଇଁ ଏକ ମନ୍ତ୍ର ।

ନିଃସ୍ୱାର୍ଥ ପର ଜନ ସେବା ଜାଣ କରି
ଧନ୍ୟ ଚିକିତ୍ସକ ରାମଚନ୍ଦନୀ ।
ମା ନାଁ ରେ ଯେ ଖୋଲିଲ ନିଃଶୁଳ୍କ ସେବା
କାହାକୁ କେବେ ନଗନ୍ୟ ନ ମଣି ।

ଗୌରବ କର ହେ ପୁଣ୍ୟ ମାଟି ଆଜି
ତୁମେ ହେ ଉତ୍କଳର ପୁଅ ।
ଧନ୍ୟ ହୋଇ ଯିବେ ବାପା ମା ତୁମ
ମନରେ ସୁଖର ସୁଅ ।

ISSN NO.
2582-208X

ଉତ୍ତମ ଉଦ୍ୟମେ ସୁଖ୍ୟାତି ଲଭୁଛ
ସମସ୍ତେ ଦିଅନ୍ତି ଆଶିଷ ।
ତୁମ ପରି ଯଦି ସମସ୍ତେ ଥାଆନ୍ତେ
ଏ ମହି ହୁଅନ୍ତା ବ୍ୟାଧି ମୁକ୍ତ ।

ଉଚ୍ଚ ତମ ଚିନ୍ତା ରୋଗୀ ଜନ ପାଇଁ
ତମ ଚିକିତ୍ସା ସର୍ବ ଶ୍ରେଷ୍ଠ ।
ଡାକ୍ତର ନାମେ ତମେ ଯେ ଆଦର୍ଶ
ସେବା ତୁମ ଉତ୍କୃଷ୍ଟ ।

କୁଲିଆବାହାଲ

ISSN NO.
2582-208X

# ଗୋଲାପର କାହାଣୀ

ଅନନ୍ତ କୁମାର ସାହୁ

ଗୋଟିଏ ବଗିଚ୍ଚର ମଉଳା ଗୋଲାପ ଗଛ ଥାଏ ସେ ଗଛଟି ଧୀରେ ଧୀରେ ମରି ଯିବାକୁ ଯାଉଥାଏ । ହଠାତ ମାଳିର ନଜର ପଡିଲା ସେହି ଗୋଲାପ ଗଛ ଉପରେ । ମାଳି ସଙ୍ଗେ ସଙ୍ଗେ ସେହି ଗୋଲାପ ଗଛଟିକୁ ଅନ୍ୟ ଯାଗାକୁ ସ୍ଥାନାନ୍ତର କରି ଲଗାଇ ମାଳି ତାର ଯତ୍ନ ନେଲା, କଛି ଦିନ ପରେ ଗୋଲାପ ଗଛ ସତେଜ ହେଇ, ଧୀରେ ଧୀରେ କଢରୁ ଫୁଲ ହେଲା । ହଠାତ ସେଦିନ ଏକ ଭଅଁର ସେହି ସୁନ୍ଦର ଗୋଲାପ ଫୁଲ ଉପରେ ବସିଲା, ଗୋଲାପ ଆଉ ଭଅଁର ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଲେ । ଧୀରେ ଧୀରେ ଭଅଁର ଆଉ ଗୋଲାପ ଫୁଲ ଭିତରେ ଏତେ ଭଲ ପାଇବା ହେଇଗଲା ଭଅଁର ଗୋଲାପ ଫୁଲ ପାଖକୁ ଟିକେ ଆସିବା ବିଳମ୍ବ ହେଲେ ଗୋଲାପ ଫୁଲ ର ମନ ଭାରି କଷ୍ଟ ହୁଏ । ସେଥି ପାଇଁ ଗୋଲାପ ଫୁଲ ଦିନେ ଭଅଁରକୁ କହିଲା ଏ ତୁମେ ମୋତେ କଥା ଦିଅ କେବେ ଛାଡି ମୋତେ ଯିବନ ତ । ଭଅଁର କହିଲା ମୁଁ କଥା ଦେଉଛି ମୋ ଦେହରେ ଯିବନ ଥିଲା ଯାଏଁ ମୁ ତୁମ ସାଥୀରେ ରହିବ । ଗୋଲାପ ଏହି କଥା ଶୁଣି ବହୁତ ଖୁସି ହେଲା । ଦିନେ ଦୁଇ ଦିନ ଭଅଁର ଆଉ ଗୋଲାପ ଫୁଲ ପାଖକୁ ଆସିଲାନ । ଗୋଲାପ ପୁରା ଦୁଃଖରେ ଝାଉଁଳ ଗଲା, ସତେଜ ଥିବା ଫୁଲଟା ମଉଳ ଗଲା । ହଠାତ ସେହି ବାଟ ଦେଇ ପବନ ଯାଉଥିଲା, ଗୋଲାପ ପଚାରିଲା ପବନ ଭାଇ ତୁମେ ଆସିଲା ବେଳେ ଭଅଁରକୁ ବାଟରେ ଦେଖିଥିଲ କ? ପବନ କହିଲା ହଁ ଭଅଁର ଏଇ ମଲ୍ଲୀ ସାଙ୍ଗରେ ବସି କେତେ ଭାବ ଦିଆ ନଆ, ପ୍ରେମ ପିରତି ହେଉଛି । କେତେ ପ୍ରେମ ଆଳାପ ମଲ୍ଲୀ ଆଉ ସେ ଭଅଁର ହେଉଛନ୍ତି । ପବନ ପାଖରୁ ଗୋଲାପ ଫୁଲ ଏହି କଥା ଶୁଣି ନଜର ଜୀବନ ଚାଲିଗଲା ପରି ତାକୁ ଲାଗିଲା । ଶେଷରେ ମନ ଦୁଃଖ କରି ଭଗବାନଙ୍କୁ କହିଲା ହେ ପ୍ରଭୁ ସତରେ କଣ କାହାକୁ ଅଧିକ ଭଲ ପାଇବା ଭୁଲ୍ ଥିଲା । ଏମିତି ଅନେକ ପ୍ରଶ୍ନ ପଚାରି ମନ ଦୁଃଖରେ ଝାଉଁଳ ପଡି ରହିଲା ଡାଳରେ । ସେଦିନ ବଗିଚାକୁ ବଗିଚାର ମାଲିକ ଆସିଥିଲା । ଫୁଲ ଟିକୁ ଦେଖି ବହୁତ ଖୁସି ହେଲା ।

ISSN NO.
2582-208X



ମାଲିକ ସେହି ଫୁଲରେ ପାଣି ଛିଞ୍ଚି ଦେଲା ବେଳକୁ ଗୋଲାପ ହଟାତ ସତେଜ ହେଇ ଖୁସିରେ ଉଠି ପଡିଲା ତାକୁ ଲାଗିଲା ସତେ ତା ଭଅଁର ଆସି ତା ଉପରେ ବସିଗଲା କ? ଦେଖିଲା ବେଳକୁ ବଗିଚ୍ଚର ମାଲିକ, ବଗିଚ୍ଚର ମାଲିକ ସେହି ଫୁଲଟିକୁ ଡାଳରୁ ଛିଡାଇ ଆଣିଲା । ଗୋଲାପ ପୁଣି ପ୍ରଭୁଙ୍କୁ ପ୍ରଶ୍ନ କଲା ପ୍ରଭୁ ନଜର ଭଲ ପାଇବାକୁ ହରାଇ, ଝାଉଁଳ ପଡିଥିବା ଗୋଲାପର କଣ ଥିଲା ଯେ ପୁଣି ଏ ମଣିଷ ମୋତେ ବାସ ହିନ କରିଦେଲା । ଏହା ପଚ୍ଚରି ମନେ ମନେ ଦୁଃଖ କରି କହିଲା ଛାଡ ମୋ ଭଲ ପାଇବା ମୋତେ ନ ମିଳଲା ନାହିଁ, ମୋ ଖୁସି ନ ମିଳଲା ନାହିଁ, ମୋତେ ନେଇ ଆଉ କଏ ହୁଏ ତ ଖୁସି ହେବ ହେଉ, ଆଉ କାହାର ଭଲ ପାଇବା ମିଳତ ପାରିବ ମୋତେ ନେଇ । ଏହା କହି ଚୁପ୍ ଚ୍ଚପ ରହିଲା, ବଗିଚ୍ଚର କନ୍ତୁ ମାଲିକ ସେହି ଫୁଲଟିକୁ ନେଇ ଏକ ସୁନ୍ଦରି ଝିଅ ହାତକୁ ଦେଲେ, ସେହି ସୁନ୍ଦରି ଝିଅ କଛି ସମୟ ହାତରେ ଧରିଲା ବେଳେ ଗୋଲାପକୁ । ଗୋଲାପ ଫୁଲକୁ ଦୁଃଖ ହେଲେବି, ଖୁସି ହେଲା ତଥାପି, ଭାବିଲା ମୋ ଭଲ ପାଇବା ସିନା ମୋତେ ମିଳଲାନ, ମୋତେ ନେଇକ ଏମାନଙ୍କ ଭଲ ପାଇବା ତ ମିଳଲା । ବହୁତ ଖୁସି ହେଇ ଯାଇଥିଲା ଗୋଲାପ ।

କନ୍ତୁ କଛି ସମୟ ପରେ ସେହି ସୁନ୍ଦରି ଝିଅଟି ଗୋଲାପ ଫୁଲଟି ମାଲିକ ମୁଁହକୁ ଫିଙ୍ଗି କହିଲା ମୁଁ ତୁମକୁ ଭଲ ପାଏନ । ଗୋଲାପ ତଳେ ପଡି ଯାଇ ପାଖୁଡା ଗୁଡିକ ଖଣ୍ଡ ବିଖଣ୍ଡିତ ହେଇ ଗଲା । ବହୁତ ମନ ଦୁଃଖରେ ଭାଙ୍ଗି ପଡି ଭଗବାନଙ୍କୁ ଶେଷଥର ପ୍ରଶ୍ନ କଲା କହିଲା ପ୍ରଭୁ ସବୁ ଦୁଃଖ ମୋ ପ୍ରେମକୁ ଭୁଲି ଯାଇ ଝାଉଁଳ ଯାଇ ମୁଁ ତ ମୋ ଡାଳରେ ପଡି ରହିଥିଲି । ପୁଣି କଣ ପାଇଁ ମୋତେ ଏମିତି ଛିନ୍ନଭିନକରି ମୋ ଶରୀରକୁ କଷ୍ଟ ଦେଲ ମୋର କଣ ଭୁଲ ଥିଲା ପ୍ରଭୁ । ଜୀବନରେ ଭଲ ପାଇବା କାହାକୁ ଭୁଲ, ନା କାହା ଓଠରେ ହସ ଟିକେ ଦେବା ଭୁଲ । ଏତିକ କହି ଗୋଲାପ ଫୁଲ ଝାଉଁଳ ଗଲା, ମଲା ପରି ।

ତିହିଡି,ଭଦ୍ରକ,
ଯୋଗାଯୋଗ–୮୩୩୯୯୩୯୯୨୯

ISSN NO.
2582-208X

# ସମୀକରଣ



ଶ୍ରୀକ୍ଷେତ୍ର ସୁନ୍ଦର

ଝରକା ସେ ପାଖେ ଜହ୍ନ ହାତ ବଢ଼ାଏ

ତାରାମାନେ ବି ଆଖି ମିଞ୍ଜି-ମିଞ୍ଜି କରନ୍ତି, ରାତି ତମାମ୍

ଦୂରତା ସତ୍ତ୍ୱେ ବି ଭାରି ଆପଣାର ସେମାନେ

ହେଲେ ମୋ ପୃଥିବୀର ଲକ୍ଷ୍ମଣମାନେ ଗାର ଟାଣିଛନ୍ତି

ତ୍ରେତୟା ଜନକ ନନ୍ଦିନୀ ସୀତାଙ୍କ ସଦ୍ ସାହସ ବି ତ ନାହିଁ

ତଥାପି ମୁଁ ପଡ଼ିରହେ,

ମୋ ହାତ ତିଆରି ଅଶୋକ ବାଟିକାରେ

ବନ୍ଧନ ଆଉ ବ୍ୟବଧାନର ଅବୁଝା ସମୀକରଣରେ ...

ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲେଟ, ବରଗଡ
ମୋ – ୯୦୯୦୨୭୭୮୦୬

ISSN NO.
2582-208X

# ମୁଁ ତୁମର
# ତୁମେ ମୋର



ସଙ୍ଗୀତା ମହାନ୍ତ

ତୁମେ ଦେବତା ମୋ ମନର

ତୁମେ ମୋ କଳ୍ପନା ତୁମେ ମୋ ଭାବନା

ମତେ ନିତି କରେ ଆନମନା

ତୁମେ କବି ମୁଁ କବିତା

ତୁମେ ଦୀପ ମୁଁ ସଳତା

ତୁମେ ମୋ ଆଶା ମୁଁ ତୁମ କଳ୍ପନା

ଏ ଜୀବନେ ମୁଁ ତୁମ ବିନା ଆଉ କିଛି ଚାହେଁନା

କାଚରୁ କାଞ୍ଚନ

ଅଭିର ରୁ ସିନ୍ଦୁର

ପ୍ରୀତି ରୁ ପ୍ରତିମା

ମମତାର ନାହିଁ ସୀମା

ଝିଅରୁ ମତେ ବଧୂ କଲ

ISSN NO.
2582-208X

ତୁମ ସାଥେ ସାଥି ନେଲ

ଛୋଟ ଅଗଣାରେ ତୁଳସୀ ରୂପ ଦେଲ

ମାଆରୁ ମମତା ଦୁହିତା ରୁ ସୀତା କଲ

କୁନ କୁନ ପାଦରେ ମୋର ନୁପୁର ବିନ୍ଧାଇ ଦେଲ

ତୁମ ଇସାର୍ ରେ ମତେ ଲୋଟଣି ପାର୍ କରିଲ

ପତ୍ନୀରୁ ସେବିକା ତୁଳସୀରୁ ରାଧିକା କରିଲ

ଜୀବନରେ ଆଉ କଛି ଗୁହେଁନା

କେବଳ ଏତିକ ଜାଣିଛି ମୁ ତୁମର

ତୁମେ କେବଳ ମୋର ॥

ତୁଳସୀପୁର, ମଠସାହି

ISSN NO.
2582-208X

# ଆଶା

ଆୟୁଷ ମେହେର

ଯେଉଁ ମଣିଷ ପଡ଼େ ଦୃଢ଼ ଆଶାରେ ,
ସେ ମିଣିଷ ଜୀବନ ପଡ଼େ ନର୍କରେ ।୧।
କାହାକୁ କରିବନ ଜୀବନେ ଆଶ,
ନଜ ଲୋକ ପର୍ ଦେଇଥାଏ ବିଷ ।୨।
ଯେ ଲୋକେ କରିବ ଦୃଢ଼ ଭରଷା,
ସିଏ କରିଥାଏ ଆମକୁ ହତାଶା ।୩।
ଯେତେ ନଜର ହେଲେବି ସିଏ,
ଆଶା କୁ ଆମର ଭଙ୍ଗି ତ ଦିଏ ।୪।
କାମ ପଡ଼ିଲେ ତା ଆଶେ ପାଖକୁ,
କାମ ସରିଗଲେ ପଗ୍ଲରେ କହାକୁ ।୫।
ଏ ମର୍ତ୍ତ୍ୟରେ କେହି ନୁହେଁ ନଜର,
ନଜ ସୁବିଧା ପାଇଁ କରନ୍ତୁ ଆଦର ।୬।
ଏ ମର୍ତ୍ତ୍ୟ ନୁହଁଇ ସେ ବୈକୁଣ୍ଠ ପୁର,
ଏହା ଅଟେ ଏକ ମିଛ ମାୟା ସଂସାର ।୭।
ଏ କଲି ଯୁଗରେ କଏ ଅଟେ କାହାର,
ନଜର କଥାକୁ ଏକା ନଜେ ହିଁ ବିଗ୍ଲର ।୮।
କୁହନ୍ତୁ ଲୋକେ ପାପ କଲେ ଯିବୁ ନର୍କକୁ,
ପୁଣ୍ୟ କରିଥା ରେ ଧନ ତୁ ଯିବୁ ସ୍ୱର୍ଗକୁ ।୯।
ପାପ ପୁଣ୍ୟେ ଧର୍ ଏ ସାର୍ ଜଗତ,
ପୁଣ୍ୟ କଲେ ତୁ ହୋଇବୁ ସ୍ୱର୍ଗତ ।୧୦।
ଉପର ବାଲ୍ ନଉଛି ବାଛି କଞ୍ଚା କଞ୍ଚା ,
ଏ ଜଗତେ ରଖୁଛି ସବୁ ସେ ଦରପଞ୍ଚା ।୧୧।
ଏ ସଂସାରେ ନାହିଁ ତ ଆମରି ଘର,
ସ୍ୱର୍ଗ କ ନରକ ଅଟଇ ଆମ ଜୀବର ।୧୨।

ପଞ୍ଚଭାୟା, ପଦ୍ମପୁର, ଜିଲ୍ଲା–ବରଗଡ

ISSN NO.
2582-208X

# ଧରମ ପୁଅ



କୌସ୍ତୁଭ ଜାଲ୍

ଆଜି ରବିବାର । ବଜାରରେ କିଛି ବନ୍ଧୁମାନଙ୍କ ସହ ଭେଟହେବା ଯୋଗୁଁ ଘରକୁ ଫେରିବାରେ ଟିକିଏ ବିଳମ୍ବ ହୋଇଗଲା । ପ୍ରତ୍ୟେକ ରବିବାର ଆମ ଅଞ୍ଚଳରେ ବିଭିନ୍ନ ସ୍ଥାନରେ "ସତସଙ୍ଗ ଜ୍ଞାନ ଗଙ୍ଗା" ଅନୁଷ୍ଠିତ ହୋଇଥାଏ । ଅନେକ ସମୟରେ କଟକ, ଖୋର୍ଦ୍ଧା, ନୟାଗଡ଼, ପୁରୀ ....ଇତ୍ୟାଦି ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନେକ କଥାକାର ଆସି ନିଜ ନିଜର ଦିବ୍ୟ ବାଣୀ ପରିବେଷଣ କରିଥାନ୍ତି । ଆଜିର କାର୍ଯ୍ୟକ୍ରମରେ ସଭାପତି ରୂପେ ନିମନ୍ତ୍ରିତ ହୋଇଥିବାରୁବିଳମ୍ବ ହେବା ଯୋଗୁଁ ତରବର ହୋଇ ବାହାରି ପଡିଲି ।

କିଛି ଦୂର ଯାଆନ୍ତେ ରାସ୍ତାରେ ଜଣେ ଲୋକ ଅଟକାଇବା ପାଇଁ ହାତ ମାରିଲା । ଚିରା ଦରା ପୁରୁଣା ଧୋତି ସହ ଫଟା କୁର୍ତ୍ତା ତା ସାଙ୍ଗେ ଗାମୁଛାଟିଏ କାନ୍ଧରେ ପକାଇଥାଏ । ଲୁଗାପଟା ଭର୍ତ୍ତି ମଇଳା କିଟିକିଟି ମୁଣାଟିଏ ଧରି ଥାଏ ହାତରେ । ତାର ସ୍ଥିତିକୁ ଦେଖି ଜଣାପଡୁଥାଏ କି ସେ ଜଣେ ଅସହାୟ ଗରିବ ଲୋକ ।

ଯେଉଁ ଦେଶରେ କର୍ମ ନିଯୁକ୍ତି ନ ଦେଇ ତା ପରିବର୍ତ୍ତେ କୌଶଳ କ୍ରମେ ଟଙ୍କିକିଆ ଚାଉଳର ଲଲିପପ୍ ଧରାଇ ଦେଇ ଲୋକଙ୍କ ସ୍ୱରକୁ ଦବେଇ ଦିଆଯାଏ ଏବଂ ଲୋକମାନେ ମଧ୍ୟ ସେତିକିରେ ସନ୍ତୋଷ ହୋଇଯାନ୍ତି ସେଇ ଦେଶର ବିକାଶ କଦାପି ସମ୍ଭବ ନୁହେଁ । ଯେଉଁ ଦେଶର ରାଜନେତାମାନେ ନିର୍ବାଚନ ଜିତିବା ପାଇଁ ସରକାରୀ ଟଙ୍କାକୁ ପାଣି ଭଳିଆ ବ୍ୟବହାର କରନ୍ତି ମାତ୍ର ବିଦ୍ୟାଳୟ ତ ଅଛି ଡାକ୍ତରଖାନାତ ଅଛି ହେଲେ ଶିକ୍ଷକ ନାହାନ୍ତି କି ଡାକ୍ତର ନାହାନ୍ତି, ଚାଷ କ୍ଷେତ୍ରରେ କୌଣସି ପ୍ରୋତ୍ସାହନ ନାହିଁ ତଥା ଗରିବୀ, ବେକାରୀ ସମସ୍ୟା ଦୂର ପାଇଁ ଯୋଜନା କରା ନଯାଏ ସେଇ ଦେଶର ବିକାଶ କଦାପି ନମ୍ଭବ ନୁହେଁ । ଆଜି ମଧ୍ୟ କର୍ମ ନିଯୁକ୍ତି ର ଅଭାବ ଯୋଗୁଁ ଗାଁ ଗଅଁଳି ର ଲୋକମାନଙ୍କୁ ଗରିବୀ ଏବଂ ବେକାରୀ ସମସ୍ୟା ର ସମ୍ମୁଖୀନ ହେବାକୁ ପଡୁଛି ଏହା ଅପ୍ରିୟ ପତ୍ୟ ଅଟେ ।

ISSN NO.
2582-208X


ଲୋକଟିର ଅବସ୍ଥା ଦେଖି ମୋର ହୃଦୟ ଦ୍ରବିଭୁତ ହୋଇଗଲା । ଲୋକଟି କିଛି କହିବା ପୂର୍ବରୁ ମୁଁ ପଚାରିଲି - କ'ଣ ହେଲା ? ଅଟକିବାରୁ ତୁମକୁ ସର୍ବ ପ୍ରଥମେ ଧନ୍ୟବାଦ ଦେଉଛି, ଲୋକଟି ଉତ୍ତର ଦେଲା । ପଚାରିଲି, କାହିଁକି ?

ସେ କହିଲା - ଏ ରାସ୍ତାରେ ଏତେ ଲୋକ ଯାଉଛନ୍ତି ଅନେକ ଙ୍କୁ ହାତ ମାରିଲି ହେଲେ ଏ ଗରିବ ଖଟିଖିଆ ର କଥା କିଏ ବା ଶୁଣିବ... । ଭାବୁଥିଲି ଆଉ କାହାକୁ ହାତ ମାରିବି ନାହିଁ ହେଲେ ତୁମକୁ ଟିକିଏ ଦୂରରୁ ଦେଖି କାହିଁକି କେଜାଣି ମୋତେ ବିଶ୍ୱାସ ହୋଇଗଲା ତୁମେ ଅଟକିବ ବୋଲି । ସତ କୁ ସତ ସେଇୟା ହେଲା ତୁମେ ଅଟକି ଗଲ ବାବା । ମୋର ବେଶଭୂଷା ଦେଖି ବାବା ବୋଲି କହିବାରୁ ମୁଁ ତାକୁ କହିଲି - ମୁଁ ବାବା ନୁହେଁ, ତୁମ ଭଳି ଜଣେ ଗୃହସ୍ଥ... । ପ୍ରବଚନ ପାଇଁ ଯାଉଅଛି... ଯଦି କିଛି କହିବାର ଅଛି ଶୀଘ୍ର କହ... ବିଳମ୍ବ ହେଉଛି ମୋତେ ଶୀଘ୍ର ଯିବାକୁ ହେବ । ଛଳଛଳ ନେତ୍ରରେ କୋହ ଭରା କଣ୍ଠରେ ମୋର ପାଦତଳେ ଲୋଟି ପଡ଼ିଲା । ଧୈର୍ଯ୍ୟ ଧରାଇ ତାକୁ ଉଠାଇଲି । ମନେ ଭାବିଲି ନିଶ୍ଚିତ ଭାବରେ ଲୋକଟାର କିଛି ଅସୁବିଧା ହୋଇଥିବ । ମୋତେ ପଛେ ଟିକିଏ ବିଳମ୍ବ ହେଉପରନ୍ତୁ ଏଲୋକ ର ଅସୁବିଧା କ'ଣ ଟିକିଏ ବୁଝେ । ଏହା ବିଚାରି ନିକଟରେ ଥିବା ବରଗଛ ତଳକୁ ନେଇ ତା'ର ଦୁଃଖର କାରଣ ପଚାରିଲି ।

ଛଳଛଳ ନେତ୍ର କରି ନିଜର ଦୁଃଖର କଥା କହିବାକୁ ଲାଗିଲା ଲୋକଟା । ମୁଁ ଆଦିବାସୀ ଅଟେ। ମୋର ଦୁଇଟି ଝିଅ ଓ ଗୋଟିଏ ପୁଅ । ପୁଅ ହେଉଛି ସବୁଠାରୁ ସାନ । ଏବର୍ଷ ମ୍ୟାଟ୍ରିକ୍ ପରୀକ୍ଷା ଦେବ । ବିଚାରୀ ଧର୍ମପତ୍ନୀ ଆଜକୁ ପାଞ୍ଚବର୍ଷ ହେଲା ମୋତେ ଏକାକୀ କରି ଆଖି ବୁଜିଦେଲା । ଝିଅମାନଙ୍କୁ ଦେଖି ଧୈର୍ଯ୍ୟ ଧରି ରହିବି ବୋଲି ଭାବୁଥିଲି ମାତ୍ର ଝିଅମାନେ ମଧ୍ୟ ମୋତେ ମଝି ଦରିଆ ରେ ଭସାଇଦେଲେ । ମାଁ ମରିବାର ଦୁଇ ବର୍ଷ ପରେ ବଡ଼ ଝିଅ ଅଣଜାତିର ପିଲାଟିଏ ଧରି ଘରୁ ପଳାଇଗଲା । ସାନ ଝିଅ ର କଥା କହିଲେ ନ ସରେ । ମୁଣ୍ଡର ଝାଳ ତୁଣ୍ଡେ ମାରି ବହୁ କଷ୍ଟ କରି ତାକୁ ପଢ଼ାଉଥିଲି । ବଲାଙ୍ଗିରରେ ରହି ଗ୍ରାଜୁଏସନ୍ କରୁଥିଲା । ଭାବୁଥିଲି ସେ ଯଦି ଚାକିରୀ ଟିଏ ପାଇବ ତେବେ ମୋର ଜୀବନ ଟିକିଏ ସୁଖରେ ରହିବ ବୋଲି । ମାତ୍ର ସେଇ ଆଶା ଆଶାରେ ରହିଗଲା । ସେ ଝିଅ ମଧ୍ୟ ଲନ୍ଦଫନ୍ଦ ହୋଇ ଅଣଜାତି ପିଲା ସହିତ ପଳାଇଗଲା ।

ISSN NO.
2582-208X


ଏସବୁ ଘଟଣା ଯୋଗୁଁ କାହାରି ଠାରେ ମୁଣ୍ଡ ଟେକି କଥା କହି ପାରୁ ନାହିଁ । ସେ ଝିଅ ହସପିଟାଲ୍ ରେ ଏଡମିଟ୍ ଅଛି । ଡେଲିଭେରୀ ଅପରେସନ୍ ହୋଇଛି । ତାର ସ୍ୱାମୀ ଏଡମିଟ୍ କରି ଦେଇ ଦୁଇ ଦିନ ହେଲାଣି ଫେରାର୍ ହୋଇଯାଇଛି । ଡାକ୍ତର କହିଛନ୍ତି ରକ୍ତ ଲାଗିବ । ହେଲେ ରକ୍ତ ମିଳୁ ନାହିଁ । ମୋର ଝିଅର ଜୀବନ ବହୁତ ସଙ୍କଟାପନ୍ନ ଅଛି ବାବା । ଏଭଳି ଖବର ପାଇଲା ପରେ ବାପା ହୃଦୟ କେମିତି ଧୈର୍ଯ୍ୟ ଧରି ରହି ପାରିବ । ସେଥିପାଇଁ ମୁଁ ଯାଉଛି ମୋତେ ଗାଡ଼ିରେ ଟିକିଏ ନେଇଯାଅ ଷ୍ଟେସନ୍ ପର୍ଯ୍ୟନ୍ତ । ମୋତେ ଏତିକି ଟିକିଏ ସାହାଯ୍ୟ କର ବାବା ତୁମର ଅଶେଷ ଧର୍ମ ହେବ ।

ଜୀବନ ଥିବା ପର୍ଯ୍ୟନ୍ତ ନିଜର ପୁଅ ଝିଅ ପ୍ରତି ମାଁ-ବାପା ସବୁବେଳେ ସମର୍ପିତ ଯଦିଓ ପୁଅ ଝିଅ ଦୋଷ ମଧ୍ୟ କରିନ୍ତୁ ନା କାହିଁକି । ଆଜିର ଏଇ ଏକବିଂଶ ଶତାବ୍ଦୀର ଶିକ୍ଷିତ ସମାଜ ମାଁ -ବାପାର ଅନ୍ତର ବେଦନାକୁ କେତେ ଉପଲବଧି କରିଛି . . . . ? ଏଭଳି ଘଟଣା ସମାଜରେ ଦିନକୁ ଦିନ ବଢ଼ି ଚାଲିଛି । କେତେ ମାଁ -ବାପାର ମୁଣ୍ଡ ତଳକୁ ହେଉଛି କହିଲେ ନ ସରେ । କେତେ ଜୀବନ ବରବାଦ ହେଉଛି କହିଲେ ନ ସରେ । ତୁଚ୍ଛ ଶାରୀରିକ ପ୍ରେମରେ ଅନ୍ଧ ହୋଇ ଆଜିର ଯୁବା ବର୍ଗ ନିଜର ଭବିଷ୍ୟତକୁ ଅନ୍ଧାର ଆଡକୁ ଠେଲି ଦେଉଛନ୍ତି । ବେଳଥାଉଁ ଯଦି ଏ ଦିଗରେ ଜାଗ୍ରତ ନହେଲେ ସମାଜ ପତନ ଗହ୍ୱର ରେ ପଡିଯିବ ତିଳେ ମାତ୍ର ସନ୍ଦେହ ନାହିଁ ।

ଲୋକଟାର ଏଭଳି ଦୁଃଖର କାହାଣୀ ଶୁଣି ମୋର ଆଖିର ପାଣି ମଧ୍ୟ ବାହାରି ପଡ଼ିଲା । ତାକୁ ପାଞ୍ଚ ଶହ ଟଙ୍କା ପର୍ସ ରୁ ବାହାର କରି ଦେଇ ଗାଡ଼ିରେ ବସାଇଲି ଏବଂ ତାକୁ କହିଲି ଧୈର୍ଯ୍ୟ ହରା ହୁଅ ନାହିଁ । ପ୍ରଭୁଙ୍କ ଉପରେ ବିଶ୍ୱାସ କର ସବୁ ଠିକ୍ ହୋଇଯିବ । ମୁଁ ମୋର କାର୍ଯ୍ୟକ୍ରମ ସାରି ହସ୍ପିଟାଲ୍ କୁ ଆବଶ୍ୟ ପହଂଚିବି ଓ ରକ୍ତଦାନ ର ବ୍ୟବସ୍ଥା ମଧ୍ୟ କରି ଦେବି । ମୋର ଏଭଳି ଆଶ୍ୱାସନା କଥା ଶୁଣି ପୁଣିଥରେ ପାଦତଳେ ପଡ଼ି ଯାଇ କହିଲା – ଭଗବାନ ତୁମକୁ ଶହେ ଆୟୁଷ ଦିଅନ୍ତୁ । ତୁମେ ମଣିଷ ନୁହଁ ବାବା ଦେବଦୂତ ଅଟ । ଏତିକି ବେଳେ ଷ୍ଟେସନ୍‌ରେ ବସ୍ ଆସି ଠିଆ ହେଲା । ମୋର ଛାତିକୁ ଧରି କହିଲା ଆଜି ଦିନଠୁ ତୁମେ ମୋର ଧର୍ମ ର ପୁଅ ହୋଇଗଲ । ଏତିକି କହି ବସ୍ କୁ ଚଢିଲା । ଧାରଧାର ହୋଇ ଦୁଇ ଟୋପା ଅଶ୍ରୁ ଝରି ପଡୁଥାଏ ଆଖିରୁ ....... ।

ଡୁଡୁକା, ବଲାଙ୍ଗୀର

ISSN NO.
2582-208X

# ଲୋ ପ୍ରିୟା



ଚତରଞ୍ଜନ ବେହେରା

ହୃଦୟ ଦେଇ ମୁଁ ଭଲପାଉଥିଲି
ଭାବିଥିଲି ଜୀବନ ସାଥୀ....!
ମୋ ଭଲପାଇବା କୁ ବୁଝିଲୁନ ଧନ
ଦେଲୁ ମୋତେ ବହୁତ ଶାସ୍ତି....!!

ଭାବିଲୁନ ଥରେ ମୋ ଭଲପାଇବା
ଥିଲା ତୋ ଉପରେ କେତେ....!
ସମସ୍ତ ଙ୍କ ସହିତ ମୋତେ ତୁଳନା କରି
ଛାଡି ଚାଲିଗଲୁ ମୋତେ....!!

ତୁ ସିନା ପ୍ରିୟା ମୋତେ ଭୁଲିଗଲୁ
ତତେ ମୁଁ ପାରୁନ ଭୁଲି....!
ଅଧାବାଟେ ମୋତେ ଏକୁଟିଆ କରି
ହସି ହସି ଗଲୁ ଚାଲି....!!

କାହାକୁ କହିବି ମୋ ମନର ଦୁଃଖ
ଶୁଣିବାକୁ କେହି ନାହିଁ....!

ISSN NO.
2582-208X


ତୋ ବିନା ପ୍ରିୟା କେମିତି ବଞ୍ଚିବି
ଟିକେ ବି ଭାବିଲୁ ନାହିଁ....!!

ଶରୀର ଟା ସିନା ମୋ ପାଖରେ ଅଛି
ମନ ଯାଇ ତୋ ପାଖରେ....!
ଜଳ ଜଳ ଏଠି ମୋ ରାତି କଟୁଛି
ତୁ ଅଛୁ ବହୁତ ଖୁସିରେ....!!

ଭୁଲ କରି ନାହିଁ ଦୋଷ କରି ନାହିଁ
ଭଲ ପାଇଥିଲି ତତେ....!
ଥୁଣ୍ଟା ବର ଗଛ ସଜେଇ ଲୋ ପ୍ରିୟା
ଠିଆ କରେଇଲୁ ମୋତେ....!!

ତୁ ଆସିଲା ପରେ ଯାହା ମୁଁ ପାଇଛି
ଆଉ କଏ ଦେବେ ନାହିଁ....!
ତୋ ସ୍ନେହ ପ୍ରେମରେ ଜଳଜଳ ଧନ
ମରିଯିବି ଦିନେ ମୁହିଁ....!!

ରହିଛୁ ରହିବୁ ମୋର ହୃଦୟ ରେ
ଶେଷ ନିଶ୍ୱାସ ଯାଏ ମୋର....!
ଜୀବନ ଦେଇ ଭଲ ପାଇବି ତତେ
ହେଲେ ବି ଅନ୍ୟ କାହାର....!!

ବୌଦ୍ଧ

ISSN NO.
2582-208X

# ନୁଆଁ ପିଢିର, ନୁଆଁ ଯାତରା

ଜୟ କୁମାର ମିଶ୍ର

ଗାଆଁ କ୍ଷେତରେ, ଗୋରୁ ଚରଇ
ପଡିଆପଡେ କ୍ଷେତ,
ଦାଦନ ଯାଇ, ମୁଲିଆ ହୋଇ
ଖଟଣି ଦିବା ରାତ ।
ଗାଆଁରେ କଲେ, ଲାଜ ସରମ
ମାନହାନର କଥା,
ଦୂର ସହରେ, ଯେ ଯାହା କରେ
ନାହିଁ ସେଥକୁ ଚନ୍ତା ।
ବେକାର ହୋଇ, ବୁଲନ୍ତୁ କେହି
ଜୁଆ ଖେଳରେ ମାତି
ଦାଣ୍ଡ ଅଳଆ, ଘର ଗୋଳଆ
ଫୁଲାଇ କଏ ଛାତି ।
ନୁଆଁ ପିଢିର, ନୁଆଁ ଯାତରା
ପଲ୍ଲୀ ପଙ୍କାଳେ ଦେଖ,
ସହରୀ ଛାପ, ବଡ଼ ବହପ
ବୁଢ଼ାବୁଢ଼ୀଏଁ ମୂକ ।
ଖୋଲା ମେଲାରେ, ଦିନ ରାତିରେ
ମଦୁଆ ପିଏ ମଦ,

ISSN NO.
2582-208X

ଭୟ ଭକତି, ମନରେ ଇତି
ଲ୍‌ଜ ସରମ ରଦ ।
ସବୁରି ହାତେ, ମୋବାଇଲ ରହି
ନାହିଁ ନଥିବା ହାଟ,
ପିଲ୍‌ଙ୍କ କାଣ୍ଡ, ବଡ଼ ଉଦଣ୍ଡ
ଚୁଲିକୁ ଯାଏ ପାଠ ।
ପ୍ରଭୃତ ଉଠା, ହୋଇଲ୍ ଭଟା
ସେଜ ଛାଡିବା କଷ୍ଟ,
ବାଜିଲେ ଆଠ, ତେଜିକେ ମଠ
ଛାଡଇ କେହି ଖଟ ।
ଦାଢ଼ିଆ ବାବୁ, ହୋଇବେ ସବୁ
ମୁହଁରେ ବୋଳ କଳା,
ପାନ ପୁଡିଆ, ପାଟିରେ ଠିଆ
ନାଲିଆ ଆଖି ଡୋଳା ।
ମୁଣ୍ଡ ଓଡଣି, ବିଦାୟ ଘେନ
ପୁରୁଣା କଥା ହେଲ୍,
ହାତର ଶଙ୍ଖା, କମିଲ୍ ସଂଖ୍ୟା
କନଆ, ବୋହୂ ଢିଲ୍ ।
ଓଳକ ହେବା, ସରମ ବାବା
ନଇଁବ କଏ ଅଣ୍ଟା ?
ଖଣ୍ଡି ସଲ୍‌ମ, ରଖେ ଧରମ
ବଢ଼ାଇ ମାନ କଣ୍ଟା ।

ISSN NO.
2582-208X

ଶାଶୁ ମୁରୁଖ, ବୋହୂ ଗ୍ଲାକ
ବାପାଠୁ ବଳେ ପୁଅ
ସବୁ କଥାରେ, ଇଚ୍ଛାଟି ପରେ
ଘର ବେଭର ସୁଅ ।
କ୍ଷୀର ନୀରର, କମେ ଆଦର
ସୁଗ୍ଧ ଗର୍ଖ ବେଶି,
କଏ ଗାଧୋଏ, ଘରକୁ ଧୋଏ
ଆଣେ ବିପଦ ଅସୀ ।
ମାଆ ଭ୍ବଇ, ଝିଅଟି ତାର
ଅଜଣା ବୋକୀଟିଏ,
ଗାତୁଆ ମୂଷା, ବଡ଼ ସହସା
ସବୁକୁ ସାରି ଦିଏ ।
ଘରେ ସେ ଥାଇ, କରଇ ହାଟ
ଶୁଣିବା ଲୋକ କାଠ,
ମଉନା ବତୀ, ହୋଇଛି ସତୀ
ପଢ଼ି ମୋବାଇଲ ପାଠ ।

ବୁଦୁବ୍, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ନିଶା ମୁଁ ଦେଇଛି ଛାଡ଼ି



ଜୟନ୍ତ କୁମାର ମଲ୍ଲିକ୍

ସବୁ ସମୟରେ ମଦ ପିଏ ବସି
ମିଶେଇ ଆସକା ଫଟି
ଧିରେ ଧିରେ ମୋର ବୟସ ବଢ଼ିଲା
ଜୀବନ ହୋଇଲା ମାଟି ।

ବାପା ବୋଉଙ୍କର ଗୋଟେ ବୋଲି ପୁଅ
କରିଥିଲେ କେତେ ଗେହ୍ଲା
ନିଶାରେ ଅବ୍ୟସ୍ତ ହୋଇ ଯାଇ ଥିଲି
ସବୁତ ହୋଇଛି ଢିଲା ।

ଅଧା ପାଠ ପଢ଼ି ଘରେ ମୁଁ ରହିଲି
କିଛି ଜାଣିନାହିଁ କାମ
ଇଚ୍ଛା ଥିଲା ମୋର ପାଠ ପଢ଼ି ଭଲ
ରଖିବି ତାଙ୍କର ନାମ ।

ସବୁ ସ୍ୱପ୍ନ ମୋର ଭାଙ୍ଗି ଗଲା ଆଜି
ନିଶା ଖାଉଥିଲି ବୋଲି

ISSN NO.
2582-208X

ଏହି କଥା ଭାବି ବେଳେ ବେଳେ କାନ୍ଦେ
    ସେ କଥା ପାରୁନି ଭୁଲି ।

ଗୋଟେ ପୁଅ ବୋଲି ବାପା ବୋଉ ମୋର
    କିଛି କୁହନ୍ତିନି ମୋତେ
ତାଙ୍କ ପାଦ ଛୁଇଁ ଶପଥ କରିକି
    ନିଶା ଛାଡ଼ିଦେଲି ସତେ ।

ଆମ ପରିବାର ଫେରି ମୁଁ ପାଇଲି
    ହସିଲା ଆମର ଘର
ବୋହୂଟିଏ ପାଇଁ ବାପା ବୋଉ ମୋର
    ହୋଇଲେଣି ତରବର ।

ଶୂରଡିହ, ନନ୍ଦିପୁର, ଯାଜପୁର
ଆଳାପ:~୯୪୩୭୮୬୫୭୨୭

ISSN NO.
2582-208X

# କ୍ଷୁଦ୍ର ଆଲୋକର ଶିଖା



ବାଲ୍ମୀକ ନାୟକ

## ୨୯. ଆସ୍ତିକର ଦୋଗଲାପଣ

ରାତିଦିନ ଗଳା ଫଟେଇ ବିଜ୍ଞାନର ଦୋଷ ବାଛୁଥିବା ଆସ୍ତିକମାନେ, ଗୋଟିଏ ସମୟରେ କିନ୍ତୁ ବିଜ୍ଞାନ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭର ଏବଂ ଭରସା କରନ୍ତି । ଯେତେବେଳେ ସେମାନେ ନିଜର ଧର୍ମକୁ ପ୍ରତିଷ୍ଠା କରିବାପାଇଁ ଅନ୍ୟ ଧର୍ମସମ୍ପ୍ରଦାୟର ଲୋକ କିମ୍ବା ନିରୀଶ୍ୱରବାଦୀମାନଙ୍କୁ ହତ୍ୟା କରିବାକୁ ଚାହୁଁଛନ୍ତି, ସେତେବେଳେ ନିଜର ସର୍ବ ଶକ୍ତିମାନ ଭଗବାନଙ୍କ ଉପରେ ବିଶ୍ୱାସ ବା ଭରସା କରିପାରନ୍ତି ନାହିଁ । ସେତେବେଳେ ବୈଜ୍ଞାନିକ ଜ୍ଞାନ କୌଶଳରେ ତିଆରି ଆଧୁନିକ ଅସ୍ତ୍ର, ଶସ୍ତ୍ର, ଗୋଳା, ବାରୁଦ, ବନ୍ଧୁକ, ବୋମା ଇତ୍ୟାଦି ଉପରେ ଭରସା କରନ୍ତି । ଅନ୍ୟମାନଙ୍କୁ ହତ୍ୟା କରି ଯୁଦ୍ଧରେ ଜିତିଗଲେ ନିଜକୁ ରକ୍ଷା କରିବା ସହିତ ନିଜର ଧର୍ମ ଓ (ସର୍ବଶକ୍ତିମାନ) ଭଗବାନଙ୍କୁ ମଧ୍ୟ ରକ୍ଷାକଲୁ ବୋଲି ଦାବି କରୁଛନ୍ତି ।

## ୩୦. ଆଧାତ୍ମିକର ପ୍ରଥମ ଓ ଅନ୍ତିମ ଉତ୍ତର

ମଣିଷ କୌଣସି ଦୁର୍ଘଟଣାରେ ଅକାଳମୃତ୍ୟୁରୁ ବର୍ତ୍ତିଗଲେ କୁହନ୍ତି, "ଭଗବାନଙ୍କ ଅପାର କୃପାରୁ ବଞ୍ଚିଗଲା ।" ମଣିଷ ସେହି ଦୁର୍ଘଟଣାରେ ମୃତ୍ୟୁବରଣ କଲେ କୁହନ୍ତି – "ବିଧିର ବିଧାନ କେ କରିବ ଆନ?"

ବିଜ୍ଞାନ କିନ୍ତୁ ଉଭୟ କ୍ଷେତ୍ରରେ ଗୋଟିଏ ଉତ୍ତର ଦିଏ – "ଦୁର୍ଘଟଣା ହିଁ ଦୁର୍ଘଟଣା ତାର କୌଣସି ଉପମା ନାହିଁ, ସେଥିରେ ହାନି ବି ହୁଏ, ଲାଭ ବି ହୁଏ ।"

ISSN NO.
2582-208X

### ୩୧. ଆଧ୍ୟାତ୍ମିକ ବ୍ୟବସାୟ

ଅଦ୍ୟାତ୍ମବାଦ ହେଉଛି ଗୋଟିଏ ଲାଭଜନକ ବ୍ୟବସାୟ ।

କ. ଏହି ବ୍ୟବସାୟର ଲାଭ ପ୍ରତିଶତର ସୀମା ନାହିଁ । ସେଥିପାଇଁ ଦୁନିଆର ପ୍ରତ୍ୟେକ ଧର୍ମ ସ୍ଥଳରେ ଅମାପ ସମ୍ପତ୍ତି ଗଚ୍ଛିତ ହୋଇପାରିଛି ।

ଖ. ଏହି ଲାଭ ଧନ ଉପରେ କୌଣସି ସରକାରୀ ଟିକସ ଲାଗୁନାହିଁ । ସେଥିପାଇଁ ଅନେକ ପ୍ରକାର ଜନହିତ କାର୍ଯ୍ୟ କରିବାକୁ ସରକାର ଏହି ଧନକୁ ଖର୍ଚ୍ଚ କରିପାରୁନାହାନ୍ତି । ଯଦିଓ କେତେକ ଧର୍ମସ୍ଥଳର ଟ୍ରଷ୍ଟିମାନେ କିଛି କିଛି ଜନହିତକର ଅନୁଷ୍ଠାନ ଯଥା: ସ୍କୁଲ, କଲେଜ, ଡାକ୍ତରଖାନା ଆଦି ନିର୍ମାଣ କରି ଜନତାଙ୍କୁ ଖୁସି ରଖିବାକୁ ଚେଷ୍ଟା କରୁଛନ୍ତି, ତାହା ସମୁଦ୍ରକୁ ଶଙ୍ଖେ ଭଳି । ସେମାନଙ୍କର ଲାଭ ଧନର ବହୁତ କ୍ଷୁଦ୍ର ଅଂଶ ମାତ୍ର ଖର୍ଚ୍ଚ କରୁଛନ୍ତି ।

ଗ. ମଜା କଥା ହେଉଛି – ଦାନ ଦେଉଥିବା ଭକ୍ତମାନଙ୍କୁ କୌଣସି ପ୍ରତିଦାନ ମିଳୁନଥିଲେ ମଧ୍ୟ କେହି ଆପତ୍ତି, ଅଭିଯୋଗ ବା କ୍ଷୋଭ ପ୍ରକଟ କରନ୍ତି ନାହିଁ ।

### ୩୨. ଆତ୍ମା ନା ପ୍ରେତାତ୍ମା ସତ?

ଗୀତାରେ କୁହାଯାଇଛି – "ଆତ୍ମା ଅମର, ଅଜର, ତାର ଜନ୍ମ ନାହିଁ କି ମୃତ୍ୟୁ ନାହିଁ । ଆତ୍ମାକୁ ଶସ୍ତ୍ର କାଟି ପାରିବନାହିଁ, ଅଗ୍ନି ପୋଡି ପାରିବ ନାହିଁ, ଜଳ ଭିଜାଇ ପାରିବନାହିଁ କିମ୍ବା ବାୟୁ ଶୁଖାଇ ପାରିବ ନାହିଁ । ଆଉ ଥରେ ପୁଣି କୁହାଯାଇଛି – ଆତ୍ମା ପୁରୁଣା ଶରୀର ତ୍ୟାଗ କରି ନୂତନ ଶରୀରରେ ପ୍ରବେଶ କରେ ।" ଏହି ସବୁ କଥା ସତ ହେଉ କି ମିଛ, କେହି ଏହାକୁ ବିଶ୍ୱାସ କରୁ ବା ନ କରୁ, କାହାରି ବିଶେଷ କ୍ଷତି ହୁଏନାହିଁ ।

ଆତ୍ମା ପୂର୍ବରୁ ଯେତେବେଳେ ଅତୃପ୍ତ ବା ପ୍ରେତ ଶବ୍ଦ ଯୋଡି "ଅତୃପ୍ତ ଆତ୍ମା" ବା "ପ୍ରେତାତ୍ମା" କୁହାଯାଉଛି, ସେତେବେଳେ ମଣିଷ ସମାଜରେ ଅଶେଷ କ୍ଷତି ହେଉଛି । ଅଷ୍ଟାଦଶ ପୁରାଣ ମଧ୍ୟରୁ ଗରୁଡ ପୁରାଣ ଗୋଟିଏ । ଏଥିରେ ଆତ୍ମା ର ଏଭଳି ବ୍ୟାଖ୍ୟା

ISSN NO.
2582-208X

କରାଯାଇଛି ଯେ ମାନ୍ୟତାପ୍ରାପ୍ତ ମହାନ ଧର୍ମଗ୍ରନ୍ଥ ଶ୍ରୀମଦଭଗବତ ଗୀତା ବଚନ ମଧ୍ୟ ଫିକା ପଡିଯାଉଛି । ଗୀତା ବଚନକୁ ଭୁଲି ଗରୁଡପୁରାଣ ଅନୁସାରେ ପିତୃପୁରୁଷଙ୍କ ଅତୃପ୍ତ ଆତ୍ମାର ମୋକ୍ଷ ପ୍ରାପ୍ତିପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରିଦେଉଛନ୍ତି । ଶ୍ରାଦ୍ଧକର୍ମ କରି ପିଣ୍ଡଦାନ କରିବା ପାଇଁ, ଆଜି ଦେଶରେ କୋଟିକୋଟି ଟଙ୍କାର ବ୍ୟବସାୟ ଚାଲିଛି ।

## ୩୩. ଇଶ୍ୱର ଅଛନ୍ତି କି?

ଆସ୍ତିକମାନେ ଏହି ପ୍ରଶ୍ନର ଅନେକ ପ୍ରକାରେ ଉତ୍ତର ଦେଉଛନ୍ତି । ଯଥା : ଇଶ୍ୱର ଏହି ସଂସାରକୁ ସୃଷ୍ଟି କରିଛନ୍ତି, ସେ ହେଉଛନ୍ତି ସତ୍ୟ, ଶିବ ଓ ସୁନ୍ଦର । ଏହି ସବୁ ଉତ୍ତର ଗୁଡିକୁ ଯେତେବେଳେ ଜ୍ଞାନର କଷଟିରେ ଘଷି ମାଜି ପରୀକ୍ଷା କରାଯାଏ, ସେତେବେଳେ ଜଣା ପଡେ ଯେ ସବୁଗୁଡିକ କେବଳ କାଳ୍ପନିକ ତଥ୍ୟ ।

ତାଙ୍କୁ ଯଦି ପ୍ରଶ୍ନ କରାଯାଏ – ଇଶ୍ୱରଙ୍କୁ କିଏ ସୃଷ୍ଟି କରିଛି? ସେ ଯଦି ସତ୍ୟ, ଶିବ, ସୁନ୍ଦର ତେବେ ତାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା କେତେକ ପ୍ରାଣୀ ଅସତ୍ୟ, ଅଶିବ ଓ ଅସୁନ୍ଦର କାହିଁକି? ସାରା ବିଶ୍ୱ ସତ୍ୟ, ଶିବ ଓ ସୁନ୍ଦର ନୁହେଁ କାହିଁକି ଏହା ପଚାରିଲେ ସେମାନେ କୁହନ୍ତି – ତୁମେ ନାସ୍ତିକ ତେଣୁ ଏହାର ରହସ୍ୟ ବୁଝି ପାରିବ ନାହିଁ । ଅର୍ଥାତ ସେମାନେ ବି ଏହାର ଉତ୍ତର ଜାଣିନାହାନ୍ତି ବୋଲି ମାନିବାକୁ ନାରାଜ ।

ଯିଏ କାରଣକୁ ନବୁଝି, ବ୍ୟବହାର ତ୍ୟାଗ କରି ସାରିଛି, ତାହାସହିତ ଯୁକ୍ତି କରିବା ଅର୍ଥ ଜଣେ ମୃତବ୍ୟକ୍ତି ପାଇଁ ଔଷଧ ନିଦାନ କରିବା ।

## ୩୪. ଇଶ୍ୱରଙ୍କ ପରୀକ୍ଷା (?)

ଆସ୍ତିକମାନେ କୁହନ୍ତି – "ଇଶ୍ୱର ମଣିଷକୁ ଦୁଃଖ କଷ୍ଟ ଦେଇ ପରୀକ୍ଷା କରିଥାନ୍ତି ।" ଏହି ଆପ୍ତ ବାକ୍ୟ ଉପରେ କିଛି ପ୍ରଶ୍ନ ଉଠୁଛି । ଇଶ୍ୱର କେଉଁ ଉଦ୍ଦେଶ୍ୟରେ ପରୀକ୍ଷା କରୁଛନ୍ତି? ଇଶ୍ୱର ଯଦି ମଣିଷକୁ ଦୁଃଖ କଷ୍ଟ ଦେଇ ପରୀକ୍ଷା କରିବାକୁ ଚାହୁଁଛନ୍ତି, ତେବେ ତାଙ୍କୁ ଆମେ ପ୍ରାଣୀର ମଙ୍ଗଳକର୍ତ୍ତା ବୋଲି କହିବା କାହିଁକି? ସେ ଯଦି ମଣିଷକୁ ସୃଷ୍ଟି କରିଛନ୍ତି ଏବଂ ଜାଣି ନାହାନ୍ତି କେଉଁଭଳି ମଣିଷକୁ ସେ ସୃଷ୍ଟି କରିଛନ୍ତି, ତେବେ ତାଙ୍କୁ ଆମେ ସର୍ବଜ୍ଞ ବୋଲି

ISSN NO.
2582-208X

କହିବା କାହିଁକି? ମଣିଷ ଯଦି ଜୀବନସାରା ଦୁଃଖ କଷ୍ଟ ସହି ନପାରି ମୃତ୍ୟୁ ବରଣ କରେ, ସେ ଈଶ୍ୱରଙ୍କ ପରୀକ୍ଷାରେ ପାସ ହେଲା ନା ଫେଲ ହେଲା?


ଅସଲ କଥା ହେଉଛି – ମଣିଷର ସମସ୍ତ ଦୁଃଖ, କଷ୍ଟ ଓ ସମସ୍ୟାର ସମାଧାନ ଏହି ଭୌତିକ ଜଗତରେ ହିଁ ଅଛି  ତଥାକଥିତ ଈଶ୍ୱରଙ୍କ ସହିତ କୌଣସି ସମ୍ପର୍କ ନାହିଁ।

କ୍ରମଶଃ.....

Mob:9482016260

ISSN NO.
2582-208X

# ପ୍ରେମର ଜାଲ



ଜ୍ୟୋତି ପଧାନ

ଛନ୍ଦାଛନ୍ଦି ପ୍ରେମର ଜାଲ
ଫାନ୍ଦିଦିଏ ମାୟା ସଂପର୍କ
ଭୁଲାଏ ସ୍ନେହ ପିତା ମାତାଙ୍କର
ଅନ୍ତର ବନ୍ଧୁଠାରେ ଦୂରତ୍ୱ ବାନ୍ଧି
ଯାଚିଦିଏ ନୂଆ ସଂଘର୍ଷ ।

ସମୟକୁ ଭ୍ରୁକ୍ଷେପ ନକରି
ସ୍ୱପ୍ନକୁ କରେ ଛାରଖାର
କ୍ଷଣିକ ସୁଖକୁ ଥୋପ ସଜେଇ
ନାସ କରେ ଅସୀମ ଖୁସିର ଭଣ୍ଡାର ।

ଜୀବନରେ ସଞ୍ଚିତ କରେ
ଫଗୁଣର ବିଚିତ୍ର ବର୍ଣ୍ଣ
ଅସମ୍ଭାଳ ଆନନ୍ଦରେ
ପରିବର୍ତ୍ତନ କରାଏ ଜୀବନରୀତି
ଟାଣିନିଏ ଦେଖାଇ ସ୍ୱଆକର୍ଷଣ ।

ଓଡ଼ିଆ ସ୍ନାତକୋତ୍ତର ଛାତ୍ରୀ
ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ , ବରଗଡ଼

ISSN NO.
2582-208X

# ପ୍ରେମର ପର୍ବ
# "ହୋଲି"



ଲକ୍ଷ୍ମଣ ମହାନ୍ତ

ପରମ-ମଞ୍ଜୁଳ ଫଗୁଣ ପରଶେ
ଆଗତ ହୋଲି ପରବ,
ବଦନ ମଣ୍ଡଳେ ବିଚ୍ଛୁରିତ ଫଗୁ
ବଦନ ହୋଇଲା ସ୍ୱଚ୍ଛ.....।
ଭିନ୍ନଭିନ୍ନ ରଙ୍ଗେ ପ୍ରସ୍ଫୁଟିତ ପୁଷ୍ପ
ହୃଦୟକୁ ନିଏ ମୋହି,
କିଏ କେତେ ଢଙ୍ଗେ ସୁଯୋଗ ଖୋଜନ୍ତି
ରଙ୍ଗ ବୋଳିଦବା ପାଇଁ.....।
ସକାଳଠୁ ଆଜି ଭିନ୍ନ ଅନୁଭବେ
ହୃଦୟ ହୁଏ ସ୍ପନ୍ଦିତ,
ଆସିବେକି ପ୍ରୀୟା ପ୍ରୀତି ରଙ୍ଗ ସାଥେ
ଭୂଷଣେ ହୋଇ ଶୋଭିତ.....।
କନକ ଗୋରୀ ସେ ଚାନ୍ଦଠୁ ଶିତଳ
ବନହଂସୀ ତାଙ୍କ ଗତି,
ଟିକିଏ ସ୍ପର୍ଶରେ ଲାଜେଇ ଯାଆନ୍ତି
ଆଖିରେ କଥା କୁହନ୍ତି.....।

ISSN NO.
2582-208X

ହୃଦୟରେ ବୋଳି ପ୍ରୀତିର ଅବିର

ଫଗୁଣକୁ କରି ସାକ୍ଷୀ

ପ୍ରେମ ତରଙ୍ଗରେ ଭାସିଯାଇ ଆଜି

ପ୍ରିୟାକୁ ଖୋଜେମୋ ଆଖି...।

ସ୍ୱପ୍ନରାଜ୍ୟେ କାଲି କହିଥିଲେ ମୋତେ

ଆସିବେ ସେ ବାସ୍ତବରେ

ପ୍ରୀତିର ଅବିର ବୋଳିଦେବା ପାଇଁ

ରହିଛି ମୁଁ ପ୍ରତୀକ୍ଷାରେ...।।

ସୌରିପାଲି, ଖଟଖଟିଆ, ବୌଦ୍ଧ, ୭୬୨୦୩୦
(୭୩୭୧୪୫୦୮୩୪)

ISSN NO.
2582-208X

# ଅନ୍ତର ଯାଉ ମୋ ଫାଟି



ମୁକେଶ କୁମାର ସାହୁ

ଅନ୍ତରେ ମୋହର ଭରି କି ରହିଛି ଏ କେଉଁ ନିଆଁ
ସହି ପାରୁନି ମୁଁ ଦହି ଦେଉଛି ମୋ ଅନ୍ତରେ କିଆଁ ?
ମରମକୁ ମୋର ଭେଦି ଯାଉଛିରେ ଏ କେଉଁ ଭାଲ୍ଲା
ହୃଦୟ ମୋ କାନ୍ଦି ଉଠେ ବିକଳେ ଏ କି ଦୁଃଖ ଜ୍ୱାଳା ?
ଗହନ ମନନ ହୁଅଇ ମନରେ ଏତିକି ଖାଲି
ଏ ମର୍ତ୍ତ୍ୟ ମଣ୍ଡଳେ କାହିଁକି ମାନବ ଜନମ ନେଲି
ଅନ୍ତର ଯାଉ ମୋ ଫାଟି
ମୋହ ମାୟା ସୁଖ ଦୁଃଖ ହୀନ ନଭେ ଉଡିବି ଉଠି ।୧

ଉଦାସୀନ ନୁହେଁ ଅମିତ ବାସନା ଜଡ଼ିତ ମୁହିଁ,
ବିଧୂର ପ୍ରାଣର ଅସାର ଭାବରେ ନିଗଡ ହୋଇ
ଗଡ଼ିଯାଏଁ ଆତ୍ମସୁଖର ପଛରେ ଶଗଡ଼ ପରି
ସ୍ୱାର୍ଥପରତାର ଚିତା ଚଇତନ ଲଲାଟେ ମାରି,
ଆତ୍ମବଡ଼ିମାର ସୁବର୍ଣ୍ଣ ମୁକୁଟ ମଣ୍ଡିତ ଶିରେ
ଜ୍ଞାତସାରେ ଅବା ଦୁରିତ ସାଧେ ମୁଁ ମହା ସୁଖରେ
ଅନ୍ତର ଯାଉ ମୋ ଫାଟି
ମୁକ୍ତ ହେଉ ଏଇ କଳଙ୍କିତ ମୋର ଜୀବନ ଗୋଟି ।୨

ISSN NO.
2582-208X

ଅଚଳାଚଳ ଏ ମହୀମଣ୍ଡଳର ନର ଯେତେକ
ଅସତ ପୂଜାରୀ ସବୁ ନିରୁତାନ୍ତ ଏକୁ ଆରେକ,
ଯେତେ ତ୍ୱକସାର ଈର୍ଷା ଲୋଭଗସ୍ତ ଶରୀରଧାରୀ ,
ତୁଚ୍ଛ ଅଇଶୂର୍ଯ୍ୟ ପଛେ ପଛେ ଶ୍ୱାନ ଧାବନ କରି
ଅସତ୍ୟର ନେତ ଉଡ଼ାଇ ଦୁଷ୍କୃତି -ତୁଙ୍ଗ ଶିଖରେ
ସତ୍ୟବାଦୀ -ଶ୍ରେଷ୍ଠ ଆପଣେ ବିମ୍ବିତ ନିଜ ମୁଖରେ!!
ଅନ୍ତର ଯାଉ ମୋ ଫାଟି
ବାହାରି ତହିଁରୁ ଚେତନାର ବାସ ଯାଉରେ ଛୁଟି । ୩

ଦୟା, କ୍ଷମା, ପ୍ରେମ, ସେବା, ଶମ ଆଜି ନଜରବନ୍ଦୀ
ତିତିକ୍ଷା ତ ମୃତ ଶୋଷଣ ସର୍ବତ୍ର ବସିଛି ରୁନ୍ଧି
ଚଳଇ ନିରତ ବିଶ୍ୱାସଘାତର ଖେଳ କଠୋର
ଦୁର୍ନୀତି ଧରିଛି ନ୍ୟାୟ ଧର୍ମ ହୀନ ଦଣ୍ଡ ଛତର
ତୁଚ୍ଛ ସ୍ୱାର୍ଥ ପାଇଁ ଅପରାଧ ହୁଏ କ୍ଷଣ କ୍ଷଣରେ
ଅମର କି ସର୍ବେ! ଚିତ୍ରଗୁପ୍ତ ପାଞ୍ଜି କିଏ ପଚାରେ?
ଅନ୍ତର ଯାଉ ମୋ ଫାଟି
ପ୍ରାଣ ଶକ୍ତି ମୋର ଜ୍ଞାନ ରବି ହୋଇ ପଡୁ ଉକୁଟି । ୪

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ, (ଦ୍ୱିତୀୟ ବର୍ଷ ଛାତ୍ର)
ଜ୍ୟୋତି ବିହାର,ବୁର୍ଲା

ISSN NO.
2582-208X

# ଶୀତ ରାତି



ସୀତାରାମ ଦାଶ

ସେ' ଅତି ଅଭିମାନିନୀ। ସତେ ଯେମିତି ଅଭିମାନ କରି ଚାଲିଗଲା, ସବୁଦିନ ପାଇଁ। ଥରୁଟିଏ ପାଇଁ ଆସନ୍ତାନି। ଠିକ, ହରି କକା ଭଳି! ମୋ' ମନ ତଳର ଅକୁହା କଥା ସବୁ ଶୁଣନ୍ତା ନି, ଥରୁଟିଏ ପାଇଁ...

ଅନେକ ଦିନ ତଳର କଥା। ବବିତା ସହ ମୋର ବାହାଘର ହୋଇ ନଥାଏ। ଆମେ କିନ୍ତୁ ଫୋନରେ ଢେର କଥା ହେଉ। ଏତେ ସବୁ କଥା କେଉଁଠୁ ଆସେ କେଜାଣି? ଦିନ ରାତି ବି କମ ପଡେ। ମନ ଗହନର ଅକୁହା କଥା ସବୁ ଡେଣା ଧରି ଉଡ଼ିବୁଲେ ସ୍ୱପ୍ନ ରାଜ୍ୟରେ। କେତେ ସୁନ୍ଦର ଥିଲା ସେ ଦିନ ସବୁ!

ଶୀତରାତି ସବୁ ମୋ ପାଇଁ ସୁନ୍ଦର ସ୍ମୃତି ଆଣି ଆସେ। ପ୍ରତି ବର୍ଷ, ଏହି ଦିନମାନଙ୍କରେ ମୁଁ ଆସେ ଗାଁ'କୁ। ସନ୍ଧ୍ୟାରେ ସମ୍ପୂର୍ଣ୍ଣ ଶରୀରକୁ ଶୀତ ବସ୍ତ୍ରରେ ଢାଙ୍କିଦେଇ ମୁଁ ବାହାରି ପଡେ, ଆମ ଗାଁ'ର ନଦୀ କୂଳକୁ। ଶୀତ ଦିନରେ ଭାରି ଶୂନଶାନ ଚାରିଆଡ। ଗାଁ' ଦାଣ୍ଡରୁ କିଛି ବାଟ ଯିବା ପରେ ଆରମ୍ଭ ହୁଏ ତୋଟା। ବାଉଁଶ ଆଉ ଅରଖ ବୁଦାର ଅରମା। ତା ମଝିରେ ଗୋଟେ ଗୋଟେ ବିରାଟ ବୃକ୍ଷ ଦୈତ୍ୟ ପରି ମୁଣ୍ଡ ଟେକି ଛିଡ଼ା ହୋଇଥାନ୍ତି, ନୀରବରେ। ଏକୁଟିଆ ଆସିବାକୁ ପ୍ରାୟ ସମସ୍ତେ ଡରନ୍ତି। ମୁଁ କିନ୍ତୁ ଭଲ ପାଏ, ଏ ଜାଗା ସବୁକୁ। ବବିତା' ସହ କଥା ହେଉ ହେଉ ଅନେକ ସମୟ ବିତିଯାଏ। ନଦୀ ଆର ପାରିର ବିରାଟ ମହୁଲ ଗଛ ଫାଙ୍କରୁ ଜହ୍ନ ଉଙ୍କି ମାରେ। ନଦୀର ଚହଲା ପାଣିରେ ମୁଁ ଦେଖି ପାରେ, ତୋଫା ଜହ୍ନର ସୁନ୍ଦର ପ୍ରତିବିମ୍ବ। ଆଉ ବବିତା'କୁ କୁହେ, "ଏଇ ନଦୀ କୂଳରେ, ଦୁହେଁ ମିଶି ଜହ୍ନ

ISSN NO.
2582-208X

ଦେଖିବାର ଅଭିଳାଷକୁ, ପୁରା କରିବାକୁ, ଆଉ କେତେଦିନ ଅପେକ୍ଷା କରିବାକୁ ପଡିବ"। ବବିତା ଲାଜରେ ଲାଲ ପଡ଼ିଯାଏ, ଆଉ ମୁଁ ଚୁପ କରି ହସି ଦିଏ ଏକା ଏକା।

ଗାଁ'ରେ ରହଣୀ ଭିତରେ, ମୁଁ ସବୁ ଦିନ ଏଇ ଜାଗାରେ କଥା ହୁଏ। ଅନେକ ଚିହ୍ନା ଲୋକେ ଭେଟ ହୁଅନ୍ତି। କିନ୍ତୁ ସେଦିନ ହରି କକା ମତେ ଦେଖି ଅଟକି ଗଲେ। ଆଉ ହସି ହସି କହିଲେ, "କଣ ବୋହୂ ପିଲା ସାଙ୍ଗରେ କଥା ହେଉଛୁ କି?"

ହରି କକା ମୋ'ଠୁ ସାତ ଆଠ ବର୍ଷ ବଡ଼। ଆମ ଗାଁ'ରେ ସେ ସମସ୍ତଙ୍କର ପ୍ରିୟ। ଦେଖା ହେଲେ ପଦେ ଅଧେ କଥା ହୁଅନ୍ତି। ଆଜି କିନ୍ତୁ କାହିଁକି କେଜାଣି, ଅଟକି ଗଲେ ମୋ ପାଖରେ? ମୁଁ ଫୋନ କାଟି, ଫୋନକୁ ପକେଟ ରଖିଲି। ଭଲ ମନ୍ଦଠୁ ଆରମ୍ଭ କରି କେତେ କଣ ପଚାରିଲେ। ମୁଁ କହିଲି ତମେ କଣ କରୁଛ ଏଠି? ସେ କହିଲେ, "ମୁଁ ତ ସବୁବେଳେ ଏଇ ନଈ ପଠାରେ। ତାଙ୍କ ଦେହରେ ଖଣ୍ଡେ ପତଳା ଚାଦର ଥିଲା। ମୁଁ ଜୋତା, ଜାକେଟ ଆଉ ଟୋପି ପିନ୍ଧି ଶୀତରେ ଥରୁଥିଲି। ଖାଲି କଥା ହେବାର ନିଶାରେ, ଯାହା ଶୀତ ହାର ମାନୁଥିଲା। ମୁଁ ହରି କକାଙ୍କୁ ପଚାରିଲି, "କଣ ଖାଲି ଚାଦର ଖଣ୍ଡେରେ ବାହାରକୁ ଆସିଛ, ଶୀତ ହେଉନି?" ସେ କହିଲେ, "ଏ କି ଶୀତ? ଆମ ପିଲା ବେଳେ ମଞ୍ଜ ଥରା ଶୀତ ହେଉଥିଲା। ଗରିବ ଘର, ଚାଦର ଖଣ୍ଡେ ନଥିବ। ସ୍ୱେଟର ସାତ ସପନ। ରାତିରେ ଚିରା ସାର୍ଟ ଖଣ୍ଡେ ପିନ୍ଧି ଆମେ ବିଲ କମଳ ଭିତରେ ପଶିଯାଉ। ନ ହେଲେ ଆଳୁ କିମ୍ବା ଚିନି ଅଖା ଖଣ୍ଡେ ଖଣ୍ଡେ ଘୋରି ହୋଇ ଶୋଇ ପଡୁ"। ମୁଁ ପଚାରିଲି, ଏ ବିଲ କମଳ ପୁଣି କଣ? ସେ ହସି ହସି କହିଲେ, "ଶୀତ ରାତିରେ ଗରିବର ସାଥି, ଏଇ ଯେଉଁ ହେଁସ। ଏବେ ତ ଲୋପ ପାଇଲାଣି। ତମେ ସବୁ ଆଜିକାଲିକା ପିଲା, କାଇଁ ଜାଣିବ"। ଆମେ ଅନେକ କଥା ହେଲୁ। କଥା ଛଳରେ ସେ କହିଲେ, ପୁଅ ପାଇଁ ଖଣ୍ଡେ ଭଲ ସ୍ୱେଟର କିମ୍ବା ଜାକେଟ ଆଣନ୍ତୁନୁ। ପଇସା ଅଭାବରୁ ଦେଇ ପାରୁନି, ଶୀତରେ ପିଲାଟା ବଡ ହଇରାଣ ହେଉଛି। ମୁଁ କହିଲି, "ହଁ, ନିଶ୍ଚିତ ଆଣିବି। ଏଇ ଗୋଟିଏ କଥା"। ଏବେ ସେ ଯିବାକୁ ବାହାରିଲେ। କହିଲେ, "ଡରିବୁନି, ମୁଁ ସନ୍ଧ୍ୟାରେ ସବୁବେଳେ ଏଇ ନଈ ପଠାରେ ଥାଏ"।

ଚାରି ଦିନର ପର କଥା। ରାତି ନ'ଟା ହେବ। ମୁଁ ନଦୀ ବନ୍ଧରେ ବବିତା ସହ କଥା ହେଉଥାଏ। ଆର ସାହିର ଭୀମା ଭାଇ ନଦୀ ଅତଡିରୁ ବାହାରିଲେ। ବୋଧେ ଝାଡା ଆସିଥିଲେ। ମତେ ଦେଖି ତର ତର ହୋଇ କହିଲେ, "ବବୁଲ ଟିକେ ଠିଆ ହୋଇଥା। ମୁଁ

ISSN NO.
2582-208X


ଶୌଚ ହୋଇ ଆସେ, ମିଶିକି ଯିବା"। ତାଙ୍କ କଥାରୁ ଜଣା ପଡିଲା ସତେ ଯେମିତି ସେ ଭୟରେ ଥର ହର। ଏକ ପ୍ରକାର ଦଉଡି ଦଉଡି ଗଲେ ନଦୀ କୂଳକୁ ଏବଂ କେଇ କ୍ଷଣ ଭିତରେ ପୁଣି ଫେରି ଆସିଲେ। ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି, "କଣ ହୋଇଛି ଏତେ ଡର କଣ ପାଇଁ"? କିଛି ବାଟ ଆସିବା ପରେ ଘର ପାଖା ପାଖି ହେବାରୁ ସେ କହିଲେ, "ଆଜିକୁ ଅଠର ଦିନ ପୂର୍ବରୁ ହରି କକା ମରି ଯାଇଛନ୍ତି। ତେଣୁ ଡରରେ କେହି ଗାଁ'ରୁ ବାହାରୁ ନାହାନ୍ତି"। ମୁଁ ଆଶ୍ଚର୍ଯ୍ୟ! ତେବେ ମୁଁ ସେଦିନ କାହା ସହ କଥା ହେଉଥିଲି? କଣ କହିବି କଣ ନ କହିବି, ମୁଁ କିଛି ଜାଣି ପାରୁ ନ ଥାଏ। ଏ ହାଡ଼ଭଙ୍ଗା ଶୀତରେ ମୋ ଦେହରୁ ଝାଳ ବାହାରିବାକୁ ଲାଗିଲା। ମନେ ମନେ ଭାବିଲି ସେଦିନ କଣ ମୁଁ ସ୍ୱପ୍ନ ଦେଖିଥିଲି ନା ସେ ସବୁ ସତ ଥିଲା? ଲୋକମାନେ ବେଶୀ ଡରିବେ ବୋଲି, ମୁଁ ମନ କଥା ମନରେ ରଖି ଡରି ଡରି ଘରକୁ ଫେରିଲି। ପରେ ଶୁଣିବାକୁ ପାଇଲି ହରି କକା ଆତ୍ମହତ୍ୟା କରିଛନ୍ତି।

ପରେ ଜାଣିଲି ସ୍ୱାମୀ ସ୍ତ୍ରୀ'ଙ୍କର ଝଗଡ଼ାକୁ ନେଇ ହରି କକା ଜୀବନ ହାରି ଦେଲେ। ଝଗଡାର କାରଣ ଥିଲା, ପୁଅର ସ୍ୱେଟର। ସତରେ ଜଣେ ବାପ, ପୁଅ ପାଇଁ କଣ କରିପାରେ? ହରି କାକଙ୍କ ଆତ୍ମା ଏବେବି ଛଟ ପଟ ହେଉଥିବ, ପୁଅର ସିୟୁଟର ଚିନ୍ତାରେ। ସେଦିନର ଘଟଣା କାହା ଆଗରେ କହିବାକୁ ବିବେକ ବାଧା ଦେଲା। ଦୁଇ ଦିନ ପରେ ମୁଁ ନିଜେ ଯାଇ ହରି କକାର ଆଠ ବର୍ଷିର ପୁଅ ପାଇଁ କଳା ଲେଦର ଜାକେଟ, ଶୀତ ଟୋପି ଆଉ ମୋଜା କିଣି ଆଣିଲି। ଅପରାହ୍ଣରେ ନେଇ ତାଙ୍କ ଘରେ ପହଞ୍ଚିଲି। ଏସବୁ ଜିନିଷ ଦେଖି ସେମାନେ ଆଶ୍ଚର୍ଯ୍ୟ! ମନ କଥା ମନରେ ରଖି ମୁଁ କହିଲି, "ହରି କକା ମତେ କହିଥିଲେ ପୁଅ ପାଇଁ ଏସବୁ ଆଣିବାକୁ ଏବଂ ଏହାର ଦାମ ବି ଦେଇଥିଲେ"। ଏତକ ଶୁଣି ତାଙ୍କ ସ୍ତ୍ରୀ ଭୋ ଭୋ ହୋଇ କାନ୍ଦି ଉଠିଲେ। ନିଜକୁ ନିଜେ ଅନେକ ଗାଳି ଦେଇ କହିଲେ, ତାଙ୍କ ମନରେ ଏତେ କଥା ଥିଲା। ଟିକେ ବି ଜଣେଇଲେ ନାହିଁ? ମୁଁ ଅଭାଗିନୀ କଣ କଲି। ଥରୁଟିଏ ତମୁହଁ ଖୋଲି କହି ପାରିଥାନ୍ତେ। ଏତିକି କହିବା ସହିତ କାନ୍ଦି କାନ୍ଦି ଭୂମିରେ ଲୋଟିଲେ। ଏକ କରୁଣ ପରିବେଶ ମଧ୍ୟରେ ମୁଁ କେବଳ ନିରବ ଦ୍ରଷ୍ଟା ସାଜି ଛିଡା ହୋଇଥାଏ। ଦୁଇଟି ବେସାହାରା ମଣିଷଙ୍କ ଦୁଃଖ ବେଶୀ ସମୟ ଦେଖିବା ମୋ ପକ୍ଷରେ ସମ୍ଭବ ନ ଥିଲା। ଆଖିରେ ଆଖିଏ ଲୁହ ଆଉ ଛାତିରେ ଛାତିଏ କୋହ ନେଇ ମୁଁ ଘରକୁ ଫେରିଲି।

ଗାଁ'ର କେହି, କେବେ ବି ହରି କକାର ଆତ୍ମାକୁ ଦେଖି ନାହାନ୍ତି। କାହାକୁ ଡରେଇବାର ନଜିର ବି ନାହିଁ। ଧୀରେ ଧୀରେ ଲୋକଙ୍କ ମନରୁ ହରି କକାଙ୍କ ଭୟ ଦୁରେଇ ଗଲା। ଏବେ କିନ୍ତୁ ମତେ ଡର ଲାଗେ ନଦୀ କୂଳକୁ ଆସିବାକୁ। ବବିତା ବି ବାରମ୍ବାର ମନାକରେ ରାତିରେ ନଦୀ କୂଳକୁ ଆସିବାକୁ।

କିଛିଦିନ ପରେ ବବିତା ସହ ବଡ଼ ଧୁମଧାମରେ ମୋ ବାହାଘର ହୁଏ। ବାହାଘର ପରେ ଆମେ ଚାଲିଯାଉ ଚେନାଇ ମୋ କର୍ମସ୍ଥଳୀକୁ। କି ସୁନ୍ଦର ଥିଲା ସେ ଦିନ ସବୁ। ବବିତାକୁ ପାଇ ମୁଁ ଦୁନିଆକୁ ଭୁଲି ଯାଇଥାଏ। କିନ୍ତୁ ସେ ସୁଖ ମୋ ପାଇଁ ବେଶୀ ଦିନ ନ ଥିଲା। ନିଷ୍ଠୁର ଭଗବାନ, ଏକ କାର ଆକ୍ସିଡେଣ୍ଟରେ ବବିତାକୁ ମୋ ଠୁ ସବୁ ଦିନ ପାଇଁ ଛଡାଇ ନେଲେ। ଏବେ ମୋର ସମ୍ପୂର୍ଣ୍ଣ ଉଜୁଡା ଜୀବନ।

ଆଜି, ସେ ସନ୍ଧ୍ୟା ଅଛି, ସେ ନଇ ଅଛି, ସେ ଜହ୍ନ ଅଛି। ସେ ମହୁଲ ଗଛ ଫାଙ୍କରୁ ଜହ୍ନ ଉଙ୍କି ମାରୁଛି। କିନ୍ତୁ ମୋ ମନରେ ସେ ପୁରୁଣା ଦିନର ମାଦକତା ନାହିଁ। ଜହ୍ନର ଲାବଣ୍ୟ ମତେ ପୂର୍ବ ଭଳି ଅଭିଭୂତ କରୁନି। ଭୂତ ଭୟ ବି ମୋ ମନରେ ନାହିଁ। ମନ ଭିତରର ଅନେକ ସ୍ମୃତିକୁ ଛାତି ତଳେ ଚାପି ରଖି, ମୁଁ ବବିତାକୁ ଅହରହ ଖୋଜୁଛି, ଏ ଅନ୍ଧାରରେ, ଗଛ ଗହଳିରେ, ଏ ବାଉଁଶ ବୁଦାର ଅରଖ ଅରମାରେ କିନ୍ତୁ... କେଉଁଠି ବି ପାଉନି। କେବେ ବି ସେ' ଆସୁନି। ଦେଖା ଦେଉନି। ବବତା ବିନା ମୁଁ ଆଜି, ଭଗବାନଙ୍କର ଏ ନିଷ୍ଠୁର ପୃଥିବୀରେ, ଏକ ଅଭିଶପ୍ତ ନିସଙ୍ଗ ମଣିଷ।

ଶୂନଶାନ ଶୀତ ରାତି
ତୁମ ବିନା ମୁଁ ଏକା ନୁହେଁ,
ଏକାନ୍ତ ମୋ ସାଥି।
ଛାତି ତଳେ ଗଦା ଗଦା,
ଅକୁହା ସେ ଅସରନ୍ତି ସ୍ମୃତି।

ISSN NO.
2582-208X

# ରେ ମନ



ପବିତ୍ର ବେହେରା

ନୀରବ ରହିବୁ କେତେ ଦିନ ଆଉ
ହୃଦୟରେ କଥା କାହିଁ ତୁ ଲୁଚାଉ ।।

ଓଠକୁ ଖୋଲି କହିଦେ ଥରେ ସବୁ
ହୃଦୟକୁ କଷ୍ଟ କାହିଁ ତୋର ଦେଉ ।।

ଯାହା ହେବା କଥା ସବୁ ହେଇଯାଉ
ଡରିକି କେତେ କାଟିବୁ ଦିନ ଆଉ ।।

ନକହିଲେ ଆଉ କେହି କହିଦେବ
ଅପେକ୍ଷା କାହା ପାଇଁ ତୁ କରୁ ଆଉ ।।

ବାହାତିଥି ସରିଗଲେ ତୁ କାନ୍ଦିବୁ
ସାରା ଜୀବନ ବାଢୁଅ ରହିଯିବୁ ।।

ବକ୍ସ ବଜାର, ବାଟଗାଁ, ନାକଟିଦେଉଳ,
ରେଢ୍ଢାଖୋଲ, ସମ୍ବଲପୁର
ମୋ: ୭୭୫୧୦୭୫୩୫୦

ISSN NO.
2582-208X

# ଦଲକାଏ ପ୍ରେମ



ଶିବରାମ ଦଳେଇ

ମୁଁ କିନ୍ତୁ ପ୍ରତିଦିନ ଜଳୁଥିଲି
ଦୀପ ର ସଳିତା ପରି
ସେ କଣ ବାରି ପାରୁଥିଲା
ହୃଦୟର ପୋଡା ଗନ୍ଧ କୁ
ତଥାପି ଜଳୁଥିଲି ତା ପ୍ରେମରେ ।

ମୁଁ ଲେଖୁଥିଲି
ଶବ୍ଦକୁ ଶବ୍ଦରେ ଯୋଡ଼ି
କେଇପଦ କବିତା
ସେ କଣ ବୁଝିଲା
ମୋ କବିତା ର ଭାବକୁ
ତଥାପି ମୁଁ ଲେଖୁଛି
ଅସରନ୍ତି କବିତା ।

ଭାବିଥିଲି  ହାତରେ ହାତ ଛନ୍ଦି
ପାର ହେବି
ଜୀବନର ତତଲା ରାସ୍ତାକୁ
ନା ତାର ଭୁଲ ଥିଲା କି ମୋର
କେଜାଣି କାହିଁକି
ଜୀବନ ଗଣିତଟା ଅଧୁରା ରହିଗଲା ।

ସାଲେପୁର

ISSN NO.
2582-208X

ବେଣୁଧର ସୂତାର

# ବସନ୍ତ ଯାଇଛି ଫେରି

ବନାନୀ ଗୋ ତୁମ ଅଳସ ତନୁରେ
ମାଦକତା ଥିଲା ଭରି
ସାଜି ପ୍ରଣୟିନୀ ବସନ୍ତକୁ କଲ
ନିକୁଞ୍ଜ କାନନ ଚାରୀ
ମୁଖେ ଥିଲା ତୁମ ମଧୁଝରା ହସ
ପ୍ରୀତିର ଫଗୁଣ ସପନ ବିଳାସ
ଅଙ୍ଗେ ଭରୁଥିଲା ଅନଙ୍ଗ ଶୃଙ୍ଗାର
ଯଉବନ ଫୁଲ ଫୁଟି ଥିଲା ଯାର
ଦୀପ୍ତ ମାଧୁରୀ ଧରି
ବନାନୀ ଗୋ ତୁମ..........
ନିଦାଘ ଆସିଲା ସବୁ ଲୁଟିନେଲା
ତୁଟିଗଲା ତନୁଶିରୀ
ବିରହ ଯନ୍ତ୍ରଣା ନିରବେ ସହିଲ
ସାଜି ପ୍ରୀତି ଅଭିସାରୀ
ନୀରବ ନିଥର ଆଜି ବନଲତା
କୋଇଲିର କଣ୍ଠେ ନାହିଁ ମଧୁରତା
ବେଦନା ବିଧୁର ତନୁରେ ତୁମର
ଯନ୍ତ୍ରଣା ଯେ ଅସୁମାରୀ
ସହି ତ ପାରୁନ କହି ବି ପାରୁନ
ଆଶା ଆଜି ଆଶାବରୀ
ବନାନୀ ଗୋ ତୁମ..........

ISSN NO.
2582-208X


ବସନ୍ତ ଖୋଜୁଛି ବାସନ୍ତୀ ଯାମିନୀ
ମଳୟ ବହୁନି ସୁରଭି କୁ ଘେନି
ବାଜି ଉଠୁନିତ ପ୍ରୀତି ମଧୁ ବୀଣା
ବହୁନାହିଁ ପ୍ରେମେ ପ୍ରଣୟ  ଝରଣା
ବସନ୍ତ ହୋଇଛି ଆଜି ବାଟବଣା
ସପନ ବତୁରା ମନ କୁଂଜବନେ
ବେଦନାର ଅନ୍ତାକ୍ଷରୀ
ବନାନୀ ଗୋ ତୁମ..........
କେମିତି ସହୁଛ ବିରହର ତାତି
ଦେଇଛି କଷଣ ନିଷ୍ଠୁର ନିୟତି
ଶୂନ୍ୟ ପଡିଅଛି ପ୍ରୀତି ମଧୁଶାଳା
ନୀରବ ନିଃଶବ୍ଦ କଟିର ମେଖଳା
ମଉଳିଛି ପ୍ରୀତି କୁସୁମର ମାଳା
ବିଦଗ୍ଧ ମାନସେ ବିଷମୟ ଜ୍ୱାଳା
ବସନ୍ତକୁ ଝୁରି ଝୁରି
ବନାନୀ ଗୋ ତୁମ...........
ନିଃସଙ୍ଗ ପ୍ରାଣର ଭରା ଅବସୋସ
ଏ ଦେହ ଦହନ ହେବ କିବା ଶେଷ
ତନୁ ତୀର୍ଥେ ଫୁଟି ପ୍ରୀତି ପାରିଜାତ
ମନ ଉପବନ ହେବ ସୁରଭିତ
ଝରା ବଉଳର ମହକେ ମହକେ
ଫୁଲ ଫଗୁଣର ସପନ କୁହୁକେ
ବସନ୍ତ ଆସିବ ଫେରି
ବନନୀ ଗୋ ତମ ..........

କେଶବଦୁର୍ଗପାଳ   କେନ୍ଦୁଝର
ଦୂରଭାଷ –୯୧୭୮୫୬୮୨୪୬

ISSN NO.
2582-208X

# ମଣିଷ ପଣିଆ



ସୂର୍ଯ୍ୟ ନାରାୟଣ ସାହୁ

ସବୁ ଦିନ ପରି ଆଜି ବି ସକାଳୁ ସକାଳୁ ମର୍ଣ୍ଣିଂ ୱାର୍କ ରେ ବୁଲୁ ବୁଲୁ ଦେଖିଲି ଏକ ଅତି ଘୃଣ୍ୟ,ଜଘନ୍ୟ ଏବଂ ଲୋମ ଟଙ୍କୁରା ଦୃଶ୍ୟ, ଯାହାକି ମୋର ଅନ୍ତରରୁ ରକ୍ତ ବୁନ୍ଦା ଝରିଲା ପରି ଲାଗୁଥିଲା,ମଣିଷ ହେଇ ଆମେ ଅମଣିଷ ପରି କାମ କରୁଛେ, ପଶୁ ପକ୍ଷୀ ମାନେ କଥା କହି ପାରନ୍ତିନି ବୋଲି ସେମାନଙ୍କୁ ବହୁତ ଅତ୍ୟାଚାର କରାଯାଉଛି, ଯାହା ନାହିଁ ତହା ସେମାନେ ଖାଇ ଯାଉଛନ୍ତି, ସେ ଦୃଶ୍ୟ ଅନ୍ୟ କେଉଁଠି ର ନୁହଁ, ସେ ହେଲା ବ୍ରହ୍ମପୁର ସହରର ଗାନ୍ଧୀ ନଗର ଛକର ଗାଇ କେତୋଟି ଡଷ୍ଟବିନ୍ ରୁ ମଇଳା ଖାଉଛନ୍ତି,ଓ ଆଉ ଗୋଟିଏ ଗାଇ ତା ଗୋଡରେ କିଛି ଆଘାତ ଲାଗି ବ୍ୟାଣ୍ଡେଜ୍ ବନ୍ଧା ହୋଇଛି ଏବଂ ତା ଗୋଡ ସାରା ରକ୍ତ ବାହାରୁଥିଲା। ସେଥିପାପାଇଁ ସେ ରୋଡ୍ ଉପରେ ଶୋଇ ରହିଛି ୨/୩ ଦିନ ହେଲା, ଦେଖି ହଉ ନଥାଏ ସେଇ ଦୃଶ୍ୟ କେତେ ଜଣ ଲୋକ ଘେର ହୋଇ ଠିଆ ହୋଇଥାନ୍ତି, ଆଉ କେତେ ଜଣ ଦେଖି ଚାଲି ଯାଉଥିଲେ, ମୁଁ ସେଠି ପହଞ୍ଚିଲା ପରେ ସେଇ ଦୃଶ୍ୟ ମୋ ସ୍ୱ ଚକ୍ଷୁ ରେ ଦେଖି ନପାରିନଥିଲି । ମୋ ଛାତି ଭିତର ଟା ଫୋଡିହେଲା ପରି ଲାଗିଲା, ଭାରି କଷ୍ଟ ହେଲା। ମୁଁ ସେଠାରୁ ତତକ୍ଷଣାତ ଚାଲି ଆସିଲି, ସତରେ ଆମେ ମଣିଷ ମାନେ ବହୁତ ନିଷ୍ଠୁର, ମଣିଷ ହୋଇ ଅମଣିଷ ପରି କାମ କରୁଛନ୍ତି, ଯଦି ସେ କହି ପାରୁଥାନ୍ତା ତାହେଲେ କ'ଣ ଏମିତି ଅସୁବିଧା ଭୋଗିଥାନ୍ତ ? । ଗାଁରେ ଦେଖିଥିଲି କୁକୁର ମାନେ ଦାଣ୍ଡ ରେ ବୁଲନ୍ତି ଆଉ ଗାଇ - ଗୋରୁ ମାନଙ୍କୁ ଗୁହାଳରେ ବାନ୍ଧି ରଖି ଯତ୍ନ ନିଆଯାଏ, ହେଲେ ସହରକୁ ଆସି ଦେଖିଲି କୁକୁର ଘରେ ପାଳୁଛନ୍ତି, ଆଉ ଗୋମାତା କୁ କେହି ପଚାରୁ ନାହାଁନ୍ତି। ମୁଁ ବା କ'ଣ କରି ପାରିବି ? ଆଜିର ଏ ସମାଜ ର ସ୍ୱାର୍ଥ ବାଦି ମଣିଷ କେବଳ ନିଜ ନିଜର ସୁଖ ସ୍ୱାଛନ୍ଦ୍ୟ ରେ ମଗ୍ନ ହୋଇ ରହୁଛନ୍ତି, ନିଜେ ନିଜର କାମ ରେ ଏତେ ବ୍ୟସ୍ତ ହୋଇପଡନ୍ତି ଯେ ସେମାନେ କାହା କଥା ଭାବିପାରୁନାହାନ୍ତି ।

ISSN NO.
2582-208X

ଯୁଗୋପଯୋଗୀ ହୋଇ ସେମାନେ ଏତେ ତଳକୁ ଖସି ଯାଇଛନ୍ତି ଯେ ନିଜର ମଣିଷପଣିଆ, ତ ଛାଡ ନିଜ ବିବେକ କୁ ବି ହରାଇ ବସିଛନ୍ତି। ଖାଲି ସେତିକି ନୁହଁ ଗାଇ- ଗୋରୁ କଥା କହିପାରନ୍ତିନି ସତ! ହେଲେ ସେମାନେ ବି ଚିହ୍ନି ପାରନ୍ତି, ପରସ୍ପର ସହ ନିଜେ ନିଜର ଭାବନାରେ ଆମୋଦପ୍ରମୋଦ ପ୍ରକାଶ କରନ୍ତି। ମଣିଷ କୁ ୪ ବର୍ଷ ଖାଇବାକୁ ଦେବେ ସେ ୪ ଦିନ ପରେ ଭୁଲି ଯାଇଥିବ କିନ୍ତୁ; ପଶୁ ପକ୍ଷୀ ମାନଂକୁ ୪ ଦିନ ଖାଇବାକୁ ଦେଲେ ସେ ୪ ବର୍ଷ ମନେ ରଖିବ, ମଣିଷ ବିଶ୍ୱାସଘାତୀ, ହେଲେ ପଶୁପକ୍ଷୀ ବହୁତ ବିଶ୍ୱସ୍ଥ । ହେଲେ ଆମେ ତାଙ୍କୁ ଦେଇଛେ କ'ଣ? ଦୁଃଖ, କଷ୍ଟ, ଯନ୍ତ୍ରଣା, ଏମିତିକି ମଣିଷ ତା'ର ସୁଖ ସ୍ୱାଛନ୍ଦକୁ ମେଣ୍ଟାଇବାକୁ ଯାଇ ସେମାନଙ୍କୁ ବଜାରରେ ବିକ୍ରୀ କରିଦେଉଛି କେବେଳ କେତେଟା ଟଙ୍କା ପାଇଁ । ଏହା କଣ ଅତ୍ୟାଚାର ନୁହଁ? କ'ଣ ସେମାନେ ପ୍ରତିବାଦ କରନ୍ତିନି ବୋଲି ? ଯଦି ନିଜର ପିଲା ଛୁଆକୁ ବିକ୍ରୀ କରାଯାଏ ? ତାହାଲେ; ଏଇ ପ୍ରଶ୍ନ ର ଉତ୍ତର କେବେ କିଏ ଦେଇପାରିବେ ନାହିଁ, କାହିଁକି ନା ଆମେ ସ୍ୱାର୍ଥପର, ସ୍ୱାର୍ଥ ରେ ଜଡିତ, ନିଜ କଥା ହିଁ ନିଜେ ଚିନ୍ତା କରୁଛି.... ଘୃଣା ଲାଗୁଛି ଆଜି ମଣିଷ ହୋଇକି, ମଣିଷ ତଥା ପୃଥିବୀର ସର୍ବଶ୍ରେଷ୍ଠ ପ୍ରାଣୀ ବୋଲି କହିବାକୁ ।

ଏଇ କାହାଣୀ ମାଧ୍ୟମରେ ମୁଁ ଏଇ ସମାଜ କୁ ଏତିକି ବାର୍ତ୍ତା ଦେବାକୁ ଚାହୁଁଛି ଦୟାକରି ଗାଇ, ଗୋରୁ ଏବଂ ଅନ୍ୟାନ୍ୟ ପଶୁ ପକ୍ଷୀ ପ୍ରତି ଏମିତି ଦୁର୍ବ୍ୟବହାର ବ୍ୟବହାର କରନ୍ତୁ ନାହିଁ।

ଝାଡ଼ାଭୂମି, ଜଗନ୍ନାଥପ୍ରସାଦ
ଗଞ୍ଜାମ
8144128554

ISSN NO.
2582-208X

# ଜଗନ୍ନାଥ ତୁମେ ପରମ ବ୍ରହ୍ମ



ତାରାପ୍ରସାଦ ଜେନା

ଜଗନ୍ନାଥ ତୁମେ ପରମ ବ୍ରହ୍ମ
ଅନାଦି ଅନନ୍ତ ଅଚ୍ୟୁତ ଶ୍ରୀକାନ୍ତ
ଶରଣ ପଞ୍ଜର ମୁକତି ପ୍ରେମ
............ଜଗନ୍ନାଥ ତୁମେ ପରମ ବ୍ରହ୍ମ ! ୦ !

ସଖା ସହୋଦୋର ବନ୍ଧୁ ପରିଜନ
ତୁମେ ପିତାମାତା ସକଳ କର୍ତ୍ତା
ତୁମେ ନିରାକର ନିର୍ଗୁଣର ଭେଦ
ବେଦର ଓଁକାର ଜଗତ ଭର୍ତ୍ତା
ନମୋ ନିରଞ୍ଜନ ନିତ୍ୟ ଭଗବାନ
ଗୁଣାତୀତ ପ୍ରଭୁ ପୁରୁଷୋତ୍ତମ
............ଜଗନ୍ନାଥ ତୁମେ ପରମ ବ୍ରହ୍ମ ! ୧ !

ଅବିନାଶୀ ସ୍ରଷ୍ଟା ଅଖିଳର ଦ୍ରଷ୍ଟା
ଅଣୁ ପରମାଣୁ ସୂକ୍ଷ୍ମର କ୍ରାନ୍ତି
ଚିନ୍ତା ଚୈତନ୍ୟର ତୁମେ ଜାଗରଣ
ଭକ୍ତି ଭାବନାର ଅପୂର୍ବ ଶାନ୍ତି
ଶ୍ରୀକ୍ଷେତ୍ର ସାମନ୍ତ ସତ୍ୟ ନାରାୟଣ

ଲୟ ବିଲୟର କାରଣ ଧର୍ମ
............ଜଗନ୍ନାଥ ତୁମେ ପରମ ବ୍ରହ୍ମ ! ୨ !

ଆତ୍ମାର ସ୍ୱରୂପ ଅରୂପର ରୂପ
ଅଧାଗଢ଼ା ଦେହ ଧରିଛ ଦାରୁ
ମୋହନ ମୂରତି ଶ୍ରୀଧର ଶ୍ରୀପତି
ଅଚଳର ଚଳ ମହିମା ମେରୁ
ଲୀଳାମୟ ହରି ଦିବ୍ୟ ସତ୍ତାଧାରୀ
ସ୍ୱୟଂ ଜଗଦୀଶ ଆଲୋକ ତମ
............ଜଗନ୍ନାଥ ତୁମେ ପରମ ବ୍ରହ୍ମ ! ୩ !

ରଣପୁର(ଗୋଡ଼ିପାଟଣା ସାହି)
ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬, ଓଡ଼ିଶା
ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# ହଁ କୁହ...

ଉଦ୍ଧବ ପାତ୍ର

କାହିଁକ .......?
ଏ ସୁନ୍ଦର କୋମଳ ମନକୁ
ନଷ୍ଠୁର ଶିଳାରେ ଗୁପିଦେଉଛ ।
ଆଖିକୁ,
ଓଢଣୀର ଆଳରେ ।

ତୁମେ କଣ ଭୁଲିଁ ପାରିବ
ମୋ, ପ୍ରତିଛବି ......
ଯାହା ତୁମ ହୃଦୟରେ
ଘର କରିକ .......

ଭୁଲି ପାରିବ ଆମ ସେ
ମିଠା,
ଆଳାପ ..... ।
ଯାହା ଏବେ ବି
ମୋ କାନେ ବାଜୁଛି ।
କଣ ପାଇଁ ? ତୁମର ଏ
କଠୋରତା ।

ISSN NO.
2582-208X

କାଳେ ଘୋଷିଦେବି ମୋ ପ୍ରେମବାରତା
ଏଇ ସମାଜ ଆଗରେ ।
କୁହ !
ତୁମେ କୁହ !

ତୁମେ କହିଲେ, ସବୁଦିନେ ପାଇଁ
ବାନ୍ଧିଦେବି ଏ ପାଟିକୁ,
ଖବର ପାଇବନି ମସ୍ତିଷ୍କ ।
ବାସ୍ ଏତିକି କୁହ !
ତୁମେ ମୋର .... ମୁଁ ତମର .....
ହଁ, କୁହ !
ତୁମେ କୁହ !

ସ୍ନାତକୋତ୍ତର ଓଡିଆ ବିଭାଗ, ଦ୍ୱିତୀୟ ବର୍ଷ
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X


# ସୂର୍ଯ୍ୟ ରଶ୍ମିର ଉପକାରିତା ଓ ଅଂଶୁଘାତ ସମସ୍ୟା



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ସାରା ଧରା ପୃଷ୍ଠରେ ମନୁଷ୍ୟ ସମାଜ, ବୃକ୍ଷଲତା, କୀଟ, ପତଙ୍ଗ ଆଦି ସମଗ୍ର ପ୍ରାଣୀଜଗତ ତିଷ୍ଠି ରହିବା ନିନନ୍ତେ ଯେତେ ଶକ୍ତି ରହିଛି । ସବୁଠାରୁ ସୌର ଶକ୍ତିହିଁ ସର୍ବ ଶ୍ରେଷ୍ଠ ଶକ୍ତି ବୋଲି କୁହାଯାଏ । ସୂର୍ଯ୍ୟ କିରଣ ବିନା ପୃଥିବୀ ପୃଷ୍ଠରେ ଜୀବଜଗତ ତିଷ୍ଠି ରହିବ ଅସମ୍ଭବ । ତେଣୁ ସୂର୍ଯ୍ୟ ଙ୍କୁ ସକଳ ଶକ୍ତିର ଆଧାର ବୋଲାଯାଏ । ସୂର୍ଯ୍ୟ ରଶ୍ମି ଦ୍ୱାରା ବୃକ୍ଷ ଲତା ସମୂହ ଅମ୍ଳଜାନ ସୃଷ୍ଟି କରି ବାୟୁ ମଣ୍ଡଳକୁ ଛାଡିଥାଏ । ମନୁଷ୍ୟ ସ୍ୱଚ୍ଛ ଅମ୍ଳଜାନ ଗ୍ରହଣ କରି ଶରୀର ରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇ ସୁସ୍ଥ ଓ ଦୀର୍ଘାୟୁ ଜୀବନ ଯାପନ ବିତାଇବାରେ ସହାୟକ ହୋଇଥାଏ । ସକାଳର ସୂର୍ଯ୍ୟ ଉଦୟ ସମୟରର ସୂର୍ଯ୍ୟ ରଶ୍ମିରେ ପ୍ରଚୁର ପରିମାଣରେ ଭିଟାମିନ-ଡ଼ି ଓ କ୍ୟାଲସିୟମ ରହିଥାଏ, ଯାହାକି ମନୁଷ୍ୟ ପାଇଁ ଏହା ଅତ୍ୟନ୍ତ ଦରକାରୀ । ତେଣୁ ସୂର୍ଯ୍ୟ କିରଣ ମନୁଷ୍ୟ ସମାଜ ପାଇଁ ପ୍ରକୃତିର ବରଦାନ ବୋଲି କୁହାଯାଏ ।

ସୂର୍ଯ୍ୟ କିରଣ ଆମ ଜୀବଜଗତ ପାଇଁ ବହୁ ଉପକାରୀ । ଆମ ଭାରତୀୟ ପରମ୍ପରା ଜ୍ୟୋତିର୍ବିଦ ଗଣନା ଅନୁଯାଇ ପ୍ରତିବର୍ଷ ଜାନୁଆରୀ ମାସ 14 ତାରିଖ (ମକରସଂକ୍ରାନ୍ତି ) ଠାରୁ ସୂର୍ଯ୍ୟ ଉତରାୟଣ ହୋଇଥାନ୍ତି । ଯଦ୍ୱାରା ଧରା ପୃଷ୍ଠରେ ସୂର୍ଯ୍ୟକିରଣ ପ୍ରଖର ହୋଇ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇ ଜନଜୀବନ ଅସ୍ତବ୍ୟସ୍ତ ହୋଇଥାଏ ହୋଇଥାଏ । ଗ୍ରୀଷ୍ମ ଋତୁରେ ଦିନ ବଡ଼ ହୋଇ ରାତି ଛୋଟ ହୋଇଥାଏ, ଦିନ ପ୍ରାୟ 11 ଟା ଠାରୁ 3 ଟା ଯାଏ ପ୍ରବଳ ଗରମ ଅନୁଭୂତ ହେଉଥିବା ହେତୁ ଏହି ସମୟରେ ମନୁଷ୍ୟ ଘରୁ ପଦାକୁ ବାହାରିଲେ ଅଂଶୁଘାତା(Sunstrok) ହେବାର ସମ୍ଭାବନା ଅଧିକ ହେତୁ ଘରୁ ପଦାକୁ ବାହାରିବା ଉଚିତ ନୁହଁ । ଏହି ଋତୁରେ ଜଳବାୟୁରେ ଜଳୀୟ ଅଂଶ ହ୍ରାସ ପାଇ ସ୍ୱାଭାବିକ

ତାପମାତ୍ରା ଠାରୁ ବୃଦ୍ଧି ପାଇ, ବେଳେବେଳେ 40 ରୁ 45 କିମ୍ବା ଅଧିକ ଡ଼ିଗ୍ରୀ ସେଲିସିଅସ ତାପମାତ୍ରା ଅନୁଭୂତ ହୋଇଥାଏ, ଯାହାକି ମନୁଷ୍ୟ ପାଇଁ ଅହିତକର ।

## ଅଂଶୁଘାତ ହେବାର କାରଣ-

---

ମନୁଷ୍ୟ ଜଳବାୟୁ ସହ ଖପଖୁଆଇବା ସହ ଶରୀରରେ ତାପମାତ୍ରା ହ୍ରାସ ପାଇବା ଓ ବୃଦ୍ଧି ପାଇବା କୁ ସନ୍ତୁଳିତ ପାଇଁ ମନୁଷ୍ୟ ମତିଷ୍କରେ ହାଇପୋ ଥାଲାମସ (Hypothalamus) ନାମକ ଏକ ଗ୍ରନ୍ଥି ରହିଛି । ଯେତେବେଳେ ଉକ୍ତ ନିୟନ୍ତ୍ରଣ ପ୍ରକ୍ରିୟା ଶରୀରରେ ଠିକ ଭାବେ ହୋଇପାରିନଥାଏ, ସେତେବେଳେ ମନୁଷ୍ୟ ସୌର ତାପ ସହ୍ୟ କରିନପାରି ଅଂଶୁଘାତର ଶିକାର ହୋଇଥାଏ । ଜଳବାୟୁରେ ତାପମାତ୍ରା ଅଧିକ ଥିବାବେଳେ ମନୁଷ୍ୟ ଚଳପ୍ରଚଳ କଲେ ଶରୀରରେ ତାପମାତ୍ରା ବୃଦ୍ଧିପାଇ ଶାରୀରିକ ଓ ମାନସିକ ସ୍ତରରେ ପରିବର୍ତ୍ତନ ଘଟି ମନୁଷ୍ୟ ଚେତାଶୂନ୍ୟ ହେବା, ବେଳେବେଳେ ବାତ ମାରିବା ପରି ଲକ୍ଷଣ ଦେଖାଯାଏ । ଶରୀରର ବାହ୍ୟ ଚର୍ମଭାଗ ଶୁଷ୍କ ଓ ଉତ୍ତାପ ଯୁକ୍ତ ହେବାସହ, ଶରୀରରୁ ଅଳ୍ପ ଝାଳ ନିର୍ଗତହେବା କିମ୍ବା ଆଦୌ ଝାଳ ନ ବାହାରିବା ଲକ୍ଷଣ ଦେଖା ଯାଏ । ଦୁର୍ବଳ ଲାଗିବା, ମୁଣ୍ଡ ଘୁରାଇବା, ବାନ୍ତି ଲାଗିବା, ଦେଖାଯାଏ । ଏହି ସମୟ ରେ ଉପଯୁକ୍ତ ପ୍ରତିକାର କରା ନଗଲେ, ମନୁଷ୍ୟ ମୃର୍ତ୍ତ୍ୟୁମୁଖରେ ପଡିବାର ଆଶଙ୍କା ରହିଥାଏ । ପ୍ରକୃତିର ଜଳବାୟୁ ପାରିବର୍ତ୍ତନ ଅନୁଯାଇ ଆମ ଶରୀରର ଉତ୍ତାପ ବୃଦ୍ଧି ଓ ହ୍ରାସ ପାଇବା ନିୟନ୍ତ୍ରଣ ସ୍ୱତପ୍ରବୃତ ଅଟେ । ଏହି ପ୍ରକ୍ରିୟା ରେ ବ୍ୟତିକ୍ରମ ଘଟିଲେ ଆମ ଶରୀର ଅଧିକ ତାପ ମାତ୍ରା ସହ୍ୟ କରିନପାରି ଆମେ "ଅଂଶୁଘାତ" ରେ ଆକ୍ରାନ୍ତ ହୋଇଥାଏ ।

## ଅଂଶୁଘାତର କାରଣ -

---

ଚିକତ୍ସା ଶାସ୍ତ୍ର ମତରେ ଛୋଟ ପିଲାମାନଙ୍କ ଶରୀରର ହାରାହାରି ତାପମାତ୍ରା ୨୭.୨ ଡ଼ିଗ୍ରୀ ଫାରେନ ହାଇଟ (36.6 ଡ଼ିଗ୍ରୀ ସେଲ ସିୟସ) ରୁ ୨୨ ଡ଼ିଗ୍ରୀ ଫରେନ ହାଇଟ (37.2ଡ଼ିଗ୍ରୀ ସେଲସିଏସ ) ଏବଂ ପ୍ରାପ୍ତ ବୟସ୍କ (65 ବର୍ଷ ରୁ ଅଧିକ) ବୟସ୍କ ଙ୍କ ଠାରେ ହାରାହାରି ତାପମାତ୍ରା ୨୫.6 ଡ଼ିଗ୍ରୀ ଫାରେନ ହାଇଟ (37 ଡ଼ିଗ୍ରୀ ସେଲ ସିଏସ ) ତାପ ମାତ୍ରା ରହିବା ଉଚିତ । ଜଳବାୟୁରେ ଅଧିକ ତାପମାତ୍ର ବୃଦ୍ଧି ହେତୁ, ଶରୀର ରେ ସ୍ୱାଭାବିକ

ISSN NO.
2582-208X


ସ୍ଥିତି ବିଗିଡି ଯାଇ, ନିମ୍ନ ରକ୍ତଚାପ, ନିଶ୍ୱାସ ପ୍ରଶ୍ୱାସ ରେ ପ୍ରଖରରତା, ନାଡ଼ୀର ଗତି କମ ହେବା, ପରିସ୍ରା ପରିମାଣ କମି ହଳଦିଆ ରଙ୍ଗ ହେବା ସହ ଦୁର୍ଗନ୍ଧ ହୋଇଥାଏ । ଶରୀରର ମାଂସ ପେଶୀ ଆକସ୍ମିକ ଭାବେ ଆକୁଞ୍ଚନ ହୋଇ ଯନ୍ତ୍ରଣା ଅନୁଭୂତ ହୋଇଥାଏ । ମୁଣ୍ଡ ବିନ୍ଧିବା, ଦୁର୍ବଳ ଲାଗିବା ଆଳସ୍ୟ ଲାଗିଥାଏ,ଏହା "ଅଂଶୁଘାତ" ର ଲକ୍ଷଣ ଅଟେ ।

## ଅଂଶୁଘାତରେ ପ୍ରତିକାର ଉପାୟ –

---------------------------------------

ମନୁଷ୍ୟ ଅଂଶୁଘାତରେ ଶିକାର ହେଲେ, ସଂଗେ ସଂଗେ ଥଣ୍ଡା ସ୍ଥାନକୁ ନେଇ, ରୋଗୀର ପିନ୍ଧିଥିବା ପୋଷାକ କୁ ଢିଲା କରି, ଖୋଲା ଥଣ୍ଡା ପବନ ଦେବା ଉଚିତ । ମାଟିପାତ୍ର ରେ ଥିବା ଥଣ୍ଡା ଜଳ ଦ୍ୱାରା ଗାଧୋଇବା ଦ୍ୱାରା ଆରାମ ମିଳିଥାଏ । ପଇଡ଼ ପାଣି, ଲେମ୍ବୁ, ଲୁଣ, ଚିନି ମିଶା ଥଣ୍ଡା ଜଳ, ଫଳ ରସ ଆଦି ପିଆଇବା ଉଚିତ। ଆବଶ୍ୟକ ସ୍ଥଳେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେବା ଆବଶ୍ୟକ ଅଟେ ।

## ଅଂଶୁଘାତ ପାଇଁ ସତର୍କତା –

----------------------------------------

ଗ୍ରୀଷ୍ମ ଋତୁ ର ପ୍ରବଳ ଗ୍ରୀଷ୍ମପ୍ରବାହ ହେତୁ ପଦାରେ ଚଳ ପ୍ରଚଳ ହେବା ଅନୁଚିତ । ନିହାତି ଜରୁରୀ କାମ ନଥିଲେ ପଦାକୁ ବାହାରିବା ଅନୁଚିତ । ଅଧିକ ଜଳ ସେବନ କରି, ଧଳା ଟୋପି କିମ୍ବା ଓଦା ଗାମୁଛା ମୁଣ୍ଡରେ ପିନ୍ଧିବା, କଳା ଚଷମା ଲଗାଇବା, "ଛତା"ଧରି ବାହାରିବା ସହ କପା ସୂତାରେ ତିଆରି ଧଳା ରଙ୍ଗର ପତଳା, ହାଲୁକା, ଢିଲା ବସ୍ତ୍ର ପରିଧାନ କରିବା ଉଚିତ । ଅଂଶୁଘାତ ପ୍ରତିରୋଧ ପାଇଁ ଅଧିକ ଥଣ୍ଡାପାଣି, ଦହି, ସର୍ବତ, ପିଇବା ସହ ପରିସ୍ଥିତି କୁ ଦେଖି ନିଜର ସ୍ୱାସ୍ଥ୍ୟବସ୍ଥା କୁ ଦେଖି, 2 ରୁ 3 ଥର ଗାଧୋଇବା ଉଚିତ । ଉତ୍ତାପରୁ ରକ୍ଷା ପାଇଁ ନିଜ ବାସଗୃହ ଉପରେ ନଡା ଛପର ସହ ବାସ ଗୃହ ଚାରିପାଖେ ଛୋଟ ଛୋଟ ବିଭିନ୍ନ ବୃକ୍ଷଲଗାଇବା ଉଚିତ ।

ISSN NO.
2582-208X


ଅଂଶୁଘାରରେ ଅଧିକ ଆଶଙ୍କା –

---

ସାଧରଣତଃ, ଅସ୍ୱାଭାବିକ ରକ୍ତଚାପ ଥିବା ବ୍ୟକ୍ତି, ମଧୁମେହ, ଯକ୍ଷ୍ମାରେ ସଂକ୍ରମିତ ରୋଗୀ, ଦୁର୍ବଳ ବ୍ୟକ୍ତି, ଛୋଟ ପିଲା, ବୟସ୍କ, ଗର୍ଭବତୀ, ଖରାରେ ଅଧିକ କାମ କରୁଥିବା ବ୍ୟକ୍ତି, ଅଧିକ ମୋଟା ପଣ ଥିବା ବ୍ୟକ୍ତି, ଦୀର୍ଘ ସ୍ଥାୟୀ ରୋଗରେ ଆକ୍ରାନ୍ତ ବ୍ୟକ୍ତି ମାନେ ଅଂଶୁଘାତ ରେ ଆକ୍ରାନ୍ତ ହେବାର ଅଧିକ ସମ୍ଭାବନା ରହିଥାଏ । ସାମ୍ପ୍ରତିକ ପରିସ୍ଥିତି ରେ ପ୍ରତିବର୍ଷ "ଅଂଶୁଘାତ" ଜନିତ ମୃତ୍ୟୁ ପରିମାଣ ବୃଦ୍ଧି ପାଇବାରେ ଲାଗିଛି । ଏହାର ମୁଖ୍ୟ କାରଣ ହେଲା, ଜଙ୍ଗଲ କାଟିବା, କଳକାରଖାନା ତଥା ଗାଡି ମୋଟର ଆଦିରୁ  ନିର୍ଗତ ଅଙ୍ଗାର କାମ୍ଳ ବାଷ୍ପ ଦ୍ୱାରା ଜଳ ବାୟୁ ରେ ମାତ୍ରା ଧିକ ଉତ୍ତାପ ବୃଦ୍ଧି ଘଟି, ଜଳବାୟୁ ରେ ଅସ୍ୱାଭାଭିକ ଗରମ ଅନୁଭୂତ ହୋଇ ଅଂଶୁଘାତର ଆଶଙ୍କା ଅଧିକ ହୋଇଥାଏ । ତେଣୁ 'ଅଂଶୁଘାତ" ଜନିତ ସମସ୍ୟାକୁ କମାଇବା ପାଇଁ ଆମେ ନିଜେ ସତର୍କତା ଅବଲମ୍ବନ କରିବା ସହ ସବୁସ୍ତରରେ ସତର୍କତା ଓ ସଚେତନତା ର ଆବଶ୍ୟକତା ରହିଛି ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ–୭୮୯୪୧୧୨୪୮୭

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X


# ସୋୟାବିନ୍ ଚିଲି



ଜୟନ୍ତୀ ଦେବୀ

ସାମଗ୍ରୀ:

ସୋୟାବିନ - ୫୦ ଗ୍ରାମ୍,
କଟା ଯାଇଥିବା ପିଆଜ - ୧ଟି,
କଞ୍ଚା ଲଙ୍କା - ୪ଟ୍,
ସିମଲ୍ ମିର୍ଚି - ୧/୨ ପିସ୍
ସବୁଜ ପିଆଜ - ୧/୨ ଟି,
ଗାଜର - ୧ଟି,
ତେଲ - ୧୦୦ ଗ୍ରାମ,
ଗୋଲମରିଚ ଗୁଣ୍ଡ, ଜିର୍‌- ୧ ଚାମଚ,
ରସୁଣ୍ ଓ ଅଦା ପେଷ୍ଟ - ୧/୨ ଚାମଚ
ମକା ଅଟା - ୨ ଚାମଚ,
ଲୁଣ - ସ୍ୱାଦ ଅନୁସାରେ,
ସୋୟାସସ୍ - ୨ ଚାମଚ,
ଲଙ୍କା ସସ୍ - ୩ ଚାମଚ,
ବିନେଗାର- ୨ ଚାମଚ ଓ ଧନଆ ପତ୍ର କିଛି ମାତ୍ରାରେ

ପ୍ରଣାଳୀ:

ପ୍ରଥମେ ଏକ ପାତ୍ରରେ ପାଣି ନେଇ ସେଥିରେ ଲୁଣ ପକାନ୍ତୁ ଓ ସୋୟାବିନ୍ ପକାଇ ୨ ମିନଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ ଓ ଥଣ୍ଡା ହେବା ପାଇଁ ଛାଡି ଦିଅନ୍ତୁ । ଏବେ ପିଆଜ, ସିମଲ୍ ମିର୍ଚି,

ସବୁଜ ପିଆଜ ଙ୍କଞ୍ଚା ଲଙ୍କାକୁ ଛୋଟ ଛୋଟ କରି କାଟି ଦିଅନ୍ତୁ । ସୋୟାବିନ୍ କୁ ପାଣିରୁ ବାହାର କରିଦିଅନ୍ତୁ । ସେଥିରେ ସୋୟା ସସ୍, ଟମାଟୋ ସସ୍, ଗୋଲମରିଚ ଗୁଣ୍ଡ, ଅଦା ରସୁଣ ପେଷ୍ଟ, ମକାର ଅଟା ଓ ଲୁଣ ଭଲ ଭାବରେ ମିଶାନ୍ତୁ । କଡାରେ ତେଲ ଗରମ କରି ଏହାକୁ ଭଲଭାବରେ ଛାଣି ନଅନ୍ତୁ । ଗ୍ୟାସରେ ପ୍ୟାନ୍ ଗରମ କରି ସେଥିରେ ତେଲ ଗରମ କରନ୍ତୁ ତେଲ ଗରମ ହେବାପରେ ଜିରା, ପିଆଜ ଓ ଗାଜରକୁ ପକାଇ କିଛି ସମୟ ଭାଜନ୍ତୁ । ତାପରେ ସିମଲା ମିର୍ଚ ଓ ଲୁଣ ଦେଇ କିଛି ସମୟ ଚଲାନ୍ତୁ । ସେଥିରେ ସୋୟା ସସ୍, ଟାମାଟୋ ସସ୍ ଓ ଭିନେଗାର ପକାନ୍ତୁ । ଏବେ ଛଣା ଯାଇଥିବା ସୋୟାବିନ୍ କୁ ପକାନ୍ତୁ ଓ ଭଲ ଭାବରେ ମିଶାଇ ଦିଅନ୍ତୁ । ଏହାକୁ ୨ ମିନଟ୍ ପର୍ଯ୍ୟନ୍ତ ଘୋଡାଇ ଦିଅନ୍ତୁ । ଏବେ ସେଥିରେ ଧନିଆ ପତ୍ର ପକାଇ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ବାସ୍, ଏବେ ସୋୟାବିନ୍ ଚିଲି ପ୍ରସ୍ତୁତ ।

ମଧୁ, ଆଳି, କେନ୍ଦ୍ରାପଡା

ISSN NO.
2582-208X

# ଭେଜିଟେବୁଲ୍ ଓଟସ୍ ଉପମା



ଅଧାପିକା ରେଜାଲିନ୍ ବାରିକ୍

ସାମଗ୍ରୀ:

କଟା ବିନ୍ସ ଅଳ୍ପ, ମଟର ଛୁଇଁ ଅଳ୍ପ,
ଅଳ୍ପ କଛି କଟା ଗାଜର, ଓଟସ୍ – ୧ କପ୍,
ଅଳ୍ପ କଟା ପିଆଜ ଓ ଅଦା, କଞ୍ଚାଲଙ୍କା – ୨ ଟି
ତେଲ – ୨ ରୁ ୩ ଚାମଚ
ସୋରିଷ – ଅଧା ଚାମଚ, ଚଣା ଡାଲି – ୧ ଚାମଚ,
ଜୀରା – ଅଧ ଚାମଚ, କଛି ହେଙ୍ଗୁ,
ଧନିଆ ପତ୍ର ସାମାନ୍ୟ, ସ୍ୱାଦ ଅନୁଯାୟୀ ଲୁଣ

ପ୍ରସ୍ତୁତି : ପ୍ରଥମେ ଓଟସ୍ କୁ ପ୍ୟାନରେ ଦୁଇ ମିନଟ୍ ଭାଜି କାଢି ଦିଅନ୍ତୁ । ପରେ ପିଆଜ, ଅଦା ଏବଂ କଞ୍ଚା ଲଙ୍କାକୁ ଟିକଟିକ କରି କାଟି ଏକ ପାତ୍ରରେ ରଖନ୍ତୁ । ଚୁଲ୍ଲିରେ ଏକ ପ୍ୟାନ ବସାଇ ତେଲ ପକାନ୍ତୁ । ତେଲ ଗରମେ ହୋଇଗଲା ପରେ ସେଥିରେ କଛି ସୋରିଷ ପକାନ୍ତୁ । ଫୁଟିଗଲା ପରେ ଜୀରା, ଚଣା ଡାଲି, ଅଦା ଏବଂ କଞ୍ଚାଲଙ୍କାକୁ ପକାଇ ଟିକେ ଏପଟ ସେପଟ କରନ୍ତୁ । ଏହାପରେ ସେଥିରେ କଟା ହୋଇଥିବା ପରିବା ଓ ଧନିଆ ପତ୍ର ପକାଇ ଭଲକରି ମିଶାଇ ସେଥିରେ ୩ ରୁ ୪ କପ୍ ପାଣି ଦିଅନ୍ତୁ । ଶୁଖା ଶୁଖା ହୋଇ ଆସିଲେ ଆଞ୍ଚ ବନ୍ଦ କରନ୍ତୁ । ଚଟଣୀ କିମ୍ବା ସସ୍ ସହିତ ଗରମ ଗରମ ପରଷନ୍ତୁ ।

ମହୁ, ଆଳି, କେନ୍ଦ୍ରାପଡା

ISSN NO.
2582-208X

# ଆଞ୍ଚଳିକ

ମଇ - ୨୦୨୨
www.vedantimagazine.com
ISSN NO.
2582-208X

# ବଉଲ୍



ବାଙ୍କାବିହାରି ମହାକୁର

ଚାରିକୁତିଁ ଯାଉଛେ କହଁର୍ ଖେପି
ଆମ୍ ଗଛର୍ ବଉଲ୍
ଝୁଁପାଝୁଁପା ଡାହିଥି ହେଇଛେ ଗୁଁଥା
ଦିସୁଛେ କେଡେ ଡଉଲ୍ ।

ଦୁରିଆଥୁ ଦିସେ ଧୁବଲା ଶାଢିଟେ
ଗଛ୍ କେଁ ଦେଇଛେ ଉଢି
ସାଗୁଆ ପତର୍ ନି ହେବାକେ ବାରି
ଅଛେ କି ଯାଇଛେ ଝଡି ।

ଭମର୍ ମହୁଁମାଛି କେଡେ ସରାଗେ
ଗାଇ ବୁଲୁଛନ୍ ଗିତ୍
ରସ୍'ଟିକେ ଲାଗି ଲହର୍ ଝପର୍
ନାଇଁ ମାନି ଦିନ୍'ରାତ୍ ।

ହୁର୍'ହୁରିଆ ବଉଲିଆ ଧୁକା
ହୁରୁଦ୍'କେ ନେସି ଘିନି
ବସଁତ୍ ଛିଆଁ ମନ୍ ଗହଗହଥି
ସଜାସି କେତେ କଥାନି ।

ISSN NO.
2582-208X

କୁଇଲି ଗଗାସି ବସି ପଖରାନେ
ସାତ୍ ସୁରେ ରଁଗ୍ ଭରି
ନିର୍'ସା ମନ୍'ଟା ସରସ୍ ଲାଗ୍'ସି
ଦୁଖ୍'କେ ଦେଇ ପାସ୍'ରି ।

ବୁରୁବୁଡା,ବୀରମହାରାଜପୁର,
ସୁବର୍ଣ୍ଣପୁର

ISSN NO.
2582-208X


# ଖରାମାସ୍ ଆଏଲାନ



ଡ. ସୁଧାଂଶୁ ମେହେର

କେଖୁନ୍ ଦେଖୁନ୍ ଲହଁସି ଯଉଛେ ଖରା
ଆମ୍ ବଉଲର୍ ବାସନା ଗଲାନ ହଜି
ଇଡାଲେ ସେଡାଲେ ମାକରି ଖେଲୁଛେ ଟିହା
ଝୁପାଝୁଆ ଆମ୍ କଁସି ହେଲାନ ସାଜି
ବର୍ ଗଛର୍ ବୁନ୍ଧେ ନାଗ୍ ଖେଲଲାନ
ବୁଝଲ କାଏଁ ମକର .. .. ଖରାମାସ୍ ଆଏଲାନ ॥

ବଉଲି ପବନ୍ ଢଲକି ଗଲାନ କେଭୁଁ
କଅଁଲି ଖରାର୍ ଲୁକଲୁକାନି ଖେଲା
ସକାଲୁ ଗରେଲ୍ ଦୁଇ ପହରିଆ ଝାଂଜି
ବେଲ୍ ବୁଡାକେ ଡହକ୍ ବିକଲ୍ ବେଲା
ରାଏତ୍ ଅଧିଆ ଡଂଗରେ ମାକର୍ ବିହା
ଉମ୍ ହେଉ ଜୁଏ ରୁକଲା ବାଗିର୍ ଲାଗସି
ସରା ରାଏର୍ ଜାଲର୍ ଝୁରି ଲେଖେଁ
ଘରୁ ଭଟାକେ ଫଡ୍ ଫଡେଇ ସମିଆଁ ଯାଏସି
ଦଂଗର୍ ତଲେ କୁଲିହା ରଡି ଛାଡଲାଅ
ବୁଝଲ୍ କାଏଁ ବଉଲ .. .. ଖରାମାସ୍ ଆଏଲାନ ॥

ISSN NO.
2582-208X

ଖଡା ରଏତା ନଲତା ଶାଗର୍ ପୁରଗା
ଦୁଇବେଲିଆ ଠଡକା ଲେଥାତୁନ୍
ବାସି ପଖାଲ୍ ରଚ୍ କରସି ଦିହିକେ
ତେତେଲ୍ ଚିଟକା କଁଚା ମିରଚା ନୁନ୍
ବେଲ୍ ଉଦଲେ ସହି ନାଇଁ ହୁଏ ଖରା
ଝାଉଁ ମାରୁଛେ ଦିହିଁ ଯଉଛେ ଜଲି
ଙ୍କେଭେ ନାଇଁଶୁନା ଅଂଶୁଘାତେ ଯଉଛେ ଜୀବନ୍
ଫାଏଁ କରୁଛେ ଭଟାକେ ଗଲେ ବୁଲି
ଜିଇଁଲା କରୁଛେ ଭଟାକେ ଗଲେ ବୁଲି
ଜିଇଁଲା କଁଚା ମୁନୁଷ୍ ଶୁଖିଟାଟି ଗଲାନ
ବୁଝଲ୍ କାଏଁ କିଆପୁଲ .. .. ଖରାମାସ୍ ଆଏଲାନ ॥

ବନ୍ଧ୍ ଖଁଟାର୍ ପଏନ୍ ଗୁହାଲ୍ ହେଲା
ନଧିର୍ ଧାର୍ ଖେଭୁଁ ଶୁଖା ଭଟ୍
କଲ୍ ଛୁଆଁର୍ ପାଏନ୍ ଗଂଧି ମଲାନ
ଚୁଆଁ ଚହଲା କାଦୋ ଲଥ୍ ଲଥ୍
ଝାର୍ ଜଂଗଲର୍ ବୁଡି ଗଲାନ ଗତି
ଜାହିଁ ଯେନ୍ତା ପତର୍ ଗୁଟେଗୁଟେ
ସୁଇ ଚରେଇଟେ ବି ପତା ନଇଁନ
କେନ୍ଦୁ ଚାର୍ ନାଇଂନ କାହିଁ ଗୁଠେ
ଡଂଗରେ ଗୁଚାକଟାର୍ ଢିଜୁାସ୍ ଶୁଭଲାନ
ବୁଝଲ୍ କାଏଁ ସାଂଗ .. .. ଖରାମାସ୍ ଆଇଲାନ ॥

ଅଧକ୍ଷ, ଶିକ୍ଷା ନକେତନ
ଶିକ୍ଷକ ଶିକ୍ଷା ତାଲିମ ମହା ବିଦ୍ୟାଳୟ
ସାଲେପାଲି, ବଲାଙ୍ଗିର

ISSN NO.
2582-208X

# ଦୁଇ ଦିନିଆଁ ଜୀବନ



ଶୁଭେନ୍ଦୁ ମେହେର

ମୁନୁସ ଜୀବନ ପାନିର ଫୁଟକା
ଆଏଜ ଅଛେ କାଏଲ ନେଇଁ ।
ଚୁଛାକେ ବାବୁ ହେସୁ ଇଥିତାହିଁ
ଦୁଇଦିନର ଭାବ ନେଇ ।।

ଭଲ କାମ ଗୁଟେ କରିଥିଲେ ବାବୁ
ପାଏବୁ ଜୀବନର ଲାଭ ।
ହିଁସା ହଁକାରେ ଜୀବନ ବିତାଲେ
ଜୀବନର କେଁ ଭାବ ।।

ଭଲ କାମ କରି ବୀର ସୁରେନ୍ଦ୍ର
ଜଗତେ କରିଛେ ନାଁ ।
ଭଲ ଲେଖିକରି ମେହେର ଗଙ୍ଗାଧର
ଆମର ରଖିଚେ ନାଁ ।।

ଭକ୍ତ ପ୍ରହଲ୍ଲାଦ ଧର୍ମପଦ ଯେ
ଇତିହାର ଗଲେ ଲେଖି ।
ସାନ ହେଲେ ବି ମହାନ ଦାନ କେ
ସିଘା ନ ଦେଇଚନ ରଖି ।।

ଆଝିରର ଯୁଗେ ବି କବି ହଲଧର
ସିଆନ ଭିତରେ ଝନେ ।
ମାଟି ମା ର ଗୁନ କାଗଜେ ଲେଖି
ସମ୍ମାନିତ ସବୁଠାନେ ।।

ଯାଲ୍ଲେଏ, ସୁବର୍ଣ୍ଣପୁର-୧୮

ISSN NO.
2582-208X

# କୋଶଲ ରାଇଜର
# ଆମେ ଛୁଆ



କୁମର ଲାଲ ରଣା

କୋଶଲ ଭୂଇଁନେ ଆମର ଜନମ
ଆମର ମାଏଟ ସୁନା ।
କୋଶଲ ରାଇଜର ଛୁଆ ପୁତା ଆମେ
ଆମର ନାଇଁ ହୁଏ ଊନା ।
ନାଇଁ ଭୁଲୁ ଆମେ ମାଇଟ ମା କେ
ହଉ ଥିମା ନୂଆ ନୂଆ ।
କୋଶଲ ମାଏଟର ରକ୍ତେ ଆମେ
କୋଶଲ ରାଇଜର ଛୁଆ ।
ମା କାଂଦୁଛେ କର୍ଲେଇ ହେଇ
ବୁହୁ ଛେ ଆଖିନୁ ଧାର
ତାର ଲାଗି ଆମର ଜୀବନ ଜୀବକା
ଜସନେ ରହୁଛେ ହାର
ତାର କୋଳେ ବୁହେ ଝରନା ପାଏନ
ଝର ଝର କରି ଆସି
ଝଲସି ଯଉଛେ ନଦୀର ଝର
ନଏଦ ମେତାନ ଭାସି ।

ISSN NO.
2582-208X

ହରିଶଙ୍କର ଆମର ପୁରୁଖା ତିରିତ
ଗହଳି କରୁଛେ ମାଟି ।
ନୃସିଂହ ନାଥନେ ବଡ଼ା ଗହଳି
ଧଏଁନ ମା ତୋର ସୃଷ୍ଟି ।
ମା ସମଲେଇ ପୁରୁଖା ଦେବୀ
ମାଟିର ଯଶର ତାରା
ବଢ଼େଇ ଦେଉଛେ ରାଇଜ କେ ଆମର
ଧଏନ ମା ତୁଇ ହୀରା ।

କୋଶଳ ମାଟିର ଛୁଆ
ନୂଆପଡ଼ା

ମଇ – ୨୦୨୨
www.vedantimagazine.com
ISSN NO. 2582-208X

# ଯିବାର୍ ବେଲେ



ଶଶିକାନ୍ତ ମେହେର

ଲୋକ୍ ତୋର୍ ବାଟେ ଭି
ଭିଡ୍ ଜମେଇ ଥିବେ !
ଲୋକ୍ ମୋର୍ ବାଟେ ଭି
ଭିଡ୍ ଜମେଇ ଥିବେ !

ହେଲେ ତୋତେ ନୂଆ ଜୀବନ୍ ଆରମ୍ କର୍ବୁ ଯେ
ଶୁଭ୍ କାମ୍ନା ଦେଉଥିବେ !
ଆର୍ ମୋର୍ ଜୀବନ୍ କେ ଆରାମ୍ ମିଲୁ ବଲି
କେତେ ଗୁହାରୀ କରୁଥିବେ !

ହଁ ହଲ୍ଦୀ ତତେ ଭି ଲଗେଇଥିବେ ,
ହଲ୍ଦୀ ମତେ ଭି ଲେଗେଇଥିବେ !
ତୋର୍ ସେ ହଲ୍ଦି ମଖା ମୁହୁଁକେ
କେତେ ଲୋକ୍ ଫଟୁ କରୁଥିବେ !
ଆର୍ ମୋର୍ ହଲ୍ଦି ମଖା ମୁହୁଁକେ
ଯେତେ ଜଲ୍ଦୀ ହେବା ଢାପିଦେବେ !

ISSN NO.
2582-208X

ହଁ ତୁଇ ଗୁଟେ ଅଲଗ୍ ଘର୍ ଯିବୁ ଜେ
ତୋର୍ ଘରର୍ ଲୋକ୍ କାନ୍ଦୁଥିବେ !
ହେଲେ ମୁଇଁ ଜେନ୍ ଯିମି ଆର୍ ନାଇ ଫିରେ
ଭାବ୍ ମୋର୍ ଘରର୍ ଲୋକ୍ କେନ୍ତା ହେବେ !

ଜମଲା, ପଦମପୁର, ବରଗଡ଼ ,
ମୋବାଇଲ୍ ନମର୍ - ୮୦୧୮୧୬୮୯୬୮

ISSN NO.
2582-208X


# ପିଠାଖିଆର୍ ଫଲ୍



ଶ୍ୟାମସୁନ୍ଦର କୁମ୍ଭାର

ଚିଥଲ୍ ପୁର୍ ଗାଁନେ ଟିଂଗୁର୍ ଘର୍ । ଇ ପରିବାର ଗୁଟେ ଗରିବ୍ ପରିବାର୍ । ତାକର୍ ସଂପତ୍ତି ବଏଲେ କେବଲ୍ ରାସନ୍ କାର୍ଡ଼ ଗୁଟେ । ଦୁଃଖ୍ ଭୁତି କରି ଯାହା କମାସନ୍ ଆର୍ ମାସ୍ ପୁରୁଲେ ଇ ରାସନ୍ କାର୍ଡ଼ଥି ଯାହା ଚଉଲ୍ ପାଏସନ୍ ହେଥି ତାକର୍ ପରିବାର୍ ଚଲ୍ସି । ସତ୍ କହେବାକେ ଗଲେଁ ଲେଡ଼ି ନି ଚଲ୍ଲେଁ ତାକର୍ ଠୁଁଡ଼ି ନି ଚଲେ । ସେ ଧନୀ ହଉ କି ଗରିବ୍, ପିଲା ଯୁଆନ୍ ହେଲେଁ ବିହାଚୂରା ହେଇକରି ଗୁଟେ ସୁଖି ପରିବାର୍ ଗଢ଼ବାର୍ ସବ୍କର୍ ସପନ୍ ।

ଟିଂଗୁ ଭି ହେନ୍ତା ସପନ୍ ଦେଖି ଟିକ୍ରୁପାଲିନୁ ତାକର୍ ବାଗିର୍ ଗୁଟେ ଗରିବ୍ ପରିବାରନୁ ରଏବାରିକେ ବିହା ହେଲା । ଭୋକ୍ ଶୋକ୍ ଯାହାବି ଆସ୍ଲେଁ ସବୁକେ ସାମ୍ନା କରି ଦୁହିଝନ ମିଲିମିଶି ଖୁସିରେ ରହେଲେ । କିଛିଦିନ୍ ଗଲା, ରଏବାରି ଦେହେ(Pregnant ) ରହେଲା । ଯେତେବେଳେ ତାର୍ ଦେହେ ରହେବାର୍ ପାଂଚ୍ ମାସ୍ ହେଲା, ରଏବାରିର୍ ବାପ୍ ଘରର୍ ଲୋକ୍ ପିଠା ଖୁଏଇ ଆଏମୁଁ ବଏଲେ । ଇ କଥା ଶୋର୍ ପାଏଲା ଟିଂଗୁର୍ ଅଜା ବୁଢ଼ା ଭଟ୍କୁ ।

ଟିଂଗୁକେ କହେଲା ହଏରେ ନାତି ପିଠାଖିଆ ନି କର୍ । ଇଟା ଗୁଟେ ଫାଲ୍ତୁ ଖର୍ଚା ଏ, ପିଠାଖିଆଥି ଯେନ୍ ଦୁଇ ପଏସା ଖର୍ଚା କର୍ବୁ ହେଟା ଥିଲେ ଭୂଆସେନ୍ ପିଲାଡି ହେଲା ବେଲେ ଲାଗ୍ବା ।

ISSN NO. 2582-208X

ଭଟ୍କୁ ଯେନ୍ତା ଇ ପିଠାଖିଆକେ ମନାକଲା ତାହାକେ ଚିଂଗୁ ଆର୍ ରଏବାରି କେତ୍ନିକେତେ ହୁଡ଼ାକୁଦା, ଧୁର୍ଧୁର୍ ମାର୍ମାର କଲେ, ଖାଏବାକେ ନି ଦେଲେ ଆର୍ ଘରୁ ଖେଦି ଦେଲେ । ବୁପୁରା ଭଟ୍କୁ ଗାଁନେ ମାଗିଯାଁଚି କରି ଖାଏଲା ଆର୍ ଗାଁର୍ କମିଟୀ ସେଣ୍ଟର୍ ବାରଣ୍ଡା ନେ ଦିନ୍ କାଟ୍ଲା ।

ସେଆଡ଼େ ରଏବାରିର୍ ମାଆ ଘରର୍ ଲୋକ୍ ତାକର୍ ଘରେ ଯାହା ସାମାନ୍ ପତର୍ ଥିଲା ଗହନା କଲେ ଆର୍ ପିଠାପନା ତିଆର୍ କଲେ, ଅନେକ୍ କିସମ୍ ର ମିଠା ଘିନ୍ଲେ । ବୋଲେର୍ ଭଡ଼ା କର୍ବାକେ ପଏସା ନି ପୁର୍ଲା, ଶେଷେ ତାକର୍ ରାସନ୍ କାର୍ଡ଼ ଗହନା କଲେ ।

ଇଆଡ଼େ ଚିଂଗୁ ଇଜତ୍ ମହତ୍ କେ ଦେଖିକରି ପିଠା ଖିଆକେ ମନାକରି ନି ପାରି ସିନେ । ଯେନ୍ମାନେ ପିଠା ଖୁଏଇ ଆଏବେ ତାକର୍ ଚର୍ଚା କର୍ବାର ତ ନିହାତି ଦର୍କାର । ଘରେ ସାଜୋବାଜୋ ଯାହାଥିଲା ଆର୍ ରାସନ୍ କାର୍ଡ଼କେ ଗହନା କଲା । କୁନୁଆ ମାନ୍କର୍ ଲାଗି ଭଲ୍ ବୁଢ଼ାସମର୍ ଚଉଲ୍ ଦୁଇ ପକେଟ୍,ବନେ ଲସ୍ ଲସା ମ୍ଖେଲ। ପଟେ ଘିନ୍ଲା । ତାର୍ ଶସୁର୍ ଘର୍ ଲୋକ୍ ପିଠା ଖୁଏଇ ଆଏଲେ, ବଢ଼େ ଧୁମ୍ ଧାମ୍ ରେ ଭୁଜି ହେଲା ।

ଏତେଟେ ଖର୍ଚା କରିଦେଲା ସିନେଚିଂଗୁ, ରଏବାରି ଖାଏବାକେ କେନ୍ କଁଚା ଡୁନ୍ ଶାଗ୍ ଟିକେ ନି ମିଲଲା କି ଭିଟମିନ୍,ପ୍ରୋଟିନ୍ କିଛି ନି ମିଲଲା । ଶେଷ୍କେ ରଏବାରି କମଜୁରି ହେଇଗଲା ।

ଦଶ୍ ମାସ୍ ହେଲାକି ରଏବାରି କେ ପିଲାତି ଦୁଃଖ୍ ଆସଲା । ୧୦୨ ଆମ୍ବୁଲାନ୍ସଥି ରଏବାରିକେ ଡାକ୍ତର୍ ଖାନା ନେଲା ଚିଂଗୁ । ଡାକ୍ତର୍ ରଏବାରିକେ ଯାଂଚ୍ କଲେ ଆର କହେଲେ ରଏବାରିର୍ ହିମୋଗ୍ଲୋବିନ୍ ପାଂଚ୍ ପଏଣ୍ଟ ଅଛେ । ତାକେ ସିକ୍ଲିଂଗ ଆର୍ ଜଣ୍ଡିସ୍ ହେଇଛେ ଇତାକେ ରକତ୍ ଲାଗ୍ବା ଜଲ୍ଦି ଇ ମେଡ଼ିସିନ୍ ସବୁ ଆନ ଆର୍ ରକତ୍ ଯୁଗାଡ଼ କର ବୋଲି ଗୁଟେ ଚିଠା ଲେଖିକରି ଚିଂଗୁକେ ଧରେଇ ଦେଲେ । ଚିଂଗୁର୍ ମୁଡ଼େ ଅକାଲ୍ ଚଡ଼କ୍ ପଡ଼୍ଲା ବାଗିର୍ ଲାଗ୍ଲା । ତାର୍ ପାହା ତଲୁ ପୁର୍ଥି ଖଁସ୍ରି ଗଲା ମେତାନ୍ ଲାଗ୍ଲା । ତାର୍ ଯାହା ସାଇପୁଞ୍ଜି ଥିଲା ସବୁତ ପିଠା ଖୁଆଥି ସାରି ଦେଇଛେ, ହାତେଁ କାଁଣିକଉଡ଼ିଟେ ନିନ ।

ISSN NO.
2582-208X

ଶେଷେ ତାର୍ ଶଶୁର୍ ଘର୍କେ ଫୁନ୍ କଲା । ସେମାନେ କହେଲେ ଆମର୍ ଯାହାଥିଲା ସବୁତ ପିଠା ଖୁଆଥି ସାର୍ଲୁ ଆର୍ କେହିଁ ପାଏମୁ ଯେ ତମ୍କୁ ଦେଇପାର୍ମୁ ।

ଇଆଡ଼େ ବେଲୁ ବେଲ୍କେ ଉଷୋକସା ନି ପାଇକରି ରଏବାରିର୍ ଅବସ୍ଥା ସିରିଏସ୍ । ପିଲାଛୁଆଟେ ଜନମ୍ କଲା ଆର୍ ରଏବାରି ରକତ୍ ଅଭାବେଁ ମରିଗଲା । ଯେନ୍ ଛୁଆଟା ଜନମ୍ ହେଲା ଅପପୁଷ୍ଟି ହେଇଥିଲା, କିଛି ସମିଆଁ ଉତ୍ତାରୁ ଛୁଆଭି ମରିଗଲା । ପଏସା ପତର୍ ଅଭାବ୍ ଲାଗି ରଏବାରିର୍ ଚକିତ୍ସା ହେଇ ନି ପାର୍ଲା, ଚିଂଗୁର୍ ସଂସାର୍ ଭାସିଗଲା ।

ତାର୍ ଅଜାବୁଢ଼ା ଭଟ୍କୁର୍ କଥା ସୋର୍ କଲା ଚିଂଗୁ ,ବୁଢ଼ାକେ ଯେନ୍ ଦୁଃଖ୍ ଦେଇଛେ ନିଜର୍ ଦୋଷ୍କେ ନିଜେ ବୁଝି ପାର୍ଲା ।ବୁଢ଼ାର୍ କଥା ମାନିଥିଲେ ତାର୍ ସଂସାର୍ ନି ଭାଷି ଥିତା ବୋଲି ପସ୍ତେଇ ହେଇ ତାର୍ କଲା କର୍ମକେ ନିନ୍ଦି ବୁଢ଼ାର୍ ନିକେ ଗଲା ଆର୍ ବୁଢ଼ାର୍ ଦୁହି ପାହାକେ ଧରି ମୁଡ଼ିଆ ମାରି ଛୁଆକର୍ ବାଗିର୍ ହେକେଇ ହେକେଇ କାନ୍ଦୁଥିଲା ।

ସନ୍ଧିବାହାଲ
ଗାଇସିଲେଟ, ବରଗଡ଼

ମଇ - ୨୦୨୨
ISSN NO. 2582-208X
www.vedantimagazine.com

# ବାସି ପଖାଲ୍



ଦେବାର୍ଚ୍ଚନ ମେହେର

ସାନ୍ ନୁ ବଡ଼ ସମ୍ କର୍
ପ୍ରିୟ ଆଏ ବାସି ପଖାଲ୍,
ସକାଲୁ ଖାଇ କୃଷକ ଭାଇ
ଖୁସି ମନେ ଖେତ୍ କେ ଜାଏସି ଧରି ହଲ୍ ନଙ୍ଗଲ୍।।

ବାସି ପଖାଲ୍ ନୁନ୍ ମିର୍ ଚା
ପାଟି କେ ଲାଗ୍ ସି କେତ୍ ନି ସ୍ୱାଦ,
ଆମ୍ବ ଚଟନି ସାଙ୍ଗେ କେନ୍ତା ମଜା
ଖାଇ ଦେଲେ ଖୁରେ ଲାଗସି ନିଦ୍।।

ଖରା ମାସର୍ ବାସି ପଖାଲ୍
କେତେ ଲାଗ୍ ସି ଜୀବନ୍ କେ ଅମୃତ୍ ସତେ,
ତତେ ଯେ ଖାଇଛେ ସେ ସିନେ ଯାନିଛେ
ନାଇଁ ପାସରି ପାରେ କେଭେ ମନୁ ତାହାର ତତେ।।

କାହିଁ ଚିକେନ୍, କାହିଁ ମୋଟନ୍
କାହିଁ ସେ ବିରିୟାନୀ,
ବାସି ପଖାଲ୍ ଭାତେ ଯେନ୍ ମୋହନି ଅଛେ
ତୁମେ ସେଟା କାହିଁ ପାରବ ଜାଣି।।

ISSN NO.
2582-208X

ଖରା ଦିନେ ଖରା ନାଇଁ ବାଧେ
ଖାଇ ଦେଇଥିଲେ ବାସି ପଖାଲ୍,
ଯେତ୍ କି ତୁନ୍ ଶାଗ୍ ଖାଏଲେ ଭିଲ୍
ବାସି ପଖାଲ୍ ର ତଳ।।

ଗ୍ରାମ – ବାପୁଜୀନଗର
ଜିଲ୍ଲା – ବୌଦ୍ଧ
ମୋ – ୭୮୯୪୩୪୩୫୫୨

ISSN NO.
2582-208X

# ମୋ ଆଦି ବି ତୁ ଗୋ



ଦିନେଶ ମେହେର

ମୋ ଅନ୍ତ ବି ତୁ ଗୋ
ମାଁ!
ମୋ ଜୀବନ ତିମିର କୁ ଭେଦି
କ୍ଷୁଦ୍ର ଜୀବକୁ ମୋର
ତୋ ଚରଣ ତଳେ ଆଶ୍ରା ଦେଇଛୁ,
ବିପଦ ର ବନ୍ୟା ଯେବେ
ମୋ ଭାଗ୍ୟର ନଇ କୁ
ଭୀତତ୍ରସ୍ତ କରେ ମାଁ,
ସେଇ ବେଳା ରେ ତୋ କରୁଣା
ପ୍ରାପତ କରି,
ଭୀତକୁ  ଦିଏ ଦୂରେଇ।
ମାଁ କେତେ ନାମେ
କେତେ ଧାମେ
ବିରାଜିଛୁ ଏହି ମହି ମଣ୍ଡଳେ
ମାଣିକେଶ୍ୱରୀ ନାମେ ଭବାନୀ ପାଟଣେ,
ସମଲେଇ ନାମେ ସମ୍ବଲପୁରରେ,
ସାରଳା ନାମେ ଝଙ୍କଡ଼ ରେ,
ମଙ୍ଗଳା ନାମେ କାକଟ ପୁରେ,
କି ଗାଥା ଗାଇବି ମାଁ

ISSN NO.
2582-208X


ମୁଁ ଯେ ଆଜନ୍ମ ମୂର୍ଖ,
ଛାୟା ମାୟା ତୋର
କି ଭାବେ ପାରିବି ବୁଝି।
ଚଇତି ପୁନେଇ ପାହାନ୍ତା ରେ
ତୋର ଯେ କେତେ ଯାନି ଯାତରା
କେତେ ଭକତ ପୂଜା ପାଇ
ତୁ ଯେ ଦେଉଳେ ବିରାଜିଛୁ
ଆନନ୍ଦ ସହକାରେ,
ଦୁନିଆ କୁ ଦେଖୁଛୁ ଆଖି ଖୋଲି
ତେବେ ଦେଖି ଯା ଥରେ,
ଦିଶୁନାହିଁ କି ତତେ ଏ ପାପର ମହୀ ?
ପାପର ଭାର କେମିତି ସହିବ
ଏହି ଧରଣୀ ରାଣୀ।
ନିର୍ମମ ମାନବ ଚକ୍ରାନ୍ତେ
ନିର୍ଦ୍ଦୋଷ ହୋଇ ଯାଏ ଦୋଷୀ,
ବିନା ଦୋଷେ ତା ମୁଣ୍ଡେ
ବୋଳି ହୋଇ ଯାଏ କଳଙ୍କ,
ମାଁ!
ପୁଣି କେବେ ଅବତରିବୁ
କେବେ ମହିଷାମର୍ଦ୍ଦିନି ସାଜି
ମହିଷାସୁର ରୂପୀ ନରକୁ ତରିବୁ।

ପଳାସ, ଜୁନାଗଡ଼,
କଳାହାଣ୍ଡି -୭୬୬୦୨୩

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ତୁମର ଖଟା ମୋର ମିଠା



ଡ଼ଃ ରଞ୍ଜିତ କୁମାର ସାହୁ

ରୂପାଲି ନିଜର ହାତରେ ଥିବା ଲଙ୍କା ଲୁଣ ଗୁଣ୍ଡଟିକୁ ବଢ଼େଇଦେଲା ସୋନାଲି ଆଡ଼କୁ ।

"ଓଃ କି ଖଟା, ଭଲ ହେଇଛି ତୁ ଲୁଣ ଲଙ୍କା ଗୁଣ୍ଡ ଟିକେ ଆଣିଛୁ, ଏବେ ମଜା ଆସିଯିବ," ସୋନାଲି କହିଲା ଆଉ ସେହି ଗୁଣ୍ଡକୁ ଲଗେଇ ହାତରେ ଥିବା କରମଙ୍ଗାଟିକୁ ଖାଇବାକୁ ଲାଗିଲା ।

"କିନ୍ତୁ ତୋର କରମଙ୍ଗା ସବୁ ଏତେ ଖଟା କେମିତି ହେଲା? ମୋର ଗୁଡିକ ତ ଭଲ ମିଠା ଲାଗୁଛି?" ରୂପାଲି ପଚାରିଲା ।

"କକା କହୁଥିଲେ, କରମଙ୍ଗା କୁଆଡେ ଦୁଇ ପ୍ରକାରର ଥାଏ, ଗୋଟିଏ ଛୋଟ ଆକାରର ଆଉ ଖଟା ଲାଗେ ଆଉ ଅନ୍ୟଟି ବଡ ଆକାରର ଆଉ ମିଠା ଲାଗେ," ସୋନାଲି କହିଲା ।

"ହଁ ହେଇଥିବ । ବୋଧହୁଏ ଏହି ଦୁଇଟି ଗଛ ଭିନ୍ନ, ତେଣୁ ତୋର କରମଙ୍ଗା ଗୁଡ଼ିକ ଖଟା ଆଉ ମୁଁ ତୋଳିଥିବା ଗୁଡିକ ମିଠା ଲାଗୁଛି," ରୂପାଲି କହିଲା ।

"କିନ୍ତୁ ଏହି ଖଟା କରମଙ୍ଗା ଟି ଅଧିକ ସୁଆଦିଆ ଲୁଣ ଲଙ୍କା ସହିତ," କହୁ କହୁ ସୁ ସୁ କରି ଖାଇବାକୁ ଲାଗିଲା ସୋନାଲି ।

ଧୂ ଧ ଖରା ବେଳଟାରେ, ବିଜୁଳି ନଥିବାରୁ ଘରେ ରହିବା ପ୍ରାୟ ଅସମ୍ଭବ ହେଇଗଲା । ଆଉ କଣ ଆଗ ଭଳି ଚାଳ ଛପର ଘର ଅଛି ଯେ ଠିକିଏ ଥଣ୍ଡା ଲାଗିବ ! ଛାତରୁ ତ ଯେମିତି ନିଆଁ ବର୍ଷା ହେଉଛି, କଂକ୍ରିଟ ତାତିକି । ଅଜା ନିଜର ପାକୁଆ ପାଟିରେ ଆଉ ଅସ୍ୱଷ୍ଟ ଭାଷାରେ କହି ସାରିଛନ୍ତି, "କୁଆଡେ ଯାଅ ନାହିଁ ବାହାରକୁ । ପଖାଳ ଖାଇକି ଘରେ ରୁହ ଆଉ ଶୋଇ ପଡ ।"

କିନ୍ତୁ ଘରେ କେତେ ସମୟ ଆଉ ବସି ହେବ ଏମିତି ଗରମରେ? ଗାଆଁ ଗଣ୍ଡା ରୁ ମଧ୍ୟ ଗଛ ସବୁ କଟା ହେଇ ସାରିଲାଣି । ଖାଲି ଯାହା ପୁରୁଣା ତୋଟାଟିଏ ଅଛି ଯେଉଁଠି ଅଳ୍ପ କିଛି ଗଛ ବାକି ଅଛି ତାହା ମଧ୍ୟ, ସେଗୁଡିକ ତୋଟା ମଝିରେ ଥିବା ଛୋଟ ମନ୍ଦିରକୁ ଲାଗିକି ରହିଥିବାରୁ ।

ସୋନାଲି ଆଉ ରୂପାଲି ଚାଲି ଯାଇଥିଲେ ତୋଟାରେ ଗଛ ଛାଇରେ ବସି କିଛି ସମୟ ଆରାମ କରିବାକୁ ।

ରୂପାଲି ଜାଣିଥିଲା, ଖରା ଦିନେ ତୋଟାରେ ଥିବା ଦୁଇଟି କରମଙ୍ଗା ଗଛରେ ପ୍ରଚୁର ଫଳ ହୁଏ । ତେଣୁ ସାଥିରେ କିଛି ଲୁଣ ଆଉ ଲଙ୍କା ଗୁଣ୍ଡ ଧରି ଆସିଥିଲା ।

କିଛି କରମଙ୍ଗା ତୋଳିକି ଦୁହେଁ ଗଛ ମୂଳେ ବସି ଗପସପ ହେବାକୁ ଲାଗିଥିଲେ ।

"ଯାହା ହେଉ ଏହି ଖରା ଦିନରେ ଏହି ଗଛଟି ଗହଳ ପତ୍ରରେ ଭରିକି ଅଛି ଆଉ ଛାଇ ମଧ୍ୟ ଦେଉଛି," ରୂପାଲି କହିଲା ।

"କକା କହୁଥିଲେ, ଏହି ଗଛ ଆଜି କାଲି ପୃଥିବୀର ବିଷୁବୀୟ ଅଞ୍ଚଳରେ ଥିବା ଅନେକ ଦେଶରେ ଲଗା ହେଲାଣି କିନ୍ତୁ ଏହା ଦକ୍ଷିଣ ପୂର୍ବ ଏସିଆରେ ଯଥା ମାଲେସିଆ ଇଣ୍ଡୋନେସିଆ ଅଞ୍ଚଳରେ ପ୍ରଥମେ ଏକ ଫଳ ଗଛ ଭାବେ ଚିହ୍ନଟ ହେଇଥିଲା," ସୋନାଲି କହିଲା । ପୁଣି ମନ୍ତବ୍ୟ ଦେଲା, "କକା ମଧ୍ୟ କହୁଥିଲେ ଏହାକୁ ଅଧିକ ଖାଇବା ଭଲ ନୁହେଁ କାରଣ ଏଥିରେ ଯେଉଁ ରସାୟନ ଅଛି ତାହା ବୃକକ ପ୍ରତି ହାନିକାରକ ଏବଂ ବୃକକରେ ପଥର ସୃଷ୍ଟି କରେ । ସେହି ରସାୟନ ଯୋଗୁଁ ମଧ୍ୟ କରମଙ୍ଗା ଖଟ୍ଟା ଲାଗେ," ସୋନାଲି କହିଲା ।

"କିନ୍ତୁ ମୁଁ ତ ପଢ଼ିଥିଲି, ଏଥିରେ ମଧ୍ୟ ଅନ୍ୟ ଖଟ୍ଟା ଫଳ ଭଳି ଭିଟାମିନ ସି, ତନ୍ତୁ, ଆଉ ଅନେକ ଧାତୁ ଅଛି ଯାହା ହିତ କାରକ," ରୂପାଲି କହିଲା ।

"ସବୁ ଖାଇ ହେଉଥିବା ଫଳ ଉପକାରୀ କିନ୍ତୁ ହୁଏତ ଏହାର ମାତ୍ରା କମ କରିବାକୁ ପଡ଼ିବ ଏହି ରସାୟନ ଯୋଗୁଁ। ମୁଁ ଦୁଇଟା ଖଟ୍ଟା କରମଙ୍ଗା ଖାଇ ସାରିଲି, ଆଉ ଖାଇବିନି, ଏଥର ତୋର ମିଠାଟିରୁ ଗୋଟିଏ ଖାଇବି," କହିଲା ସୋନାଲି ଆଉ ରୂପାଲି ତୋଳିଥିବା କରମଙ୍ଗାରୁ ଗୋଟିଏ ଖାଇବାକୁ ଲାଗିଲା ।

ISSN NO.
2582-208X


"ଫଳ ଯାହା ହେଉ ନ ହେଉ, ଗଛଟେ ଛାଇ ତ ନିହାତି ଦେଇଥାଏ ଏହି ଧୁ ଧୁ ଖରା ବେଳେ, ଭାବି ଦେଖିଲୁ ଏହି ଗଛ ଗୁଡିକ ନଥିଲେ ଆମେ ଏହି ଖରା ବେଳଟାରେ କୁଆଡେ ଯାଇ ଥାଆନ୍ତେ ?" ରୂପାଲି କହିଲା ।



"ହଁ ତେଣୁ ଏହି ବର୍ଷ ବର୍ଷା ଦିନ ହେଲେ ଆମେ ସମସ୍ତଙ୍କୁ କହି କିଛି ଗଛ ଲଗେଇବା ଯେଉଁଠି ସମ୍ଭବ। ଗଛଟିଏ ସବୁ ବେଳେ ଉପକାରୀ, ଫଳ ଦେଉ ଅବା ନ ଦେଉ," ସୋନାଲି କହିଲା" । ଆଉ ପ୍ରତି ବର୍ଷ ଲଗେଇବା, ସେହି ବନମହୋତ୍ସବ ଭଳି ନୁହେଁ, ପ୍ରକୃତରେ ଆମ ପରିବେଶ କୁ ଭଲ କରିବାକୁ ।"

"ତୋର ମନେ ଅଛି ଜାଗା ଭାଇ କେମିତି ଥରେ ଗଛ ସବୁ ଲଗେଇଥିଲା ଆଉ ଗାଁ ଲୋକ ତାକୁ ଜାଳେଣି କାଠ କରିଦେଇଥିଲେ ? ରୂପାଲି ପଚାରିଲା ।

"ନା ଏଥର ଆମେ ଆମର ବିଜ୍ଞାନ ସାରଙ୍କୁ ପ୍ରଥମେ କହିବା ସିଏ ଗାଆଁ ଲୋକଙ୍କୁ ପରିବେଶ ବିଷୟରେ ବୁଝେଇବେ ଆଉ ଏହି ପାଣି ପାଗ ଆଉ ଜଳବାୟୁ ପରିବର୍ତ୍ତନ ବିଷୟରେ କହିବେ ଯେମିତି ଆମକୁ ପରିବେଶ ବିଷୟରେ ପଢେଇଲା ବେଳେ କହିଥିଲେ । ହୁଏତ ତା ପରେ ଲୋକ ମାନେ ଆଉ ଗଛ କୁ ଏମିତି କାଟିବେନି ବିନା କାରଣରେ," ସୋନାଲି କହିଲା।

ରୂପଲି ମୁଣ୍ଡ ଟୁଙ୍ଗାରି ହଁ ଭରିଲା । ଦୁହେଁ କରମଙ୍ଗା ଗଛର ଛାଇରେ ବସି ଆରମ୍ଭ କରିବାକୁ ଲାଗିଲେ ।

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# କାଠ ଖୁମ୍ପା ଚଢ଼େଇ



ନୀଳମାଧବ ସାହୁ

ଆଜି ସକାଳୁ ସକାଳୁ, ଘର ପଛ ବାଡିରୁ ଠକ୍ ଠକ୍ ଶବ୍ଦ ଶୁଣାଯାଉଛି । କିଏ ବାଡ଼ିରେ ଥିବା ଗଛକୁ କାଟୁଛି, ନା ଆଉ କଣ ହୋଇଥାଇପାରେ । ଏହାର କାରଣ, ସଞ୍ଜୟ ସେଜରେ ଶୋଇ ରହି ଭାବୁଥାଏ । ବହୁତ ସମୟ ଧରି ଏହିପରି ଶବ୍ଦ ଆସିବା ପରେ, ସେ ବାଡ଼ିକୁ ଯାଇ ଅନୁଧ୍ୟାନ କଲା। କିଛି ସମୟ ପରେ ସେ ଗୋଟିଏ ପକ୍ଷୀଟିକୁ ଦେଖିଲା, ଯେ କି ବାଡ଼ିରେ ଥିବା ଗଛକୁ ଖୁମ୍ପୁଥିଲା ।

ସଞ୍ଜୟ ତ ଆଠ ନଅ ବର୍ଷର ପିଲାଟା ସେ ପକ୍ଷୀ ବିଷୟରେ ବିଶେଷ କିଛି ଜାଣିନଥିଲା। ଶୀଘ୍ର ଯାଇ ତା ମାଆଙ୍କୁ ଡାକି ଆଣିଲା ଓ ସେହି ପକ୍ଷୀଟିକୁ ଦେଖାଇଲା । ମାଆ ସେ ପକ୍ଷୀଟିକୁ ଚିହ୍ନିଲେ ଓ କହିଲେ ଏଇଟା ବ୍ଲାକ୍ ରମ୍ପେଡ୍ ଫ୍ଲେମ୍ ବ୍ୟାକ୍ । ଏହାର ବୈଜ୍ଞାନିକ ନାମ ଡିନୋପିୟମ୍ ବେଙ୍ଗାଲେନ୍ସ ଓ ଓଡ଼ିଆରେ ଏହାକୁ କାଠ ଖୁମ୍ପା ବୋଲି କହନ୍ତି । ପକ୍ଷୀଟା ଦେଖିବାକୁ ଉପର ଭାଗ ସୁବର୍ଣ୍ଣ ହଳଦିଆ ରଙ୍ଗର ଓ ତଳ ଭାଗଗୁଡିକ ଗାଢ ମାର୍କିଂ ସହିତ ଧଳା ଏବଂ କଳା ରଙ୍ଗ ରହିଛି । ଧଳା ରଙ୍ଗରେ ସୂକ୍ଷ୍ମ ଭାବରେ ଚିହ୍ନିତ କଳା ଗଳା ଏହାକୁ ଭାରତୀୟ ଅଞ୍ଚଳର ଅନ୍ୟ ସୁବର୍ଣ୍ଣ ରଙ୍ଗର କାଠ ଖୁମ୍ପା ଠାରୁ ପୃଥକ କରେ । ପକ୍ଷୀଟିର ଏକ କଳା ଥଣ୍ଟ ଥିବା ସହ ଗଳା ଓ ମୁଣ୍ଡ ଧଳା ରଙ୍ଗ ଏବଂ ଧୂସର ରଙ୍ଗର ଆଖି ପ୍ୟାଚ୍ ରହିଛି । ଅଣ୍ଡିରା ପକ୍ଷୀର ଏକ ନାଲି ମୁକୁଟ ଏବଂ କ୍ରେଷ୍ଟ ବି ଥିବାର ଦେଖାଯାଏ ।

ସଞ୍ଜୟ ପ୍ରଥମ ଥର ସେହି କାଠ ଖୁମ୍ପା ଚଢ଼େଇ ଦେଖି ବହୁତ ଖୁସି ହେଲା । ମାଆଙ୍କଠୁ ପକ୍ଷୀର ସମ୍ପୂର୍ଣ୍ଣ ବୃିସ୍ତ ତିଜାଣିସାରି ସଞ୍ଜୟ ସେହି ପକ୍ଷୀଟିକୁ ଠିକ ଭାବେ ଦେଖି ତାର ନାମ ମନେ ରଖିଦେଲା । କିନ୍ତୁ ଏବେ ବି ସେ ପକ୍ଷୀ ବିଷୟରେ ସେ ବହୁତ ସାରା ପ୍ରଶ୍ନ ତା ଭିତରେ ଉଙ୍କି ମାରୁଥାଏ । ତା ପର ଦିନଠୁ ସେ ସବୁ ଦିନ ସକାଳେ ଉଠିସାରି ବାଡ଼ିରେ

ISSN NO.
2582-208X

କେଉଁ ପକ୍ଷୀ ଅଛି ଆଉ କଣ କରୁଛି, ତାହା ଦେଖିବାକୁ ଚାଲିଯାଉଥିଲା । ପୁଣି କିଛି ସମୟ ପରେ ଘରକୁ ଆସି ନିଜ କାମ ଓ ପାଠପଢ଼ାରେ ସମୟ ଅତିବାହିତ କରୁଥିଲା ।

ଦିନେ ବିଦ୍ୟାଳୟରେ ସଞ୍ଜୟ ସେହି କାଠ ଖୁମ୍ପା ଚଢେଇକୁ ଦେଖିଲା ଓ ଶିକ୍ଷକଙ୍କୁ କହିଲା । ସେହି ପକ୍ଷୀ ବିଷୟରେ ଉଙ୍କି ମାରୁଥିବା ପ୍ରଶ୍ନ ସବୁ ମଧ୍ୟ ଶିକ୍ଷକଙ୍କୁ ପଚାରିଦେଲା । ଶିକ୍ଷକ ବି ସେ ପକ୍ଷୀ ବିଷୟରେ ସବିଶେଷ ଜାଣିବାକୁ ଚାହିଁଲେ, ପାଠାଗାରରେ ଥିବା ଭାରତର ପକ୍ଷୀ ବିଷୟରେ ଏକ ପୁସ୍ତକ ଆଣି ଦେଖିଲେ ଓ ସଞ୍ଜୟକୁ ସବୁ ପ୍ରଶ୍ନର ଉତ୍ତର ଦେଲେ ।

ସଞ୍ଜୟ : ଏହି ପକ୍ଷୀଟି କେଉଁ କେଉଁ ସ୍ଥାନରେ ଦେଖାଯାଏ ?



ଶିକ୍ଷକ : ଏହି ପକ୍ଷୀଟି ଭାରତରେ ଦେଖାଯିବ ସହ ପାକିସ୍ତାନ, ନେପାଳ, ଭୁଟାନ, ମିଆଁମାର, ବାଂଲାଦେଶ ଓ ଶ୍ରୀଲଙ୍କାରେ ଦେଖାଯାଏ । ଏହି କାଠ ଖୁମ୍ପା ଚଢେଇ କ୍ରାନ୍ତୀୟ ଶୁଷ୍କ ଜଙ୍ଗଲ, ପାର୍ବତୀୟ ଜଙ୍ଗଲ ଓ ଜନବସତିରେ ଥିବା ଗଛରେ ମଧ୍ୟ ବସବାସ କରନ୍ତି । ଏମାନଙ୍କ ବସା ମୁଖ୍ୟତଃ ଗଛରେ ଥିବା ଗାତ ଓ କୋରଡ ହୋଇଥାଏ। ଏମାନେ ନିଜେ ଥଣ୍ଟରେ ଗଛରେ ଗାତ ବାନେଇପାରିବା ସହ ଆଗରୁ ଥିବା ଅନ୍ୟ ପକ୍ଷୀର କରୋଡ଼ ମଧ୍ୟ ବ୍ୟବହାର କରିପାରନ୍ତି । ଏହି ପକ୍ଷୀମାନେ ସେମାନଙ୍କ ବସା ବା କୋରଡରେ କାଦୁଅର ଆଡି ବାନ୍ଧିଥିବା ମଧ୍ୟ ଦେଖାଯାଏ ।

ସଞ୍ଜୟ : ଏହି କାଠ ଖୁମ୍ପା ପକ୍ଷୀ କଣ କଣ ଖାଏ ?

ISSN NO.
2582-208X

ଶିକ୍ଷକ : ଏହି ପକ୍ଷୀ ମୁଖ୍ୟତଃ ଗଛ ବକଳରେ ଥିବା କୀଟପତଙ୍ଗଙ୍କୁ ଖାଦ୍ୟ ରୂପେ ଗ୍ରହଣ କରିଥାଏ, ତେଣୁ ଗଛ ଡାଳ ପାଖରେ ଘୁରିବୁଲୁଥିବା ଦେଖାଯାଏ । ବେଳେ ବେଳେ ଏହି ପକ୍ଷୀକୁ ମଧୁ ସଂଗ୍ରହ କରିବା ମଧ୍ୟ ଦେଖାଯାଇଥାଏ । ତା ପରେ ସଞ୍ଜୟ ତା ସାଙ୍ଗଙ୍କ ସହ ଶ୍ରେଣୀ ଗୃହକୁ ଚାଲିଗଲା । ଶିକ୍ଷକ ବି ତାଙ୍କ ପ୍ରକୋଷ୍ଠକୁ ଚାଲିଗଲେ । କିନ୍ତୁ ସଞ୍ଜୟ ଯୋଗୁଁ ଶିକ୍ଷକଙ୍କ ମନରେ ଗୋଟେ ନୁଆଁ ଚିନ୍ତାଧାରା ଆସିଲା । ବିଦ୍ୟାଳୟରେ ଥିବା ପାଠାଗାରରେ ପ୍ରକୃତି ଓ ପରିବେଶ ସମ୍ବନ୍ଧୀୟ ଏତେଟା ବହି ନାହିଁ । ଯଦି ଅନ୍ୟ ବିଷୟ ସହ ଏହି ବିଷୟର ବହି ଅଭିନବ ଉପାୟରେ ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉଦ୍ଦିଷ୍ଟ ହେଲାପରି ସ୍ଥାନିତ କରାଯିବ, ତାହାଲେ ପିଲାମାନେ ପରିବେଶ ଓ ପ୍ରକୃତି ବିଷୟରେ ବହୁତ କିଛି ତଥ୍ୟ ପାଇପାରନ୍ତେ ଓ ପରିବେଶର ସୁରକ୍ଷା ପାଇଁ ଆଗଭର ମଧ୍ୟ ହୋଇପାରିଥାନ୍ତେ । ନିଜ ପାଠ୍ୟ ପୁସ୍ତକ ସହ ଅନ୍ୟ ପୁସ୍ତକରୁ ମଧ୍ୟ ବହୁତ କିଛି ଜାଣିପାରନ୍ତେ ।

ତେଣୁ ଶିକ୍ଷକ ନିଜ ଉପରିସ୍ଥ ପ୍ରାଧିକାରୀଙ୍କୁ ଏ ବିଷୟରେ ଅବଗତ କରାଇଲେ ଓ ତାଙ୍କ ବିଦ୍ୟାଳୟରେ ସବୁ ପିଲାଙ୍କୁ ପାଠାଗାରର ଉପଯୋଗ କରିବାକୁ କିଛି ସମୟ ଅବକାଶର ବ୍ୟବସ୍ଥା ପାଇଁ ମଧ୍ୟ ଜଣାଇଲେ । ଏହା ଫଳରେ ସଞ୍ଜୟ ଓ ଅନ୍ୟ ସମସ୍ତ ଛାତ୍ରଛାତ୍ରୀ ପାଠାଗାରର ଉପଯୋଗ କରି ଜୀବନରେ ବହୁତ ଆଗକୁ ବଢ଼ିପାରିବେ ବୋଲି ଶେଷରେ ଶିକ୍ଷକ ଉକ୍ତି ରଖିଲେ ।

ସମରଝୋଳ, ଗଂଜାମ, ଓଡିଶା

ISSN NO.
2582-208X

# ବର୍ଣ୍ଣବୋଧରେ ନୀତି ଶିକ୍ଷା



ଅମରନାଥ ବାରିକ

ଅ  ଅଳସୁଆ ହେବ ନାହିଁ ଜୀବନେ
ଆ  ଆଦର କରିବେ ତୁମକୁ ଜନେ ।
ଇ  ଇହଧାମେ ନିତି ପୂଜି ଶାରଦା
ଈ  ଈଶ୍ୱରଙ୍କୁ ଭକ୍ତି କରିବ ସଦା ।
ଉ  ଉଠିବ ଶେଯରୁ ଯେତେ ସଅଳ
ଊ  ଊଣା ହେବ ନାହିଁ ଆୟୁଷ ଫଳ ।
ଋ  ଋଣ ନେବ ନାହିଁ କେବେ ଜୀବନେ
ୠ  ୠଷି ମୁନୀ ଲେଖିଛନ୍ତି ପୁରାଣେ ।
ଏ  ଏମିତି ଜୀବନଚର୍ଯ୍ୟା ପାଳିଲେ
ଐ  ଐଶ୍ୱର୍ଯ୍ୟ ଲଭିବ ନିଶ୍ଚୟ ପିଲେ ।
ଓ  ଓଁକାର ଶବଦ ଜପିବ ନିତି
ଔ  ଔଷଧ ପ୍ରମାଣେ ଜଗତ ଜିତି।
କ  କଥା କହୁଥିବ ମଧୁର ସ୍ୱରେ
ଖ  ଖଳ ପ୍ରକୃତିରୁ ରହିବ ଦୂରେ ।
ଗ  ଗଗନ ସଦୃଶ ହୁଅ ନିର୍ମଳ
ଘ  ଘେନ ରାମ କୃଷ୍ଣ ନାମ ଯୁଗଳ ।
ଙ  ଡର ରଖିଥିବ ପାପ କର୍ମକୁ
ଚ  ଚଳିବ ତେବେଟି ସ୍ୱର୍ଗ ଧାମକୁ ।
ଛ  ଛଳନା ନକଲେ କାହା ସାଥିରେ
ଜ  ଜାଗା ମିଳିଯିବ ବୈକୁଣ୍ଠପୁରେ ।
ଝ  ଝଗଡ଼ା ଝାମେଲା ନକଲେ କେବେ
ଞ  ଜ୍ଞାନୀ ବୋଲି ଜନ ନିଶ୍ଚେ କହିବେ।

ISSN NO.
2582-208X

ଟ  ଟଙ୍କା ଗଣି କାରବାର କରିବ
ଠ  ଠକାମି ଗୁଣ ବର୍ଜନ କରିବ ।
ଡ  ଡମ୍ବରୁଧର ସେହି ବାବା ଭୋଳା
ଢ  ଢାଲ ପିନ୍ଧି କରନ୍ତି ଲୀଳାଖେଳା ।
ଣ  ନଇଁଥିଲେ ତାଙ୍କ ପାଦରେ ମଥା
ତ  ତହିଁରୁ ହୋଇବ ଜଗତଜିତା ।
ଥ  ଥକାମନ ଥରେ ଭଜ ତାହାଙ୍କୁ
ଦ  ଦରଶନ କର ମହାଦେବଙ୍କୁ ।
ଧ  ଧନ ଅରଜନ ଲୋଭରେ ରହି
ନ  ନକହିବ ମିଥ୍ୟା କଥାଟି କେହି ।
ପ  ପାପ ଛାଡ଼ି ତୁମେ କର ଧରମ
ଫ  ଫାସରେ ନହେଲେ ବାନ୍ଧିବ ଯମ ।
ବ  ବଣ ଜଙ୍ଗଲକୁ କାଟିବ ନାହିଁ
ଭ  ଭରପୁର ଚାରା ରୋପିବ ନେଇ।
ମ  ମନକୁ ନିଶ୍ଚଳ ରଖିବା ପାଇଁ
ଯ  ଯିବ କସରତେ ସକାଳୁ ଧାଇଁ ।
ର  ରହିବ ସୁଖରେ ସାରା ଜୀବନ
ଳ  ଲୟ ରଖି ଭଜ ହେ ପଞ୍ଚାନନ।
ବ  ବନମାଳୀ ତୋତେ କରିବେ ପାରି
ଶ  ଶରଣ ଚରଣେ ରଖିବୁ ହରି।
ଷ  ଷଡ଼ରିପୁ ତୋର ସେହି ହରିବେ
ସ  ସମର୍ପଣ ହୁଅ ତାଙ୍କରି ପାଦେ ।
ହ  ହରି ଭଜୁଥିଲେ ଶୁଣ କୁମର
କ୍ଷ  କ୍ଷୟ ହେବ ଦୁଃଖ କ୍ଲେଶ ତୋହର ।
ୟ  ଯିବୁନାହିଁ ଅବାଟରେ ମନୁଆ
ଲ  ଲାଗିବ ନହେଲେ ପାଦରେ ନିଆଁ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ – ୭୫୫୦୧୧
ଦୂରଭାଷ – ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

ISSN NO.
2582-208X

# ସଂଚୟ



ପ୍ରକାଶ ମେହେର

ଗୋଟିଏ ବଣରେ ଦୁଇଟି ପକ୍ଷୀ ରହୁଥିଲେ। ଗୋଟିଏ ହେଲା ବଣି ଓ ଅନ୍ୟଟି ହେଲା କପୋତ । ଦୁହେଁ ଦୁହିଁଙ୍କର ପରମ ମିତ୍ର ଥିଲେ । ଜୁଆଡେ ଗଲେ ବି ସେମାନେ ପରସ୍ପର ସାଂଗ ହୋଇ ଯାଆନ୍ତି।ତାଙ୍କର ଦୁଇଟି ତିନିଟି ଲେଖାଏଁ ଶାବକ ଥାନ୍ତି। ପ୍ରତ୍ୟେକ ଦିନ ଶାବକ ମାନଙ୍କ ପାଇଁ ଖାଦ୍ୟ ଆଣି ସେମାନେ ସନ୍ଧ୍ୟାରେ ନିଜ ବସାକୁ ଫେରନ୍ତି । ହେଲେ ଦୁହିଁଙ୍କର ଖାଦ୍ୟ ମଧ୍ୟରୁ ବଣିର ଦୁଇଟି ଶାବକ ଯେହେତୁ ସେ ବିଚରା କିଛି ଖାଦ୍ୟ ଛୁଆମାନଙ୍କୁ ପାଟିରେ ଦେଲା ପରେ ଆଉ କିଛି ବଳିପଡି ଥାଏ । ତାହାକୁ ସେ ବସାରେ ଯତ୍ନ କରି ପୁର୍ବଦିନ ପାଇଁ ରଖେ । କିନ୍ତୁ କପୋତର ତିନିଟି ଛୁଆ ସେମାନେ ସବୁ ଖାଇ ଦିଅନ୍ତି । ତାଙ୍କର କିଛି ବଳି ପଡ଼େ ନାହିଁ ବରଂ ଆହୁରି ଲୋଡ଼ା ପଡ଼ିଥାଏ ।

ଦିନକର ଘଟଣା ବର୍ଷା ଦିନ ବିଚରା ବଣି ଓ କପୋତ ବର୍ଷା ଯୋଗୁଁ କୁଆଡେ ଯାଇ ପାରିଲେ ନାହିଁ । ସେମାନେ ଗୋଟିଏ ଗଛର ଦୁଇଟି ବସାରେ ବସି ବସି ଦିନ କଟୁଥାଏ ଭୋକ କଳବଳରେ । କିନ୍ତୁ ବଣି ପାଖରେ ପ୍ରତ୍ୟେକ ଦିନର ଖାଇବାରୁ ଯେତେ ବଳୁଥିଲା ସେ ତାହାକୁ ଆଗାମୀ ଦିନ ପାଇଁ ରଖୁଥିଲା ତେଣୁ ତା'ପାଖରେ ବହୁତ ଖାଦ୍ୟ ସଂଚିତ ହୋଇ ରହିଥାଏ । ସେ ନିଜର ମିତ୍ର କପୋତକୁ ଡାକି କହିଲା – ହୋ" ଓ "କପୋତ ମୋ କଥା ଶୁଣ ମୋ ପାଖରେ ବହୁତ ଖାଦ୍ୟ ଅଛି ଆସ ଆମେ ତାହାକୁ ଦୁଇ ମିତ୍ର ଓ ଆମର ଶାବକ ମାନଙ୍କୁ ଖୁଆଇବା ।

ଏତିକି କହି ବଣି ଡାକି ଆଣିଲା କପୋତର ସପରିବାରକୁ । ଏ ସବୁ ଦେଖି କପୋତ ତା'ର ଆଖିରୁଲୁହ ଝରାଇ ଦେଲା . . . କହିଲା ହେ ବଣି ତୁମେ ଆମର ପ୍ରକୃତ ମିତ୍ର । ତୁମେ ଯଦି ଆଜି ନ ଥାନ୍ତ ତା'ହେଲେ ଆମେ ଏ ବର୍ଷା ଦିନର ଖାଇବା ପାଇ ପାରି ନ ଥାନ୍ତୁ ।

ISSN NO.
2582-208X


ସତରେ ମିତ୍ର ହେବ ତ ଏମିତିକା ଯେ କି ସୁଖରେ ବି ସାଥେ ଥିବ ଓ ଦୁଃଖରେ ବି ସହଚର ହେବ । ଧନ୍ୟ ଧନ୍ୟ ହେ ପରମ ଦୟାଳୁ ମିତ୍ର ବଣି ବୋଲି କପୋତ ନିଜକୁ ଗର୍ବିତ ଅନୁଭବ କଲା କାହିଁକି ନା ଏମିତି ବନ୍ଧୁ ମିଳିବା ସମସ୍ତଙ୍କର ଭାଗ୍ୟରେ ନ ଥାଏ । ଦୁହେଁ ଦୁହିଁଙ୍କର ଯେ ପରମ ବନ୍ଧୁ ତାହା ଆଜି ପ୍ରମାଣିତ ହେବା ସହ ସଂଚୟ ଏକ ବ୍ୟାପକ ଶବ୍ଦ ଯାହା କରି ପାରିଲେ ଯେ କୌଣସି ବସ୍ତୁ, ସମୟ, ବିଦ୍ୟା, ବୁଦ୍ଧି ଓ ଜ୍ଞାନ ତାହା ପରବର୍ତ୍ତୀ ମୂହୁର୍ତ୍ତରେ କାର୍ଯ୍ୟରେ ଆସିଥାଏ । ତାହା ଆମେ ଏହି ଗପ ରୁ ଜାଣି ପାରିଲେ ।

ତେଣୁ ସଂଚୟ କରିବା ଶିଖନ୍ତୁ ନିଜ ପାଇଁ ଓ ଅନ୍ୟମାନଙ୍କ ମଙ୍ଗଳ ପାଇଁ ।

କୁଲିଆବାହାଲ

ISSN NO.
2582-208X


# ବଢ଼ିଆ ଆମଘର



ନୀଳମଣି ଗୁନ୍ଦ

ଲଅଥ କରି ଆହାନ୍ ବସେ
ଆରଭ୍ ଠେଲେ ଗାଡ଼ି
ସେ ଗାଡ଼ି ଯାଇ ଅଟକିଗଲା
ଯେଉଁଠି ହୁଙ୍କା ଧାଡ଼ି ।
ହୁଙ୍କାରୁ ଉଇ ଆସିଲେ ଧାଇଁ
ଗାଡ଼ିରେ ଗଲେ ବସି
କହିଲେ ଆମେ କହିବୁ ଗପ
ଦିଅ ବ୍ରେକ୍ ଟି କସି ।
"ଗଢିଛୁ ମିଶି ହୁଙ୍କା ଘରଟେ
କେଡ଼େ ବଢ଼ିଆ ଇଏ
ସେମିତି ଘର ଅଛି କାହାର
କୁହ ଦେଖିଛି କିଏ ?
ସେଇଠି ଫୁଟେ ବାଲିଛତୁରେ
ତୋଳନ୍ତି ଆସି ଲୋକ
ବରଷା ଦିନେ ହୁଙ୍କା ପାଖରେ
ଉଡନ୍ତି ଝଡ଼ିପୋକ ।
ଥାକ ଥାକ ଯେ ଆମରି ଘର
ସହଜେ ଭାଙ୍ଗେ ନାହିଁ

ISSN NO.
2582-208X

ଝଡ଼ି ବରଷା ବତାସ ବେଳେ
ଯାଉନା ଛାଡ଼ି କାହିଁ ।
ବଡ଼ ଯାନ୍ତ୍ରିକ ବିଦ୍ୟାଳୟରେ
ପଢ଼ିନୁ ଆମେ ପାଠ
ଶିଖିଛୁ କାମ, ହେଲେ ଖାଇନୁ
ବାପା ଜେଜେଠୁଁ ଛାଟ ।
ଘର ଭିତରେ ହୁଏ ବଢିଆ
ପବନ ଚଳାଚଳ
ମିଳିମିଶିକି ରହୁରେ ଆମେ
ଦଳ ଆମର ବଳ ।
ତୁମରି ପରି ଦେଖିଛ କେବେ
ଆମେ କି ଲଢିବାର
ସଭିଏଁ ବୁଝୁ ସଭିଙ୍କ କଥା
ଦେଇ ସଙ୍କେତ ଠାର ।
ଧାଡ଼ିରେ ଯାଉ ଧାଡ଼ିରେ ଫେରୁ
ଅଛି ଶୃଙ୍ଖଳା ଜ୍ଞାନ
ଅଳସେ ବସି ମାରୁନା ହାଇ
କାମରେ ଦେଉ ଧ୍ୟାନ ।
ଯେଉଁଠି ଯିଏ ଥାଅରେ ପିଲେ
ଆସିବ ଥରେ ବୁଲି
ବଢ଼ିଆ ଆମଘରକୁ ଦେଖି

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯,ମୋ:୯୫୮୩୨୦୨୩୫୭

ISSN NO.
2582-208X

# ଶିଶୁ ଗୀତ



ଟଙ୍କଧର ଶତପଥି

ନିଦ ମାଉସୀ ଲୋ ନିଦ ମାଉସୀ
ମୋ କୁନା ଦେହକୁ ଦେ' ଆଉଁସି. . . . . I
ରାତିରେ ଦେଖିବ ଦଣ୍ଡନାଚ ବୋଲି
ଦିନସାରା ସିଏ ଖାଲି ନାଚିଛି।
ଖୁସିରେ ସିନା ସେ ଡ଼େଇଁ ଡେଇଁ ନାଚେ
କୋମଳ ପାଦ ତା ଥକି ଯାଇଛି ॥. . . .
ଖାଉ ଥାଏ ପିଠା ଗାଉ ଥାଏ ଗୀତା
ଶୁଣୁ ଥାଏ ସିଏ ଭାରତ କଥା ।
ମୋ କୁନାର ମନ ଭାରି ସାବଧାନ
ହୋଇବ ଦିନେ ସେ ଜଗତ ଜିତା ॥. . . .
ନ କରି ବିଳମ୍ବ ଧରି ଆମ୍ବ ନିମ୍ବ
ସହଳ ଆ'ଲୋ ମାଉସୀ ତୁହି ।
ଧରି ତାର ଗାଲ କରି ଦିଅ ଗେଲ
ଶୋଇବ ମୋ' କୁନା ନୀରବ ହୋଇ ॥. . . .

ସୁନ୍ଦରପାଳ, ଅନୁଗୋଳ
ଦୂରଭାଷ:- ୯୯୩୮୨୬୪୪୭୬

ISSN NO.
2582-208X

# ଚିତ୍ର



ଅଭିକା ପଟ୍ଟନାୟକ



ପ୍ରେପ୍, ଦିଲ୍ଲୀ ପବ୍ଲିକ ସ୍କୁଲ,
ବସନ୍ତ ବିହାର, ନୂଆ ଦିଲ୍ଲୀ

ISSN NO.
2582-208X

# ମଇ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୫/୨୦୨୨ | ଶ୍ରମିକ ଦିବସ |
| ୦୨/୦୫/୨୦୨୨ | ଚନ୍ଦ୍ରଦର୍ଶନ, ପୂଜା ଓ ଉପବାସ |
| ୦୩/୦୫/୨୦୨୨ | ଅକ୍ଷୟ ତୃତୀୟା, ଚନ୍ଦନ ଯାତ୍ରାରମ୍ଭ ଓ ରଥ ଅନୁକୂଳ, ଇଦୁଲଫିତର |
| ୦୬/୦୫/୨୦୨୨ | ଆଦି ଜଗତ୍ ଗୁରୁ ଶଙ୍କରାଚାର୍ଯ୍ୟ ଜୟନ୍ତି |
| ୦୭/୦୫/୨୦୨୨ | ଶନିଷ୍ଟର ଯଜ୍ଞ ଓ ରାମାନୁଜାଚାର୍ଯ୍ୟଙ୍କ ଜୟନ୍ତୀ |
| ୦୯/୦୫/୨୦୨୨ | ନିଳାଦ୍ରୀ ମହୋଦୟାଷ୍ଟମୀ |
| ୧୦/୦୫/୨୦୨୨ | ସୀତା ନବମୀ |
| ୧୨/୦୫/୨୦୨୨ | ମୋହିନୀ ଏକାଦଶୀ, ଲକ୍ଷ୍ମୀ ନାରାୟଣ ବ୍ରତ |
| ୧୪/୦୫/୨୦୨୨ | ନୃସିଂହ ଜନ୍ମ, ଶିବ ଚତୁର୍ଦ୍ଦଶୀ, ମାସାନ୍ତ |
| ୧୫/୦୫/୨୦୨୨ | ବୃଷ ସଂକ୍ରାନ୍ତି, ପୂର୍ଣ୍ଣିମାର ଚନ୍ଦ୍ରପୂଜା |
| ୧୬/୦୫/୨୦୨୨ | ଚନ୍ଦନ ପୂର୍ଣ୍ଣିମା, ବୁଦ୍ଧ ଜୟନ୍ତୀ |
| ୨୨/୦୫/୨୦୨୨ | ଶ୍ରୀକ୍ଷେତ୍ରେ ଭଉଁରୀ |
| ୨୩/୦୫/୨୦୨୨ | ଉତ୍କଳେ ଭଉଁରୀ |
| ୨୬/୦୫/୨୦୨୨ | ଜଳକ୍ରୀଡା ଏକାଦଶୀ |
| ୩୦/୦୫/୨୦୨୨ | ସାବିତ୍ରୀ ବ୍ରତ ଓ ଅମାବାସ୍ୟା |

ISSN NO.
2582-208X

# ଚିତ୍ର କଥା କହେ




ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା –vedantimagazine@gmail.com/ editor.vedantimagazine@gmail.com

## ଅପ୍ରେଲ ମାସର ବିଜେତାଙ୍କ ନାମ



ISSN NO.
2582-208X

ଖରାବେଳଆ କାକୁଡି
ଆଉ ତା ସାଙ୍ଗକୁ ଲୁଣ ଲଙ୍କା
ପାଖରେ ଅଛି ଧନଆ ଚଟଣୀ
ଆଉ ସେଥିରେ ମିଶିଛି ଧାନୁଆ ଲଙ୍କା
ଖାଇ କାକୁଡି ଆଉ ଲୁଣ ଲଙ୍କା
ଆମେ ଗରମକୁ ଦେଖାଇବୁ ଠେଙ୍ଗା ॥

ଚନ୍ଦନ ମିଶ୍ର, ଲକ୍ଷ୍ମୀସାଗର, ଭୁବନେଶ୍ୱର

ମନେପଡେ ସ୍କୁଲ ସମୟର
ସେ କାକୁଡି ଆଉ ଲୁଣ ଲଙ୍କା
ଗୋଟେ ଟଙ୍କାରେ ମିଳୁଥିଲା ପେଟଭରି ଖାଇବାକୁ
ଆଉ ପେଟ ଥଣ୍ଡା କରିବାକୁ ଗରମରେ
ସେହି କାକୁଡି ଆଉ ଲୁଣ ଲଙ୍କା

ସାଗରିକା ଦାଶ, ନଳାଦ୍ରୀ ବିହାର, ଭୁବନେଶ୍ୱର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚନ୍ଦ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା –vedantimagazine@gmail.com

ISSN NO.
2582-208X

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO. 2582-208X

# ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା – Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁ www.vedantimagazine.com କୁ ପଦାର୍ପଣ କରନ୍ତୁ ।

ISSN NO.
2582-208X


"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**